# ଓଡ଼ିଆ ଆନ୍ଦୋଳନର ଇତିହାସ

ଶ୍ରୀ ବଳରାମ ମହାନ୍ତି



Digitized by srujanika@gmail.com

# ଓଡ଼ିଆ ଆନ୍ଦୋଳନର ଇତିହାସ

ଶ୍ରୀ ବଳରାମ ମହାନ୍ତି

Digitized by srujanika@gmail.com

ପ୍ରକାଶକ :

ରାଷ୍ଟ୍ରଭାଷା ସମବାୟ ପ୍ରକାଶନ
ରାଷ୍ଟ୍ରଭାଷା ରୋଡ୍, କଟକ-୧

ପ୍ରଥମ ପ୍ରକାଶ
ଉତ୍କଳ ଦିବସ-୧୯୮୮

ମୁଦ୍ରାକର :

ଶ୍ରୀ ଗୋପୀନାଥ ସାହୁ
ରାଷ୍ଟ୍ରଭାଷା ସମବାୟ ପ୍ରେସ୍
ରାଷ୍ଟ୍ରଭାଷା ରୋଡ୍, କଟକ-୭୫୩ ୦୦୧

ମୂଲ୍ୟ :
ପଞ୍ଚଷରଣ ଟଙ୍କା

# ଭୂମିକା

ଦକ୍ଷିଣ ଓଡ଼ିଶା ୩୦୦ ବର୍ଷରୁ ଅଧିକ କାଳ ଏବଂ ଉତ୍ତର ଓଡ଼ିଶା ୫୦ ବର୍ଷପର୍ଯ୍ୟନ୍ତ ବ୍ରିଟିଶ ଶାସନାଧୀନ ହୋଇ ରହିବାପରେ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ଅର୍ଦ୍ଧଶତାବ୍ଦୀବ୍ୟାପି ଯେଉଁ ଆନ୍ଦୋଳନ ଚାଲିଥିଲା, ତାହା ଥିଲା ଓଡ଼ିଶାବାସୀଙ୍କପାଇଁ ଜୀବନମରଣ-ସମସ୍ୟା । ଏହି ଦୀର୍ଘ ଆନ୍ଦୋଳନ, ଯାହାକୁ ସଂକ୍ଷେପରେ ଓଡ଼ିଆ ଆନ୍ଦୋଳନ ବୋଲି କୁହାଯାଇଛି, ତାହା ଥିଲା ଭାଷାଭିତ୍ତିରେ ପ୍ରଦେଶ ଗଠନପାଇଁ ଭାରତର ପ୍ରଥମ ଆନ୍ଦୋଳନ । ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, କେରଳ, ଗୁଜରାଟ, ହରିୟାଣା ଓ ପଞ୍ଜାବ ପ୍ରଭୃତି ରାଜ୍ୟ ସ୍ୱାଧୀନତାପରେ ଭାଷାଭିତ୍ତିରେ ଗଠିତ ହେଲା । ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ବ୍ରିଟିଶ ଶାସନାଧୀନ ହେବାପରେ ବିଶାଳ ଓଡ଼ିଆଭାଷୀ ଭୂଖଣ୍ଡ ଖଣ୍ଡ-ବିଖଣ୍ଡିତ ହୋଇ ସେତେବେଳର ଚାରିଗୋଟି ପ୍ରଦେଶ ସହିତ ଯୋଡ଼ିହୋଇ ରହିଲା । ଏହିସବୁ ଓଡ଼ିଆଭାଷୀ ଅଞ୍ଚଳ ଉକ୍ତ ପ୍ରଦେଶରେ ଲାଞ୍ଛିତ ସଦର ମଫସଲଠାରୁ ବହୁ ଦୂରରେ ଗୁଞ୍ଜିହୋଇ ଚରମ ଅବହେଳିତ ଅବସ୍ଥାରେ ପଡ଼ିରହିଲା । ତେଣୁ ବ୍ରିଟିଶ ଶାସନରେ ଅର୍ଥନୈତିକ ଶୋଷଣ ସଙ୍ଗେ ସଙ୍ଗେ ସେହିସବୁ ପ୍ରଦେଶମାନଙ୍କରେ ଆଧୁନିକ ଉନ୍ନୟନ ପରିକଳ୍ପନାମାନ କାର୍ଯ୍ୟକାରୀ ହେବାଫଳରେ ଯେଉଁଭଳି ଅର୍ଥନୈତିକ ଅଗ୍ରଗତି ଘଟିଲା, ଓଡ଼ିଆ-ଭାଷୀ ଅଞ୍ଚଳମାନ ସେଥିରୁ ବଞ୍ଚିତ ହେଲା । ବ୍ରିଟିଶ ଶାସନର ୬୩ ବର୍ଷପରେ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ହେଲା ଏହି ନିଷ୍ଠୁର ଅବହେଳାର ଭୟାବହ ପରିଣତି । ଏହି ଦୁର୍ଭିକ୍ଷରେ ବଙ୍ଗପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଶା ଡିଭିଜନର ଉପକୂଳବର୍ତ୍ତୀ ଜିଲ୍ଲାମାନ ଯେପରି ଛାରଖାର ହୋଇଗଲେ, ତାହା ବ୍ରିଟିଶ ଶାସକଙ୍କୁ ମଧ୍ୟ ସ୍ତମ୍ଭୀଭୂତ କରିଦେଇଥିଲା । ଏହି ଭୟାବହ ଦୁର୍ଭିକ୍ଷ ଓଡ଼ିଶାବାସୀଙ୍କୁ କିଛି ବର ମଧ୍ୟ ଦେଲା । ଏହାପରେ ଓଡ଼ିଆଭାଷୀଙ୍କଭିତରେ ଜାଗରଣ ଦେଖା-ଦେଇଥିଲା । ସେମାନେ ସଂଗଠିତଭାବରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ ଆନ୍ଦୋଳନ କରିବାର ଆବଶ୍ୟକତା ଉପଲବ୍ଧି କରିଥିଲେ ।

ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନ ବସ୍ତୁତଃ ଓଡ଼ିଆଭାଷାରକ୍ଷା ଆନ୍ଦୋଳନ ଆକାରରେ ହିଁ ଆରମ୍ଭ ହୋଇଥିଲା । ଯେଉଁସବୁ ପଡ଼ୋଶୀ ପ୍ରଦେଶ ସହିତ ଓଡ଼ିଆଭାଷୀ ଅଞ୍ଚଳମାନ ଯୋଡ଼ିହୋଇ ରହିଥିଲା, ସେମାନେ ଆଧୁନିକ ଉନ୍ନୟନ ପରିକଳ୍ପନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ନିର୍ମମ ଅବହେଳା ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ଓଡ଼ିଆଙ୍କ ମୁହଁରୁ ତାଙ୍କ ମାତୃଭାଷାକୁ କାଢ଼ି ନେବାପାଇଁ ହୀନ ଚକ୍ରାନ୍ତ କରିଥିଲେ । ତାହା ହେଲା

Digitized by srujanika@gmail.com

ଅର୍ଥନୈତିକ ଦୁର୍ଗତି ଅପେକ୍ଷା ଅଧିକ ମାରାତ୍ମକ । ତେଣୁ ମାତୃଭାଷାକୁ ରକ୍ଷା କରିବାପାଇଁ ଓଡ଼ିଆଭାଷୀମାନେ ପ୍ରଥମେ ସଂଗଠିତ ହେବା ଅତି ଜରୁରୀ ହୋଇପଡ଼ିଥିଲା ।

ଘଟଣାକ୍ରମେ ବ୍ରିଟିଶ ଶାସନାଧୀନ ଥିଲାବେଳେ ଓଡ଼ିଆ ଆନ୍ଦୋଳନ ଆରମ୍ଭ ହୋଇଥିବାରୁ ଓଡ଼ିଆ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ ପ୍ରାୟ ୨୦ ବର୍ଷ ଧରି ଏକାସାଙ୍ଗରେ ଚାଲିଥିଲା । ଓଡ଼ିଆ ଆନ୍ଦୋଳନପ୍ରତି ଓଡ଼ିଆଭାଷୀ ଅଞ୍ଚଳର ସବୁ ଶ୍ରେଣୀର ଲୋକଙ୍କର ସମର୍ଥନ ଥିଲା; ମାତ୍ର ପ୍ରତ୍ୟକ୍ଷ ସ୍ୱାଧୀନତା ସଂଗ୍ରାମବେଳେ କେତେକ ଘଟଣାରେ ସ୍ୱାଧୀନତା-ସଂଗ୍ରାମୀମାନେ ଓଡ଼ିଆ ଆନ୍ଦୋଳନକୁ ସମର୍ଥନ କରିପାରି ନ ଥିଲେ । ଜାତୀୟ କଂଗ୍ରେସର ଉଚ୍ଚ-କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକ୍ରମେ ଓଡ଼ିଶାର ସ୍ୱାଧୀନତା - ସଂଗ୍ରାମୀମାନେ କାର୍ଯ୍ୟ କରିଥିଲେ; ମାତ୍ର ଓଡ଼ିଆ ଆନ୍ଦୋଳନର ସବୁ ସ୍ତରରେ ଓଡ଼ିଶା କଂଗ୍ରେସ ନେତୃବର୍ଗଙ୍କ ସମର୍ଥନ ଓ ସହଯୋଗ ରହିଥିଲା । ମତଭେଦ ଥିଲା ନୀତିଗତ ।

ଓଡ଼ିଆ ଆନ୍ଦୋଳନରେ ଯେଉଁମାନେ ନେତୃତ୍ୱ ଦେଇଥିଲେ ଏବଂ ଶେଷପର୍ଯ୍ୟନ୍ତ ଏହି ଆନ୍ଦୋଳନ ସହିତ ସଂପୃକ୍ତ ଥିଲେ, ସେମାନଙ୍କଭିତରୁ ଅନେକେ ଓଡ଼ିଶାର ରାଜନୀତି, ଶିକ୍ଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି । କେବଳ ଓଡ଼ିଆ ଆନ୍ଦୋଳନରେ ସେମାନଙ୍କର ମହାନ୍ ଅବଦାନକୁ ପୃଥକ୍‌ଭାବରେ ଏହି ପୁସ୍ତକରେ ସେମାନଙ୍କର ପରିଚୟ ଦିଆଯାଇଛି । ଯେଉଁସବୁ ଜାତୀୟ ଗୀତିକା ସେତେବେଳେ ଓଡ଼ିଆ ଆନ୍ଦୋଳନକୁ ପ୍ରେରଣା ଦେଇଥିଲା, ସେଥିଭିତରୁ କେତେକ ଏହି ପୁସ୍ତକର ଶେଷରେ ଦିଆଯାଇଛି ।

ସାଧାରଣ ପାଠକଙ୍କପାଇଁ ଓଡ଼ିଆ ଆନ୍ଦୋଳନର ଧାରାବାହିକ ତଥ୍ୟ-ଗୁଡ଼ିକୁ ଏକତ୍ର ପରସ୍ପର ସହିତ ସଲଗ୍ନ କରି ଏକ ପୁସ୍ତକ ଆକାରରେ ପ୍ରକାଶ କରିବାନିମନ୍ତେ ରାଷ୍ଟ୍ରଭାଷା ପ୍ରଚାର ସମବାୟ ପ୍ରେସ ଓ ପ୍ରକାଶନ ସମିତି ଲିମିଟେଡ୍, କଟକର ସଂପାଦକ ଶ୍ରୀ ଗୋପୀନାଥ ସାହୁ ମୋତେ ପ୍ରଥମେ ସୂଚନା ଦେଇଥିଲେ । ପୁସ୍ତକଟିର ପ୍ରକାଶନ ରାଷ୍ଟ୍ରଭାଷା ପ୍ରଚାର ସମବାୟ ପ୍ରେସର ମେନେଜର ଶ୍ରୀ ଯଦୁନାଥ ମିଶ୍ରଙ୍କ ତତ୍ପରତାଯୋଗୁ ତ୍ୱରାନ୍ୱିତ ହୋଇଥିଲା । ତେଣୁ ସେମାନଙ୍କ ନିକଟରେ ମୁଁ କୃତଜ୍ଞ । ଏହି ପୁସ୍ତକଟିପାଇଁ ମୁଁ ଯେଉଁମାନଙ୍କ ପ୍ରଣୀତ ପୁସ୍ତକ ଓ ପ୍ରବନ୍ଧରୁ ତଥ୍ୟ ସଂଗ୍ରହ କରିଛି, ତାହା ଅନ୍ୟତ୍ର ଉଲ୍ଲେଖ କରିଛି ।

ବିନୀତ

୧୧୩, ବାପୁଜୀ ନଗର
ଭୁବନେଶ୍ୱର-୭୫୧ ୦୦୧

Digitized by srujanika@gmail.com

## କୃତଜ୍ଞତାଜ୍ଞାପନ

ମୁଁ ନିମ୍ନଲିଖିତ ପୁସ୍ତକ, ପତ୍ରିକା, ପ୍ରବନ୍ଧ ଓ ରିପୋର୍ଟ୍‌ମାନଙ୍କରୁ ଏହି ପୁସ୍ତକପାଇଁ ତଥ୍ୟ ସଂଗ୍ରହ କରିଛି ।

ଡକ୍ଟର୍ ହରେକୃଷ୍ଣ ମହତାବଙ୍କ ପ୍ରଣୀତ 'ଓଡ଼ିଶା ଇତିହାସ', 'ଦଶବର୍ଷର ଓଡ଼ିଶା' ଏବଂ 'ଗାନ୍ଧୀଜୀ ଓ ଓଡ଼ିଶା'; ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ 'ଗାନ୍ଧୀ ଓ ଉତ୍କଳ'; ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ଆତ୍ମଜୀବନୀ'; ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧ-ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ'; ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ 'ମଧୁସୂଦନ ଦାସ', 'ଶତାବ୍ଦୀର ସୂର୍ଯ୍ୟ'; ଡକ୍ଟର୍ କେ.ଏମ୍. ପାତ୍ରଙ୍କ 'The Formation of the Province of Orissa and Advance History of Orissa'; ଅଧ୍ୟାପିକା ନିବେଦିତା ମହାନ୍ତିଙ୍କ ପ୍ରଣୀତ 'Oriya Nationalism'; ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ 'କୋଣାର୍କ' ପତ୍ରିକାର 'ଉତ୍କଳ ଦିବସ ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ଏବଂ ଓଡ଼ିଶା ସରକାରଙ୍କ 'ଉତ୍କଳ ପ୍ରସଙ୍ଗ'ର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କର ପ୍ରବନ୍ଧ; 'Memorandum submitted to the State Reorganisation Commission by the Government of Orissa, 1954', 'Proceedings of the Utkal Union Conference, 1903—1915'

ଉପର୍ଯ୍ୟୁକ୍ତ ପୁସ୍ତକ ଓ ପ୍ରବନ୍ଧଲେଖକମାନଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ବିନୀତ

**ଲେଖକ**

Digitized by srujanika@gmail.com

# ସୂଚୀ


ବିଷୟ | ପୃଷ୍ଠା

**ଓଡ଼ିଆ ଆନ୍ଦୋଳନର ଇତିହାସ** ୯-୭୯

ପ୍ରାଚୀନ ଓଡ଼ିଆ ଭୂମି, ଅଶୋକଙ୍କ ସମୟର ଓଡ଼ିଶା, ଗଙ୍ଗବଂଶ ଓ ସୂର୍ଯ୍ୟବଂଶଙ୍କ ଶାସନରେ ଓଡ଼ିଶାର ସୀମା, ଗଞ୍ଜାମ ଜିଲ୍ଲା ସର୍ବପ୍ରଥମେ ଓଡ଼ିଶାରୁ ବିଚ୍ଛିନ୍ନ ହେଲା, ମୋଗଲ ଶାସନ କାଳରେ ଓଡ଼ିଶା, ମରହଟ୍ଟା ଶାସନରେ ଓଡ଼ିଶା, ମେଦିନୀପୁର ଇଷ୍ଟ୍ ଇଣ୍ଡିଆ କମ୍ପାନୀଙ୍କୁ ହସ୍ତାନ୍ତର, ଓଡ଼ିଶା ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଶାସନାଧୀନ ହେଲା, ବ୍ରିଟିଶ ଐତିହାସିକ ଓ ଭାଷାବିତ୍‌ଙ୍କ ମତରେ ପ୍ରାଚୀନ ଓଡ଼ିଶାର ସୀମା, ଉତ୍ତର ବାଲେଶ୍ୱର ଓ ମେଦିନୀପୁରକୁ ବଙ୍ଗଭାଷୀ ଅଞ୍ଚଳରୂପେ ଘୋଷଣା, ପଶ୍ଚିମାଞ୍ଚଳ—ସମ୍ବଲପୁର, ରାୟପୁର ଓ ବିଳାସପୁର ଜିଲ୍ଲା ଓଡ଼ିଶାରୁ ବିଚ୍ଛିନ୍ନ, ସିଂହଭୂମି ହସ୍ତାନ୍ତର, ବ୍ରିଟିଶ ଶାସନାଧୀନ ହେଲାବେଳେ ଓଡ଼ିଶାର ସୀମା, ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଶାସନରେ ଓଡ଼ିଶାବାସୀଙ୍କ ଦୁର୍ଦ୍ଦଶା, ଓଡ଼ିଆ ଜମିଦାରଙ୍କଠାରୁ ଜମିଦାରୀଗୁଡ଼ିକ ଚାଲିଗଲା, ଲୁଣମରା ଅଧିକାର ଗଲା, ଓଡ଼ିଶାରେ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ, ଉପକୂଳ ଅଞ୍ଚଳରେ ନଅଙ୍କ ଦୁର୍ଭିକ୍ଷ, ନଅଙ୍କ ଦୁର୍ଭିକ୍ଷପରେ ଓଡ଼ିଆଭାଷୀଙ୍କ ଭିତରେ ନବଜାଗରଣ, ଓଡ଼ିଶା ଡିଭିଜନ୍‌କୁ ବଙ୍ଗଳାରୁ ଅଲଗା କରିବାପାଇଁ ସୁପାରିଶ, ଓଡ଼ିଶାରେ ପ୍ରଥମ ରେଳଲାଇନ୍ ଓ ଜଳସେଚନ ଯୋଜନା, ଶିକ୍ଷା କ୍ଷେତ୍ରରେ ଓଡ଼ିଆଙ୍କ ପ୍ରତି ଅବହେଳା, ଓଡ଼ିଆ ଭାଷା ଉଠାଇଦେବାପାଇଁ ହୀନ ଚକ୍ରାନ୍ତ, ରାଜେନ୍ଦ୍ରଲାଲ ମିତ୍ରଙ୍କ ଅଦ୍ଭୁତ ମତ, ଉତ୍କଳ ଦୀପିକାର ପ୍ରତିବାଦ, ବିମ୍ସ୍ ସାହେବ ଓ ରେଭେନ୍‌ସା ସାହେବଙ୍କ ଓଡ଼ିଆ ଭାଷା ଆନ୍ଦୋଳନକୁ ସାହାଯ୍ୟ, ଓଡ଼ିଶାରେ ସାଂସ୍କୃତିକ ଜାଗରଣ, ପାଠ୍ୟପୁସ୍ତକ ରଚନାରେ ସାହିତ୍ୟରଥୀମାନଙ୍କ ଅବଦାନ, ସାଂସ୍କୃତିକ ନବଜାଗରଣରେ ସାମୟିକ ପତ୍ରିକାମାନଙ୍କର ଅବଦାନ, ଓଡ଼ିଶାବାସୀଙ୍କ ପ୍ରଥମ ସଂଗଠିତ ସଂସ୍ଥା ଉତ୍କଳ ସଭା, ଉତ୍କଳ


Digitized by srujanika@gmail.com

ସଭାର ପ୍ରସ୍ତାବ, ଉତ୍କଳ ସଭା ଓ ଜାତୀୟ କଂଗ୍ରେସ, ବିଚ୍ଛିନ୍ନାଞ୍ଚଳ ମିଶ୍ରଣ କ୍ଷେତ୍ରରେ କଂଗ୍ରେସର ବିଚାର ବିଭ୍ରାଟ, ବାଲେଶ୍ୱର ଓ ଗଞ୍ଜାମବାସୀଙ୍କ ସ୍ମାରକପତ୍ର, ସମ୍ବଲପୁର ଜିଲ୍ଲାରୁ ଓଡ଼ିଆ ଭାଷାକୁ ଉଠାଇଦେବାପାଇଁ ଅଦ୍ଭୁତ ଯୁକ୍ତି, ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷାରକ୍ଷାପାଇଁ ଗଣ-ଆନ୍ଦୋଳନ, ଆନ୍ଦୋଳନରେ ସଫଳତା—ଆଦେଶ ରଦ୍ଦ ହେଲା, ଏକ-କେନ୍ଦ୍ରୀୟ ଅନୁଷ୍ଠାନ ପ୍ରତିଷ୍ଠାପାଇଁ ଗଞ୍ଜାମବାସୀଙ୍କ ପ୍ରଥମ ଉଦ୍ୟମ, ଗଞ୍ଜାମ ଜାତୀୟ ସମିତି, ମଧୁସୂଦନଙ୍କ ନେତୃତ୍ୱରେ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠା, ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନମାନଙ୍କରେ ପ୍ରସ୍ତାବ, ସତ୍ୟବାଦୀ ବନବିଦ୍ୟାଳୟ-ପାଇଁ ସାହାଯ୍ୟ, ଉତ୍କଳ ସମ୍ମିଳନୀ କାର୍ଯ୍ୟକ୍ରମର ପ୍ରଚାରକ ଅନନ୍ତ ମିଶ୍ର, ସ୍ୱତନ୍ତ୍ର ଓଡ଼ିଶାପାଇଁ ଉତ୍କଳ ସମ୍ମିଳନୀରେ ପ୍ରଥମେ ପ୍ରସ୍ତାବ, ମଣ୍ଟେଗୁ ଚେମ୍ସ୍ ଫୋର୍ଡ଼ ପ୍ରସ୍ତାବ ଆଲୋଚନା, ଉତ୍କଳ ସମ୍ମିଳନୀ ନେତୃତ୍ୱରେ ସଙ୍କଟ, ଉତ୍କଳ ସମ୍ମିଳନୀରେ ମଧୁସୂଦନ ଓ ଗୋପବନ୍ଧୁ, ଉତ୍କଳ ସମ୍ମିଳନୀର ଓଡ଼ିଆ ସଂରକ୍ଷଣ ପାଣ୍ଠି, ଉତ୍କଳ ସମ୍ମିଳନୀରେ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱ, ରିଜ୍‌ଲେ ସର୍କୁଲାର୍, ଓଡ଼ିଶା ଡିଭିଜନ୍‌ସହିତ ସମ୍ବଲପୁର ଜିଲ୍ଲାର ମିଶ୍ରଣ, ବିହାର-ଓଡ଼ିଶା ପ୍ରଦେଶ ଗଠନ, ଗଞ୍ଜାମ ଓ କୋରାପୁଟ ଜିଲ୍ଲାକୁ ବାଦ୍ ଦେବାଯୋଗୁ ଅସନ୍ତୋଷ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବିପୂରଣପାଇଁ ଆନ୍ଦୋଳନ ନିଷ୍ପତ୍ତି, ଉତ୍କଳ ସମ୍ମିଳନୀରେ ମଣ୍ଟେଗୁ ଚେମ୍ସ୍ ଫୋର୍ଡ଼ ସୁପାରିଶର ବିଚାର, ଫିଲିପ୍-ଡଫ୍ କମିଟିର ସୁପାରିଶ, ଚକ୍ରଧରପୁର ଅଧିବେଶନ-ପରେ ଉତ୍କଳ ସମ୍ମିଳନୀ, ଉତ୍କଳ ସମ୍ମିଳନୀ ଓ ଗୋପବନ୍ଧୁ ଚୌଧୁରୀ, ଗାନ୍ଧୀଜୀ ଓ ଓଡ଼ିଶା ସମସ୍ୟା

**ଓଡ଼ିଆ ଆନ୍ଦୋଳନର ଶେଷ ପର୍ଯ୍ୟାୟ** ୭୦–୧୧୪

ସାଇମନ୍ କମିଶନ୍‌ଙ୍କ ଓଡ଼ିଆ ସମସ୍ୟାର ବିଚାର, ସର୍ବଦଳୀୟ କମିଟି (ନେହେରୁ କମିଟି)ରେ ଓଡ଼ିଶା ସମସ୍ୟା, ସାଇମନ୍ କମିଶନ୍‌ଙ୍କ ନିକଟରେ ଓଡ଼ିଶାର ଦାବି ଉପସ୍ଥାପନ, ସାଇମନ୍ କମିଶନ୍ ଅଟଳ କମିଟି ଗଠନ କଲେ, ପ୍ରଥମ

Digitized by srujanika@gmail.com

ଗୋଲ ଟେବୁଲ ବୈଠକରେ ପାରଳା ମହାରାଜା, ୧୯୩୧ ଜନଗଣନାପାଇଁ ସତର୍କତା, ଓଡ଼ିଆ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ପ୍ରଦେଶ କଂଗ୍ରେସ କମିଟିର ତତ୍ପରତା, ମେଦିନପୁର ଓ ସିଂହଭୂମିରେ କଂଗ୍ରେସ ନେତାମାନଙ୍କ ପ୍ରଚାର, ଓଡ଼ନେଲ୍ କମିଟିଙ୍କ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମାନିର୍ଦ୍ଧାରଣ, ଓଡ଼ନେଲ୍ କମିଟି ଓ କଂଗ୍ରେସ, ସୀମା କମିଶନ୍‌ଙ୍କ ରିପୋର୍ଟ୍‌ରେ ଅସନ୍ତୋଷ, ଶ୍ୱେତପତ୍ରରେ ସୀମା ପରିବର୍ତ୍ତନଯୋଗୁ ତୀବ୍ର ସମାଲୋଚନା, ଜଏଣ୍ଟ୍ ପାର୍ଲିଆ-ମେଣ୍ଟାରୀ କମିଟିରେ ସୀମାସମ୍ପର୍କରେ ଶେଷ ନିଷ୍ପତ୍ତି, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶେଷ ପର୍ଯ୍ୟାୟରେ ପାରଳା ମହାରାଜାଙ୍କ ତ୍ୟାଗ, ଓଡ଼ିଶା ପ୍ରଶାସନିକ କମିଟିର ସୁପାରିଶ, ନୂତନ ଓଡ଼ିଶା ପ୍ରଦେଶ ଘୋଷଣା, ଯେଉଁ ଓଡ଼ିଆଭାଷୀ ଅଞ୍ଚଳ ଓଡ଼ିଶାରେ ମିଶିଲା ନାହିଁ, ଗଞ୍ଜାମ ଜିଲ୍ଲା, ଭିଜାଗ୍-ପଟ୍ଟମ୍ ଓ ଜୟପୁର, ମେଦିନପୁର, ମେଦିନପୁର ଜନ-ଗଣନାରେ ଓଡ଼ିଆଙ୍କ ସଂଖ୍ୟାରେ କାରସାଦି, ଓଡ଼ିଆ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ମେଦିନିପୁରରେ ବିରୋଧ, ସିଂହଭୂମି, ସିଂହଭୂମି ଜିଲ୍ଲାରେ ଓଡ଼ିଆ ଆନ୍ଦୋଳନ, ସିଂହଭୂମି ଓଡ଼ିଆ ଆନ୍ଦୋଳନ: ଗୋପବନ୍ଧୁ ଓ ଗୋଦାବରୀଶ, ବିହାର ଓ ଓଡ଼ିଶା ସରକାରଙ୍କ ସିଂହଭୂମିରେ ଓଡ଼ିଆ ଶିକ୍ଷାପ୍ରତି ଅବହେଳା, ଓଡ଼ନେଲ୍ କମିଟିର ସିଂହଭୂମି ମିଶ୍ରଣ ପ୍ରତ୍ୟାଖ୍ୟାନ, ଓଡ଼ନେଲ୍ କମିଟିଙ୍କ ମତ, ଓଡ଼ିଶାର ଦାବି ବିରୁଦ୍ଧରେ ବଙ୍ଗାଳୀଙ୍କ ତୀବ୍ର ପ୍ରଚାର ଓ ପଂଡିତ ନୀଳକଣ୍ଠ, ମଧ୍ୟପ୍ରଦେଶ ଅନ୍ତର୍ଗତ ଫୁଲଝର ଓ ଖଡ଼ିଆ-ନୂଆଗଡ଼ ଅଞ୍ଚଳ, ଖଡ଼ିଆ-ନୂଆଗଡ଼, ଚନ୍ଦ୍ରପୁର

## ସ୍ୱତନ୍ତ୍ର ଉତ୍କଳର ନିର୍ମାତା ୧୧୪-୧୪୮

**ଉତ୍କଳଗୌରବ ମଧୁସୂଦନ ଦାସ ( ଜ ୧୮୪୮-ମୃ ୧୯୩୪ )**

ମଧୁସୂଦନଙ୍କ ଶିକ୍ଷା ଓ ଓକିଲାତି, ଉତ୍କଳ ସଭାର ନେତୃତ୍ୱ, ଉତ୍କଳ ସମ୍ମିଳନୀରେ ନେତୃତ୍ୱ, ବଙ୍ଗଳା ଓ ବିହାର-ଓଡ଼ିଶା ବିଧାନସଭାରେ, ଓଡ଼ିଶାର ଶିଳ୍ପପିତାମହ ମଧୁସୂଦନ, ସ୍ୱାଧୀନତା ସଂଗ୍ରାମ ଓ ମଧୁସୂଦନ, ମଧୁସୂଦନ ଓ ମହାତ୍ମା ଗାନ୍ଧୀ, କୁଳବୃଦ୍ଧ ମଧୁସୂଦନ, ଓଡ଼ିଶାବାସୀଙ୍କୁ ତାଙ୍କର ଶେଷ ପରାମର୍ଶ

Digitized by srujanika@gmail.com

**ଉତ୍କଳମଣି ଗୋପବନ୍ଧୁ ଦାସ ( ପୃ ୧୨୭-ପୃ ୧୩୨ )**

ତାଙ୍କ କର୍ମମୟ ଜୀବନର ପ୍ରଥମ ପର୍ଯ୍ୟାୟ, ଉତ୍କଳ ସମ୍ମିଳନୀରେ ନେତୃତ୍ୱ, ସିଂହଭୂମିରେ ଓଡ଼ିଆ ଶିକ୍ଷାର ପ୍ରସାରପାଇଁ ଉଦ୍ୟମ, ଚକ୍ରଧରପୁର ଅଧିବେଶନରେ ନେତୃତ୍ୱ, ଗୋପବନ୍ଧୁ ଓ ମଧୁସୂଦନ

**ପାରଳାଖେମଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ (ପୃ ୧୩୨-ପୃ ୧୩୮)**

ଫିଲିଫ୍ ଡଫ୍ କମିଟି ଆଗରେ ଓଡ଼ିଆ ସମସ୍ୟା, ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ନେତୃତ୍ୱ, ପାରଳା ମହାରାଜାଙ୍କ ତ୍ୟାଗ ଫଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ ସମ୍ଭବ ହେଲା

**କର୍ମବୀର ଗୌରୀଶଙ୍କର ରାୟ ( ପୃ ୧୩୮-ପୃ ୧୪୨ )**

ସରକାରୀ ଚାକିରିରେ ଥାଇ 'ଉତ୍କଳଦୀପିକା' ସମ୍ପାଦନା, ଓଡ଼ିଆ ଭାଷା ରକ୍ଷା ଓ ପାଠ୍ୟପୁସ୍ତକ ରଚନାରେ ନେତୃତ୍ୱ, ଜାତୀୟ କଂଗ୍ରେସ ଓ ଗୌରୀଶଙ୍କର

**ସାମ୍ବାଦିକ ଶଶିଭୂଷଣ ରଥ ( ପୃ ୧୪୨-ପୃ ୧୪୭ )**

କର୍ମମୟ ଜୀବନର ପ୍ରଥମ ପରିଚ୍ଛେଦ, ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନରେ ଅଗ୍ରଣୀ, ସାପ୍ତାହିକ 'ଆଶା' ସମ୍ପାଦନା, ପ୍ରଥମ ଇଂରାଜୀ ଦୈନିକ ପତ୍ରିକା ପ୍ରକାଶନ

**ଦେଶପ୍ରେମୀ ଚନ୍ଦ୍ରଶେଖର ବେହେରା (ପୃ ୧୪୭-ପୃ ୧୫୦)**

ସମ୍ବଲପୁର ଭାଷାରକ୍ଷା ଆନ୍ଦୋଳନର ନେତୃତ୍ୱ, ଉତ୍କଳ ସମ୍ମିଳନୀ ସହିତ ଘନିଷ୍ଠ ସମ୍ପର୍କ

**ପଣ୍ଡିତ ଗୋଦାବରୀଶ ମିଶ୍ର ( ପୃ ୧୫୦-ପୃ ୧୫୫ )**

**ପଣ୍ଡିତ ନୀଳକଣ୍ଠ ଦାସ ( ପୃ ୧୫୫-ପୃ ୧୫୯ )**

**ପ୍ରଚାରକ ଅନନ୍ତ ମିଶ୍ର ( ପୃ ୧୬୦-ପୃ ୧୬୪ )**

**ଦେଶପ୍ରେମୀ ନିରଞ୍ଜନ ପଟ୍ଟନାୟକ ( ପୃ ୧୬୪-ପୃ ୧୬୭ )**

**ଜୟପୁର ମହାରାଜା ବିକ୍ରମଦେବ ବର୍ମା (ପୃ ୧୬୭-ପୃ ୧୬୭)**

**ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଫକୀରମୋହନ ସେନାପତି (ପୃ ୧୬୭-ପୃ ୧୬୯)**

**ଦେଶମିଶ୍ରଣ ଗୀତିକା ୧୭୧-୧୮୪**

Digitized by srujanika@gmail.com

# ଓଡ଼ିଆ ଆନ୍ଦୋଳନର ଇତିହାସ

## ପ୍ରାଚୀନ ଓଡ଼ିଆ ଭୂମି :

ପୁରାତନ ଯୁଗରେ ଓଡ଼ିଆଭାଷୀ ଅଞ୍ଚଳ କଳିଙ୍ଗ, ଉତ୍କଳ, ଓଡ୍ର ବା ଓଡ଼ିଶା ଏହିପରି ବିଭିନ୍ନ ନାମରେ ପରିଚିତ ଥିଲା । ଏହି ଅଞ୍ଚଳମାନଙ୍କ ଭିତରେ କଳିଙ୍ଗ ଥିଲା ସର୍ବାପେକ୍ଷା ସମ୍ପଦଶାଳୀ ଓ ସୁପ୍ରସିଦ୍ଧ । ମୁଖ୍ୟତଃ ଉପକୂଳବର୍ତ୍ତୀ ଅଞ୍ଚଳକୁ ନେଇ ଗଠିତ କଳିଙ୍ଗ ଦ୍ରାବିଡ଼ ଓ ଆର୍ଯ୍ୟମାନଙ୍କର ମିଳନ ଭୂମି ହୋଇପାରିଥିଲା । କାରଣ ଦକ୍ଷିଣ ଓ ଉତ୍ତର ଭିତରେ ଗମନାଗମନପାଇଁ ଏଠାରେ ବିନ୍ଧ୍ୟ ପର୍ବତଭଳି କୌଣସି ଦୁର୍ଲଙ୍ଘ୍ୟ ପ୍ରତିବନ୍ଧକ ନ ଥିଲା । ତେଣୁ ଏଠାରେ ଆର୍ଯ୍ୟ ଓ ଆର୍ଯ୍ୟେତର ସଭ୍ୟତାର ମିଳନ ଘଟି ଏକ ଉନ୍ନତ ସଭ୍ୟତାର ଭିତ୍ତି ସ୍ଥାପିତ ହୋଇଥିଲା ଏବଂ ଏହା ହିଁ ଥିଲା ଭାରତୀୟ ସଭ୍ୟତା ଓ ସଂସ୍କୃତିର ମୂଳଭିତ୍ତି । ଉପକୂଳବର୍ତ୍ତୀ ପ୍ରାଚୀନ କଳିଙ୍ଗ ଅଧିବାସୀ ଏହି ଉନ୍ନତ ସଭ୍ୟତାକୁ ବାଣିଜ୍ୟ ବିସ୍ତାର ସଙ୍ଗେ ସଙ୍ଗେ ସୁଦୂର ଦକ୍ଷିଣ ପୂର୍ବ ଏସିଆର ବିଭିନ୍ନ ଦେଶରେ ପ୍ରସାର କରିଥିଲେ । ରାମାୟଣ, ମହାଭାରତ, ବୌଦ୍ଧ ଓ ଜୈନ ସାହିତ୍ୟରେ କଳିଙ୍ଗ ସମ୍ବନ୍ଧରେ ବିଭିନ୍ନ କାହାଣୀ ଓ ଅନ୍ୟାନ୍ୟ ବିବରଣୀ-ମାନ ଉଲ୍ଲେଖ ରହିଛି । ଐତିହାସିକମାନଙ୍କ ଲିପିବଦ୍ଧ ବିବରଣୀ ଅନୁସାରେ ପ୍ରାଚୀନ ଉତ୍କଳ ଅଞ୍ଚଳର ସୀମା ଉତ୍ତରରେ ଗଙ୍ଗାଠାରୁ ପୂର୍ବରେ ବର୍ମା ପର୍ଯ୍ୟନ୍ତ ଏବଂ ଦକ୍ଷିଣରେ ଗୋଦାବରୀ ଉପତ୍ୟକା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପୌରାଣିକ ଯୁଗ ପରେ ଓଡ଼ିଆମାନଙ୍କ ପ୍ରାଚୀନ ବାସଭୂମି ତ୍ରିକଳିଙ୍ଗ ନାମରେ ମଧ୍ୟ ପରିଚିତ, ଥିଲା । ଏହି ତ୍ରିକଳିଙ୍ଗ ଉତ୍କଳ, କଳିଙ୍ଗ ଓ ଓଡ୍ର ଅଞ୍ଚଳଗୁଡ଼ିକୁ ନେଇ ଗଠିତ । ସେତେବେଳେ ଉତ୍କଳ ବର୍ତ୍ତମାନର ବାଲେଶ୍ୱର, ମେଦିନୀପୁର, ମାନଭୂମି ସିଂହଭୂମି ଓ ଆଖପାଖ ଅଞ୍ଚଳଗୁଡ଼ିକୁ ନେଇ ଗଠିତ ହୋଇଥିଲା । ଓଡ୍ର ଅଞ୍ଚଳ ଯାହାକି ତୋଷଳ ନାମରେ ମଧ୍ୟ ପରିଚିତ ଥିଲା ତା'ର ସୀମା ଉତ୍ତରରେ ବୈତରଣୀ ନଦୀଠାରୁ ଦକ୍ଷିଣରେ ବଂଶଧାରା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହା ଝାଡ଼ଖଣ୍ଡ, ମାନଭୂମି ଓ ସିଂହଭୂମିର ସମସ୍ତ ଆଭ୍ୟନ୍ତରୀଣ ଅଞ୍ଚଳ



Digitized by srujanika@gmail.com

ସମ୍ବଲପୁର ଓ ବିଳାସପୁର ଜିଲ୍ଲା ଏବଂ ପାଟନା, ବସ୍ତର, ଯଶପୁର, ସୁରୁଗୁଜା, ସାରଙ୍ଗଗଡ଼ ଓ ଅନ୍ୟାନ୍ୟ ଦେଶୀୟ ରାଜ୍ୟଗୁଡ଼ିକୁ ନେଇ ଗଠିତ ହୋଇଥିଲା ।

ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ଭିତରେ ନନ୍ଦବଂଶଙ୍କ ରାଜତ୍ୱକାଳରୁ ଓଡ଼ିଶାର ଲିପିବଦ୍ଧ ଐତିହାସିକ ବିବରଣୀ ମିଳିଥାଏ । ମାତ୍ର ତା'ର ବହୁକାଳ ପୂର୍ବରୁ କଳିଙ୍ଗ ଏକ ଶକ୍ତିଶାଳୀ ରାଜ୍ୟଭାବରେ ଭାରତବର୍ଷରେ ପ୍ରତିଷ୍ଠିତ ଥିଲା । ମହାଭାରତରେ ବର୍ଣ୍ଣିତ କଳିଙ୍ଗ ସୀମା ନନ୍ଦବଂଶର ସର୍ବାପେକ୍ଷା ଶକ୍ତିଶାଳୀ ସମ୍ରାଟ ମହାପଦ୍ମାନନ୍ଦଙ୍କ ରାଜତ୍ୱ ପର୍ଯ୍ୟନ୍ତ ଏକାଭଳି ଥିଲା । ମହାପଦ୍ମାନନ୍ଦ ନନ୍ଦସାମ୍ରାଜ୍ୟ ଭିତରେ କଳିଙ୍ଗକୁ ଅନ୍ତର୍ଭୁକ୍ତ କରିବାକୁ ଚାହିଁଥିଲେ । କଳିଙ୍ଗର ଶ୍ରେଷ୍ଠ ସମ୍ରାଟ ଖାରବେଳଙ୍କଦ୍ୱାରା ଖୋଦିତ ଖଣ୍ଡଗିରି ଶିଳାଲିପି ଅନୁଯାୟୀ ନନ୍ଦ ରାଜା କଳିଙ୍ଗ ନଗରୀରେ ଗୋଟିଏ କେନାଲ ଖୋଳାଇଥିଲେ ଓ କଳିଙ୍ଗ ଜୟକରି କଳିଙ୍ଗର ଇଷ୍ଟଦେବତା କଳିଙ୍ଗ ଜିନଙ୍କୁ ମଗଧ ନେଇ ଯାଇଥିଲେ । ପରେ ସମ୍ରାଟ୍ ଖାରବେଳ ମଗଧ ଜୟକରି ସେହି କଳିଙ୍ଗ ଜିନ୍‌କୁ ଉଦ୍ଧାର କଲେ । ଚତୁର୍ଥ ଶତାବ୍ଦୀରେ ନନ୍ଦବଂଶ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କଦ୍ୱାରା ପରାସ୍ତ ହେବା ପରେ କଳିଙ୍ଗ ପୁଣି ସ୍ୱାଧୀନ ରାଜ୍ୟଭାବରେ ପ୍ରତିଷ୍ଠିତ ହେଲା ।

## ଅଶୋକଙ୍କ ସମୟର ଓଡ଼ିଶା :

ଖ୍ରୀଷ୍ଟପୂର୍ବ ୨୬୧ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ୍ ଅଶୋକ କଳିଙ୍ଗ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲାବେଳେ କଳିଙ୍ଗର ସମ୍ରାଟ୍ କିଏ ଥିଲେ ବା କଳିଙ୍ଗ ସାମ୍ରାଜ୍ୟର ବିସ୍ତୃତି କେତେ ଦୂର ଥିଲା ସେ ସମ୍ବନ୍ଧରେ କୌଣସି ଲିପିବଦ୍ଧ ବିବରଣୀ ମିଳେ ନାହିଁ । ମାତ୍ର ସମ୍ରାଟ୍ ଅଶୋକ ତାଙ୍କ ଶିଳାଲିପିରେ କଳିଙ୍ଗ ଯୁଦ୍ଧରେ ଏକ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ ଏବଂ ଦେଢ଼ ଲକ୍ଷ ଲୋକ ବନ୍ଦୀ ହୋଇଥିଲେ ବୋଲି ଲିପିବଦ୍ଧ କରିଛନ୍ତି । ଯେଉଁ ଯୁଦ୍ଧରେ ଲକ୍ଷେ ଲୋକ ପ୍ରାଣ ଦେଇଥିଲେ ଓ ଦେଢ଼ ଲକ୍ଷ ଲୋକ ବନ୍ଦୀ ହୋଇଥିଲେ, ସେହି ଯୁଦ୍ଧ ଯେ ଏକ ଭୟାବହ ଯୁଦ୍ଧ ହୋଇଥିବ ଏବଂ ଏଥିରେ କଳିଙ୍ଗର ଅଗଣିତ ଲୋକ ଭାଗ ନେଇଥିବେ ତାହା ସହଜରେ ଅନୁମାନ କରାଯାଇପାରେ । ଏହି ଯୁଦ୍ଧରେ ସମଗ୍ର ମଗଧ ସାମ୍ରାଜ୍ୟର ବିପୁଳ ସାମରିକ ଶକ୍ତି ବିରୁଦ୍ଧରେ କଳିଙ୍ଗ ସାମରିକ ଶକ୍ତି ଲଢ଼ିଥିଲେ । ତେଣୁ ସେତେବେଳେ ଏହି ବିରାଟ ଯୁଦ୍ଧକୁ ପରିଚାଳନା କରିଥିବା କଳିଙ୍ଗ ରାଜ୍ୟରେ ଯେ ଏକ ଶକ୍ତିଶାଳୀ ଶାସନ ପ୍ରତିଷ୍ଠିତ ଥିଲା ଏବଂ ସେମାନେ ଏକ ଶକ୍ତିଶାଳୀ ସାମରିକ ଶକ୍ତି ଗଢ଼ିଥିଲେ ତାହା ସହଜରେ



Digitized by srujanika@gmail.com

ଅନୁମାନ କରାଯାଇପାରେ । କଳିଙ୍ଗର ଏହି ସାମରିକ ଶକ୍ତିକୁ କଳନା କରିପାରି ନ ଥିବାରୁ ମୌର୍ଯ୍ୟ ସାମ୍ରାଜ୍ୟର ପ୍ରଥମ ଓ ସର୍ବାପେକ୍ଷା ଶକ୍ତିଶାଳୀ ସମ୍ରାଟ୍ ଚନ୍ଦ୍ରଗୁପ୍ତ ଯେ କି କାବୁଲ୍ କାନ୍ଦାହାର ପର୍ଯ୍ୟନ୍ତ ନିଜ ସାମ୍ରାଜ୍ୟକୁ ବିସ୍ତାର କରିଥିଲେ ସେ କଳିଙ୍ଗ ଉପରେ ଆକ୍ରମଣ କରିବାକୁ ଚାହିଁ ନ ଥିଲେ । ତାଙ୍କ ପୁତ୍ର ବିମ୍ବିସାର ମଧ୍ୟ କଳିଙ୍ଗ ଉପରେ ଆକ୍ରମଣ କରି ନ ଥିଲେ । ସାମରିକ କୌଶଳ ଦୃଷ୍ଟିରୁ ଉତ୍ତର ଓ ଦକ୍ଷିଣକୁ ସଂଯୋଗ କରୁଥିବା ସୁବିଧା ଥିବାରୁ ତଥା ମଗଧ ସାମ୍ରାଜ୍ୟପାଇଁ ଉପକୂଳ ଅଞ୍ଚଳ ପାଇବା ଦୃଷ୍ଟିରୁ କଳିଙ୍ଗକୁ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିବାର ଯଥେଷ୍ଟ ଆବଶ୍ୟକତା ଥିଲେ ମଧ୍ୟ କଳିଙ୍ଗର ସାମରିକ ଶକ୍ତିକୁ କଳନା କରି ନ ପାରି ଚନ୍ଦ୍ରଗୁପ୍ତ କଳିଙ୍ଗ ଉପରେ ଆକ୍ରମଣ କରି ନଥିଲେ ବୋଲି ଐତିହାସିକମାନେ ଅନୁମାନ କରିଥାଆନ୍ତି । ଚନ୍ଦ୍ରଗୁପ୍ତଙ୍କ ଦରବାରରେ ଗ୍ରୀକ୍ ରାଜଦୂତ ମେଘାସ୍ଥିନିସ୍ କଳିଙ୍ଗ ରାଜ୍ୟକୁ "ଗଙ୍ଗାରିଡ୍‌ମ କଳିଙ୍ଗମ୍" ବୋଲି ଉଲ୍ଲେଖ କରିଥିଲେ ଏବଂ କଳିଙ୍ଗ ସୈନ୍ୟବାହିନୀରେ ୬୦ ହଜାର ପଦାତିକ, ଏକ ହଜାର ଅଶ୍ୱବାହିନୀ ଓ ୭୦୦ ଯୁଦ୍ଧ ହସ୍ତୀ ଥିଲେ ବୋଲି ବର୍ଣ୍ଣନା କରିଥିଲେ । କଳିଙ୍ଗର ଯୁଦ୍ଧ ହସ୍ତୀବାହିନୀ ଅତି ଭୟାବହ ବୋଲି ସେ ଉଲ୍ଲେଖ କରିଛନ୍ତି । ଏଇଥିରୁ ଅନୁମାନ କରାଯାଉଛି ଯେ ଚନ୍ଦ୍ରଗୁପ୍ତ ଓ ବିମ୍ବିସାର କଳିଙ୍ଗ ଉପରେ ଆକ୍ରମଣ କରିବାକୁ ସାହସ କରି ନ ଥିଲେ । ସେତେବେଳେ କଳିଙ୍ଗ ଯେ ଏକ ବିରାଟ ସାମ୍ରାଜ୍ୟ ଥିଲା ତାହା ମଧ୍ୟ ଏଥିରୁ ପ୍ରମାଣିତ ହେଉଛି ।

କଳିଙ୍ଗ ଯୁଦ୍ଧର ଶହେ ବର୍ଷପରେ କଳିଙ୍ଗ ପୁଣି ଏକ ସ୍ୱାଧୀନ ରାଜ୍ୟରୂପେ ଐର ବା ମହାମେଘବାହନ ବଂଶଙ୍କ ଶାସନାଧୀନ ହେଲା । ଏହି ବଂଶର ଶାସକ କଳିଙ୍ଗର ଶ୍ରେଷ୍ଠ ସମ୍ରାଟ୍ ଖାରବେଳ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ପ୍ରଥମ ଶତାବ୍ଦୀ ଭିତରେ ରାଜତ୍ୱ କରି ଭାରତବର୍ଷରେ ବହୁ ଦୂର ପର୍ଯ୍ୟନ୍ତ ନିଜ ସାମ୍ରାଜ୍ୟର ବିସ୍ତାର କରିଥିଲେ । ଖାରବେଳ ଭାରତର ପୂର୍ବ ଉପକୂଳରୁ ପଶ୍ଚିମ ଉପକୂଳ ଏବଂ ମଥୁରାଠାରୁ ପାଣ୍ଡ୍ୟ ରାଜ୍ୟ ପର୍ଯ୍ୟନ୍ତ କଳିଙ୍ଗ ସାମ୍ରାଜ୍ୟକୁ ବିସ୍ତାର କରିଥିଲେ ।

ଚତୁର୍ଥ ଶତାବ୍ଦୀରେ କଳିଙ୍ଗ ପୁଣି ଏକ ଶକ୍ତିଶାଳୀ ରାଜ୍ୟରୂପେ ପ୍ରତିଷ୍ଠିତ ହୋଇଥିଲା ଏବଂ ମାଠର ବଂଶ ଏହି ସମୟରେ ରାଜତ୍ୱ କରି ମହାନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ କଳିଙ୍ଗର ବହୁ ଅଞ୍ଚଳକୁ ଏକାଠି କରିପାରିଥିଲେ । ଷଷ୍ଠ ଓ ସପ୍ତମ ଶତାବ୍ଦୀରେ ଶୈଳୋଦ୍ଭବମାନେ ଦକ୍ଷିଣରେ ମହେନ୍ଦ୍ରଗିରିଠାରୁ ଓଡ଼ିଶାର ଉପକୂଳ ପର୍ଯ୍ୟନ୍ତ ଅଞ୍ଚଳରେ ଶାସନ କରିଥିଲେ । ଏହି ଅଞ୍ଚଳକୁ



Digitized by srujanika@gmail.com

କଙ୍ଗୋଦମଣ୍ଡଳ ବୋଲି କୁହାଯାଉଥିଲା । ଶୈଳୋଦ୍ଭବ ବଂଶଙ୍କପରେ ଭୌମକର ବଂଶ କଳିଙ୍ଗର ଉତ୍କଳ ଅଞ୍ଚଳରେ ଶାସନ କଲେ ଏବଂ ତାଙ୍କ ପରେ ସୋମବଂଶୀମାନେ କୋଶଳ ଅଞ୍ଚଳରେ ଶାସନ କଲେ ।

## ଗଙ୍ଗବଂଶ ଓ ସୂର୍ଯ୍ୟବଂଶଙ୍କ ଶାସନରେ ଓଡ଼ିଶାର ସୀମା :

ଦ୍ୱାଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ବିଖ୍ୟାତ ଗଙ୍ଗବଂଶ ଓ ସୂର୍ଯ୍ୟବଂଶ ଓଡ଼ିଶାରେ ରାଜତ୍ୱ କରିଥିଲେ । ଓଡ଼ିଶା ଇତିହାସରେ ଖାରବେଳଙ୍କ ରାଜତ୍ୱପରି ଏହି ସମୟକୁ ସୁବର୍ଣ୍ଣ ଯୁଗ ବୋଲି କୁହା-ଯାଇଛି । ଦ୍ୱାଦଶ ଶତାବ୍ଦୀଠାରୁ ଶାସନ ଆରମ୍ଭ କରି ଗଙ୍ଗବଂଶୀୟ ସମ୍ରାଟ୍‌ମାନେ ଓଡ଼ିଶାର ସୀମାକୁ ଗଙ୍ଗା ନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତାର କରିଥିଲେ । ଗଙ୍ଗବଂଶଙ୍କ ପରେ ସୂର୍ଯ୍ୟବଂଶର ବିଖ୍ୟାତ ସମ୍ରାଟ୍‌ମାନେ ଓଡ଼ିଶାର ସୀମାକୁ ଉତ୍ତରରେ ଗଙ୍ଗା ନଦୀଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତାର କରିଥିଲେ । ସେମାନଙ୍କ ରାଜତ୍ୱ କାଳରେ ଓଡ଼ିଶାରେ ସାଂସ୍କୃତିକ ଅଭ୍ୟୁଦୟ ଘଟିଥିଲା ।

## ଗଞ୍ଜାମ ଜିଲ୍ଲା ସର୍ବପ୍ରଥମେ ଓଡ଼ିଶାରୁ ବିଚ୍ଛିନ୍ନ ହେଲା

୧୧୧୨ ଖ୍ରୀଷ୍ଟାବ୍ଦଠାରୁ ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ଏକ ସ୍ୱାଧୀନ ହିନ୍ଦୁ ରାଜ୍ୟ ହୋଇ ରହିବା ପରେ ଆଫ୍‌ଗାନ୍‌ମାନଙ୍କ ଶାସନାଧୀନ ହେଲା । ଶେଷ ହିନ୍ଦୁ ରାଜା ମୁକୁନ୍ଦଦେବଙ୍କ ଉପରେ ଯେତେବେଳେ ଉତ୍ତର ଓ ଦକ୍ଷିଣରୁ ଶତ୍ରୁମାନେ ଆକ୍ରମଣ କଲେ ସେତେବେଳେ ରାଜତ୍ୱ କରୁଥିବା ମୋଗଲ ସମ୍ରାଟ୍ ଆକବର ତାଙ୍କୁ ସାହାଯ୍ୟ କରିବେ ବୋଲି ବିଶ୍ୱାସ କରି ମୁକୁନ୍ଦଦେବ ତାଙ୍କସହିତ ସନ୍ଧି କରିଥିଲେ । ବଙ୍ଗଳାର ସୁଲତାନ ଓ ଗୋଲକୁଣ୍ଡାର ସୁଲତାନଙ୍କ ଆକ୍ରମଣକୁ ମୋଗଲ ସମ୍ରାଟ୍ ଆକବର ପ୍ରତିହତ କରିଦେବେ ବୋଲି ସେ ଭାବିଥିଲେ । ତେଣୁ ୧୫୬୪-୬୫ରେ ତାଙ୍କସହିତ ଚୁକ୍ତି କଲେ । ମାତ୍ର ସେ ଏହି ପ୍ରତିଶ୍ରୁତିମତେ ସାହାଯ୍ୟ ପାଇବାରେ ବିଫଳ ହେଲେ । ୧୫୬୮ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ଆଫ୍‌ଗାନ୍ ସୁଲେମାନ କରାନି ଗଙ୍ଗାକୂଳ ପର୍ଯ୍ୟନ୍ତ ଅଗ୍ରସର ହୋଇ ମୁକୁନ୍ଦଦେବଙ୍କୁ ଦକ୍ଷିଣ ଆଡ଼କୁ ଘଉଡ଼ାଇ ନେଲେ ଏବଂ ସେହିଠାରେ ତାଙ୍କର ମୃତ୍ୟୁ ଘଟିଲା । ତା'ପରେ ଓଡ଼ିଶା ଆଫ୍‌ଗାନ୍‌ଙ୍କ ଶାସନାଧୀନ ହେଲା । ବଙ୍ଗର ଆଫ୍‌ଗାନ୍‌ମାନେ ଓଡ଼ିଶା ରାଜଧାନୀକୁ ଦଖଲ କରି ନେବାବେଳେ ଦକ୍ଷିଣ ସୀମାକୁ ରକ୍ଷା କରିବାପାଇଁ



Digitized by srujanika@gmail.com

କୌଣସି ପ୍ରତିରକ୍ଷା ବ୍ୟବସ୍ଥା ନ ଥିଲା । ତେଣୁ ୧୫୭୧ ଖ୍ରୀଷ୍ଟାବ୍ଦରେ ଗୋଲକୁଣ୍ଡାର କୁତବସାହି ବଂଶର ଇବ୍ରାହିମ (ଚତୁର୍ଥ) ଦକ୍ଷିଣ ଦିଗରୁ ଆକ୍ରମଣ କରି ଚିକାକୋଲ ସରକାର ଅଧିକାର କରି ନେଇଥିଲେ । ସେତେବେଳେ ଗଞ୍ଜାମ ଜିଲା ଚିକାକୋଲ ସରକାରର ଗୋଟିଏ ଅଂଶ ହୋଇ ରହିଥିବାରୁ ଗଞ୍ଜାମ କୁତୁବସାହିଙ୍କ ଶାସନାଧୀନ ହେଲା । ସେହି ଦିନଠାରୁ ଓଡ଼ିଶା ଖଣ୍ଡବିଖଣ୍ଡିତ ହେବା ଆରମ୍ଭ ହେଲା ବୋଲି କୁହାଯାଇପାରେ । ଗଞ୍ଜାମ ତା' ପରଠାରୁ ୩୬୫ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାର କେନ୍ଦ୍ର ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇ ରହିଲା । ତା'ସତ୍ତ୍ୱେ ଏହି ଗଞ୍ଜାମ ଜିଲ୍ଲାବାସୀ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନରେ ଅଗ୍ରଣୀ ହୋଇଥିଲେ । ଏ ସମ୍ପର୍କରେ ପରେ ବିଷଦଭାବରେ ଆଲୋଚନା କରାଯାଇଛି ।

## ମୋଗଲ ଶାସନ କାଳରେ ଓଡ଼ିଶା :

ଓଡ଼ିଶାରେ ମୋଗଲ ଅଧିକୃତ ଅଞ୍ଚଳ ଭିତରେ ଉତ୍ତରରେ ତମଲୁକ୍ ଓ ମେଦିନୀପୁର ଅନ୍ତର୍ଭୁକ୍ତ ହୋଇଥିଲା । ସର୍ବ ପ୍ରଥମେ ମୋଗଲ ସମ୍ରାଟ୍ ଆକବର ଉତ୍ତର ଓଡ଼ିଶାର ହିଜୁଳି ଓ ଏହାର ୧୦ଟି କ୍ଷୁଦ୍ର ମହାଲାକୁ ନେଇ ବଙ୍ଗଳା-ସହିତ ମିଶାଇ ଦେଲେ । ମୋଗଲ ସମ୍ରାଟ୍ ସାହାଜାହାନ ମୋଗଲ ଅଧିକୃତ ଓଡ଼ିଶାର କଟକ, ଭଦ୍ରକ ଓ ଜଳେଶ୍ୱର ଅଞ୍ଚଳକୁ ରାଜସ୍ୱ ଆଦାୟ ସୁବିଧା-ନିମନ୍ତେ ପୁଣି ଭାଗ ଭାଗ କରି ବଙ୍ଗଳାସହିତ ଯୋଡ଼ି ଦେଲେ । ଜଳେଶ୍ୱରକୁ ସୋରୋ, ରେମୁଣା, ବସ୍ତା, ଜଳେଶ୍ୱର, ମାଲଜେଡ଼ିଆ, ଗଲପଡ଼ା ଓ ମୁସକୁରିନ୍—ଏହିଭଳି ସାତ ଭାଗରେ ବିଭକ୍ତ କରି ଦିଆଗଲା ଏବଂ କେବଳ ସୋରୋ ବ୍ୟତୀତ ଅନ୍ୟ ଅଞ୍ଚଳଗୁଡ଼ିକୁ ଓଡ଼ିଶାରୁ ବିଚ୍ଛିନ୍ନ କରି ଦିଆଯାଇ ବାଲେଶ୍ୱର ଓ ମାଳଗିରି ସମେତ ବଙ୍ଗଳାସହିତ ଯୋଡ଼ି ଦିଆହୋଇଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳ ଏହିପରି ଭାଗ ଭାଗ ହୋଇ ଚାଲିଲା ।

## ମରହଟ୍ଟା ଶାସନରେ ଓଡ଼ିଶା :

୧୭୦୭ ମସିହାରେ ଆଓରଙ୍ଗଜେବ ମୋଗଲ ସମ୍ରାଟ୍ ରୂପେ ଶାସନ ଆରମ୍ଭ କରିବା ପରେ ମୋଗଲ ସାମ୍ରାଜ୍ୟର ପତନ ଆରମ୍ଭ ହେଲା । ସେତେବେଳେ ମୋଗଲ ସାମ୍ରାଜ୍ୟର ବହୁ ପ୍ରାଦେଶିକ ଶାସକ ବା ସୁବେଦାର ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । ଏହି ସମୟରେ ମୁର୍ସିଦ କୁଲି ଖାଁ ବଙ୍ଗ, ବିହାର ଓ ଓଡ଼ିଶାର ସୁବେଦାର ଥିଲେ । ଏହି ମୁର୍ସିଦ କୁଲି ଖାଁ ରାଜସ୍ୱ ଶାସନ ଦୃଷ୍ଟିରୁ ସୁବିଧା ହେବ ବୋଲି ମେଦିନୀପୁରକୁ ଓଡ଼ିଶାରୁ ଅଲଗା କରି



Digitized by srujanika@gmail.com

ବଙ୍ଗଳାସହିତ ଯୋଡ଼ ଦେଇଥିଲେ । ଏହା ଫଳରେ ଓଡ଼ିଶାର ରାଜନୈତିକ ଭୂଗୋଳର ପରିବର୍ତ୍ତନ ଘଟିଥିଲା । ୧୭୨୮ ମସିହାରେ ଜଳେଶ୍ୱରର ୬ଟି ବିଭାଗ ଯାହା କି ବଙ୍ଗଳାସହିତ ଯୋଡ଼ ଦିଆ ହୋଇଥିଲା ତାକୁ ସାହାଉଦ୍ଦିନ ମହମ୍ମଦ ଖାଁ ପୁଣି ବାଲେଶ୍ୱର ବନ୍ଦର ସମେତ ଓଡ଼ିଶାସହିତ ମିଶାଇ ଦେଲେ । ୧୭୪୦ ଖ୍ରୀଷ୍ଟାବ୍ଦରେ ଆଲିବର୍ଦ୍ଦି ଖାଁ ବଙ୍ଗ, ବିହାର ଓ ଓଡ଼ିଶାର ନବାବ ହେବା ପରେ ନାଗପୁର ରାଜା ରଘୁଜୀ ଭୋନ୍‌ସ୍ଲେଙ୍କ ନେତୃତ୍ୱରେ ମରହଟ୍ଟାମାନେ ବାରମ୍ବାର ଆକ୍ରମଣ କଲେ । ୧୭୫୧ ଖ୍ରୀଷ୍ଟାବ୍ଦ ଭିତରେ ସେମାନଙ୍କମଧ୍ୟରେ ଏକ ସନ୍ଧି ହେଲା ଏବଂ ଏହି ସନ୍ଧି ସର୍ତ୍ତ ଅନୁଯାୟୀ ସ୍ଥିର ହେଲା ଯେ ମିରହବିବ୍ ଆଲିବର୍ଦ୍ଦି ଖାଁଙ୍କର ଜଣେ ଅଧୀନସ୍ଥ କର୍ମଚାରୀଭାବରେ ତାଙ୍କ ପକ୍ଷରୁ ଓଡ଼ିଶା ଶାସନ କରିବେ । ସେ ବଳକା ରାଜସ୍ୱକୁ ରଘୁଜୀ ଭୋନ୍‌ସ୍ଲେଙ୍କୁ ଦେଇଦେବେ । ଏହି ସନ୍ଧି ସର୍ତ୍ତ ଅନୁଯାୟୀ ମରହଟ୍ଟାମାନେ ଆଉ ବଙ୍ଗଳା ଆକ୍ରମଣ କରିବେ ନାହିଁ ଏବଂ ତା' ବଦଳରେ ନବାବ ଆଲିବର୍ଦ୍ଦି ଖାଁ ରଘୁଜୀ ଭୋନ୍‌ସ୍ଲେଙ୍କୁ ବର୍ଷକୁ ୧୨ ଲକ୍ଷ ଟଙ୍କା ଦେବେ ବୋଲି ନିଷ୍ପତ୍ତି ହୋଇଥିଲା । ଉତ୍ତରରେ ସୁବର୍ଣ୍ଣରେଖା ନଦୀ ପର୍ଯ୍ୟନ୍ତ ଓଡ଼ିଶା ମରହଟ୍ଟାମାନଙ୍କୁ ହସ୍ତାନ୍ତର କରିବାପାଇଁ ରାଜିନାମା ହେଲା ଏବଂ ସ୍ଥିର ହେଲା ଯେ ସୁବର୍ଣ୍ଣରେଖା ନଦୀ ସେପାଖକୁ ମରହଟ୍ଟାମାନେ ଯିବେ ନାହିଁ । ଓଡ଼ିଶା ଓ ବଙ୍ଗଳା ଭିତରେ ସୁବର୍ଣ୍ଣରେଖା ନଦୀ ସୀମାରେଖା ହେଲା । ରଘୁଜୀ, ମିରହବିବ୍ ଓ ଆଲିବର୍ଦ୍ଦି ଖାଁଙ୍କ ଭିତରେ ଏହି ସନ୍ଧି ସମ୍ପାଦିତ ହୋଇଥିଲା ।

## ମେଦିନପୁର ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କୁ ହସ୍ତାନ୍ତର :

୧୭୬୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ମରହଟ୍ଟା ଶାସକ ବଙ୍ଗଳା ନବାବଙ୍କଠାରୁ ଚୁକ୍ତି ସର୍ତ୍ତ ଅନୁଯାୟୀ ଅର୍ଥ ଦାବି କଲେ, ମାତ୍ର ନବାବ ଇଂରେଜମାନଙ୍କ କଥାରେ ପଡ଼ି ଏହି ଅର୍ଥ ଦେବାକୁ ମନା କରିଦେଲେ । ତେଣୁ ମରହଟ୍ଟା ଗଭର୍ଣ୍ଣର ମେଦିନପୁର ଉପରେ ଆକ୍ରମଣ କଲେ । କିନ୍ତୁ ସେହି ଅଞ୍ଚଳରେ ଇଂରେଜୀ ସୈନ୍ୟବାହିନୀ ରହିଛନ୍ତି ବୋଲି ଜାଣିପାରିବା ମାତ୍ରେ ପଛଘୁଞ୍ଚା ଦେଲେ । ଇଂରେଜମାନେ ନବାବଙ୍କୁ ଏହାର ପ୍ରତିଶୋଧ ନେବାପାଇଁ ଯେତେ ପ୍ରବର୍ତ୍ତାଇଲେ ମଧ୍ୟ ସେମାନେ ରାଜି ହେଲେ ନାହିଁ । ୧୭୬୫ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କମ୍ପାନୀ ମୋଗଲ ସମ୍ରାଟ୍‌ଙ୍କଠାରୁ ବଙ୍ଗ, ବିହାର ଓ ଓଡ଼ିଶାର ଦେଓ୍ୱାନୀ ପାଇଥିଲେ । ଏଠାରେ ଓଡ଼ିଶା କହିଲେ କେବଳ ମେଦିନପୁରକୁ ବୁଝାଉଥିଲା ଏବଂ ଉତ୍ତରରେ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ ଏହାର



Digitized by srujanika@gmail.com

ଅନ୍ତର୍ଭୁକ୍ତ ଥିଲା । ଏହା ବାହାରେ ଓଡ଼ିଶାର ପ୍ରଧାନ ଭୂଭାଗ ମରହଟ୍ଟାମାନଙ୍କ ଶାସନାଧୀନ ହୋଇ ରହିଲା ।

## ଓଡ଼ିଶା ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନାଧୀନ ହେଲା :

ଇଂରେଜମାନେ ଅନୁଭବ କଲେ ଯେ ମେଦିନୀପୁର ବାହାରେ ରହିଥିବା ଓଡ଼ିଶାର ପ୍ରଧାନ ଭୂଖଣ୍ଡ ମରହଟ୍ଟାମାନଙ୍କ ଦଖଲରେ ରହିଲେ ସେମାନଙ୍କ ପକ୍ଷରେ ଏହା ବିପଜ୍ଜନକ ହେବ । ଏହାଦ୍ୱାରା ଉତ୍ତର ଓ ଦକ୍ଷିଣ ଅଞ୍ଚଳ ଭିତରେ ଗମନାଗମନପାଇଁ ସବୁବେଳେ ଅସୁବିଧା ସୃଷ୍ଟି ହେବ । ତା' ବ୍ୟତୀତ ମରହଟ୍ଟାମାନେ ସୁବର୍ଣ୍ଣରେଖାର ଉତ୍ତରରେ ବହୁ ଦୂର ପର୍ଯ୍ୟନ୍ତ ପଶି ଥିଲେ । ଓଡ଼ିଶାର ନାଏବ ନଜମ୍ ଚୁକ୍ତି ଅନୁଯାୟୀ ଅର୍ଥ ନିୟମିତଭାବରେ ଦେବା ଅବସ୍ଥାରେ ମଧ୍ୟ ନ ଥିଲେ । ତେଣୁ ନିର୍ଦ୍ଦିଷ୍ଟ ପରିମାଣ ଅର୍ଥ ନେଇ ଓଡ଼ିଶାକୁ ସେମାନଙ୍କୁ ହସ୍ତାନ୍ତର କରିଦେବାପାଇଁ ଇଂରେଜମାନେ ମରହଟ୍ଟାମାନଙ୍କୁ ପ୍ରସ୍ତାବ ଦେଇଥିଲେ । ମାତ୍ର ମରହଟ୍ଟାମାନେ ସେଥିରେ ରାଜି ହେଲେ ନାହିଁ । କାରଣ ସେମାନେ ଏହି ପରିସ୍ଥିତିର ଯେତେ ପାରନ୍ତି ସୁବିଧା ଉଠାଇବାପାଇଁ ଚାହିଁଥିଲେ । ମରହଟ୍ଟାମାନଙ୍କ ଦୁର୍ଭାଗ୍ୟକୁ ଭୋନ୍‌ସ୍ଲେ ଓ ପେଶୱାଙ୍କ ଭିତରେ ସଂଘର୍ଷ ଲାଗି ରହିଲା ଏବଂ ତା' ଫଳରେ ସେମାନେ ଦୁର୍ବଳ ହୋଇଗଲେ । ଏହି ସମୟରେ ଓଡ଼ିଶାବାସୀ ଏକ ଦୁର୍ଭିକ୍ଷର ସମ୍ମୁଖୀନ ହେବାରୁ ଓଡ଼ିଶାର ରାଜନୈତିକ ପରିସ୍ଥିତିର ଅଧିକ ଅବନତି ଘଟିଲା । ଶେଷରେ ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀର ବଡ଼ଲାଟ ଲର୍ଡ ଓ୍ୱେଲେସଲିଙ୍କ ୧୭୯୮ ଖ୍ରୀଷ୍ଟାବ୍ଦରେ ପରସ୍ପର ସାହାଯ୍ୟକୃତ ସନ୍ଧି ପ୍ରସ୍ତାବ ଓଡ଼ିଶାର ଭାଗ୍ୟ ନିର୍ଣ୍ଣୟ କଲା । ବଡ଼ଲାଟ ନାଗପୁର ରାଜାଙ୍କୁ ତାଙ୍କ ଅଞ୍ଚଳରେ ବ୍ରିଟିଶ ସାହାଯ୍ୟକାରୀ ସୈନ୍ୟ ବାହିନୀ ରଖିବାପାଇଁ ପ୍ରସ୍ତାବ ଦେଲେ । ନାଗପୁର ରାଜା ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେବାରୁ ଇଂରେଜମାନେ ଉତ୍ତ୍ୟକ୍ତ ହୋଇ ମରହଟ୍ଟାମାନଙ୍କଠାରୁ ଓଡ଼ିଶା ଦଖଲ କରିନେବାପାଇଁ ସୈନ୍ୟବାହିନୀଙ୍କୁ ପଠାଇଥିଲେ । ୧୮୧୭ ମସିହାଠାରୁ ୧୯୨୦ ମସିହା ଭିତରେ ଇଂରେଜମାନେ ଗାଙ୍ଗପୁର ଓ ବଣାଇ ଦେଶୀୟ ରାଜ୍ୟ ବ୍ୟତୀତ ସମସ୍ତ ସମ୍ବଲପୁର ଜିଲ୍ଲାକୁ ମଧ୍ୟପ୍ରଦେଶକୁ ହସ୍ତାନ୍ତର କରିଦେଇଥିଲେ । ଓଡ଼ିଶା ବଙ୍ଗପ୍ରଦେଶସହିତ ରହିଥିବାବେଳେ ବାଲେଶ୍ୱର ଓ ମେଦିନୀପୁର ସୀମା ଭିତରେ ବାରମ୍ବାର ଅଦଳବଦଳ ହୋଇଥିଲା ।

ସେତେବେଳର ଓଡ଼ିଶା ଡିଭିଜନ୍‌ର କମିସନର୍ ଜ. ହାରକୋର୍ଟ ଓ ଜେ. ମେଲଭିଲଙ୍କ ରିପୋର୍ଟ ଅନୁଯାୟୀ(୧୯୦୪) ଓଡ଼ିଶାରେ ମରହଟ୍ଟା ଶାସନ



Digitized by srujanika@gmail.com

ଶେଷ ଭାଗରେ ଓଡ଼ିଶାର ସୀମା ଥିଲା— ପୂର୍ବରେ ସମୁଦ୍ର, ପଶ୍ଚିମରେ ମରହଟ୍ଟା ପ୍ରଦେଶ ଛତିଶଗଡ଼, ଉତ୍ତରରେ ମେଦିନୀପୁର ଓ ବୀରଭୂମି ଏବଂ ଦକ୍ଷିଣରେ ଚିଲିକା ହ୍ରଦ ଓ ଗଞ୍ଜାମ ଜିଲ୍ଲା ।

## ବ୍ରିଟିଶ ଐତିହାସିକ ଓ ଭାଷାବିତ୍‌ଙ୍କ ମତରେ ପ୍ରାଚୀନ ଓଡ଼ିଶାର ସୀମା :

ବ୍ରିଟିଶ୍ ଶାସନ କାଳରେ ଓଡ଼ିଶା ତଥାପି ଏକ ବିସ୍ତୃତ ଅଞ୍ଚଳ ଥିଲା । ସେଥିପାଇଁ ଏକ ସମୟରେ ଇଂରେଜମାନେ ଓଡ଼ିଶା ଅଧିକାର କରିପାରି ନ ଥିଲେ । ବିଭିନ୍ନ ସମୟରେ ସେମାନେ ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳ ଅଧିକାର କରିଥିଲେ । ବ୍ରିଟିଶ ଐତିହାସିକ ଓ୍ୱାଲ୍‌ଟର୍ ହାମିଲ୍‌ଟନ୍ ୧୯୨୦ ମସିହାରେ ପ୍ରକାଶିତ ତାଙ୍କ ରଚିତ 'ଡେସ୍କ୍ରିପ୍‌ସନ୍ ଅଫ ହିନ୍ଦୁସ୍ଥାନ'ର ପୁସ୍ତକରେ 'ଓଡ଼ିଶା ପ୍ରଦେଶ' ପରିଚ୍ଛେଦରେ ଓଡ଼ିଶାର ସୀମା ସମ୍ବନ୍ଧରେ ଲେଖିଛନ୍ତି ଯେ ଓଡ଼ିଶାର ଉତ୍ତରରେ ବଙ୍ଗପ୍ରଦେଶ, ଦକ୍ଷିଣରେ ଗୋଦାବରୀ ନଦୀ ଏବଂ ପଶ୍ଚିମରେ ଗଣ୍ଡଓ୍ୱାନା ପ୍ରଦେଶ ଥିଲା । ଏହି ଅଞ୍ଚଳ ଗଞ୍ଜାମ ଓ ଭାଇଜାଗପଟ୍ଟମ୍ ଏବଂ ରାଜମହେନ୍ଦ୍ରୀର ଗୋଟିଏ ଅଂଶକୁ ନେଇ ଗଠିତ ହୋଇଥିଲା ।

ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଗ୍ରିଅରସନ ତାଙ୍କ ରଚିତ ଭାଷା ସର୍ଭେ ପୁସ୍ତକରେ ଓଡ଼ିଆଭାଷୀ ଅଞ୍ଚଳର ସୀମା ପୂର୍ବରେ ବଙ୍ଗୋପସାଗର, ଉତ୍ତରରେ ହଳଦୀ ନଦୀ, ମେଦିନୀପୁର ସବ୍‌ଡିଭିଜନ୍‌ର କଣ୍ଟାଇ ଉତ୍ତରସୀମା । ଉତ୍ତର ପଶ୍ଚିମଆଡ଼କୁ କାଳିଜାଇ ନଦୀଠାରୁ ବାଙ୍କୁଡ଼ା ପର୍ଯ୍ୟନ୍ତ ଏବଂ ଦାନ୍ତନ, ଗୋପୀବଲ୍ଲଭପୁର, ଝାଡ଼ଗ୍ରାମ ଓ ବିନପୁର ଥାନା ଏବଂ ସିଂହଭୂମିର ସୀମା ମୟୂରଭଞ୍ଜ ସରେଇକଳା ପର୍ଯ୍ୟନ୍ତ, ରାଞ୍ଚି ଜିଲାର ଦକ୍ଷିଣ ସୀମା ପର୍ଯ୍ୟନ୍ତ; ପୁଣି ଦକ୍ଷିଣକୁ ଯଶପୁର ଓ ଉଦୟପୁର ମଧ୍ୟ ଦେଇ ରାୟଗଡ଼, ସାରଙ୍ଗଗଡ଼, ସମ୍ବଲପୁର, ଜୟପୁର, ଭାଇଜାଗପଟ୍ଟମ୍ ଓ ବସ୍ତର ପର୍ଯ୍ୟନ୍ତ, ଏଠାରୁ ପୂର୍ବଆଡ଼କୁ ଭାଇଜାଗପଟ୍ଟମ୍, ପୂର୍ବ ଉପକୂଳ ବରୁଆ ବନ୍ଦର ପର୍ଯ୍ୟନ୍ତ ବିସ୍ତୃତ ଥିଲା ବୋଲି ବର୍ଣ୍ଣନା କରିଛନ୍ତି । ଐତିହାସିକ ଷ୍ଟର୍ଲିଂ ତାଙ୍କ ପ୍ରଣୀତ ଓଡ଼ିଆ ଇତିହାସରେ ଓଡ଼ିଶାର ସୀମା ଉତ୍ତରରେ ତ୍ରିବେଣୀଠାରୁ ବିଶନପୁର ଦେଇ ପାଟକୁମ ପର୍ଯ୍ୟନ୍ତ, ଦକ୍ଷିଣରେ ଗୋଦାବରୀ ନଦୀ, ପୂର୍ବରେ ହୁଗୁଳି ଓ ସମୁଦ୍ର, ପଶ୍ଚିମରେ ସିଂହଭୂମିଠାରୁ ସୋନପୁର, ସମ୍ବଲପୁର, ଜୟପୁର, ମେଦିନୀପୁରର ଏକ ଅଂଶ, ଗଞ୍ଜାମ ଓ ଭାଇଜାଗର କେତେକାଂଶ ବୋଲି ବର୍ଣ୍ଣନା କରିଛନ୍ତି ।



Digitized by srujanika@gmail.com

## ଉତ୍ତର ବାଲେଶ୍ୱର ଓ ମେଦିନୀପୁରକୁ ବଙ୍ଗଭାଷୀ ଅଞ୍ଚଳରୂପେ ଘୋଷଣା :

୧୮୦୩ ମସିହାରେ ବ୍ରିଟିଶ ଶାସକମାନେ ଯେତେବେଳେ ମରହଟ୍ଟା-ମାନଙ୍କଠାରୁ ଓଡ଼ିଶା ପାଇଲେ ସେତେବେଳେ ପଟାସପୁର, ଭୋଗରାଇ, କମର୍ଦାଚୌରେ ଓ ସାହାବନ୍ଦର ପ୍ରଭୃତି ପ୍ରଗଣାମାନ ଏବଂ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ସୁବର୍ଣ୍ଣରେଖା ନଦୀର ଦକ୍ଷିଣ ପଶ୍ଚିମସ୍ଥ ଖାମାରପାଳା ରାଜ୍ୟକୁ ହିଜଲିସହିତ ଯୋଡ଼ି ଦିଆହୋଇଥିଲା । କିନ୍ତୁ ୧୮୩୭ ମସିହାରେ ଭୋଗରାଇ, କାମର୍ଦାଚୌରେ ଓ ସାହାବନ୍ଦର ପ୍ରଗଣାଗୁଡ଼ିକୁ ହିଜଲିରୁ ଅଲଗା କରି ବାଲେଶ୍ୱରସହିତ ମିଶାଇ ଦିଆହେଲା; ମାତ୍ର ହିଜଲି, ଜଳେଶ୍ୱର ଓ ଆଖପାଖ ଅଞ୍ଚଳ ମେଦିନୀପୁରସହିତ ରହିଲା । ୧୮୭୦ରେ ଯାଇ ଜଳେଶ୍ୱର ଓ ଏହାର ଆଖପାଖ ଅଞ୍ଚଳ ବାଲେଶ୍ୱରକୁ ହସ୍ତାନ୍ତର କରାଗଲା । ବାଲେଶ୍ୱର ଜିଲ୍ଲା ଗେଜେଟିଅର୍ ଏ ସମ୍ପର୍କରେ ମତାମତ ପ୍ରକାଶ କରି କହିଥିଲେ ଯେ ବାଲେଶ୍ୱର ଓ ମେଦିନୀପୁର ଭିତରେ ବିଭିନ୍ନ ଅଞ୍ଚଳ ବାରମ୍ବାର ହସ୍ତାନ୍ତର ହୋଇ ଏପାଖ ସେପାଖ ହେଉଥିଲା । ୧୮୦୫ରେ ରେଗୁଲେସନ ଅନୁସାରେ ପଟାସପୁର, ଖଲେଶ୍ୱ ଗ୍ରାମ ଓ ନୟାଗ୍ରାମ ପ୍ରଭୃତି ପ୍ରଗଣାଗୁଡ଼ିକ ସେତେବେଳେ ହିଜଲିସହିତ ଯୋଡ଼ି ଦିଆ ହୋଇଥିଲେ ମଧ୍ୟ ସେଗୁଡ଼ିକୁ ଓଡ଼ିଆ ଅଞ୍ଚଳ ବୋଲି ଘୋଷଣା କରାଯାଇଥିଲା; ମାତ୍ର ୧୮୩୭ ମସିହାରେ ହିଜଲିକୁ ମେଦିନୀପୁରସହିତ ଅନ୍ତର୍ଭୁକ୍ତ କରାଯିବା ପରେ ଏଗୁଡ଼ିକ ଓଡ଼ିଆ ଅଞ୍ଚଳ ହୋଇଥିଲେ ମଧ୍ୟ ବଙ୍ଗଳାଭାଷୀ ଅଞ୍ଚଳ ବୋଲି ଘୋଷଣା କରାଗଲା । ଏ ଅଞ୍ଚଳର ଓଡ଼ିଆ ଅଧିବାସୀ-ମାନଙ୍କର କୌଣସି ଦୋଷ ନ ଥାଇ ମଧ୍ୟ ସେମାନଙ୍କୁ ଦଣ୍ଡ ଭୋଗିବାକୁ ହେଲା ।

ମେଦିନୀପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଓଡ଼ିଆଭାଷୀ ଲୋକଙ୍କଦ୍ୱାରା ଅଧ୍ୟୁଷିତ ବୋଲି ଭାଷାତତ୍ତ୍ୱବିତ୍ ଗ୍ରିଅରସନଙ୍କ ମତ ପୂର୍ବରୁ ଉଲ୍ଲେଖ କରାଯାଇଛି । ତାଙ୍କ ବ୍ୟତୀତ ଅଧ୍ୟାପକ ରାଖାଲ ଦାସ ବାନର୍ଜି ତାଙ୍କ ପ୍ରଣୀତ "ଓଡ଼ିଆ ଇତିହାସ" (୨ୟ ଭାଗ ୧୭ ପୃଷ୍ଠା)ରେ କହିଛନ୍ତି ଯେ "ମୋଗଲ ଇମ୍ପିରିୟଲ ଗେଜେଟିୟର"ର ବର୍ଣ୍ଣନା ଅନୁଯାଇ ଆକବର ଓଡ଼ିଶାକୁ ପାଞ୍ଚ ଭାଗରେ ବିଭକ୍ତ କରିଥିଲେ— ଆଧୁନିକ ମେଦିନୀପୁର ଜିଲ୍ଲା ଏବଂ ହୁଗୁଳିର ଗୋଟିଏ ଅଂଶକୁ ନେଇ ଜଳେଶ୍ୱର ଗଠିତ ହୋଇଥିଲା । ଜଳେଶ୍ୱର ସରକାର ଭିତରେ ଆଧୁନିକ ବାଙ୍କୁଡ଼ା ଜିଲ୍ଲାର ଗୋଟିଏ ଅଂଶ, ହୁଗୁଳି ଏବଂ ସମଗ୍ର ମେଦିନୀପୁର ଓ ବାଲେଶ୍ୱର ସୀମାନ୍ତର ଅଳ୍ପ କେତେ ଅଂଶ ଥିଲା । ପୁଣି ମେଦିନୀପୁର ଜିଲ୍ଲା



Digitized by srujanika@gmail.com

ଗେଜେଟିଅର୍ (୧୯୧୧)ରେ ଓମାଲି ଲେଖିଛନ୍ତି, "ମେଦିନୀପୁର ଜିଲ୍ଲାର ଦକ୍ଷିଣ ଅଞ୍ଚଳର ଓଡ଼ିଆମାନେ ବଙ୍ଗଳାଭାଷାକୁ ମିଶାଇ ଖେଚେଡ଼ି ଭାଷାରେ କଥାବାର୍ତ୍ତା କରୁଥିଲେ ମଧ୍ୟ ତାହା ମୁଖ୍ୟତଃ ଓଡ଼ିଆଭାଷା ଏବଂ କଣ୍ଟାଇ ସବ୍‌ଡିଭିଜନ୍‌ର ଅଧିବାସୀଙ୍କ ଭାଷା ନିଶ୍ଚିତଭାବରେ ଓଡ଼ିଆ ।" ୧୮୭୨-୭୩ ମସିହାର ବଙ୍ଗ-ପ୍ରଦେଶ ପ୍ରଶାସନିକ ରିପୋର୍ଟରେ ସୁବର୍ଣ୍ଣରେଖା ଓ ରୂପନାରାୟଣପୁର ମଧ୍ୟବର୍ତ୍ତୀ ଅଞ୍ଚଳ ଓଡ଼ିଶାର ଗୋଟିଏ ଅଂଶ ବୋଲି ଉଲ୍ଲେଖ କରାଯାଇଥିଲା; ମାତ୍ର ଏହାକୁ ଓଡ଼ିଶା ଡିଭିଜନ୍‌ର ଅନ୍ତର୍ଭୁକ୍ତ କରିବାପାଇଁ ସେତେବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା ।

## ପଶ୍ଚିମାଞ୍ଚଳ-ସମ୍ବଲପୁର, ରାୟପୁର ଓ ବିଳାସପୁର ଜିଲା ଓଡ଼ିଶାରୁ ବିଚ୍ଛିନ୍ନ :

ସମ୍ବଲପୁର, ରାୟପୁର ଓ ବିଳାସପୁର ଜିଲା ଏବଂ ଆଖପାଖ ଗଡ଼ଜାତ ରାଜ୍ୟଗୁଡ଼ିକ ୧୮୦୩ ସାଲରେ ନାଗପୁର ରାଜାଙ୍କର ଏକ ଚୁକ୍ତିଦ୍ୱାରା ବ୍ରିଟିଶ ସରକାରଙ୍କ ଶାସନାଧୀନ ହେଲା । କିନ୍ତୁ ୧୮୦୬ ମସିହାରେ ସେହି ଅଞ୍ଚଳଗୁଡ଼ିକୁ ନାଗପୁର ରାଜାଙ୍କୁ ପୁଣି ହସ୍ତାନ୍ତର କରି ଦିଆହେଲା ଏବଂ ୧୮୧୮ ମସିହା ଅସ୍ଥାୟୀ ଚୁକ୍ତି ବଳରେ ଏହି ଅଞ୍ଚଳ ବ୍ରିଟିଶ ଶାସନାଧୀନରେ ରହି ୧୮୨୬ ମସିହା ଚୁକ୍ତିଦ୍ୱାରା ଚୂଡ଼ାନ୍ତଭାବରେ ହସ୍ତାନ୍ତର ହେଲା । ସମ୍ବଲପୁରର ୧୮ଟି ଗଡ଼ଜାତ ରାଜ୍ୟ ହେଲା—ସମ୍ବଲପୁର, ପାଟଣା, ବିନ୍ଦ୍ରା-ନୂଆଗଡ଼, ଖଡ଼ିଆଳ, ବୁଢ଼ାସମ୍ବର, ଫୁଲଝର, ସାରଙ୍ଗଗଡ଼, ସାକଣ୍ଡି, ରାଇଗଡ଼, ଗାଙ୍ଗପୁର, ବଣାଇ ବାମଣ୍ଡା, ରେଢ଼ାଖୋଲ, ଆଠମଲ୍ଲିକ, ବଉଦ, ସୋନପୁର, ବରଗଡ଼ ଓ ଚନ୍ଦ୍ରପୁର । ଏହି ରାଜ୍ୟଗୁଡ଼ିକ ବଙ୍ଗପ୍ରଦେଶର ଦକ୍ଷିଣ ପଶ୍ଚିମ ସୀମାନ୍ତ ଏଜେନ୍‌ସିର ବଡ଼ଲାଟଙ୍କ ଏଜେଣ୍ଟଙ୍କଦ୍ୱାରା ଶାସିତ ହେଲା । ସେହି ଏଜେଣ୍ଟଙ୍କ ଅଧୀନରେ ସିଂହଭୂମି, ସରେଇକଳା ଓ ଖରସୁଆଁ ମଧ୍ୟ ରହିଲା । ୧୮୬୦ ମସିହାରେ ସମ୍ବଲପୁର ଜିଲା ଓ ଛୋଟନାଗପୁର ଡିଭିଜନ୍ ଅନ୍ତର୍ଗତ ଗାଙ୍ଗପୁର ଓ ବଣେଇ ରାଜ୍ୟ ବ୍ୟତୀତ ଅନ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକ ଓଡ଼ିଶା ଡିଭିଜନ୍‌କୁ ହସ୍ତାନ୍ତରିତ ହେଲା । ୧୮୬୨ ମସିହାରେ ପୁଣି ଏହି ଅଞ୍ଚଳଗୁଡ଼ିକ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହେଲା । ମଧ୍ୟପ୍ରଦେଶ ଶାସନାଧୀନରେ ଥିଲାବେଳେ ବିନ୍ଦ୍ରା-ନୂଆଗଡ଼, ଖଡ଼ିଆଳ, ଫୁଲଝର, ବୁଢ଼ାସମ୍ବର ଓ ଚନ୍ଦ୍ରପୁର ପ୍ରଭୃତି ରାଜ୍ୟଗୁଡ଼ିକ ରାଜସ୍ୱ-ଅସୁଲକାରୀ ଜମିଦାରୀରେ ପରିଣତ ହୋଇ ସମ୍ବଲପୁର ଜିଲାର ଅନ୍ତର୍ଭୁକ୍ତ ହୋଇଥିଲା ।



Digitized by srujanika@gmail.com

## ସିଂହଭୂମି ହସ୍ତାନ୍ତର :

ସିଂହଭୂମି ଜିଲ୍ଲା ସର୍ବଶେଷରେ ଓଡ଼ିଶାରୁ ହସ୍ତାନ୍ତର କରାଯାଇଥିଲା । ଓ୍ୱାଲଟର୍ ହାମିଲଟନ୍ ତାଙ୍କ ପ୍ରଣୀତ "ହିନ୍ଦୁସ୍ଥାନର ବର୍ଣ୍ଣନା" ପୁସ୍ତକରେ ଓଡ଼ିଶା ପ୍ରଦେଶ ପରିଚ୍ଛେଦରେ ଲେଖିଛନ୍ତି, "ବର୍ତ୍ତମାନ ଉତ୍ତର ଦିଗରୁ ଆରମ୍ଭ କରି ଆଧୁନିକ ଆଞ୍ଚଳିକ ବିଭାଗଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା । (୧) ସିଂହଭୂମି, (୨) କେନ୍ଦୁଝର, (୩) ମୟୂରଭଞ୍ଜ, (୪) ବାଲେଶ୍ୱର, (୫) କଟକ ଓ (୬) ଖୋର୍ଦ୍ଧା । ସେ ପୁଣି ଲେଖିଛନ୍ତି, "ସିଂହଭୂମି ଓଡ଼ିଶା ପ୍ରଦେଶର ଗୋଟିଏ ସହର, ଜଣେ ରାଜାଙ୍କଦ୍ୱାରା ଶାସିତ । ସେ ନିଜ ଅଞ୍ଚଳର ଜଣେ ସ୍ୱାଧୀନ ଶାସକ, ମାତ୍ର ବ୍ରିଟିଶ ସରକାରଙ୍କ ରାଜନୈତିକ ଶାସନାଧୀନ ।" ତତ୍କାଳୀନ ବଙ୍ଗପ୍ରଦେଶ ରାଜସ୍ୱ ବୋର୍ଡ଼ର ସଭ୍ୟ ମିଚରକେଟ୍ ତାଙ୍କର "୧୮୫୩ରେ ସମ୍ବଲପୁର" ନାମକ ରିପୋର୍ଟରେ ସିଂହଭୂମିକୁ ଓଡ଼ିଶା ଅନ୍ତର୍ଭୁକ୍ତ ଏକ ଓଡ଼ିଆ ଅଞ୍ଚଳ ବୋଲି ବର୍ଣ୍ଣନା କରିଛନ୍ତି ।

ସିଂହଭୂମି ଜିଲ୍ଲା ଧଳଭୂମି, କୋହ୍ଲାଣ ଓ ପୋଡ଼ାହାଟ—ଏହି ତିନୋଟି ଅଂଶକୁ ନେଇ ଗଠିତ । ଧଳଭୂମି ପ୍ରଥମେ ମେଦିନୀପୁର ଜିଲ୍ଲାର ଅନ୍ତର୍ଭୁକ୍ତ ହୋଇଥିଲା । ଏହା ୧୮୩୩ ମସିହାରେ ମାନଭୂମିକୁ ହସ୍ତାନ୍ତରିତ ହେଲା ଏବଂ ୧୮୪୮ ମସିହାରେ ସିଂହଭୂମି ଜିଲ୍ଲାର ଗୋଟିଏ ଅଂଶ ହୋଇ ରହିଲା । ସିଂହଭୂମି ଜିଲ୍ଲାର କେନ୍ଦ୍ରସ୍ଥଳୀ ପୋଡ଼ାହାଟ ରାଜା ଅର୍ଜୁନ ସିଂହଙ୍କ ଅଧୀନରେ ୧୮୪୮ ମସିହା ପର୍ଯ୍ୟନ୍ତ ଏକ ଗଡ଼ଜାତ ରାଜ୍ୟରୂପେ ରହିଥିଲା । ରାଜା ଅର୍ଜୁନ ସିଂହଙ୍କ ପରିବାର ବହୁ ପୁରୁଷଧରି ଓଡ଼ିଆ ଥିଲେ ଏବଂ କୋହ୍ଲାଣର ୧୬ଟି ପୀଢ଼ରେ ତାଙ୍କର ଶାସନ କର୍ତ୍ତୃତ୍ୱ ଥିଲା । ୧୮୪୮ ମସିହାରେ ଏହି ରାଜ୍ୟଟିକୁ ଖାସ କରିଦିଆହୋଇ ଏହାକୁ ବଙ୍ଗପ୍ରଦେଶର ରାଜସ୍ୱ ବୋର୍ଡ଼କୁ ହସ୍ତାନ୍ତର କରି ଦିଆଗଲା ତଥାପି ଏହା ଗୋଟିଏ କରଦରାଜ୍ୟ ହୋଇ ରହିଥିଲା । ୧୮୯୨ ମସିହା ଅଗଷ୍ଟ ୫ ତାରିଖ ଘୋଷଣାରେ ଏହା ବଙ୍ଗ-ପ୍ରଦେଶର ଅନ୍ତର୍ଭୁକ୍ତ ହେଲା ଏବଂ ସିଂହଭୂମି ଜିଲ୍ଲାର ଏକ ଅଂଶ ହୋଇରହିଲା । ପ୍ରଥମେ ସିଂହଭୂମି ଜିଲ୍ଲା ଅନ୍ତର୍ଗତ କୋହ୍ଲାଣର ୬ଟି ପୀଢ଼ ଥିଲା; ମାତ୍ର ଏହାକୁ ଏକ ଆଧୁନିକ ଆୟତନବିଶିଷ୍ଟ ଜିଲ୍ଲାରେ ପରିଣତ କରିବାପାଇଁ ମୟୂରଭଞ୍ଜ, ସରେଇକଳା ଓ ଖରସୁଆଁ ପ୍ରଭୃତି ପଡ଼ୋଶୀ ଓଡ଼ିଆଭାଷୀ ଗଡ଼ଜାତମାନଙ୍କରୁ କେତେକ ଅଞ୍ଚଳ ଏହାସହିତ ମିଶାଇ ଦିଆଗଲା । ମୟୂରଭଞ୍ଜରୁ ୪ଟି ପୀଢ଼, ସରେଇକଳାର ୪ଟି ପୀଢ଼ ଓ ଖରସୁଆଁର ଗୋଟିଏ ପୀଢ଼ ଏହାସହିତ ମିଶାଇ



Digitized by srujanika@gmail.com

ଦିଆହେଲା । କୋହ୍ଲାଣର ମୋଟ ପୀଢ଼ ସଂଖ୍ୟା ୨୫କୁ ବୃଦ୍ଧି କରାଯାଇଥିଲା । ଏହିପରିଭାବରେ ଗଠିତ ସିଂହଭୂମି ଜିଲା ବଡ଼ଲାଟଙ୍କ ସହକାରୀ ଏଜେଣ୍ଟଙ୍କ ଶାସନାଧୀନ ହୋଇ ରହିଲା । ବ୍ରିଟିଶ ସରକାର ଶାସନଗତ ସୁବିଧା ନାମରେ ବିଶାଳ ଓଡ଼ିଆଭାଷୀ ଅଞ୍ଚଳକୁ ଏହିପରି ବିଭିନ୍ନ ଅଞ୍ଚଳସହିତ ଯୋଡ଼ି ଦେବା ଫଳରେ ଓଡ଼ିଆଭାଷୀ ଲୋକେ ଶାସନଗତ, ଅର୍ଥନୈତିକ ଓ ସାଂସ୍କୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ।

## ବ୍ରିଟିଶ ଶାସନାଧୀନ ହେଲାବେଳେ ଓଡ଼ିଶାର ସୀମା :

ଓଡ଼ିଶାରେ ମୋଗଲ ଓ ମରହଟ୍ଟା ଶାସନ କାଳରେ ପୂର୍ବର ବିଶାଳ ଓଡ଼ିଆଭାଷୀ ଅଞ୍ଚଳ ଖଣ୍ଡ ବିଖଣ୍ଡିତ ହୋଇଥିଲେ ମଧ୍ୟ ବ୍ରିଟିଶ ଶାସନାଧୀନ ହେଲାବେଳକୁ ତଥାପି ଓଡ଼ିଶାର ଆୟତନ ବିସ୍ତୃତ ଥିଲା । ସେତେବେଳେ ଓଡ଼ିଶାର ସୀମା ଉତ୍ତରରେ ବଙ୍ଗଳାଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ଏବଂ ପୂର୍ବରେ ବଙ୍ଗୋପସାଗରଠାରୁ ପଶ୍ଚିମରେ ଗଣ୍ଡୱାନା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ବିସ୍ତୃତ ଓଡ଼ିଆଭାଷୀ ଭୂଖଣ୍ଡକୁ ବ୍ରିଟିଶ ସରକାର ଖଣ୍ଡଖଣ୍ଡକରି ବଙ୍ଗଳା, ବିହାର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶସହିତ ଯୋଡ଼ି ଦେଇଥିଲେ । ଏହି ରାଜନୈତିକ ବିଭାଜନ ଓଡ଼ିଆ ଜାତିର ଏକତାକୁ ବିପର୍ଯ୍ୟସ୍ତ କରିଦେଇଥିଲା ଏବଂ ଓଡ଼ିଶାର ଭାଷା, ସଂସ୍କୃତି ଓ ଅର୍ଥନୈତିକ ବିକାଶ ପଥରେ ଘୋର ଅନ୍ତରାୟ ସୃଷ୍ଟି କରିଥିଲା ।

## ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନରେ ଓଡ଼ିଶାବାସୀଙ୍କ ଦୁର୍ଦ୍ଦଶା :

ଇଂରେଜମାନେ ମୋଗଲ ଓ ମରହଟ୍ଟାମାନଙ୍କୁ କୂଟନୈତିକ ଓ ସାମରିକ ଶକ୍ତିବଳରେ ପରାସ୍ତକରି ଓଡ଼ିଶାକୁ ଦଖଲ କରିନେଲାବେଳେ ଓଡ଼ିଶାବାସୀଙ୍କୁ ମୋଗଲ ଓ ମରହଟ୍ଟାଙ୍କ ଅତ୍ୟାଚାରରୁ ରକ୍ଷା କରି ସୁଖ ଓ ଶାନ୍ତିରେ ରଖିବେ ବୋଲି ଯେଉଁ ଭିତ୍ତିର ପ୍ରଚାର କରିଥିଲେ ତାହା ଯେ ଏକ ମିଥ୍ୟା ପ୍ରଚାର ତାହା ଅଳ୍ପଦିନ ଭିତରେ ପ୍ରମାଣିତ ହୋଇଗଲା । ଲୋକେ ମହାରଗଡ଼ରୁ ଯାଇ କାନ୍ତାରରେ ପଡ଼ିବାଭଳି ଅନୁଭବ କଲେ । ପ୍ରଥମତଃ ମୋଗଲ ଶାସନ କାଳରେ ଓଡ଼ିଶାର କେତେକ ଅଞ୍ଚଳ ଖଣ୍ଡ ବିଖଣ୍ଡିତ ହେବା ଆରମ୍ଭ ହୋଇଥିଲା । ବ୍ରିଟିଶ ଶାସନ କାଳରେ ତାହା ସମ୍ପୂର୍ଣ୍ଣ ହୋଇ ବଙ୍ଗଳା, ବିହାର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶସହିତ ବିସ୍ତୃତ ଓଡ଼ିଆଭାଷୀ ଅଞ୍ଚଳ ଯୋଡ଼ି ହୋଇ ରହିଲା । ଯେଉଁ ବିରାଟ ଓଡ଼ିଆଭାଷୀ ଅଞ୍ଚଳ ମରହଟ୍ଟାମାନଙ୍କଠାରୁ ବ୍ରିଟିଶ



Digitized by srujanika@gmail.com

ସରକାର ନେଲେ ତାକୁ 'ମୋଗଲବନ୍ଦୀ' ଓ 'ଗଡ଼ଜାତ', ଏହିପରି ଦୁଇ ଭାଗରେ ବିଭକ୍ତ କରିଦେଲେ । 'ମୋଗଲବନ୍ଦୀ'ର ବହୁ ଅଞ୍ଚଳ ଥିଲା ସମତଳଭୂମି ଏବଂ ଏହା ସୁବର୍ଣ୍ଣରେଖାଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ଅଞ୍ଚଳ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହି ସରକାରଙ୍କୁ ରାଜସ୍ୱ ଦେଉଥିଲା । ଗଡ଼ଜାତ ଭିତରେ ୩୦ଟି ରାଜ୍ୟ ଥିଲା । ୧୮୦୪ ମସିହାରେ ଖୋର୍ଦ୍ଧା ମୋଗଲବନ୍ଦୀର ଅନ୍ତର୍ଭୁକ୍ତ ହେଲା । ଏହା ପରେ ପରେ ଅନ୍ୟ ୧୩ଟି ରାଜ୍ୟ ମଧ୍ୟ ମୋଗଲବନ୍ଦୀର ଅନ୍ତର୍ଭୁକ୍ତ ହୋଇଥିଲା । ଅବଶିଷ୍ଟ ୧୭ଟି ରାଜ୍ୟ ଓଡ଼ିଶାର କରଦ ରାଜ୍ୟ ହୋଇ ରହିଲା । ଏହି ରାଜ୍ୟଗୁଡ଼ିକର ଶାସକମାନଙ୍କ କାର୍ଯ୍ୟର ନିୟନ୍ତ୍ରଣପାଇଁ ଜଣେ ସୁପରିନ୍‌ଟେଣ୍ଡେଣ୍ଟ ନିଯୁକ୍ତ ହୋଇଥିଲେ । ତୃତୀୟ ମରହଟ୍ଟା ଯୁଦ୍ଧରେ ଇଷ୍ଟ ଇଣ୍ଡିଆ କମ୍ପାନୀଦ୍ୱାରା ମରହଟ୍ଟାମାନେ ସଂପୂର୍ଣ୍ଣରୂପେ ପରାସ୍ତ ହେବାପରେ ଓଡ଼ିଶାର ପଶ୍ଚିମାଞ୍ଚଳର ୧୮ଟି ରାଜ୍ୟକୁ ମରହଟ୍ଟାମାନେ କମ୍ପାନୀ ନିକଟରେ ଆତ୍ମସମର୍ପଣ କରିଦେଲେ । ସିଂହଭୂମି, ସରେଇକଳା ଓ ଖରସୂଆଁ ରାଜା ୧୮୧୮ ମସିହାରେ ବ୍ରିଟିଶ ସରକାରଙ୍କପ୍ରତି ଆନୁଗତ୍ୟ ସ୍ୱୀକାର କରି ଛୋଟ ନାଗପୁର ଡିଭିଜନ୍ ଅଧୀନରେ ରହିଥିଲେ, ଏହାପରେ ୧୮୬୨ ମସିହା ବେଳକୁ ଚିଲିକା ସେପଟେ ଥିବା ଦକ୍ଷିଣାଞ୍ଚଳ ମାନ୍ଦ୍ରାଜ ପ୍ରଦେଶର ଅନ୍ତର୍ଭୁକ୍ତ ସିଂହଭୂମି ଓ ଏହାର ନିକଟବର୍ତ୍ତୀ ଅଞ୍ଚଳ ଛୋଟନାଗପୁର ଡିଭିଜନ୍ ଅନ୍ତର୍ଭୁକ୍ତ ଏବଂ ଉତ୍ତରରେ ସମଗ୍ର ମେଦିନୀପୁର ଜଲେଶ୍ୱର ଓ ବାଲେଶ୍ୱର କିଛି ଅଂଶ ବଙ୍ଗପ୍ରଦେଶ ଏବଂ ପଶ୍ଚିମାଞ୍ଚଳର ୧୮ଟି ରାଜ୍ୟ ମଧ୍ୟପ୍ରଦେଶ ଅନ୍ତର୍ଭୁକ୍ତ ହୋଇ-ଯାଇଥିଲା ।

## ଓଡ଼ିଆ ଜମିଦାରଙ୍କଠାରୁ ଜମିଦାରୀଗୁଡ଼ିକ ଚାଲିଗଲା :

ଏହିସବୁ ବିଛିନ୍ନାଞ୍ଚଳ ବିଶେଷତଃ ବଙ୍ଗପ୍ରଦେଶ ଅନ୍ତର୍ଭୁକ୍ତ ସର୍ବାପେକ୍ଷା ସମ୍ପତ୍ତିଶାଳୀ ଉପକୂଳବର୍ତ୍ତୀ ୩ଟି ଜିଲା କଟକ ପ୍ରଦେଶ ନାମରେ ପରିଚିତ ହେଲା । ସେଠାରେ ରାଜନୈତିକ ଓ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ଲୋକଙ୍କ ଭିତରେ ଇଂରାଜୀ ଶିକ୍ଷାର ପ୍ରସାରପାଇଁ କୌଣସି ବ୍ୟବସ୍ଥା ନ କରି ବଙ୍ଗଳା ଓ ବିହାରର ସମସ୍ତ ଆଇନ କାନୁନ ଓଡ଼ିଶା ଡିଭିଜନ୍‌ରେ ପ୍ରବର୍ତ୍ତନ କରାଗଲା । ଏହା ଫଳରେ ଶାସନରେ ଘୋର ବିଭ୍ରାଟ ସୃଷ୍ଟି ହେଲା । ମରହଟ୍ଟା ଶାସନ ଅପେକ୍ଷା ବ୍ରିଟିଶ ଶାସନରେ ଲୋକଙ୍କୁ ଅଧିକ ରାଜସ୍ୱ ଦେବାକୁ ପଡ଼ିଲା; ଅଥଚ କୌଣସି ଉନ୍ନୟନ କାମ ହେଲା ନାହିଁ । ଇଂରେଜ ସରକାରଙ୍କ ଅସ୍ଥାୟୀ ବନ୍ଦୋବସ୍ତ ନୀତି ଫଳରେ ଉପକୂଳବର୍ତ୍ତୀ ଅଞ୍ଚଳର ଜମିଦାର ଓ



Digitized by srujanika@gmail.com

ପ୍ରଜାମାନେ କ୍ଷତିଗ୍ରସ୍ତ ହୋଇଥିଲେ । ସ୍ଥାୟୀ ବନ୍ଦୋବସ୍ତ ନ କରି ଅସ୍ଥାୟୀ ବନ୍ଦୋବସ୍ତ କରାଯିବା ଫଳରେ ଜମା ବଢ଼ିଲା ଓ ଲୋକଙ୍କ ଉପରେ ରାଜସ୍ୱ ବୃଦ୍ଧି ପାଇଲା । ଜମିଦାରଙ୍କ ଜମା ବୃଦ୍ଧି ପାଇବାରେ ଲାଗିଲା ଏବଂ ବାକୟା ଜମା ଆଦାୟ ନ ହେଲେ ଜମିଦାରୀ ନିଲାମ କରି ଦିଆଯାଉଥିଲା । କେବଳ ୫ହଜାର ଟଙ୍କା ଭିତରେ ଥିବା ଜମିଦାରୀଗୁଡ଼ିକ କଟକ କଚେରୀରେ ନିଲାମ ଡକାଯାଉଥିଲା । ମାତ୍ର ତା ଅପେକ୍ଷା ଅଧିକ ଜମା ହେଲେ ତାହା କଲିକତାରେ ନିଲାମ କରାଯାଉଥିଲା । ଅଧିକ ଟଙ୍କା ଦେଇ ନିଲାମ ଧରିବା ଲୋକ କଟକରେ ମିଳିବେ ନାହିଁ ବୋଲି ଯୁକ୍ତି ଦେଖାଇ ଏହା କରାଯାଉଥିଲା । ଓଡ଼ିଆ ଜମିଦାର-ମାନେ ଏହି ନିଲାମପାଇଁ ନୋଟିସ୍ ବିଳମ୍ବରେ ପାଉଥିଲେ ଏବଂ ପାଇଲେ ମଧ୍ୟ କଲିକତାରେ ଯାଇ ପହଞ୍ଚିବାକୁ ୨୦ଦିନରୁ ଅଧିକ ଲାଗି ଯାଉଥିଲା । କାରଣ ସେତେବେଳେ କଲିକତାକୁ ଓଡ଼ିଶାରୁ ରେଳରାସ୍ତା ନ ଥିଲା । ତେଣୁ ୩୦୦ ମାଇଲ ବାଟ ଅତିକ୍ରମକରି ସେଠାରେ ପହଞ୍ଚିଲାବେଳକୁ ଜମିଦାରୀ ନିଲାମ ହୋଇଯାଉଥିଲା । ଏହା ଫଳରେ ପ୍ରଥମ ବନ୍ଦୋବସ୍ତ ବେଳେ ୨୩୪୦ ଜଣ ଓଡ଼ିଆ ଜମିଦାରଙ୍କ ନାମ ରେଜିଷ୍ଟ୍ରେସନ୍ କରାଯାଇଥିବା ସ୍ଥଳେ ୧୮୨୬ ବେଳକୁ ଏମାନଙ୍କ ସଂଖ୍ୟା ୧୪୪୯କୁ ହ୍ରାସ ପାଇଥିଲା । ଓଡ଼ିଆ ଜମିଦାରମାନେ ଏହି ନୀତି ଯୋଗୁ ଘୋର ଦୁର୍ଦ୍ଦଶାଗ୍ରସ୍ତ ହୋଇଥିଲେ ।

## ଲୁଣମରା ଅଧିକାର ଗଲା :

୧୯୧୪ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାର ଓଡ଼ିଶାର ସମସ୍ତ ଉପକୂଳ ଅଞ୍ଚଳରେ ଲୁଣ ମାରିବାର ଏକଚାଟିଆ ଅଧିକାର ନିଜ ହାତକୁ ନେଲେ । ଏହା ଫଳରେ ଲୁଣମରାକୁ ବ୍ୟବସାୟ କରି ଚଳୁଥିବା ବହୁ ଲୋକ କ୍ଷତିଗ୍ରସ୍ତ ହେଲେ ଏବଂ ବ୍ୟବସାୟୀମାନେ ବାହାରକୁ ମନ ଇଚ୍ଛା ଲୁଣ ରପ୍ତାନି କରି-ଦେବା ଫଳରେ ଓଡ଼ିଶାରେ ଲୁଣର ଅଭାବ ପଡ଼ିଲା । ଲୁଣର ଦାମ ମଧ୍ୟ ବଢ଼ିଗଲା । ଏହାଦ୍ୱାରା ସବୁ ଶ୍ରେଣୀର ଲୋକେ ଅସନ୍ତୋଷ ପ୍ରକାଶ କଲେ । ତା' ବ୍ୟତୀତ ସରକାର କଉଡ଼ି ବଦଳରେ ତମ୍ବା ମୁଦ୍ରା ପ୍ରଚଳନ କରିବାରୁ ଲୋକେ ହଇରାଣ ହୋଇଥିଲେ । ତମ୍ବା ମୁଦ୍ରାର ଅଭାବ ଘଟିବାରୁ ବିକାକିଣା ପାଇଁ ଲୋକେ ଅସୁବିଧା ଭୋଗିଲେ ।

## ଓଡ଼ିଶାରେ ବ୍ରିଟିଶ୍ ଶାସନ ବିରୁଦ୍ଧରେ ବିଦ୍ରୋହ :

ଶେଷରେ ଓଡ଼ିଶାର ଗଜପତି ରାଜାଙ୍କର ଯେଉଁ ସାମରିକ ମୁଖ୍ୟମାନେ ନିଜର କାର୍ଯ୍ୟ ସମ୍ପାଦନପାଇଁ ନିଷ୍କର ଜମି ଦଖଲ କରିଥିଲେ



Digitized by srujanika@gmail.com

ଏବଂ ତାଙ୍କ ଅଧୀନରେ ଥିବା ପାଇକମାନେ ସେହିଭଳି ସୁବିଧା ଭୋଗ କରୁଥିଲେ, ଇଂରେଜ ସରକାର ସେମାନଙ୍କୁ ସେହି ଜମିରୁ ବେଦଖଲ କରିଦେଲେ । ସେମାନଙ୍କୁ ଜମି ଦେବାର ଆବଶ୍ୟକତା ନାହିଁ ବୋଲି କହି ବ୍ରିଟିଶ ସରକାର ଏହା କରିଥିଲେ । ମାତ୍ର ବହୁ ପୁରୁଷ ଧରି ଜମି ଭୋଗ କରିଆସୁଥିବା ସାମରିକ ମୁଖ୍ୟ ଓ ପାଇକମାନେ ଜମି ହରାଇ ଉତ୍କ୍ଷିପ୍ତ ହୋଇ-ପଡ଼ିଥିଲେ । ଏହି ସମୟରେ ବକ୍‌ସି ଜଗବନ୍ଧୁ ଯେ କି ପୁରୀ ରାଜାଙ୍କର ଅତ୍ୟନ୍ତ ବିଶ୍ୱସ୍ତ ସେନାପତିଭାବରେ କାର୍ଯ୍ୟ କରୁଥିଲେ ସେ କେତେକ ଅଣଓଡ଼ିଆ କିରାଣୀଙ୍କ ଚକ୍ରାନ୍ତ ଯୋଗୁ ନିଜର ମାଲ୍‌ମହାଲ ହରାଇଥିଲେ । ବକ୍‌ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକମାନେ ଏଥିପାଇଁ ୧୮୧୭ ମସିହାରେ ବ୍ରିଟିଶ୍ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ । ବ୍ରିଟିଶ୍ ସରକାରଙ୍କ ଭଞ୍ଜବଂଶୀୟ ରାଜାଙ୍କ ପ୍ରତି ଅବିଚାର ବିରୁଦ୍ଧରେ ବିଦ୍ରୋହ ଯୋଗୁ ସେତେବେଳେ ଉତ୍କ୍ଷିପ୍ତ ହୋଇ ରହିଥିବା ଘୁମସର କନ୍ଧମାନେ ଆସି ପାଇକମାନଙ୍କ ସହିତ ଯୋଗ ଦେଲେ । ଇଂରେଜ ଶାସନର ଏହି ବିଦ୍ରୋହୀମାନେ ଖୋର୍ଦ୍ଧା, ବାଣପୁର ଓ ପିପିଲିରେ ଶାସନକୁ ଅଚଳ କରିଦେବାପାଇଁ ଉଦ୍ୟମ କରିଥିଲେ । ମାତ୍ର ଅଳ୍ପ ଦିନ ଭିତରେ ଇଂରେଜ ସାମରିକ ଶକ୍ତି ଏହି ବିଦ୍ରୋହକୁ ଦମନ କରିଦେଲେ । ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ବ୍ରିଟିଶ୍ ସାମରିକ ଶକ୍ତି ବିରୁଦ୍ଧରେ ସେମାନେ କେତେଦିନ ତିଷ୍ଠି ପାରିଥାଆନ୍ତେ ! ମାତ୍ର ଏହା ଥିଲି ସମଗ୍ର ଭାରତରେ ବ୍ରିଟିଶ୍ ଶାସନ ବିରୁଦ୍ଧରେ ପ୍ରଥମ ବିଦ୍ରୋହ । ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଯାହାକୁ ବ୍ରିଟିଶ୍ ଐତିହାସିକମାନେ ସିପାହୀ ବିଦ୍ରୋହ ବୋଲି ଆଖ୍ୟା ଦେଇଛନ୍ତି, ତା'ର ୪୦ ବର୍ଷ ପୂର୍ବେ ଓଡ଼ିଶାରେ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଏହି ସଂଗ୍ରାମ ହୋଇଥିଲି ।

ବ୍ରିଟିଶ୍ ଶାସନର ପ୍ରଥମ ଭାଗରେ ଓଡ଼ିଶାରେ ଯେଉଁ ରାଜନୈତିକ ବିଦ୍ରୋହ ଦେଖା ଦେଇଥିଲି ତା'ର କାରଣ ଅନୁସନ୍ଧାନ କରି ପ୍ରତିକାରପାଇଁ ସୁପାରିଶ କରିବାନିମନ୍ତେ ବ୍ରିଟିଶ୍ ସରକାର ସେତେବେଳର କଟକର ସାମରିକ କମିଶନର୍ ଓ୍ୱାଲଟର୍ ଏଣ୍ଡରଙ୍କୁ ତଦନ୍ତ କମିଶନ ନିଯୁକ୍ତ କରିଥିଲେ । ଏହି କମିଶନଙ୍କ ସୁପାରିଶଗୁଡ଼ିକୁ ଇଂରେଜ ସରକାର କାର୍ଯ୍ୟକାରୀ କରିବାପାଇଁ ଉଦ୍ୟମ କଲେ । ସେହି ଅନୁସାରେ ବ୍ରିଟିଶ୍ ଶାସନ ପଦ୍ଧତିରେ କେତେକ ପରିବର୍ତ୍ତନ କରାଯାଇଥିଲି । ଓଡ଼ିଆ ଜମିଦାରଙ୍କ ହାତରୁ ଚାଲିଯାଇଥିବା ଅନେକ ଜମିଦାରୀ ପୁଣି ସେମାନଙ୍କୁ



Digitized by srujanika@gmail.com

ଫେରାଇ ଦିଆଯାଇଥିଲା । ଏହା ଫଳରେ କେତେକ ପରିମାଣରେ ଓଡ଼ିଆ ଜମିଦାରଙ୍କ ପୁନଃ ସଂସ୍ଥାନ ବ୍ୟବସ୍ଥା ହୋଇପାରିଥିଲା । ଜମା ପରିମାଣ କମାଇ ଦିଆ ହେବାରୁ ତାହା ତମ୍ବା ଓ କଉଡ଼ି ଭିତରେ ଥିବା ଆନୁପାତିକ ଭାଗକୁ ହ୍ରାସ କରିଦେଇଥିଲା । ଲୁଣର ଦାମକୁ ମଧ୍ୟ କମାଇ ଦିଆଯାଇଥିଲା ଏବଂ ଓଡ଼ିଶାରେ ଅଧିକ ପରିମାଣର ଲୁଣ ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଇଥିଲା । ଏହିପରିଭାବରେ ବ୍ରିଟିଶ୍ ସରକାର କେତେକ ପଦକ୍ଷେପ ନେଇ ସେତେବେଳେ ଓଡ଼ିଶାବାସୀ ଲୋକଙ୍କ ଭିତରେ ଯେଉଁ ତୀବ୍ର ଅସନ୍ତୋଷ ଥିଲା ତାକୁ ପ୍ରଶମିତ କରିବାପାଇଁ ଉଦ୍ୟମ କରିଥିଲେ ।

## ଉପକୂଳ ଅଞ୍ଚଳରେ ନଅଙ୍କ ଦୁର୍ଭିକ୍ଷ :

ରାଜନୈତିକ ସ୍ତରରେ ଲୋକଙ୍କୁ ସନ୍ତୁଷ୍ଟ କରିବାପାଇଁ ବ୍ରିଟିଶ ସରକାର କେତେକ ପଦକ୍ଷେପ ନେଇଥିଲେ ମଧ୍ୟ ଉପକୂଳବର୍ତ୍ତୀ ଜିଲ୍ଲା ଅଧିବାସୀମାନଙ୍କ ଅର୍ଥନୈତିକ ଅବସ୍ଥାର ଉନ୍ନତିପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ । ସେତେବେଳେ ବଙ୍ଗ ପ୍ରଦେଶର ରାଜଧାନୀ କଲିକତା ଥିଲା ଭାରତବର୍ଷର ରାଜଧାନୀ । ଏହିଠାରେ ହିଁ ବ୍ରିଟିଶ ସରକାରଙ୍କ କେନ୍ଦ୍ର ଦପ୍ତରଗୁଡ଼ିକ ଥିଲା । ବ୍ରିଟିଶ ସରକାର ବଙ୍ଗ ପ୍ରଦେଶରେ ବିଭିନ୍ନ କ୍ଷେତ୍ରରେ ଉନ୍ନୟନପାଇଁ ଆଧୁନିକ ପରିକଳ୍ପନାମାନ କାର୍ଯ୍ୟକାରୀ କରିଥିଲେ । ବିଶେଷଭାବରେ ଶିକ୍ଷା, ଶିଳ୍ପ, ଜଳସେଚନ ଓ ଯୋଗାଯୋଗ କ୍ଷେତ୍ରରେ ଆଧୁନିକ ପରିକଳ୍ପନାମାନ ପ୍ରବର୍ତ୍ତନ କରାଯାଇଥିଲା । ମାତ୍ର ସେତେବେଳେ ବଙ୍ଗ ପ୍ରଦେଶର ଅନ୍ତର୍ଭୁକ୍ତ ହୋଇଥିବା ଓଡ଼ିଆଭାଷୀ ଉପକୂଳବର୍ତ୍ତୀ ଅଞ୍ଚଳ ଓଡ଼ିଆ ଡିଭିଜନ୍ ସେହିସବୁ ଆଧୁନିକ ଉନ୍ନୟନରୁ ବଞ୍ଚିତ ହୋଇଥିଲା । ଏହା ଫଳରେ ବ୍ରିଟିଶ ଶାସନାଧୀନ ବଙ୍ଗପ୍ରଦେଶ ଭିତରେ ୬୩ ବର୍ଷ ରହିବାପରେ ଓଡ଼ିଆ ଡିଭିଜନ୍ ଅନ୍ତର୍ଗତ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ଏକ ଭୟାବହ ଦୁର୍ଭିକ୍ଷ ହୋଇ ପ୍ରାୟ ୧୦ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ । ଏକଦା କଳିଙ୍ଗ ରାଜ୍ୟର ଏହି ଅଞ୍ଚଳ କେନ୍ଦ୍ରସ୍ଥଳ ଥିଲା ଏବଂ ଏହା ଥିଲା କଳିଙ୍ଗର ସର୍ବାପେକ୍ଷା ସମ୍ପଦଶାଳୀ ଅଞ୍ଚଳ । ଏହାର ନଦୀ ଉପତ୍ୟକା ଉର୍ବର ଅଞ୍ଚଳ ସମଗ୍ର ରାଜ୍ୟକୁ ଖାଦ୍ୟଶସ୍ୟ ଯୋଗାଉଥିଲା ଏବଂ ଏହିଠାରୁ ସମଗ୍ର ଦକ୍ଷିଣପୂର୍ବ ଏସିଆକୁ ଓଡ଼ିଆ ବଣିକମାନେ ବାଣିଜ୍ୟ ସମ୍ଭାର ନେଇ ଯାଉଥିଲେ । କାଳକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଏହି ଅଞ୍ଚଳର ଦୁର୍ଦ୍ଦଶା ବୃଦ୍ଧିପାଇବାରେ ଲାଗିଲା । କ୍ରମାଗତଭାବରେ ଅଧିକ ବର୍ଷା ତଥା ବର୍ଷାହାନି ଫଳରେ ଖାଦ୍ୟଶସ୍ୟ ଉତ୍ପାଦନରେ ସବୁବେଳେ



Digitized by srujanika@gmail.com

ଅନିଶ୍ଚିତ ଅବସ୍ଥା ଦେଖାଦେଲା । ଅଧିକ ବର୍ଷା ହେଲେ ବନ୍ୟା ହୋଇ ଧାନ ଧୋଇଗଲା ଏବଂ ବର୍ଷା ନ ହେଲେ ମରୁଡ଼ି ହେଲା । ବନ୍ୟାରୁ ରକ୍ଷାପାଇବା-ପାଇଁ ଯେଉଁ କେତେକ ବନ୍ଧବାଡ଼ ଥିଲା ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ତାହା ଚାଷୀଙ୍କୁ ବନ୍ୟାଦାଉରୁ ରକ୍ଷା କରିପାରିଲା ନାହିଁ ଏବଂ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ ନ ହେବାରୁ ମରୁଡ଼ିବେଳେ ଫସଲକୁ ରକ୍ଷାକରାଯାଇ ପାରିଲା ନାହିଁ । ତେଣୁ କାଳକ୍ରମେ କେବଳ ଧାନ ଉପରେ ନିର୍ଭର କରି ରହିଥିବା ଏହି ଉପକୂଳ ଅଞ୍ଚଳ ଅଧିବାସୀଙ୍କ ଅର୍ଥନୈତିକ ଅବସ୍ଥାର ଘୋର ଅବନତି ଘଟିଲା ।

ଏହି ପରିପ୍ରେକ୍ଷୀରେ ୧୮୬୬ ମସିହାରେ ବଙ୍ଗପ୍ରଦେଶସହିତ ଯୋଡ଼ି ହୋଇ ରହିଥିବା ଓଡ଼ିଶାର ଉପକୂଳବର୍ତ୍ତୀ କଟକ, ପୁରୀ ଓ ବାଲେଶ୍ୱର ଜିଲାର ବିସ୍ତୃତ ଅଞ୍ଚଳରେ ଭୀଷଣ ମରୁଡ଼ି ଯୋଗୁ ଧାନ ଉତ୍ପାଦନ ବହୁ ପରିମାଣରେ କମିଗଲା । ଯେଉଁ କେତେକ ବଡ଼ ଚାଷୀଙ୍କ ପାଖରେ କିଛି ବଳକା ଚାଉଳ ଥିଲା ତାକୁ ସେମାନେ ଲୁଚେଇ ଦେଲେ । ସେତେବେଳେ କଟକ ଓ ପୁରୀର ଇଂରେଜ କଲେକ୍ଟର୍‌ମାନେ ତତ୍କାଳୀନ ଓଡ଼ିଶା ରାଜସ୍ୱ କମିଶନର୍ ଟି. ଇ. ରେଭେନ୍‌ସାଙ୍କୁ ଏ ଅବସ୍ଥା ଜଣେଇଲେ ମଧ୍ୟ ସେ ଏହାର ଗୁରୁତ୍ୱ ଉପଲବ୍ଧି କରି-ପାରିଲେ ନାହିଁ । ତେଣୁ ବାହାରୁ ଚାଉଳ ମଗାଇ ଲୋକଙ୍କୁ ଯୋଗାଇ ଦେବାର କୌଣସି ବ୍ୟବସ୍ଥା ହେଲା ନାହିଁ । ସେ ଯେତେବେଳେ ନିଜେ ଜାଣିଲେ ଯେ ଜେଲ୍‌ର କଏଦି ଓ ପୋଲିସ୍‌ଙ୍କୁ ଯୋଗାଇ ଦେବାକୁ ଚାଉଳ ନାହିଁ, ସେତେବେଳେ ଯାଇ ଏହାର ଗୁରୁତ୍ୱ ହୃଦୟଙ୍ଗମ କଲେ ଏବଂ ବଙ୍ଗଳାରୁ ଚାଉଳ ମଗେଇଲେ । ସେତେବେଳେ କଲିକତାରୁ ଓଡ଼ିଶାକୁ ରେଳରାସ୍ତା ନ ଥିବାରୁ ଷ୍ଟିମର୍‌ଯୋଗେ ଚାଉଳ ଧାମରା ବନ୍ଦରକୁ ଆସୁଥିଲା । ଏଥିପାଇଁ ବହୁ ଦିନ ଲାଗିଗଲା ଏବଂ ଚାଉଳ ଆସି ପହଞ୍ଚିଲାବେଳକୁ ବର୍ଷା ହୋଇଗଲା । ତେଣୁ ଷ୍ଟିମର୍‌ରୁ ଚାଉଳ କାଢ଼ିଆଣିବାରେ ଅସୁବିଧା ହେଲା । ଏହା ଭିତରେ ଅନାହାର ଯୋଗୁଁ ମୃତ୍ୟୁ ସଂଖ୍ୟା ଭୟାବହଭାବରେ ବୃଦ୍ଧି ପାଇବାରେ ଲାଗିଥାଏ । ଚାଉଳ ଆସି ପହଞ୍ଚିବା ପରେ ଅନ୍ନଛତ୍ର ଦିଆହୋଇ ଓ ରିଲିଫ୍ ବଣ୍ଟାଯାଇ ଅବସ୍ଥା ସମ୍ଭାଳିବାକୁ ସରକାର ଉଦ୍ୟମ କରିଥିଲେ ମଧ୍ୟ ଏହି ତିନୋଟି ଜିଲାରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଲୋକ ମୃତ୍ୟୁମୁଖରେ ପଡ଼ିଲେ । ସେତେବେଳେ ଓଡ଼ିଶା ଡିଭିଜନ୍‌ର ଲୋକସଂଖ୍ୟା ୩୦ ଲକ୍ଷରୁ କିଛି ଅଧିକ ହୋଇଥିବାରୁ ଏହି ଦୁର୍ଭିକ୍ଷରେ ଏକ ତୃତୀୟାଂଶ ଲୋକ ପ୍ରାଣ ହରାଇଥିଲେ ବୋଲି କୁହାଯାଇପାରେ । ଏହାକୁ ନଅଙ୍କ ଦୁର୍ଭିକ୍ଷ ବୋଲି କୁହାଯାଇଥାଏ ।



Digitized by srujanika@gmail.com

ଏହି ଦୁର୍ଭିକ୍ଷର ଭୟାବହ ସ୍ମୃତି ବହୁକାଳ ପର୍ଯ୍ୟନ୍ତ ଲୋକଙ୍କୁ ଆତଙ୍କିତ କରିଥିଲା ।

ଏହି ଦୁର୍ଭିକ୍ଷର କାରଣ ଅନୁସନ୍ଧାନ କରିବାପାଇଁ ବ୍ରିଟିଶ ସରକାର ଯେଉଁ କମିଶନ୍ ବସାଇଥିଲେ ସେହି କମିଶନ୍ ତତ୍କାଳୀନ୍ ସରକାରୀ କର୍ମକର୍ତ୍ତାଙ୍କ ଅବହେଳା ଓ ଅଯୋଗ୍ୟତା ଯୋଗୁ ଅନାହାରରେ ଏତେ ଲୋକଙ୍କ ମୃତ୍ୟୁ ଘଟିଲା ବୋଲି ମତପ୍ରକାଶ କରିଥିଲେ । ବିଲାତ ପାର୍ଲିଆମେଣ୍ଟରେ ଏହି ଦୁର୍ଭିକ୍ଷ ସମ୍ବନ୍ଧରେ ୧୮୬୭ରେ ଯେଉଁ ଆଲୋଚନା ହେଲା ତା'ର ଉତ୍ତରରେ ନିଜେ ଭାରତ ମନ୍ତ୍ରୀ (ସେକ୍ରେଟେରୀ ଅଫ୍ ଷ୍ଟେଟ୍ ଫର୍ ଇଣ୍ଡିଆ) ଲର୍ଡ ନର୍ଥ କୋର୍ଟ ସ୍ୱୀକାର କରିଥିଲେ ଯେ "ଏହି ଭୟାବହ ଦୁର୍ଭିକ୍ଷ ଭାରତରେ ବ୍ରିଟିଶ ଶାସନର ବିଫଳତାର ଏକ ସ୍ମୃତିସ୍ତମ୍ଭ ହୋଇ ରହିବ" । ସେ ମତ ପ୍ରକାଶ କରିଥିଲେ ଯେ ଜରୁରୀକାଳୀନ ଅବସ୍ଥା ସମ୍ଭାଳିବାକୁ ବ୍ରିଟିଶ ଶାସନ ବ୍ୟବସ୍ଥାରେ ଯେ ଘୋର ତ୍ରୁଟି ରହିଛି ଏଥିରୁ ତା'ର ପ୍ରମାଣ ମିଳିଲା । ଓଡ଼ିଶାର ତତ୍କାଳୀନ ରେଭିନ୍ୟୁ କମିଶନର୍ ଏହି ଦୁର୍ଭିକ୍ଷବେଳେ ନିଜର ଅବହେଳା ଓ ଉଦାସୀନତାପାଇଁ ଅନୁତପ୍ତ ହୋଇ ଓଡ଼ିଶାରେ ଶିକ୍ଷାର ପ୍ରସାର ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରେ ମନ ଦେଲେ ଓ ଓଡ଼ିଆ ଭାଷା ସପକ୍ଷରେ ତାଙ୍କ ଦୃଢ଼ମତ ପ୍ରକାଶ କଲେ ।

## ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଆଭାଷୀଙ୍କ ଭିତରେ ନବ ଜାଗରଣ :

୧୮୬୬ ମସିହାର ଭୟାବହ ନଅଙ୍କ ଦୁର୍ଭିକ୍ଷ ଯାହା କି ବହୁ କାଳ ପର୍ଯ୍ୟନ୍ତ ଓଡ଼ିଆଭାଷୀଙ୍କ ଭିତରେ ଆତଙ୍କର ସଞ୍ଚାର କରୁଥିଲା ତାହା କୋପରେ ଓଡ଼ିଆଙ୍କୁ କିଛି ବରଦେଇ ଯାଇଥିଲା । ଏହି ଦୁର୍ଭିକ୍ଷ ଫଳରେ ସମଗ୍ର ଓଡ଼ିଆ-ଭାଷୀ ନିର୍ମମଭାବରେ ଇଂରେଜ ସରକାରଙ୍କଦ୍ୱାରା ଅବହେଳିତ ଓ ଉପେକ୍ଷିତ ହୋଇ ରହିଛନ୍ତି ବୋଲି ଅନୁଭବ କରିଥିଲେ । ଓଡ଼ିଆଭାଷୀ ସଙ୍ଗଠିତଭାବରେ ନିଜର ନ୍ୟାୟସଙ୍ଗତ ଦାବି ପୂରଣପାଇଁ ଆନ୍ଦୋଳନ କରି ନ ଥିବାରୁ ଏପରି ଉପେକ୍ଷିତ ଓ ଅବହେଳିତ ହୋଇ ରହିଛନ୍ତି ବୋଲି ଉପଲବ୍ଧି କରି ସଙ୍ଗଠିତ-ଭାବରେ ଓଡ଼ିଆଭାଷୀ ଅଞ୍ଚଳର ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା ସକାଶେ ଆନ୍ଦୋଳନ ଚଳେଇବାପାଇଁ ବୁଦ୍ଧିଜୀବୀମାନେ ଚିନ୍ତା କଲେ । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବର୍ଷ କର୍ମବୀର ଗୌରୀଶଙ୍କର ରାୟ ସାପ୍ତାହିକ 'ଉତ୍କଳ-ଦୀପିକା' ପତ୍ରିକା ପ୍ରକାଶ କଲେ । ଏହା ପୂର୍ବରୁ ଖ୍ରୀଷ୍ଟିୟାନ ମିଶନାରୀ-ମାନେ ଅବଶ୍ୟ କେତୋଟି ପତ୍ରିକା ପ୍ରକାଶ କରିଥିଲେ । ସେଥିରେ କିନ୍ତୁ କିଛି



Digitized by srujanika@gmail.com

ସ୍ଥାନୀୟ ସମ୍ବାଦ ସ୍ଥାନ ପାଉଥିଲେ ମଧ୍ୟ ମୁଖ୍ୟତଃ ଏହା ଧର୍ମପ୍ରଚାର ଉଦ୍ଦେଶ୍ୟରେ ହିଁ ପ୍ରକାଶ ପାଉଥିଲା; ମାତ୍ର 'ଉତ୍କଳ-ଦୀପିକା' ହିଁ ଯଥାର୍ଥରେ ଓଡ଼ିଶାର ପ୍ରଥମ ସମ୍ବାଦ ପତ୍ର । କର୍ମବୀର ଗୌରୀଶଙ୍କର ସରକାରୀ ଚାକିରୀ ଛାଡ଼ି ଏହି ପତ୍ରିକା ପ୍ରକାଶନରେ ମନୋନିବେଶ କରିଥିଲେ । 'ଉତ୍କଳ-ଦୀପିକା' ସେତେବେଳେ ଓଡ଼ିଶାର ବୁଦ୍ଧିଜୀବୀମାନଙ୍କ ମୁଖପତ୍ରରୂପେ କାର୍ଯ୍ୟ କରିଥିଲା । ଓଡ଼ିଆଭାଷୀଙ୍କ ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ସମସ୍ୟାଗୁଡ଼ିକୁ ଯୁକ୍ତିଯୁକ୍ତଭାବରେ ସରକାରଙ୍କ ନିକଟରେ ଉପସ୍ଥାପିତ କରି ଏଥିପାଇଁ ପ୍ରତିକାର ଲୋଡ଼ିବା ଥିଲା ଏହି ପତ୍ରିକା ପ୍ରକାଶନର ମୁଖ୍ୟ ଉଦ୍ଦେଶ୍ୟ । ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ 'ଉତ୍କଳ-ଦୀପିକା' ଅବହେଳିତ ଓଡ଼ିଆଭାଷୀଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲା । ଏହା ପରେ ଅନେକ ଓଡ଼ିଆ ପତ୍ରପତ୍ରିକା ପ୍ରକାଶିତ ହୋଇଥିଲେ ମଧ୍ୟ 'ଉତ୍କଳ-ଦୀପିକା'ର ପ୍ରଭାବ ହ୍ରାସ ପାଇ ନ ଥିଲା । ସେତେବେଳେ କର୍ମବୀର ଗୌରୀଶଙ୍କରଙ୍କସହିତ କପିଳେଶ୍ୱର ବିଦ୍ୟାଭୂଷଣ, ଜଗମୋହନ ଲାଲା, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଦ୍ୱାରିକାନାଥ ଚକ୍ରବର୍ତ୍ତୀ ଓ ବିଚିତ୍ରାନନ୍ଦ ଦାସ ପ୍ରମୁଖ 'ଉତ୍କଳ-ଦୀପିକା' ତଥା ଓଡ଼ିଆ ପାଠ୍ୟପୁସ୍ତକ ଏବଂ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନରେ ଅଗ୍ରଣୀ ହୋଇଥିଲେ । ଓଡ଼ିଆ ଆନ୍ଦୋଳନର ଦୀର୍ଘ ଇତିହାସରେ ଏହି କର୍ମବୀରମାନେ ଚିରସ୍ମରଣୀୟ ହୋଇ ରହିବେ ।

## ଓଡ଼ିଶା ଡିଭିଜନ୍‌କୁ ବଙ୍ଗଳାରୁ ଅଲଗା କରିବାପାଇଁ ସୁପାରିଶ :

ନଅଙ୍କ ଦୁର୍ଭିକ୍ଷ ପରେ ବ୍ରିଟିଶ ସରକାର ଏହାର କାରଣ ଅନୁସନ୍ଧାନ-ପାଇଁ ଯେଉଁ କମିଶନ୍ ନିଯୁକ୍ତ କରିଥିଲେ ସେହି କମିଶନ୍ ତାଙ୍କ ରିପୋର୍ଟରେ ପରିସ୍ଥିତିକୁ ହୃଦୟଙ୍ଗମ କରି ଆୟତ୍ତ କରିବାରେ ଅକ୍ଷମ ହୋଇଥିବାରୁ ଓଡ଼ିଆ ଡିଭିଜନ୍‌ର ତତ୍କାଳୀନ ସରକାରୀ ଅଫିସରମାନଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଏହା ବ୍ରିଟିଶ ପାର୍ଲିଆମେଣ୍ଟରେ ଆଲୋଡ଼ନ ସୃଷ୍ଟି କରିଥିଲା । ତତ୍କାଳୀନ ଭାରତମନ୍ତ୍ରୀ ଲର୍ଡ ନର୍ଥ କୋର୍ଟ ବିଲାତ ପାର୍ଲିଆମେଣ୍ଟରେ ଏ ସମ୍ପର୍କୀୟ ଆଲୋଚନାର ଉତ୍ତର ପ୍ରସଙ୍ଗରେ ବଙ୍ଗପ୍ରଦେଶର ପ୍ରଶାସନିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାପାଇଁ ମତ ପ୍ରକାଶ କରିଥିଲେ । ସେ ଭାରତର ବଡ଼ଲାଟ୍‌ଙ୍କୁ ୧୮୬୭ ମସିହା ଜୁଲାଇ ମାସରେ ଏସମ୍ପର୍କରେ ଏକ ପତ୍ର ଲେଖି ବଙ୍ଗପ୍ରଦେଶରୁ ଅଲଗା କରି ଓଡ଼ିଶା ଡିଭିଜନ୍ ତଥା ଆସାମକୁ ମିଶାଇ ଗୋଟିଏ କମିଶନର୍ ପ୍ରଦେଶ ଗଠନପାଇଁ ପ୍ରସ୍ତାବ ଦେଇଥିଲେ । ତତ୍କାଳୀନ ବଡ଼ଲାଟ୍ ଜନ୍ ଲରେନ୍‌ସ ବଙ୍ଗପ୍ରଦେଶ ଲେଫ୍‌ଟେନାଣ୍ଟ୍‌ଙ୍କୁ ଏସମ୍ପର୍କରେ ନିଜର ମତାମତ ଜଣାଇ ଲେଖିଲେ



Digitized by srujanika@gmail.com

ଯେ ଜଣେ କମିଶନର୍‌ଙ୍କ ଅଧୀନରେ ଓଡ଼ିଶାକୁ ଅଲଗା କରି ରଖିବାପାଇଁ ତାଙ୍କର କୌଣସି ଵିରୋଧ ନାହିଁ; ମାତ୍ର ଏହା କରିବାକୁ ହେଲେ ବହୁ ପରିମାଣ ଅର୍ଥ ଆବଶ୍ୟକ ହେବ ଏବଂ ଏହା ଓଡ଼ିଶା ବିରୁଦ୍ଧରେ ଯିବ । ଯାହାହେଉ ଶେଷରେ ଆସାମ୍ ଓ ଆଉ କେତୋଟି ଜିଲ୍ଲା ମିଶି ଏକ ସ୍ୱତନ୍ତ୍ର କମିଶନର୍‌ରୂପେ ଗଠିତ ହେଲା; ମାତ୍ର ଓଡ଼ିଶା ପୂର୍ବଭଳି ବଙ୍ଗପ୍ରଦେଶସହିତ ରହିଲା । ଲର୍ଡ ନର୍ଥ-କୋର୍ଟଙ୍କ ମତାମତ ଓଡ଼ିଆଭାଷୀଙ୍କ ମନରେ ଏତିକେ ଆଶା ସଞ୍ଚାର କଲା ଯେ ସଙ୍ଗଠିତଭାବରେ ସେମାନେ ନିଜର ଦାବି ଉପସ୍ଥାପିତ କଲେ ବ୍ରିଟିଶ ଶାସନର ସର୍ବୋଚ୍ଚ ସ୍ତରରେ ତା'ର ସୁବିଚାର ହୋଇପାରିବ ।

ସେହି ବର୍ଷ ଭାରତ ସରକାରଙ୍କ ଏକାଉଣ୍ଟାଣ୍ଟ ଜେନେରାଲ୍ ତାଙ୍କ ପ୍ରଣୀତ 'ଇଣ୍ଡିଆନ ପଲିଟି' ନାମକ ପୁସ୍ତକରେ ମତ ପ୍ରକାଶ କରିଥିଲେ ଯେ "ବଙ୍ଗ-ପ୍ରଦେଶ, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଏକାଠି ମିଶାଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ଉଚିତ ।" ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଦିଗରେ ଏହିଭଳି ମତାମତ ପ୍ରେରଣା ଯୋଗାଇଥିଲା ।

## ଓଡ଼ିଶାରେ ପ୍ରଥମ ରେଲ୍‌ଲାଇନ ଓ ଜଳସେଚନ ଯୋଜନା :

ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାର ବୁଦ୍ଧିଜୀବୀମାନେ 'ଉତ୍କଳ-ଦୀପିକା' ତଥା ଅନ୍ୟାନ୍ୟ ପତ୍ରପତ୍ରିକା ଜରିଆରେ ଓଡ଼ିଶାର ଅର୍ଥନୈତିକ ଦୁର୍ଦ୍ଦଶାର ଚିତ୍ର ସରକାରଙ୍କ ନିକଟରେ ଉପସ୍ଥାପିତ କରିବା ଫଳରେ ଓଡ଼ିଶାର ଜଳସେଚନ ଯୋଜନା ଓ ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଲା । ତଥାପି ନଅଙ୍କ ଦୁର୍ଭିକ୍ଷର ୩୩ ବର୍ଷ ପରେ ୧୮୯୯ ରେ ଓଡ଼ିଶାରେ ପ୍ରଥମ ରେଳବାଇ ଲାଇନ ପଡ଼ିଲା ଏବଂ ୧୭ ବର୍ଷ ପରେ ପ୍ରଥମ ସ୍ଥାୟୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଲା । ନଅଙ୍କ ଦୁର୍ଭିକ୍ଷ ପର ବର୍ଷ କଟକରେ ପ୍ରଥମ କଲେଜ ଓ ମେଡିକାଲ ସ୍କୁଲ ସ୍ଥାପିତ ହେଲା ଏବଂ କଟକ ନର୍ମାଲ ଟ୍ରେନିଙ୍ଗ ସ୍କୁଲ ଖୋଲା ହେଲା । ଏହିପରି ନଅଙ୍କ ଦୁର୍ଭିକ୍ଷ କୋପରେ ଓଡ଼ିଆଭାଷୀଙ୍କୁ କିଛି ବର ଦେଇ ଯାଇଥିଲା ।

## ଶିକ୍ଷା କ୍ଷେତ୍ରରେ ଓଡ଼ିଆଙ୍କ ପ୍ରତି ଅବହେଳା :

ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଯାହାକୁ ପ୍ରଥମେ କଟକ ପ୍ରଦେଶ ବୋଲି କୁହାଯାଉଥିଲା ଏବଂ ପରେ ତାହା ଓଡ଼ିଶା ଡିଭିଜନ୍ ନାମରେ ନାମିତ



Digitized by srujanika@gmail.com

ହେଲା, ଏହି ଅଞ୍ଚଳ ବଙ୍ଗପ୍ରଦେଶସହିତ ଯୋଡ଼ି ହୋଇ ରହିବାର ୫୦ ବର୍ଷ ଭିତରେ ସେଠାରେ ଆଧୁନିକ ଶିକ୍ଷାର ପ୍ରସାରପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ । ୧୮୫୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲେ ମଧ୍ୟ ସେତେବେଳେ ଓଡ଼ିଶାରେ ମାତ୍ର ଗୋଟିଏ ହାଇସ୍କୁଲ୍ ଓ ସାମାନ୍ୟ କେତୋଟି ମାଇନର୍ ସ୍କୁଲ ସ୍ଥାପିତ ହୋଇଥାଏ । ଓଡ଼ିଶାରେ କଲେଜଟିଏ ନ ଥିବାରୁ ଓଡ଼ିଆ ପିଲାମାନଙ୍କୁ ଉଚ୍ଚଶିକ୍ଷା ପାଇବାପାଇଁ କଲିକତା ଯିବାକୁ ପଡୁଥିଲା । ଓଡ଼ିଶାରେ ଇଂରାଜୀ ଶିକ୍ଷିତ ଲୋକଙ୍କ ସଂଖ୍ୟା ନଗଣ୍ୟ ହୋଇ-ଥିବାରୁ କିରାଣି ହେବାକୁ ବା ସ୍କୁଲ ଶିକ୍ଷକ ହେବାକୁ ମଧ୍ୟ ଓଡ଼ିଆ ମିଳୁ ନ ଥିଲେ ତେଣୁ ବଙ୍ଗପ୍ରଦେଶରୁ କିରାଣି ଓ ଶିକ୍ଷକମାନେ ଆସି ଓଡ଼ିଶାରେ ଚାକିରି କରିଥିଲେ । ୧୮୦୩ ମସିହାଠାରୁ ଓଡ଼ିଶା ବଙ୍ଗପ୍ରଦେଶସହିତ ଅନ୍ତର୍ଭୁକ୍ତ ହେବା ସଙ୍ଗେ ସଙ୍ଗେ ବଙ୍ଗପ୍ରଦେଶରେ ପ୍ରଚଳିତ ସମସ୍ତ ଆଇନକାନୁନ ଓଡ଼ିଶାରେ ପ୍ରଚଳିତ ହେଲା ; ମାତ୍ର ସେସବୁ ଇଂରାଜୀ ଭାଷାରେ ଲେଖା ହୋଇ-ଥିବାରୁ ଓଡ଼ିଆ ଲୋକେ ତାହା ବୁଝିପାରୁ ନ ଥିଲେ । ଏହା ଫଳରେ ଶାସନରେ ବିଭ୍ରାଟ ଘଟିଲା ଏବଂ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇଲା । ଯେଉଁସବୁ କାରଣରୁ ଜନ ଅସନ୍ତୋଷ ସୃଷ୍ଟି ହୋଇ ୧୮୧୭ ସାଲରେ ଇଂରେଜ ଶାସନ ବିରୁଦ୍ଧରେ ଓଡ଼ିଶାରେ ବିଦ୍ରୋହ ହୋଇଥିଲା, ଏହା ଥିଲା ସେଥିଭିତରୁ ଅନ୍ୟତମ ।

## ଓଡ଼ିଆ ଭାଷା ଉଠାଇ ଦେବାପାଇଁ ହୀନ ଚକ୍ରାନ୍ତ :

ଓଡ଼ିଶାର ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ଅଫିସ୍‌ରେ ଯେଉଁ ବଙ୍ଗୀୟ କର୍ମଚାରୀ ଏବଂ ବଙ୍ଗୀୟ ଶିକ୍ଷକମାନେ ଥିଲେ ସେମାନେ ତାଙ୍କର ଆତ୍ମୀୟ ଓ ପରିଚିତ ବ୍ୟକ୍ତିମାନଙ୍କୁ ଆଣି ଓଡ଼ିଶାରେ ବିଭିନ୍ନ ସରକାରୀ ଅଫିସ ଓ ସ୍କୁଲରେ ନିଯୁକ୍ତ ଦେବାର ବ୍ୟବସ୍ଥା କଲେ । ଏହି ବଙ୍ଗାଳୀ କର୍ମଚାରୀମାନେ ସେମାନଙ୍କ ପିଲାମାନଙ୍କୁ ବଙ୍ଗଳା ଭାଷାରେ ଶିକ୍ଷା ଦେବାପାଇଁ ବଙ୍ଗଳା ସରକାରଙ୍କ ନିକଟରେ ପ୍ରସ୍ତାବ ଦେଲେ । ସେତେବେଳେ ଓଡ଼ିଆରେ ପାଠ୍ୟ ପୁସ୍ତକର ଅଭାବ ଥିବାରୁ ଏହା ସେମାନଙ୍କୁ ସୁହାଇଥିଲା । ବଙ୍ଗପ୍ରଦେଶ ସରକାର ମଧ୍ୟ ସେମାନଙ୍କ ଦାବିକୁ ପ୍ରଥମେ ଗ୍ରହଣ କରିନେଇ ଓଡ଼ିଶାର ସ୍କୁଲମାନଙ୍କରେ ବଙ୍ଗଳା ଭାଷା ମାଧ୍ୟମରେ ଶିକ୍ଷା ଦେବାପାଇଁ ଆଦେଶ ଦେଇଥିଲେ ଏବଂ ସେଥିପାଇଁ ବଙ୍ଗଳାରୁ ପାଠ୍ୟପୁସ୍ତକମାନ ଅଣାଇଥିଲେ । ଏହି ସମୟରେ ଓଡ଼ିଆ ଭାଷାକୁ ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କରୁ ପୂରାପୂରି ଉଠାଇ



Digitized by srujanika@gmail.com

ଦେବାପାଇଁ ଏକ ହୀନ ଚକ୍ରାନ୍ତ ଚାଲିଥିଲା । ଓଡ଼ିଶାରେ ଥିବା ସେତେବେଳର ସ୍କୁଲ ଶିକ୍ଷକ ଓ ଶିକ୍ଷା ବିଭାଗ ପରିଦର୍ଶକମାନେ ଏହାର ନେତୃତ୍ୱ ନେଇଥିଲେ । ୧୮୬୯ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ସ୍କୁଲରେ କାର୍ଯ୍ୟ କରୁଥିବା ଜଣେ ଶିକ୍ଷକ କାନ୍ତିଲାଲ ଭଟ୍ଟାଚାର୍ଯ୍ୟ "ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନଏ" ବୋଲି ଖଣ୍ଡିଏ ପୁସ୍ତକ ପ୍ରକାଶ କରିଥିଲେ । ତାଙ୍କଭଳି ବଙ୍ଗୀୟ କର୍ମଚାରୀମାନଙ୍କର ଯୁକ୍ତି ଥିଲା ଯେ ବଙ୍ଗଳା ଭାଷାସହିତ ଓଡ଼ିଆ ଭାଷାର ବହୁଳ ସାମଞ୍ଜସ୍ୟ ଥିବାରୁ ଓ ଓଡ଼ିଆରେ ପାଠ୍ୟପୁସ୍ତକ ଅଭାବ ଥିବାରୁ ଓଡ଼ିଶାର ସ୍କୁଲମାନଙ୍କରେ ବଙ୍ଗଳା ଭାଷା ମାଧ୍ୟମରେ ଶିକ୍ଷା ଦିଆଯାଉ କିମ୍ବା ବଙ୍ଗଳାସହିତ ଓଡ଼ିଆ ଭାଷାରେ ଶିକ୍ଷା ଦିଆଯାଉ । ସେହି ସମୟରେ ବାଲେଶ୍ୱର ଜିଲାର ଶିକ୍ଷା ବିଭାଗ ଡେପୁଟି ଇନ୍‌ସ୍‌ପେକ୍ଟର ଶିବଦାସ ଭଟ୍ଟାଚାର୍ଯ୍ୟ ଏହିଭଳି ମତର ସମର୍ଥକ ଥିଲେ । ଏହିଭଳି ମତ ବିରୁଦ୍ଧରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ତୀବ୍ର ପ୍ରତିବାଦ ହେଲା । ଏସମ୍ପର୍କରେ 'ଉତ୍କଳ-ଦୀପିକା' ୩୦ । ୪ । ୭୦ ତାରିଖରେ ଦୀର୍ଘ ସମାଲୋଚନାମୂଳକ ଲେଖାରେ ସେମାନଙ୍କ ଯୁକ୍ତିକୁ ଦୃଢ଼ଭାବରେ ଖଣ୍ଡନ କରିଥିଲେ । ଏଥିରେ ମତ ପ୍ରକାଶ ପାଇଥିଲା "ବଙ୍ଗଳା ଓଡ଼ିଆ ଓ ଆସାମୀ ଏକ ମୂଳରୁ ସମୁତ୍ପନ୍ନ । ମୂଳବୃକ୍ଷ କାଳ ସହକାରେ ଲୋପ ପାଇଛି । ଶାଖାମାନ ଆପଣା ଆପଣା ଅନ୍ତର୍ନିହିତ ଶକ୍ତି ପ୍ରଭାବରେ ପରସ୍ପର ନିରପେକ୍ଷ ହୋଇ ପ୍ରାଣ ଧାରଣ କରୁଛନ୍ତି । ବର୍ତ୍ତମାନ ବଙ୍ଗଳା ଓ ଓଡ଼ିଆଭାଷା ସମଧିକ ପରିପୁଷ୍ଟ ଓ ସ୍ୱାଧୀନଭାବରେ ପ୍ରାଣ ଧାରଣର ଉପଯୋଗୀ ଅଙ୍ଗ ପ୍ରତ୍ୟଙ୍ଗରେ ଭୂଷିତ ହୋଇଛନ୍ତି । ଏତେବେଳେ ଏମାନଙ୍କ ଭିତରୁ କାହାରିକୁ ବଳପୂର୍ବକ ଅଦାଲତ ଓ ବିଶ୍ୱବିଦ୍ୟାଳୟ ସମୂହରୁ ଦୂରୀଭୂତ କଲେ ତାହା ଲୋପ ପାଇବ ନାହିଁ । ପ୍ରତ୍ୟୁତ ଅଦାଲତ ଓ ବିଦ୍ୟାଳୟରେ ବଳ ପ୍ରଚଳିତ ଭାଷାର ଅବନତି ଘଟିବ ।"

## ରାଜେନ୍ଦ୍ରଲାଲ ମିତ୍ରଙ୍କ ଅଦ୍‌ଭୁତ ମତ :

ଏହି ସମୟରେ ବଙ୍ଗଳାର ଐତିହାସିକ ରାଜେନ୍ଦ୍ରଲାଲ ମିତ୍ର ଓଡ଼ିଶାର ପ୍ରତ୍ନତତ୍ତ୍ୱ ବିଷୟରେ ଗବେଷଣା କରି ପୁସ୍ତକ ପ୍ରଣୟନ କରିବାପାଇଁ ଓଡ଼ିଶାର ଚାରିଆଡ଼େ ମନ୍ଦିର ଓ ତୀର୍ଥ ସ୍ଥାନମାନ ପରିଦର୍ଶନ କରିଥିଲେ । କଟକରେ ଇଂରାଜୀ ଭାଷା ଚର୍ଚ୍ଚାପାଇଁ ସ୍ଥାପିତ ଡିବେଟିଙ୍ଗ ସୋସାଇଟିରେ ଭାଷଣ ଦେଇ ଐତିହାସିକ ମିତ୍ର ଅଯାଚିତଭାବରେ ମତ ପ୍ରକାଶ କଲେ ଯେ "ଉତ୍କଳର ଯେ ହିତାକାଙ୍‌କ୍ଷୀ ହେବ ସେ ପ୍ରଥମେ ଉତ୍କଳ ଭାଷା ଉଠାଇଦେଇ ବଙ୍ଗଳା ଭାଷା



Digitized by srujanika@gmail.com

ପ୍ରଚଳନ କରିବାର ଚେଷ୍ଟା କରିବ । କାରଣ ଯେତେ ଦିନ ପର୍ଯ୍ୟନ୍ତ ଉତ୍କଳ ଭାଷା ଉଠି ଯାଇ ନାହିଁ ସେତେକାଳ ଯାଏ ଉତ୍କଳର ଉନ୍ନତି ଅସମ୍ଭବ । ନିଜ ମତକୁ ସମର୍ଥନ କରି ସେ ଯୁକ୍ତି ବାଢ଼ିଥିଲେ ଯେ ଦୁର୍ଭିକ୍ଷ କମିଶନର୍‌ଙ୍କ ହିସାବ ଅନୁସାରେ ଉତ୍କଳର ଲୋକ ସଂଖ୍ୟା ବର୍ତ୍ତମାନ ୨୦ଲକ୍ଷ । ଏଥିରୁ ସ୍ତ୍ରୀଲୋକ ଓ ପିଲାମାନଙ୍କୁ ବାଦ ଦେଲେ ମୋଟ ୧୦ଲକ୍ଷ ଲୋକ ସାକ୍ଷର ହୋଇଥିବା ସମ୍ଭବ । ଏତିକି ଲୋକ କ'ଣ ଗୋଟିଏ ସ୍ୱତନ୍ତ୍ର ଭାଷା ରଖିପାରନ୍ତି ? ଯେବେ ଉତ୍କଳରେ ବଙ୍ଗ ଭାଷା ପ୍ରଚଳିତ ହେବ ତା' ହେଲେ ବଙ୍ଗଦେଶର ପୁସ୍ତକମାନ ଏଠାରେ ଚଳିବ ଏବଂ ଏଠା ଲୋକେ ଅନାୟାସରେ ଉତ୍ତମ ପୁସ୍ତକ ପାଇପାରିବେ । ଏହି ତିନି ମାସମଧ୍ୟରେ ପ୍ରାୟ ୩୦୦ ଖଣ୍ଡ ବଙ୍ଗଳା ପୁସ୍ତକ ମୁଦ୍ରିତ ହୋଇଛି । ମାତ୍ର ଉତ୍କଳରେ ୩।୪ ଖଣ୍ଡିରୁ ଅଧିକ ପୁସ୍ତକ ମୁଦ୍ରିତ ହୋଇ ନାହିଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଉତ୍କଳ ଭାଷାର ଉନ୍ନତି ହୋଇପାରିବ ନାହିଁ ।"

## ଉତ୍କଳ ଦୀପିକାର ପ୍ରତିବାଦ :

ଏହାର ତୀବ୍ର ପ୍ରତିବାଦ କରି ସେତେବେଳେ କର୍ମବୀର ଗୌରୀଶଙ୍କର ବହୁ ଓଡ଼ିଆ ବୁଦ୍ଧିଜୀବୀଙ୍କ ପରାମର୍ଶକ୍ରମେ 'ଉତ୍କଳ ଦୀପିକା'ରେ ଲେଖିଥିଲେ, "ରାଜେନ୍ଦ୍ର ବାବୁ ଆପଣା ଅନ୍ତର୍ଗତ ଭାବ ବ୍ୟକ୍ତ କଲେ କିମ୍ବା ସ୍ୱଦେଶାନୁରାଗୀ ହୋଇ ମିଥ୍ୟା କାରଣ ପ୍ରଦର୍ଶନ ପୂର୍ବକ ଆପଣା ମତ ସ୍ଥାପନ କରିବାକୁ ଚେଷ୍ଟା କଲେ ତାହା ସ୍ଥିର କରିବା କଠିନ ବୋଧ ହେଉଛି । ଯେତେବେଳେ ଉତ୍କଳର ଲୋକ ସଂଖ୍ୟା କଥା କହିଲେ ସେ କ'ଣ ଜାଣୁ ନ ଥିଲେ ଯେ ଉକ୍ତ ଲୋକ ସଂଖ୍ୟା କେବଳ ମୋଗଲବନ୍ଦୀର ଅଟଇ ଓ ଉତ୍କଳ ଭାଷା ପ୍ରଚଳିତ ଥିବା ଦେଶର ଉତ୍ତର ସୀମା ମେଦିନୀପୁର, ଦକ୍ଷିଣ ସୀମା ଗଞ୍ଜାମ ଓ ପୂର୍ବ ପଶ୍ଚିମରେ ବଙ୍ଗ ପ୍ରଦେଶଠାରୁ ସମ୍ବଲପୁର ପର୍ଯ୍ୟନ୍ତ ବିସ୍ତୃତ ? ଯେବେ ଏକଥା ତାଙ୍କୁ ଜଣା ନ ଥିଲା ତେବେ ସେ ଅକାରଣ ଶ୍ରୋତାମାନଙ୍କୁ ଆପଣା ଅଜ୍ଞାନତାର ଭାଗୀ କରି ଭାରି ଅନିଷ୍ଟ କରିଅଛନ୍ତି । ଯାହାର ଯେଉଁ ବିଷୟରେ ଜ୍ଞାନ ନାହିଁ, ତାହାର ସେ ବିଷୟରେ କହିବା ଅନୁଚିତ । ପୁସ୍ତକ ମୁଦ୍ରାଙ୍କନ ବିଷୟରେ ସେ ଯାହା ଉଲ୍ଲେଖ କଲେ ତାହା ଆହୁରି ଭ୍ରମାତ୍ମକ ଅଟଇ । ଆମ୍ଭେମାନେ ପୁନଃ ପୁନଃ କହି ଆସିଛୁ ଯେ ବଙ୍ଗଳା ଦେଶପ୍ରତି ସରକାରଙ୍କର ଯେତେଦିନ ହେଲା ସୁଦୃଷ୍ଟି ପଡ଼ିଅଛି ଉତ୍କଳପ୍ରତି ତାହା ହୋଇ ନାହିଁ, ସୁତରାଂ ଉତ୍କଳ ପଛକୁ ପଡ଼ି ରହିଅଛି । ଯେବେ ପ୍ରଥମରୁ ଦୁଇ ଦେଶପ୍ରତି ସମାନ ଦୃଷ୍ଟି ପଡ଼ିଥାଆନ୍ତା ତେବେ ରାଜେନ୍ଦ୍ର ବାବୁଙ୍କ କଥା ଶୋଭା ପାଆନ୍ତା । କିନ୍ତୁ ସେ କାଳ



Digitized by srujanika@gmail.com

ଓ ଅବସ୍ଥାପ୍ରଭ ବିବେଚନା ନ କରି ସମାନ ଫଳ ପାଇବାର ଆଶା କଲେ ତାହା କିପରି ପୂର୍ଣ୍ଣ ହେବ ?"

## ବିମ୍‌ସ୍ ସାହେବ ଓ ରେଭେନ୍‌ସା ସାହେବଙ୍କ ଓଡ଼ିଆ ଭାଷା ଆନ୍ଦୋଳନକୁ ସାହାଯ୍ୟ :

ସେତେବେଳେ ବାଲେଶ୍ୱର ଜିଲ୍ଲା କଲେକ୍ଟର୍ ଜନ୍ ବିମ୍‌ସ୍ ସାହେବ ରାଜେନ୍ଦ୍ରଲାଲ ମିତ୍ରଙ୍କ ବିଭ୍ରାନ୍ତିକର ମତକୁ ଖଣ୍ଡନ କରି ତାଙ୍କ ପ୍ରଣୀତ Grammar ପୁସ୍ତକରେ ଲେଖିଥିଲେ ଯେ ପୃଥିବୀମଧ୍ୟରେ ପର୍ତ୍ତୁଗୀଜ ଜାତିର ଲୋକଙ୍କ ସଂଖ୍ୟା ସର୍ବାପେକ୍ଷା କମ୍, ତା'ହେଲେ କଣ ପର୍ତ୍ତୁଗୀଜ ଭାଷା ପୃଥିବୀରେ ରହିବ ନାହିଁ ? ଜନ୍ ବିମ୍‌ସ୍‌ଙ୍କ ଭଳି ଜଣେ ଉଚ୍ଚ ଇଂରେଜୀ ଅଫିସର୍ ଓଡ଼ିଆ ଭାଷାକୁ ଉଠାଇ ଦେବାପାଇଁ ଚାଲିଥିବା ଚକ୍ରାନ୍ତକୁ ପଣ୍ଡ କରି ଓଡ଼ିଆ ଭାଷା ପ୍ରଚଳନ ସପକ୍ଷରେ ଯେପରି ଦୃଢ଼ଭାବରେ ମତପ୍ରକାଶ କରିଥିଲେ ଓ ଓଡ଼ିଶାରେ ପାଠ୍ୟ ପୁସ୍ତକର ଅଭାବ ପୂରଣ କରିବାପାଇଁ ନିଜେ କେତେ ଖଣ୍ଡି ପାଠ୍ୟ ପୁସ୍ତକ ମଧ୍ୟ ପ୍ରଣୟନ କରିଥିଲେ ତାହା ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଆ ଭାଷା ପ୍ରଚଳନ-ପାଇଁ ବିଶେଷ ସହାୟକ ହୋଇଥିଲା । ତାଙ୍କ ସାଙ୍ଗକୁ ସେତେବେଳର ରାଜସ୍ୱ କମିଶନର୍ ରେଭେନ୍‌ସା ସାହେବ ନିଜେ ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଆ ଭାଷା ପ୍ରଚଳନ ସପକ୍ଷରେ ସ୍ପଷ୍ଟ ମତ ପ୍ରକାଶ କରିଥିଲେ । ସେ ପ୍ରଥମେ ବଙ୍ଗୀୟ କର୍ମଚାରୀମାନଙ୍କ ପ୍ରସ୍ତାବକୁ ମାନି ନେଇ ଓଡ଼ିଆ ଭାଷାସହିତ ବଙ୍ଗଳା ଭାଷା ସ୍କୁଲରେ ପ୍ରଚଳନ ସପକ୍ଷରେ ମତପ୍ରକାଶ କରିଥିଲେ ମଧ୍ୟ ପରେ ତାଙ୍କ ମତକୁ ବଦଳାଇ ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କରେ କେବଳ ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷାଦାନପାଇଁ ଆଦେଶ ଦେଇଥିଲେ । ରେଭେନ୍‌ସା ସାହେବ ସେତେବେଳେ କଟକ ହାଇସ୍କୁଲର ପୁରସ୍କାର ବିତରଣୀ ସଭାରେ ସ୍ପଷ୍ଟଭାବରେ କହି ଦେଇଥିଲେ ଯେ "ଓଡ଼ିଶା ବାହାରର ଯେଉଁ ବଙ୍ଗାଳୀମାନେ ଓଡ଼ିଶାରେ ରହୁଛନ୍ତି ସେମାନେ ସ୍ଥାନୀୟ ଭାଷା ଶିକ୍ଷା କରିବା ଉଚିତ । ସେମାନେ ଯଦି ଗୋଟିଏ ବିଦେଶୀ ଭାଷା ଶିକ୍ଷା କରିବାକୁ ଚାହାନ୍ତି ତା' ହେଲେ ଇଂରାଜୀ ଭାଷା ଶିକ୍ଷା କରିପାରନ୍ତି ।"

## ଓଡ଼ିଶାରେ ସାଂସ୍କୃତିକ ଜାଗରଣ :

ଓଡ଼ିଆ ଭାଷାର ଏହି ଘଡ଼ିସନ୍ଧିବେଳେ କର୍ମବୀର ଗୌରୀଶଙ୍କର, ବିଚିତ୍ରାନନ୍ଦ ଦାସ, ନନ୍ଦକିଶୋର ଦାସ, ଫକୀରମୋହନ ସେନାପତି,



Digitized by srujanika@gmail.com

ଜଗମୋହନ ଲାଲ୍, ସଚ୍ଛନ୍ଦ ଚରଣ ପଟ୍ଟନାୟକ ଓ ଶଟନ ସାହେବ ପ୍ରମୁଖ ଜନ୍ ବିମ୍ସ୍ ଓ ରେଭେନ୍‌ସା ସାହେବଙ୍କ ସହାୟତାରେ ଓଡ଼ିଆ ଭାଷା ରକ୍ଷା ସଂଗ୍ରାମରେ ସଫଳ ହୋଇ ଓଡ଼ିଶାରେ ସାଂସ୍କୃତିକ ଜାଗରଣର ଭିତ୍ତି ସ୍ଥାପନ କରିଥିଲେ । ଉପରେ ଉଲ୍ଲେଖ କରାଯାଇଥିବା ବାଲେଶ୍ୱର ଜିଲାର ଡେପୁଟି ଇନ୍‌ସ୍‌ପେକ୍ଟର୍ ସଦାଶିବ ଭଟ୍ଟାଚାର୍ଯ୍ୟଙ୍କ ଓଡ଼ିଆ ଭାଷା ବିରୋଧୀ ପ୍ରଚାର ଯୋଗୁ ଜନ୍ ବିମ୍ସ୍ ତାଙ୍କୁ ବାଲେଶ୍ୱରରୁ ବିଦାୟ ଦେଇ ତାଙ୍କ ସ୍ଥାନରେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ସ୍ରଷ୍ଟା କବିବର ରାଧାନାଥ ରାୟଙ୍କୁ ନିଯୁକ୍ତ ଦେଲେ । ୧୮୭୩ ମସିହାଠାରୁ ୧୮୮୦ ମସିହା ଭିତରେ ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ, ରାମଶଙ୍କର ରାୟ ଓ ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରମୁଖ ଓଡ଼ିଆ ଭାଷା ବିରୋଧୀ ଅଭିଯାନକୁ ପଣ୍ଡ କରି ଆଧୁନିକ ଓଡ଼ିଆ ସାହିତ୍ୟ ପ୍ରତିଷ୍ଠାରେ ସଫଳତା ହାସଲ କରିଥିଲେ । ଏହା ସଙ୍ଗେ ସଙ୍ଗେ ରାଜସ୍ୱ କମିଶନର୍ ରେଭେନ୍‌ସା ସାହେବଙ୍କ ଉଦ୍ୟମରେ ଓଡ଼ିଶା ଡିଭିଜନ୍‌ରେ ସେତେବେଳେ ଶିକ୍ଷା ପ୍ରସାର ଆରମ୍ଭ ହୋଇଥିଲା । ୧୮୭୬ ମସିହାରେ କଟକ ହାଇସ୍କୁଲକୁ ଏକ କଲେଜରେ ପରିଣତ କରାଯାଇଥିଲା । ଏହାର ତିନି ବର୍ଷ ପରେ ମୟୂରଭଞ୍ଜ ମହାରାଜାଙ୍କ ପ୍ରଦତ୍ତ ୨୦ ହଜାର ଟଙ୍କା ଦାନରେ ଏହା କଟକ କଲେଜ ନାମରେ ପ୍ରତିଷ୍ଠିତ ହେଲା ଏବଂ ଶେଷରେ ଏହା ରେଭେନ୍‌ସା କଲେଜ ନାମରେ ନାମିତ ହେଲା । ରେଭେନ୍‌ସା ସାହେବଙ୍କ ଉଦ୍ୟମରେ ୧୮୭୬ ମସିହାରେ କଟକ ମେଡିକାଲ ସ୍କୁଲ ଏବଂ ନର୍ମାଲ ଟ୍ରେନିଂ ସ୍କୁଲ ପ୍ରତିଷ୍ଠିତ ହେଲା । ଏହି ଶିକ୍ଷକ ଟ୍ରେନିଂ ସ୍କୁଲ ପ୍ରତିଷ୍ଠିତ ହେବା ପରେ ଓଡ଼ିଶାରେ ଶିକ୍ଷାର ପ୍ରସାରପାଇଁ ସୁବିଧା ହୋଇଥିଲା ।

## ପାଠ୍ୟପୁସ୍ତକ ରଚନାରେ ସାହିତ୍ୟରଥୀମାନଙ୍କ ଅବଦାନ :

ଯାହାହେଉ ଓଡ଼ିଶା ଡିଭିଜନରେ ଅଳ୍ପ କେତୋଟି ସ୍କୁଲ ଥିଲାବେଳେ ସେଥିରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷାରେ ଲିଖିତ ପାଠ୍ୟ ପୁସ୍ତକ ପଢ଼ାଇବାପାଇଁ ଯେଉଁ ଅପକୌଶଳ ହୋଇଥିଲା, ତାହା ଶେଷରେ ବିଫଳ ହେଲା ଏବଂ ଓଡ଼ିଆ ପାଠ୍ୟ ପୁସ୍ତକ ପଢ଼ାଇବା ସ୍ଥିର ହେଲା । ମାତ୍ର ସେତେବେଳେ ଓଡ଼ିଆରେ ଅଳ୍ପ କେତେକ ବିଷୟରେ ପାଠ୍ୟପୁସ୍ତକ ମିଳୁଥିଲା । ତେଣୁ ଆଧୁନିକ ଓଡ଼ିଆ ଗଦ୍ୟ ଓ ପଦ୍ୟ ସାହିତ୍ୟ ସୃଷ୍ଟିକରିବାକୁ ଲେଖକଙ୍କପାଇଁ ଏହା ଥିଲା ଏକ ଆହ୍ୱାନ । ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଫକୀରମୋହନ ସେନାପତିଙ୍କ ନେତୃତ୍ୱରେ କବିବର ରାଧାନାଥ ରାୟ ଓ ଭକ୍ତକବି ମଧୁସୂଦନ ରାଓ ଆଧୁନିକ ଓଡ଼ିଆ ସାହିତ୍ୟ ରଚନା ଦିଗରେ ମନୋନିବେଶ କରିଥିଲେ ।



Digitized by srujanika@gmail.com

ଫକୀରମୋହନ ସେନାପତିଙ୍କ ଘର ବାଲେଶ୍ୱର, କବିବର ରାଧାନାଥ ରାୟଙ୍କ ଘର ମଧ୍ୟ ବାଲେଶ୍ୱର ଜିଲ୍ଲାରେ ଏବଂ ସେତେବେଳେ ସେ ବାଲେଶ୍ୱରର ଶିକ୍ଷା ବିଭାଗର ଇନ୍‌ସ୍‌ପେକ୍ଟର ହୋଇ ସେଠାରେ ଥିଲେ । ଭକ୍ତକବି ମଧୁସୂଦନ ବାଲେଶ୍ୱର ଜିଲ୍ଲା ସ୍କୁଲର ଶିକ୍ଷକଭାବରେ ସେଠାରେ ଥିଲେ । ତେଣୁ ତିନି ଜଣଯାକ ମିଶି ପ୍ରଥମେ ସ୍କୁଲରେ ପିଲାଙ୍କପାଇଁ ପାଠ୍ୟ ପୁସ୍ତକମାନ ରଚନାରେ ଲାଗିପଡ଼ିଥିଲେ । ରାଧାନାଥ ଓ ମଧୁସୂଦନଙ୍କ ମିଳିତ ପ୍ରଚେଷ୍ଟାରେ 'କବିତାବଳୀ' ନାମରେ ଏକ ପଦ୍ୟ ପୁସ୍ତକ ପ୍ରଥମେ ପ୍ରକାଶ ପାଇଥିଲା । ୧୮୭୭ ମସିହାରେ ଫକୀରମୋହନଙ୍କ ପ୍ରଥମ ରଚନା 'ଜୀବନୀମାଳା' ପାଠ୍ୟ ପୁସ୍ତକ ଉଦ୍ଦେଶ୍ୟରେ ହିଁ ପ୍ରଣୀତ ହୋଇଥିଲା । ୧୮୯୦ ମସିହା ଭିତରେ ଫକୀର-ମୋହନ, ରାଧାନାଥ ଓ ମଧୁସୂଦନଙ୍କ ରଚିତ ଅଧିକାଂଶ ପୁସ୍ତକ ପ୍ରକାଶିତ ହୋଇସାରିଥିଲା । ଆଧୁନିକ ଓଡ଼ିଆ ସାହିତ୍ୟର ଏହି ତିନି ଜଣ ମହାରଥିଙ୍କ ବ୍ୟତୀତ ଅନ୍ୟ ଯେଉଁ ବିଶିଷ୍ଟ ଲେଖକମାନେ ବିଭିନ୍ନ ବିଷୟରେ ପାଠ୍ୟପୁସ୍ତକମାନ ରଚନାରେ ମନୋନିବେଶ କରିଥିଲେ ସେମାନଙ୍କ ଭିତରେ ପ୍ୟାରୀମୋହନ ଆଚାର୍ଯ୍ୟ ( ଭାରତ ଇତିହାସ ), ବୈକୁଣ୍ଠନାଥ ଦେ ( ଭୂଗୋଳସାର ), ଗୌରୀଶଙ୍କର ରାୟ ( ଭୂଗୋଳସାର ), ଗୋବିନ୍ଦ ରଥ ( ଭୂଗୋଳ ସୂତ୍ର) ଦାଶରଥି ରାଉତ (ପାଟି ଗଣିତ), ଶିବ ନାରାୟଣ ନାୟକ (କ୍ଷେତ୍ରତତ୍ତ୍ୱ) ଡାକ୍ତର ଷ୍ଟୁଆର୍ଟ ସାହେବ (ପଦାର୍ଥ ବିଜ୍ଞାନ), ଭୁବନେଶ୍ୱର ଦତ୍ତ (ସରଳ ରସାୟନ), କନିଙ୍ଗହାମ (ସ୍ୱାସ୍ଥ୍ୟରକ୍ଷା), ନିମାଇବଲ୍ଲଭ ଭଟ୍ଟାଚାର୍ଯ୍ୟ (ସଂସାର ବ୍ୟାକରଣ), ପ୍ୟାରୀମୋହନ ସେନ୍ (ଭାଷା ବ୍ୟାକରଣ)ଙ୍କ ନାମ ଉଲ୍ଲେଖ-ଯୋଗ୍ୟ । ଏହି ସମୟରେ ବାଲେଶ୍ୱର ଜିଲ୍ଲା କଲେକ୍ଟର୍ ତଥା ରେଭିନ୍ୟୁ କମିଶନର୍ ଟି.ଇ. ରେଭେନ୍‌ସାଙ୍କ ଆଗ୍ରହ ଯୋଗୁ ଓଡ଼ିଆ ପାଠ୍ୟପୁସ୍ତକ ରଚନା ପାଇଁ ଲେଖକଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପୁରସ୍କାର ଓ ପାରିଶ୍ରମିକ ଦେବାପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା ଏବଂ ଏହା ଫଳରେ ଗୋଟିଏ ଗୋଟିଏ ବିଭାଗର ପାଠ୍ୟ ପୁସ୍ତକପାଇଁ ଏକାଧିକ ପୁସ୍ତକ ନିର୍ବାଚନ କରିବାକୁ ପଡ଼ିଥିଲା ।

## ସାଂସ୍କୃତିକ ନବଜାଗରଣରେ ସାମୟିକ ପତ୍ରିକାମାନଙ୍କର ଅବଦାନ:

ଓଡ଼ିଆଭାଷୀ ଅଞ୍ଚଳରେ ସାଂସ୍କୃତିକ କ୍ଷେତ୍ରରେ ଯେଉଁ ନବ ଜାଗରଣ ଦେଖାଗଲା ସେଥିରେ ବିଶିଷ୍ଟ ଓଡ଼ିଆ ବୁଦ୍ଧିଜୀବୀମାନେ ଅନେକ ସାମୟିକ



Digitized by srujanika@gmail.com

ପତ୍ରିକା ପ୍ରକାଶ କରିଥିଲେ ଓ ଆଧୁନିକ ଓଡ଼ିଆ ସାହିତ୍ୟ ପ୍ରସାରପାଇଁ ଅଭିଯାନ ଚଳାଇଥିଲେ । ୧୮୬୬ଠାରୁ ୧୮୮୦ ଭିତରେ କେତେକ ସାମୟିକ ପତ୍ରିକା ତଥା ଜ୍ଞାନ-ବିଜ୍ଞାନର ବିଭିନ୍ନ ବିଭାଗ ସମ୍ବନ୍ଧରେ ପୁସ୍ତକମାନ ପ୍ରକାଶ ପାଇଥିଲା । ୧୮୭୦ ମସିହା ବେଳକୁ ଓଡ଼ିଶାର ଶିକ୍ଷା ବିଭାଗରେ ରାଧାନାଥ ରାୟ, ନନ୍ଦକିଶୋର ବଳ ଓ ବିଚ୍ଛନ୍ଦଚରଣ ପଟ୍ଟନାୟକ ପ୍ରମୁଖ ଉଚ୍ଚ ସ୍ଥାନ ଅଧିକାର କରି ଓଡ଼ିଆ ସାହିତ୍ୟ ଓ ପତ୍ରପତ୍ରିକାର ପ୍ରସାର ଦିଗରେ ଉଦ୍ୟମ ଆରମ୍ଭ କରିଥିଲେ । ସେତେବେଳକୁ କେବଳ ଖ୍ରୀଷ୍ଟିୟାନମାନେ ହିଁ ଓଡ଼ିଆ ଭାଷାରେ କେତେଖଣ୍ଡି ପୁସ୍ତକ ଓ ପତ୍ରିକା ପ୍ରକାଶ କରିଥାଆନ୍ତି । ମିଶନାରୀମାନଙ୍କ ପରେ ବ୍ରାହ୍ମଧର୍ମୀମାନେ ଓଡ଼ିଶାରେ ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନର ନେତୃତ୍ୱ ନେଲେ । ଉତ୍କଳ-ଦୀପିକା ପ୍ରକାଶିତ ହେବାର ୨ବର୍ଷ ପରେ ୧୮୬୮ମସିହାରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ପ୍ରତିଷ୍ଠାତା ଫକୀରମୋହନ ସେନାପତି ଓ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ବାଲେଶ୍ୱରରୁ 'ସମ୍ବାଦ ବାହିକା' ନାମରେ ଏକ ସାମୟିକ ପତ୍ରିକା ପ୍ରକାଶ କରିଥିଲେ । ପ୍ରଥମେ ଏହି ପତ୍ରିକାଟି 'ବୋଧଦାୟିନୀ' ଓ ବାଲେଶ୍ୱର 'ସମ୍ବାଦ ବାହିକା' ନାମରେ ପ୍ରକାଶିତ ହୋଇ ୧୮୭୨ଠାରୁ ଏକ ପାକ୍ଷିକ ପତ୍ରିକାରୂପେ ପ୍ରକାଶ ପାଇଥିଲା । ଏହି ପତ୍ରିକାଟି ଓଡ଼ିଆଭାଷୀଙ୍କ ଅଭାବ, ଅସୁବିଧାମାନ ସରକାରଙ୍କ ଦୃଷ୍ଟିକୁ ଆଣିବା ସଙ୍ଗେ ସଙ୍ଗେ ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ଲେଖାଗୁଡ଼ିକୁ ପ୍ରକାଶ କରୁଥିଲା । ୧୮୭୩ ମସିହାରେ ବାଲେଶ୍ୱରରୁ ବିଶିଷ୍ଟ ଲୋକପ୍ରିୟ ଜମିଦାର ବୈକୁଣ୍ଠନାଥ ଦେଙ୍କ ପୃଷ୍ଠପୋଷକତାରେ "ଉତ୍କଳ ଦର୍ପଣ" ନାମରେ ଏକ ମାସିକ ପତ୍ରିକା ପ୍ରକାଶ ପାଇଥିଲା । ୧୩ ବର୍ଷ ପର୍ଯ୍ୟନ୍ତ ଏହି ପତ୍ରିକାଟି ଚାଲିଥିଲା । ଏଥିରେ ରାଧାନାଥ ଓ ମଧୁସୂଦନଙ୍କ କେତେକ ସୁପରିଚିତ ଲେଖା ପ୍ରକାଶ ପାଇଥିଲା । ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ସମ୍ପାଦନାରେ ୧୮୭୩ ସାଲରେ ପ୍ରକାଶିତ 'ଉତ୍କଳ ପତ୍ର' ନାମକ ଏକ ସାପ୍ତାହିକ ପତ୍ରିକାରେ ସରକାରୀ କର୍ମଚାରୀଙ୍କ ଦୁର୍ନୀତିର ତୀବ୍ର ସମାଲୋଚନା କରାଯାଉଥିଲା । ମାତ୍ର ସରକାରୀ ଆଦେଶରେ ଏହା ଅଳ୍ପ ଦିନ ଭିତରେ ବନ୍ଦ ହୋଇଯାଇଥିଲା । ଭକ୍ତକବି ମଧୁସୂଦନ ରାଓଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ନବସମ୍ବାଦ' ପତ୍ରିକାରେ ସମ୍ବାଦ, ରାଜନୀତି, ସାହିତ୍ୟ ଓ ସମାଜ ସଂସ୍କାର ବିଷୟରେ ଆଲୋଚନା କରାଯାଉଥିଲା । ପାଠ୍ୟପୁସ୍ତକ ବ୍ୟତୀତ ରେଭରେଣ୍ଡ୍ ମିଲର୍‌ଙ୍କ ପ୍ରଣୀତ 'ଉତ୍କଳ ଭାଷାର୍ଥ ଅଭିଧାନ', ଫକୀରମୋହନ ସେନାପତିଙ୍କ ପ୍ରଣୀତ 'ଭାରତବର୍ଷର ଇତିହାସ', 'ରାମାୟଣ ସୁନ୍ଦରକାଣ୍ଡ', ଓଡ଼ିଶାର ଭୂଗୋଳ ବିବରଣୀ (ଦ୍ୱାରିକାନାଥ ଚକ୍ରବର୍ତ୍ତୀ; ଶିବନିଧି) (ଚତୁର୍ଭୁଜ



Digitized by srujanika@gmail.com

ପଟ୍ଟନାୟକ) ରାଧାନାଥ ରାୟଙ୍କ "ମେଘଦୂତ" (ଅନୁବାଦ), "ଚନ୍ଦ୍ରଭାଗା", "ମହାଯାତ୍ରା" ପ୍ରଭୃତି ବହୁ ପୁସ୍ତକ ପ୍ରକାଶିତ ହୋଇଥିଲା ।

## ଓଡ଼ିଶାବାସୀଙ୍କ ପ୍ରଥମ ସଂଗଠିତ ସଂସ୍ଥା ଉତ୍କଳ ସଭା :

ନଅଙ୍କ ଦୁର୍ଭିକ୍ଷ ପରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ ଯେଉଁ ରାଜନୈତିକ ଓ ସାଂସ୍କୃତିକ ଜାଗରଣ ଦେଖାଦେଇଥିଲା ତାକୁ ସଂଗଠିତ ଭାବରେ ଚଳାଇବାପାଇଁ ମୁଖ୍ୟତଃ କଟକଠାରେ କେତେଗୁଡ଼ିଏ ଅନୁଷ୍ଠାନ ଗଢ଼ି ଉଠିଥିଲା । ୧୮୭୦ ମସିହାଠାରୁ ୧୮୮୦ ମସିହା ଭିତରେ ଗଠିତ ଅନୁଷ୍ଠାନ ଭିତରେ ଉତ୍କଳ ଉନ୍ନତିବିଧାୟିନୀ ସଭା, କଟକ ସୋସାଇଟି, ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା, କଟକ ଡିବେଟିଂ କ୍ଲବ, ଗଞ୍ଜାମ ଉତ୍କଳ ହିତବାଦିନୀ ସଭା, ବାଲେଶ୍ୱର ସଭା ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏଥିଭିତରୁ ଅଧିକାଂଶ ଅନୁଷ୍ଠାନ କଟକଠାରେ ହିଁ କାର୍ଯ୍ୟ କରୁଥିଲା । କେତେକ ସଂସ୍ଥା ପରସ୍ପର ବିରୁଦ୍ଧରେ ମଧ୍ୟ କାର୍ଯ୍ୟ କରୁଥିଲେ । ଦୃଷ୍ଟାନ୍ତସ୍ୱରୂପ କଟକର "କଟକ-ସୋସାଇଟି" ବଙ୍ଗୀୟ ବୁଦ୍ଧିଜୀବୀମାନଙ୍କୁ ନେଇ ଗଠିତ ହୋଇଥିଲା । "ଉତ୍କଳ ଉନ୍ନତିବିଧାୟିନୀ ସଭା" ଓଡ଼ିଆ ଭାଷୀ ଅଞ୍ଚଳର ସାମାଜିକ ଓ ରାଜନୈତିକ ଉନ୍ନତିକଳ୍ପେ ଯେଉଁ ସବୁ ପ୍ରସ୍ତାବ ଗ୍ରହଣ କରୁଥିଲେ "କଟକ ସୋସାଇଟି" ତା'ର ସମାଲୋଚନା କରୁଥିଲେ । ଏହି ଅବସ୍ଥାରେ ସେତେବେଳର ଓଡ଼ିଆ ଜାଗରଣର ଅନ୍ୟତମ ମୁଖ୍ୟ ପୁରୋଧା କର୍ମଯୋଗୀ ଗୌରୀଶଙ୍କର ରାୟ ୧୮୭୦ ମସିହାରେ ଏହି ଦୁଇ ଅନୁଷ୍ଠାନକୁ ଏକାଠି କରି ଏକ ଉଦ୍ଦେଶ୍ୟରେ କାର୍ଯ୍ୟ କରିବାପାଇଁ ଉଦ୍ୟମ କରିଥିଲେ । ମାତ୍ର ସେଥିରେ ସେ ସଫଳ ହୋଇପାରି ନ ଥିଲେ । ଯାହା ହେଉ ଏହି ଅନୁଷ୍ଠାନଗୁଡ଼ିକ ତତ୍କାଳୀନ ସରକାରଙ୍କ ଉପରେ ବିଶେଷ କିଛି ପ୍ରଭାବ ପକାଇ ପାରି ନ ଥିଲେ ।

୧୮୮୨ ମସିହାରେ ଭାରତର ତତ୍କାଳୀନ ବଡ଼ଲାଟ୍ ଲର୍ଡ଼ ରିପନ୍ ଭାରତର ଏକ ନୂତନ ସ୍ୱାୟତ୍ତ ଶାସନ ଆଇନ ପ୍ରବର୍ତ୍ତନପାଇଁ ଘୋଷଣା କଲେ । ଏଥିରେ ମ୍ୟୁନିସିପାଲିଟି ଓ ଜିଲ୍ଲା ବୋର୍ଡ଼ ସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସ୍ଥାନୀୟ ଉନ୍ନୟନମୂଳକ କାର୍ଯ୍ୟପାଇଁ ସୀମାବଦ୍ଧ କ୍ଷମତା ଦିଆହୋଇଥିଲା । ଏହି ସ୍ୱାୟତ୍ତ ଶାସନ ପରିକଳ୍ପନା ସମ୍ବନ୍ଧରେ ଆଲୋଚନା କରିବାପାଇଁ ସେହି ବର୍ଷ ଅଗଷ୍ଟ ୧୬ ତାରିଖରେ କଟକଠାରେ ସବୁ ଶ୍ରେଣୀର ଲୋକଙ୍କର ଗୋଟିଏ ସଭା ଡକା ଯାଇଥିଲା । ଏଠାରେ ଉପସ୍ଥିତ ଥିବା ବିଶିଷ୍ଟ ବୁଦ୍ଧିଜୀବୀଙ୍କୁ ନେଇ ଗୋଟିଏ ସ୍ଥାୟୀ ଅନୁଷ୍ଠାନ ଗଠିତ ହେଲା । ତା'ର ନାମ



Digitized by srujanika@gmail.com

ଦିଆଯାଇଥିଲା "ଉତ୍କଳ ସଭା"। ଭିଙ୍ଗାରପୁରର ବିଶିଷ୍ଟ ଜମିଦାର ଚୌଧୁରୀ କାଶୀନାଥ ଦାସ ଉତ୍କଳ ସଭାର ପ୍ରଥମ ସଭାପତିରୂପେ ଓ କର୍ମବୀର ଗୌରୀଶଙ୍କର ରାୟ ସମ୍ପାଦକରୂପେ ନିର୍ବାଚିତ ହୋଇଥିଲେ। ସେମାନଙ୍କ ବ୍ୟତୀତ କଟକର ସବୁ ଶ୍ରେଣୀର ପ୍ରତିନିଧି ଓ ସରକାରୀ କର୍ମଚାରୀ ମଧ୍ୟ ଏହି ଅନୁଷ୍ଠାନର ସଭ୍ୟ ରହିଥିଲେ। ସେତେବେଳେ ଉତ୍କଳଗୌରବ ମଧୁସୂଦନ ଉତ୍କଳ ସଭାର ଜଣେ ସହଯୋଗୀ ସଭ୍ୟଭାବରେ ରହିଥିଲେ। ମଧୁସୂଦନ ଏହାର ବର୍ଷକ ପୂର୍ବରୁ କଲିକତାରୁ ଆସି କଟକରେ ଓକିଲାତି କରୁଥାଆନ୍ତି।

## ଉତ୍କଳ ସଭାର ପ୍ରସ୍ତାବ :

ଉତ୍କଳ ସଭା ପ୍ରଥମେ କଟକ ମ୍ୟୁନିସିପାଲିଟି ଗଠନ, କମିଶନର୍ ଓ ଚେୟାରମ୍ୟାନ ନିର୍ବାଚନ, ଭୋଟରମାନଙ୍କ ଯୋଗ୍ୟତା ଏବଂ ଗ୍ରାମାଞ୍ଚଳ ମ୍ୟୁନିସିପାଲିଟିରେ ନିର୍ବାଚନ ବ୍ୟବସ୍ଥା ପ୍ରବର୍ତ୍ତନ ତଥା ଜିଲ୍ଲା ବୋର୍ଡ଼ ଓ ଲୋକାଲ ବୋର୍ଡ଼ ଗଠନ ସମ୍ବନ୍ଧରେ ଆଲୋଚନା ଓ ପ୍ରସ୍ତାବ ଗ୍ରହଣ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ଅଭାବ ଅସୁବିଧା ସମ୍ବନ୍ଧରେ ଆଲୋଚନା କରି ସରକାରଙ୍କ ନିକଟରେ ତା'ର ପ୍ରତିକାରପାଇଁ ପ୍ରସ୍ତାବମାନ ଉପସ୍ଥାପିତ କରିଥିଲେ। ଅନ୍ୟାନ୍ୟ ବିଷୟ ଭିତରେ ଉତ୍କଳ ସଭା ବଙ୍ଗୀୟ ପ୍ରଜାସତ୍ତ୍ୱ ଆଇନର ଧାରା ସମ୍ପର୍କରେ ବିଚାର କରି କେତେକ ସୁପାରିଶ କରିଥିଲେ। କଟକରୁ ଚାନ୍ଦବାଲି ଓ କଟକରୁ ବଣ୍ଡଧର ଯାଏ ଷ୍ଟିମର୍ ଚଳାଇବାପାଇଁ ବଡ଼ଲାଟଙ୍କୁ ଏହି ସଭା ପ୍ରସ୍ତାବ ଦେଇଥିଲେ। ଏହାବ୍ୟତୀତ ଠିକ୍ ସମୟରେ ନାଳରେ ପାଣି ଯୋଗାଇ ଦେବା ଓ ବାଳିକା ବିଦ୍ୟାଳୟରେ ଜ୍ୟାମିତି ଓ ବିଜ୍ଞାନ ଅଧ୍ୟୟନପାଇଁ ବ୍ୟବସ୍ଥା କରିବାନିମନ୍ତେ ଶିକ୍ଷା ବିଭାଗଙ୍କୁ ଅନୁରୋଧ କରି ପ୍ରସ୍ତାବ ଗ୍ରହଣ କରିଥିଲେ।

## ଉତ୍କଳ ସଭା ଓ ଜାତୀୟ କଂଗ୍ରେସ :

ଉତ୍କଳ ସଭା ପ୍ରାୟ ତିରିଶ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଉତ୍କଳଗୌରବ ମଧୁସୂଦନ ଏହି ଅନୁଷ୍ଠାନର କାର୍ଯ୍ୟକଳାପରେ ସକ୍ରିୟ ଅଂଶ ଗ୍ରହଣ କରି ଏହାକୁ ପୁନର୍ଗଠିତ କଲେ। କର୍ମବୀର ଗୌରୀଶଙ୍କର ରାୟ ୧୯୦୫ ପର୍ଯ୍ୟନ୍ତ ଏହି ଅନୁଷ୍ଠାନସହିତ ଘନିଷ୍ଠଭାବରେ ସଂପୃକ୍ତ ଥିଲେ। ଉତ୍କଳ ସମ୍ମିଳନୀ ଗଠିତ ହେବା ପର୍ଯ୍ୟନ୍ତ ମଧୁସୂଦନଙ୍କ ନେତୃତ୍ୱରେ ଉତ୍କଳ ସଭା ଜରିଆରେ ସ୍ୱାଁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ବିଚ୍ଛିନ୍ନାଞ୍ଚଳବାସୀଙ୍କ ଉନ୍ନତିକଳ୍ପେ ବିଭିନ୍ନ ପରିକଳ୍ପନା



Digitized by srujanika@gmail.com

କାର୍ଯ୍ୟକାରୀ କରିବାପାଇଁ ଉଦ୍ୟମ କରିଥିଲେ । ଉତ୍କଳ ସଭା ଗଠିତ ହେବାର ଚାରି ବର୍ଷ ପରେ ୧୮୮୬ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହେଲା । ସେତେବେଳେ ଜାତୀୟ କଂଗ୍ରେସସହିତ ସମ୍ପର୍କ ସ୍ଥାପନ କରି କାର୍ଯ୍ୟ କରିବା ପାଇଁ ଉତ୍କଳ ସଭା ନିଷ୍ପତ୍ତି ଗ୍ରହଣ କରିଥିଲା । ଉତ୍କଳ ସଭା ୧୯୦୩ ମସିହା ପର୍ଯ୍ୟନ୍ତ ଜାତୀୟ କଂଗ୍ରେସର ଶାଖାରୂପେ କାର୍ଯ୍ୟ କରୁଥିଲା । ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନରେ ଯୋଗ ଦେବାପାଇଁ ଉତ୍କଳ ସଭାର ପ୍ରତିନିଧିମାନେ ନିୟମିତଭାବରେ ଯାଉଥିଲେ ଏବଂ ଜାତୀୟ କଂଗ୍ରେସରେ ଗୃହୀତ ପ୍ରସ୍ତାବଗୁଡ଼ିକୁ ଓଡ଼ିଶାରେ ସଭାସମିତି କରି ପ୍ରଚାର କରୁଥିଲେ । ଜାତୀୟ କଂଗ୍ରେସର ଅଧିବେଶନରେ ଉତ୍କଳ ସଭା ପକ୍ଷରୁ ମଧୁସୂଦନ ଦାସ, ଗୌରୀଶଙ୍କର, ଗୋଲକ ଚନ୍ଦ୍ର ବୋଷ, ହରିବଲ୍ଲଭ ଘୋଷ ଓ ରେଭେରେଣ୍ଡ ସେମ ସାହୁ, ମୁନସି ମହମ୍ମଦ ଅଚ୍ଚାହାର ଓ ରମେଶ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଯୋଗ ଦେଉଥିଲେ ।

## ବିଚ୍ଛିନ୍ନାଞ୍ଚଳ ମିଶ୍ରଣ କ୍ଷେତ୍ରରେ କଂଗ୍ରେସର ବିଚିତ୍ର ବିଭ୍ରାଟ :

ମାତ୍ର ୧୯୦୩ ମସିହା ଜାତୀୟ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନରେ ମାନ୍ଦ୍ରାଜ କଂଗ୍ରେସ ପ୍ରତିନିଧିମାନଙ୍କର ମତିଗତି ଦେଖି ମଧୁସୂଦନ ତଥା ଉତ୍କଳ ସଭାର ଅନ୍ୟାନ୍ୟ ପ୍ରତିନିଧିମାନେ କଂଗ୍ରେସପ୍ରତି ବୀତସ୍ପୃହ ହୋଇପଡ଼ିଥିଲେ । ସେତେବେଳେ ରିଜ୍‌ଲେ ସର୍କୁଲାରରେ ଭାରତ ସରକାର ଗଞ୍ଜାମ ଜିଲ୍ଲା ଓ ଏହାର ଏଜେନ୍‌ସି ଅଞ୍ଚଳଗୁଡ଼ିକସହିତ ଭିଜାଗାପଟ୍ଟମ ଏଜେନ୍‌ସିକୁ ମାନ୍ଦ୍ରାଜ ପ୍ରେସିଡେନ୍‌ସିରୁ ଅଲଗା କରି ନେଇ ଓଡ଼ିଶାସହିତ ସେସବୁ ଅଞ୍ଚଳକୁ ମିଶାଇ ଦେବା ଲାଗି ଯେଉଁ ନୀତିଗତ ସିଦ୍ଧାନ୍ତ ଘୋଷଣା କରିଥିଲେ ନ୍ୟସ୍ତସ୍ୱାର୍ଥ ତେଲୁଗୁ ଗୋଷ୍ଠୀଙ୍କ ଚକ୍ରାନ୍ତ ଫଳରେ ମାନ୍ଦ୍ରାଜ କଂଗ୍ରେସରେ ସେହି ପ୍ରସ୍ତାବର ବିରୋଧ କରାଯାଇଥିଲା । ଜାତିଗତ, ଭାଷାଗତ ଓ ସାଂସ୍କୃତିକ ଯୁକ୍ତିରେ ବଙ୍ଗଭଙ୍ଗ ପ୍ରସ୍ତାବକୁ କଂଗ୍ରେସ ବିରୋଧ କରୁଥିବାବେଳେ ଠିକ୍ ସେହି କାରଣରୁ ଗଞ୍ଜାମ ଓ ଭିଜାଗ୍ ଏଜେନ୍‌ସି ସମେତ ସମସ୍ତ ସମତଳ ଓ ପାର୍ବତ୍ୟ ଅଞ୍ଚଳର-ଓଡ଼ିଆଭାଷୀ ଅଞ୍ଚଳସହିତ ମିଶ୍ରଣର ବିରୋଧ କରିବାରେ କଂଗ୍ରେସର ଯେଉଁ ବିଚିତ୍ର ବିଭ୍ରାଟ ଦେଖା ଦେଇଥିଲା ତହିଁରେ ମଧୁସୂଦନ କ୍ଷୁବ୍ଧ ଓ ବିସ୍ମିତ ହୋଇ ଜାତୀୟ କଂଗ୍ରେସ ଜରିଆରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ଅନୁଭବ କରିଥିଲେ । ତେଣୁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ତଥା ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ଓଡ଼ିଆଭାଷୀ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ଉତ୍କଳ ସମ୍ମିଳନୀ ଜରିଆରେ କରିବା ସକାଶେ ପୂର୍ବ ସମୟ



Digitized by srujanika@gmail.com

ଦେବାପାଇଁ ସ୍ଥିର କରି ସେ କଂଗ୍ରେସପ୍ରତି ଅଧିକ ଆଗ୍ରହ ପ୍ରକାଶ କଲେ ନାହିଁ । ମାତ୍ର ଜାତୀୟ କଂଗ୍ରେସ ଗଠନର ପ୍ରଥମାବସ୍ଥାରେ ମଧୁସୂଦନ ଓଡ଼ିଆଭାଷୀଙ୍କୁ କଂଗ୍ରେସସହିତ ସାମିଲ କରିବାରେ ନେତୃତ୍ୱ ନେଇଥିଲେ । ସେ ଯଦି ନିରବଚ୍ଛିନ୍ନଭାବରେ କଂଗ୍ରେସସହିତ ସଂପୃକ୍ତ ହୋଇ ରହିଥାଆନ୍ତେ ତା'ହେଲେ ସେ ହୁଏତ ଓଡ଼ିଶାରେ କଂଗ୍ରେସ ନେତୃତ୍ୱ ନେଇଥାଆନ୍ତେ ଏବଂ ସମଗ୍ର ଦେଶରେ କଂଗ୍ରେସ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଭିତରେ ସେ ଯେ ଉଚ୍ଚ ସ୍ଥାନ ଅଧିକାର କରିଥାଆନ୍ତେ ଏଥିରେ ସନ୍ଦେହ ନାହିଁ ।

ଉତ୍କଳ ସମ୍ମିଳନୀ ଗଠନ କରିବାରେ ମଧ୍ୟ ତାଙ୍କର କୌଣସି ସଂକୀର୍ଣ୍ଣ ଆଞ୍ଚଳିକତା ନ ଥିଲା । ସମ୍ମିଳନୀ ପୀଠରୁ ମଧୁସୂଦନ ବାରମ୍ବାର ଘୋଷଣା କରିଥିଲେ ଯେ ଭାରତକୁ ବାଦ ଦେଇ ଯେପରି ଓଡ଼ିଶା କଳ୍ପନା କରାଯାଇ ପାରିବ ନାହିଁ, ଓଡ଼ିଶାକୁ ବାଦ ଦେଇ ଭାରତ ବିଷୟ ଚିନ୍ତା ମଧ୍ୟ ଅବାସ୍ତବ । ସାମୂହିକ ଜାତୀୟ ବିକାଶପାଇଁ ଭାରତ ଓଡ଼ିଶା ପରସ୍ପର ପରିପୂରକ । ଓଡ଼ିଶାର ଅଧିକାଂଶ ଲୋକ ଦରିଦ୍ର ଓ ସମ୍ବଳହୀନ ହୋଇଥିବାରୁ ଜନସାଧାରଣଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ହେବା ପର୍ଯ୍ୟନ୍ତ ଓଡ଼ିଆମାନଙ୍କର ଜାତୀୟ ଅଗ୍ରଗତି ବିଷୟରେ କିଛି କହିବା ମୂଲ୍ୟହୀନ ।

## ବାଲେଶ୍ୱର ଓ ଗଞ୍ଜାମବାସୀଙ୍କ ସ୍ମାରକପତ୍ର :

୧୮୮୮ ମସିହାରେ ବଙ୍ଗପ୍ରଦେଶର ଛୋଟଲାଟ୍ ଓଡ଼ିଶା ପରିଦର୍ଶନରେ ଆସିଥିବାବେଳେ ଉତ୍କଳ ସଭା ପକ୍ଷରୁ ତାଙ୍କୁ ଏକ ସ୍ମାରକପତ୍ର ଦିଆହୋଇ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗଳା ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଏକ ଶାସନାଧୀନ କରିବାନିମନ୍ତେ ପଦକ୍ଷେପ ନେବାନିମନ୍ତେ ଅନୁରୋଧ କରାଯାଇଥିଲା; ମାତ୍ର ଛୋଟଲାଟ୍ ସାର୍ ଏସ୍. ସି. ବେଲେ ସେତେବେଳେ ସେହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ । ତା'ପୂର୍ବରୁ ୧୮୭୫ ମସିହାରେ ବାଲେଶ୍ୱରର ଲୋକପ୍ରିୟ ଜମିଦାର ଶ୍ୟାମ ସୁନ୍ଦର ଦେ ଓ କଟକର ବିଚିତ୍ରାନନ୍ଦ ପଟ୍ଟନାୟକ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଏକ ଶାସନାଧୀନ କରିବାପାଇଁ ପ୍ରସ୍ତାବ ଦେଇଥିଲେ । ଏ ସମ୍ପର୍କରେ ବ୍ରିଟିଶ ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବ ଭିତରେ ଏହା ଥିଲା ପ୍ରଥମ ଉଦ୍ୟମ । ଏହି ସମୟରେ ଗଞ୍ଜାମ ଜିଲାରେ ତେଲୁଗୁ ଭାଷାର ପ୍ରଭାବରୁ ଓଡ଼ିଆ ଭାଷାକୁ ରକ୍ଷା କରିବାପାଇଁ ୧୮୭୯ ମସିହାରେ ଗଞ୍ଜାମ ଜିଲାବାସୀ ସରକାରଙ୍କୁ ନିବେଦନ କରିଥିଲେ ଏବଂ ଏଥିପାଇଁ ସଂଗଠିତଭାବରେ କାର୍ଯ୍ୟ କରିବାନିମନ୍ତେ



Digitized by srujanika@gmail.com

୧୮୭୨ ମସିହାରେ ଗଞ୍ଜାମ ଓଡ଼ିଆଭାଷୀ ଅଧିବାସୀ "ଗଞ୍ଜାମ ଓଡ଼ିଆ ହିତବାଦିନୀ ସଭା" ନାମରେ ଏକ ଅନୁଷ୍ଠାନ ସ୍ଥାପନ କଲେ । କାଳିଙ୍ଗା ରାଜା ଶ୍ରୀ ଭେଙ୍କଟେଶ ଦେଓ ଏହାର ସେକ୍ରେଟାରୀ ନିଯୁକ୍ତ ହୋଇଥିଲେ । ଗଞ୍ଜାମରେ ଓଡ଼ିଆ ଭାଷାର ସଂରକ୍ଷଣପାଇଁ ଏହି ଅନୁଷ୍ଠାନ ବହୁ ଉଦ୍ୟମ କରିଥିଲା ।

## ସମ୍ବଲପୁର ଜିଲାରୁ ଓଡ଼ିଆଭାଷା ଲୋପପାଇଁ ଆଦେଶ :

ସମ୍ବଲପୁର ଓ ଏହାର ୧୮ଟି କରଦରାଜ୍ୟ ବହୁ କାଳ ଧରି ହିନ୍ଦୁ ରାଜାଙ୍କ ଶାସନାଧୀନ ହୋଇ ରହି ଆସୁଥିଲା ଏବଂ ସେମାନେ ଓଡ଼ିଶା ରାଜାଙ୍କ-ଠାରୁ ସନନ୍ଦ ପାଉଥିଲେ । ଓଡ଼ିଶା ମୋଗଲ ଶାସନାଧୀନ ହେଲାବେଳେ ମଧ୍ୟ ସମ୍ବଲପୁର କୌଣସିମତେ ନିଜର ସ୍ୱାଧୀନତା ରକ୍ଷା କରିପାରିଥିଲା, ମାତ୍ର ୧୮୦୦ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ସମ୍ବଲପୁର ଅଧିକାର କରିନେଲେ । ୧୮୦୩ ଖ୍ରୀଷ୍ଟାବ୍ଦରେ ଯେତେବେଳେ ସମଗ୍ର ଓଡ଼ିଶା ବ୍ରିଟିଶ ଶାସନାଧୀନ ହେଲା ସେତେବେଳେ ସମ୍ବଲପୁର ମଧ୍ୟ ବ୍ରିଟିଶ ଶାସନର ଅଙ୍ଗ ହୋଇ ରହିଲା । ବ୍ରିଟିଶ ସରକାର ସମ୍ବଲପୁର ଓ ଏହାର କରଦ ରାଜ୍ୟଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରି ପାଟନା ଓ ସମ୍ବଲପୁର ଏହି ଦୁଇଟି ଜିଲ୍ଲା ଭିତରେ ଅନ୍ତର୍ଭୁକ୍ତ କରିଥିଲେ । ବଉଦ ଓ ଆଠମଲ୍ଲିକ ଏହି ଦୁଇଟି ରାଜ୍ୟ ସ୍ୱତନ୍ତ୍ର ରାଜ୍ୟଭାବରେ ରହିଥିଲା ଏବଂ ଏହାକୁ କଟକ ଡିଭିଜନ୍ ଅଧୀନରେ ରଖାଯାଇଥିଲା । ୧୮୦୬ ମସିହାରେ ବାଇଗଡ଼ାକୁ ବିହାର ପ୍ରଦେଶର ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ପରେ ଏହାକୁ ନାଗପୁର ଅଧୀନରେ ରଖାଗଲା । ବ୍ରିଟିଶ ସରକାର ମରହଟ୍ଟାମାନଙ୍କସହିତ ମିଳାମିଶା କରିବା ଉଦ୍ଦେଶ୍ୟରେ ୧୮୦୬ ମସିହା ଅଗଷ୍ଟ ମାସରେ ସମ୍ବଲପୁର ଓ ପାଟନା ଜିଲାର ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକୁ ମରହଟ୍ଟାମାନଙ୍କୁ ଫେରାଇ ଦେଇଥିଲେ । ମାତ୍ର ମରହଟ୍ଟାମାନେ ଯେତେବେଳେ ସମ୍ପୂର୍ଣ୍ଣରୂପେ ପରାସ୍ତ ହେଲେ, ବ୍ରିଟିଶ ସରକାର ପୁଣି ଏହି ଅଞ୍ଚଳଗୁଡ଼ିକୁ ଦଖଲ କରିନେଲେ । ବସ୍ତରକୁ ସଂଗେ ସଂଗେ ଅଲଗା କରି ଦିଆ ହୋଇ ରାୟପୁର ଡିଭିଜନ୍ ଅଧୀନରେ ରଖାଗଲା । ସରକାର ଏ ସମସ୍ତ ରାଜ୍ୟକୁ ସ୍ୱାଧୀନ ସନନ୍ଦ ଦେଇଥିଲେ । ମାତ୍ର ଏହି ରାଜ୍ୟଗୁଡ଼ିକର ଶାସନ ସମ୍ବଲପୁର-ଠାରୁ ହିଁ ନିୟନ୍ତ୍ରିତ ହେଉଥିଲା ।

ସମ୍ବଲପୁରର ହିନ୍ଦୁ ରାଜା ନାମକୁ ମାତ୍ର ଶାସକ ଥିଲେ; ସେ ବ୍ରିଟିଶ ସରକାରଙ୍କର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟ କରୁଥିଲେ । ୧୮୨୭ ମସିହାରେ ତାଙ୍କର ମୃତ୍ୟୁ ଘଟିଥିଲେ ମଧ୍ୟ ବ୍ରିଟିଶ ସରକାର ଏହି ସମ୍ବାଦକୁ ଲୁଚାଇ



Digitized by srujanika@gmail.com

ରଖି ଏହି ରାଜ୍ୟକୁ ଶାସନ କଲାପରେ ସେମାନେ ନାରାୟଣ ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ ଶାସକଭାବରେ ଅଧିଷ୍ଠିତ କଲେ । ୧୮୪୯ରେ ତାଙ୍କର ମଧ୍ୟ ଅପୁତ୍ରିକଭାବରେ ମୃତ୍ୟୁ ଘଟିଲା । ଇତିମଧ୍ୟରେ ସମ୍ବଲପୁର ବଙ୍ଗ ପ୍ରଦେଶର ଅନ୍ତର୍ଭୁକ୍ତ ହେଲା । ସିପାହୀ ବିଦ୍ରୋହବେଳେ ସମ୍ବଲପୁର ରାଜବଂଶୀୟ ବୀର ସୁରେନ୍ଦ୍ର ସାଏ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ହଜାରିବାଗ ଜେଲରେ ରହିଥିଲେ । ସିପାହୀମାନେ ଏହି ଜେଲକୁ ଭାଙ୍ଗି ତାଙ୍କୁ ମୁକ୍ତ କରିଦେଇଥିଲେ । ସୁରେନ୍ଦ୍ର ସାଏ ସମ୍ବଲପୁରକୁ ଫେରି ଆସି ସମ୍ବଲପୁର ରାଜଗାଦି ପୁଣି ଦାବି କଲେ, ମାତ୍ର ବ୍ରିଟିଶ ସରକାର ତାହା ପ୍ରତ୍ୟାଖ୍ୟାନ କରିବାରୁ ସେ ପୁଣି ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ କଲେ । ବ୍ରିଟିଶ ସୈନ୍ୟ ବୀର ସୁରେନ୍ଦ୍ର ସାଏଙ୍କ ରଣ କୌଶଳରେ ପରାସ୍ତ ହୋଇଥିଲେ । ବହୁଦିନ ବାହାରେ ରହିବା ପରେ ୧୮୬୨ ମସିହାରେ ବୀର ସୁରେନ୍ଦ୍ର ସାଏ ବନ୍ଦୀ ହେଲେ । ସେହି ବର୍ଷ ସମ୍ବଲପୁର ଓ ଏହାର କରଦ ରାଜ୍ୟଗୁଡ଼ିକ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହୋଇଥିଲା ।

## ସମ୍ବଲପୁର ଜିଲ୍ଲାରୁ ଓଡ଼ିଆ ଭାଷାକୁ ଉଠାଇଦେବାପାଇଁ ଅଦ୍ଭୁତ ଯୁକ୍ତି :

ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହୋଇ ରହିବାପରେ ସମ୍ବଲପୁର ଜିଲା ଅତ୍ୟନ୍ତ ଅବହେଳିତ ହୋଇ ରହିଲା । ୧୮୬୬ ମସିହାରେ ଜନରବ ହେଲା ଯେ ବ୍ରିଟିଶ ସରକାର ମଧ୍ୟପ୍ରଦେଶକୁ ଭାଗ ଭାଗ କରି ଦେଇ ସିନ୍ଧ୍ ଅଞ୍ଚଳ ପଞ୍ଜାବକୁ, ମରହଟ୍ଟା ଅଞ୍ଚଳ ବମ୍ବେ ଓ ସମ୍ବଲପୁର ଅଞ୍ଚଳକୁ ବଙ୍ଗପ୍ରଦେଶସହିତ ମିଶାଇ ଦେବାପାଇଁ ଚିନ୍ତା କରୁଛନ୍ତି । ସେତେବେଳେ ସମ୍ବଲପୁର ବଙ୍ଗପ୍ରଦେଶ-ସହିତ ରହିବ ବୋଲି ଲୋକଙ୍କ ଭିତରେ ଆନନ୍ଦ ପ୍ରକାଶ ପାଇଥିଲା, ମାତ୍ର ଏହି ପରିକଳ୍ପନା କାର୍ଯ୍ୟକାରୀ ହେଲା ନାହିଁ । ୧୮୯୪ ମସିହାରେ ସମ୍ବଲପୁର ଜିଲା ସରକାରୀ ବିଭାଗମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରବର୍ତ୍ତନ-ପାଇଁ କୌଶଳ ହେଉଥିବା ଜଣାପଡ଼ିଲା । ସବୁ ପ୍ରଥମେ ମଧ୍ୟପ୍ରଦେଶର ଚିଫ୍ କମିଶନର୍ ସମ୍ବଲପୁର ଜିଲାର ପୋଲିସ୍ ବିଭାଗରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳନପାଇଁ ସୁପାରିଶ କଲେ । ବ୍ରିଟିଶ ଶାସନାଧୀନ ହେବା ପରେ ଉର୍ଦ୍ଦୁକୁ ସରକାରୀ ଭାଷାଭାବରେ ପ୍ରବର୍ତ୍ତନ କରାଯାଇଥିଲା । ମାତ୍ର ଉର୍ଦ୍ଦୁ ଭାଷା ଯେତେବେଳେ ସରକାରୀ ଭାଷାଭାବରେ ପ୍ରଚଳିତ ହେବା ଅତି ଅବାସ୍ତବ ବୋଲି ବିବେଚିତ ହେଲା ସେତେବେଳେ ହିନ୍ଦୀ ଭାଷା ପ୍ରବର୍ତ୍ତିତ ହେଲା । ମାତ୍ର ସାଧାରଣ



Digitized by srujanika@gmail.com

ଲୋକଙ୍କ ପକ୍ଷରେ ହିନ୍ଦୀ ଭାଷାରେ ଦକ୍ଷତା ହାସଲ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ରାଜା ସୁଡ଼ଳଦେବଙ୍କଦ୍ୱାରା ପ୍ରତିଷ୍ଠିତ ଏବଂ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ଦେଓଗଡ଼ରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ପତ୍ରିକା ମଧ୍ୟ-ପ୍ରଦେଶ ସରକାରଙ୍କ ଏହି ଆଦେଶର ସମାଲୋଚନା କରି ଲେଖିଥିଲେ ଯେ ଏହି ଆଦେଶରୁ ସୂଚନା ମିଳୁଛି, ସରକାର ଓଡ଼ିଆ ଭାଷାକୁ ଲୋପ କରି-ଦେବାପାଇଁ ଉଦ୍ୟମ କରୁଛନ୍ତି । ଏପରି ଆଦେଶର କାରଣ ସ୍ୱରୂପ ମଧ୍ୟପ୍ରଦେଶର ଚିଫ୍ କମିଶନର୍ ଜଣାଇଲେ ଯେ ସମ୍ବଲପୁର ଜିଲା ବ୍ୟତୀତ ମଧ୍ୟପ୍ରଦେଶର ଅନ୍ୟ ସମସ୍ତ ଅଞ୍ଚଳ ହିନ୍ଦୀଭାଷୀ ବହୁଳ ହୋଇଥିବାରୁ ଅନ୍ୟ ଅଞ୍ଚଳରୁ ସମ୍ବଲପୁରକୁ ସରକାରୀ କର୍ମଚାରୀଙ୍କୁ ବଦଳି କରି ଆଣିବା ଏବଂ ଏଠାରୁ ଅନ୍ୟ ଜିଲାକୁ କର୍ମଚାରୀ ବଦଳି କରିବାପାଇଁ ବହୁ ଅସୁବିଧା ହେଉଛି । ତେଣୁ ସମ୍ବଲ୍‌ପୁର ଜିଲାରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରବର୍ତ୍ତନ କଲେ ଏହି ଅସୁବିଧା ଦୂର ହୋଇଯାଇପାରିବ । ମଧ୍ୟପ୍ରଦେଶ ସରକାରଙ୍କ ଏହିଭଳି ଅଦ୍‌ଭୁତ ଯୁକ୍ତି ଓ ଓଡ଼ିଆ ଭାଷାକୁ ଲୋପ କରିବାପାଇଁ ସ୍ୱେଚ୍ଛାଚାରୀ ଆଦେଶ ବିରୁଦ୍ଧରେ କେବଳ ସମ୍ବଲପୁର ଜିଲାରେ ନୁହେଁ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ତୀବ୍ର ପ୍ରତିବାଦ-ହେଲା ।

## ସମ୍ବଲପୁର ଜିଲାରେ ଓଡ଼ିଆ ଭାଷାରକ୍ଷାପାଇଁ ଗଣ ଆନ୍ଦୋଳନ :

ଏହି ଅପରିଣାମଦର୍ଶୀ ଆଦେଶ ବିରୁଦ୍ଧରେ ସମ୍ବଲପୁର ଜିଲାରେ ଗଣ ଆନ୍ଦୋଳନ ଗଢ଼ିଥିଲା । ସମ୍ବଲପୁରର ଆଇନଜୀବୀ ଧରଣୀଧର ମିଶ୍ରଙ୍କ ନେତୃତ୍ୱରେ ବ୍ରଜମୋହନ ପଟ୍ଟନାୟକ, ମଦନମୋହନ ମିଶ୍ର, ମହାନ୍ତ ବିହାରୀ ଦାସ, ଶ୍ରୀପତି ମିଶ୍ର, ବଳଭଦ୍ର ସୁପକାର ଓ ଜନାର୍ଦନ ପଣ୍ଡା ପ୍ରମୁଖ ବିଶିଷ୍ଟ ବୁଦ୍ଧିଜୀବୀ ମାନେ ଏହି ଆନ୍ଦୋଳନ ଚଳେଇଥିଲେ । ବାମଣ୍ଡା ଓ ସୋନପୁର ରାଜା ଏବଂ ପଦ୍ମପୁର ଓ ବରପାଲିର ଜମିଦାର ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ । ସେତେବେଳେ ବାମଣ୍ଡାରୁ ପ୍ରକାଶ ପାଉଥିବା "ସମ୍ବଲପୁର ହିତୈଷିଣୀ" ପତ୍ରିକା ଜନ ଆନ୍ଦୋଳନର ମୁଖପତ୍ର ଭଳି କାର୍ଯ୍ୟ କରୁଥିଲା । ଜନସାଧାରଣଙ୍କ ବହୁ ସଂଖ୍ୟକ ପ୍ରତିବାଦ ପତ୍ର, ପ୍ରତିବାଦମୂଳକ କବିତା ଏହି ପତ୍ରିକାରେ ପ୍ରକାଶ ପାଇଥିଲା । ଏହି ପତ୍ରିକାରେ ପ୍ରକାଶିତ କବି ଗଙ୍ଗାଧର ମେହେରଙ୍କ 'ଉତ୍କଳ ମାତାର ବେଦନ', 'ଉତ୍କଳ ଜନନୀର ଉକ୍ତି' ସମଗ୍ର ଓଡ଼ିଆଭାଷୀ ଅଞ୍ଚଳ ଅଧିବାସୀଙ୍କୁ ପ୍ରେରଣା ଦେଇଥିଲା । ଏହା ବ୍ୟତୀତ କଟକରୁ ପ୍ରକାଶିତ 'ଉତ୍କଳ ଦୀପିକା' ଏବଂ ବାଲେଶ୍ୱରର 'ସମ୍ବାଦ ବାହିକା' ମଧ୍ୟ ମଧ୍ୟପ୍ରଦେଶ ସରକାରଙ୍କ



Digitized by srujanika@gmail.com

ଆଦେଶର ତୀବ୍ର ପ୍ରତିବାଦ କରିଥିଲେ । ସମ୍ବଲପୁର ଜିଲାର ପ୍ରତ୍ୟେକ ଗ୍ରାମରେ ଗ୍ରାମସଭାମାନ ଗଠିତ ହୋଇ କେନ୍ଦ୍ରସଭା ପରାମର୍ଶ କ୍ରମେ ଭାଷା ଆନ୍ଦୋଳନ ଗଣ ଆନ୍ଦୋଳନ ଆକାର ଧାରଣା କଲା ।

## ଆନ୍ଦୋଳନରେ ସଫଳତା—ଆଦେଶ ରଦ୍ଦ ହେଲା :

୧୮୯୫ ମସିହା ଜୁନମାସରେ ଉତ୍କଳ ସଭା ବଡ଼ଲାଟ୍‌ଙ୍କ ନିକଟକୁ ଏକ ଦୀର୍ଘ ପତ୍ରରେ ଦର୍ଶାଇଲେ ଯେ ଅଳ୍ପ କେତେକ ସରକାରୀ କର୍ମଚାରୀଙ୍କ ଚକ୍ରାନ୍ତରେ ସମ୍ବଲପୁର ଜିଲାବାସୀଙ୍କୁ ନିଜ ମାତୃଭାଷା ବ୍ୟବହାରରୁ ବଞ୍ଚିତ କରାଯାଉଛି । ତେଣୁ ଏହି ଆଦେଶ ତୁରନ୍ତ ପ୍ରତ୍ୟାହାର କରି ନିଆଯାଉ । ଧରଣୀଧର ମିଶ୍ରଙ୍କ ନେତୃତ୍ୱରେ ଏ ସଂପର୍କରେ ଏକ ସ୍ମାରକ ପତ୍ର ଭାରତର ତତ୍‌କାଳୀନ ବଡ଼ଲାଟ୍‌ଙ୍କୁ ଦେବାପାଇଁ ଯାଇଥିବା ପ୍ରତିନିଧି ଦଳ ଦୁଇ ଥର ବିଫଳ ହେଲେ । ଭାରତ ସରକାର ପ୍ରାଦେଶିକ ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା-ପାଇଁ ଚାହିଁଲେ ନାହିଁ । ମଧ୍ୟପ୍ରଦେଶ ଚିଫ୍ କମିଶନର୍ ନିଜେ ୧୯୦୧ ମସିହା ସେପ୍‌ଟେମ୍ବର ମାସରେ ସମ୍ବଲପୁର ପରିଦର୍ଶନରେ ଆସିଥିବାବେଳେ ବହୁ ଲୋକ ତାଙ୍କୁ ସାକ୍ଷାତ୍, କରି ଏହି ଆଦେଶ ପ୍ରତ୍ୟାହାର କରିନେବାପାଇଁ ଜଣେଇଥିଲେ । ସେ ନିଜେ ବିଷୟଟି ବୁଝିପାରିବାରୁ ଏହି ଅନ୍ୟାୟ ଆଦେଶକୁ ୧୯୦୩ ମସିହାରେ ଉଠାଇ ଦେବାପାଇଁ ଆଦେଶ ଦେଇଥିଲେ ।

## ଏକ କେନ୍ଦ୍ରୀୟ ଅନୁଷ୍ଠାନ ପ୍ରତିଷ୍ଠାପାଇଁ ଗଞ୍ଜାମବାସୀଙ୍କ ପ୍ରଥମ ଉଦ୍ୟମ :

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ଯେଉଁ ଭାଷା ଆନ୍ଦୋଳନ ହେଲା ତାହା ଓଡ଼ିଶାରେ ସାଂସ୍କୃତିକ ଜାଗରଣର ଯେ ଭିତ୍ତି ସ୍ଥାପନ କଲା ସେତିକି ନୁହେଁ, ତାହା ସମଗ୍ର ଓଡ଼ିଆଭାଷୀଙ୍କୁ ଏକଜୁଟ କରିଥିଲା । ବିଶେଷଭାବରେ ୧୯୦୨ ମସିହାରେ ସମ୍ବଲପୁର ଭାଷା ଆନ୍ଦୋଳନର ଶେଷ ଭାଗରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ବୁଦ୍ଧିଜୀବୀମାନେ ଉପଲବ୍‌ଧି କରିଥିଲେ ଯେ କେବଳ ଭାଷାରକ୍ଷାପାଇଁ ନୁହେଁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନପାଇଁ 'ଆନ୍ଦୋଳନ ଚଳେଇବାନିମନ୍ତେ ସମସ୍ତ ଓଡ଼ିଆ-ଭାଷୀ ଅଞ୍ଚଳର ସବୁ ଶ୍ରେଣୀର ଲୋକଙ୍କର ଏକ ପ୍ରତିନିଧିମୂଳକ କେନ୍ଦ୍ରୀୟ ଅନୁଷ୍ଠାନ ଆବଶ୍ୟକ । ୧୮୮୨ ମସିହାଠାରୁ କଟକରେ ପ୍ରତିଷ୍ଠିତ ଉତ୍କଳ ସଭା ଉତ୍କଳଗୌରବ ମଧୁସୂଦନଙ୍କ ନେତୃତ୍ୱରେ ପୁନର୍ଗଠିତ ହୋଇଥିଲେ ମଧ୍ଯ



Digitized by srujanika@gmail.com

ତାହା ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧିମୂଳକ ଅନୁଷ୍ଠାନ ନୁହେଁ ବୋଲି ନିଜେ ମଧୁସୂଦନ ଅନୁଭବ କରିଥିଲେ ।

ଗଞ୍ଜାମ ଜିଲ୍ଲାରେ ହିଁ ଏହିପରି କେନ୍ଦ୍ରୀୟ ଓଡ଼ିଆଭାଷୀ ସଂଗଠନ ନିମନ୍ତେ ପ୍ରଥମେ ଆଗ୍ରହ ପ୍ରକାଶ ପାଇଲା । ଆଗରୁ କୁହାଯାଇଛି ଯେ ୧୫୭୧ ଖ୍ରୀଷ୍ଟାବ୍ଦଠାରୁ ଭିଜିଗାପଟ୍ଟମ୍ ଓ ଜୟପୁର ସମେତ ଗଞ୍ଜାମ ଜିଲ୍ଲା ଓଡ଼ିଶା ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇ ରହିଥିଲା । ୧୬୮୭ ଖ୍ରୀଷ୍ଟାବ୍ଦରେ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଆଦେଶମତେ ଗଞ୍ଜାମ ଜିଲ୍ଲା ଡେକାନ୍ ସୁବେଦାରଙ୍କୁ ହସ୍ତାନ୍ତର କରାଯାଇଥିଲା । ୧୭୫୩ ଖ୍ରୀଷ୍ଟାବ୍ଦରେ ଡେକାନ୍ ସୁବେଦାର ଗଞ୍ଜାମ ଜିଲ୍ଲାକୁ ଫରାସୀ ସରକାରଙ୍କୁ ହସ୍ତାନ୍ତର କରିଦେଲେ । ମାତ୍ର ଫରାସୀ ଶାସକମାନଙ୍କର ବ୍ରିଟିଶ ସୈନ୍ୟବାହିନୀମାନଙ୍କଦ୍ୱାରା ପରାସ୍ତ ହେବା ପରେ ୧୭୬୬ ଖ୍ରୀଷ୍ଟାବ୍ଦରେ ଡେକାନ୍‌ର ସୁବେଦାର ବ୍ରିଟିଶ ସେନାପତିଙ୍କସହିତ ସନ୍ଧିପତ୍ରରେ ସ୍ୱାକ୍ଷର କଲେ । ତା'ପରଠାରୁ ନର୍ଦ୍ଦନ ସରକାରର ଏକ ଅଂଶରୂପେ ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜ ପ୍ରଦେଶର ଅନ୍ତର୍ଭୁକ୍ତ ହୋଇଥିଲା । ବଙ୍ଗପ୍ରଦେଶର ଅନ୍ତର୍ଭୁକ୍ତ ହୋଇଥିବା ଓଡ଼ିଶାର ଉପକୂଳବର୍ତ୍ତୀ ଓଡ଼ିଆଭାଷୀ ଅଞ୍ଚଳରେ ଭାଷା ଆନ୍ଦୋଳନ ଆରମ୍ଭ ହେବା ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରେ କୌଣସି ଆନ୍ଦୋଳନ ଆରମ୍ଭ ହୋଇ ନ ଥିଲା । ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶା ଡିଭିଜନ୍‌ରେ ଯେତେବେଳେ ଭାଷା ଆନ୍ଦୋଳନ ଆରମ୍ଭ ହେଲା ତା' ପରେ ଗଞ୍ଜାମ ଜିଲ୍ଲାବାସୀଙ୍କ ଭିତରେ ଜାଗରଣ ଦେଖାଦେଇଥିଲା । ୧୮୭୦ ମସିହାରେ ଗଞ୍ଜାମ ଜିଲ୍ଲା ଅଧିବାସୀ ମାନ୍ଦ୍ରାଜ ସରକାରଙ୍କ ନିକଟକୁ ଏକ ସ୍ମାରକ ପତ୍ର ଦେଇଥିଲେ । ଏଥିରେ ଜିଲ୍ଲାର ଶିକ୍ଷାନୁଷ୍ଠାନ ଓ କଚେରୀରେ ତେଲୁଗୁ ଭାଷା ପ୍ରଚଳିତ ହେଉଥିବାରୁ ଓଡ଼ିଆମାନେ କିପରି ଅସୁବିଧା ଭୋଗ କରୁଛନ୍ତି ତାହା ବିସ୍ତୃତଭାବରେ ବର୍ଣ୍ଣନା କରାଯାଇଥିଲା । ଏହାର ଦୁଇ ବର୍ଷ ପରେ ୧୮୭୨ ମସିହା ମାର୍ଚ୍ଚ ମାସରେ ମାନ୍ଦ୍ରାଜ ସରକାର ଗଞ୍ଜାମ ଜିଲ୍ଲାରେ ତେଲୁଗୁ ଭାଷାସହିତ ଓଡ଼ିଆ ଭାଷା କଚେରୀ ଭାଷାଭାବରେ ପ୍ରଚଳିତ ହେବ ବୋଲି ଏକ ଆଦେଶ ଦେଲେ, ମାତ୍ର ଏହା କାର୍ଯ୍ୟକାରୀ ହେଲା ନାହିଁ । ଏହା ପର ବର୍ଷ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷାକୁ ଏକ ସ୍ୱାଧୀନ ଭାଷା ମାନ୍ୟତା ଦେଲେ ଏବଂ ବିଶ୍ୱବିଦ୍ୟାଳୟରେ ଏହା ଏକ ବିଷୟରୂପେ ଗୃହୀତ ହେଲା । ଗଞ୍ଜାମର ଓଡ଼ିଆମାନେ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇଥିଲେ । ଗଞ୍ଜାମ ଅଧିବାସୀ ବାରମ୍ବାର ମାନ୍ଦ୍ରାଜ ସରକାରଙ୍କ ନିକଟରେ ନିଜର ଅଭାବ



Digitized by srujanika@gmail.com

ଅସୁବିଧା ଉପସ୍ଥାପିତ କରିବାରେ ଲାଗିଲେ । ୧୮୯୦ ମସିହାରେ ପାରଳାଖେମଣ୍ଡିଠାରେ ଗଠିତ "ଉତ୍କଳ ହିତୈଷିଣୀ ସମାଜ" ଓଡ଼ିଆଙ୍କ ଦୁଃଖ ଦୁର୍ଦ୍ଦଶାର ବିସ୍ତୃତ ବିବରଣୀସହ ମାନ୍ଦ୍ରାଜ ସରକାରଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଇଥିଲେ । ଏହି ସ୍ମାରକପତ୍ରରେ ସେମାନେ ଜଣାଇଥିଲେ ଯେ ଜିଲାର ଲୋକସଂଖ୍ୟା ଭିତରୁ ଓଡ଼ିଆଙ୍କ ସଂଖ୍ୟା ତିନି ଚତୁର୍ଥାଂଶ ହୋଇଥିଲେ ମଧ୍ୟ ଜିଲାର କଚେରିରେ କେବଳ ତେଲୁଗୁ ଭାଷା ପ୍ରଚଳିତ ହେଉଛି । ଏହା ଫଳରେ ତେଲୁଗୁମାନଙ୍କୁ ଗୋଟିଏ ଭାଷା ଶିଖିବାକୁ ହେଉଥିବା ସ୍ଥଳେ ଓଡ଼ିଆମାନଙ୍କୁ ଦୁଇଟି ଭାଷା ଶିଖିବାକୁ ହେଉଛି । ଏହା ବ୍ୟତୀତ ସେମାନେ ଅନ୍ୟାନ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରୀ ଚାକିରିରେ ଅଧିକାଂଶ ଭାଗ ତେଲୁଗୁ କର୍ମଚାରୀ ନିଯୁକ୍ତ ହେଉଛନ୍ତି । ତେଣୁ ଜିଲା କଚେରିରେ ଓଡ଼ିଆ ଅନ୍ୟତମ ଭାଷାଭାବରେ ଗୃହୀତ ହେଉ । ମାନ୍ଦ୍ରାଜ ସରକାର ଗଞ୍ଜାମ ଜିଲାର ଓଡ଼ିଆମାନଙ୍କର ଏହି ଅସୁବିଧା ହୃଦୟଙ୍ଗମ କରି ୧୮୯୦ ମସିହା ଡିସେମ୍ବର ମାସରେ ଆଦେଶ ଦେଲେ ଯେ ଏଣିକି ଗଞ୍ଜାମ ଜିଲାର କଚେରିରେ ତେଲୁଗୁ ଓ ଓଡ଼ିଆ ଉଭୟ ଭାଷାରେ କାରବାର କରାଯିବ ।

## ଗଞ୍ଜାମ ଜାତୀୟ ସମିତି :

ଏହା ବ୍ୟତୀତ ୧୮୭୨ ମସିହାରେ ଗଞ୍ଜାମବାସୀଙ୍କ ଉଦ୍ୟମରେ "ଗଞ୍ଜାମ ଓଡ଼ିଆ ହିତବାଦିନୀ ସଭା" ଗଞ୍ଜାମରେ ଓଡ଼ିଆ ଭାଷାର ସଂରକ୍ଷଣ ପାଇଁ ତଥା ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣପାଇଁ କାର୍ଯ୍ୟ କରିଥିଲା । ଏହାପରେ ୧୮୯୫ ମସିହାଠାରୁ ସମ୍ବଲପୁରରେ ଯେଉଁ ଭାଷା ଆନ୍ଦୋଳନ ଚାଲିଥିଲା ସେଥିରେ ସମ୍ବଲପୁରବାସୀଙ୍କୁ ସାହାଯ୍ୟ କରିବାପାଇଁ ଗଞ୍ଜାମବାସୀ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ୧୯୦୩ ମସିହାରେ ବ୍ରହ୍ମପୁରଠାରେ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳର ପ୍ରତିନିଧିଙ୍କୁ ନେଇ 'ଓଡ଼ିଆ ଜାତୀୟ ସମିତି' ଗଠିତ ହେଲା । ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ ନିରବଚ୍ଛିନ୍ନଭାବରେ ଆନ୍ଦୋଳନ ଚଳେଇବାପାଇଁ ଏହି ସମିତି ସ୍ଥିର କରିଥିଲା । ଶେଷରେ ୧୯୦୩ ମସିହା ଜାନୁଆରୀ ମାସରେ ରମ୍ଭାଠାରେ ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳରୁ ନିମନ୍ତ୍ରିତ ବହୁ ପ୍ରତିନିଧିଙ୍କ ଆଲୋଚନା ପରେ 'ଗଞ୍ଜାମ ଜାତୀୟ ସମିତି' ନାମରେ ଏକ ପ୍ରତିନିଧିମୂଳକ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଥିଲା । ଗଞ୍ଜାମର ରାଜା, ମହାରାଜା, ଜମିଦାର ଓ ବିଭିନ୍ନ ଶ୍ରେଣୀର ପ୍ରତିନିଧିଙ୍କ ବ୍ୟତୀତ ମଧୁସୂଦନ ଦାସ, ବିଶ୍ୱନାଥ



Digitized by srujanika@gmail.com

କର, ଗୋପାଳଚନ୍ଦ୍ର ପ୍ରହରାଜ, କୃଷ୍ଣପ୍ରସାଦ ଚୌଧୁରୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ପ୍ରତି ବର୍ଷ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ- ପାଇଁ ଆନ୍ଦୋଳନ ଚଳେଇବାନିମନ୍ତେ ନିଷ୍ପତ୍ତି କରାଯାଇଥିଲା । ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନପାଇଁ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ସମବେତ ପ୍ରଚେଷ୍ଟା ଦିଗରେ ଏହା ଥିଲା ପ୍ରଥମ ଉଦ୍ୟମ । ଏହି ସମ୍ମିଳନୀ ଗଞ୍ଜାମ ଜିଲ୍ଲାରେ ଶିକ୍ଷା ପ୍ରସାର କରିବା, ଅଧିକ ପୁସ୍ତକାଗାର ସ୍ଥାପନ କରିବା ଏବଂ ଓଡ଼ିଆରେ ପାଠ୍ୟ ପୁସ୍ତକ ପ୍ରଣୟନ କରିବାପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ସମ୍ପର୍କରେ ମଧ୍ୟ ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ଖଲ୍ଲିକୋଟ ରାଜା ସାହେବ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ ।

## ମଧୁସୂଦନଙ୍କ ନେତୃତ୍ୱରେ "ଉତ୍କଳ ସମ୍ମିଳନୀ" ପ୍ରତିଷ୍ଠା :

ସମ୍ବଲପୁର ଭାଷା ଆନ୍ଦୋଳନ ଓ ତତ୍‌କାଳୀନ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଚିନ୍ତାକରି ଉତ୍କଳଗୌରବ ମଧୁସୂଦନ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ସମଗ୍ର ଓଡ଼ିଆଭାଷୀଙ୍କ ଆଶା ଆକାଙ୍‌କ୍ଷା ପୂରଣପାଇଁ ଓଡ଼ିଶାର ସବୁ ଶ୍ରେଣୀର ଲୋକଙ୍କୁ ନେଇ ଏକ ଶକ୍ତିଶାଳୀ ଅନୁଷ୍ଠାନ ପ୍ରତିଷ୍ଠା କରିବାର ଜରୁରୀ ଆବଶ୍ୟକତା ରହିଛି । ରମ୍ଭା ସମ୍ମିଳନୀରୁ ଫେରିବା ପରେ ତାଙ୍କର ଏହି ଧାରଣା ଦୃଢ଼ୀଭୂତ ହୋଇଥିଲା । ସେହି ବର୍ଷ କଲିକତା ବିଶ୍ୱବିଦ୍ୟାଳୟ ଯେତେବେଳେ ଓଡ଼ିଆ ଭାଷା ଶିକ୍ଷାପାଇଁ ଘୋଷଣା କଲେ ବଙ୍ଗାଳୀମାନେ ତା'ର ତୀବ୍ର ପ୍ରତିବାଦ କଲେ । ଏଥିରେ ସେ କ୍ଷୁବ୍‌ଧ ହୋଇ- ଥିଲେ । ଏହା ପରେ ପରେ ୧୯୦୨ ମସିହାରେ ବଙ୍ଗଳାର ବିଶିଷ୍ଟ ଜାତୀୟବାଦୀ ନେତା ସାର୍ ସୁରେନ୍ଦ୍ରନାଥ ବାନାର୍ଜି ବଙ୍ଗପ୍ରଦେଶ କଂଗ୍ରେସ କମିଟିରେ ଓଡ଼ିଶାକୁ ଅନ୍ତର୍ଭୁକ୍ତ କରିବାକୁ ମଧୁସୂଦନଙ୍କୁ ପ୍ରସ୍ତାବ ଦେବାରୁ ମଧୁସୂଦନ ତାହା ପ୍ରତ୍ୟାଖ୍ୟାନ କରିଦେଇଥିଲେ ଏବଂ ଓଡ଼ିଆମାନଙ୍କପାଇଁ ଏହା ନୈରାଶ୍ୟ- ଜନକ ଓ ଅପମାନଜନକ ପ୍ରସ୍ତାବ ବୋଲି ସେ ମନେ କରିଥିଲେ । ସେତେବେଳକୁ ଉତ୍କଳଗୌରବ ମଧୁସୂଦନ କଟକଠାରେ ୨୩ ବର୍ଷରୁ ଅଧିକ କାଳ ଅତିବାହିତ କରି ଜଣେ ବିଶିଷ୍ଟ ଆଇନଜ୍ଞ, ଦକ୍ଷ ସଂଗଠକ ଓ ସୁବକ୍ତା- ଭାବରେ ସୁଖ୍ୟାତି ଅର୍ଜନ କରିସାରିଥାଆନ୍ତି । ୧୮୮୨ ମସିହାଠାରୁ ମଧୁସୂଦନ ଉତ୍କଳ ସଭାର ଜଣେ ସହଯୋଗୀ ସଭ୍ୟଭାବରେ ଯୋଗଦେଇ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ସମସ୍ୟା ବ୍ୟତୀତ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ସମସ୍ୟାସହିତ ଘନିଷ୍ଠ-



Digitized by srujanika@gmail.com

ଭାବରେ ପରିଚିତ ହୋଇସାରିଥାଆନ୍ତି । ଏହି ଉତ୍କଳ ସଭାକୁ ପୁନର୍ଗଠିତ କରି ସେ ଏହା ଜରିଆରେ ଓଡ଼ିଆଭାଷୀଙ୍କ ସେବା କରିବାପାଇଁ ମନସ୍ଥ କରିଥିଲେ ମଧ୍ୟ ବିକ୍ଷିପ୍ତ ହୋଇ ରହିଥିବା ଓଡ଼ିଆଭାଷୀଙ୍କ ସମସ୍ୟାର ସମାଧାନନିମନ୍ତେ ଏହା ଅପେକ୍ଷା ଅଧିକ ଏକ ଶକ୍ତିଶାଳୀ ଅନୁଷ୍ଠାନ ଗଠନ କରିବାର ଆବଶ୍ୟକତା ଅନୁଭବ କରି ମଧୁସୂଦନ କଟକର କନିକା କୋଠିଠାରେ ୧୯୦୩ ମସିହା ଅକ୍ଟୋବର ମାସରେ ଉତ୍କଳ ସଭାର ଏକ ସ୍ୱତନ୍ତ୍ର ବୈଠକ ଡକାଇଲେ । ଏହି ବୈଠକରେ ସେହି ବର୍ଷ ଡିସେମ୍ବର ୩୦ ଓ ୩୧ ତାରିଖରେ ଓଡ଼ିଆଭାଷୀ ଅଞ୍ଚଳର ଏକ ପ୍ରତିନିଧିମୂଳକ ସମ୍ମିଳନୀ ଡାକିବାପାଇଁ ନିଷ୍ପତ୍ତି ନିଆଯାଇଥିଲା ।

୧୯୦୩ ମସିହା ଡିସେମ୍ବର ୩୦-୩୧ ତାରିଖରେ ଅନୁଷ୍ଠିତ ସମ୍ମିଳନୀକୁ ରାଜା, ମହାରାଜା, ଜମିଦାର ତଥା ସବୁ ଶ୍ରେଣୀର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସମ୍ମିଳନୀରେ ବଙ୍ଗଳା, ମାନ୍ଦ୍ରାଜ, ବିହାର ଓ ମଧ୍ୟପ୍ରଦେଶ ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳର ସବୁ ଶ୍ରେଣୀର ୩୩୫ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ସମ୍ମିଳନୀର ପ୍ରତିନିଧିମାନଙ୍କପାଇଁ ଏକ ସ୍ୱତନ୍ତ୍ର ଧରଣର ପଗଡ଼ି ତିଆରି କରାଯାଇଥିଲା ଏବଂ ସମସ୍ତ ଆଲୋଚନା ଓଡ଼ିଆରେ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ପ୍ରତିନିଧି ସଭାକୁ ଉତ୍କଳ ସମ୍ମିଳନୀ ନାମ ଦିଆଯାଇ ଥିଲା । ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ଏହି ଅଧିବେଶନପାଇଁ ଗଠିତ ଅଭ୍ୟର୍ଥନା ସମିତିରେ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ସଭାପତି ଓ ଉତ୍କଳଗୌରବ ମଧୁସୂଦନ ଦାସ ସମ୍ପାଦକ ଥିଲେ । ସେତେବେଳେ ରେଭେନ୍ସା କଲେଜର ଛାତ୍ର ଥାଇ ଗୋପବନ୍ଧୁ ଦାସ ସମ୍ମିଳନୀର ଜଣେ ସ୍ୱେଚ୍ଛାସେବକଭାବରେ କାର୍ଯ୍ୟ କରିଥିଲେ । ସମ୍ମିଳନୀର ମୁଖ୍ୟ ପ୍ରସ୍ତାବରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆଭାଷୀଙ୍କୁ ଏକଶାସନାଧୀନ କରିବା, ସମ୍ବଲପୁର ଜିଲ୍ଲାରେ ଓଡ଼ିଆଭାଷା ପୁନଃପ୍ରବର୍ତ୍ତନପାଇଁ ଦାବି କରାଯାଇ ଥିଲା ଓ ଓଡ଼ିଆ ସାହିତ୍ୟ, ସଂସ୍କୃତି, କୃଷି ଓ ଶିଳ୍ପର ବିକାଶନିମନ୍ତେ ଯୋଜନା ପ୍ରସ୍ତୁତ କରିବାପାଇଁ ବିଭିନ୍ନ କମିଟିମାନ ଗଠିତ ହୋଇଥିଲା । ସେହି ବର୍ଷ ଉତ୍କଳ ସମ୍ମିଳନୀର ୩-୧ଟି ଶାଖା କଟକ, ପୁରୀ, ବାଲେଶ୍ୱର, ମେଦିନିପୁର, ସମ୍ବଲପୁର, ଗଞ୍ଜାମ, କଲିକତା ଓ ଗଡ଼ଜାତମାନଙ୍କରେ ଗଠିତ ହୋଇଥିଲା । ଏହି ସମ୍ମିଳନୀର ସଫଳତାରେ ମଧୁସୂଦନଙ୍କ ବିଚକ୍ଷଣ ସଂଗଠନ ଶକ୍ତି ଓ ଦକ୍ଷତା ପ୍ରମାଣିତ ହୋଇଥିଲା । ମଧୁସୂଦନ ଓଡ଼ିଆ ଜାତିର ଆଶା ଆକାଂକ୍ଷା



Digitized by srujanika@gmail.com

ପୂରଣନିମନ୍ତେ ଉତ୍କଳ ସମ୍ମିଳନୀକୁ ଏକ ସଂଘୀୟ ଅନୁଷ୍ଠାନରେ ପରିଣତ କରିବାକୁ ଚାହିଁଥିଲେ । ଏଥିପାଇଁ ଏକ କେନ୍ଦ୍ରୀୟ କାର୍ଯ୍ୟ ନିର୍ବାହକ କମିଟି ଓ ଜିଲ୍ଲା କମିଟିମାନ ଗଠିତ ହୋଇଥିଲା । ଗ୍ରାମ୍ୟ କମିଟିରୁ ଜିଲା କମିଟିକୁ ଓ ଜିଲ୍ଲା କମିଟିରୁ କେନ୍ଦ୍ର କମିଟିକୁ ସଭ୍ୟମାନେ ନିର୍ବାଚିତ ହେବାର ପରିକଳ୍ପନା ଥିଲା ।

ଦ୍ୱିତୀୟ ଅଧିବେଶନ—୧୯୦୪, ଡିସେମ୍ବର ୨୮-୨୯; ସଭାପତି-ଧରକୋଟ ରାଜା

ତୃତୀୟ ଅଧିବେଶନ—୧୯୦୫, ବାଲେଶ୍ୱର, ଏପ୍ରିଲ୍ ତା ୧୩-୧୪
ସଭାପତି—ତାଳଚେର ରାଜା କିଶୋରଚନ୍ଦ୍ର ହରିଚନ୍ଦନ ଏବଂ ଅଭ୍ୟର୍ଥନା ସମିତି ଚେୟାରମେନ୍—ରାଜା ବୈକୁଣ୍ଠନାଥ ଦେ

ଚତୁର୍ଥ ଅଧିବେଶନ—୧୯୦୬, ବ୍ରହ୍ମପୁର, ଡିସେମ୍ବର ତା ୨୬-୨୭
ସଭାପତି—କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ଅଭ୍ୟର୍ଥନା ସମିତିର ଚେୟାରମେନ୍—ବଡ଼ଖେମଣ୍ଡିର ରାଜା ସାହେବ

ପଞ୍ଚମ ଅଧିବେଶନ—୧୯୦୮, ପୁରୀ, ଏପ୍ରିଲ୍ ତା ୧୮ ଓ ୧୯ ତାରିଖ
ସଭାପତି—ସୁରଙ୍ଗୀ ରାଜା ସାହେବ, ଚେୟାରମେନ୍—ପାରିକୁଦ ରାଜା ଗୌରଚନ୍ଦ୍ର ମାନସିଂହ ହରିଚନ୍ଦନ ଭ୍ରମରବରରାୟ

ଷଷ୍ଠ ଅଧିବେଶନ—୧୯୦୯, କଟକ, ଡିସେମ୍ବର ମାସ
ସଭାପତି—ଆଠଗଡ଼ ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକ

ସପ୍ତମ ଅଧିବେଶନ—୧୯୧୦, କଟକ, ଡିସେମ୍ବର ତା ୩୦-୩୧
ସଭାପତି—ରାଜା ବୈକୁଣ୍ଠନାଥ ଦେ (ବାଲେଶ୍ୱର)
ଚେୟାରମେନ୍—ମଧୁପୁର ରାଜା ସାହେବ
ସଂପାଦକ—ଗୋକୁଳାନନ୍ଦ ଚୌଧୁରୀ

ଅଷ୍ଟମ ଅଧିବେଶନ—୧୯୧୨, ବ୍ରହ୍ମପୁର, ଏପ୍ରିଲ୍ ତା ୬-୭
ସଭାପତି—ସୁରଙ୍ଗୀ ରାଜା ସାହେବ
ଚେୟାରମେନ୍—ମଞ୍ଜୁଷାର ଯୁବରାଜ ଶ୍ରୀନିବାସ ରାଜାମଣି ଦେଓ

ନବମ ଅଧିବେଶନ—୧୯୧୩, ପୁରୀ, ଡିସେମ୍ବର ତା ୨୮-୨୯
ସଭାପତି—ଉତ୍କଳଗୌରବ ମଧୁସୂଦନ ଦାସ
ଚେୟାରମେନ—ଏମାର ମଠ ମହନ୍ତ ଗଦାଧର ରାମାନୁଜ ଦାସ ଓ ସଂପାଦକ—ଜଗବନ୍ଧୁ ସିଂହ



Digitized by srujanika@gmail.com

ଦଶମ ଅଧିବେଶନ---୧୯୧୪, ପାରଳାଖେମଣ୍ଡି, ଡସେମ୍ବର ତା ୨୬-୨୭
ସଭାପତି— ଶ୍ରୀ ବଙ୍କମଦେବ ବର୍ମା
ଚେୟାରମେନ୍—ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ

ଏକାଦଶ ଅଧିବେଶନ—୧୯୧୫, ସମ୍ବଲପୁର, ଡସେମ୍ବର ତା ୨୭-୨୮
ସଭାପତି—କେଶର ରାଜା ଲକ୍ଷ୍ମୀନାରାୟଣ ସିଂହଦେଓ
ଚେୟାରମେନ୍—ବାଲୁକେଶ୍ୱର ମିଶ୍ର

ଦ୍ୱାଦଶ ଅଧିବେଶନ—ବାଲେଶ୍ୱର, ୧୯୧୬ ଡସେମ୍ବର ତା ୨୯-୩୦
ସଭାପତି—ମଞ୍ଜୁଷାର ରାଜା ସାହେବ
ଚେୟାରମେନ୍—ରାଧାଗୋବିନ୍ଦ ଦାସ

ତ୍ରୟୋଦଶ ଅଧିବେଶନ—୧୯୧୭, କଟକ, ମାର୍ଚ୍ଚ ତା ୩୦-୩୧
ସଭାପତି—ଫକୀର ମୋହନ ସେନାପତି
ଚେୟାରମେନ୍—କନକାର ରାଜା ସାହେବ
ସଂପାଦକ—ମଧୁସୂଦନ ଦାସ

ବିଶେଷ ଅଧିବେଶନ—୧୯୧୮, ସେପ୍‌ଟେମ୍ବର ୨୧-୨୨, କଟକ
ସଭାପତି—ମଧୁସୂଦନ ଦାସ
ସଂପାଦକ—ବ୍ରଜସୁନ୍ଦର ଦାସ

ଚତୁର୍ଦ୍ଦଶ ଅଧିବେଶନ—୧୯୧୯, ଏପ୍ରିଲ୍ ତା ୧୯-୨୦, କଟକ
ସଭାପତି—ଗୋପବନ୍ଧୁ ଦାସ
ଚେୟାରମେନ୍—ଜଗତବଲ୍ଲଭ ଦାସ

ପଞ୍ଚଦଶ ଅଧିବେଶନ—୧୯୨୦ ଚକ୍ରଧରପୁର, ଡସେମ୍ବର
ସଭାପତି—ଜଗବନ୍ଧୁ ସିଂହ

## ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନମାନଙ୍କରେ ପ୍ରସ୍ତାବ :

କଟକଠାରେ ୧୯୦୪ ମସିହାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ କଟକରେ ଗୋଟିଏ ବାଳିକା ସ୍କୁଲ ସ୍ଥାପନ କରିବାପାଇଁ ଏବଂ ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ବି. ଏସ୍‌ସି. ଶ୍ରେଣୀନିମନ୍ତେ ସ୍ୱତନ୍ତ୍ର ବୃତ୍ତିଦେବା ସକାଶେ ଦାବି କରାଯାଇଥିଲା । ଉତ୍କଳ ସମ୍ମିଳନୀସହିତ ଯେଉଁ "ୟଙ୍ଗ୍ ଉତ୍କଳ ଆସୋସିଏସନ୍" ଗଠିତ ହୋଇଥିଲା ତାକୁ ସମ୍ମିଳନୀର ଗୋଟିଏ ଅଙ୍ଗରୂପେ ଗ୍ରହଣ କରାଯାଇଥିଲା । ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରଚାରପାଇଁ ଗ୍ରାମାଞ୍ଚଳରେ



Digitized by srujanika@gmail.com

ଶାଖାମାନ ଖୋଲିଲେ ଓ ମଧୁସୂଦନ ଅନେକ ଗ୍ରାମାଞ୍ଚଳ ନିଜେ ପରିଦର୍ଶନ କରି ଲୋକଙ୍କୁ ଉତ୍ସାହିତ କରିଥିଲେ । ଏଥିପାଇଁ ଆବଶ୍ୟକୀୟ ଅର୍ଥର ଅଧିକାଂଶ ଭାଗ ସେ ନିଜେ ବହନ କରିଥିଲେ । ତୃତୀୟ ଅଧିବେଶନରେ ଓଡ଼ିଶାରେ କୁଟୀରଶିଳ୍ପ ଓ କୃଷିର ଉନ୍ନତି ଉପରେ ଅଧିକ ଜୋର୍ ଦିଆଯାଇଥିଲା ଏବଂ କୃଷକ ଓ ତନ୍ତୀମାନଙ୍କ ପିଲାଙ୍କୁ ତାଲିମ ଦେବା ଆବଶ୍ୟକ ବୋଲି ବିଚାର କରାଯାଇଥିଲା । ଓଡ଼ିଶାରେ ଗୋଟିଏ ଇଂଜିନିଅରିଂ ସ୍କୁଲ୍ ସ୍ଥାପନ କରିବା-ପାଇଁ ସରକାରଙ୍କଠାରେ ଏହି ଅଧିବେଶନରେ ଦାବି କରାଯାଇଥିଲା । ସମ୍ମିଳନୀର ଚତୁର୍ଥ ଅଧିବେଶନ ପ୍ରଥମ ଥରପାଇଁ ବହିର୍ଭାଞ୍ଚଳ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିବାରୁ ଗଞ୍ଜାମ ଜିଲ୍ଲାବାସୀଙ୍କ ଭିତରେ ବିଶେଷ ଉତ୍ସାହ ଦେଖିଲ ଯାଇଥିଲା । ଏହି ସମ୍ମିଳନୀରେ ଓଡ଼ିଆଭାଷୀ ଅଞ୍ଚଳରେ ନାରୀ ଶିକ୍ଷାର ପ୍ରସାର ଉପରେ ଜୋର୍ ଦିଆଯାଇଥିଲା ଏବଂ ମାନ୍ଦ୍ରାଜ ପ୍ରଦେଶରେ ଓଡ଼ିଆ ଶିକ୍ଷା ପ୍ରସାରପାଇଁ ବ୍ୟବସ୍ଥା କରାଯାଇଥିବାରୁ ମାନ୍ଦ୍ରାଜ ସରକାରଙ୍କୁ ଧନ୍ୟବାଦ ଦିଆଯାଇଥିଲା । ଉତ୍କଳ ସମ୍ମିଳନୀର କାର୍ଯ୍ୟ ପ୍ରସାର ଉଦ୍ଦେଶ୍ୟରେ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ଅଧିବେଶନରେ ସବିଶେଷ ଆଲୋଚନା କରାଯାଇଥିଲା । ଓଡ଼ିଆଭାଷୀଙ୍କ ସ୍ୱାର୍ଥରକ୍ଷାପାଇଁ ତଥା ଏକ ବୃହତ୍ତର ଉତ୍କଳ ପ୍ରଦେଶ ଗଠନପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଯେଉଁଭଳି ବ୍ୟାପକ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଥିଲା ଓ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳମାନଙ୍କରେ ବହୁ ସଂଖ୍ୟକ ଶାଖାମାନ ଖୋଲାଯାଇ ଥିଲା ସେଥିପାଇଁ ପ୍ରଭୁତ ପରିମାଣର ଅର୍ଥ ଆବଶ୍ୟକ ହେଉଥିଲା । ସେତେ-ବେଳକୁ ସମ୍ମିଳନୀର କେତେକ ଶାଖା ଅର୍ଥାଭାବରୁ ବନ୍ଦ ହୋଇଯାଇଥାଏ ଓ ସମ୍ମିଳନୀ ପକ୍ଷରୁ ପ୍ରକାଶ ପାଉଥିବା ପ୍ରଚାର ପତ୍ର ମଧ୍ୟ ବନ୍ଦ ହୋଇଯାଇଥିଲା ।

୧୯୦୮ ମସିହାରେ ପୁରୀ ଓ କଟକଠାରେ ଅନୁଷ୍ଠିତ ଦୁଇଟି ଅଧିବେଶନରେ ନାରୀ ଶିକ୍ଷା ପ୍ରସାର ଉପରେ ଜୋର୍ ଦିଆଯାଇଥିଲା । ସମ୍ମିଳନୀର କେନ୍ଦ୍ର ଓ ଜିଲ୍ଲା କମିଟିମାନ ମନୋନୀତ ହେଲ । ଏହି ଅଧିବେଶନରେ ଶ୍ରୀବତ୍ସ ପଣ୍ଡା ଓ ବଡ଼ଖେମଣ୍ଡି ରାଜା ଓଡ଼ିଶାରେ ନାରୀ ଶିକ୍ଷା ପ୍ରସାରନିମନ୍ତେ ୧୬ ହଜାର ଟଙ୍କା ସଭାପତିଙ୍କୁ ଅର୍ପଣ କରିଥିଲେ । କଟକରେ ଆଇନ ଶିକ୍ଷାପାଇଁ ବ୍ୟବସ୍ଥା କରିବା ନିମନ୍ତେ ଏହି ଅଧିବେଶନରେ ଦାବି କରାଯାଇଥିଲା । ଇଂଲଣ୍ଡରେ ଓଡ଼ିଆ ଆନ୍ଦୋଳନ ବିଷୟରେ ପ୍ରଚୁର କାର୍ଯ୍ୟ କରିଥିବାରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ବିଶେଷ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି ବର୍ଷ ଉତ୍କଳ ସମ୍ମିଳନୀର ଦାବି ଫଳରେ ରୁଡ଼କି ଓ ଶିବପୁର ଇଂଜିନିଅରିଂ କଲେଜରେ ଓଡ଼ିଆ ଛାତ୍ରମାନଙ୍କୁ ବୃତ୍ତି ଦେବା



Digitized by srujanika@gmail.com

ବ୍ୟବସ୍ଥା କାର୍ଯ୍ୟକାରୀ ହେଲା । ଷଷ୍ଠ ଅଧିବେଶନରେ ଜାପାନରେ ଚମ ଶିଳ୍ପ ସମ୍ବନ୍ଧରେ ଶିକ୍ଷାଲାଭ କରୁଥିବା ସାରଙ୍ଗଧର ଦାସଙ୍କୁ ସମ୍ମିଳନୀ ଆର୍ଥିକ ସାହାଯ୍ୟ ଦେବାପାଇଁ ବ୍ୟବସ୍ଥା କରିଥିଲେ ।

## ସତ୍ୟବାଦୀ ବନବିଦ୍ୟାଳୟପାଇଁ ସାହାଯ୍ୟ :

ଉତ୍କଳ ସମ୍ମିଳନୀର ସପ୍ତମ ଅଧିବେଶନରେ ଓଡ଼ିଆ ପିଲାମାନଙ୍କ ଶିକ୍ଷାପାଇଁ ରେଭେନ୍‌ସା ସାହେବ ଏକ ହଜାର ଟଙ୍କା ଦାନ କରିଥିବାରୁ ତାଙ୍କୁ ଧନ୍ୟବାଦ ଦିଆଯାଇଥିଲା । ଏହି ସମ୍ମିଳନୀରେ ବିଭିନ୍ନ ଜିଲ୍ଲା କମିଟିଗୁଡ଼ିକୁ ପୁନର୍ଗଠିତ କରାଯାଇଥିଲା । ୧୯୧୨ ମସିହାରେ ବିହାର ଓଡ଼ିଶା ପ୍ରଦେଶ ଗଠନ ପରେ ବ୍ରହ୍ମପୁରଠାରେ ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନ ଅନୁଷ୍ଠିତ ହେଲା । ଗଞ୍ଜାମ ଜିଲ୍ଲା ଓ ଭିଜାଗାପଟ୍ଟମ୍ ଏଜେନ୍‌ସିକୁ ଛାଡ଼ି ଏହି ପ୍ରଦେଶ ଗଠନ କରାଯାଇଥିବାରୁ ସମ୍ମିଳନୀରେ ଗଭୀର କ୍ଷୋଭ ପ୍ରକାଶ ପାଇଥିଲା ଏବଂ ଯେଉଁ ନୀତି ଅନୁସରଣକରି ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗକୁ ପୁଣି ଏକାଠି କରି ଦିଆଗଲା ସେହି ନୀତି ଅନୁସାରେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକର ମିଶ୍ରଣ କରାଯାଉ ବୋଲି ଦାବି କରାଯାଇଥିଲା । ବିହାରର ସୁବିଧାପାଇଁ ଓଡ଼ିଶାକୁ ବ୍ୟବହାର କରାଗଲା ବୋଲି ସୂଚାଇ ଦିଆଯାଇଥିଲା । ସମ୍ମିଳନୀ ପକ୍ଷରୁ ରାଜନୈତିକ ପ୍ରଚାର କରାଯିବ ବୋଲି ନିଷ୍ପତ୍ତି କରାଗଲା । ପୁରୀଠାରେ ଅନୁଷ୍ଠିତ ନବମ ଅଧିବେଶନରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସେହି ସବୁ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଓ କଚେରୀରେ ଓଡ଼ିଆ ଭାଷା ପ୍ରଚଳନନିମନ୍ତେ ତଥା ଓଡ଼ିଶାରେ ଗୋଟିଏ ଇଂଜିନିଅରିଙ୍ଗ ସ୍କୁଲ ସ୍ଥାପନପାଇଁ ଦାବି କରାଯାଇଥିଲା । ଏହି ଅଧିବେଶନରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠାତାମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ଏହି ସ୍କୁଲକୁ ସାହାଯ୍ୟ କରିବାନିମନ୍ତେ ନିବେଦନ କରାଯାଇ-ଥିଲା । ସଭାସ୍ଥଳରେ ଏଥିପାଇଁ ୮୪୫୨ ଟଙ୍କା ସାହାଯ୍ୟ ମିଳିଥିଲା ।

## ଉତ୍କଳ ସମ୍ମିଳନୀ କାର୍ଯ୍ୟକ୍ରମର ପ୍ରଚାରକ ଅନନ୍ତ ମିଶ୍ର :

ପାରଳାଖେମଣ୍ଡିଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ (୧୯୧୪)ରେ ବିଭିନ୍ନ ପ୍ରସ୍ତାବ ଭିତରେ ବିହାର, ଓଡ଼ିଶା, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ପ୍ରଦେଶରେ ଥିବା ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ; ସିଂହଭୂମି, ଜୟପୁର, ଫୁଲଝର, ଚନ୍ଦ୍ରପୁର, ପଦ୍ମପୁର ଅଞ୍ଚଳରେ ଓଡ଼ିଆ ଭାଷାକୁ ସରକାରୀଭାବରେ ସ୍ୱୀକୃତି ଦେବା ଓ ଖୋର୍ଦ୍ଧାଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରେଳଲାଇନ ନିର୍ମାଣପାଇଁ ଦାବିକରି ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।



Digitized by srujanika@gmail.com

ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାପାଇଁ ଦାବି କରାଯାଇଥିଲା । ଉତ୍କଳ ସମ୍ମିଳନୀର ଏହି ଅଧିବେଶନରେ ଏକ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ହେଲା—ବିଶିଷ୍ଟ କର୍ମୀ ଅନନ୍ତ ମିଶ୍ରଙ୍କୁ ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରଚାରର କାର୍ଯ୍ୟରେ ନିଯୁକ୍ତ କରାଗଲା । ସେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ପ୍ରଚାରକ ଅନନ୍ତ ମିଶ୍ରଭାବରେ ସୁପରିଚିତ ହୋଇଥିଲେ । ପ୍ରଚାରକ ମିଶ୍ର ଟ୍ରେନ୍, ବସ୍, ବଳଦଗାଡ଼ି ଓ ଅନେକ ସ୍ଥାନରେ ପଦଯାତ୍ରାରେ ଯାଇ ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳରେ ପ୍ରଚାର କରିଥିଲେ । ତାଙ୍କ ପ୍ରଚାର ଫଳପ୍ରଦ ହୋଇଥିଲା ଓ ଅନେକ ସ୍ଥାନରେ ଲୋକେ ସମ୍ମିଳନୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏକାକୀ ଜଣେ ବ୍ୟକ୍ତି ନିଷ୍ଠାରସହିତ କାର୍ଯ୍ୟକରି ଯାହା କରିବାର କଥା ସେ କରିଥିଲେ । ମାତ୍ର ତାଙ୍କ ଶକ୍ତିର ସୀମା ଅଛି । ତାଙ୍କ ଭଳି ଅଧିକ ଲୋକ ଏହିଭଳି ପ୍ରଚାର କାର୍ଯ୍ୟରେ ନ ବାହାରିବାରୁ ସମ୍ମିଳନୀ ଯେଉଁ ସବୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ତାହା ଅନେକ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରି ନ ଥିଲା ।

## ସ୍ୱତନ୍ତ୍ର ଓଡ଼ିଶାପାଇଁ ଉତ୍କଳ ସମ୍ମିଳନୀରେ ପ୍ରଥମେ ପ୍ରସ୍ତାବ :

୧୯୧୫ ମସିହାରେ ସମ୍ବଲପୁରଠାରେ ଅନୁଷ୍ଠିତ ସମ୍ମିଳନୀର ଏକାଦଶ ଅଧିବେଶନରେ ଅନ୍ୟାନ୍ୟ ପ୍ରସ୍ତାବ ଭିତରେ ସିଂହଭୂମି, ଫୁଲଝର ଚନ୍ଦ୍ରପୁର, ପଦ୍ମପୁର ପ୍ରଭୃତି ଅଞ୍ଚଳରେ ଓଡ଼ିଆ କଚେରି ଭାଷାଭାବରେ ପ୍ରଚଳନ କରିବା, ସମଗ୍ର ଓଡ଼ିଆଭାଷୀ ଅଞ୍ଚଳପାଇଁ ଏକ ସ୍ୱତନ୍ତ୍ର ବିଶ୍ୱ-ବିଦ୍ୟାଳୟ ପ୍ରତିଷ୍ଠା କରିବା ଓ ଆଇନ ଶ୍ରେଣୀ ଖୋଲିବାପାଇଁ ଦାବି କରାଯାଇଥିଲା । ଦ୍ୱାଦଶ ଅଧିବେଶନ (୧୯୧୬)ରେ ପ୍ରଥମ ଥରପାଇଁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ବ୍ୟତୀତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ଦାବି କରାଯାଇଥିଲା । ଅନ୍ୟାନ୍ୟ ପ୍ରସ୍ତାବ ଭିତରେ ଜୟପୁରକୁ ଗୋଟିଏ ଜିଲାଭାବରେ ଗଠନ କରିବା ଏବଂ ଓଡ଼ିଶାରେ ଲବଣ ଶିଳ୍ପର ପୁନରୁଦ୍ଧାରପାଇଁ ଦାବି କରା-ଯାଇଥିଲା । ଏହା ବ୍ୟତୀତ ପୁରୀଠାରେ ଗୋଟିଏ ସଂସ୍କୃତ କଲେଜ ପ୍ରତିଷ୍ଠା କରିବା ଓ ଓଡ଼ିଶାରେ ଗୋଟିଏ ବନ୍ଦର ନିର୍ମାଣପାଇଁ ଯୋଜନା ପ୍ରସ୍ତୁତ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଉତ୍କଳ ସମ୍ମିଳନୀର ଦ୍ୱାଦଶ ଅଧିବେଶନ ନାନା କାରଣରୁ ତାତ୍ପର୍ଯ୍ୟ-ପୂର୍ଣ୍ଣ ଥିଲା । ୧୯୧୮ ମସିହାରେ ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା



Digitized by srujanika@gmail.com

ଫକୀର ମୋହନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନ ବିଶେଷ ଆକର୍ଷଣୀୟ ହୋଇଥିଲା । ସଭାପତି ତାଙ୍କ ଭାଷଣରେ ବିଦେଶୀ ଭାଷାର ମୋହ ତ୍ୟାଗ କରି ମାତୃଭାଷା ଅଧ୍ୟୟନ ଓ ପ୍ରସାର ଉପରେ ଜୋର୍ ଦେଇଥିଲେ । ଏହି ସମ୍ମିଳନୀରେ ସ୍ୱେଚ୍ଛାସେବକଭାବରେ କାର୍ଯ୍ୟ କରୁଥିବା କେତେକ ଛାତ୍ର ଓ ଉତ୍କଳଗୌରବ ମଧୁସୂଦନଙ୍କ ଭିତରେ ଭୁଲ ବୁଝାମଣା ଯୋଗୁ ଛାତ୍ରମାନେ ତାଙ୍କସହିତ ସହଯୋଗ କରିବାକୁ ମନା କରିଦେଇଥିଲେ । ତେଣୁ ମଧୁସୂଦନ ସତ୍ୟବାଦୀ ବନ ବିଦ୍ୟାଳୟ ଛାତ୍ରଙ୍କୁ ଡାକି ଆଣି ସମ୍ମିଳନୀ କାର୍ଯ୍ୟ ନିର୍ବାହ କରାଇଥିଲେ । ଛାତ୍ରମାନଙ୍କୁ ଉତ୍କୃଷ୍ଟ ଧରଣର ତାଲିମ ଦେଇଥିବାରୁ ସମ୍ମିଳନୀ ପକ୍ଷରୁ ବନ ବିଦ୍ୟାଳୟର ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରାଯାଇଥିଲା । ନିଜେ ଗୋପବନ୍ଧୁ ଏହି ସମ୍ମିଳନୀରେ ଭାଷଣ ଦେଇ ଉତ୍କଳଗୌରବ ମଧୁସୂଦନ ଉତ୍କଳ ସମ୍ମିଳନୀକୁ ଏକଘରିଆ କରିଛନ୍ତି ବୋଲି ଯେଉଁ ସମାଲୋଚନା କରାଯାଉଥିଲା ତାକୁ ଖଣ୍ଡନ କରି କହିଥିଲେ ଯେ ବିଚ୍ଛିନ୍ନାଞ୍ଚଳର ବହୁ ଗ୍ରାମାଞ୍ଚଳରେ ସଭା ସମିତି ଓ ଅନୁଷ୍ଠାନମାନ ଗଠନ କରାଯାଇଛି । ସେତେବେଳକୁ ଗୋପବନ୍ଧୁ ସତ୍ୟବାଦୀ ବନ ବିଦ୍ୟାଳୟ ପରିଚାଳନା କରିବା ବ୍ୟତୀତ ଓଡ଼ିଶାର ମରୁଡ଼ି ଓ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସେବାରେ ନିଷ୍ଠାରସହିତ ମନୋନିବେଶ କରି ମହାତ୍ମାଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିସାରିଥାଆନ୍ତି । ଓଡ଼ିଶା ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେବାର ଦାୟିତ୍ୱ ଦୁଇ ବର୍ଷ ପରେ ତାଙ୍କ ଉପରେ ନ୍ୟସ୍ତ ହୋଇଥିଲା । ଏହି ସମ୍ମିଳନୀର ସମ୍ପାଦକଭାବରେ ମଧୁସୂଦନ ବକ୍ତାମାନଙ୍କୁ ନିଜେ ବାଛି ଥିବାରୁ ଏବଂ ଗଞ୍ଜାମ ଜିଲାର କେତେକ ସଭ୍ୟଙ୍କୁ କହିବାର ସୁବିଧା ନ ଦେଇଥିବାରୁ ଏଥିରେ କେତେକ ଅସନ୍ତୋଷ ପ୍ରକାଶ କରିଥିଲେ । ମାତ୍ର ମଧୁସୂଦନ ଏକଥା ଜାଣିପାରି ସେମାନଙ୍କୁ ଡକାଇ ତାଙ୍କ କାର୍ଯ୍ୟପାଇଁ ଦୁଃଖ ପ୍ରକାଶ କରିଥିଲେ ।

### ମଣ୍ଟେଗୁ ଚେମ୍ସ୍ ଫୋର୍ଡ ପ୍ରସ୍ତାବ ଆଲୋଚନା :

୧୯୧୮ ମସିହାରେ ମଣ୍ଟେଗୁ ଚେମ୍ସ୍‌ଫୋର୍ଡ ରିପୋର୍ଟ ପର୍ଯ୍ୟାଲୋଚନାପାଇଁ ମଧୁସୂଦନଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ଏକ ବିଶେଷ ଅଧିବେଶନ ଅନୁଷ୍ଠିତ ହେଲା । ମଧୁସୂଦନ ତାଙ୍କ ଭାଷଣରେ ଦର୍ଶାଇଥିଲେ ଯେ ପ୍ରଶାସନିକ ସଂସ୍ଥାଗୁଡ଼ିକ କ୍ଷୁଦ୍ର ଓ ଏକ ଭାଷାଭାଷୀ ହେଲେ ଏତଦ୍ୱାରା ସରକାରଙ୍କ କାର୍ଯ୍ୟ ସହଜ ହୋଇପିବ । ତେଣୁ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ



Digitized by srujanika@gmail.com

ଏକାଠି କରି ଏକ ଶାସନାଧୀନ କରିଦେଲେ ଏହିଭଳି ସୁବିଧା ମିଳିଯାଇ ପାରନ୍ତା । ସେ ସତର୍କ ବାଣୀ ଶୁଣାଇଥିଲେ ଯେ ବିହାରୀମାନେ ମଧ୍ୟବର୍ତ୍ତୀ ଶାସକଗୋଷ୍ଠୀ ଭଳି କାର୍ଯ୍ୟ କରିବାକୁ ଓଡ଼ିଆଭାଷୀ ଚାହିଁବେ ନାହିଁ । ଯଦି ବର୍ତ୍ତମାନର ସ୍ଥିତିରେ କୌଣସି ପରିବର୍ତ୍ତନ ନ ଘଟେ ତାହେଲେ ସଂଘର୍ଷ ଅନିବାର୍ଯ୍ୟ ହେବ ଏବଂ ତାହା ବିହାର ଓ ଓଡ଼ିଶା ଉଭୟଙ୍କ ପକ୍ଷରେ ଅନିଷ୍ଟକାରୀ ହେବ । ମଣ୍ଟେଗୁ—ଚେମ୍‌ସ୍ ଫୋର୍ଡଙ୍କ ପରିଦର୍ଶନ ପୂର୍ବରୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଗୋଟିଏ ସମ୍ବାଦ ପତ୍ର ପ୍ରକାଶ କରିବାପାଇଁ ନିଷ୍ପତ୍ତି କରାଯାଇ-ଥିଲା । ସେତେବେଳକୁ ସମ୍ମିଳନୀର ବାର୍ତ୍ତା ପ୍ରଚାରପାଇଁ କୌଣସି ପତ୍ରିକା ନ ଥିଲା । ୧୯୦୭ ମସିହାରେ ଯେଉଁ ବୁଲେଟିନଟି ପ୍ରକାଶ ପାଇଥିଲା ତାହା ଦୁଇ ଥର ମାତ୍ର ପ୍ରକାଶ ପାଇ ବନ୍ଦ ହୋଇଯାଇଥିଲା । କେତେକ ବ୍ୟକ୍ତିଙ୍କ ଅନୁଦାନ ଫଳରେ ମଧୁସୂଦନଙ୍କ ସମ୍ପାଦନାରେ ୧୯୧୭ ମସିହାରେ 'ଦି ଓଡ଼ିଆ' ବୋଲି ଇଂରେଜୀରେ ଖଣ୍ଡିଏ ପତ୍ରିକା ପ୍ରକାଶ କରାଗଲା । ମାତ୍ର ସେତେବେଳକୁ ଉତ୍କଳ ସମ୍ମିଳନୀରେ ଉତ୍କଳଗୌରବ ମଧୁସୂଦନଙ୍କ ପୂର୍ବର ଅଖଣ୍ଡ ପ୍ରଭାବ ନ ଥିଲା । ଦଳେ ଯୁବକ ତାଙ୍କ ବିରୁଦ୍ଧରେ ପ୍ରଚାର କରିବାରେ ଲାଗିଥିଲେ । ଅନ୍ୟମାନଙ୍କୁ ସୁବିଧା ନ ଦେଇ ସେ ମନମୁଖୀଭାବରେ କାର୍ଯ୍ୟ କରୁଛନ୍ତି ବୋଲି ସେମାନେ ସମାଲୋଚନା କରୁଥିଲେ । ଏହି ପରିପ୍ରେକ୍ଷୀରେ ମଧୁସୂଦନ ୧୯୧୮ ମସିହା ଶେଷଆଡ଼କୁ ଉତ୍କଳ ସମ୍ମିଳନୀ ତଥା 'ଦି ଓଡ଼ିଆ'ର ସମ୍ପାଦକ ପଦରୁ ମଧ୍ୟ ଇସ୍ତଫା ଦେବାପାଇଁ ଘୋଷଣା କରିଥିଲେ ।

## ଉତ୍କଳ ସମ୍ମିଳନୀ ନେତୃତ୍ୱରେ ସଂକଟ :

୧୯୧୮ ମସିହା ଶେଷଭାଗରେ ମଧୁସୂଦନ ଉତ୍କଳ ସମ୍ମିଳନୀରୁ ଓହରି ଯିବା ସମୟରେ ସମ୍ମିଳନୀରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା । ସେ ପର୍ଯ୍ୟନ୍ତ ମଧୁସୂଦନ ଉତ୍କଳ ସମ୍ମିଳନୀର ସର୍ବବାଦିସମ୍ମତ ନେତାଭାବରେ ସ୍ୱୀକୃତ ହୋଇ ଆସିଥିଲେ । ସେ ଉତ୍କଳ ସମ୍ମିଳନୀର କେବଳ ପ୍ରତିଷ୍ଠାତା ନ ଥିଲେ; ନିଜର ସମସ୍ତ ଶକ୍ତି, ସମୟ ଓ ଅର୍ଥଦେଇ ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ବିଭିନ୍ନ ସମୟରେ ଗୃହୀତ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟ-କାରୀ କରିବାପାଇଁ ନିଷ୍ଠାରସହିତ ଉଦ୍ୟମ କରି ଆସୁଥିଲେ । ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ପୂର୍ବରୁ ଓଡ଼ିଆଭାଷୀଙ୍କ ଭିତରେ ମଧୁସୂଦନଙ୍କର ଯେ ଯଥେଷ୍ଟ ପ୍ରଭାବ ଥିଲା ସେଥିରେ ସନ୍ଦେହ ନାହିଁ । ସେଥିପାଇଁ ସମ୍ମିଳନୀ ପୂର୍ବରୁ ସେ ଦୁଇ ଥର ବଙ୍ଗପ୍ରଦେଶ ବିଧାନ ପରିଷଦକୁ ଓଡ଼ିଶା ପକ୍ଷରୁ ମନୋନୀତ



Digitized by srujanika@gmail.com

ହୋଇଥିଲେ । ୧୮୯୭ ମସିହାଠାରୁ ମଧୁସୂଦନ ଓଡ଼ିଶାର ପ୍ରସିଦ୍ଧ ତାରକସି କାମ, ଶିଙ୍ଗ କାମ ଓ ଯୋଡା ତିଆରି ଭଳି କୁଟୀର ଶିଳ୍ପର ପୁନରୁଦ୍ଧାରପାଇଁ ନିଜ ଉପାର୍ଜିତ ଅଜସ୍ର ଅର୍ଥ ବିନିଯୋଗ କରି ସର୍ବସ୍ୱାନ୍ତ ହୋଇଥିଲେ । ସେତେବେଳକୁ ତାଙ୍କ ବୟସ ୭୦ବର୍ଷ । ଏହି ସମ୍ମିଳନୀ ମଣ୍ଡପରେ ଉତ୍କଳ ସମ୍ମିଳନୀର ଦଳେ ଯୁବକ ଯେତେବେଳେ ତାଙ୍କ ନେତୃତ୍ୱର ସମାଲୋଚନା କଲେ ସେ ତାକୁ ବରଦାସ୍ତ କରିବାକୁ ପ୍ରସ୍ତୁତ ନ ଥିଲେ । ତାଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ମୌଳିକ ସଫଳତା ହାସଲ କରିଥିଲା ତାହା କଦାପି ନଗଣ୍ୟ ନୁହେଁ । ସମଗ୍ର ଓଡ଼ିଆଭାଷୀ ଅଞ୍ଚଳ ଯାହା କି ମୁଖ୍ୟ କାର୍ଯ୍ୟାଳୟଠାରୁ ବହୁ ଦୂରରେ ଅବସ୍ଥିତ, ସେ ସବୁ ସ୍ଥାନରେ ଉତ୍କଳ ସମ୍ମିଳନୀର ବାର୍ତ୍ତା ପହଞ୍ଚି ପାରିଥିଲା ଓ ଓଡ଼ିଆଙ୍କ ଭିତରେ ଜାଗରଣ ଦେଖା ଦେଇଥିଲା । ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ଓଡ଼ିଆଙ୍କ ଭିତରେ 'ଉତ୍କଳ' ସମ୍ମିଳନୀ ଅଦମ୍ୟ କାମନା ଜାଗ୍ରତ କରାଇପାରିଥିଲା । ମୁଖ୍ୟତଃ ମଧୁସୂଦନଙ୍କ ପ୍ରଭାବ ଓ ବ୍ୟକ୍ତିତ୍ୱ ଯୋଗୁ ଓଡ଼ିଶାର ରାଜା, ମହାରାଜା ଓ ଜମିଦାର ତଥା ସବୁ ଶ୍ରେଣୀର ବୁଦ୍ଧିଜୀବୀ ଉତ୍କଳ ସମ୍ମିଳନୀ ପୀଠରେ ସମବେତ ହେଉଥିଲେ ।

ମାତ୍ର କ୍ରମଶଃ ଉତ୍କଳ ସମ୍ମିଳନୀର ବ୍ୟାପକ କାର୍ଯ୍ୟକ୍ରମପାଇଁ ନିଷ୍ଠାପର କର୍ମୀ ଓ ଅର୍ଥାଭାବ ଘଟିଲା । ୧୯୧୩ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନମାନଙ୍କରେ କେବଳ ରାଜା ଓ ଜମିଦାରମାନେ ହିଁ ସଭାପତିତ୍ୱ କରି ଆସିଥିଲେ । ୧୯୧୩ ମସିହାରେ ପୁରୀ ଅଧିବେଶନରେ ନିଜେ ମଧୁସୂଦନ ସଭାପତି ହେଲେ । ୧୯୦୩ ମସିହାଠାରୁ ୧୯୨୦ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ଅଧିବେଶନ କେବଳ ଗଞ୍ଜାମ ଜିଲ୍ଲା ବ୍ୟତୀତ ଅନ୍ୟ କୌଣସି ବିଚ୍ଛିନ୍ନାଞ୍ଚଳରେ ଅନୁଷ୍ଠିତ ହୋଇ ନ ଥିଲା । ମେଦିନୀପୁର, ସିଂହଭୂମି ବା ବସ୍ତର ପ୍ରଭୃତି ସୁଦୂର ଅଞ୍ଚଳରେ ସମ୍ମିଳନୀର ଅଧିବେଶନ ହୋଇଥିଲେ ତାହାର ପ୍ରଭାବ ସେଠାରେ ଯେପରି ପଡ଼ିଥାଆନ୍ତା ତାହା ହୋଇ ପାରି ନ ଥିଲା । ସେଠାରୁ ଆସୁଥିବା ପ୍ରତିନିଧିଙ୍କ ସଂଖ୍ୟା ମଧ୍ୟ ବିଭିନ୍ନ ଅଧିବେଶନରେ କମି କମି ଯାଉଥିଲା । ଯେଉଁ ରାଜା ମହାରାଜାମାନେ ଉତ୍କଳ ସମ୍ମିଳନୀରେ ନିୟମିତ ଭାବରେ ଯୋଗ ଦେଉଥିଲେ ସେ ସମସ୍ତେ ବ୍ରିଟିଶ ଶାସନ ନୀତିର ପୂର୍ଣ୍ଣ-ସମର୍ଥକ ଥିଲେ । କୌଣସି କ୍ଷେତ୍ରରେ ସେମାନେ ବ୍ରିଟିଶ ସରକାରଙ୍କ ବିରୋଧ କରିବାକୁ ଗୃହୁଁ ନ ଥିଲେ । ଓଡ଼ିଶାପ୍ରତି ବ୍ରିଟିଶ ସରକାରଙ୍କ ଅନ୍ୟାୟ-ନୀତିର ବିରୋଧ କରିବାପାଇଁ ମଧୁସୂଦନଙ୍କଠାରେ ଯେଉଁ ଦୃଢ଼ତା ଥିଲା



Digitized by srujanika@gmail.com

ତାହା ସେମାନଙ୍କର ନ ଥିଲା । ଦୃଷ୍ଟାନ୍ତ ସ୍ୱରୂପ ମଧୁସୂଦନ ବିହାର ଓଡ଼ିଶା ବିଧାନ ପରିଷଦର ଜଣେ ମନ୍ତ୍ରୀ ଥିଲାବେଳେ ମଧ୍ୟ ରାଜବନ୍ଦୀ ଉତ୍କଳମଣି ଗୋପବନ୍ଧୁ ପ୍ରମୁଖଙ୍କୁ ଖଲାସ କରି ଦେବାପାଇଁ ବିଧାନ ସଭାରେ ୧୯୨୩ ମସିହାରେ ଯେଉଁ ପ୍ରସ୍ତାବ ଆସିଥିଲା ମଧୁସୂଦନ ତାକୁ ସମର୍ଥନ କରିଥିଲେ । ମାତ୍ର କୌଣସି ରାଜା ବା ଜମିଦାର ତାହା କରିପାରନ୍ତେ ନାହିଁ । ସର୍ବୋପରି କେବଳ ପ୍ରକୃତରେ ଅନନ୍ତ ମିଶ୍ରଙ୍କ ବ୍ୟତୀତ ଅନ୍ୟ କୌଣସି ନିଷ୍ଠାପର ପ୍ରକୃତରେ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରକୃତରପାଇଁ ବାହାରି ନ ଥିଲେ । ଏହି ମନୋପ୍ରେକ୍ଷୀରେ ୧୯୧୮ ମସିହାରେ ମଧୁସୂଦନ ଉତ୍କଳ ସମ୍ମିଳନୀରେ କେତେକ ଯୁବକଙ୍କ ସମାଲୋଚନାରେ କ୍ଷୁବ୍ଧ ହୋଇ ଓହରି ଗଲାବେଳକୁ ସମ୍ମିଳନୀ ଦୁର୍ବଳ ହୋଇ ଆସିଥିଲା ।

## ଉତ୍କଳ ସମ୍ମିଳନୀରେ ମଧୁସୂଦନ ଓ ଗୋପବନ୍ଧୁ :

୧୯୧୯ ମସିହାରେ ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନ କଟକଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଗୋପବନ୍ଧୁଙ୍କୁ ସେତେବେଳେ ୪୧ବର୍ଷ, ମଧୁସୂଦନଙ୍କଠାରୁ ୩୦ବର୍ଷ କନିଷ୍ଠ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ମଧୁସୂଦନ ସେକ୍ରେଟେରୀ ଥିଲାବେଳେ ଗୋପବନ୍ଧୁ ଜଣେ କଲେଜ ଛାତ୍ର ଥାଇ ସମ୍ମିଳନୀର ସ୍ୱେଚ୍ଛାସେବକଙ୍କ ଭାବରେ କାର୍ଯ୍ୟ କରିଥିଲେ । ଛାତ୍ରାବସ୍ଥାରେ ଗୋପବନ୍ଧୁ କେତେକ ବନ୍ଧୁଙ୍କ ସହ ଏକ ଯୁବକ ସଂଘ ଗଠନ କରି ଦୁଃସ୍ଥ ସେବା ଆରମ୍ଭ କରିଥିଲେ । ଏହାର ୭ ବର୍ଷ ପରେ ଓଡ଼ିଶାରେ ଜାତୀୟ ଶିକ୍ଷା ପ୍ରବର୍ତ୍ତନର ଆବଶ୍ୟକତା ଅନୁଭବ କରି ସତ୍ୟବାଦୀଠାରେ ଏକ ମାଇନର୍ ସ୍କୁଲ ସ୍ଥାପନ କଲେ ଏବଂ ୧୯୧୨ ମସିହାରେ ଏହା ବନ ବିଦ୍ୟାଳୟଭାବରେ ହାଇସ୍କୁଲରେ ପରିଣତ ହୋଇ ଓଡ଼ିଶାର ବୁଦ୍ଧିଜୀବୀ ଓ ଶିକ୍ଷାବିଦ୍‌ଙ୍କ ଦୃଷ୍ଟି ଆକର୍ଷଣ କଲା ଓ ପ୍ରଶଂସା ଲାଭ କଲା । ୧୯୧୩ ମସିହାରେ ମଧୁସୂଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠାତା ଗୋପବନ୍ଧୁ ଓ ତାଙ୍କ ସହକର୍ମୀମାନଙ୍କ କାର୍ଯ୍ୟର ପ୍ରଶଂସା କରି ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବିଦ୍ୟାଳୟକୁ ସାହାଯ୍ୟ କରାଯାଇଥିବା କଥା ଆଗରୁ ଉଲ୍ଲେଖ କରାଯାଇଛି । ସେତେବେଳକୁ ଗୋପବନ୍ଧୁ ଜାତୀୟ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରି ସାରିଥିଲେ । ଏହାର ବର୍ଷକ ପରେ



Digitized by srujanika@gmail.com

ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ହୋଇ ପରବର୍ଷ ଓଡ଼ିଶାରେ ଅସହଯୋଗ ସଂଗ୍ରାମର ନେତୃତ୍ୱ ନେଲେ ।

୧୯୧୯ ମସିହାରେ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ କଟକଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନରେ ଉତ୍କଳଗୌରବ ମଧୁସୂଦନ ଉପସ୍ଥିତ ଥିଲେ । ଏହି ଅଧିବେଶନରେ ମଧୁସୂଦନଙ୍କୁ କିଛି କହିବା-ପାଇଁ ଅନୁରୋଧ କରାଯିବାରୁ ସେ ଭାଷଣ ଦେଇ ତାଙ୍କ ବିରୁଦ୍ଧରେ ସମ୍ମିଳନୀର କେତେକ ଯୁବକ କର୍ମୀ ଯେପରି ପ୍ରଚାର କଲେ ତହିଁରେ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିବା ପ୍ରକାଶ କରିଥିଲେ । ଉତ୍କଳ ସମ୍ମିଳନୀସହିତ ତାଙ୍କର ସଂପର୍କ ଉଲ୍ଲେଖ କରି ମଧୁସୂଦନ କହିଥିଲେ ଯେ ସେ ଯେତେବେଳେ ଏହି ଅନୁଷ୍ଠାନ ଆରମ୍ଭ କଲେ ସେତେବେଳେ ଏ ବିଷୟରେ ଆଲୋଚନା କରିବାକୁ ତାଙ୍କ ପାଖରେ କେହି ନ ଥିଲେ । ସେ ନିଃସଙ୍ଗଭାବରେ ଏହାକୁ ଗଢ଼ି ଲୋକଙ୍କ ନିକଟରେ ପହଞ୍ଚାଇଛନ୍ତି । ତାପରେ ଏହା ଗୃହୀତ ହେଲା ଓ ଅନ୍ୟ ନେତାମାନେ ଏଥିରେ ଆସି ଯୋଗଦେଲେ । ବ୍ୟଥିତ ହୃଦୟରେ ସେ କହିଥିଲେ ଯେ ଉତ୍କଳ ସମ୍ମିଳନୀରୁ ଓହରିଯିବା ଫଳରେ ଏହି ଅନୁଷ୍ଠାନର ମଙ୍ଗଳ ହେବ; କାରଣ ସେ କେତେକଙ୍କ ଦୃଷ୍ଟିରେ ଜଣେ ସ୍ୱେଚ୍ଛାଚାରୀ, ଅଭଦ୍ର ଓ ଖାମଖିଆଲ ବ୍ୟକ୍ତି । ଗୋପବନ୍ଧୁ ସେହି ସମ୍ମିଳନୀରେ ତାଙ୍କ ଭାଷଣରେ ମଧୁସୂଦନଙ୍କର ଉଚ୍ଛ୍ୱସିତ ପ୍ରଶଂସା କରି ଦର୍ଶାଇଥିଲେ ଯେ ଇତିହାସରେ ଓଡ଼ିଆ ଜାତୀୟ ଜାଗରଣପ୍ରତି ମଧୁସୂଦନଙ୍କର ବିରାଟ ଅବଦାନ ନିଶ୍ଚିତଭାବରେ ଲିପିବଦ୍ଧ ହେବ । କେତେକ ଯୁବକ ତାଙ୍କୁ ସମାଲୋଚନା କରିଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ଏହି ସମ୍ମିଳନୀରେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ଓ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ଓଡ଼ିଆଭାଷୀ ଅଞ୍ଚଳରେ ଓଡ଼ିଆ ଭାଷାକୁ କଚେରି ଭାଷାରୂପେ ବ୍ୟବହାର କରାଯିବାପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

ଏହି ସମ୍ମିଳନୀରେ ସଭାପତି ଅଭିଭାଷଣରେ ଉତ୍କଳମଣି ଗୋପବନ୍ଧୁ ଓଡ଼ିଆ ଭାଷାର ପ୍ରସାର ଉପରେ ଅଧିକ ଜୋର୍ ଦେଇ କହିଥିଲେ, "ମନେ ରଖିବାକୁ ହେବ ଯେ ଓଡ଼ିଆ ଭାଷା ଉପରେ ଆମ୍ଭମାନଙ୍କର ଜାତୀୟ ସତ୍ତା ନିର୍ଭର କରେ । ଭାଷା ଲୋପ ପାଇଲେ ଓଡ଼ିଆ ଜାତି ଲୋପ ପାଇବ । ତେଣୁ ଭାଷା ଆମ୍ଭମାନଙ୍କ ପକ୍ଷରେ ଜୀବନ ମରଣ ସମସ୍ୟା । ବର୍ତ୍ତମାନ ମୁଁ ଭାବ ଦେଖୁଛି ଯେ କେବଳ ସିଂହଭୂମି ନୁହେଁ ଓଡ଼ିଶା ବାହାରେ ଯେ ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳର ଓଡ଼ିଆମାନେ ନିଜ ମାତୃଭାଷା ବ୍ୟବହାରରୁ ବଞ୍ଚିତ ହୋଇଅଛନ୍ତି ସେ ଅଞ୍ଚଳରେ ଓଡ଼ିଆ ଭାଷାର ଶିକ୍ଷା ଓ ବ୍ୟବହାର ଯେପରି କ୍ରମେ ବଢ଼ିବ,



Digitized by srujanika@gmail.com

ଓଡ଼ିଆର ନ୍ୟାଯ୍ୟ ଅଧିକାର ଓଡ଼ିଆ ଯେପରି ପାଇବ ତହିଁର ବନ୍ଦୋବସ୍ତ ବ୍ୟବସ୍ଥା କରିବାନିମନ୍ତେ ସିଂହଭୂମି ଓଡ଼ିଆ ପାର୍ଟି, ଓଡ଼ିଆ ଭାଷା ରକ୍ଷା ସଂସ୍ଥାରେ ପରିଣତ ହେବା ଉଚିତ ।" ସେହି ଭାଷଣରେ ସେ ଦୃଢ଼ଭାବରେ ମତ ପ୍ରକାଶ କରିଥିଲେ ଯେ ନିଖିଳ ଭାରତ ଜାତୀୟ କଂଗ୍ରେସ ସଂଗଠନରେ ଓଡ଼ିଆମାନେ ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ସ୍ଥାନ ପାଇବା ଉଚିତ ଏବଂ ଭାରତର ଜାତୀୟ ଆନ୍ଦୋଳନରେ ଓଡ଼ିଶାକୁ ଭାଗୀ ହେବାକୁ ପଡ଼ିବ । ଗୋପବନ୍ଧୁ କଂଗ୍ରେସ ମାନଚିତ୍ରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେବାପାଇଁ ଜାତୀୟ କଂଗ୍ରେସ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରିଥିଲେ ।

## ଉତ୍କଳ ସମ୍ମିଳନୀର ଓଡ଼ିଆ ସଂରକ୍ଷଣ ପାର୍ଟି :

ଉତ୍କଳ ସମ୍ମିଳନୀର ପରବର୍ତ୍ତୀ ଅଧିବେଶନ ପୁରୀଠାରେ ସମ୍ବଲପୁରର ବିଶିଷ୍ଟ ଆଇନଜୀବୀ ଓ ଜାତୀୟତାବାଦୀ ନେତା ଚନ୍ଦ୍ରଶେଖର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଏହି ଅଧିବେଶନରେ 'ଓଡ଼ିଆ ସଂରକ୍ଷଣ ପାର୍ଟି' ସ୍ଥାପନପାଇଁ ନିଷ୍ପତ୍ତି କରାଗଲା । ଗୋପବନ୍ଧୁ ଦାସ ଏହି କମିଟିର ସେକ୍ରେଟେରୀ ନିଯୁକ୍ତ ହେଲେ । ଅନ୍ୟମାନଙ୍କମଧ୍ୟରେ ବାଲେଶ୍ୱରରୁ ଭାଗବତ ପ୍ରସାଦ ମହାପାତ୍ର, ସମ୍ବଲପୁରରୁ ଚନ୍ଦ୍ରଶେଖର ବେହେରା, ସିଂହଭୂମିରୁ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଓ କାହ୍ନୁକିଶୋର ପାଣି ଏବଂ ମଧ୍ୟପ୍ରଦେଶରୁ ସୋମେଶ୍ୱର ସିଂହ ପ୍ରମୁଖ ଏହି ପାର୍ଟିର ସଭ୍ୟ ରହିଥିଲେ । ଚକ୍ରଧରପୁରଠାରେ ଏହି ପାର୍ଟିର ମୁଖ୍ୟ କାର୍ଯ୍ୟାଳୟ ରହିଲା । ପ୍ରଚାରକ ଅନନ୍ତ ମିଶ୍ରଙ୍କୁ ପାର୍ଟିର ପ୍ରଚାର ଦାୟିତ୍ୱ ଓ 'ଆଶା'ର ସମ୍ପାଦକ ଶଶିଭୂଷଣ ରଥଙ୍କୁ ତାଙ୍କ ପତ୍ରିକା ଜରିଆରେ ପାର୍ଟି ସଂଗ୍ରହ ଦାୟିତ୍ୱ ଦିଆଯାଇଥିଲା । ସଭାପତି ଚନ୍ଦ୍ରଶେଖର ବେହେରା ତାଙ୍କ ଭାଷଣରେ କହିଥିଲେ ଯେ ଓଡ଼ିଶାର ପଡ଼ୋଶୀ ପ୍ରଦେଶମାନେ ବ୍ରିଟିଶ ଶାସନରେ ବହୁଦୂର ଅଗ୍ରସର କରିଥିବା ବେଳେ ଓଡ଼ିଶା ବହୁ ପଛରେ ପଡ଼ିଛି । ମୁଖ୍ୟତଃ ଓଡ଼ିଆଙ୍କ ଅବସ୍ଥାର ଉନ୍ନତିନିମନ୍ତେ କାର୍ଯ୍ୟ କରିବାପାଇଁ ଉତ୍କଳ ସମ୍ମିଳନୀ ଗଠନ କରାଯାଇଛି । ବର୍ତ୍ତମାନ ସମୟ ଆସିଛି ଯେତେବେଳେ କି ଉତ୍କଳ ସମ୍ମିଳନୀ ନିଖିଳ ଭାରତ କଂଗ୍ରେସ କମିଟିରେ ଯୋଗଦେଇ କଂଗ୍ରେସ ଅଧିବେଶନବେଳେ ତାଙ୍କ ପ୍ରତିନିଧିଙ୍କ ଜରିଆରେ ଓଡ଼ିଶା ସମସ୍ୟା ଉପସ୍ଥାପିତ କରିବା ଉଚିତ ।

## ଉତ୍କଳ ସମ୍ମିଳନୀରେ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱ :

୧୯୨୦ ମସିହାରେ ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନ, ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।



Digitized by srujanika@gmail.com

୧୯୧୮ ମସିହାରେ ଉତ୍କଳଗୌରବ ମଧୁସୂଦନ ଉତ୍କଳ ସମ୍ମିଳନୀ ନେତୃତ୍ୱର ଓହରି ଯିବାପରେ ସମ୍ମିଳନୀରେ ରାଜା, ଜମିଦାର ଓ ନରମପନ୍ଥୀଙ୍କ ପ୍ରଭାବ ହ୍ରାସ ପାଇ ଆସିଥିଲା । ସେତିକବେଳେ ସମଗ୍ର ଦେଶରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଜାତୀୟ ଜାଗରଣ ଦେଖାଦେଇଥାଏ । ଭାରତର ଜାତୀୟ ସ୍ରୋତରେ ନିଜକୁ ସାମିଲ କରି ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ତଥା ସ୍ୱତନ୍ତ୍ର ପ୍ରଦେଶ ଗଠନ ସ୍ୱପ୍ନକୁ ସଫଳ କରିବାପାଇଁ ବିଗତ ଦୁଇଟି ଅଧିବେଶନରେ ନିଜେ ଉତ୍କଳମଣି ଗୋପବନ୍ଧୁ ଓ ଚନ୍ଦ୍ରଶେଖର ବେହେରା ପ୍ରମୁଖ ନେତାମାନେ ଆହ୍ୱାନ ଦେଇଥାଆନ୍ତି । ଏହି ଅଧିବେଶନରେ ଗୋପବନ୍ଧୁ ସେହି ଆହ୍ୱାନକୁ ନିର୍ଦ୍ଦିଷ୍ଟ ରୂପରେଖ ଦେଲେ ।

୧୯୨୦ ମସିହା ଡିସେମ୍ବର ମାସରେ ନାଗପୁରଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗଦେଇ ଫେରିବା ପରେ ଉତ୍କଳମଣି ଗୋପବନ୍ଧୁ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ଯୋଗଦେବାପାଇଁ ଯାଇଥିଲେ । ନାଗପୁର ଜାତୀୟ କଂଗ୍ରେସ ଅଧିବେଶନରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରାଗଲା ତାକୁ ପୂର୍ଣ୍ଣ ସମର୍ଥନ ଜଣାଇ ଉତ୍କଳମଣି ଗୋପବନ୍ଧୁ ଓଡ଼ିଶାକୁ ଫେରି ଆସିଥାଆନ୍ତି । ଏହି ଅଧିବେଶନରେ ଭାଷା ଭିତ୍ତିରେ ପ୍ରଦେଶ ଗଠନ ନୀତି ଗୃହୀତ ହୋଇଥିଲା ଏବଂ ସିଂହଭୂମିସହ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ନେଇ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଗଠନ କରିବାପାଇଁ ସ୍ଥିର ହୋଇଥିଲା । ଗୋପବନ୍ଧୁଙ୍କ ନେତୃତ୍ୱରେ ଓଡ଼ିଶାରେ ଅସହଯୋଗ ସଂଗ୍ରାମ ଆରମ୍ଭ କରିବାପାଇଁ ଯୁବକମାନଙ୍କ ଭିତରେ ପ୍ରବଳ ଉତ୍ସାହ ଓ ଉନ୍ମାଦନା ଖେଳି ଯାଇଥାଏ । ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗ ଦେଇ-ଥିଲେ । ଏହି ଅଧିବେଶନର ମୂଳ ପ୍ରସ୍ତାବରେ ଉତ୍କଳ ସମ୍ମିଳନୀ ତା'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟସହିତ ଜାତୀୟ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଗ୍ରହଣ କରିନେଉ ବୋଲି ପ୍ରସ୍ତାବ ଆଗତ କରିଥିଲେ ଏବଂ ତାହା ବହୁ ଅଧିକ ଭୋଟରେ ଗୃହୀତ ହୋଇଥିଲା । ପୂର୍ବରୁ ଉତ୍କଳ ସମ୍ମିଳନୀ ଅଧିବେଶନର କୌଣସି ପ୍ରସ୍ତାବରେ ଏଭଳି ମତଭେଦ ହୋଇ ନ ଥିଲା । ଯେଉଁମାନେ ନୀତି ଦୃଷ୍ଟିରୁ ଜାତୀୟ କଂଗ୍ରେସ ନୀତି ବିଶେଷତଃ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ନୀତିର ବିରୋଧୀ ଥିଲେ ସେହିମାନେ ହିଁ ଉତ୍କଳ ସମ୍ମିଳନୀ ମଣ୍ଡପରେ ଗୋପବନ୍ଧୁଙ୍କ ପ୍ରସ୍ତାବସହିତ ଏକମତ ହୋଇ ନ ଥିଲେ । ଏମାନଙ୍କ ଭିତରେ ଥିଲେ ରାଜା, ମହାରାଜା ଓ ଜମିଦାର ଶ୍ରେଣୀର ପ୍ରତିନିଧି । ମଧୁସୂଦନ ଏହି ସମ୍ମିଳନୀରେ ଉପସ୍ଥିତ ନ ଥିଲେ ।



Digitized by srujanika@gmail.com

## ରିଜ୍‌ଲେ ସର୍କୁଲାର୍ :

ଯେଉଁ ବର୍ଷ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା ସେହି ବର୍ଷ ୧୯୦୩ ମସିହା ଡିସେମ୍ବର ୩ ତାରିଖରେ ଭାରତ ସରକାରଙ୍କ ରିଜ୍‌ଲେ ସର୍କୁଲର୍ ପ୍ରକାଶ ପାଇଲା । ସେତେବେଳର ଭାରତର ବଡ଼ଲାଟ୍ ଲର୍ଡ୍ କର୍ଜନ୍ ବଙ୍ଗପ୍ରଦେଶକୁ ଭାଗ ଭାଗ କରିବା ନିଷ୍ପତ୍ତି ଭାରତର ତତ୍କାଳୀନ ସ୍ୱରାଷ୍ଟ୍ର ସେକ୍ରେଟେରୀ ରିଜ୍‌ଲେଙ୍କ ଜରିଆରେ ପ୍ରଚାରିତ ହୋଇଥିଲା । ସେଥିପାଇଁ ଏହାକୁ ରିଜ୍‌ଲେ ସର୍କୁଲର୍ କୁହାଯାଏ । ଏହି ସର୍କୁଲର୍‌ରେ ଅନ୍ୟାନ୍ୟ ବିଷୟ ଭିତରେ କୁହାଯାଇଥିଲା, "ଭାରତ ସରକାର ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ—ପାର୍ବତ୍ୟ ଓ ସମତଳ ଭୂମିକୁ ଏକାଠି କରି ବଙ୍ଗପ୍ରଦେଶ ଶାସନାଧୀନ କରିବାକୁ ନିଷ୍ପତ୍ତି କରିଛନ୍ତି । ଅନ୍ୟଭାବରେ କହିଲେ ଭାରତ ସରକାର ସମ୍ବଲପୁରର ଓଡ଼ିଆଭାଷୀ ଅଞ୍ଚଳ ଓ ଏହାର ଦେଶୀୟ ରାଜ୍ୟ ସମୂହ, ଗୋଟିଏ ତାଲୁକା ବ୍ୟତୀତ ସମଗ୍ର ଗଞ୍ଜାମ ଜିଲା ଏବଂ ଗଞ୍ଜାମ ଭାଇଜାଗ୍ ଏଜେନ୍‌ସି ଅଞ୍ଚଳଗୁଡ଼ିକୁ ଓଡ଼ିଶାସହିତ ମିଶାଇ ଦେବାକୁ ଚାହାନ୍ତି । ଏହି ପରିକଳ୍ପନା ଫଳରେ ଭାଷା ସମସ୍ୟାର ଚିରସ୍ଥାୟୀ ସମାଧାନ ହୋଇଯାଇ ପାରିବ ।"

## ଓଡ଼ିଶା ଡିଭିଜନ୍‌ସହିତ ସମ୍ବଲପୁର ଜିଲାର ମିଶ୍ରଣ :

ରିଜ୍‌ଲେ ସର୍କୁଲର୍ ଉତ୍କଳ ସମ୍ମିଳନୀରେ ଆଲୋଚିତ ହୋଇ ସନ୍ତୋଷ ପ୍ରକାଶ କରାଯାଇଥିଲା ଏବଂ ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଥିଲା । ବଙ୍ଗପ୍ରଦେଶ ସରକାର ମତପ୍ରକାଶ କଲେ ଯେ, "ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ମିଶାଇ ଦେବା ଏହି ଘୋଷଣାର ପ୍ରଧାନ ଉଦ୍ଦେଶ୍ୟ ଏବଂ ବଙ୍ଗଳାର ଛୋଟଲାଟ୍ ଏହି ପ୍ରସ୍ତାବକୁ ଦୃଢ଼ଭାବରେ ସମର୍ଥନ କରିବେ ।" ମଧ୍ୟପ୍ରଦେଶର ଚିଫ୍ କମିଶନର୍ ମଧ୍ୟ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ସପକ୍ଷରେ ମତପ୍ରକାଶ କରି କହିଥିଲେ ଯେ "ସମ୍ବଲପୁର ଜିଲା ଏବଂ ସୋନପୁର, ବାମଣ୍ଡା, ପାଟନା, କଳାହାଣ୍ଡି ଓ ରେଢ଼ାଖୋଲ ପ୍ରଭୃତି ଦେଶୀୟ ରାଜ୍ୟଗୁଡ଼ିକ ଓଡ଼ିଶାକୁ ହସ୍ତାନ୍ତରିତ ହେବା ଉଚିତ ।" ମାତ୍ର ମାନ୍ଦ୍ରାଜ ପ୍ରଦେଶର ଲାଟ ଲର୍ଡ଼ ଆମ୍ପଥିଲ୍ ଏହି ପ୍ରସ୍ତାବସହିତ ଏକମତ ହେଲେ ନାହିଁ ଏବଂ ମାନ୍ଦ୍ରାଜ ପ୍ରଦେଶରୁ ଗଞ୍ଜାମ ଓ ଭାଇଜାଗ୍ ଅଞ୍ଚଳକୁ ହସ୍ତାନ୍ତରର ବିରୋଧ କଲେ । ବଙ୍ଗପ୍ରଦେଶର ଲାଟ ମଧ୍ୟ ପରେ ତାଙ୍କ ମତ ପରିବର୍ତ୍ତନ କରି ମାନ୍ଦ୍ରାଜର ଓଡ଼ିଆଭାଷୀ ଅଞ୍ଚଳକୁ ବଙ୍ଗଳାରେ ମିଶାଇଦେବାକୁ ଚାହିଁଲେ ନାହିଁ ।



Digitized by srujanika@gmail.com

୧୯୦୫ମସିହାରେ ଯେତେବେଳେ ଉପରୋକ୍ତ ରିଜ୍‌ଲେ ସର୍କୁଲାର୍ କାର୍ଯ୍ୟକାରୀ ହେଲା ସେତେବେଳେ ଗଞ୍ଜାମ ଓ ଭାଇଜାଗ୍ ଅଞ୍ଚଳ ବ୍ୟତୀତ କେବଳ ସମ୍ବଲପୁର ଜିଲ୍ଲା ଓ ତା'ସହିତ ୫ଟି ଗଡ଼ଜାତ ଓଡ଼ିଶା ଡିଭିଜନ୍‌ସହିତ ମିଶିଲା । ଏହା ପରେ ଓଡ଼ିଶା ଡିଭିଜନ୍‌ର ଆୟତନରେ ଆଉ କୌଣସି ପରିବର୍ତ୍ତନ ଘଟି ନ ଥିଲା । କେବଳ ସରେଇକଳା ଓ ଖରସୁଆଁ ଏ ଦୁଇଟି ଓଡ଼ିଆଭାଷୀ ରାଜ୍ୟକୁ ୧୯୧୬ ମସିହାରେ ଓଡ଼ିଶାର ଦେଶୀୟ ରାଜ୍ୟମାନଙ୍କସହିତ ମିଶାଇ ଦିଆହୋଇଥିଲା ।

## ବିହାର-ଓଡ଼ିଶା ପ୍ରଦେଶ ଗଠନ:

ଗଞ୍ଜାମ ଓ ଭାଇଜାଗ୍ ଏଜେନ୍‌ସି ଓଡ଼ିଆଭାଷୀ ଅଞ୍ଚଳକୁ ବାଦ ଦେଇ ୧୯୦୫ ମସିହାରେ କେବଳ ସମ୍ବଲପୁର୍ ଜିଲା ଓ ୫ଟି ଗଡ଼ଜାତକୁ ବଙ୍ଗପ୍ରଦେଶ-ସହିତ ମିଶାଇ ଦିଆଯିବାରୁ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳ ବିଶେଷତଃ ଗଞ୍ଜାମ ଜିଲାର ଅଧିବାସୀ ଏଥିରେ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିଲେ । ମାତ୍ର ଏଥିରେ ହତାଶ ନ ହୋଇ ସେମାନେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବାପାଇଁ ଆନ୍ଦୋଳନ ଚଳେଇଲେ ଓ ଉତ୍କଳ ସମ୍ମିଳନୀର ପରବର୍ତ୍ତୀ ବାର୍ଷିକ ଅଧିବେଶନରେ ଏଥିପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ । ୧୯୦୭ ମସିହାରେ ଭାରତରେ ଶାସନ ବିକେନ୍ଦ୍ରୀକରଣ ସମ୍ପର୍କୀୟ ରଏଲ୍ କମିଶନ୍‌ଙ୍କ ନିକଟରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଏହା ଉପସ୍ଥାପିତ କରାଯାଇଥିଲା । ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ର କରି ଜଣେ ଚିଫ୍ କମିଶନର୍‌ଙ୍କ ଶାସନାଧୀନ କରି ରଖିବାପାଇଁ ପ୍ରସ୍ତାବ ଦିଆଯାଇଥିଲା । ୧୯୦୮ମସିହାରେ ଉତ୍କଳଗୌରବ ମଧୁସୂଦନ ଲଣ୍ଡନ ପରି-ଦର୍ଶନରେ ଯାଇଥିବା ସମୟରେ ଓଡ଼ିଆମାନଙ୍କର ଏହି ଦାବିକୁ ଭାରତ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପିତ କରିଥିଲେ । ୧୯୦୯ ମସିହାରେ ଗଞ୍ଜାମ ଜିଲାର ଓଡ଼ିଆ ସମାଜ ଅନୁଷ୍ଠାନର ଏକ ପ୍ରତିନିଧି ଦଳ ମାନ୍ଦ୍ରାଜ ଲାଟଙ୍କସହିତ ସାକ୍ଷାତ୍ କରି ମାନ୍ଦ୍ରାଜର ଗଞ୍ଜାମ ଓ ଭାଇଜାଗପଟ୍ଟମ୍‌ର ଓଡ଼ିଆଭାଷୀ ଅଞ୍ଚଳକୁ ତେଲୁଗୁଭାଷୀ ଅଞ୍ଚଳରୁ ଅଲଗା କରି ଓଡ଼ିଶା ଡିଭିଜନ୍‌ସହିତ ମିଶାଇ ଦେବାପାଇଁ ଦାବି କରିଥିଲେ । ମାତ୍ର ସେତେବେଳେ ଏହି ଦାବି ଗୃହୀତ ହୋଇ ନ ଥିଲା ।

୧୯୧୧ମସିହାରେ ବଡ଼ଲାଟ ଲର୍ଡ଼ ହାର୍ଡିଞ୍ଜ୍‌ଙ୍କ ଶାସନକାଳରେ ଭାରତ ସରକାର ବଙ୍ଗ ଭଙ୍ଗକୁ ରଦ୍ଦ କରି ଯେଉଁ ଘୋଷଣା ପ୍ରକାଶ କଲେ ସେଥିରେ ଅନ୍ୟାନ୍ୟ ବିଷୟ ଭିତରେ ବିହାର ଓ ଓଡ଼ିଶା ନାମରେ ଏକ ନୂତନ ପ୍ରଦେଶ ଗଠନ ପ୍ରସ୍ତାବ ଥିଲା । ଏଥିରେ କୁହାଯାଇଥିଲା, "ବିହାରୀମାନଙ୍କପରି ଓଡ଼ିଆମାନଙ୍କର ବଙ୍ଗାଳୀମାନଙ୍କ ସହିତ ଅତି କମ୍ ସାମଞ୍ଜସ୍ୟ ରହିଛି । ତେଣୁ



Digitized by srujanika@gmail.com

ଆମେ ଓଡ଼ିଶା ଓ ଛୋଟନାଗପୁରକୁ ବିହାରସହିତ ଏକତ୍ର ରଖିବାକୁ ନିଷ୍ପତ୍ତି କଲୁ । ଆମର ବିଶ୍ୱାସ ଏହି ବ୍ୟବସ୍ଥା ଓଡ଼ିଆବାସୀଙ୍କ ସମର୍ଥନ ଲାଭ କରିବ ।" ୧୯୧୨ ମସିହା ଏପ୍ରିଲ୍ ପହିଲାଠାରୁ ନୂତନ ବିହାର ଓ ଓଡ଼ିଶା ପ୍ରଦେଶ କାର୍ଯ୍ୟକାରୀ ହେଲା । ଓଡ଼ିଶା ଡିଭିଜନ୍ ସେତେବେଳେ ୫ଟି ଜିଲାକୁ ନେଇ ଗଠିତ ହୋଇଥିଲା । ଏହି ଜିଲାଗୁଡ଼ିକ ହେଉଛି ପୁରୀ, ଅନୁଗୁଳ, ବାଲେଶ୍ୱର, କଟକ ଓ ସମ୍ବଲପୁର । ଓଡ଼ିଶା ଡିଭିଜନ୍‌ର ମୋଟ ଆୟତନ ଥିଲା ୧୩,୭୩୭ ବର୍ଗମାଇଲ ଓ ଲୋକସଂଖ୍ୟା ୪୯,୬୮,୮୭୩ (୧୯୨୧ ଜନଗଣନା ଅନୁଯାୟୀ) । ଏହାପରେ ଯେଉଁ ନୂତନ ବିହାର-ଓଡ଼ିଶା ବ୍ୟବସ୍ଥା ପରିଷଦ୍ ଗଠିତ ହେଲା ସେଥିରେ ମୋଟ ୨୧ ଜଣ ନିର୍ବାଚିତ ଓ ୧୯ ଜଣ ମନୋନୀତ ସଭ୍ୟଙ୍କ ଭିତରୁ ଓଡ଼ିଶା ଡିଭିଜନ୍‌ରୁ ୫ ଜଣ ସଭ୍ୟ ଥିଲେ । ଓଡ଼ିଶାର ପ୍ରଥମ ୫ ଜଣ ସଭ୍ୟଙ୍କ ଭିତରୁ ରାଏ ବାହାଦୂର ସୁଦାମ ଚରଣ ନାୟକ, ରାଏ ବାହାଦୂର ଗୋକୁଳାନନ୍ଦ ଚୌଧୁରୀ ଓ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ନିର୍ବାଚିତ ଏବଂ ମଧୁସୂଦନ ଦାସ ଓ ରାଜା ବୈକୁଣ୍ଠନାଥ ଦେ ମନୋନୀତ ସଭ୍ୟ-ଭାବରେ ରହିଥିଲେ ।

## ଗଞ୍ଜାମ ଓ କୋରାପୁଟ ଜିଲାକୁ ବାଦ ଦେବା ଯୋଗୁ ଅସନ୍ତୋଷ :

ଗଞ୍ଜାମ ଜିଲା ଓ ଭିଜାଗାପଟନମ୍ ଓଡ଼ିଆଭାଷୀ ଅଞ୍ଚଳକୁ ବାଦଦେଇ ଓଡ଼ିଶା ଡିଭିଜନ୍‌କୁ ବିହାରସହିତ ମିଶାଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଯିବାରେ ଓଡ଼ିଆଭାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କଲେ । ୧୯୧୨ ମସିହାରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ଉତ୍କଳ-ଗୌରବ ମଧୁସୂଦନ ତାଙ୍କ ଭାଷଣରେ ତୀବ୍ର ସ୍ୱରରେ କହିଲେ, "ଓଡ଼ିଶା ଲୋକଙ୍କ ପରି ଅନ୍ୟ କୌଣସି ଭାଷାଭାଷୀ ଲୋକଙ୍କପ୍ରତି ବ୍ରିଟିଶ ଶାସନରେ ଏପରି ଅନ୍ୟାୟ କରାଯାଇ ନାହିଁ । ଓଡ଼ିଆମାନଙ୍କୁ ବିନା ଦୋଷରେ ଏପରି ବ୍ୟବହାର କରାଯାଇଛି ।" ଭାରତ ମନ୍ତ୍ରୀ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ ଚିଫ୍ କମିଶନରଙ୍କ ଅଧୀନରେ ଏକ ଶାସନାଧୀନ କରିବାପାଇଁ ଯେଉଁ ମତ ପ୍ରକାଶ କରିଛନ୍ତି ତାକୁ ପସନ୍ଦ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ପ୍ରତି ସମାନ ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏହି ପ୍ରତିଶ୍ରୁତିରେ ଓଡ଼ିଆଭାଷୀ ଲୋକେ ବିଶେଷତଃ ଗଞ୍ଜାମ ଜିଲାର ଲୋକେ ସନ୍ତୁଷ୍ଟ ହୋଇ ପାରି ନ ଥିଲେ । ସେମାନେ ନିରବଚ୍ଛିନ୍ନଭାବରେ ଆନ୍ଦୋଳନ ଚଳେଇଥିଲେ । ୧୯୧୩ ମସିହାରେ ମାନ୍ଦ୍ରାଜ ଲାଟ ପେଣ୍ଟଲାଣ୍ଡଙ୍କ ଗଞ୍ଜାମ ପରିଦର୍ଶନ ବେଳେ ଗଞ୍ଜାମର



Digitized by srujanika@gmail.com

ଜମିଦାର ସଂଘ ଓ ଓଡ଼ିଶା ସମାଜ ପକ୍ଷରୁ ପ୍ରତିନିଧିମାନେ ଗଞ୍ଜାମ ଓ ଭାଇଜାଗ-ପଟ୍ଟନମ୍ ଅଞ୍ଚଳ ଓଡ଼ିଶାରେ ମିଶିବାପାଇଁ ବ୍ରହ୍ମପୁର ଓ ପାରଳାଖେମଣ୍ଡିଠାରେ ତାଙ୍କ ସଙ୍ଗେ ସାକ୍ଷାତ୍ କରି ସ୍ମାରକପତ୍ରମାନ ଦେଇଥିଲେ । ଏହି ସମୟରେ ଗଞ୍ଜାମ ଜିଲାର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଓ ତାଙ୍କ ବନ୍ଧୁ ଚନ୍ଦ୍ରପାଣି ପ୍ରଧାନ ମିଶି "ଓଡ଼ିଆ ମୁଭ୍‌ମେଣ୍ଟ"(ଓଡ଼ିଆ ଆନ୍ଦୋଳନ)ବୋଲି ଖଣ୍ଡିଏ ଉପାଦେୟ ପୁସ୍ତକ ପ୍ରକାଶ କରିଥିଲେ । ୧୯୧୪ ମସିହାରେ ଧଡ଼କୋଠ ରାଜା ମାଡ୍ରାଜ ବିଧାନ ପରିଷଦ୍‌ରେ ଦୁଇ ଥର ଓ ପରେ ଶଶିଭୂଷଣ ରଥ ୧୯୨୧ ମସିହାରେ ଗଞ୍ଜାମ ଭାଇଜାଗ ଏଜେନ୍‌ସିର ଓଡ଼ିଶାସମ୍ବନ୍ଧିତ ମିଶ୍ରଣ ପ୍ରଶ୍ନ ଉଠାଇଥିଲେ ।

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି ପୂରଣପାଇଁ ଆନ୍ଦୋଳନ ଜାଗ୍ରତି :

୧୯୧୬ ମସିହାରେ ଉତ୍କଳ ସମ୍ମିଳନୀର ଦ୍ୱାଦଶ ଅଧିବେଶନରେ (ବାଲେଶ୍ୱର) ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନ ଚଳେଇ ରଖିବାପାଇଁ ଗୋଟିଏ କମିଟି ଗଠିତ ହେଲା । ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, କନିକା ରାଜା, ହରିହର ପଣ୍ଡା, ବ୍ରଜସୁନ୍ଦର ଦାସ, ସୁଦାମଚରଣ ନାୟକ ଓ ଶେରଗଡ଼ ରାଜାଙ୍କୁ ନେଇ ଏହି କମିଟି ଗଠିତ ହୋଇଥିଲା । ବିଚ୍ଛିନ୍ନାଞ୍ଚଳ ଦାବି ସମ୍ପର୍କରେ ବ୍ରିଟିଶ୍ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଦେବାପାଇଁ ଏକ ସ୍ମାରକପତ୍ର ପ୍ରସ୍ତୁତ କରିବାନିମନ୍ତେ କମିଟି ସ୍ଥିର କରିଥିଲେ । ତତ୍କାଳୀନ ଭାରତ ମନ୍ତ୍ରୀ ଇ. ଏସ. ମଣ୍ଟେଗୁ ଓ ଭାରତର ବଡ଼ଲାଟ୍ ଲର୍ଡ ଚେମ୍‌ସ୍ ଫୋର୍ଡ଼ଙ୍କ ୧୯୧୭ ମସିହାରେ ଭାରତ ପରିଦର୍ଶନ ବେଳେ ଉକ୍ତ କମିଟି ତାଙ୍କ ସ୍ମାରକପତ୍ର ସେମାନଙ୍କୁ ଡିସେମ୍ବର ୧୧ ତାରିଖରେ କଲିକତାଠାରେ ଦେଇଥିଲେ । ଏହି ସ୍ମାରକପତ୍ରରେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଗୋଟିଏ ଶାସନାଧୀନ କରି ରଖିବାପାଇଁ ତଥ୍ୟ ଉପସ୍ଥାପନ କରି ଶେଷରେ କୁହାଯାଇଥିଲା ଯେ ଡକ୍ଟର ଗ୍ରିୟରସନ୍ ତାଙ୍କ ଭାଷାସର୍ଭେ ପୁସ୍ତକରେ ଓଡ଼ିଆଭାଷୀ ଅଞ୍ଚଳର ଯେଉଁ ବର୍ଣ୍ଣନା କରିଛନ୍ତି ସେହିସବୁ ଅଞ୍ଚଳକୁ ସ୍ୱତନ୍ତ୍ର ଶାସନାଧୀନ କରି ବିହାର ଓ ଓଡ଼ିଶା ପ୍ରଦେଶ ଭଳି ଏକ ପ୍ରଦେଶ ଗଠନ କରାଯିବା ବାଞ୍ଛନୀୟ । ବର୍ତ୍ତମାନ ଅବସ୍ଥାରେ ତାହା ଯଦି ସମ୍ଭବ ନ ହୁଏ ତା'ହେଲେ ଉପରୋକ୍ତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ବିହାର ଓ ଓଡ଼ିଶା ପ୍ରଦେଶ ଭିତରେ ବର୍ତ୍ତମାନପାଇଁ ରଖାଯାଉ ଏବଂ ନିକଟ ଭବିଷ୍ୟତରେ ତାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରାଯିବା ଉଦ୍ଦେଶ୍ୟରେ ତାହା କରାଯାଉ । ଯଦି ବିହାରସମ୍ବନ୍ଧିତ ବର୍ତ୍ତମାନପାଇଁ ଉପରୋକ୍ତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ



Digitized by srujanika@gmail.com

ରଖାଯାଏ ତା'ହେଲେ ବିଧାନସଭା ଓ କେନ୍ଦ୍ର ବିଧାନ ପରିଷଦ୍‌ରେ ତଥା ବିଶ୍ୱବିଦ୍ୟାଳୟରେ ଓଡ଼ିଆଭାଷୀ ଅଞ୍ଚଳର ଯଥେଷ୍ଟ ସଂଖ୍ୟକ ସଭ୍ୟଙ୍କୁ ନିଆଯାଉ । ଯାହା ଫଳରେ ପ୍ରସ୍ତାବିତ ମିଳିତ ଓଡ଼ିଆଭାଷୀ ଅଞ୍ଚଳ ବିହାରସହିତ ସମାନ ପାହିଆ ପାଇବ ଏବଂ ଅଶାନ୍ତିରେ ଯେପରି ହୋଇଆସିଛି ଓଡ଼ିଶା ନିମ୍ନ ପାହିଆରେ ରହିଛି ବୋଲି ଧାରଣା ହେବ ନାହିଁ । ଏହି ଦାବିସମ୍ପର୍କରେ ଲୋକଙ୍କୁ ଅବହିତ କରାଇବାପାଇଁ କଲିକତା, କଟକ, ପୁରୀ, ବ୍ରହ୍ମପୁର ଓ ଅନ୍ୟାନ୍ୟ ସ୍ଥାନରେ ସଭାମାନ କରାଯାଇଥିଲା । ଏଥିପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ 'ଦି ଓଡ଼ିଆ' ବୋଲି ଏକ ଇଂରାଜୀ ସାପ୍ତାହିକ ପତ୍ରିକା ପ୍ରକାଶ କରାଯାଇଥିଲା ।

## ଉତ୍କଳ ସମ୍ମିଳନୀରେ ମଣ୍ଟେଗୁ ଚେମ୍‌ସ୍‌ଫୋର୍ଡ୍ ସୁପାରିଶର ବିଚାର :

ପୁଣି ୧୯୧୮ ମସିହାରେ ଉତ୍କଳ ସମ୍ମିଳନୀର ତ୍ରୟୋଦଶ ଅଧିବେଶନ କଟକଠାରେ ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଫକୀରମୋହନ ସେନାପତିଙ୍କ ସଭାପତିତ୍ୱରେ ବସି ଏକ ୬୫ ଜଣିଆ ସ୍ଥାୟୀ କମିଟି ଗଠିତ ହେଲା । ଏଥିରେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳର ସଭ୍ୟ ଥାଇ ସମ୍ମିଳନୀର ପ୍ରସ୍ତାବକୁ କାର୍ଯ୍ୟକାରି କରିବାପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ । ସେହି ବର୍ଷ ମଣ୍ଟେଗୁ-ଚେମ୍‌ସ୍‌ଫୋର୍ଡ୍ ରିପୋର୍ଟ ପ୍ରକାଶ ପାଇଲା । ଏହି ରିପୋର୍ଟରେ ଭାଷାଭିତ୍ତିରେ ଅଞ୍ଚଳ ଗଠନ ନୀତିର ଆବଶ୍ୟକତାକୁ ସ୍ୱୀକାର କରାଯାଇ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ନେଇ ଶୀଘ୍ର ଏକ ଉପ-ପ୍ରଦେଶ ଗଠନ କରାଯିବାର ସୂଚନା ଦିଆଯାଇଥିଲା । ୧୯୧୮ ମସିହା ସେପ୍‌ଟେମ୍ବର ମାସରେ କଟକଠାରେ ଉତ୍କଳଗୌରବ ମଧୁସୂଦନଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନରେ ମଣ୍ଟେଗୁ ଚେମ୍‌ସ୍‌ଫୋର୍ଡ ଶାସନ ସଂସ୍କାରରେ ଓଡ଼ିଶା ସମ୍ବନ୍ଧୀୟ ସୁପାରିଶର ବିଚାର କରାଯାଇଥିଲା । ସମ୍ମିଳନୀରେ ଏହି ରିପୋର୍ଟ ସମ୍ବନ୍ଧରେ ଦୁଇଟି ପ୍ରସ୍ତାବ ଗୃହୀତ ହୋଇଥିଲା । ମୋଟାମୋଟି ଏହି ଦୁଇଟି ପ୍ରସ୍ତାବରେ କୁହାଯାଇଥିଲା ଯେ ଉତ୍କଳ ସମ୍ମିଳନୀ ବହୁଦିନରୁ ଭାଷାଭିତ୍ତିରେ ପ୍ରଦେଶ ଗଠନପାଇଁ ଯେଉଁ ପ୍ରସ୍ତାବ ଦେଇ ଆସିଥିଲେ ଭାରତ ମନ୍ତ୍ରୀ ତଥା ଭାରତର ବଡ଼ଲାଟ୍ ସେହି ନୀତିକୁ ଗ୍ରହଣ କରିଥିବାରୁ ସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣପାଇଁ ଏହି ରିପୋର୍ଟରେ କୌଣସି ନିର୍ଦ୍ଦିଷ୍ଟ ପ୍ରସ୍ତାବ ନ ଥିବାରୁ ଗଭୀର ଦୁଃଖ ପ୍ରକାଶ କରାଯାଉଛି ଏବଂ ସମଗ୍ର ଓଡ଼ିଆ ଅଞ୍ଚଳକୁ ଏକ ଲାଟ୍ ଶାସନାଧୀନରେ ରଖାଯାଇ ସଂଖ୍ୟାଧିକ ବେସରକାରୀ ସଭ୍ୟଙ୍କୁ ନେଇ ଗଠିତ ପ୍ରାଦେଶିକ ବିଧାନସଭାର ବ୍ୟବସ୍ଥା କରାଯିବା ପର୍ଯ୍ୟନ୍ତ ଓଡ଼ିଆ ସମସ୍ୟାର ସ୍ଥାୟୀ



Digitized by srujanika@gmail.com

ସମାଧାନ ହୋଇପାରିବ ନାହିଁ ତଥା ଓଡ଼ିଆଙ୍କ ଆଶା ଆକାଙ୍‌କ୍ଷା ପୂରଣ ହୋଇପାରିବ ନାହିଁ ।

୧୯୧୮ ମସିହାରେ ବିହାର-ଓଡ଼ିଶା ବିଧାନ ପରିଷଦରେ ଉତ୍କଳଗୌରବ ମଧୁସୂଦନ ଦାସ ମଣ୍ଟେଗୁ ଚେମ୍‌ସ୍‌ଫୋର୍ଡ୍‌ ରିପୋର୍ଟରେ ଓଡ଼ିଶା ସମ୍ବନ୍ଧୀୟ ପ୍ରସ୍ତାବସମ୍ପର୍କରେ ଆଲୋଚନା କରିଥିଲେ ଏବଂ କେନ୍ଦ୍ର ବିଧାନ ପରିଷଦରେ କନିକା ରାଜା ୧୯୧୯ ମସିହାରେ ଏହି ପ୍ରଶ୍ନ ଉଠାଇ କହିଥିଲେ ଯେ "ବର୍ତ୍ତମାନର ବ୍ୟବସ୍ଥା ଓଡ଼ିଆମାନଙ୍କ ପକ୍ଷରେ ଅତ୍ୟନ୍ତ ବିପଜ୍ଜନକ । ଓଡ଼ିଆମାନେ ବର୍ତ୍ତମାନ ସବୁ ପ୍ରଦେଶରେ ଅତ୍ୟନ୍ତ ସଂଖ୍ୟାଲଘୁ । ବିଧାନସଭା ଏବଂ ଦେଶର ସରକାରୀ ଅନୁଷ୍ଠାନମାନଙ୍କରେ ସେମାନଙ୍କର ପ୍ରତିନିଧିତ୍ୱ ଫଳପ୍ରଦ ନୁହେଁ । ତେଣୁ ଓଡ଼ିଆମାନେ ନିଜର ସ୍ଥିତି, ରାଜନୈତିକ ଶକ୍ତି, ସମ୍ମାନ ଓ ସୁବିଧା ଦୃଷ୍ଟିରୁ ଦୟନୀୟ ଅବସ୍ଥାରେ ରହିଛନ୍ତି ।" ଶେଷରେ ଉତ୍କଳ ସମ୍ମିଳନୀର ଅନୁରୋଧ କ୍ରମେ ବିହାରର ବିଶିଷ୍ଟ ବୁଦ୍ଧିଜୀବୀ ଡକ୍ଟର ସଚ୍ଚିଦାନନ୍ଦ ସିଂହ କେନ୍ଦ୍ର ବିଧାନ ସଭାରେ ୧୯୨୦ ମସିହା ଫେବୃଆରୀ ମାସରେ ଗୋଟିଏ ପ୍ରସ୍ତାବ ଆଣିଲେ ଯେ, "ସରକାରୀ ଓ ବେସରକାରୀ ସଭ୍ୟମାନଙ୍କୁ ନେଇ ଗୋଟିଏ ମିଳିତ କମିଟି ଗଠନ କରାଯାଉ ଏବଂ ସେମାନେ ବର୍ତ୍ତମାନ ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବଙ୍ଗଳା ଏବଂ ବିହାର ଓ ଓଡ଼ିଶା ପ୍ରଦେଶ ଅନ୍ତର୍ଗତ ଓଡ଼ିଶା ଡିଭିଜନ୍‌ର ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକର ମିଶ୍ରଣପାଇଁ ଏକ ପରିକଳ୍ପନା ପ୍ରସ୍ତୁତ କରନ୍ତୁ ।"

## ଫିଲିପ୍-ଡଫ୍ କମିଟିର ସୁପାରିଶ :

ଉପରୋକ୍ତ ପ୍ରସ୍ତାବ ଅନୁସାରେ ଭାରତ ସରକାର ୧୯୨୪ ମସିହାରେ ଫିଲିପ୍-ଡଫ୍ କମିଟି ନିଯୁକ୍ତ କଲେ । ଏହି କମିଟି ତାଙ୍କ ରିପୋର୍ଟରେ କହିଲେ, "ତଦନ୍ତ ଫଳରେ ଆମେ ଜାଣିପାରିଛୁ ଯେ ମାନ୍ଦ୍ରାଜରେ ଥିବା ଓଡ଼ିଆଭାଷୀ ଅଞ୍ଚଳର ଶିକ୍ଷିତ ଲୋକଙ୍କର ଏକ ଶାସନାଧୀନ ହୋଇ ରହିବାପାଇଁ ବହୁ ଦିନୁ ଇଚ୍ଛା ରହି ଆସିଛି । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ଗଠନ କରିବାପାଇଁ କେତେକଙ୍କର ମତ ରହିଛି । ଓଡ଼ିଆ ରୟତମାନଙ୍କ ଭିତରୁ ଯେଉଁମାନେ ଏ ବିଷୟରେ କିଛି ଜାଣିଛନ୍ତି ସେମାନେ ନିଃସନ୍ଦେହରେ ମିଶ୍ରଣ ଚାହାନ୍ତି ।" ଏହି କମିଟି ବିସ୍ତୃତଭାବରେ ଅନୁସନ୍ଧାନ କରି ନିର୍ଦ୍ଦିଷ୍ଟଭାବରେ ମତ ପ୍ରକାଶ କରିଥିଲେ ଯେ "ଗଞ୍ଜାମ ଜିଲ୍ଲା ଓ ଭାଇଜାଗପଟ୍ଟମ୍ ଏଜେନ୍‌ସି ଅଞ୍ଚଳ ସମେତ ମାନ୍ଦ୍ରାଜର ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ ଓଡ଼ିଶା ଡିଭିଜନ୍‌ସହିତ ମିଶିଯିବା ଉଚିତ । ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକର ବର୍ଣ୍ଣନା କରି ସେମାନେ କହିଥିଲେ ଯେ ମଞ୍ଜୁଷା, ଟିକାଲି,



Digitized by srujanika@gmail.com

ତରଳା, ବୁଢ଼ାରସିଂହ, ଜଳନ୍ତର ଓ ପାରଳାଖେମଣ୍ଡି ରାଜ୍ୟ ଏବଂ ସମସ୍ତ ଗଞ୍ଜାମ ଜିଲା ଓଡ଼ିଶାର ଅଂଶ ହୋଇ ରହିବା ଉଚିତ ।" ମାତ୍ର ପୁଣି ମାନ୍ଦ୍ରାଜ ସରକାରଙ୍କର ତୀବ୍ର ବିରୋଧ ଯୋଗୁ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ପୂର୍ବ ଅବସ୍ଥା ଚାଲିଲା ।

## ଚକ୍ରଧରପୁର ଅଧିବେଶନ ପରେ ଉତ୍କଳ ସମ୍ମିଳନୀ :

୧୯୨୦ ମସିହାରେ ଅନୁଷ୍ଠିତ ଚକ୍ରଧରପୁର ଅଧିବେଶନ ପରେ ଦୁଇ ବର୍ଷରୁ ଅଧିକ କାଳ ଉତ୍କଳ ସମ୍ମିଳନୀର କୌଣସି ଅଧିବେଶନ ହୋଇ ନ ଥିଲା । ଏହି ଅଧିବେଶନ ପରେ ୧୯୨୧ମସିହାରେ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ ଓଡ଼ିଶାରେ ଅସହଯୋଗ ସଂଗ୍ରାମ ଚାଲିଲା ଓ ଗୋପବନ୍ଧୁଙ୍କ ସମେତ ବହୁ କଂଗ୍ରେସ କର୍ମୀ କାରାବରଣ କଲେ । ସେହି ସମୟରେ ଉତ୍କଳଗୌରବ ମଧୁସୂଦନ ବିହାର ଓଡ଼ିଶା ପ୍ରଦେଶର ଜଣେ ମନ୍ତ୍ରୀଭାବରେ କାର୍ଯ୍ୟ କରୁଥିଲେ। ଗୋପବନ୍ଧୁ ୧୯୨୩ ମସିହାରେ ଜେଲ୍‌ରୁ ଖଲାସ ହେଲେ ଏବଂ ସେହି ବର୍ଷ ମଧୁସୂଦନ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଚାଲିଆସିଲେ । ଏହି ସମୟରେ ଗଞ୍ଜାମବାସୀ ଉତ୍କଳ ସମ୍ମିଳନୀକୁ ପୁଣି କାର୍ଯ୍ୟକାରୀ କରାଇବାପାଇଁ ଆଗ୍ରହ ପ୍ରକାଶ କଲେ । ୧୯୨୩ ମସିହା ଫେବ୍ରୁଆରୀ ମାସରେ 'ଆଶା' ସମ୍ବାଦପତ୍ର ଅଫିସରେ ଶଶିଭୂଷଣ ରଥଙ୍କ ସଭାପତିତ୍ୱରେ ଏକ ବୈଠକ ବସି ଉତ୍କଳ ସମ୍ମିଳନୀ ଅଧିବେଶନ ଡାକିବାପାଇଁ ଉପାୟ ନିର୍ଦ୍ଧାରଣ କରାଯାଇଥିଲା। ଚକ୍ରଧରପୁର ଅଧିବେଶନରେ ଉତ୍କଳ ସମ୍ମିଳନୀ ଜାତୀୟ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଗ୍ରହଣ କରିଥିଲେ ମଧ୍ୟ କଂଗ୍ରେସ ଉତ୍କଳ ସମ୍ମିଳନୀକୁ ଜାତୀୟ ସଂଗ୍ରାମପାଇଁ ବ୍ୟବହାର କରି ନ ଥିଲା । ଉତ୍କଳ ସମ୍ମିଳନୀରେ ତଥାପି ନରମପନ୍ଥୀମାନଙ୍କ ପ୍ରଭାବ ରହିଥିଲା । କିନ୍ତୁ ମଧୁସୂଦନ ଉତ୍କଳ ସମ୍ମିଳନୀ ସଂଗଠନରୁ ଓହରି ଯିବାପରେ ସେମାନେ କିପରି କାର୍ଯ୍ୟ କରିବେ ତାହା ନିର୍ଦ୍ଧାରଣ କରି ପାରି ନ ଥିବାରୁ ନୀରବ ରହିଥିଲେ ।

## ଉତ୍କଳ ସମ୍ମିଳନୀ ଓ ଗୋପବନ୍ଧୁ ଚୌଧୁରୀ :

ଉତ୍କଳ ସମ୍ମିଳନୀର ବ୍ରହ୍ମପୁର ବୈଠକରେ ୧୯୨୩ ମସିହା ମାର୍ଚ୍ଚ ମାସରେ ଏହାର ପରବର୍ତ୍ତୀ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିବା ଜାଣି କଂଗ୍ରେସ ନେତା ଗୋପବନ୍ଧୁ ଚୌଧୁରୀ ଏହି ବୈଠକରେ କଂଗ୍ରେସ କର୍ମୀମାନଙ୍କୁ ଯୋଗଦେବା ଓ ନିଜର ମତାମତ ବ୍ୟକ୍ତ କରିବାପାଇଁ



Digitized by srujanika@gmail.com

ସଂବାଦ ପତ୍ର ଜରିଆରେ ନିବେଦନ କରିଥିଲେ । ଉତ୍କଳ ସମ୍ମିଳନୀର ସପ୍ତଦଶ ଅଧିବେଶନ ତିନି ବର୍ଷ ପରେ ୧୯୨୩ ମାର୍ଚ୍ଚ-ଏପ୍ରିଲ୍ ମାସରେ ଅନୁଷ୍ଠିତ ହେଲା । କଳ୍ପତରୁ ଦାସ ଏହି ଅଧିବେଶନରେ ସଭାପତି ହୋଇଥିଲେ । ଏହି ବୈଠକରେ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଜଗବନ୍ଧୁ ସିଂହ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋଦାବରୀଶ ମିଶ୍ର, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସମ୍ମିଳନୀରେ ଦେଶୀଲୁଗା ବ୍ୟବହାର, ପ୍ରାଥମିକ ଶିକ୍ଷା ପ୍ରସାର, ଆୟୁର୍ବେଦ ଶିକ୍ଷାନୁଷ୍ଠାନ ସ୍ଥାପନ ଓ ଡାକ୍ତରଖାନା ଆଦି ସ୍ଥାପନପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ପରେ ଉତ୍କଳ ସମ୍ମିଳନୀର ସ୍ଥାୟୀ କମିଟି ପୁଣି ୧୯୨୪ ମସିହାରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେଲା । ଗୋପବନ୍ଧୁ ଚୌଧୁରୀ ଏହି ବୈଠକରେ ଯୋଗଦେଇ ସମ୍ମିଳନୀ ଅଧିବେଶନ କଟକଠାରେ ବସିବାପାଇଁ ନିମନ୍ତ୍ରଣ କରିଥିଲେ । ଓଡ଼ିଶାର କଂଗ୍ରେସର ନେତାମାନେ ପୁଣି ଉତ୍କଳ ସମ୍ମିଳନୀର ପରିଚାଳନା କରିବେ ବୋଲି ଆଶା କରାଯାଉଥିଲା । ଏହି ସମୟରେ ଗୋପବନ୍ଧୁ ଚୌଧୁରୀ ଉତ୍କଳ ସମ୍ମିଳନୀରୁ ଇସ୍ତଫା ଦେବା ଫଳରେ ସମସ୍ତେ ବିସ୍ମିତ ହେଲେ । ତାଙ୍କ ଇସ୍ତଫାର କାରଣ ଜଣାଇ ଗୋପବନ୍ଧୁ ଚୌଧୁରୀ ଏକ ବକ୍ତୃତାରେ କହିଥିଲେ ଯେ "ଉତ୍କଳ ସମ୍ମିଳନୀ ବ୍ରିଟିଶ୍ ସରକାରଙ୍କୁ ସନ୍ତୁଷ୍ଟ କରିବା ଭଳି ନୀତି ଅନୁସରଣ କରୁଥିବାରୁ ଏହା କୌଣସି କାର୍ଯ୍ୟ ହାସଲ କରିପାରିବ ନାହିଁ । ବର୍ତ୍ତମାନ ସମୟ ଆସିଛି ଯେତେବେଳେ କି ଦେଶର ଲକ୍ଷ୍ୟ ହାସଲ କରିବା ପାଇଁ କଂଗ୍ରେସ ପରି ଚରମପନ୍ଥା ଅନୁସରଣ କରିବାକୁ ହେବ । ବର୍ତ୍ତମାନ ଜନସାଧାରଣଙ୍କ ଶକ୍ତିକୁ ଭାଗ ଭାଗ ନ କରି କେବଳ କଂଗ୍ରେସପାଇଁ ନିୟୋଜିତ କରିବା ବାଞ୍ଛନୀୟ ।"

ମାତ୍ର ଉତ୍କଳ ସମ୍ମିଳନୀର ନରମପନ୍ଥୀ ସଭ୍ୟମାନେ କଂଗ୍ରେସର କାର୍ଯ୍ୟକ୍ରମସହିତ ସଂପର୍କ ନ ରଖି ଫିଲିପ୍-ଡଫ୍ ତଦନ୍ତ କମିଟି ନିକଟରେ ଓଡ଼ିଶାର ଦାବି ଉପସ୍ଥାପିତ କରିବାପାଇଁ ଗୋଟିଏ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ କମିଟି ଗଠନ କଲେ । ସେହି ସମୟରେ ଉତ୍କଳମଣି ଗୋପବନ୍ଧୁ ପ୍ରମୁଖ ଜେଲରୁ ଖଲାସ ହେବା ଦିନ କଟକଠାରେ ଉତ୍କଳ ପ୍ରାଦେଶିକ କଂଗ୍ରେସ ପକ୍ଷରୁ ଏକ ପ୍ରାଦେଶିକ ସମ୍ମିଳନୀର ଆୟୋଜନ କରାଯାଇଥିଲା ଏବଂ ଏଥିରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ସଭାପତି ହୋଇଥିଲେ । ଏହି ସମ୍ମିଳନୀପାଇଁ ଗଠିତ ଅଭ୍ୟର୍ଥନା ସମିତିର ସଭାପତିଭାବରେ ଗୋପବନ୍ଧୁ ଚୌଧୁରୀ ତାଙ୍କ ଭାଷଣରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ସଭାପତି ଆଚାର୍ଯ୍ୟ ରାୟ ଓଡ଼ିଶାର ଦାବି ପ୍ରତି ସହାନୁଭୂତି ପ୍ରଦର୍ଶନ କରିଥିଲେ । ତେଣୁ



Digitized by srujanika@gmail.com

ଜାତୀୟ ସଂଗ୍ରାମପାଇଁ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ କଂଗ୍ରେସ ଅନୁଷ୍ଠାନ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ସମସ୍ୟାର ସମାଧାନନିମିତ୍ତ ମଧ୍ୟ କାର୍ଯ୍ୟ କରିବାପାଇଁ ଚାହୁଁଥିଲେ ।

## ଗାନ୍ଧିଜୀ ଓ ଓଡ଼ିଶା ସମସ୍ୟା :

ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରିଆସି ଭାରତର ରାଜନୈତିକ ପରିସ୍ଥିତି ଅନୁଧ୍ୟାନ କରୁଥିବାବେଳେ ୧୯୧୮–୧୯୧୯ ମସିହାରେ ଓଡ଼ିଶାବାସୀଙ୍କ ଦୁଃଖ ଦୁର୍ଦ୍ଦଶା ସଂବାଦ ପାଇ ବ୍ୟଥିତ ହୋଇଥିଲେ । ବିଶେଷଭାବରେ ଏହି ସମୟରେ ପୁରୀ ଜିଲାର ଡେଲାଙ୍ଗ ଅଞ୍ଚଳରେ ଭୟଙ୍କର ଦୁର୍ଭିକ୍ଷ ଯୋଗୁ ଲୋକେ ପୋକମାଛି ପରି ମରୁଥିବା ଖବର ପାଇ ସେଠାରେ ଲୋକଙ୍କୁ ସାହାଯ୍ୟ କରିବା ନିମନ୍ତେ ଗାନ୍ଧିଜୀ ଠକ୍କର ବାପାଙ୍କୁ ପଠାଇଥିଲେ । ଠକ୍କର ବାପା ସେଠାକୁ ଯାଇ ଗାଁକୁ ଗାଁ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଅନୁଧ୍ୟାନ କରୁଥିବାବେଳେ ସେଇଠି ଉତ୍କଳମଣି ଗୋପବନ୍ଧୁଙ୍କୁ ଭେଟିଲେ । ସେତେବେଳେ ଗୋପବନ୍ଧୁ ଦଳେ ସ୍ୱେଚ୍ଛାସେବକଙ୍କସହ ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିବାରେ ଲାଗିଥାନ୍ତି । ଠକ୍କର ବାପା ଗାନ୍ଧିଜୀଙ୍କୁ ଏ ଅଞ୍ଚଳର ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବର୍ଣ୍ଣନା କଲା-ବେଳେ ତାଙ୍କୁ ଗୋପବନ୍ଧୁଙ୍କ ଦୁଃସ୍ଥସେବା ବିଷୟରେ କହିଥିଲେ । ତା'ପରେ ଗୋପବନ୍ଧୁଙ୍କ ସହିତ ଗାନ୍ଧିଜୀଙ୍କର ପରିଚୟ ହେଲା ଏବଂ ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନର ଦାୟିତ୍ୱ ସେ ଗୋପବନ୍ଧୁଙ୍କୁ ଦେଲେ । ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲାବେଳେ ମହାତ୍ମା ଗାନ୍ଧୀ ମାର୍ଚ୍ଚ ମାସରେ ଓଡ଼ିଶାକୁ ଆସି ବହୁ ସ୍ଥାନ ଗସ୍ତ କରି ଉଦ୍‌ବୋଧନ ଦେଇଥିଲେ । ଗାନ୍ଧିଜୀ ଏହି ଗସ୍ତବେଳେ ବ୍ରହ୍ମପୁରଠାରେ ଓଡ଼ିଆ ଆନ୍ଦୋଳନ ସଂବନ୍ଧରେ ଅବଗତ ହେଲେ । ଏସଂପର୍କରେ ଗାନ୍ଧିଜୀ ୟଙ୍ଗ ଇଣ୍ଡିଆ ପତ୍ରିକାରେ ୧୯୨୧ ଏପ୍ରିଲ ମାସ ୧୩ ତାରିଖରେ ଅନ୍ୟାନ୍ୟ ବିଷୟ ଭିତରେ ଲେଖିଥିଲେ, "ଓଡ଼ିଶାର ଗୋଟିଏ ନ୍ୟାୟସଂଗତ ଆପତ୍ତି ଅଛି । 'ଓଡ଼ିଆ ମୁଭ୍‌ମେଣ୍ଟ' ନାମକ ପୁସ୍ତକର ଯୋଗ୍ୟ ଲେଖକ ଠିକ୍ କହିଛନ୍ତି ଯେ ରାଜନୈତିକ ଉଦ୍ଦେଶ୍ୟରେ ଓଡ଼ିଶାକୁ ଖଣ୍ଡ ଖଣ୍ଡ କରାଯାଇଛି । ଗୋଟିଏ ଅଂଶ ବଙ୍ଗରେ, ଗୋଟିଏ ମଧ୍ୟ-ପ୍ରଦେଶରେ ଓ ଗୋଟିଏ ମାନ୍ଦ୍ରାଜରେ । ଓଡ଼ିଶାର ହୋଇ କିଛି ନାହିଁ । ଓଡ଼ିଆ-ଭାଷୀ ଅଞ୍ଚଳମାନଙ୍କୁ ଗୋଟିଏ ପ୍ରଦେଶ ବୋଲି କଂଗ୍ରେସ ସ୍ୱୀକାର କରିଛି । ବିହାର, ବଙ୍ଗ ଓ ମଧ୍ୟପ୍ରଦେଶର ଏଥିରେ କିଛି ବିବାଦ ନାହିଁ କିନ୍ତୁ ଓଡ଼ିଶାର ବ୍ରହ୍ମପୁରକୁ ଦାବି କରିବାରେ ଆନ୍ଧ୍ର ବିବାଦ କରୁଛି । ଏହାର ସମାଧାନପାଇଁ



Digitized by srujanika@gmail.com

ମୁଁ କେତୋଟି ସରଳ ନିୟମର ସୂଚନା ଦେଉଛି । ଆମର ବର୍ତ୍ତମାନ ଆନ୍ଦୋଳନରୁ ଗୋଟିଏ ସୁବର୍ଣ୍ଣ ନିୟମ ଶିଖିବାକୁ ହେବ । ଏହା ସବୁ କ୍ଷେତ୍ରରେ ପ୍ରଯୁଜ୍ୟ । ଏହା ଏହି ଯେ ସବଳ ଦୁର୍ବଳ କଥା ମାନି ନେବ ଏବଂ ସନ୍ଦେହ ହେଲେ ଦୁର୍ବଳ ପକ୍ଷରେ ରାୟ ଦେବ ।" ଆନ୍ଧ୍ର ଓ ଓଡ଼ିଶାର ସୀମା ନିର୍ଦ୍ଧାରଣପାଇଁ ଗଞ୍ଜାମବାସୀ ବହୁ ଥର ଗାନ୍ଧିଜୀଙ୍କ ପରାମର୍ଶ ନେଉଥିଲେ ।

୧୯୩୧ ମସିହାରେ କରାଚି କଂଗ୍ରେସ ଅଧିବେଶନରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରତିନିଧିମାନେ ପରବର୍ତ୍ତୀ କଂଗ୍ରେସ ଅଧିବେଶନ ୧୯୩୨ ମସିହାରେ ଓଡ଼ିଶାରେ କରିବାପାଇଁ ଜାତୀୟ କଂଗ୍ରେସ ନେତୃବର୍ଗଙ୍କୁ ଅନୁରୋଧ କରିଥିଲେ । ଏଥିରେ ରାଜିହେବାପାଇଁ ଗାନ୍ଧିଜୀ ଇଚ୍ଛା ପ୍ରକାଶ କରିଥିଲେ । ଏହି ଅଧିବେଶନ ବେଳେ ନାରୀନେତ୍ରୀ ଶ୍ରୀମତୀ ସରଳା ଦେବୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗାନ୍ଧିଜୀଙ୍କସହିତ ସାକ୍ଷାତ୍ କରିଥିଲେ । ଶ୍ରୀମତୀ ସରଳା ଦେବୀ ଏସଂପର୍କରେ ଲେଖିଥିଲେ—"୧।୪।୧୯୩୧ ଦିନ ସାଢ଼େ ସାତଟା ବେଳେ ଓଡ଼ିଶାର ସମସ୍ତ ପ୍ରତିନିଧି ଗାନ୍ଧିଜୀଙ୍କୁ ଏ ବିଷୟରେ ଜଣାଇବାପାଇଁ ତାଙ୍କ ସଙ୍ଗେ ସାକ୍ଷାତ୍ କରିଥିଲୁ । ଆମ ପ୍ରଦେଶର ଏତେ ମହିଳା ପ୍ରତିନିଧିଙ୍କୁ ଦେଖି ଗାନ୍ଧିଜୀ ଆନନ୍ଦିତ ହୋଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ସମ୍ବନ୍ଧରେ ସେ କହିଲେ, ମୁଁ ଏ ବିଷୟରେ କଂଗ୍ରେସ କର୍ତ୍ତୃପକ୍ଷଙ୍କୁ ଅବହିତ କରାଇ ସାରିଛି । ମୁଁ ଗୋଲ ଟେବୁଲ ବୈଠକରେ ଓଡ଼ିଶାର ଜଣେ ପ୍ରତିନିଧିଭାବରେ ଏ ବିଷୟରେ ଦାବି କରିବି ।" ପରେ ୧୯୩୧ ମସିହାରେ ଗୋପବନ୍ଧୁ ଚୌଧୁରୀ ଯେତେବେଳେ ଗାନ୍ଧିଜୀଙ୍କ ସଙ୍ଗେ ସାକ୍ଷାତ୍ କଲେ ଗାନ୍ଧିଜୀ ମତପ୍ରକାଶ କରିଥିଲେ, "ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ସୁନିଶ୍ଚିତ ।" ଶ୍ରୀ ଚୌଧୁରୀ ଓଡ଼ିଶାପାଇଁ କଂଗ୍ରେସ ଅନୁଷ୍ଠାନ ପକ୍ଷରୁ ଏକ ସୀମା କମିଶନ୍ ଗଠନ କରିବାନିମନ୍ତେ ଗାନ୍ଧୀଜୀଙ୍କୁ କହିଥିଲେ । ଗାନ୍ଧିଜୀ ଏଥିରେ ରାଜି ହୋଇଥିଲେ । ମାତ୍ର ଏସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇଥିବା ଜଣାଯାଏ ନାହିଁ । ଏହା ପରେ ଓଡ଼ିଶାର କଂଗ୍ରେସ ତଥା ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ବିଷୟରେ ଗାନ୍ଧିଜୀଙ୍କ ପରାମର୍ଶ ନେଉଥିଲେ । ମାତ୍ର ଗାନ୍ଧିଜୀ ଏ ବିଷୟରେ ନିର୍ଦ୍ଦିଷ୍ଟଭାବରେ ହଠାତ୍ କୌଣସି ମତ ପ୍ରକାଶ କରିନଥିଲେ ।



Digitized by srujanika@gmail.com

# ଓଡ଼ିଆ ଆନ୍ଦୋଳନର ଶେଷ ପର୍ଯ୍ୟାୟ

## ସାଇମନ୍ କମିଶନ୍‌ଙ୍କ ଓଡ଼ିଆ ସମସ୍ୟାର ବିଚାର :

ସାର୍ ଜନ୍ ସାଇମନ୍‌ଙ୍କ ନେତୃତ୍ୱରେ ୭ଜଣ ବ୍ରିଟିଶ ପାର୍ଲିଆମେଣ୍ଟ ସଭ୍ୟଙ୍କୁ ନେଇ ଗଠିତ ଇଣ୍ଡିଆନ୍ ଷ୍ଟାଟୁଟରୀ କମିଶନ୍ ଯାହାକୁ ସାଇମନ୍ କମିଶନ୍ ବୋଲି କୁହାଯାଏ, ୧୯୨୮ ମସିହା ଫେବୃଆରୀ ମାସରେ ଭାରତରେ ଆସି ପହଞ୍ଚିଥିଲେ । ୧୯୧୯ ମସିହା ଭାରତ ଶାସନ ଆଇନର କାର୍ଯ୍ୟକୁ ମୂଲ୍ୟା-ୟନ କରି ଭାରତର ଶାସନତାନ୍ତ୍ରିକ ବିକାଶସଂପର୍କରେ ସୁପାରିଶ କରିବାନିମନ୍ତେ ଏହି କମିଶନ୍ ଗଠିତ ହୋଇଥିଲା । ମାତ୍ର ଏହି କମିଶନ୍‌ରେ କୌଣସି ଭାରତୀୟ ସଭ୍ୟ ନ ଥିବାରୁ ଜାତୀୟ କଂଗ୍ରେସ ଏହାକୁ ବର୍ଜନ କରିଥିଲେ ଏବଂ ସେମାନେ ଭାରତରେ ଯୁଆଡ଼େ ଯାଉଥିଲେ ସେମାନଙ୍କ ବିରୁଦ୍ଧରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜାତୀୟ କଂଗ୍ରେସ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁ-ସାରେ ଉତ୍କଳ ପ୍ରାଦେଶିକ କଂଗ୍ରେସ ପକ୍ଷରୁ ସାଇମନ୍ କମିଶନ୍‌ଙ୍କୁ ବର୍ଜନ କରିବାପାଇଁ ନିଷ୍ପତ୍ତି କରାଯାଇଥିଲା । ମାତ୍ର ଉତ୍କଳ ସମ୍ମିଳନୀସହିତ ସଂପୃକ୍ତ ଥିବା ନରମପନ୍ଥୀ ବୁଦ୍ଧିଜୀବୀମାନେ ଅନୁଭବ କରିଥିଲେ ଯେ ଶାସନତାନ୍ତ୍ରିକ ପରିବର୍ତ୍ତନ-ପାଇଁ ସାଇମନ୍ କମିଶନ୍ ସୁପାରିଶ କରିବାର ଅଧିକାରଥିବାରୁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି ଏହି କମିଶନ୍‌ଙ୍କ ନିକଟରେ ଓଡ଼ିଆ-ଭାଷୀଙ୍କ ପକ୍ଷରୁ ଉପସ୍ଥାପିତ କରାଯିବା ଉଚିତ । ଏସଂପର୍କରେ ତତ୍ପରତା ପ୍ରକାଶ ପାଇବା ପରେ ଉତ୍କଳ ପ୍ରାଦେଶିକ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତାବ ଗ୍ରହଣ କରାଯାଇ ଜଣାଇ ଦିଆଯାଇଥିଲା ଯେ ସାଇମନ୍ କମିଶନ୍‌ଙ୍କସହିତ ସହଯୋଗ କରିବାପାଇଁ ଯେଉଁ ଭିତରି ଉଦ୍ୟମ ଚାଲିଛି ତାହା ନିନ୍ଦନୀୟ । ଓଡ଼ିଶାର ଜନସାଧାରଣ ସାଇମନ୍ କମିଶନ୍‌ଙ୍କୁ ବର୍ଜନ କରିବାନିମନ୍ତେ ବିକ୍ଷୋଭ ପ୍ରଦର୍ଶନ କରିବାପାଇଁ ନିବେଦନ କରାଯାଇଥିଲା ।

ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନର ସର୍ବମାନ୍ୟ ନେତା ଉତ୍କଳଗୌରବ ମଧୁସୂଦନ ସେତେବେଳେ କୁଳବୃଦ୍ଧ । ତାଙ୍କର ବୟସ ୮୦ ବର୍ଷ । ଓଡ଼ିଆ ଆନ୍ଦୋଳନରେ ଓଡ଼ିଶାର ବିଖ୍ୟାତ କୁଟୀର ଶିଳ୍ପର



Digitized by srujanika@gmail.com

ପୁନରୁଦ୍ଧାର ଉଦ୍ୟମରେ ତଥା ବଙ୍ଗପ୍ରଦେଶ ବିଧାନସଭା ଏବଂ ବିହାର ଓ ଓଡ଼ିଶା ପ୍ରଦେଶ ବିଧାନସଭାର ସଭ୍ୟ ତଥା ଶେଷରେ ମନ୍ତ୍ରୀଭାବରେ ଓଡ଼ିଶାର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବିକାଶନିମନ୍ତେ ୫୦ ବର୍ଷ ଧରି ସଂଗ୍ରାମ କରି ନିଜର ଉପାର୍ଜିତ ଅଜସ୍ର ଅର୍ଥ ଅକାତରରେ ବ୍ୟୟ କଲା ପରେ ମଧ୍ୟ ତାଙ୍କ ପ୍ରତିଷ୍ଠିତ ଉତ୍କଳ ଟାନେରୀକୁ ରକ୍ଷାକରି ନ ପାରି ମର୍ମାହତ ଅବସ୍ଥାରେ ଥାଆନ୍ତି । ମଧୁସୂଦନ ସାଇମନ୍ କମିଶନ୍‌ଙ୍କ ନିକଟରେ ସାକ୍ଷ୍ୟ ଦେଇ ନ ଥିଲେ । ଓଡ଼ିଆ ଆନ୍ଦୋଳନରେ ଅନ୍ୟତମ ସମ୍ମାନିତ ନେତା ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନର ତାହା ହିଁ ଥିଲା ଶେଷ ବର୍ଷ । ୧୯୨୮ ମସିହା ଜୁନ୍ ମାସରେ ସେ ଓଡ଼ିଶାବାସୀଙ୍କୁ ଛାଡ଼ି ଚାଲି ଯାଇଥିଲେ ।

## ସର୍ବଦଳୀୟ କମିଟି (ନେହେରୁ କମିଟି)ରେ ଓଡ଼ିଶା ସମସ୍ୟା :

ଜାତୀୟ କଂଗ୍ରେସ ସାଇମନ୍ କମିଶନ୍‌ଙ୍କୁ ସମ୍ପୂର୍ଣ୍ଣ ବର୍ଜନ କରିବାପାଇଁ ନିଷ୍ପତ୍ତି କଲା ପଣ୍ଡିତ ମୋତିଲାଲ ନେହେରୁଙ୍କ ସଭାପତିତ୍ୱରେ ଏକ ସର୍ବଦଳୀୟ କମିଟି ଗଠନ କରିଥିଲେ । ଏହି କମିଟିକୁ ସଂକ୍ଷେପରେ ନେହେରୁ କମିଟି ବୋଲି କୁହାଯାଏ । ଏହି କମିଟିରେ ସବୁ ଦଳର ସଭ୍ୟ ରହିଥିଲେ । କଂଗ୍ରେସ ଦଳ ପକ୍ଷରୁ ମୋତିଲାଲ ନେହେରୁଙ୍କ ବଂଶଧର ପଣ୍ଡିତ ଜବାହରଲାଲ ନେହେରୁ ଓ ସୁଭାଷଚନ୍ଦ୍ର ବୋଷ ପ୍ରମୁଖ ସଭ୍ୟ ଥିଲେ । ଏହି କମିଟି ଅନ୍ୟାନ୍ୟ ବିଷୟ ଭିତରେ ପ୍ରଦେଶ ଗଠନ ସମସ୍ୟାସମ୍ପର୍କରେ ବିଚାର କରିବା କାର୍ଯ୍ୟ ହାତକୁ ନେଇଥିଲେ । ନେହେରୁ କମିଟି ୧୯୨୮ ମସିହା ଶେଷଭାଗରେ ତାଙ୍କ ରିପୋର୍ଟ ଦେଲେ । ଏହି ରିପୋର୍ଟରେ ଓଡ଼ିଶା ସମସ୍ୟାସଂପର୍କରେ ଉଲ୍ଲେଖ ଥିଲା "ଓଡ଼ିଶା ସମସ୍ୟାସମ୍ପର୍କରେ ଆମେ ଖଣ୍ଡିଏ କ୍ଷୁଦ୍ର ପୁସ୍ତିକା ପାଇଛୁ । ମାତ୍ର କୌଣସି ସ୍ୱତନ୍ତ୍ର ସ୍ମାରକପତ୍ର ଆମ ଆଗରେ ନ ଥିବାରୁ ଆମେ ଏ ବିଷୟରେ ବିଚାର କରିପାରି ନାହୁଁ । କିନ୍ତୁ ଆମ ସହଯୋଗୀ ସୁଭାଷଚନ୍ଦ୍ର ବୋଷଙ୍କ ଦୃଢ଼ ମତ ଯେ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକ ମିଶାଇ ଦେଇ ଯଦି ଆର୍ଥିକ ସମ୍ବଳ ଦୃଷ୍ଟିରୁ ସମ୍ଭବ ହୁଏ ତାହାହେଲେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଯିବା ଉଚିତ ।" ଏହି ରିପୋର୍ଟରେ ଆର୍ଥିକ ସମ୍ବଳ କଥା ଯାହା ଉଲ୍ଲେଖ କରାଯାଇଥିଲା ସେସମ୍ପର୍କରେ ଓଡ଼ିଶାରେ ତୀବ୍ର ସମାଲୋଚନା ହୋଇଥିଲା । କେତେକ କଂଗ୍ରେସ ନେତା ମଧ୍ୟ ଏହାକୁ ସମାଲୋଚନା କରିଥିଲେ ।

ଏହି ସମୟରେ ୧୯୨୮ ମସିହା ଡିସେମ୍ବର ମାସରେ କଲିକତାଠାରେ ପଣ୍ଡିତ ମୋତିଲାଲ ନେହେରୁଙ୍କ ସଭାପତିତ୍ୱରେ ଜାତୀୟ କଂଗ୍ରେସର ଏକ ଅଧିବେଶନ



Digitized by srujanika@gmail.com

ଅନୁଷ୍ଠିତ ହେଲା । ଏହି ଅଧିବେଶନରେ ଓଡ଼ିଶାରୁ କଂଗ୍ରେସ ଦଳର ପ୍ରତିନିଧି-ଭାବରେ ପଣ୍ଡିତ ନୀଳକଣ୍ଠ ଦାସ, ରାଜକୃଷ୍ଣ ବୋଷ, ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ସେମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନସଂପର୍କରେ ଏକ ପ୍ରସ୍ତାବ ଆଗତ କରିଥିଲେ । ନିରଞ୍ଜନ ପଟ୍ଟନାୟକ ଏହି ପ୍ରସ୍ତାବ ଆଗତ କରିବାକୁ ଉଠିଲାବେଳେ ସଭାପତି ପଣ୍ଡିତ ମୋତିଲାଲ ନେହେରୁ ତାଙ୍କୁ ଅନୁମତି ଦେଲେ ନାହିଁ । ଓଡ଼ିଆ ସଭ୍ୟମାନେ ଏହାର ପ୍ରତିବାଦରେ ସଭା ଛାଡ଼ି ଚାଲି ଆସିଥିଲେ । ପରଦିନ ଓଡ଼ିଶାର ୩୦୦ ପ୍ରତିନିଧି କଂଗ୍ରେସ ସଭା ବର୍ଜନ କରି ଅନ୍ୟାନ୍ୟ ସମର୍ଥକଙ୍କସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହା ପରେ ପଣ୍ଡିତ ମୋତିଲାଲ ନେହେରୁ ଓ ମହାତ୍ମା ଗାନ୍ଧୀ ପଟ୍ଟାଭି ସୀତା-ରାମାୟାଙ୍କୁ ପଠାଇ ଓଡ଼ିଶାର ପ୍ରତିନିଧିମାନଙ୍କୁ ଡକାଇ ଆଣି ତାଙ୍କ ବ୍ୟବହାର-ପାଇଁ ଦୁଃଖ ପ୍ରକାଶ କରିଥିଲେ ଏବଂ ଗାନ୍ଧିଜୀ ଓ ନେହେରୁ ଉଭୟେ ଓଡ଼ିଶା ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଓଡ଼ିଶା ସମସ୍ୟା ସହାନୁଭୂତି-ସହିତ ବିଚାର କରାଯିବ । ଏହାପରେ ଯାଇ ଓଡ଼ିଶା ପ୍ରତିନିଧିମାନେ ସଭାରେ ଯୋଗ ଦେଲେ ।

## ସାଇମନ୍ କମିଶନ୍‌ଙ୍କ ନିକଟରେ ଓଡ଼ିଶାର ଦାବି ଉପସ୍ଥାପନ :

ସାଇମନ୍ କମିଶନ୍ ଭାରତରେ ପହଞ୍ଚିବା ପରେ ପରେ କମିଶନ୍‌ର ଚେୟାରମ୍ୟାନ୍ ସାର୍ ଜନ୍ ସାଇମନ୍ ବଡ଼ଲାଟ୍‌ଙ୍କୁ ଏକ ପତ୍ର ଲେଖି ତାଙ୍କୁ ସାହାଯ୍ୟ କରିବାନିମନ୍ତେ ବିଭିନ୍ନ ପ୍ରଦେଶର ବିଧାନସଭାର ସଭ୍ୟମାନଙ୍କର ଏକ କମିଟି ଗଠନ କରିବାପାଇଁ ପ୍ରସ୍ତାବ ଦେଇଥିଲେ । ସେହି ଅନୁସାରେ ବିହାର ଓ ଓଡ଼ିଶା ବିଧାନ ସଭା ପକ୍ଷରୁ ମଧ୍ୟ ଗୋଟିଏ କମିଟି ଗଠିତ ହୋଇଥିଲା । ଏହି କମିଟିସହିତ ସେତେବେଳର ବିହାର ଓ ଓଡ଼ିଶା ପ୍ରଦେଶର ବିଧାନସଭାର କଂଗ୍ରେସ ସଭ୍ୟମାନେ ସହଯୋଗ କରି ନ ଥିଲେ । ଏହି କମିଟି ଗଠନର ତୀବ୍ର ବିରୋଧ କରି ବିଧାନସଭାର କଂଗ୍ରେସଦଳ ସଭ୍ୟ ପଣ୍ଡିତ ଲିଙ୍ଗରାଜ ମିଶ୍ର ତାଙ୍କ ଭାଷଣରେ କହିଥିଲେ, "ମଣ୍ଟେଗୁ ଚେମ୍‌ସ୍‌ଫୋର୍ଡ଼ ରିପୋର୍ଟରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପାହିଆ ଦେବାପାଇଁ ସୁପାରିଶ କରାଯାଇଥିଲା ଏବଂ ଆମେ ସମସ୍ତେ ଜାଣୁ ଯେ ବିହାର ଓ ଓଡ଼ିଶା ସରକାରଙ୍କ ଉପରେ ଏହାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଥିଲେ ମଧ୍ୟ ମାନ୍ଦ୍ରାଜ ସରକାରଙ୍କସହିତ ଭିତରି ଷଡ଼ଯନ୍ତ୍ର କରି ବିହାର-ଓଡ଼ିଶା ସରକାର ଏ ବିଷୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ଏମିତି କି ଯେଉଁ ଫିଲିପ୍-ଡଫ୍ କମିଟି ଓଡ଼ିଶା ସପକ୍ଷରେ ମତପ୍ରକାଶ କରିଥିଲେ



Digitized by srujanika@gmail.com

ତାହା ମଧ ସେକ୍ରେଟେରିଏଟ୍‌ର ଅଳିଆଗଦାରେ ଫୋପାଡ଼ି ଦିଆହେଲା । ଏହି ଭଳି ଦୁଃଖଦାୟକ ଅଭିଜ୍ଞତା ଦୃଷ୍ଟିରୁ ଓଡ଼ିଆଭାଷୀ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଶାନ୍ତିପୂର୍ଣ୍ଣ ଉପାୟରେ ଯେ କୌଣସି ଆନ୍ଦୋଳନ କଲେ ତାହା ଫଳପ୍ରଦ ହେବ ନାହିଁ । ତେଣୁ ବିହାର ଓ ଓଡ଼ିଶା ବିଧାନସଭାର କଂଗ୍ରେସ ସଭ୍ୟମାନେ ନିଷ୍ପତ୍ତି କରିଛନ୍ତି ଯେ ସେମାନଙ୍କ ଅସୁବିଧାର ଦୂରୀକରଣନିମନ୍ତେ ସେମାନେ ବିହାର କଂଗ୍ରେସ ସଭ୍ୟମାନଙ୍କୁ ସମର୍ଥନ କରିବେ ।” ଏହି ଦୃଷ୍ଟିରୁ ସେତେବେଳେ ବିହାର ଓ ଓଡ଼ିଶା ବିଧାନସଭାର ୪ ଜଣଯାକ ଓଡ଼ିଶାର କଂଗ୍ରେସ ସଭ୍ୟ ସରକାରୀ ପ୍ରସ୍ତାବର ବିରୋଧ କରିଥିଲେ । ଓଡ଼ିଶାର ଅନ୍ୟ ୨ ଜଣ ଅଣକଂଗ୍ରେସ ସଭ୍ୟ ଓ ବିହାରର ୫ ଜଣ ଏପରି ମୋଟ ୭ ଜଣ ସଭ୍ୟ ସାଇମନ୍ କମିଶନ୍‌ଙ୍କୁ ସାହାଯ୍ୟ କରିବାପାଇଁ ନିର୍ବାଚିତ ହୋଇଥିଲେ ।

## ସାଇମନ୍ କମିଶନ୍ ଅଟଳ୍ କମିଟି ଗଠନ କଲେ :

ପୂର୍ବରୁ କୁହାଯାଇଛି ଯେ ସାଇମନ୍ କମିଶନ୍‌ଙ୍କୁ ସାହାଯ୍ୟ କରିବାପାଇଁ ବିହାର ଓ ଓଡ଼ିଶା ପ୍ରଦେଶ ବିଧାନସଭାର ଯେଉଁ କମିଟି ଗଠିତ ହେଲା ସେଥିରେ କଂଗ୍ରେସ ସଭ୍ୟମାନେ ସହଯୋଗ କଲେ ନାହିଁ, ମାତ୍ର ଯେଉଁ ଦୁଇ ଜଣ ଅଣ-କଂଗ୍ରେସ ଓଡ଼ିଶା ସଭ୍ୟ—ଲକ୍ଷ୍ମୀଧର ମହାନ୍ତି ଓ କନିକା ରାଜା ରାଜେନ୍ଦ୍ରନାରାୟଣ ଭଞ୍ଜଦେଓ ଏହି କମିଟିକୁ ନିର୍ବାଚିତ ହୋଇଥିଲେ, ସେମାନେ ଓଡ଼ିଶାର ଏକ ପ୍ରତିନିଧି ଦଳରେ ଯାଇ ପାଟନାଠାରେ ସାଇମନ୍ କମିଶନ୍‌ଙ୍କ ସଙ୍ଗେ ସାକ୍ଷାତ୍ କରି ସମସ୍ତ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାପାଇଁ ସ୍ମାରକପତ୍ର ଦେଇଥିଲେ । ସେମାନେ ସମସ୍ତ ଆନୁଷଙ୍ଗିକ ତଥ୍ୟସହ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି ଉପସ୍ଥାପିତ କରିଥିଲେ । ସେହି ବର୍ଷ ଦଶହରା ଉତ୍ସବବେଳେ ୧୯୨୮ ମସିହା ଅକ୍ଟୋବର ମାସରେ କଟକର ବିଶିଷ୍ଟ ବ୍ୟକ୍ତିମାନଙ୍କ ଉଦ୍ୟମରେ କଟକରେ ଏକ ଛିନ୍ନମସ୍ତା ପୂଜାର ଆୟୋଜନ କରାଯାଇଥିଲା ଏବଂ ଛିନ୍ନମସ୍ତା ଉତ୍କଳର ଏକ ମାନଚିତ୍ରସହ ଗୋଟିଏ ବିରାଟ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରାରେ ୮୦ ବର୍ଷ ବୟସ୍କ କୁଳବୃଦ୍ଧ ମଧୁସୂଦନ କଷ୍ଟି ସମସ୍ୟୁ ଯୋଗଦେଇ ଶୋଭାଯାତ୍ରାର ନେତୃତ୍ୱ ନେଲାବେଳେ ବିପୁଳ ଉତ୍ସାହ ଓ ଉନ୍ମାଦନା ଖେଳିଯାଇଥିଲା । ଶୋଭାଯାତ୍ରାରେ ରାଜା, ମହାରାଜା, ଜମିଦାର ଏବଂ ସବୁ ଶ୍ରେଣୀର ଲୋକ ଯୋଗଦେଇଥିଲେ । ସାଇମନ୍ କମିଶନ୍ ଓଡ଼ିଆଭାଷୀଙ୍କ ଦାବିର ଯଥାର୍ଥତା ହୃଦୟଙ୍ଗମ କରି ମତପ୍ରକାଶ କଲେ, "୧୯୧୨ ମସିହାରେ ଗଠିତ ବିହାର ଓ ଓଡ଼ିଶା ପ୍ରଦେଶ ଗଠନ ଭାରତର ସମସ୍ତ



Digitized by srujanika@gmail.com

ପ୍ରଦେଶ ଭିତରେ ସର୍ବାପେକ୍ଷା ଅବାସ୍ତବ । ଯେଉଁ ତିନୋଟି ଅଞ୍ଚଳକୁ ନେଇ ଏହା ଗଠିତ ହୋଇଛି ସେମାନଙ୍କ ଭିତରେ ପରସ୍ପରସହିତ କୌଣସି ସାମଞ୍ଜସ୍ୟ ନାହିଁ । କେବଳ ପ୍ରାକୃତିକ ଗଠନ ଦୃଷ୍ଟିରୁ ନୁହେଁ ସାମାଜିକ, ଭାଷାଗତ ଓ ସାଂସ୍କୃତିକ ଦୃଷ୍ଟିରୁ ମଧ୍ୟ ଏଗୁଡ଼ିକ ଭିତରେ ଅନେକ କ୍ଷେତ୍ରରେ ସାମଞ୍ଜସ୍ୟ ନାହିଁ ।

ଓଡ଼ିଶାର ଦାବିସମ୍ପର୍କରେ ପୁଙ୍ଖାନୁପୁଙ୍ଖରୂପେ ଅନୁସନ୍ଧାନ କରିବାପାଇଁ ସାଇମନ୍ କମିଶନ୍ ମେଜର ଆଟଲଙ୍କ ସଭାପତିତ୍ୱରେ ଗୋଟିଏ କମିଟି ଗଠନ କରିଥିଲେ । ଆଟଲି କମିଟି ମତ ପ୍ରକାଶ କରିଥିଲେ ଯେ ଓଡ଼ିଆଭାଷୀ ଲୋକଙ୍କ ଦାବି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ଏବଂ ଏହା ପଛରେ ଓଡ଼ିଆଭାଷୀଙ୍କର ପୂର୍ଣ୍ଣ ସମର୍ଥନ ରହିଛି । ତେଣୁ ଏହି କମିଟି ମାଡ୍ରାଜ ଓ ମାଦ୍ରାଜର ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ବିହାର ଓ ଓଡ଼ିଶା ପ୍ରଦେଶର ଓଡ଼ିଶା ଡିଭିଜନ୍‌ସହିତ ମିଶାଇ ଦେବାପାଇଁ ସୁପାରିଶ କରିଥିଲେ । ବଙ୍ଗପ୍ରଦେଶର ସୀମାସହିତ ଏହାର କେତେକ ଅଦଳ ବଦଳ କରାଯାଇପାରେ । ଶେଷରେ ସେମାନେ କହିଥିଲେ ଯେ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଦେଶକୁ ଏ ସମସ୍ତ ଅଞ୍ଚଳ ହସ୍ତାନ୍ତର କରିଦେବା ଏବଂ ଗୋଟିଏ ଉପ-ପ୍ରଦେଶ ଗଠନ କରିବା-ଏ ଦୁଇଟି ପ୍ରସ୍ତାବ ଭିତରୁ କେଉଁଟି ସୁବିଧା ଜନକ ହେବ ତାହା ବିଚାର କଲାପରେ କମିଟି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ସପକ୍ଷରେ ମତ ପ୍ରକାଶ କଲେ । ମାତ୍ର କମିଟି ସ୍ୱୀକାର କରିଥିଲେ ଯେ ଏହା ଫଳରେ ବର୍ତ୍ତମାନର ପ୍ରଦେଶଗୁଡ଼ିକ ଭାଗ ଭାଗ ହୋଇଯିବ । ସିଂହଭୂମି ଅଞ୍ଚଳ ଓ ଭାଇଜାଗପଟ୍ଟମ୍ ଏଜେନ୍‌ସି ଅଞ୍ଚଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ହେବା ସପକ୍ଷରେ ସେମାନେ ମତ ପ୍ରକାଶ କରି ନ ଥିଲେ । ଏହି କମିଟି ଗଡ଼ଜାତଗୁଡ଼ିକର ଓଡ଼ିଶା-ସହିତ ମିଶ୍ରଣପାଇଁ ମଧ୍ୟ ସୁପାରିଶ କରିଥିଲେ ।

## ପ୍ରଥମ ଗୋଲ ଟେବୁଲ ବୈଠକରେ ପାରଳା ମହାରାଜା :

୧୯୩୦ ମସିହା ନଭେମ୍ବର ମାସରେ ଲଣ୍ଡନଠାରେ ବ୍ରିଟିଶ ସରକାର ପ୍ରଥମ ଗୋଲ ଟେବୁଲ ବୈଠକ ଡକାଇଲେ । ଏହି ବୈଠକକୁ ସବୁ ଶ୍ରେଣୀର ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧିଭାବରେ ପାରଳାଖେମଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏହି ବୈଠକରେ ଯୋଗ ଦେଇଥିଲେ । ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ଓ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ-ପାଇଁ ଏହି ସମ୍ମିଳନୀରେ ଏକ ଯୁକ୍ତିଯୁକ୍ତ ଭାଷଣ ଦେଲେ ଏବଂ ସ୍ମାରକଲିପି ଦେଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ଏକ ନିଅଣ୍ଟିଆ ପ୍ରଦେଶ ହେବ ବୋଲି ସେତେ-ବେଳେ ଯେଉଁ ଆଶଙ୍କା ପ୍ରକାଶ ପାଇଥିଲା ତା'ର ଉତ୍ତର ଦେଇ ସେ ଦର୍ଶାଇ-



Digitized by srujanika@gmail.com

ଥିଲେ ଓଡ଼ିଶାର ଯେଉଁ ବିପୁଳ ଖଣିଜ ସଂପଦ ଓ ଜଙ୍ଗଲ ସମ୍ପଦ ରହିଛି ତା'ର ସଦୁପଯୋଗ ହେଲେ ଓଡ଼ିଶା ପ୍ରଦେଶ ନିଆଣ୍ଟିଆ ହୋଇ ରହିବ ନାହିଁ ।

## ୧୯୩୧ ଜନଗଣନାପାଇଁ ସତର୍କତା :

ଅଟଲି କମିଟିଙ୍କ ସୁପାରିଶ ଅନୁଯାୟୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ ୧୯୩୧ ମସିହା ଜନଗଣନାଭିତ୍ତିରେ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ତେଣୁ ଓଡ଼ିଆଭାଷୀ ଅଞ୍ଚଳମାନଙ୍କରେ ଜନଗଣନାବେଳେ ସତର୍କତା ଅବଲମ୍ବନ କରିବାପାଇଁ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତାଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଏଥିପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ଗଠିତ ହେଲା । କଟକରେ ବ୍ରଜସୁନ୍ଦର ଦାସଙ୍କଦ୍ୱାରା ପ୍ରତିଷ୍ଠିତ ମୁକୁର ପ୍ରେସ୍‌ରେ ସବ୍ କମିଟି ଅଫିସ ସ୍ଥାପିତ ହେଲା । କୁଳବୃଦ୍ଧ ମଧୁସୂଦନ ଓ ପାରଳା ମହାରାଜାଙ୍କ ପରାମର୍ଶ କ୍ରମେ ଲକ୍ଷ୍ମୀଧର ମହାନ୍ତି, ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଭିକାରୀ ଚରଣ ପଟ୍ଟନାୟକ, ସତ୍ୟନାରାୟଣ ସେନଗୁପ୍ତ, ବିଶ୍ୱନାଥ କର ପ୍ରମୁଖ ଏହାର ସଭ୍ୟ ଥିଲେ । ଗଞ୍ଜାମ, କୋରାପୁଟ ଏବଂ ବିଚ୍ଛିନ୍ନାଞ୍ଚଳର ବହୁ ସ୍ୱେଚ୍ଛା-ସେବକ ଏହି କାର୍ଯ୍ୟରେ ଉତ୍ସାହରସହିତ ଯୋଗ ଦେଇଥିଲେ । ତଥ୍ୟ ସଂଗ୍ରହ କରିବାର ଦାୟିତ୍ୱ ମୁଖ୍ୟତଃ ଐତିହାସିକ ସତ୍ୟନାରାୟଣ ରାଜଗୁରୁଙ୍କ ଉପରେ ନ୍ୟସ୍ତ କରାଯାଇଥିଲା ।

## ଓଡ଼ିଆ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ପ୍ରଦେଶ କଂଗ୍ରେସ କମିଟିର ତତ୍ପରତା :

ଏହି ସମୟରେ ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରିଥିଲା । ସେତେବେଳେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ବ୍ରିଟିଶ ସରକାରଙ୍କ ସହିତ ସହଯୋଗ କରି କୌଣସି କାର୍ଯ୍ୟ କରିବାକୁ ପ୍ରାଦେଶିକ କଂଗ୍ରେସ କମିଟି ରାଜି ନ ଥିଲେ । ମାତ୍ର ୧୯୩୧ ମସିହା ମାର୍ଚ୍ଚ ମାସରେ ଗାନ୍ଧୀ-ଇରୱିନ୍ ଚୁକ୍ତି ସମ୍ପାଦିତ ହେବା ପରେ ବ୍ରିଟିଶ ସରକାରଙ୍କପ୍ରତି ଜାତୀୟ କଂଗ୍ରେସର ମତିଗତି ବଦଳିଲା । ସେତେବେଳେ କରାଚି କଂଗ୍ରେସ ଅଧିବେଶନ (୧୯୩୧ ମାର୍ଚ୍ଚରେ) ଯୋଗ ଦେଇଥିବା ଓଡ଼ିଶାର କଂଗ୍ରେସ ପ୍ରତିନିଧିମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମସ୍ୟାସଂପର୍କରେ ମହାତ୍ମାଗାନ୍ଧୀଙ୍କସହିତ କଥାବାର୍ତ୍ତା କରିଥିଲେ । ଗାନ୍ଧିଜୀ ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଏହି ବିଷୟ ଉପସ୍ଥାପିତ କରିବେ



Digitized by srujanika@gmail.com

ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତା'ପରେ ସେହି ବର୍ଷ ମେ ମାସରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ବୈଠକରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନନିମନ୍ତେ ବ୍ରିଟିଶ୍ ସରକାରଙ୍କଠାରେ ଦାବି କରାଯାଇଥିଲା । ଅନ୍ୟାନ୍ୟ ଅନୁଷ୍ଠାନସହିତ ସହଯୋଗରେ ହେଉ ବା ନ ହେଉ ଏସମ୍ପର୍କରେ ଆନୁଷଙ୍ଗିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ କଂଗ୍ରେସ ପକ୍ଷରୁ ଏକ କମିଟି ଗଠିତ ହୋଇଥିଲା । ଏହି କମିଟିରେ ପଣ୍ଡିତ ଦାସଙ୍କ ବ୍ୟତୀତ ଗୋପବନ୍ଧୁ ଚୌଧୁରୀ, ନିରଞ୍ଜନ ପଟ୍ଟନାୟକ, ଲିଙ୍ଗରାଜ ପାଣିଗ୍ରାହୀ, ଶଶିଭୂଷଣ ରଥ, ମୁକୁନ୍ଦ ପ୍ରସାଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ ଓ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ସଭ୍ୟ ଥିଲେ । କଂଗ୍ରେସ ନୀତିରୁ ବିଚ୍ୟୁତ ନ ହୋଇ ଏହି କମିଟି ବ୍ରିଟିଶ କର୍ତ୍ତୃପକ୍ଷଙ୍କସହିତ ଏ ବିଷୟରେ ସହଯୋଗ କରିବେ ବୋଲି ତାଙ୍କୁ କ୍ଷମତା ଦିଆଯାଇଥିଲା ।

## ମେଦିନପୁର ଓ ସିଂହଭୂମିରେ କଂଗ୍ରେସ ନେତାମାନଙ୍କ ପ୍ରଚାର :

ଏହି କମିଟି ଗଠନ ପରେ ପଣ୍ଡିତ ଗୋଦାବରୀଶ ମିଶ୍ର, ଲକ୍ଷ୍ମୀନାରାୟଣ ସାହୁ, ପଣ୍ଡିତ ନୀଳକଣ୍ଠ ଦାସ ଓ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ମେଦିନପୁର ପ୍ରଭୃତି ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ ଆନ୍ଦୋଳନ ଚଳାଇଲେ । ଜାତୀୟ ସମସ୍ୟା-ସହିତ ଓଡ଼ିଶା ସମସ୍ୟାକୁ ମିଶାଇ କଂଗ୍ରେସ ପକ୍ଷରୁ ପ୍ରଚାର କରାଯାଇଥିଲା । ୧୯୩୧ ମସିହା ସେପ୍ଟେମ୍ବର ମାସରେ ବ୍ରିଟିଶ ସରକାର ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣପାଇଁ ସୀମା ନିର୍ଦ୍ଧାରଣ କମିଶନ୍ ଗଠନ କରିବାସଂପର୍କରେ ଘୋଷଣା କଲେ ସେତେବେଳେ ଉତ୍କଳ ହରେକୃଷ୍ଣ ମହତାବ ଏକ ବିବୃତିରେ କହିଥିଲେ, "ଏତେ ତରତର ହୋଇ ସରକାର ସୀମା କମିଶନ୍ ଗଠନ କରିବାର କୌଣସି ଆବଶ୍ୟକତା ନ ଥିଲା । ଦେଶର ସ୍ୱାଧୀନତାପାଇଁ ସଂଗ୍ରାମ ଚାଲିଥିବାବେଳେ ବ୍ରିଟିଶ ସରକାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ଏପରି ଆଗ୍ରହ ପ୍ରକାଶ କରିବା ଆଶ୍ଚର୍ଯ୍ୟ କଥା । ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏକାନ୍ତ ଆବଶ୍ୟକ, ମାତ୍ର ଦେଶ ସ୍ୱାଧୀନତା ହାସଲ କରିବା ପୂର୍ବରୁ ନୁହେଁ ।" କିନ୍ତୁ ସେତେବେଳେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଯଦୁମଣି ମଙ୍ଗରାଜ ପ୍ରମୁଖ କଂଗ୍ରେସ ନେତାମାନେ ବିଚ୍ଛିନ୍ନାଞ୍ଚଳରେ ଯେଉଁ ପ୍ରଚାର ଆରମ୍ଭ କରିଦେଇଥିଲେ ସେଥିରୁ ବିରତ ହେଲେ ନାହିଁ । ଓଡ଼ିଶାର ଛାତ୍ରମାନେ ନଭେମ୍ବର ୧୫ ତାରିଖରେ ନିଖିଳ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଦିବସରୂପେ ପାଳନ କଲେ । ଶେଷରେ ସୀମା କମିଶନ୍



Digitized by srujanika@gmail.com

ସିଂହଭୂମିକୁ ଯାଇ ସାକ୍ଷ୍ୟ ଗ୍ରହଣ କଲାବେଳେ ଉତ୍କଳ ପ୍ରଦେଶ କଂଗ୍ରେସ ପକ୍ଷରୁ ସେଠାରେ ସାକ୍ଷ୍ୟ ଦେବାପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ସିଂହଭୂମି ପଠାଯାଇଥିଲା । ପଣ୍ଡିତ ନୀଳକଣ୍ଠ ଦାସ ସିଂହଭୂମି ଯାଇ ସୀମା କମିଶନଙ୍କୁ ଅପେକ୍ଷା କରି ରହିଥିଲେ । ମାତ୍ର ସୀମା କମିଶନ୍ ସିଂହଭୂମିରେ ପହଞ୍ଚିଲା ବେଳକୁ କଂଗ୍ରେସ ଅନୁଷ୍ଠାନକୁ ବ୍ରିଟିଶ ସରକାର ବେଆଇନ ଘୋଷଣା କରିଦେଲେ । ତେଣୁ କଂଗ୍ରେସ ପକ୍ଷରୁ ପୁଣି ସରକାରଙ୍କସହିତ ଅସହଯୋଗ ଘୋଷଣା କରାଗଲା ଏବଂ ସୀମା କମିଶନଙ୍କୁ ବର୍ଜନ କରିବାପାଇଁ କଂଗ୍ରେସ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେଥିପାଇଁ ପଣ୍ଡିତ ନୀଳକଣ୍ଠ ସୀମା କମିଶନଙ୍କୁ କେବଳ ସ୍ମାରକ ପତ୍ରଟି ଦେଇ ଦେଇଥିଲେ, ମାତ୍ର କୌଣସି ଆଲୋଚନା କରି ନ ଥିଲେ । କଂଗ୍ରେସ ଭିତରେ ଥାଇ ମଧ୍ୟ ଭୁବନାନନ୍ଦ ଦାସ ଓ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ କାର୍ଯ୍ୟପ୍ରତି ସବୁବେଳେ ଅଗ୍ରାଧିକାର ଦେଉଥିଲେ । ଏସମ୍ପର୍କରେ ଅନ୍ୟ କେତେକ ବିବରଣୀ ଅନ୍ୟତ୍ର ଦିଆଯାଇଛି ।

## ଓଡ଼ନେଲ୍ କମିଟିଙ୍କ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶର ସୀମାନିର୍ଦ୍ଧାରଣ :

ଅଟ୍ଲି କମିଟିଙ୍କ ମତାମତ ଓ ପ୍ରଥମ ଗୋଲ ଟେବୁଲ ବୈଠକରେ ପାରଳାଖେମଣ୍ଡି ମହାରାଜାଙ୍କଦ୍ୱାରା ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ ସମ୍ବନ୍ଧୀୟ ଦାବି ଦୃଢ଼ତାସହ ଉପସ୍ଥାପନ ପରେ ପ୍ରାଦେଶିକ କଂଗ୍ରେସ ସମେତ ଦଳ ମତ ନିର୍ବିଶେଷରେ ଏଥିପାଇଁ ଯେଉଁ ମତ ପ୍ରକାଶ ପାଇଲା ତା'ପରେ ୧୯୩୧ ମସିହା ସେପ୍ଟେମ୍ବର ୩୧ ତାରିଖରେ ବ୍ରିଟିଶ ସରକାର ଓଡ଼ିଶା ସୀମା ନିର୍ଦ୍ଧାରଣ କମିଟି ଘୋଷଣା କଲେ । ସାର୍ ସାମୁଏଲ୍ ଓଡ଼ନେଲ୍ଙ୍କ ସଭାପତିତ୍ୱରେ ଗଠିତ ଏହି କମିଟିରେ ଏଚ୍. ଏମ୍. ମେହେଟ୍ଟା ଓ ଟି. ଆର୍. ଫକନ୍ ସଭ୍ୟ ଥିଲେ । ଏହାକୁ ଓଡ଼ନେଲ୍ କମିଟି ବୋଲି କୁହାଯାଏ । ସେମାନଙ୍କ ବ୍ୟତୀତ ପାରଳାଖେମଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ସଚ୍ଚିଦାନନ୍ଦ ସିଂହ ଓ ସି. ଭି. ଏସ. ନରସିଂହ ରାଜୁ ଏହି କମିଶନରେ ସହଯୋଗୀ ସଭ୍ୟଭାବରେ ଥିଲେ । ଏହି କମିଟି ଘୋଷଣା କରି ବ୍ରିଟିଶ ସରକାରଙ୍କ ପକ୍ଷରୁ କୁହାଯାଇ ଥିଲା ଯେ "ଭାରତ ମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଭାରତ ସରକାର ଓଡ଼ିଆଭାଷୀ ଅଞ୍ଚଳପାଇଁ ଗୋଟିଏ ସ୍ୱତନ୍ତ୍ର ଶାସନ ସଂସ୍ଥା ଗଠନ ଏବଂ ସ୍ୱତନ୍ତ୍ର ପ୍ରଦେଶ ହେଲେ ଏହାର ସୀମା ନିର୍ଦ୍ଧାରଣ କରିବା ଓ ଏହାର ପ୍ରାଶାସନିକ, ଆର୍ଥିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟ ସଂବନ୍ଧରେ ପରୀକ୍ଷା କରି ରିପୋର୍ଟ ଦେବାନିମନ୍ତେ ଗୋଟିଏ



Digitized by srujanika@gmail.com

କମିଟି ନିଯୁକ୍ତ କରିବାପାଇଁ ନିଷ୍ପତ୍ତି କରିଛନ୍ତି ।" ସୀମା କମିଶନଙ୍କୁ କୁହାଯାଇ-ଥିଲା ଯେ ସେମାନେ ସ୍ୱତନ୍ତ୍ର ପ୍ରଦେଶର ସୀମା ରେଖା କ'ଣ ହେବ, ପ୍ରାଶାସନିକ, ଆର୍ଥିକ ଓ ଅନ୍ୟାନ୍ୟ ସ୍ଥିତି କ'ଣ ହେବ ଏବଂ ଏହା ଫଳରେ ପଡ଼ୋଶୀ ପ୍ରଦେଶର ପ୍ରଶାସନିକ, ଆର୍ଥିକ ଓ ଅନ୍ୟାନ୍ୟ ସ୍ଥିତି କ'ଣ ହେବ ତାହା ବିଚାର କରି ସୁପାରିଶ କରିବେ ।

ଓଡ଼ନେଲ୍ କମିଟି ତାଙ୍କ କାର୍ଯ୍ୟ ଆରମ୍ଭ କରିବା ପରେ ଏକ ପକ୍ଷରେ ଓଡ଼ିଆଭାଷୀମାନଙ୍କ ଭିତରେ ଉତ୍ସାହ ଖେଳି ଯାଇଥିଲା ଏବଂ ସେମାନେ ଦଳମତ ନିର୍ବିଶେଷରେ ବିଭିନ୍ନ ଅଞ୍ଚଳରେ ଓଡ଼ିଆଙ୍କ ଦାବିର ଯଥାର୍ଥତା ପ୍ରମାଣ କରିବା ପାଇଁ ଲାଗିପଡ଼ିଲେ । ତା'ର ପ୍ରତିଦ୍ୱନ୍ଦ୍ୱୀରେ ଦକ୍ଷିଣ ଓଡ଼ିଶାରେ ତେଲୁଗୁମାନେ, ମେଦିନୀପୁର ଅଞ୍ଚଳରେ ବଙ୍ଗାଳୀ ଓ ସିଂହଭୂମି ଅଞ୍ଚଳରେ ବିହାରୀମାନେ ଏହି ଅଞ୍ଚଳଗୁଡ଼ିକ ସ୍ୱତନ୍ତ୍ର ଓଡ଼ିଶାକୁ ଯେପରି ହସ୍ତାନ୍ତରିତ ନ ହୁଏ ସେଥିପାଇଁ ନାନା ଅପକୌଶଳରେ ଲାଗିଲେ । ଏଥିପାଇଁ ଉତ୍କଳ ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧି-ବେଶନ ହୋଇ ଏସମ୍ପର୍କରେ କାର୍ଯ୍ୟକ୍ରମ ସ୍ଥିର କରିବାକୁ ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧିଙ୍କ ଭିତରେ ଆଲୋଚନା କରାଯାଇ ବିଭିନ୍ନ ବିଷୟରେ ପ୍ରାମା-ଣିକ ତଥ୍ୟସହ ସ୍ମାରକପତ୍ର ପ୍ରସ୍ତୁତ କରିବାନିମନ୍ତେ ଓଡ଼ିଆ ଆନ୍ଦୋଳନର ବିଶିଷ୍ଟ ନେତା ବ୍ରଜସୁନ୍ଦର ଦାସଙ୍କ ଉପରେ ଦାୟିତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟରେ ଐତିହାସିକ ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, କଟକର ଆଡ଼ଭୋକେଟ ବ୍ରଜବନ୍ଧୁ ଦାସ ପ୍ରମୁଖ ତାଙ୍କୁ ସାହାଯ୍ୟ କରିଥିଲେ । ସେମାନଙ୍କ ବ୍ୟତୀତ ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳରେ ଜନମତ ସୃଷ୍ଟି କରିବା ଓ ଓଡ଼ନେଲ୍ କମିଟି ସାକ୍ଷ୍ୟ ନେଲାବେଳେ ଓଡ଼ିଶାର ଦାବି ସପକ୍ଷରେ ଅନୁକୂଳ ମତ ପ୍ରକାଶ-ପାଇଁ ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଅକ୍ଲାନ୍ତ ପରିଶ୍ରମ କରିଥିଲେ ସେମାନଙ୍କ ଭିତରେ ଲିଙ୍ଗରାଜ ପାଣିଗ୍ରାହୀ, ହରିହର ମିଶ୍ର, ଖଲିକୋଟ ରାଜା, ପଣ୍ଡିତ ଗୋଦାବରୀଶ ମିଶ୍ର, ଚନ୍ଦ୍ରଶେଖର ବେହେରା, ବୋଧରାମ ଦୁବେ, ଅଚ୍ୟୁତାନନ୍ଦ ପୁରୋହିତ, ନିରଞ୍ଜନ ପଟ୍ଟନାୟକ, ରାମନାରାୟଣ ମିଶ୍ର, ଲକ୍ଷ୍ମୀନାରାୟଣ ସାହୁ, ସ୍ୱାମୀ ବିଚିତ୍ରାନନ୍ଦ ଦାସ ଓ ଭୁବନାନନ୍ଦ ଦାସ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । କୁଳବୃଦ୍ଧ ମଧୁସୂଦନ ଓ ସେତେବେଳେ ଓଡ଼ିଆ ଆନ୍ଦୋଳନର ଶେଷ ରୂପରେଖ ଦେବାପାଇଁ ଲଣ୍ଡନରେ ବ୍ରିଟିଶ ସରକାରଙ୍କୁ ଆବଶ୍ୟକୀୟ ତଥ୍ୟ ଯୋଗାଇବାକୁ ରହିଥିବା ପାରଳା-ଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ପ୍ରେରଣା ଓ ପରାମର୍ଶରେ ଏହି କାର୍ଯ୍ୟ ପରିଚାଳିତ ହେଉଥିଲା ।



Digitized by srujanika@gmail.com

## ଓଡ଼ନେଲ୍ କମିଟି ଓ କଂଗ୍ରେସ :

ଓଡ଼ନେଲ୍ କମିଟି ତାଙ୍କ କାର୍ଯ୍ୟ ଆରମ୍ଭ କରିବାର ପ୍ରଥମା ବସ୍ଥାରେ କଂଗ୍ରେସ ନେତୃବୃନ୍ଦ ଉତ୍କଳ ସମ୍ମିଳନୀର ନେତାମାନଙ୍କସହିତ ମିଶି କାର୍ଯ୍ୟ କରିଥିଲେ । ମାତ୍ର ୧୯୩୨ ମସିହାରେ ମହାତ୍ମାଗାନ୍ଧୀ ଯେତେବେଳେ ଦ୍ୱିତୀୟ ଗୋଲ ଟେବୁଲ ବୈଠକରୁ ହତାଶ ହୋଇ ଭାରତ ଫେରିଲେ ଓ କାରାବରଣ କଲେ ସେତେବେଳେ ଭାରତର ଘରିଆଡ଼େ ବ୍ରିଟିଶ ବିରୋଧୀ ମନୋଭାବ ସୃଷ୍ଟି ହେଲା ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାରେ ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ ଚାଲିଲା । ସେ ବର୍ଷ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବା ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ବନ୍ଦ ହୋଇଗଲା । ବହୁ କଂଗ୍ରେସ କର୍ମୀ ଗିରଫ ହୋଇଗଲେ । ତେଣୁ ଏହି ଏହିପରିସ୍ଥିତିରେ ଓଡ଼ିଶା କଂଗ୍ରେସ ଅନୁଷ୍ଠାନ ପକ୍ଷରୁ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଆଶାନୁରୂପ ସାହାଯ୍ୟ ମିଳି ପାରିଲା ନାହିଁ । କିନ୍ତୁ ବହୁ ବୁଦ୍ଧିଜୀବୀ ମେଦିନପୁର, ସିଂହଭୂମି, ଫୁଲଝର ଓ ଭାଇଯାଗ୍‌ପଟ୍ଟମ୍ ଏଜେନସି ପ୍ରଭୃତି ଅଞ୍ଚଳକୁ ଯାଇ ଉତ୍ସାହର ସହିତ କାର୍ଯ୍ୟ କରିଥିଲେ । ସେତେବେଳର ଉଚ୍ଚ ସରକାରୀଅଫିସର ନୀଳମଣି ସେନାପତି ପ୍ରମୁଖ ଓଡ଼ିଆ ଅଫିସରମାନେ ମଧ୍ୟ ଏହି କାର୍ଯ୍ୟରେ ସାହାଯ୍ୟ କରିଥିଲେ ।

ଓଡ଼ନେଲ୍ କମିଟି ଯେଉଁ ସବୁ ଅଞ୍ଚଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ହେବାପାଇଁ ଓଡ଼ିଆଙ୍କ ପକ୍ଷରୁ ଦାବି କରାଯାଇଥିଲା ବିଶେଷତଃ ଏଥି ଭିତରୁ ବିବାଦୀୟ ଅଞ୍ଚଳମାନ ପରିଦର୍ଶନ କରି ସାକ୍ଷ୍ୟ ଗ୍ରହଣ କରିଥିଲେ । ସେମାନେ ବିହାରର ଜାମସେଦପୁର, ଚାଇଁବସା, ସମ୍ବଲପୁର, ମଧ୍ୟପ୍ରଦେଶର ରାୟପୁର, ବଙ୍ଗପ୍ରଦେଶର ମେଦିନପୁର, ଗୋପାଳପୁର ଆନ୍ଧ୍ରପ୍ରଦେଶର ଓ୍ୟାଲଟିୟର, କାକିନାଡ଼ା ଓ କଟକ ପ୍ରଭୃତି ସ୍ଥାନ ପରିଦର୍ଶନ କରି ୪୧୦ ଜଣ ଲୋକଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ । ଓଡ଼ିଶାର ସୀମା ନିର୍ଦ୍ଧାରଣ କରିବାପାଇଁ ସେମାନେ ଲୋକଙ୍କର ମତାମତ, ଭାଷା, ଭୌଗୋଳିକ ପରିସ୍ଥିତି, ଅର୍ଥନୈତିକ ସ୍ୱାର୍ଥ ଓ ପ୍ରଶାସନିକ ସୁବିଧା ଅସୁବିଧା ପ୍ରଭୃତି ବିଷୟଗୁଡ଼ିକୁ ପରୀକ୍ଷା କରି ଦେଖିଥିଲେ । ସେମାନେ ୧୯୩୧ ମସିହା ଜନଗଣନା ରିପୋର୍ଟକୁ ଭିତ୍ତି କରି ବିଭିନ୍ନ ଅଞ୍ଚଳର ଭାଷାଭାଷୀ ଲୋକଙ୍କ ସଂଖ୍ୟା ନିର୍ଦ୍ଧାରଣ କରିଥିଲେ ।

ଓଡ଼ନେଲ କମିଟି ୧୯୩୨ ମସିହା ଜାନୁଆରୀ ମାସରେ ସେମାନଙ୍କର ଅନୁସନ୍ଧାନ ଶେଷ କରିଥିଲେ ଓ ଫେବୃଆରୀ ୯ ତାରିଖରେ ସେମାନଙ୍କ ରିପୋର୍ଟ ସରକାରଙ୍କ ବିଚାରପାଇଁ ଦାଖଲ କରିଥିଲେ ।



Digitized by srujanika@gmail.com

ଓଡ଼ନେଲ୍ କମିଟି ତାଙ୍କ ରିପୋର୍ଟରେ ପ୍ରଥମେ ଉତ୍କଳ ସମ୍ମିଳନୀ ଓ ଅନ୍ୟାନ୍ୟ ଓଡ଼ିଆ ଅନୁଷ୍ଠାନମାନଙ୍କ ପକ୍ଷରୁ ଯେଉଁ ସବୁ ଦାବି କରାଯାଇଥିଲା ତାହା ଉଲ୍ଲେଖ କରିଥିଲେ । କମିଟି ତାଙ୍କ ରିପୋର୍ଟର ପଞ୍ଚମ ଭାଗରେ ଉଲ୍ଲେଖ କରିଥିଲେ ଯେ ନିମ୍ନଲିଖିତ ଅଞ୍ଚଳ ଗୁଡ଼ିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ଅନ୍ତର୍ଭୁକ୍ତ ହେବାପାଇଁ ଦାବି କରାଯାଇଛି—

( ୧ ) ବିହାର ଓ ଓଡ଼ିଶାର ଓଡ଼ିଶା ଡିଭିଜନ୍, ସିଂହଭୂମି ଜିଲ୍ଲା ଓ ରାଞ୍ଚି ଏବଂ ମାନଭୂମି ଜିଲ୍ଲାର ବରାହ ଭୂମି, ମାନବଜାର ଓ ଗୃନ୍ଧିଲ;

( ୨ ) ମେଦିନୀପୁର ଜିଲ୍ଲାର କଣ୍ଠାଇ ଓ ଝାଡ଼ଗ୍ରାମ ସବ୍‌ଡିଭିଜନ୍‌ର ଖଡ଼୍ଗପୁର, ନୟନଗଡ଼, ଦାନ୍ତନ, ମୋହନପୁର ଓ ସଦର ସବ୍‌ଡିଭିଜନ୍‌ର ଏକଣିଆର

( ୩ ) ମଧ୍ୟପ୍ରଦେଶର ଖଡ଼ିଆଳ, ଫୁଲଝର ଏବଂ ରାୟପୁର ଜିଲ୍ଲାର ମହାସମନ୍ଦ ତହସିଲ, ପଦ୍ମପୁର-ଚନ୍ଦନପୁର ଜମିଦାରୀ ଓ ମାଲଖୋଦ୍ଧ ଓ ବିଳାସ-ପୁର ଜିଲ୍ଲା ଅନ୍ତର୍ଗତ ଯୋଗନ ଗ୍ରାମ ନାମରେ ଅଭିହିତ ଗ୍ରାମଗୋଷ୍ଠୀ;

( ୪ ) ଚିକାକୋଲ୍ ତାଲୁକ ବ୍ୟତୀତ ଏଜେନ୍‌ସି ଅଞ୍ଚଳସହ ସମସ୍ତ ଗଞ୍ଜାମ ଜିଲ୍ଲା ଏବଂ ଗୁଡ଼ାମ ତାଲୁକ ବ୍ୟତୀତ ଭିଇଜାଗ୍‌ପଟ୍ଟମ ଏଜେନ୍‌ସି ଓ ନରସିଂହ ପେଠା ସବ୍‌ତାଲୁକ, ଚିକାକୋଲ ତାଲୁକ ଓ ନରସିଂହ ପେଠା ସବ୍‌ତାଲୁକ ବ୍ୟତୀତ ଗଞ୍ଜାମ ଜିଲ୍ଲା ( ଏଜେନ୍‌ସି ଅଞ୍ଚଳ ସମେତ) ଏବଂ ଗୋଡ଼େମ୍ ତାଲୁକ ବ୍ୟତୀତ ଭିଇଜାଗ୍‌ପଟ୍ଟମ୍ ଏଜେନ୍‌ସି ।

## ସୀମା କମିଶନଙ୍କ ରିପୋର୍ଟରେ ଅସନ୍ତୋଷ :

ସୀମା କମିଶନ୍ ତାଙ୍କ ରିପୋର୍ଟରେ ବଙ୍ଗଳା ଅନ୍ତର୍ଗତ ମେଦିନୀପୁର ଏବଂ ବାଙ୍କୁଡ଼ା ଜିଲ୍ଲାର କୌଣସି ଅଞ୍ଚଳ ଏବଂ ବିହାର ଓ ଓଡ଼ିଶା ପ୍ରଦେଶ ଅନ୍ତର୍ଗତ ସିଂହଭୂମି, ରାଞ୍ଚି ଓ ମାନଭୂମି ଜିଲ୍ଲା ପ୍ରସ୍ତାବିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ-ସହିତ ମିଶ୍ରଣପାଇଁ ସୁପାରିଶ କଲେ ନାହିଁ । କମିଟି ମଧ୍ୟପ୍ରଦେଶର ଓଡ଼ିଆଭାଷୀ ଅଞ୍ଚଳ ଭିତରୁ କେବଳ ଖଡ଼ିଆଳ ଓ ପଦ୍ମପୁର ଜମିଦାରୀ ମିଶ୍ରଣପାଇଁ ସୁପାରିଶ କଲେ । ମାତ୍ର ଫୁଲଝର ଏବଂ ରାଇପୁର ଓ ବିଳାସପୁର ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳ ଓଡ଼ିଶାରେ ଅନ୍ତର୍ଭୁକ୍ତ ହେବାପାଇଁ ସୁପାରିଶ କଲେ ନାହିଁ । ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଅଞ୍ଚଳ ଭିତରୁ କମିଟି ସମଗ୍ର ଗଞ୍ଜାମ ଜିଲ୍ଲା, ଗୁଡ଼େମ ତାଲୁକ ବ୍ୟତୀତ ସମଗ୍ର ଭିଇଜାଗ୍‌ପଟ୍ଟମ୍ ଏଜେନ୍‌ସି, ପାଡ଼ୁଆ ତାଲୁକର



Digitized by srujanika@gmail.com

ଗୋଟିଏ ଅଂଶ ଓ କେତେକ ପୂର୍ବ ସୀମାନ୍ତ ଅଞ୍ଚଳ, ଗଞ୍ଜାମ ସମତଳ ଅଞ୍ଚଳର ଘୁମୁସର, ସୋରଡ଼ା, ଆସିକା, କୋଦଳା, ଛତ୍ରପୁର ଓ ବ୍ରହ୍ମପୁରର ଉତ୍ତରାଞ୍ଚଳ ସମେତ ଛ'ଟି ତାଲୁକା ନୂତନ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ହେବାପାଇଁ ସୁପାରିଶ କରିଥିଲେ ।

ପ୍ରସ୍ତାବିତ ନୂତନ ଓଡ଼ିଶା ପ୍ରଦେଶର ଏହି ସୀମା ନିର୍ଦ୍ଧାରଣରେ ଓଡ଼ିଶାବାସୀ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ । ଗଞ୍ଜାମ ଜିଲାରେ ଟିକାଲି, ମଞ୍ଜୁଷା, ବୁଡ଼ାରସିଂହ, ଜଳନ୍ତର, ସୋମପେଣ୍ଠ ଓ ଉତ୍ତର ବ୍ରହ୍ମପୁର ତାଲୁକ; ବିହାରର ସିଂହଭୂମି ଜିଲା ଓ ମଧ୍ୟପ୍ରଦେଶର ଫୁଲଝର ଓ ଖଡ୍ରାନୁଆଗଡ଼ ନୂତନ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ହେବାପାଇଁ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ଦାବି ହୋଇଥିଲା । ଉତ୍କଳ ପ୍ରଦେଶ କଂଗ୍ରେସ ସୀମା କମିଶନ୍‌ଙ୍କ ରିପୋର୍ଟର ତୀବ୍ର ନିନ୍ଦା କରି ମତ ପ୍ରକାଶ କରିଥିଲେ ଯେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣସଂପର୍କରେ ଓଡ଼ୋନେଲ୍ କମିଟିଙ୍କ ରିପୋର୍ଟ ଅତ୍ୟନ୍ତ ଅସନ୍ତୋଷଜନକ ଓ ଓଡ଼ିଶାର ଉନ୍ନତିପକ୍ଷରେ ଘୋର କ୍ଷତିକାରକ । ଏହି ରିପୋର୍ଟ ଅନୁସାରେ ସୀମା ନିର୍ଦ୍ଧାରଣ କରାଗଲେ ଓଡ଼ିଶାର ଭବିଷ୍ୟତ ଦୁର୍ଦ୍ଦଶାଗ୍ରସ୍ତ ହେବ । ମାତ୍ର ୧୯୩୨ ମସିହା ଅଗଷ୍ଟ ମାସରେ ଲକ୍ଷ୍ମୀଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଏକ ବୈଠକରେ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଘୋଷଣା କରିବାପାଇଁ ସରକାରଙ୍କଠାରେ ଦାବି କରାଯାଇ ମଞ୍ଜୁଷା, ସିଂହଭୂମି, ଫୁଲଝର ଓ ଦକ୍ଷିଣ ପୂର୍ବ ମେଦିନୀପୁର ପରି ଓଡ଼ିଆଭାଷୀ ଅଞ୍ଚଳକୁ ଓଡ଼ିଶା ପ୍ରଦେଶରୁ ବାଦ ଦିଆଯାଇଥିବାରୁ ପ୍ରତିବାଦ କରାଯାଇ ଥିଲା । ସେହି ବର୍ଷ ସେପ୍‌ଟେମ୍ବର ମାସରେ ବିହାର ଓଡ଼ିଶା ବିଧାନସଭାରେ ତୁରନ୍ତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାନିମନ୍ତେ ଭାରତ ସରକାରଙ୍କୁ ଅନୁରୋଧ କରି ଏକ ପ୍ରସ୍ତାବ ଗୃହୀତ ହେଲା । ଶେଷରେ ତୃତୀୟ ଗୋଲ ଟେବୁଲ ବୈଠକ ପରେ ଭାରତ ମନ୍ତ୍ରୀ ସାର୍ ସାମୁଏଲ୍ ହୋର୍ ୧୯୩୨ ମସିହା ଡିସେମ୍ବର ୨୪ ତାରିଖରେ ଘୋଷଣା କଲେ ଯେ ଭାରତର ସାଂବିଧାନିକ ବ୍ୟବସ୍ଥା ଭିତରେ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରୂପେ ଗଠିତ ହେବ । ୧୯୩୩ ମାର୍ଚ୍ଚ ମାସରେ ପ୍ରକାଶିତ ଶ୍ୱେତପତ୍ରରେ ଭାରତର ଅନ୍ୟାନ୍ୟ ଦଶଗୋଟି ପ୍ରଦେଶପରି ଓଡ଼ିଶା ଗୋଟିଏ ଲାଟ ଶାସିତ ପ୍ରଦେଶ ହେବ ବୋଲି ଘୋଷଣା କରାଗଲା । ମାତ୍ର ଶ୍ୱେତପତ୍ରରେ ଭାଇଜାଗପଟ୍ଟମ୍ ଏଜେନ୍‌ସି, ଜଳନ୍ତର ମାଳିଆ ଓ ପାରଳାଖେମଣ୍ଡିକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରୁ ବାଦ୍ ଦିଆଯାଇଥିଲା । ତେଣୁ ଓଡ଼ୋନେଲ୍ କମିଟି ଯେଉଁ ସୀମା ନିର୍ଦ୍ଧାରଣ କରିଥିଲେ ଶ୍ୱେତପତ୍ରରେ



Digitized by srujanika@gmail.com

ଉପରୋକ୍ତ ଅଞ୍ଚଳଗୁଡ଼ିକୁ ବାଦ୍ ଦିଆଯିବାରୁ ନୂତନ ଓଡ଼ିଆ ପ୍ରଦେଶର ସୀମା ୨୧,୫୪୫ ବର୍ଗ ମାଇଲ କମିଯାଇଥିଲା ।

## ଶ୍ୱେତପତ୍ରରେ ସୀମା ପରିବର୍ତ୍ତନ ଯୋଗୁ ତୀବ୍ର ସମାଲୋଚନା :

ଓଡ଼ନେଲ୍ କମିଟି ସଂଖ୍ୟାଧିକ ମତରେ ଯେଉଁ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀ ଅଞ୍ଚଳକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ କରିବା ପାଇଁ ସୁପାରିଶ କରିଥିଲେ, ଶ୍ୱେତପତ୍ରରେ ତାହା ବାଦ ଦିଆଯାଇଥିବାରୁ ଓଡ଼ିଶାରେ ଦଳ ମତ ନିର୍ବିଶେଷରେ ତା'ର ପ୍ରତିବାଦ କରାଯାଇଥିଲା । ପୂର୍ବରୁ ଏଓ଼ନେଲ୍ କମିଟି ଯେଉଁ ବିସ୍ତୃତ ଓଡ଼ିଆଭାଷୀ ଅଞ୍ଚଳକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରୁ ବାଦ ଦେଇଥିଲେ ତାକୁ ଉତ୍କଳ ପ୍ରଦେଶ କଂଗ୍ରେସ ତୀବ୍ର ସମାଲୋଚନା କରିଥିଲେ ଏବଂ ଏସବୁ ଅଞ୍ଚଳକୁ ବାଦ ଦେଇ ଓଡ଼ିଶା ପ୍ରଦେଶ ଗଠିତ ହେଲେ ତାହା ଅତ୍ୟନ୍ତ କ୍ଷତିକାରକ ହେବ ବୋଲି ଜଣାଇ ଦେଇଥିଲେ । ଉତ୍କଳ ସମ୍ମିଳନୀ ମଧ୍ୟ ତା'ର ସମାଲୋଚନା କରିଥିଲେ ମାତ୍ର ଶୀଘ୍ର ନୂତନ ଓଡ଼ିଶା ପ୍ରଦେଶ ଗଠନ ଘୋଷଣା କରିବାପାଇଁ ପ୍ରସ୍ତାବ ଦେଇଥିଲେ । ଶ୍ୱେତ-ପତ୍ର ପ୍ରକାଶ ପାଇବା ପରେ ଉତ୍କଳ ସମ୍ମିଳନୀ ଅଧିକ ତୀବ୍ରଭାବରେ ଏହାର ନିନ୍ଦା କଲେ ଏବଂ ସ୍ପଷ୍ଟଭାବରେ ଜଣାଇ ଦେଲେ "ଯଦି ଜୟପୁର, ପାରଳା-ଖେମୁଣ୍ଡି ଜମିଦାରୀର ଉତ୍ତର ଓ ପୂର୍ବାଞ୍ଚଳ, ପାରଳାଖେମୁଣ୍ଡି, ମାଳିଆ, ମଞ୍ଜୁଷା ଓ ଜଳନ୍ତରର ପଶ୍ଚିମଭାଗ ଓ ସମଗ୍ର ବୁଡ଼ାରସିଂହ ରାଜ୍ୟର କୌଣସି ଅଂଶ ନୂତନ ଓଡ଼ିଶା ପ୍ରଦେଶରୁ ବାଦ ଯାଏ ତା'ହେଲେ ସମଗ୍ର ଓଡ଼ିଶାବାସୀଙ୍କ ପକ୍ଷରେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଓଡ଼ିଶାବାସୀ ଶାନ୍ତିପୂର୍ଣ୍ଣ ଶାସନ-ତାନ୍ତ୍ରିକ ଉପାୟରେ ଏହା ବିରୁଦ୍ଧରେ ଆନ୍ଦୋଳନ ଚଳେଇବେ ।" ପୂର୍ବରୁ ୧୯୩୩ ମସିହା ମାର୍ଚ୍ଚମାସରେ ଶ୍ୱେତପତ୍ର ସମ୍ବନ୍ଧୀୟ ପ୍ରସ୍ତାବ ଆଲୋଚନା ବେଳେ ବିହାର ଓଡ଼ିଶା ବିଧାନସଭାର ବହୁ ସଭ୍ୟ ଏହାର ତୀବ୍ର ନିନ୍ଦା କରି-ଥିଲେ ଏବଂ ଏହି ସରକାରୀ ପ୍ରସ୍ତାବ ଉପରେ ଲୋକନାଥ ମିଶ୍ର ଆଗତ କରିଥିବା ସଂଶୋଧନ ପ୍ରସ୍ତାବ ଗୃହୀତ ହୋଇଥିଲା । ସଂଶୋଧିତ ପ୍ରସ୍ତାବରେ କୁହାଯାଇଥିଲା "ବିହାର ଓ ଓଡ଼ିଶା ବିଧାନସଭା ମତରେ ନୂତନ ଓଡ଼ିଶା ପ୍ରଦେଶପାଇଁ ଯେଉଁ ସୀମା ନିର୍ଦ୍ଧାରଣ କରାଯାଇଛି ସେଥିରେ ସୀମା ନିର୍ଦ୍ଧାରଣ କମିଟି ସୁପାରିଶ କରିଥିବା ଅଞ୍ଚଳଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ଏବଂ ସୀମା ନିର୍ଦ୍ଧାରଣ କମିଟିର ସଂଖ୍ୟା ଗରିଷ୍ଠଙ୍କ ମତ ଅନୁସାରେ ପାରଳା-ଖେମୁଣ୍ଡି ଅଞ୍ଚଳକୁ ବାଦ ଦିଆଯାଇଥିବାରୁ ଏହା ଅତ୍ୟନ୍ତ ନୈରାଶ୍ୟଜନକ ।"



Digitized by srujanika@gmail.com

## ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟିରେ ସୀମାସମ୍ପର୍କରେ ଶେଷ ନିଷ୍ପତ୍ତି :

ଶ୍ୱେତପତ୍ରରେ ନିର୍ଦ୍ଧାରଣ କରାଯାଇଥିବା ନୂତନ ଓଡ଼ିଶା ପ୍ରଦେଶର ସୀମା ଦଳ ମତ ନିର୍ବିଶେଷରେ ସମଗ୍ର ଓଡ଼ିଆଭାଷୀ ତଥା ଭାରତର ବିଶିଷ୍ଟ ବ୍ୟକ୍ତିଙ୍କଦ୍ୱାରା ସମାଲୋଚିତ ହେବା ପରେ ବ୍ରିଟିଶ ସରକାର ନୂତନ ଓଡ଼ିଶା ପ୍ରଦେଶର ସୀମାସମ୍ପର୍କରେ ପୁନର୍ବାର ବିଚାର କରିବାପାଇଁ ପାଞ୍ଚ ଜଣ ସଭ୍ୟ ବିଶିଷ୍ଟ ଏକ ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ନିଯୁକ୍ତ କଲେ । ଭାରତ ମନ୍ତ୍ରୀ ଏସମ୍ପର୍କରେ ଓଡ଼ୋନେଲ୍ କମିଟି ଓ ଭାରତର ବଡ଼ଲାଟ୍ ଓ ମାନ୍ଦ୍ରାଜ ଲାଟଙ୍କ ମତ ନେଉଥିଲେ । ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ନିଯୁକ୍ତ ହେବା ପରେ ଓଡ଼ିଶାରେ ତଥା ତେଲୁଗୁ ଭାଷୀ ଲୋକଙ୍କ ଭିତରେ ତୀବ୍ର ରାଜନୈତିକ ଆଲୋଚନା ଚାଲିଥିଲା । ପାରଳାଖେମଣ୍ଡି ମହାରାଜାଙ୍କ ନେତୃତ୍ୱରେ ଏକ ସାନ୍ତ ଜଣିଆ ପ୍ରତିନିଧି ଦଳ ଲଣ୍ଡନ ଯାଇ ଭାରତ ମନ୍ତ୍ରୀଙ୍କୁ ୧୯୩୩ ମସିହା ଜୁଲାଇ ମାସରେ ସାକ୍ଷାତ୍ କରି ଓଡ଼ିଶାବାସୀଙ୍କ ଦୃଢ଼ମତ ଜଣାଇଦେଲେ । ସଙ୍ଗେ ସଙ୍ଗେ ତେଲୁଗୁ ପ୍ରତିନିଧି-ମାନେ ଯାଇ ଭାରତ ମନ୍ତ୍ରୀଙ୍କୁ ଭେଟି ଶ୍ୱେତପତ୍ରରେ କୌଣସି ପରିବର୍ତ୍ତନ ନ କରିବାକୁ ଦାବି କରିଥିଲେ । ଏହି ସମୟରେ ଭାରତ ସରକାର ଜୟପୁର, ସମେତ ମାନ୍ଦ୍ରାଜ ପ୍ରଦେଶର କେତେକ ଅଞ୍ଚଳ ( ପାରଳାଖେମଣ୍ଡିକୁ ଛାଡ଼ି ) ନୂତନ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ କରିବାପାଇଁ ରାଜି ହୋଇଥିଲେ । ନୂତନ ପ୍ରଦେଶର ଆର୍ଥିକ ପରିସ୍ଥିତିସମ୍ପର୍କରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଙ୍କ ମତ ଲୋଡ଼ା ଯାଇଥିଲା ।

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶେଷ ପର୍ଯ୍ୟାୟରେ ପାରଳା ମହାରାଜାଙ୍କ ତ୍ୟାଗ :

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଏହି ସର୍ବଶେଷ ଓ ସଙ୍କଟଜନକ ପର୍ଯ୍ୟାୟରେ ପାରଳାଖେମଣ୍ଡି ମହାରାଜାଙ୍କ ନିଷ୍ପତ୍ତି ଏହି ପରିସ୍ଥିତିର ସମାଧାନରେ ସହାୟକ ହୋଇଥିଲା । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓଡ଼ିଆ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ନିଜ ହାତରୁ ବହୁ ଅର୍ଥ ବ୍ୟୟକରି ଏବଂ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନର ସମସ୍ତ ବିଷୟ ନିଜେ ଅଧ୍ୟୟନ କରି ବ୍ରିଟିଶ ସରକାରଙ୍କୁ ସର୍ବୋଚ୍ଚସ୍ତରରେ ହୃଦ୍‌ବୋଧ କରାଇବାପାଇଁ କଠିନ ପରିଶ୍ରମ କରିଥିଲେ । ଯେତେବେଳେ ଉତ୍କଳ ସମ୍ମିଳନୀ ତଥା ଅନ୍ୟାନ୍ୟ



Digitized by srujanika@gmail.com

ଅନୁଷ୍ଠାନର କର୍ମକର୍ତ୍ତାମାନେ ହତାଶ ହୋଇପଡ଼ିଥିଲେ, ସେ ସାହସର ସହିତ ଶେଷ ପର୍ଯ୍ୟନ୍ତ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଶେଷରେ ଶ୍ୱେତପତ୍ରରେ ତାଙ୍କ ରାଜ୍ୟ ପାରଳାଖେମଣ୍ଡି ଅନ୍ତର୍ଭୁକ୍ତ ନ ହୋଇ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେବ ବୋଲି ଯେତେବେଳେ ଜଣାପଡ଼ିଲା ତାହା ସମଗ୍ର ଓଡ଼ିଶାବାସୀଙ୍କ ପକ୍ଷରେ ଯେପରି ତାଙ୍କ ପକ୍ଷରେ ତତୋଽଧିକ ମର୍ମନ୍ତୁଦ ହୋଇଥିଲା । ମାତ୍ର ସେ ସେଥିରେ ହତୋତ୍ସାହିତ ନ ହୋଇ ଶେଷ ଉଦ୍ୟମ କରିଥିଲେ । ଶ୍ୱେତପତ୍ର ପ୍ରକାଶ ପାଇଲାପରେ ଓଡ଼ିଆ ଆନ୍ଦୋଳନର ନେତାମାନଙ୍କ ଭିତରେ ଆଲୋଚନା ହେଲା । ପାରଳାଖେମଣ୍ଡି ମହାରାଜା ଶେଷରେ ତାଙ୍କ ରାଜ୍ୟ ପାରଳାଖେମଣ୍ଡିକୁ ଭାଗ ଭାଗ କରିବାପାଇଁ ନିଷ୍ପତ୍ତି କଲେ । ପାରଳାଖେମଣ୍ଡି ସହର ସମେତ ଗୋଟିଏ ଅଂଶ-ମାତ୍ର ନୂତନ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ କରିବାପାଇଁ ସେ ପ୍ରସ୍ତାବ ଦେଲେ । ତାଙ୍କର ଏହି ନିଷ୍ପତ୍ତିକୁ ସେ ମାନ୍ଦ୍ରାଜ ସରକାର ଓ ଭାରତ ସରକାରଙ୍କୁ ଜଣେଇ ଦେଲେ । ଉତ୍କଳ ସମ୍ମିଳନୀ ତାଙ୍କ ଉପରେ ସଂପୂର୍ଣ୍ଣ ଆସ୍ଥା ସ୍ଥାପନ କରି ଦରକାର ପଡ଼ିଲେ ବ୍ରିଟିଶ ପାର୍ଲିଆମେଣ୍ଟରେ ଭାରତ ବିଲ୍‌ସଂପର୍କରେ ଆଲୋଚନା ବେଳେ ତାହା ଜଣାଇ ଦେବାନିମନ୍ତେ ଇଂଲଣ୍ଡ ଯିବାପାଇଁ ତାଙ୍କୁ ଅନୁରୋଧ କରିଥିଲେ ।

ମାତ୍ର ମାନ୍ଦ୍ରାଜ ସରକାର ତଥାପି ନଚ୍ଛୋଡ଼ବନ୍ଧା ହୋଇ ଶ୍ୱେତପତ୍ରରେ ଉଲ୍ଲେଖ ଥିବା ନୂତନ ଓଡ଼ିଶା ପ୍ରଦେଶ ସୀମାରେ କୌଣସି ପରିବର୍ତ୍ତନ କରିବାକୁ ରାଜି ହେଲେ ନାହିଁ ଏବଂ ଭାରତ ସରକାର ମାନ୍ଦ୍ରାଜ ସରକାରଙ୍କୁ ସମର୍ଥନ କଲେ । ଏଭଳି ଆପତ୍ତି ସତ୍ତ୍ୱେ ପାରଳାଖେମଣ୍ଡି ମହାରାଜା ଭାରତମନ୍ତ୍ରୀଙ୍କ ନିକଟରେ ଓଡ଼ିଆ ଲୋକଙ୍କ ସର୍ବସମ୍ମତ ଦାବିକୁ ଦକ୍ଷତାରସହିତ ଉପସ୍ଥାପିତ କରିବାରୁ ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ତାଙ୍କ ରିପୋର୍ଟର ଶେଷରେ ୧୯୩୨ ମସିହାରେ ଓଡ଼ିଶା ସୀମା କମିଶନ୍ ଜୟପୁରର ଯେଉଁ ଅଂଶ ପ୍ରସ୍ତାବିତ ନୂତନ ଓଡ଼ିଶା ପ୍ରଦେଶସହିତ ମିଶିବାପାଇଁ ସୁପାରିଶ କରିଥିଲେ ସେହି ଅଂଶସହ ପାରଳାଖେମଣ୍ଡି ଓ ଜଳନ୍ତରମାଳିଆ ଏବଂ ପାରଳାଖେମଣ୍ଡି ସହରସମେତ ପାରଳାଖେମଣ୍ଡିର ଏକ କ୍ଷୁଦ୍ର ଅଂଶ ଓଡ଼ିଶା ପ୍ରଦେଶସହିତ ଅନ୍ତର୍ଭୁକ୍ତ କରିବା-ପାଇଁ ରାଜି ହେଲେ ।

## ଓଡ଼ିଶା ପ୍ରଶାସନିକ କମିଟିର ସୁପାରିଶ :

ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟିଙ୍କ ରିପୋର୍ଟ ପ୍ରକାଶ ପାଇବାପରେ ନୂତନ ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣସଂପର୍କରେ ସମସ୍ତ ବାଧାବିଘ୍ନ ଓ ସନ୍ଦେହ ଦୂରୀଭୂତ ହେଲା । ଇତିମଧ୍ୟରେ ଭାରତ ସରକାର ଜନ୍ ଅଷ୍ଟିନ୍ ହବାକ୍‌ଙ୍କ



Digitized by srujanika@gmail.com

ସଭାପତିତ୍ୱରେ ଓଡ଼ିଶା ପ୍ରଶାସନିକ କମିଟି ଗଠନ କଲେ । ୧୯୩୩ ମସିହା ଜୁନ ମାସରେ ଏସମ୍ପର୍କୀୟ ସରକାରୀ ଘୋଷଣା ପ୍ରକାଶ ପାଇଥିଲା । ନୂତନ ଓଡ଼ିଶା ପ୍ରଦେଶ ଗଠନ ହେଲେ ଯେଉଁସବୁ ସମସ୍ୟା ଦେଖାଦେବ ସେସମ୍ପର୍କରେ ଅନୁସନ୍ଧାନ କରି ସୁପାରିଶ କରିବାପାଇଁ ଏହି କମିଟି ଉପରେ ଦାୟିତ୍ୱ ଦିଆଯାଇଥିଲା । ଚେୟାରମ୍ୟାନ୍‌ଙ୍କ ବ୍ୟତୀତ ଏହି କମିଟିରେ କୁଳବୃଦ୍ଧ ମଧୁସୂଦନ ଦାସ, ଲକ୍ଷ୍ମୀଧର ମହାନ୍ତି, ଡ. ଏନ. ସି. ଧୀର ନରେନ୍ଦ୍ର, ଏନ୍. ଆର୍. ନାଇଡୁ, ଡବଲିଉ. ଓ. ନିଉମାନ, ମୀନମଣି ସେନାପତି, ଲୋକନାଥ ମିଶ୍ର ଓ ଗୌରଚନ୍ଦ୍ର ଦାସ ପ୍ରମୁଖ ୯ ଜଣ ସଭ୍ୟ ଥିଲେ । ଭି. ରାମସ୍ୱାମୀ ଏହି କମିଟିର ସେକ୍ରେଟେରୀ ନିଯୁକ୍ତ ହୋଇଥିଲେ । ନୂତନ ପ୍ରଦେଶର ରାଜଧାନୀପାଇଁ ସ୍ଥାନ ନିରୂପଣ କରିବା, ରାଜଧାନୀରେ ଅଫିସ ସ୍ଥାପନ ବାବଦରେ ଖର୍ଚ୍ଚ, ବିଭିନ୍ନ ଜିଲାର ପୁନର୍ଗଠନ ଓ ସେମାନଙ୍କର ସଦର ମହକୁମା ଏବଂ ନୂତନ ପ୍ରଦେଶପାଇଁ ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ସମ୍ବନ୍ଧରେ ବିଚାରକରି ସୁପାରିଶ କରିବାପାଇଁ କମିଟିକୁ କୁହା ଯାଇଥିଲା ।

ପ୍ରଶାସନିକ କମିଟିଙ୍କ ରିପୋର୍ଟ ୧୯୩୩ ମସିହା ଡିସେମ୍ବର ମାସ ୨୦ ତାରିଖରେ ପ୍ରକାଶ ପାଇଥିଲା । କମିଟି କଟକଠାରେ ପ୍ରାଦେଶିକ ସରକାରଙ୍କ ରାଜଧାନୀ ଓ ପୁରୀଠାରେ ଗ୍ରୀଷ୍ମକାଳୀନ ରାଜଧାନୀ ସ୍ଥାପନପାଇଁ ସୁପାରିଶ କରିଥିଲେ । କମିଟିଙ୍କ ମତରେ ସ୍ୱତନ୍ତ୍ର ବିଦ୍ୟାଳୟ ନୁହେଁ ଗୋଟିଏ ସ୍ୱତନ୍ତ୍ର ହାଇକୋର୍ଟ ସ୍ଥାପନ କରାଯିବା ଆବଶ୍ୟକ । କମିଟି କୋରାପୁଟକୁ ଗୋଟିଏ ନୂଆ ଜିଲା ଏବଂ ନବରଙ୍ଗପୁର ଓ ଗୁଣପୁର ଏହି ଦୁଇଟି ନୂତନ ସବ୍‌ଡିଭିଜନ୍ ଗଠନପାଇଁ ସୁପାରିଶ କରିଥିଲେ । ଅନୁଗୁଳ ଜିଲାକୁ ଦୁଇ ଭାଗରେ ବିଭକ୍ତ କରାଯାଇ ଗଞ୍ଜାମ ଓ କଟକ ଜିଲା କଲେକ୍ଟରଙ୍କ ଶାସନାଧୀନ କରିବାପାଇଁ ମଧ୍ୟ ସେମାନେ ସୁପାରିଶ କରିଥିଲେ । ୮୫ ବର୍ଷ ବୟସ୍କ କୁଳବୃଦ୍ଧ ମଧୁସୂଦନ ଏହି କମିଟିର ସଭ୍ୟ ଥାଇ ତାଙ୍କର ସର୍ବଶେଷ ମୂଲ୍ୟବାନ ପରାମର୍ଶ ଦେଇଥିଲେ ।

## ନୂତନ ଓଡ଼ିଶା ପ୍ରଦେଶ ଘୋଷଣା :

ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ତାଙ୍କ ରିପୋର୍ଟ ୧୯୩୬ ମସିହା ନଭେମ୍ବର ମାସରେ ଦେଲାପରେ ଯେଉଁ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା ତା'ର ମୋଟ ଆୟତନ ହେଲା ୩୨,୬୯୫ ବର୍ଗ ମାଇଲ । ଭାରତ ସରକାରଙ୍କ ୧୯୩୫ ମସିହା ଆଇନ ଅନୁଯାୟୀ ଭାରତର ଏକାଦଶ ପ୍ରଦେଶରୂପେ ନୂତନ ପ୍ରଦେଶ ଗଠନ ଆଦେଶ ୧୯୩୬ ମସିହା ଜାନୁଆରୀ ୨୧ ତାରିଖରେ ଇଂଲଣ୍ଡ ଓ ଭାରତରେ



Digitized by srujanika@gmail.com

ଏକ ସମୟରେ ଘୋଷିତ ହେଲା । ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନ ନୂତନ ଓଡ଼ିଶା ପ୍ରଦେଶର ଉଦ୍‌ଘାଟନ ଉତ୍ସବ ପାଳିତ ହୋଇଥିଲା । ସାର ଜନ୍ ଅଷ୍ଟିନ୍ ହବାକ୍ ଓଡ଼ିଶାର ପ୍ରଥମ ଲାଟ୍‌ରୂପେ ନିଯୁକ୍ତ ହୋଇଥିଲେ । ନୂତନ ଓଡ଼ିଶା ଗଠନର ଉଦ୍‌ଘାଟନ ଉତ୍ସବର ଦୁଇ ବର୍ଷ ପୂର୍ବରୁ ୧୯୩୪ ମସିହା ଫେବୃଆରୀ ମାସରେ ଓଡ଼ିଶା ଆନ୍ଦୋଳନର ପ୍ରତିଷ୍ଠାତା କୁଳବୃଦ୍ଧ ମଧୁସୂଦନଙ୍କର ପରଲୋକ ହୋଇଯାଇଥିଲା ଓ ଆନ୍ଦୋଳନର ଅନ୍ୟତମ ନେତା ଉତ୍କଳମଣି ଗୋପବନ୍ଧୁ ଏହାର ଆଠବର୍ଷ ପୂର୍ବରୁ ଓଡ଼ିଶାବାସୀଙ୍କୁ ଛାଡ଼ି ଚାଲିଯାଇଥିଲେ । କେବଳ ଓଡ଼ିଆ ଆନ୍ଦୋଳନର ଅନ୍ୟତମ ଭୃଙ୍ଗନେତା ପାରଳାଖେମଣ୍ଡି ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବ ସେତେବେଳେ ଜୀବିତ ଥାଇ ଏହି ଉଦ୍‌ଘାଟନ ଉତ୍ସବକୁ ଉପଭୋଗ କରିଥିଲେ । ସେ ଅତିଥିମାନଙ୍କୁ ଏକ ଉଦ୍ୟାନ ଭୋଜିରେ ଆପ୍ୟାୟିତ କରିଥିଲେ । ସୌଭାଗ୍ୟକ୍ରମେ ପାରଳା ମହାରାଜା ଯେ କି ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରତିଷ୍ଠାପାଇଁ ବହୁ ପରିଶ୍ରମ ଓ ଅର୍ଥ ବ୍ୟୟ କରିଥିଲେ ସେ ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ (ସେତେବେଳେ ପ୍ରଧାନମନ୍ତ୍ରୀ) ତଥା ଆଉଥରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଭୃଙ୍ଗ ନେତା ଓ ସାଂସ୍କୃତିକ ଜାଗରଣର ନେତାମାନଙ୍କ ସଂକ୍ଷିପ୍ତ ଜୀବନୀ ପୁସ୍ତକର ଶେଷ ଭାଗରେ ଦିଆଯାଇଛି ।

## ଯେଉଁ ଓଡ଼ିଆଭାଷୀ ଅଞ୍ଚଳ ଓଡ଼ିଶାରେ ମିଶିଲା ନାହିଁ :

ଓଡ଼ିଶା ପରାଧୀନ ହେବାର ପ୍ରାୟ ୧୫୦ ବର୍ଷ ପରେ ପୁଣି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିବାରୁ ଓଡ଼ିଆମାନେ ଯେତିକି ଆନନ୍ଦିତ ହେଲେ ଚାରୋଟି ପଡ଼ୋଶୀ ପ୍ରଦେଶରେ ଅନ୍ତର୍ଭୁକ୍ତ ବିସ୍ତୃତ ଓଡ଼ିଆଭାଷୀ ଅଞ୍ଚଳ ହରାଇ ସେତିକି ନିରାଶ ଓ କ୍ଷୁବ୍ଧ ହୋଇ ରହିଲେ । ଏହିସବୁ ଓଡ଼ିଆଭାଷୀ ଅଞ୍ଚଳକୁ ପରେ ଓଡ଼ିଶା ଭିତରେ ଅନ୍ତର୍ଭୁକ୍ତ କରିବାପାଇଁ ସ୍ୱତନ୍ତ୍ର ଓଡ଼ିଶାରେ ଲୋକ ପ୍ରତିନିଧି-ମୂଳକ ଶାସନ ହେଲେ ସୁବିଧା ହେବ ବୋଲି ଯେଉଁ ଆଶା ରହିଥିଲା ତାହା ଫଳବତୀ ହେଲା ନାହିଁ । ବରଂ ଗଡ଼ଜାତ ମିଶ୍ରଣବେଳେ ଖାଣ୍ଟି ଓଡ଼ିଆଭାଷୀ ଯେଉଁ ଦୁଇଟି ରାଜ୍ୟ ଓଡ଼ିଶାସହିତ ମିଶିଥିଲା ତାହା ମଧ୍ୟ ଓଡ଼ିଶାରୁ ଚାଲିଗଲା । ୧୯୪୮ ମସିହାରେ ଗଠିତ ଭାଷା ଭିତ୍ତିରେ ପ୍ରଦେଶ ଗଠନସମ୍ପର୍କୀୟ କମିଶନ୍ ନିକଟରେ ଓଡ଼ିଶା ସରକାର ମାନ୍ଦ୍ରାଜ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀଙ୍କପାଇଁ ଓଡ଼ିଶାର ଦାବିସମ୍ପର୍କରେ ଏକ ସ୍ମାରକପତ୍ର ଦେଇଥିଲେ ଏବଂ ଶେଷରେ ୧୯୫୪ ମସିହାରେ ଗଠିତ ରାଜ୍ୟ ପୁନର୍ଗଠନ କମିଶନ୍‌ଙ୍କୁ ଓଡ଼ିଶା ସରକାରଙ୍କ



Digitized by srujanika@gmail.com

ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇଥିଲା । ଏହି ସ୍ମାରକପତ୍ରରେ ମୁଖ୍ୟତଃ ସରେଇକଲା ଓ ଖରସୁଆଁ ଓଡ଼ିଶାରେ ପୁନଃ ମିଶ୍ରଣପାଇଁ ଦାବି କରି ସେ-ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପିତ କରାଯାଇଥିଲା ଏବଂ ମଧ୍ୟପ୍ରଦେଶ, ମାନ୍ଦ୍ରାଜ ପ୍ରଦେଶ, ପଶ୍ଚିମ ବଙ୍ଗଳା ଓ ବିହାର ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳପାଇଁ ମଧ୍ୟ ଓଡ଼ିଶାର ଦାବି ଉପସ୍ଥାପିତ କରାଯାଇଥିଲା । ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବଙ୍ଗପ୍ରଦେଶ ଓ ବିହାର ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଓଡ଼ିଶା କାହିଁକି ଓ କିପରି ହରାଇଲା ଏବଂ ଓଡ଼ିଶାସହିତ ଏସବୁ ଅଞ୍ଚଳର ମିଶ୍ରଣପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା ସେ ସମ୍ପର୍କରେ କେତେକ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା—

## ଗଞ୍ଜାମ ଜିଲା, ଭିଜିଆନାଗ୍ରାମ୍ ଓ ଜୟପୁର :

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ଓଡ଼ିଆଭାଷୀ ଗଞ୍ଜାମ, ଭିଜିଆନାଗ୍ରାମ୍ ଓ ଜୟପୁର ଅଞ୍ଚଳ ୧୫୭୧ ମସିହାରେ ଓଡ଼ିଶାର ପ୍ରଧାନ ଭୂଖଣ୍ଡରୁ ବିଚ୍ଛିନ୍ନକରି ଗୋଲକୁଣ୍ଡାର କୁତବସାହି ଶାସକମାନେ ଉତ୍ତର ସରକାରସହିତ ଯୋଡ଼ି ଦେଇଥିଲେ । ୧୬୮୭ ମସିହାରେ ମୋଗଲ ସମ୍ରାଟ ଆଓରଙ୍ଗଜେବ୍‌ଙ୍କ ଆଦେଶରେ ଗଞ୍ଜାମ ଜିଲାର ଶାସନ ଫରାସୀ ସରକାରଙ୍କ ହାତକୁ ଚାଲି ଯାଇଥିଲା । ଭାରତରେ ଫରାସୀ ଓ ବ୍ରିଟିଶ ଶାସକଙ୍କ ଭିତରେ ଯେତେବେଳେ ସଂଘର୍ଷ ଲାଗିଲା ଇଂରେଜମାନେ ୧୭୫୯ ମସିହାରେ ମୁସଲିମପଟ୍ଟମଠାରେ ଥିବା ଫରାସୀ ଅଧିକୃତ ସ୍ଥାନଗୁଡ଼ିକୁ ଦଖଲ କରି ନେଲେ । ୧୭୬୬ ମସିହାରେ ଡେକାନର ସୁବେଦାର ବ୍ରିଟିଶ ସରକାରଙ୍କସହିତ ଏକ ଚୁକ୍ତି କରି ସମଗ୍ର ନର୍ଦ୍ଦନ୍ ସରକାରକୁ ବ୍ରିଟିଶ ଶାସକଙ୍କୁ ଅର୍ପଣ କରିଦେଇଥିଲେ । ସେହି ଦିନଠାରୁ ଗଞ୍ଜାମ ଜିଲା, ଭିଜିଆନାଗ୍ରାମ୍ ଓ ଜୟପୁର ମାନ୍ଦ୍ରାଜ ପ୍ରଦେଶ ଅଧୀନରେ ରହିଥିଲା । ୧୭୬୬ ମସିହାଠାରୁ ଗଞ୍ଜାମ, ଭିଜିଆନାଗ୍ରାମ୍ ଓ ଜୟପୁର ରାଜ୍ୟ ମାନ୍ଦ୍ରାଜ ଅଧୀନରେ ସଦର ମହକୁମାଠାରୁ ବହୁ ଦୂରରେ ଗୋଟିଏ କୋଣରେ ପଡ଼ିରହିଲା । ସେତେବେଳେ ବର୍ତ୍ତମାନର ଆନ୍ଧ୍ର ପ୍ରଦେଶ ମଧ୍ୟ ମାନ୍ଦ୍ରାଜ ଅନ୍ତର୍ଭୁକ୍ତ ହୋଇ ରହିଥିଲା ଏବଂ ମାନ୍ଦ୍ରାଜରେ ତାମିଲ-ମାନଙ୍କ ବ୍ୟତୀତ ବହୁ ସଂଖ୍ୟକ ତେଲୁଗୁ, ମାଲୟାଲମ୍ ଓ କାନାଡ଼ ଭାଷାଭାଷୀ ଲୋକ ରହିଥିଲେ । ଏହି ବିରାଟ ପ୍ରଦେଶର ଶେଷରେ ଯେଉଁ ଓଡ଼ିଆଭାଷୀ ଲୋକେ ରହିଲେ ସେମାନେ ଏପରି ସ୍ଥାନରେ ରହିଲେ ଯେଉଁଠି କି ମାନ୍ଦ୍ରାଜ ସରକାରଙ୍କ ଦୃଷ୍ଟି ପଡ଼ିବା ସହଜ ନ ଥିଲା । କାରଣ ସଦର ମହକୁମାଠାରୁ ଏହି



Digitized by srujanika@gmail.com

ଅଞ୍ଚଳ ଥିଲା ଅଗମ୍ୟ । ଯେଉଁ ବିଶିଷ୍ଟ ଶାସନାଧିକାରୀମାନେ ମାନ୍ଦ୍ରାଜ ପରିଦର୍ଶନରେ ଆସନ୍ତି ସେମାନେ କ୍ୱଚିତ୍ ଗଞ୍ଜାମ ଅଞ୍ଚଳରେ ପଦାର୍ପଣ କରନ୍ତି । ଏହିପରି ଅବହେଳିତ ଅବସ୍ଥାରେ ଗଞ୍ଜାମ, ଭିଜାଗାପଟ୍ଟନମ୍ ଓ ଜୟପୁର ଅଞ୍ଚଳ ୩୬୫ ବର୍ଷ ଧରି ଓଡ଼ିଶାର ପ୍ରଧାନ ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇରହିଥିଲା । ମାତ୍ର ଦକ୍ଷିଣ ଓଡ଼ିଶାର ଅଧିବାସୀମାନେ ଓଡ଼ିଶାବାସୀଙ୍କ ସହିତ ସର୍ବଦା ଘନିଷ୍ଠ ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରି ରହି ଆସିଥିଲେ ।

ଦକ୍ଷିଣ ଓଡ଼ିଶାର ଓଡ଼ିଆମାନେ ଏତେ ଦୀର୍ଘକାଳ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ରହିଲେ ମଧ୍ୟ ଏବଂ ସେଠାରେ ଓଡ଼ିଆ ଭାଷାକୁ ଲୋପ କରିବାପାଇଁ ନିରବଚ୍ଛିନ୍ନ କୌଶଳ ଚାଲିଥିଲେ ମଧ୍ୟ ପ୍ରାୟ ଏକ ଶହ ବର୍ଷ ପର୍ଯ୍ୟନ୍ତ ସଙ୍ଗଠିତ ଭାବରେ ଏହାର ପ୍ରତିରୋଧପାଇଁ ଏ ଅଞ୍ଚଳରେ କୌଣସି ଉଦ୍ୟମ ହୋଇ ନ ଥିଲା । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶା ଡିଭିଜନ୍‌ରେ ଓଡ଼ିଆ ଭାଷା ଉଠାଇ ଦେବାପାଇଁ ଯେଉଁ ହୀନ ଚକ୍ରାନ୍ତ ହେଲା ସେତେବେଳେ ଓଡ଼ିଆ ଭାଷାକୁ ରକ୍ଷା କରିବା ତଥା ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି କରିବାପାଇଁ ଓଡ଼ିଆ ବୁଦ୍ଧିଜୀବୀମାନେ ଅଭିଯାନ ଚଳେଇଲେ । ଏହା ଗଞ୍ଜାମ ଅଧିବାସୀଙ୍କୁ ପ୍ରେରଣା ଦେଇଥିଲା ଏବଂ ଏହା ଫଳରେ ସେଠାରେ ଓଡ଼ିଆମାନେ ସଙ୍ଗଠିତ ଆନ୍ଦୋଳନ ଚଳେଇଲେ । ୧୮୭୦ ମସିହାରେ ଗଞ୍ଜାମ ଅଧିବାସୀ ମାନ୍ଦ୍ରାଜ ସରକାରଙ୍କୁ ସର୍ବପ୍ରଥମେ ଏକ ସ୍ମାରକପତ୍ର ଦେଲେ । ଗଞ୍ଜାମ ଜିଲ୍ଲାର କୋର୍ଟରି ଅଫିସମାନଙ୍କରେ କେବଳ ତେଲଗୁ ଭାଷା ପ୍ରଚଳିତ ହେଉଥିବାରୁ ସେମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏଥିରେ ତାହା ଦର୍ଶାଇଥିଲେ । ତେଲୁଗୁମାନେ ମାନ୍ଦ୍ରାଜ ସରକାରଙ୍କୁ ପ୍ରଭାବିତ କରି ଏହା କରାଇଥିଲେ । ଯାହାହେଉ ମାନ୍ଦ୍ରାଜ ସରକାର ଗଞ୍ଜାମ ଅଧିବାସୀଙ୍କ ଆପତ୍ତିକୁ ସହାନୁଭୂତିସହ ବିଚାରକରି ୧୮୭୨ ମସିହା ମାର୍ଚ୍ଚ ୪ ତାରିଖରେ ଆଦେଶ ଦେଲେ ଯେ ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଭାଷା କଚେରିମାନଙ୍କରେ ଅନ୍ୟତମ ଭାଷାଭାବରେ ବ୍ୟବହାର କରାଯିବ । ୧୮୭୩ ମସିହାରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷାକୁ ସ୍ୱାଧୀନ ସ୍ୱୀକୃତି ଦେଲେ । ଏହା ବିଶ୍ୱବିଦ୍ୟାଳୟ ସ୍ତରରେ ଅଧ୍ୟୟନର ଏକ ବିଷୟରୂପେ ଗୃହୀତ ହେଲା । ମାତ୍ର ଓଡ଼ିଆ ଭାଷା ମାନ୍ଦ୍ରାଜ ପ୍ରଦେଶର ସଂଖ୍ୟାନ୍ୟୂନ ଗୋଷ୍ଠୀଙ୍କ ଭାଷା ହୋଇଥିବାରୁ ଏହାର ପ୍ରାଧାନ୍ୟ ସ୍ୱୀକୃତ ହେବା ସମ୍ଭବ ହୋଇ ନ ଥିଲା । ତେଲୁଗୁମାନଙ୍କ ବିରୋଧ ଯୋଗୁ ମାନ୍ଦ୍ରାଜ ସରକାରଙ୍କ ଏହି ଆଦେଶ କାର୍ଯ୍ୟକାରୀ ହେବାରେ ବହୁ ବିଳମ୍ବ ଘଟିଥିଲା ।



Digitized by srujanika@gmail.com

ଗଞ୍ଜାମ ଜିଲ୍ଲାରେ ଏହା ପରଠାରୁ ନିରବଚ୍ଛିନ୍ନଭାବରେ ଓଡ଼ିଆ ଆନ୍ଦୋଳନ ଚାଲିଥିଲା । ୧୮୯୦ ମସିହାରେ ପାରଳାଖେମୁଣ୍ଡିଠାରେ "ଉତ୍କଳ ହିତୈଷିଣୀ ସମାଜ" ନାମରେ ଗୋଟିଏ ଅନୁଷ୍ଠାନ ସ୍ଥାପିତ ହେଲା । ଶ୍ରୀ ସତ୍ୟନାରାୟଣ ରାଜଗୁରୁ ଥିଲେ ଏହାର ସଭାପତି । ଏହି ଅନୁଷ୍ଠାନ ମାନ୍ଦ୍ରାଜ ସରକାରଙ୍କୁ ଏକ ସ୍ମାରକପତ୍ର ଦେଇ ଅଭିଯୋଗ କରିଥିଲେ ଯେ ମାନ୍ଦ୍ରାଜ ପ୍ରଦେଶରେ ଥିବା ତେଲୁଗୁମାନଙ୍କୁ କେବଳ ଇଂରାଜୀ ଭାଷା ଶିଖିବାକୁ ହେଉଥିବା ସ୍ଥଳେ ଓଡ଼ିଆ-ମାନଙ୍କୁ ତେଲୁଗୁ ଓ ଇଂରାଜୀ ଏହି ଦୁଇଟି ଭାଷା ଶିଖିବାକୁ ହେଉଛି । ଏହା ବ୍ୟତୀତ ଗଞ୍ଜାମ ଜିଲ୍ଲାର ବଡ଼ ବଡ଼ ସରକାରୀ ଚାକିରିରେ ତେଲୁଗୁମାନେ ନିଯୁକ୍ତ ହୋଇଛନ୍ତି । ଜିଲ୍ଲାର ତିନି ଭାଗ ଲୋକ ଓଡ଼ିଆ ହୋଇଥିବା ସ୍ଥଳେ ଏହା ସେମାନଙ୍କ ପ୍ରତି ଘୋର ଅବିଚାର ଓ ଅନ୍ୟାୟ ହୋଇଛି । ସେମାନେ ଦର୍ଶାଇଥିଲେ ଯେ ସରକାରୀ କର୍ତ୍ତୃପକ୍ଷଙ୍କୁ ନିଜ ମାତୃଭାଷା ସାହାଯ୍ୟରେ ଲୋକେ ଆପତ୍ତି ଜଣାଇ ପାରୁ ନାହାନ୍ତି । କୋର୍ଟ କଚେରିରେ ସେମାନଙ୍କୁ ତେଲୁଗୁମାନଙ୍କ ଜରିଆରେ ହିଁ ସବୁ କାମ କରିବାକୁ ହେଉଛି । ସରକାରୀ ଆଇନ କାନୁନ୍ ସେମାନେ ବୁଝି ନ ପାରି ହଇରାଣ ହେଉଛନ୍ତି । ମାତ୍ର ତେଲୁଗୁମାନେ ଭଲଭାବରେ ସେମାନଙ୍କ ଆପତ୍ତି ଅଭିଯୋଗଗୁଡ଼ିକୁ ଉପସ୍ଥାପିତ କରୁଛନ୍ତି । ଏହା ପରେ ପାରଳାଖେମୁଣ୍ଡିର ତରୁଣ ରାଜା ଗଞ୍ଜାମ ଓ ବିଶାଖାପାଟଣା ଅଞ୍ଚଳର ରାଜା, ଜମିଦାର ରଯ୍ୟତମାନଙ୍କ ପକ୍ଷରୁ ଓଡ଼ିଆମାନଙ୍କର ଆପତ୍ତି ଅଭିଯୋଗ ବର୍ଣ୍ଣନାକରି ଏହାର ନିରାକରଣନିମନ୍ତେ ମାନ୍ଦ୍ରାଜ ସରକାରଙ୍କୁ ଆଉ ଏକ ସ୍ମାରକ ପତ୍ର ଦେଲେ । ଫଳରେ ମାନ୍ଦ୍ରାଜ ସରକାର ଗଞ୍ଜାମ ଓଡ଼ିଆମାନଙ୍କର ଆପତ୍ତିଗୁଡ଼ିକୁ ଗ୍ରହଣ କରି ୧୮୯୦ ମସିହାରେ ମାନ୍ଦ୍ରାଜର ସମସ୍ତ ଦେୱାନୀ ଓ ଫୌଜଦାରୀ କୋର୍ଟରେ ଓଡ଼ିଆ ଓ ତେଲୁଗୁ ଉଭୟ ଭାଷା ପ୍ରଚଳିତ ବୋଲି ଘୋଷଣା କଲେ । ଓଡ଼ିଆ-ମାନଙ୍କ ଆପତ୍ତିର ତୁରନ୍ତ ପ୍ରତିକାର କରାଯାଇଥିବାରୁ ଗଞ୍ଜାମର ଓଡ଼ିଆମାନେ ମାନ୍ଦ୍ରାଜ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ୧୯୦୦ ମସିହାରେ ଭାଇଜାଗପଟ୍ଟମ୍‌ରେ ଓଡ଼ିଆ ଆନ୍ଦୋଳନ ପ୍ରସାର ଲାଭ କରିଥିଲା ଏବଂ ଜୟପୁର ରାଜ୍ୟ ଶାସକ ବିକ୍ରମଦେବ ବର୍ମା "ଓଡ଼ିଆ ସୋସାଇଟି" ନାମରେ ଏକ ଅନୁଷ୍ଠାନ ସ୍ଥାପନ କରି ୧୯୦୩ ମସିହା ପର୍ଯ୍ୟନ୍ତ ଏହାର ସଭାପତି ଥିଲେ । ସେ ନିଜେ ଅନେକ ଓଡ଼ିଆ ନାଟକ ଲେଖି ଭାଇଜାଗପଟ୍ଟମ୍‌ଠାରେ ମଞ୍ଚସ୍ଥ କରାଇଥିଲେ ।

୧୯୦୨ ମସିହାରେ ଭାରତର ବଡ଼ଲାଟ୍ ଲର୍ଡ କର୍ଜନଙ୍କୁ ଗଞ୍ଜାମ ଅଧିବାସୀମାନେ ଗୋଟିଏ ସ୍ମାରକପତ୍ର ଦେଇ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ



Digitized by srujanika@gmail.com

ଏକାଠି କରି ବଙ୍ଗଳା ଅଧୀନରେ ରଖିବାପାଇଁ ପ୍ରସ୍ତାବ ଦେଇଥିଲେ । ଏହି ସ୍ମାରକପତ୍ର ଫଳପ୍ରଦ ହୋଇଥିବା ଜଣାପଡ଼ିଲା । କାରଣ ୧୯୦୩ରେ ଭାରତ ସରକାରଙ୍କ ପକ୍ଷରୁ ଯେଉଁ ରିଜ୍‌ଲେ ଘୋଷଣାନାମା ପ୍ରକାଶ ପାଇଲା ସେଥିରେ ଏହି ସ୍ମାରକପତ୍ର ବିଷୟ ଉଲ୍ଲେଖ କରାଯାଇଥିଲା । ଏହି ଘୋଷଣାନାମାରେ କୁହାଯାଇଥିଲା ଯେ ଭାରତ ସରକାର ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକାଠି କରି ବଙ୍ଗପ୍ରଦେଶ ଅଧୀନରେ ରଖିବାକୁ ନିଷ୍ପତ୍ତି କରିଛନ୍ତି । ଏଥିରେ ଓଡ଼ିଆ-ଭାଷୀ ଅଞ୍ଚଳ ବିଶେଷଭାବରେ ଗଞ୍ଜାମର ଓଡ଼ିଆଭାଷୀମାନେ ଆନନ୍ଦ ପ୍ରକାଶ କରିଥିଲେ । ମାତ୍ର ଏହି ଘୋଷଣା ଆଂଶିକଭାବରେ କାର୍ଯ୍ୟକାରୀ ହେଲା । ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳ ଯେମିତି ଥିଲା ସେମିତି ରହିଲା, ତେଲୁଗୁ-ମାନେ ଏକସ୍ୱରରେ ଏହି ଘୋଷଣାର ନିନ୍ଦା କଲେ । ସେତେବେଳେ ଜିଲ୍ଲାବୋର୍ଡ, ମ୍ୟୁନିସିପାଲିଟି ଓ ପଞ୍ଚାୟତଠାରୁ ଆରମ୍ଭକରି ସବୁ ସରକାରୀ ଅଫିସର ବଡ଼ ବଡ଼ ଚାକିରିକୁ ତେଲୁଗୁ କର୍ମଚାରୀମାନେ ଦଖଲ କରି ରହିଥାନ୍ତି । ତେଣୁ ଗଞ୍ଜାମ ଅଞ୍ଚଳ ମାନ୍ଦ୍ରାଜ ପ୍ରଦେଶରୁ ଚାଲିଗଲେ ସେମାନଙ୍କର ଅସୁବିଧା ହେବ । ସେମାନେ ଏହା ବିରୁଦ୍ଧରେ ଆନ୍ଦୋଳନ ଚଳେଇଲେ ଏବଂ ବଡ଼ଲାଟଙ୍କୁ ଏକ ସ୍ମାରକ ପତ୍ର ଦେଲେ । ଏହି ସ୍ମାରକ ପତ୍ରରେ ଦସ୍ତଖତ କରିବାପାଇଁ ସେମାନେ କେତେକ ଓଡ଼ିଆଙ୍କୁ ମଧ୍ୟ ବାଧ୍ୟ କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ୧୯୦୪ ମସିହାରେ ମାନ୍ଦ୍ରାଜଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ତେଲୁଗୁ କଂଗ୍ରେସ ପ୍ରତିନିଧିମାନେ ଏହି ପ୍ରସ୍ତାବର ବିରୋଧ କରିଥିଲେ । ଶେଷରେ ମାନ୍ଦ୍ରାଜ ପ୍ରଦେଶର ମୁଖ୍ୟ ଶାସନ ସଚିବ ସାର୍ ମୁରେ ହମିକ ଗଞ୍ଜାମ ଓ ଭିଇଜାଗ୍‌ପଟ୍ଟମ୍ ଏଜେନ୍‌ସିକୁ ଓଡ଼ିଶାସହିତ ମିଶ୍ରଣର ଘୋର ବିରୋଧ କରିଥିଲେ । କାରଣସ୍ୱରୂପ ସେ ଦର୍ଶାଇ ଥିଲେ ଯେ ୧୯୦୧ ଜନଗଣନାରେ ଅନେକ ତେଲୁଗୁଙ୍କୁ ଓଡ଼ିଆ ବୋଲି ଲେଖାଯାଇଛି ଏବଂ ଏ ଅଞ୍ଚଳରେ ମୋଟ ଲୋକସଂଖ୍ୟାର ଚାରି ଭାଗରୁ ଭାଗେ ମାତ୍ର ଓଡ଼ିଆ ; ଅନ୍ୟମାନେ ଦ୍ରାବିଡ଼ ଓ କନ୍ଧଭାଷୀ ଲୋକ । ତା'ବ୍ୟତୀତ ପଶ୍ଚିମବଙ୍ଗର ତତ୍‌କାଳୀନ ଲେ· ଗଭର୍ଣ୍ଣର ଆଣ୍ଡ୍ରୁ ଫ୍ରେଜର୍ ଯେ କି ମଧ୍ୟପ୍ରଦେଶର ଚିଫ୍ କମିଶନର୍ ଥାଇ ଓଡ଼ିଶା-ସହିତ ସମ୍ବଲପୁର ମିଶ୍ରଣକୁ ସମର୍ଥନ କରିଥିଲେ, ସେ ମାନ୍ଦ୍ରାଜ ପ୍ରଦେଶର ମୁଖ୍ୟ ଶାସନ ସଚିବଙ୍କଦ୍ୱାରା ପ୍ରଭାବିତ ହୋଇ ବଙ୍ଗଳାସହିତ ଗଞ୍ଜାମର ମିଶ୍ରଣର ବିରୋଧ କରି କହିଲେ ଯେ ଏହା ଫଳରେ ବହୁ ବିଭ୍ରାଟ ସୃଷ୍ଟି ହେବ । ସେତେବେଳେ ଲର୍ଡ କର୍ଜନଙ୍କ ସ୍ଥାନରେ ଲର୍ଡ ଆମ୍‌ଥିଲ୍ ଅସ୍ଥାୟୀ ବଡ଼ଲାଟ୍-ଭାବରେ କାର୍ଯ୍ୟ କରୁଥିଲେ । ସେ ରିଜ୍‌ଲେ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ ।



Digitized by srujanika@gmail.com

ତେଣୁ ୧୯୦୫ ମସିହାରେ କେବଳ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶରୁ ଆସି ଓଡ଼ିଶା ଡିଭିଜନସହିତ ମିଶିଲା, ମାତ୍ର ମାନ୍ଦ୍ରାଜର ଓଡ଼ିଆଭାଷୀ ଅଞ୍ଚଳ ମିଶିଲା ନାହିଁ ।

ଗଞ୍ଜାମ ଅଧିବାସୀ ଏଥିରେ ହତାଶ ନ ହୋଇ ଅଧିକ ସଂଗଠିତ-ଭାବରେ ସେମାନଙ୍କ ଦାବି ହାସଲପାଇଁ ଆନ୍ଦୋଳନ ଚଳେଇଥିଲେ । ୧୯୦୩ ମସିହାରେ ଖଲ୍ଲିକୋଟ ରାଜାଙ୍କ ନେତୃତ୍ୱରେ ଗଞ୍ଜାମ ଜାତୀୟ ସମିତି ଗଠିତ ହେଲା ଏବଂ ଗଞ୍ଜାମର ରାଜା ଓ ଜମିଦାର ତଥା ଜନସେବକମାନଙ୍କ ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳର ବିଶିଷ୍ଟ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ । ସେହି ବର୍ଷ ଉତ୍କଳଗୌରବ ମଧୁସୂଦନଙ୍କ ଉଦ୍ୟମରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠିତ ହେଲା ଏବଂ ଏହି ଜାତୀୟ ଅନୁଷ୍ଠାନ ଜରିଆରେ ସେମାନଙ୍କ ଦାବି ହାସଲ ହୋଇପାରିବ ବୋଲି ସେମାନେ ଉତ୍ସାହିତ ହୋଇଥିଲେ । ଗଞ୍ଜାମର ରାଜା ଓ ଜମିଦାରମାନେ ଶିକ୍ଷା ଓ ସଂସ୍କୃତିର ବିକାଶ ତଥା ସାଧାରଣ ସେବା କ୍ଷେତ୍ରରେ ଅଧିକ ଉତ୍ସାହ ପ୍ରକାଶ କରିଥାନ୍ତି ଓ ମୁକ୍ତ ହସ୍ତରେ ଆର୍ଥିକ ସାହାଯ୍ୟ ଦିଅନ୍ତି । ଗଞ୍ଜାମର ସାଧାରଣସେବୀମାନଙ୍କସହିତ ସେମାନେ ଉତ୍କଳ ସମ୍ମିଳନୀ ଅନୁଷ୍ଠାନର ଉଦ୍ଦେଶ୍ୟ ସାଧନ ଦିଗରେ ଉତ୍ସାହର ସହିତ ସାହାଯ୍ୟ କଲେ । ଧରାକୋଟର ରାଜା ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ସଭାପତି ହୋଇଥିଲେ । ୧୯୦୮ ମସିହାରେ ଉତ୍କଳ ସମ୍ମିଳନୀର ପଞ୍ଚମ ଅଧିବେଶନରେ ବଡ଼ଖେମଣ୍ଡି ରାଜା ଓ ଶ୍ରୀବତ୍ସ ପଣ୍ଡା ଓଡ଼ିଶାରେ ନାରୀ ଶିକ୍ଷାର ପ୍ରସାରପାଇଁ ସମ୍ମିଳନୀ ଜରିଆରେ ୧୬୦୦ ଟଙ୍କା ଦାନ କରିଥିଲେ । ଗଞ୍ଜାମର ବହୁ ସଂଖ୍ୟକ ପ୍ରତିନିଧି ସମ୍ମିଳନୀର ଅଧିବେଶନମାନଙ୍କରେ ଯୋଗ ଦେଉଥିଲେ ଓ ବହୁ ଯୁବ ସ୍ୱେଚ୍ଛାସେବକଭାବରେ କାର୍ଯ୍ୟ କରୁଥିଲେ ।

୧୯୧୨ ମସିହାରେ ଯେତେବେଳେ ବିହାର ଓଡ଼ିଶା ପ୍ରଦେଶ ଗଠିତ ହେଲା ସେଥିରେ ମାନ୍ଦ୍ରାଜର ଓଡ଼ିଆଭାଷୀ ଅଞ୍ଚଳ ମିଶିଲା ନାହିଁ । ଏହି ସମୟରେ ଗଞ୍ଜାମବାସୀ ଭାରତର ତତ୍‌କାଳୀନ ବଡ଼ଲାଟ ଲର୍ଡ ହାର୍ଡିଞ୍ଜିଙ୍କୁ ଏକ ସ୍ମାରକ ପତ୍ର ଦେଇ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବାପାଇଁ ଦାବି କରିଥିଲେ । ତେଲୁଗୁ ନେତାମାନେ ସେତେବେଳେ ନିଜର ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନପାଇଁ ଦାବି କରୁଥିଲେ ମଧ୍ୟ ଓଡ଼ିଆମାନଙ୍କର ସ୍ୱତନ୍ତ୍ର ପ୍ରଦେଶ ଦାବିକୁ ସମର୍ଥନ କରୁ ନ ଥିଲେ । ୧୯୧୭ ମସିହାରେ ତେଲୁଗୁ ଓ ଓଡ଼ିଆ ଯୁବକଙ୍କୁ ନେଇ ଗଠିତ ଗାଞ୍ଜାମ ଯୁବ ସମ୍ମିଳନୀରେ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ପାଇଁ



Digitized by srujanika@gmail.com

ପ୍ରସ୍ତାବ ଅଗ୍ରାହ୍ୟ କରିବାନିମିତ୍ତ ତେଲୁଗୁ ସ୍ତମାନେ ଅନୁମତି ଦେଇନଥିଲେ । ଏହି ସମୟରେ ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରଚାରକ ଅନନ୍ତ ମିଶ୍ର ଗଞ୍ଜାମ ଯାଇ ବହୁ ଅଞ୍ଚଳରେ ପ୍ରଚାର କରିବା ଫଳରେ ଶିକ୍ଷା ପ୍ରସାରପାଇଁ ଓଡ଼ିଆଭାଷୀଙ୍କ ଭିତରେ ବିଶେଷ ଉତ୍ସାହ ସୃଷ୍ଟି ହୋଇଥିଲା । ୧୯୧୩ ମସିହାରେ ବ୍ରହ୍ମପୁରରୁ ପ୍ରକାଶିତ ସାପ୍ତାହିକ ଆଶା ସାଧାରଣଭାବରେ ଓଡ଼ିଶାବାସୀ ଏବଂ ବିଶେଷଭାବରେ ଗଞ୍ଜାମବାସୀଙ୍କ ଆପତ୍ତି ଅଭିଯୋଗ ସରକାରଙ୍କ ନିକଟରେ ଉପସ୍ଥାପିତ କରିବାରେ ମୁଖପାତ୍ରରୂପେ କାର୍ଯ୍ୟ କଲା । 'ଆଶା' ଜରିଆରେ ଗଞ୍ଜାମରେ ଶିକ୍ଷାର ପ୍ରସାରପାଇଁ ପାଣ୍ଠି ଆଦାୟନିମନ୍ତେ ନିବେଦନ କରାଯାଇଥିଲା । ୧୯୧୯ ମସିହାରେ ଗଞ୍ଜାମ ଅଞ୍ଚଳରେ ଓଡ଼ିଆ ଆନ୍ଦୋଳନକୁ ଶକ୍ତିଶାଳୀ କରିବାପାଇଁ ଜିଲ୍ଲାର ଓଡ଼ିଆମାନେ ଗଞ୍ଜାମ ଓଡ଼ିଆ ଜିଲ୍ଲାସଂଘ ନାମରେ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଗଠନ କଲେ । ୧୯୨୦ ମସିହାରେ ଏହି ସଂଘ ପକ୍ଷରୁ ଅନୁଷ୍ଠିତ ଏକ ସଭାରେ ୧୯୧୯ ମସିହା ଶାସନ ସଂସ୍କାର ଆଇନକୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ଓଡ଼ିଆମାନେ ସଂଖ୍ୟା ନ୍ୟୂନ ଥିବା ପ୍ରଦେଶମାନଙ୍କର ବ୍ୟବସ୍ଥାପକ ସଭାରେ ସେମାନଙ୍କର ଆବଶ୍ୟକୀୟ ସଂଖ୍ୟାରେ ପ୍ରତିନିଧି ନିର୍ବାଚନ ପାଇଁ ବ୍ୟବସ୍ଥା ନ ଥିବାରୁ ଦୁଃଖ ପ୍ରକାଶ କରାଯାଇଥିଲା । ଏହାର ଅଳ୍ପ କେତେ ମାସଭିତରେ ସଂଘ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଆନ୍ଦୋଳନପାଇଁ ବିସ୍ତୃତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ଏହି ବୈଠକରେ ଗଞ୍ଜାମର ପ୍ରତିନିଧିମାନଙ୍କ ବ୍ୟତୀତ ମଧୁସୂଦନ, ଗୋପବନ୍ଧୁ, ଜଗବନ୍ଧୁ ସିଂହ ଓ ସ୍ୱାମୀ ବିଚିତ୍ରାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

ଇତିମଧ୍ୟରେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଯିବା ପରେ ଉତ୍କଳ ସମ୍ମିଳନୀର ଆଉ କୌଣସି ବୈଠକ ୧୯୨୩ ମସିହା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇପାରିନଥିଲା ନାହିଁ । ଏହି ସମୟରେ ଗଞ୍ଜାମ ଜିଲ୍ଲା ଓଡ଼ିଆ ସଂଘ ବିଚ୍ଛିନ୍ନାଞ୍ଚଳ ମିଶ୍ରଣନିମନ୍ତେ ତୁରନ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା-ପାଇଁ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ବୈଠକ ଗଞ୍ଜାମରେ ଡାକିବାକୁ ପ୍ରସ୍ତାବ ଦେଲେ । ୧୯୨୨ ମସିହା ନଭେମ୍ବର ମାସରେ ଏହି ସଂଘ ପକ୍ଷରୁ ଶଶିଭୂଷଣ ରଥ, ବିଶ୍ୱନାଥ ଦାସ, ମାନଧାତା ଗୋରାଚାନ୍ଦ ପଟ୍ଟନାୟକ ଓ ଲକ୍ଷ୍ମୀନାରାୟଣ ଦେଓ ମାନ୍ଦ୍ରାଜ ଲାଟଙ୍କସହିତ ସାକ୍ଷାତ୍ କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ସେ ସୁପାରିଶ କରନ୍ତୁ ବୋଲି ଅନୁରୋଧ କରିଥିଲେ ଏବଂ ଏଥି-ପାଇଁ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକର ଶୀଘ୍ର ମିଶ୍ରଣ ହୋଇଯିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ ।



Digitized by srujanika@gmail.com

ଏହା ପରେ ଓଡ଼ିଆ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆରମ୍ଭ ହେଲା । ୧୯୨୯ ମସିହାରେ ବିହାରର ବିଶିଷ୍ଟ ବୁଦ୍ଧିଜୀବୀ ଡକ୍ଟର ସଚ୍ଚିଦାନନ୍ଦ ସିଂହ ବିହାର ବିଧାନସଭାରେ ମାନ୍ଦ୍ରାଜ, ବଙ୍ଗଳା ଓ ମଧ୍ୟପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣପାଇଁ ଗୋଟିଏ ମିଳିତ କମିଟି ଗଠନ କରାଯାଉ ବୋଲି ପ୍ରସ୍ତାବ ଆଣିଥିଲେ । ଏହି ପ୍ରସ୍ତାବ ଗୃହୀତ ହେବା ପରେ ସେଥି-ପ୍ରତି ଭାରତ ସରକାର ଗୁରୁତ୍ୱ ଆରୋପ କରି ମତ ପ୍ରକାଶ କଲେ ଯେ ଏ ସମ୍ପର୍କରେ ପଦକ୍ଷେପ ନେବାପାଇଁ ଯଥାର୍ଥତା ରହିଛି । ମାନ୍ଦ୍ରାଜ ସରକାର ଏହି ପ୍ରସ୍ତାବର ବିରୋଧ କରି ମତ ପ୍ରକାଶ କଲେ ଯେ ଗଞ୍ଜାମବାସୀ ଓଡ଼ିଆମାନଙ୍କର ଓଡ଼ିଶାସହିତ ମିଶ୍ରଣ ପାଇଁ ଇଚ୍ଛା ନାହିଁ । ମାତ୍ର ଭାରତ ସରକାର ମାନ୍ଦ୍ରାଜ ସରକାରଙ୍କ ମତକୁ ଗ୍ରହଣ ନ କରି ମାନ୍ଦ୍ରାଜର ଦୁଇ ଜଣ ସଭ୍ୟ ଓ ବିହାର ଓଡ଼ିଶା ପ୍ରଦେଶର ଦୁଇ ଜଣ ସଭ୍ୟଙ୍କୁ ନେଇ ୧୯୨୪ମସିହାରେ ଫିଲିପ-ଡ଼ଫଙ୍କ ସଭାପତିତ୍ୱରେ ଗୋଟିଏ କମିଟି ଗଠନ କଲେ । ଏହି କମିଟି ଗଠନ ପରେ ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆମାନଙ୍କ ଭିତରେ ପ୍ରବଳ ଉତ୍ସାହ ସୃଷ୍ଟି ହୋଇଥିଲା । ଫିଲିପ୍-ଡଫ କମିଟି ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀଙ୍କ ମତାମତ ସଂଗ୍ରହ କଲାବେଳେ ସମସ୍ତ ଓଡ଼ିଆଭାଷୀ ଲୋକେ ଯେପରି ଗୋଟିଏ ପ୍ରକାର ମତ ଏହି କମିଟିଙ୍କ ନିକଟରେ ଉପସ୍ଥାପିତ କରିବେ ସେଥିପାଇଁ ସମଗ୍ର ଗଞ୍ଜାମ ଅଞ୍ଚଳରେ ବ୍ୟାପକ ପ୍ରଚାରପାଇଁ ଆୟୋଜନ ହେଲା । କଟକରୁ ଲକ୍ଷ୍ମୀନାରାୟଣ ସାହୁ ଯାଇ ଗଞ୍ଜାମ ଜିଲାରେ ଏହି ପ୍ରଚାରର ଦାୟିତ୍ୱ ଗ୍ରହଣ କରିଥିଲେ । କମିଟି ନିକଟରେ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ଗୋଟିଏ ପ୍ରତିନିଧି ଦଳ କମିଟିକୁ ସ୍ମାରକ ପତ୍ର ଦେଇଥିଲେ । ଛାତ୍ରବ୍ୟତୀତ ଗଞ୍ଜାମ ଜମିଦାର ସଂଘ, ଉତ୍କଳ ଆଶ୍ରମ, ରୟତ ସଙ୍ଘ, ଛାତ୍ର ଓ ଶିକ୍ଷକ ସଙ୍ଘ ଓ ଓଡ଼ିଆ ମହିଳାମାନଙ୍କ ପକ୍ଷରୁ ସ୍ମାରକପତ୍ରମାନ ମଧ୍ୟ ଦିଆଯାଇଥିଲା ।

ଏହି ସମୟରେ ଉତ୍କଳ ସମ୍ମିଳନୀକୁ ସକ୍ରିୟ କରିବାପାଇଁ ଗଞ୍ଜାମବାସୀଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା । ୧୯୨୩ ମସିହା ଫେବୃଆରୀ ମାସରେ 'ଆଶା' ପତ୍ରିକା ଅଫିସଠାରେ ଶଶିଭୂଷଣ ରଥଙ୍କ ସଭାପତିତ୍ୱରେ ଏକ ବୈଠକରେ ଉତ୍କଳ ସମ୍ମିଳନୀକୁ ପୁନର୍ଜୀବିତ କରିବାର ଉପାୟ ନିର୍ଦ୍ଧାରଣ କରିବା-ପାଇଁ ଆଲୋଚନା କରାଯାଇଥିଲା । ଏହି ଉଦ୍ୟମ ଫଳରେ ତିନି ବର୍ଷ ପର୍ଯ୍ୟନ୍ତ ନିର୍ଜୀବ ହୋଇ ରହିଥିବା ଉତ୍କଳ ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନ ୧୯୨୩ ମସିହା ମାର୍ଚ୍ଚ ମାସରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେଲା । ୧୯୨୪ ମସିହାରେ



Digitized by srujanika@gmail.com

ଉତ୍କଳ ସମ୍ମିଳନୀ ପକ୍ଷରୁ ଗୋଟିଏ "ବିଚ୍ଛିନ୍ନାଞ୍ଚଳ ମିଶ୍ରଣ" କମିଟି ଗଠିତ ହୋଇ ଫିଲପ-ଡଫ୍ କମିଟି ନିକଟରେ ଓଡ଼ିଶାର ଦାବି ଉପସ୍ଥାପିତ ହେଲା । ୧୯୨୨ ମସିହାରେ ଓଡ଼ିଶା ଓ ମାନ୍ଦ୍ରାଜ ସୀମା ସମସ୍ୟା ସମାଧାନପାଇଁ ନିଖିଳ ଭାରତ ଜାତୀୟ କଂଗ୍ରେସ ପକ୍ଷରୁ ମଧ୍ୟ ଉଦ୍ୟମ ହୋଇଥିଲା । ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରମୁଖଙ୍କ ଉଦ୍ୟମରେ ଜାତୀୟ କଂଗ୍ରେସ ଡକ୍ଟର ମୁଞ୍ଜେଙ୍କ ନେତୃତ୍ୱରେ ଗୋଟିଏ ସୀମା କମିଶନ୍ ନିଯୁକ୍ତ କରିଥିଲେ । ତେଲୁଗୁଭାଷୀ ଓ ଓଡ଼ିଆଭାଷୀଙ୍କ ଭିତରେ ସୀମା ନିର୍ଦ୍ଧାରଣ କରିଦେବାପାଇଁ ଏହି କମିଟି ଉପରେ ଦାୟିତ୍ୱ ଦିଆଯାଇଥିଲା । ତେଲୁଗୁମାନେ ଏଥିରେ ସମ୍ମତ ନ ହେବାରୁ କମିଟି ଏହି କାର୍ଯ୍ୟରେ ଆଗେଇ ପାରିଲେ ନାହିଁ । ପର ବର୍ଷ ଜାତୀୟ କଂଗ୍ରେସର କାକିନଡ଼ା ବାର୍ଷିକ ଅଧିବେଶନରେ ଏହି ପ୍ରଶ୍ନ ପୁଣି ଆଲୋଚିତ ହେଲା । ତେଲୁଗୁ ଓ ଓଡ଼ିଆଭାଷୀ ଲୋକଙ୍କ ପକ୍ଷରୁ ଦୁଇଜଣ ଲେଖାଏଁ ସଭ୍ୟ ଏହି କମିଶନ୍‌ରେ ନିଆଯିବାପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତାବ ହେଲା ଏବଂ ଏହି କମିଶନ୍‌ଙ୍କ ନିଷ୍ପତ୍ତି ସର୍ବଶେଷ ନିଷ୍ପତ୍ତିରୂପେ ଧରାଯିବ ବୋଲି ସ୍ଥିର ହେଲା । ଓଡ଼ିଆଭାଷୀଙ୍କ ପକ୍ଷରୁ ନିରଞ୍ଜନ ପଟ୍ଟନାୟକ ଓ ପଣ୍ଡିତ ନୀଳକଣ୍ଠ ଦାସ ସଭ୍ୟ ନିଯୁକ୍ତ ହୋଇଥିଲେ । ଏହା ଫଳରେ ଓଡ଼ିଆଭାଷୀଙ୍କ ଭିତରେ ଉତ୍ସାହ ସୃଷ୍ଟି ହୋଇଥିଲା । ଓଡ଼ିଆଭାଷୀ ଅଞ୍ଚଳରେ ପ୍ରଚାର କରିବାପାଇଁ ପ୍ରଚାରକ ଅନନ୍ତ ମିଶ୍ରଙ୍କ ଉପରେ ଦାୟିତ୍ୱ ଦିଆଯାଇଥିଲା । ମାତ୍ର ଏହି ସମୟରେ କମିଶନ୍‌ର ବରିଷ୍ଠ ସଭ୍ୟ ରାଜ ଗୋପାଳଚାରୀ ଇସ୍ତଫା ଦେବାରୁ ପୁଣି ନୈରାଶ୍ୟ ଦେଖାଦେଲା । ତାଙ୍କ ସ୍ଥାନରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ନିଯୁକ୍ତ ହେଲେ । ମାତ୍ର କମିଶନ୍‌ଙ୍କ କାର୍ଯ୍ୟ ଆଗେଇ ପାରିଲା ନାହିଁ ।

ଫିଲପ-ଡଫ୍ କମିଟିଙ୍କ ରିପୋର୍ଟ ଓଡ଼ିଆମାନଙ୍କ ଭିତରେ ଆଶା ସଞ୍ଚାର କରାଇଥିଲେ ମଧ୍ୟ ଏହି ରିପୋର୍ଟ ଫଳପ୍ରଦ ହେଲା ନାହିଁ । ତେଣୁ ସେମାନେ ପୁଣି ହତାଶ ହୋଇପଡ଼ିଥିଲେ । ଏହି ସମୟରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ମୁଖପାତ୍ରରୂପେ ପାରଳାଖେମଣ୍ଡି ମହାରାଜା ଲଣ୍ଡନ ଯାଇ ପ୍ରଥମ ଗୋଲ ଟେବୁଲ ବୈଠକରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି ଦୃଢ଼ତାସହିତ ଯୁକ୍ତିଯୁକ୍ତଭାବରେ ଉପସ୍ଥାପିତ କରି ସୁଖ୍ୟାତି ଅର୍ଜନ କରିଥିଲେ । ୧୯୩୧ ମସିହାରେ ବିକ୍ରମଦେବ ବର୍ମା ଜୟପୁର ଜମିଦାରୀର ସ୍ୱତ୍ୱାଧିକାରୀରୂପେ ଦାୟିତ୍ୱ ଗ୍ରହଣ କଲା ପରେ ଭାଇଜାଗପଟ୍ଟମ୍ ଏଜେନ୍‌ସି ଓ ଜୟପୁରରେ ଓଡ଼ିଆ ଆନ୍ଦୋଳନପାଇଁ ଅଧିକ ଅନୁକୂଳ ବାତାବରଣ ସୃଷ୍ଟି



Digitized by srujanika@gmail.com

ହେଲା । ତାଙ୍କ ପୂର୍ବରୁ ଜୟପୁର ଜମିଦାରୀର ମୁଖ୍ୟ ଓଡ଼ିଆ ବିରୋଧୀମାନଙ୍କୁ ସାହାଯ୍ୟ କରୁଥିବା ଲକ୍ଷ୍ୟ କରାଯାଇଥିଲା । ତେଣୁ ବିକ୍ରମଦେବ ଜୟପୁର ଆସିବା ପରେ ଓଡ଼ିଆମାନେ ଉତ୍ସାହିତ ହୋଇଥିଲେ । ସେ ବହୁ ପୂର୍ବରୁ ମଧ୍ୟ ଓଡ଼ିଆ ଆନ୍ଦୋଳନ ସପକ୍ଷରେ କାର୍ଯ୍ୟ କରୁଥିଲେ ।

୧୯୩୧ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣପାଇଁ ଭାରତ ସରକାର ଓଡ଼ନେଲ୍ କମିଟି ନିଯୁକ୍ତ କଲେ । ଓଡ଼ିଆ ଆନ୍ଦୋଳନର ସଫଳତା ଦିଗରେ ଏହା ଏକ ଅଗ୍ରଗତି ବୋଲି ବିଶ୍ୱାସ କରି ଗଞ୍ଜାମ ଓଡ଼ିଆମାନେ ଆନନ୍ଦ ପ୍ରକାଶ କରିଥିଲେ ଏବଂ ସୀମା କମିଶନ୍‌ଙ୍କ ନିକଟରେ ନିଜର ଯୁକ୍ତିଯୁକ୍ତ ଦାବି ଉପସ୍ଥାପିତ କରିବାପାଇଁ ସେମାନଙ୍କ ଭିତରେ ତତ୍ପରତା ପ୍ରକାଶ ପାଇଲା । ଗଞ୍ଜାମ ଓଡ଼ିଆମାନଙ୍କ ପକ୍ଷରୁ ଟିକାଲି ଓ ଖଲିକୋଟ ରାଜା, ସଚ୍ଚିନାରାୟଣ ରାଜଗୁରୁ, ପାରଳାଖେମୁଣ୍ଡି ଓଡ଼ିଆମାନଙ୍କ ପକ୍ଷରୁ ଅନନ୍ତରାମ ରଥ ଓ ଦୟାନିଧି ମଝିନାୟକ ପ୍ରମୁଖ ସୀମା କମିଶନ୍‌ଙ୍କ ନିକଟରେ ସାକ୍ଷ୍ୟଦେଇ ଓଡ଼ିଆମାନଙ୍କ ଦାବି ଦୃଢ଼ତାରସହିତ ଉପସ୍ଥାପିତ କଲେ । ସେତେବେଳେ "ଗଞ୍ଜାମ ସୁରକ୍ଷା କମିଟି" ନାମରେ ତେଲୁଗୁମାନେ ଏକ ଅନୁଷ୍ଠାନ ଗଠନ କରି ଓଡ଼ିଶାସହିତ ଗଞ୍ଜାମ ମିଶ୍ରଣର ବିରୋଧ କରିଥିଲେ । ସୀମା କମିଶନ୍ ତାଙ୍କ ରିପୋର୍ଟରେ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶସହିତ ମିଶ୍ରଣପାଇଁ ସୁପାରିଶ କରିଥିଲେ । ଏହି ସୁପାରିଶ ଓଡ଼ିଆଙ୍କୁ ଯେତିକ ଆନନ୍ଦ ଦେଇଥିଲା ପରେ ଶ୍ୱେତପତ୍ରରେ ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ ଦିଆଯାଇଥିବାରୁ ତାହା ସେତିକ ନୈରାଶ୍ୟ ଓ ଅସନ୍ତୋଷ ସୃଷ୍ଟି କରିଥିଲା । ଉତ୍କଳ ପ୍ରାଦେଶିକ କଂଗ୍ରେସ ଓ ଉତ୍କଳ ସମ୍ମିଳନୀ ସମେତ ସମସ୍ତ ଓଡ଼ିଆ ଅନୁଷ୍ଠାନ ଓ ବହୁ ବିଶିଷ୍ଟ ବ୍ୟକ୍ତି ଏହାର ନିନ୍ଦା କରିଥିଲେ । ଜୟପୁର ଓ ପାରଳାଖେମୁଣ୍ଡି ବ୍ୟତୀତ ସୀମା କମିଶନ୍ ଓଡ଼ିଆଭାଷୀ ଅଞ୍ଚଳ ଭିତରୁ ଉଦ୍ୟାନ ଖଣ୍ଡି, ବୁଡ଼ାରସିଂହ ଜଳନ୍ତର, ମଞ୍ଜୁଷା, ତରଳା, ଟିକାଲି, ୬୦ ଖଣ୍ଡି ଓଡ଼ିଆ ଗ୍ରାମ ସମେତ ଇଚ୍ଛାପୁର ଓ ଚିକିଟିକୁ ବାଦ୍‌ଦେଇ ଅବଶିଷ୍ଟ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଓଡ଼ିଶାସହିତ ମିଶ୍ରଣପାଇଁ ସୁପାରିଶ କରିଥିଲେ । ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ୍‌ଦେଇ ଅବଶିଷ୍ଟ ଓଡ଼ିଆଭାଷୀ ଅଞ୍ଚଳକୁ ଓଡ଼ିଶାସହିତ ମିଶ୍ରଣକୁ ମଧ୍ୟ ତେଲୁଗୁମାନେ ଶେଷ ପର୍ଯ୍ୟନ୍ତ ବାଧା ଦେଇଥିଲେ । ଯାହାହେଉ ନିଜେ ପାରଳାଖେମୁଣ୍ଡି ମହାରାଜା, ଖଲିକୋଟ ରାଜା, ଭୁବନାନନ୍ଦ ଦାସ ଓ ଶ୍ରୀ.କେ.ଏସ୍.ନାଇଡୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଲଣ୍ଡନ ଯାଇ ଜୟପୁର ଓ ପାରଳାଖେମୁଣ୍ଡି ଓଡ଼ିଶାସହିତ



Digitized by srujanika@gmail.com

ମିଶ୍ରଣପାଇଁ ଶେଷ ଚେଷ୍ଟା କରିଥିଲେ । ଶେଷରେ ପାରଳାଖେମଣ୍ଡି ମହାରାଜା ପାରଳାଖେମଣ୍ଡି ସହର ସମେତ ଏହାର ଶତକଡ଼ା ୩୦ ଭାଗ ମାତ୍ର ଓଡ଼ିଶା-ସହିତ ମିଶାଇ ଅନ୍ୟ ଦୁଇତୃତୀୟାଂଶ ଛାଡ଼ି ଦେବାକୁ ରାଜି ହେବାପରେ ବ୍ରିଟିଶ ସରକାରଙ୍କଦ୍ୱାରା ନିଯୁକ୍ତ ପାର୍ଲିଆମେଣ୍ଟାରୀ କମିଟି ତାକୁ ଗ୍ରହଣ କରନେଲେ ଏବଂ ନୂତନ ଓଡ଼ିଶା ପ୍ରଦେଶର ସୀମାସମ୍ପର୍କରେ ଶେଷ ନିଷ୍ପତ୍ତି ସମ୍ଭବ ହେଲା ।

ସମଗ୍ର ଗଞ୍ଜାମ ଅଧିବାସୀ, ରାଜା, ମହାରାଜା, ଶ୍ରେଷ୍ଠ ବଡ଼ ଜମିଦାର, ବୁଦ୍ଧିଜୀବୀ ଓ ରାଜନୈତିକ ଦଳର ବିଶିଷ୍ଟ କର୍ମୀମାନେ ମିଳିତଭାବରେ ଏକ ଶତାବ୍ଦୀ ବ୍ୟାପୀ ନିଜର ଦାବି ପୂରଣପାଇଁ ଯେଉଁ ନିରବଚ୍ଛିନ୍ନ ସଂଗ୍ରାମ ଚଳେଇ ଥିଲେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆନ୍ଦୋଳନ ଇତିହାସରେ ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

## ମେଦିନୀପୁର :

ପୂର୍ବରୁ ସୂଚନା ଦିଆଯାଇଛି ଯେ ୧୭୬୫ ମସିହାରେ ଇଷ୍ଟ୍ ଇଣ୍ଡିଆ କମ୍ପାନି ବଙ୍ଗଳା, ବିହାର ଓ ଓଡ଼ିଶାର ଦେଓ୍ୱାନି ପାଇଲେ । ସେତେବେଳେ ମେଦିନୀପୁର ଜିଲ୍ଲାକୁ ଓଡ଼ିଶା ବୋଲି କୁହାଯାଉଥିଲା । ସେହି ଦିନ-ଠାରୁ ମେଦିନୀପୁର ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ବଙ୍ଗଳାସହିତ ରହିଲା । ଇଂରେଜମାନେ ସମଗ୍ର ଓଡ଼ିଶାକୁ ଅଧିକାର କରିନେବା ପରେ ୧୮୫୪ ମସିହାରେ ବଙ୍ଗ ସରକାର ଘୋଷଣା କଲେ ଯେ ମେଦିନୀପୁର ବଙ୍ଗପ୍ରଦେଶର ବର୍ଦ୍ଧମାନ ଡିଭିଜନ୍‌ର ଅନ୍ତର୍ଭୁକ୍ତ ହେବ ଏବଂ କଟକ ଡିଭିଜନ୍ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ନେଇ ଗଠିତ ହେବ । ସେହିଦିନଠାରୁ ମେଦିନୀପୁର ଓଡ଼ିଆଭାଷୀଙ୍କଠାରୁ ବିଚ୍ଛିନ୍ନ ହୋଇ ବଙ୍ଗଳାସହିତ ରହିଲା । ବ୍ରିଟିଶ ସରକାରଙ୍କ ୧୭୯୩ ମସିହା ରେଗୁଲେସନ ଅନୁସାରେ ମେଦିନୀପୁରର କଚେରି ଓ ଅନ୍ୟାନ୍ୟ ସରକାରୀ ଅଫିସରେ ବଙ୍ଗଳାଭାଷା ପ୍ରଚଳିତ ହେଲା ଏବଂ ଓଡ଼ିଆଭାଷା ଉଠାଇ ଦିଆହେଲା । ମୋଗଲ ଓ ମରହଟ୍ଟା ଶାସନ କାଳରେ ମେଦିନୀପୁର ଜିଲ୍ଲାରେ ପାର୍ସି ଭାଷାସହିତ ଓଡ଼ିଆ ସରକାରୀ ଭାଷାରୂପେ ସ୍ୱୀକୃତ ହୋଇଥିଲା । ୧୮୩୬ ମସିହାରେ ହିଜଳି ଯେତେବେଳେ ମେଦିନୀପୁରସହିତ ମିଶିଲା ସେଠାରେ ବଙ୍ଗଳା ଭାଷା ପ୍ରବର୍ତ୍ତିତ ହେଲା । ସରକାରୀ ଭାଷାରୂପେ ଓଡ଼ିଆଭାଷାକୁ ଉଠାଇ ଦିଆଯିବାରୁ ଓଡ଼ିଆଭାଷୀଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଲା ।

୧୯୦୩ ମସିହାରେ ଭାରତ ସରକାରଙ୍କ ରିଜ୍‌ଲେ ସର୍କୁଲାର୍‌ରେ ଯେତେ-ବେଳେ ବଙ୍ଗଳା ଅନ୍ତର୍ଭୁକ୍ତ ଓଡ଼ିଆଭାଷୀସହିତ ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ଅନ୍ତର୍ଭୁକ୍ତ



Digitized by srujanika@gmail.com

ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ମିଶାଇବା କଥା ପ୍ରଥମେ କୁହାଗଲା ସେତେବେଳେ ମେଦିନୀପୁର ବିଷୟ ସେଥିଭିତରେ ନ ଥିଲା । ସେହି ସମୟରେ 'ଉତ୍କଳ ସମ୍ମିଳନୀ' ଆରମ୍ଭ ହେଲା ଏବଂ ସମ୍ମିଳନୀକୁ ମେଦିନୀପୁର ଜିଲ୍ଲାର ୧୦ଜଣ ପ୍ରତିନିଧି ଯାଇଥିଲେ । ମାତ୍ର ସେଠାରେ ମେଦିନୀପୁର ଜିଲ୍ଲାର ଓଡ଼ିଆଭାଷୀ ଅଞ୍ଚଳର ଓଡ଼ିଶା ଉଭିଜନ୍‌ସହିତ ମିଶ୍ରଣସମ୍ପର୍କରେ ଆଲୋଚନା ହେଲା ନାହିଁ, ବରଂ ସେଠାରେ ଓଡ଼ିଆ ଭାଷା କିପରି ରକ୍ଷା ହେବ ତାହା ହିଁ ଆଲୋଚ୍ୟ ବିଷୟ ଥିଲା । ଉତ୍କଳ ସମ୍ମିଳନୀର ଦୁଇଟି ଶାଖା ମେଦିନୀପୁରରେ ସ୍ଥାପିତ ହୋଇଥିଲା । ୧୯୧୨ ମସିହାରେ ବିହାର ଓଡ଼ିଶା ପ୍ରଦେଶ ଗଠିତ ହେଲା; ମାତ୍ର ସେଥିରେ ଓଡ଼ିଶା ଉଭିଜନ୍‌ସହିତ ମେଦିନୀପୁର ଜିଲ୍ଲା ମିଶିଲା ନାହିଁ । ଏଥିପାଇଁ ମେଦିନୀପୁର ଜିଲ୍ଲାରେ ବା ଓଡ଼ିଶାରେ ଅନ୍ୟତ୍ର କୌଣସି ଆନ୍ଦୋଳନ ହୋଇ ନ ଥିଲା । ୧୯୧୬ ମସିହାରେ ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ ମେଦିନୀପୁର ଜିଲ୍ଲାର ଓଡ଼ିଆ ଅଞ୍ଚଳଗୁଡ଼ିକୁ ଓଡ଼ିଆଭାଷୀ ଅଞ୍ଚଳସହିତ ମିଶାଇ ଦେବାପାଇଁ ସରକାରଙ୍କଠାରେ ଦାବି କରାଯାଇଥିଲା ।

୧୯୧୭ ମସିହାରେ ମଣ୍ଟେଗୁ-ଚେମ୍‌ସ୍‌ଫୋର୍ଡ଼ ଓଡ଼ିଶା ପରିଦର୍ଶନ କଲାବେଳେ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଅନ୍ୟ ପାଞ୍ଚ ଜଣ ନେତାଙ୍କ ଦସ୍ତଖତରେ ତାଙ୍କୁ ଗୋଟିଏ ସ୍ମାରକପତ୍ର ଦିଆଯାଇଥିଲା ଏବଂ ସେଥିରେ କୁହାଯାଇଥିଲା ଯେ ମେଦିନୀପୁର ଜିଲ୍ଲାର ଯେଉଁସବୁ ଅଞ୍ଚଳ ହସ୍ତାନ୍ତର କରିଦେବାପାଇଁ ପ୍ରସ୍ତାବ କରାଯାଉଛି ସେହି ଅଞ୍ଚଳସବୁ ବାଲେଶ୍ୱର ଜିଲ୍ଲା ସୀମା ନିକଟରେ ଦକ୍ଷିଣ ଦିଗରେ ଅବସ୍ଥିତ । ଏହି ଓଡ଼ିଆଭାଷୀ ଅଞ୍ଚଳର ଲୋକସଂଖ୍ୟା ୨,୭୦,୦୦୦ ଏବଂ ଏହି ଅଞ୍ଚଳ ମେଦିନୀପୁର ଜିଲ୍ଲାର ଦକ୍ଷିଣ ଦିଗରେ ଦାନ୍ତନ, ଗୋପୀବଲ୍ଲଭପୁର, ଇଗ୍ରା, ରାମନଗର, କଣ୍ଟାଇ, ପଟାସପୁର, ଝାଡ଼ଗାଁ ଓ ନାରାୟଣଗଡ଼ ଥାନାମାନଙ୍କରେ ଅବସ୍ଥିତ । ୧୯୨୦ ମସିହାରେ ଡକ୍ଟର ସଚ୍ଚିଦାନନ୍ଦ ସିଂହ ଭାରତୀୟ ବିଧାନ ପରିଷଦ୍‌ରେ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ସମ୍ପର୍କରେ ଗୋଟିଏ ପ୍ରସ୍ତାବ ଆଗତ କଲେ ଏବଂ ତାପରେ ବଙ୍ଗଳା ସରକାର ମେଦିନୀପୁରର ଓଡ଼ିଆଭାଷୀ ଅଞ୍ଚଳ ସମ୍ପର୍କରେ ଅନୁସନ୍ଧାନ କରିବାପାଇଁ ବ୍ୟବସ୍ଥା କଲେ । ଏହି ସମୟରେ ମେଦିନୀପୁରର ଜିଲ୍ଲାମାଜିଷ୍ଟ୍ରେଟ୍ ମେଦିନୀପୁର ଜିଲ୍ଲାର ଥାନା ରାମନଗର ଓ ଅନ୍ୟ କେତେକ ସ୍ଥାନରେ ସର୍ଭେ କରିଥିଲେ । ବଙ୍ଗଳା ସରକାର ୧୯୨୨ରେ ତାଙ୍କ ମତ ପ୍ରକାଶ କରି କହିଥିଲେ ଯେ ଏହି ଅଧିବାସୀମାନେ ବଙ୍ଗଳାରେ ବହୁ ଦିନ ପର୍ଯ୍ୟନ୍ତ ରହିଥିବାରୁ ସେମାନଙ୍କ ଚଳଣି ଓ ସାମାଜିକ ରୀତିପଦ୍ଧତି ପରମ୍ପରାଠାରୁ ଭିନ୍ନ ଏବଂ



Digitized by srujanika@gmail.com

ସେମାନେ ବଙ୍ଗଳାରୁ ଅଲଗା ହୋଇ ଯିବାକୁ ଇଚ୍ଛୁ ନାହାନ୍ତି । ସେତେବେଳେ ୭୦ ବର୍ଷରୁ ଅଧିକ କାଳ କଚେରି, ଅଫିସ ଓ ସ୍କୁଲରେ ବଙ୍ଗଳା ଶିଖିବାକୁ ବାଧ ହୋଇ ଓଡ଼ିଆଙ୍କ ସଂଖ୍ୟା ୧୮୯୧ ମସିହାରେ ୫,୭୨,୭୯୮ରୁ ୧୯୧୧ ମସିହା ଜନଗଣନାରେ ୧,୧୧,୮୦୧ କୁ ହ୍ରାସ ପାଇଥିଲା ।

## ମେଦିନୀପୁର ଜନଗଣନାରେ ଓଡ଼ିଆଙ୍କ ସଂଖ୍ୟାରେ କାରସାଦି :

ମେଦିନୀପୁର ଜିଲାରେ ତିନୋଟି ଜନଗଣନାରେ ଓଡ଼ିଆଙ୍କ ସଂଖ୍ୟା ଯେପରି ଦ୍ରୁତ ଗତିରେ ହ୍ରାସ ପାଇବାରେ ଲଗିଲା ତାହା ଅତ୍ୟନ୍ତ ବିସ୍ମୟକର । ୧୮୯୧ ମସିହାରେ ମେଦିନୀପୁର ଜିଲାରେ ଓଡ଼ିଆଙ୍କ ସଂଖ୍ୟା ୫,୭୨,୭୯୮ ବୋଲି ଲିପିବଦ୍ଧ କରାଯାଇଥିଲା । ଏହାର ୧୦ ବର୍ଷପରେ ୧୯୦୧ ଜନଗଣନାରେ ଓଡ଼ିଆଙ୍କ ସଂଖ୍ୟା ହେଲା ୨,୭୦,୪୯୨ ଏବଂ ୧୯୨୧ ଜନଗଣନାରେ ସେମାନଙ୍କ ସଂଖ୍ୟା ୧,୧୧,୮୦୧କୁ ହ୍ରାସ ପାଇଲା । ଓଡ଼ିଆଙ୍କ ସଂଖ୍ୟା ଏପରି ଦ୍ରୁତଗତିରେ ହ୍ରାସ ପାଇବାର ଅନେକ କାରଣ ଥିଲା । ପ୍ରଥମତଃ ଓଡ଼ିଆଙ୍କ ସଂଖ୍ୟା ଠିକ୍‌ଭାବରେ ଗଣନା କରିବା ଦିଗରେ ଓଡ଼ିଆଙ୍କ ପକ୍ଷରୁ ସେପରି କିଛି ସଂଗଠିତ ଆନ୍ଦୋଳନ ହୋଇ ନ ଥିଲା । ଉତ୍କଳ ସମ୍ମିଳନୀ ପକ୍ଷରୁ ବା ମେଦିନୀପୁର ଓଡ଼ିଆଙ୍କ ପକ୍ଷରୁ ମଧ୍ୟ ଏ ଦିଗରେ ବ୍ୟାପକଭାବରେ କିଛି ଉଦ୍ୟମ ହୋଇ ନ ଥିଲା । ସେତେବେଳକୁ ୧୦୦ ବର୍ଷରୁ ଅଧିକ କାଳ ମେଦିନୀପୁର ଜିଲାର ଶିକ୍ଷାନୁଷ୍ଠାନ, ଅଫିସ ଓ କଚେରିରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ କରି ଓଡ଼ିଆଭାଷୀ ଅଞ୍ଚଳକୁ ବଙ୍ଗଳାଭାଷୀ ଅଞ୍ଚଳରେ ପରିଣତ କରିବାପାଇଁ ଯେଉଁ ଉଦ୍ୟମ କରାଯାଇଥିଲା ତାହା ଯେ ଫଳପ୍ରଦ ହେଲା ଏହି ଜନଗଣନା ରିପୋର୍ଟରୁ ତାହା ପ୍ରମାଣିତ ହେଲା । ବିଭିନ୍ନ ଜନଗଣନା ବେଳେ ବଙ୍ଗାଳୀ ଜନଗଣନାକାରୀ କର୍ମଚାରୀଙ୍କ କାରସାଦି ଯୋଗୁ ତଥା କେତେକ କ୍ଷେତ୍ରରେ ଓଡ଼ିଆଙ୍କ ବ୍ୟକ୍ତିଗତ ଉପାଧି-ମାନଙ୍କ ପରିବର୍ତ୍ତନ କରି ଦିଆଯାଇଥିବାରୁ ଓଡ଼ିଆଙ୍କ ସଂଖ୍ୟା ହ୍ରାସ ପାଇଥିଲା । ମାତ୍ର ଜନଗଣନାରେ ଅନେକ ଓଡ଼ିଆ ଯେ ନିଜକୁ ଓଡ଼ିଆ ବୋଲି ଲେଖାଇବାକୁ ଇଚ୍ଛୁ ନ ଥିଲେ ଏହା ନିଶ୍ଚିତ ।

ମେଦିନୀପୁର ଜିଲା ମାଜିଷ୍ଟ୍ରେଟ୍ ଏଚ.ଭି. ନେଲେ ତାଙ୍କ ମେଦିନୀପୁର ସ୍ମାରକ ଲିପିରେ ୧୮୫୨ ମସିହାରେ ଉଲ୍ଲେଖ କରିଥିଲେ ଯେ "ମେଦିନୀପୁର ଜିଲାର ଅଧିକାଂଶ ଭାଗ ଲୋକସଂଖ୍ୟା ଓଡ଼ିଆ । ବାହାରୁ ଆସିଥିବା ବଙ୍ଗାଳୀମାନଙ୍କ ସଂଖ୍ୟା ଅଳ୍ପ । ସବୁ ଶ୍ରେଣୀର ଲୋକଙ୍କ ଭିତରେ ବେହେରା, ଗିରି, ଜେନା, ମହାପାତ୍ର, ମହାକୁଡ଼, ମହାନ୍ତି, ପଣ୍ଡା ଓ ପଟ୍ଟନାୟକ ପ୍ରଭୃତି ଓଡ଼ିଆ ସଂଜ୍ଞାଧାରୀ ପରିବାରର ଲୋକ ଥିଲେ । ଏହା ବ୍ୟତୀତ ମେଦିନୀପୁରର ଅନେକ



Digitized by srujanika@gmail.com

ଜାତି ଅଛନ୍ତି ଯେଉଁମାନେ କି କେବଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛନ୍ତି, ମାତ୍ର ବଙ୍ଗଳାରେ ସେଭଳି ସଂଜ୍ଞା ଥିବା ପରିବାର ଦେଖାଯାଆନ୍ତି ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ୧୯୧୧ ମସିହା ଜନଗଣନାରେ ମେଦିନୀପୁର ଜିଲ୍ଲାରେ ୫୯,୦୦୦ ଜଣ ରାଜୁ, ୪୯,୩୮୯ ଜଣ କରଣ, ୩୯,୮୯୫ ଜଣ କଣ୍ଡରା, ୪୪,୨୩୩ ଜଣ ଭୂମିଜ, ୨୮, ୪୯୦ ଜଣ ସୁକଲି, ୨୭,୬୨୫ ଜଣ କସ୍ତୁା ଓ ୩୬, ୩୭୫ ଜଣ କଣ୍ଡରା ଜାତିର ଲୋକଥିଲେ ବୋଲି ଲିପିବଦ୍ଧ ହୋଇଛି । ଏମାନଙ୍କ ଭିତରୁ ରାଜୁ ଓ କସ୍ତୁାମାନେ ମେଦିନୀପୁର ନିକଟବର୍ତ୍ତୀ ବାଲେଶ୍ୱର ଜିଲ୍ଲାରେ ଅଛନ୍ତି ଏବଂ ଅନ୍ୟ ଜାତିର ଲୋକେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛନ୍ତି । ମାତ୍ର ଏମାନଙ୍କ ଭିତରୁ କୌଣସି ଜାତିର ଲୋକ ବଙ୍ଗପ୍ରଦେଶରେ ନାହାନ୍ତି । ଡକ୍ଟର ଗ୍ରିଅରସନ୍ ତାଙ୍କ ପ୍ରଣୀତ "ଭାରତୀୟ ଭାଷା ସର୍ଭେ" ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ମେଦିନୀପୁର ଜିଲ୍ଲାର ଜାତି ଓ ଭାଷା ଦୃଷ୍ଟିରୁ ପ୍ରକୃତରେ ଓଡ଼ିଆ । ଓଡ଼ିଆଙ୍କ ଭିତରୁ ଗୋଟିଏ ଜାତିର ଲୋକଙ୍କୁ କୈବର୍ତ୍ତ ବୋଲି କୁହାଯାଏ । ମାତ୍ର ୧୯୦୧ ଜନଗଣନାରେ ସେମାନଙ୍କୁ ମାହିଷ୍ୟ ବୋଲି ଲିପିବଦ୍ଧ କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ଜନଗଣନାରେ ମହାନ୍ତିଙ୍କୁ ମାଇତି, ଜେନାଙ୍କୁ ଜାନା, ସାମଲଙ୍କୁ ସାସମଲ ବୋଲି ବଦଳାଇ ବଙ୍ଗଳା ସଂଜ୍ଞା ଧାରଣ କରି ଦିଆଯାଇଥିଲା ।

ଓଡ଼ିଆଭାଷୀଙ୍କର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସ୍ମାରକଲିପିରେ ଦର୍ଶାଯାଇଥିଲା ଯେ ମେଦିନୀପୁର ଜିଲ୍ଲାର ଜନଗଣନାରେ ଓଡ଼ିଆଙ୍କର ଯେଉଁ ସଂଖ୍ୟା ଲିପିବଦ୍ଧ କରାଯାଇଛି ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ ନୁହେଁ । ଯେଉଁସବୁ ଅଞ୍ଚଳକୁ ଓଡ଼ିଆଭାଷୀ ଅଞ୍ଚଳ ବୋଲି ଦାବି କରାଯାଉଛି ତାହା କେବଳ ଭାଷା ଦୃଷ୍ଟିରୁ ବିଚାର ନ କରି ଐତିହାସିକ, ଭୌଗୋଳିକ, ସାଂସ୍କୃତିକ ଓ ଅର୍ଥନୈତିକ ଦୃଷ୍ଟିରୁ ବିଚାର କରାଯିବା ଆବଶ୍ୟକ । ଦକ୍ଷିଣ ପଶ୍ଚିମ ମେଦିନୀପୁର ଲୋକଙ୍କ ଭାଷା ଓଡ଼ିଆ ବ୍ୟତୀତ ଅନ୍ୟ କିଛି ନୁହେଁ । ଗତ ଶତାବ୍ଦୀର ମଧ୍ୟଭାଗରେ ଏହି ଅଞ୍ଚଳରେ କେବଳ ଓଡ଼ିଆ ସ୍କୁଲ ଥିଲା ବୋଲି ବଙ୍ଗଳା, ବିହାର ଓ ଓଡ଼ିଶାରେ ଭର୍ଣ୍ଣାକୁଲାର ଶିକ୍ଷାସଂପର୍କରେ ଜନ୍ ଆଡାମ୍ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଷ୍ଟର୍ଲିଂଙ୍କ ଓଡ଼ିଶାର ଭୌଗୋଳିକ ଓ ଐତିହାସିକ ସମ୍ବନ୍ଧୀୟ ବିବରଣୀରେ ମଧ୍ୟ ଉଲ୍ଲେଖ କରାଯାଇଛି ଯେ ମେଦିନୀପୁର ଲୋକଙ୍କ ଭାଷା ଓଡ଼ିଆ ଥିଲା । ମେଦିନୀପୁରର ତତ୍‌କାଳୀନ କଲେକ୍ଟର୍ ବେଲି ତାଙ୍କ ପ୍ରଣୀତ "ମେଦିନୀପୁର ସ୍ମାରକଲିପି"ରେ ଏହି ଜିଲ୍ଲାର ଲୋକଙ୍କ କଥିତ ଭାଷା, ଚଳଣି, ପର୍ବ ପର୍ବାଣି, ରାଜସ୍ୱ ପଦ୍ଧତି, ଜାତି, ଗୋତ୍ର ଦୃଷ୍ଟିରୁ ବିଚାର



Digitized by srujanika@gmail.com

କରି ହୁଗଲି ଓ ଦକ୍ଷିଣ ମେଦିନୀପୁର ଓଡ଼ିଶାକୁ ହସ୍ତାନ୍ତର କରିଦେବାପାଇଁ ପ୍ରସ୍ତାବ ଦେଇଥିଲେ । ଡକ୍ଟର ଗ୍ରିଅରସନ୍ ବିସ୍ତୃତ ସର୍ଭେ ଓ ବ୍ୟକ୍ତିଗତ ଅନୁସନ୍ଧାନ ପରେ ମତ ପ୍ରକାଶ କରିଛନ୍ତି ଯେ ଦକ୍ଷିଣ ପଶ୍ଚିମ ମେଦିନୀପୁରର ଭାଷା ଓଡ଼ିଆ । ସାର ୱିଇଲିୟମ ହଣ୍ଟରଙ୍କ ପ୍ରଣୀତ 'ଓଡ଼ିଶା' ପୁସ୍ତକରେ ମେଦିନୀପୁର ସଂବନ୍ଧୀୟ ଏହି ତଥ୍ୟକୁ ସମର୍ଥନ କରାଯାଇଛି । ତାଙ୍କ ବ୍ୟତୀତ ଓମାଲେ ତାଙ୍କ ଲିଖିତ ମେଦିନୀପୁର ଗେଜେଟିୟର୍‌ରେ ଏବଂ ମନମୋହନ ଚକ୍ରବର୍ତ୍ତୀ ଓ ରାଖାଲ ଦାସ ବାନର୍ଜି ପ୍ରମୁଖ ମଧ୍ୟ ସେହିଭଳି ମତ ପ୍ରକାଶ କରିଛନ୍ତି ।

ମେଦିନୀପୁର ଜିଲାରେ ଲୋକଙ୍କ ଡାକ ନାମ, ଜାତିର ନାମ, ଗାଁ ଓ ସାହିର ନାମ କେବଳ ଓଡ଼ିଶାରେ ହିଁ ପ୍ରଚଳିତ । ବଙ୍ଗଳାରେ ଏଗୁଡ଼ିକର ପ୍ରଚଳନ ନାହିଁ । ଏଠାରେ ବ୍ରତ, ବିବାହ ଓ ମୃତ୍ୟୁପରେ ଶ୍ରାଦ୍ଧ ଆଦି ସମୟରେ ଯେଉଁ ପଦ୍ଧତି ଅନୁସରଣ କରାଯାଏ ବଙ୍ଗପ୍ରଦେଶର ପ୍ରଚଳିତ ପଦ୍ଧତିସହିତ ତାର ସଂପର୍କ ନାହିଁ । ଓଡ଼ିଶାରେ ହିଁ ସେହିସବୁ ପଦ୍ଧତି ପ୍ରଚଳିତ । ମେଦିନୀପୁର ଜିଲାରେ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ପରି ସୁନିଆଠାରୁ ବର୍ଷ ଆରମ୍ଭ ହୋଇଥାଏ । ଏହି ଜିଲାରେ ବହୁ ଅଞ୍ଚଳରେ ଜଗନ୍ନାଥ ଦାସଙ୍କ ପ୍ରଣୀତ ଓଡ଼ିଆ ଭାଗବତ ଘରେ ଘରେ ପଢ଼ା ଯାଇଥାଏ । ପ୍ରଥମେ ଓଡ଼ିଆ ଭାଷାରେ ଲିଖିତ ଭାଗବତ ପଢ଼ାଯାଉଥିଲା । ମାତ୍ର ସରକାର ଓଡ଼ିଆ ଭାଷା ଉଠାଇ ଦେବାରୁ ବଙ୍ଗଳା ଅକ୍ଷରରେ ଲିଖିତ ଓଡ଼ିଆ ଭାଗବତ ଏଠାରେ ପଢ଼ା ହେଲା ।

## ଓଡ଼ିଆ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ମେଦିନୀପୁରରେ ବିରୋଧ :

ଓଡ଼ିଆ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ଓଡ଼ିଶାସହିତ ମେଦିନୀପୁର ଜିଲା ଅନ୍ତତଃ ଦକ୍ଷିଣ ମେଦିନୀପୁର ଅଞ୍ଚଳର ମିଶ୍ରଣପାଇଁ ଯେପରି ତତ୍ପରତା ପ୍ରକାଶ ପାଇଲା, ମେଦିନୀପୁର ଜିଲାରେ ଏହି ମିଶ୍ରଣ ବିରୁଦ୍ଧରେ ସେହିପରି ବିରୋଧ ଭାବ ବୃଦ୍ଧି ପାଇଲା । ଓଡ଼ନେଲ୍ କମିଟି ବା ନୂତନ ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ କମିଟି ସାକ୍ଷ୍ୟ ଗ୍ରହଣପାଇଁ ଗସ୍ତ କରିବା ପୂର୍ବରୁ ୧୯୩୧ ମସିହାରେ ଯେଉଁ ଜନଗଣନା ହେଲା ସେହି ସମୟରେ ଓଡ଼ିଆ ଆନ୍ଦୋଳନ ନେତାମାନେ ସନ୍ଦିଗ୍ଧ ହୋଇଥିଲେ । ସେହି ବର୍ଷ ପାରଳାଖେମଣ୍ଡି ମହାରାଜା ଲଣ୍ଡନରେ ଅନୁଷ୍ଠିତ ପ୍ରଥମ ଗୋଲ ଟେବୁଲ ବୈଠକରେ ପ୍ରସ୍ତାବିତ ନୂତନ ଓଡ଼ିଶା ପ୍ରଦେଶ ଗଠନ ସଂବନ୍ଧରେ ଯେଉଁ ଦୃଢ଼ ଦାବି ଉପସ୍ଥାପିତ କଲେ ସେଥିରେ ମେଦିନୀପୁର



Digitized by srujanika@gmail.com

ଓଡ଼ିଆଙ୍କ ଭିତରେ ବିଶେଷ ଉତ୍ସାହ ପ୍ରକାଶ ପାଇଲା ଏବଂ ସେମାନେ ସଂଗଠିତ-ଭାବରେ ଐକ୍ୟବଦ୍ଧ ହୋଇ କାର୍ଯ୍ୟ କରିବାପାଇଁ ତତ୍ପର ହେଲେ । ସେହି ସମୟରେ କଟକରୁ ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀନାରାୟଣ ସାହୁ ମେଦିନୀପୁରରେ ରହି ଓଡ଼ିଶାସହିତ ମିଶ୍ରଣ ସପକ୍ଷରେ ଓଡ଼ିଆଙ୍କ ଭିତରେ ପ୍ରଚାର କରିଥିଲେ । ୧୯୩୧ ମସିହା ମାର୍ଚ୍ଚ ମାସରେ ମେଦିନୀପୁରର ହେମଚନ୍ଦ୍ର ତ୍ରିପାଠୀ, ଚୌଧୁରୀ ରାମଚନ୍ଦ୍ର ସାହା, ସୁରେନ୍ଦ୍ର ନାଥ ମୁଖୋପାଧ୍ୟାୟ, ପ୍ରୀତିର ଚନ୍ଦ୍ର ଦାସ, ଭୂୟାଁ ମହେଶ ଚନ୍ଦ୍ର ଦାସ ମହାପାତ୍ର, ସତୀଶ ଚନ୍ଦ୍ର ମାଇତି, ଜାନକୀନାଥ ଦାସ ପ୍ରମୁଖ ଦାନ୍ତନର ବିଶିଷ୍ଟ ବ୍ୟକ୍ତିମାନେ 'ଉତ୍କଳ-ଦୀପିକା'ରେ ଏକ ପତ୍ରରେ ଲେଖିଥିଲେ ଯେ "ଆମର ବର୍ତ୍ତମାନ ପରିସ୍ଥିତିରୁ ସୂଚନା ମିଳୁଛି ଯେ ଆମେ ଆଉ ଅଧିକ କାଳ ଆମର ସ୍ୱତନ୍ତ୍ର ପରିଚୟ ରକ୍ଷା କରିପାରିବୁ ନାହିଁ । ଆମେ ଆଉ ଗୋଟିଏ ଜାତିରେ ପରିଣତ ହୋଇଯିବୁ ଏବଂ ଆଉ ଗୋଟିଏ ଭାଷାରେ କଥାବାର୍ତ୍ତା କରିବୁ । ଆମର ଯଥାର୍ଥ ଦାବି ବର୍ତ୍ତମାନ ପୂରଣ ନ ହେଲେ ଆମେ ଚିରଦିନ ଅପଦସ୍ଥ ହୋଇ କାଳ କାଟିବୁ ଏବଂ ସ୍ୱାଧୀନତା ହରାଇବୁ ।"

୧୯୩୧ ମସିହା ମଇ ମାସରେ ଓଡ଼ିଶାରେ ଅନୁଷ୍ଠିତ ସର୍ବଦଳ ସମ୍ମିଳନୀ ମେଦିନୀପୁରର ଓଡ଼ିଆଙ୍କ ଭିତରେ ପ୍ରଚାର କରିବାପାଇଁ ମୁକୁନ୍ଦ ପ୍ରସାଦ ଦାସଙ୍କୁ ପଠେଇଥିଲେ ଏବଂ ପାଣ୍ଠି ସଂଗ୍ରହପାଇଁ ବ୍ୟବସ୍ଥା କଲେ । ସୀମା କମିଶନ୍‌ଙ୍କ ଗଠନକ୍ରମ ପ୍ରକାଶ ପାଇଲା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମେଦିନୀପୁରରେ ଓଡ଼ିଆଙ୍କ ଭିତରେ ପ୍ରଚାର କାର୍ଯ୍ୟ ଚଳେଇବାପାଇଁ ନନ୍ଦକିଶୋର ଦାସଙ୍କୁ ପଠାଯାଇଥିଲା । ତାଙ୍କ ବ୍ୟତୀତ ପଣ୍ଡିତ ନୀଳକଣ୍ଠ ଦାସ, ନିରଞ୍ଜନ ପଟ୍ଟନାୟକ ଯଦୁମଣି ମଙ୍ଗରାଜ, ଲକ୍ଷ୍ମୀନାରାୟଣ ସାହୁ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖ ମଧ୍ୟ ମେଦିନୀପୁର ଯାଇ ପ୍ରଚାର କରିଥିଲେ । ଜାତୀୟ କବି ବାଞ୍ଛାନିଧି ମହାନ୍ତି ଭ୍ରାମ୍ୟମାଣ କବିଭାବେ ବୁଲି ବୁଲି ସେଠାରେ ପ୍ରଚାର କରିଥିଲେ । ମେଦିନୀପୁରର ଗଠିତ "ମେଦିନୀପୁର ଉତ୍କଳ ଆସୋସିଏସନ୍" ସେମାନଙ୍କସହିତ ସହଯୋଗ କରିଥିଲେ । ଓଡ଼ିଆଙ୍କ ତତ୍ପରତା ଦେଖି ମେଦିନୀପୁର ମିଶ୍ରଣ ବିରୁଦ୍ଧରେ ବଙ୍ଗାଳୀ-ମାନଙ୍କ ପକ୍ଷରୁ ତୀବ୍ର ପ୍ରଚାର ଚାଲିଲା । ବଙ୍ଗଳାର ସମ୍ବାଦପତ୍ରମାନେ ମେଦିନୀପୁର ବଙ୍ଗଳାରୁ ଅଲଗା ହେବା ପ୍ରସ୍ତାବର ବିରୋଧ କରି ଲେଖାମାନ ପ୍ରକାଶ କଲେ । ମାତ୍ର ସେତେବେଳର ମେଦିନୀପୁରର ବିଶିଷ୍ଟ କଂଗ୍ରେସ ନେତା ବୀରେନ୍ଦ୍ରନାଥ ସାସମଲଙ୍କ ପ୍ରଚାର ମେଦିନୀପୁର ଓଡ଼ିଆମାନଙ୍କୁ ସର୍ବାପେକ୍ଷା ଅଧିକ ପ୍ରଭାବିତ କଲା । ଓଡ଼ିଶାସହିତ ମେଦିନୀପୁର ମିଶ୍ରଣ ବିରୁଦ୍ଧରେ ତାଙ୍କର ମତ ହିଁ ନିଷ୍ପତ୍ତିମୂଳକ ହେଲା । ପୂର୍ବରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଉତ୍କଳମଣି ଗୋପବନ୍ଧୁ



Digitized by srujanika@gmail.com

ସାସମଲଙ୍କ ସଙ୍ଗେ ସାକ୍ଷାତ୍ କରି ମେଦିନୀପୁର ମିଶ୍ରଣ ସପକ୍ଷରେ ମତ ପ୍ରକାଶପାଇଁ ତାଙ୍କୁ ପ୍ରବର୍ତ୍ତାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ସାସମଲ ଭାବିଲେ ଯେ ମେଦିନୀପୁର ବଙ୍ଗଳାସହିତ ରହିଲେ ଦେଶର ରାଜନୀତି କ୍ଷେତ୍ରରେ ସୁଖ୍ୟାତି ଅର୍ଜନ ପାଇଁ ସେ ଅଧିକ ସୁଯୋଗ ପାଇବେ । ଯାହାହେଉ ସୀମା କମିଶନ୍ ମେଦିନୀପୁର ଓଡ଼ିଆମାନଙ୍କ ମତାମତ ଗ୍ରହଣ କରିସାରି ଶେଷରେ ଲେଖିଲେ, "ମେଦିନୀପୁରର ଅଧିକ ଭାଗ ଲୋକ ହସ୍ତାନ୍ତର ବିରୁଦ୍ଧରେ । କେବଳ ଯେ ବଙ୍ଗାଳୀମାନେ ବିରୋଧ କରୁଛନ୍ତି ସେତିକି ନୁହେଁ, ଏ ବିଷୟରେ ଓଡ଼ିଆଙ୍କ ଭିତରେ ମଧ୍ୟ ମତଭେଦ ରହିଛି । କେତେକ କ୍ଷେତ୍ରରେ ସ୍ଥାନୀୟ କଂଗ୍ରେସ କର୍ମୀଙ୍କ ପ୍ରଚାର ଯୋଗୁ ଏହା ହୋଇଛି । ଏଠାରୁ ୧୫ ଲକ୍ଷ ଲୋକଙ୍କର ହସ୍ତାନ୍ତର ହୋଇଗଲେ ବଙ୍ଗଳାର ଏହି ଭାଗରେ ହିନ୍ଦୁ ସଂଖ୍ୟା ଗରିଷ୍ଠତା ହରାଇବେ, ତେଣୁ ହିନ୍ଦୁ ରାଜନୀତିଜ୍ଞମାନେ ଏହା ଚାହାନ୍ତି ନାହିଁ ।" କମିଟିଙ୍କ ମତରେ ଓଡ଼ିଆଙ୍କ ଦାବି କୌଣସିଭାବରେ ସାବ୍ୟସ୍ତ ହେଉ ନାହିଁ । ଏହାପରେ ଓଡ଼ିଆ ନେତାମାନେ ମେଦିନୀପୁର ଫେରି ପାଇବାର ସମସ୍ତ ଆଶା ହରେଇଥିଲେ ।

## ସିଂହଭୂମି :

ପ୍ରସ୍ତାବିତ ନୂତନ ଓଡ଼ିଶା ପ୍ରଦେଶର ସୀମା କମିଶନ୍ (ଓଡ଼ନେଲ୍ କମିଟି) ମେଦିନୀପୁର ଓଡ଼ିଶାରେ ଅନ୍ତର୍ଭୁକ୍ତ ହେବାପାଇଁ ଓଡ଼ିଶାବାସୀଙ୍କ ସର୍ବସମ୍ମତ ଦାବିକୁ ପ୍ରତ୍ୟାଖ୍ୟାନ କରିଦେବା ପରେ ମେଦିନୀପୁର ମିଶ୍ରଣର ଶେଷ ଆଶା ମଉଳି ଯାଇଥିଲା । ଓଡ଼ିଶାବାସୀ ତଥା ମେଦିନୀପୁରବାସୀ ଏଥିରେ କେବଳ ହତାଶ ହୋଇ ରହିଲେ । ମାତ୍ର ସେହି ସୀମା କମିଶନ୍ ସିଂହଭୂମି(ଷଢ଼େଇକଳା ଓ ଖରସୁଆଁ ସମେତ) ଓଡ଼ିଶାସହିତ ମିଶ୍ରଣ ଦାବିକୁ ସେହିଭଳି ଅଗ୍ରାହ୍ୟ କରିଥିଲେ ମଧ୍ୟ ଓଡ଼ିଶାବାସୀ ବହୁ ଦିନ ପର୍ଯ୍ୟନ୍ତ ଆଶା ହରାଇ ନ ଥିଲେ । ଗଡ଼ଜାତ ମିଶ୍ରଣ ସଙ୍ଗେ ସଙ୍ଗେ ଷଢ଼େଇକଳା ଓ ଖରସୁଆଁର ମଧ୍ୟ ମିଶ୍ରଣ ହୋଇଥିଲା । ମାତ୍ର ଅଳ୍ପ ଦିନ ପରେ ପୁଣି ଏହା ବିଚ୍ଛିନ୍ନ ହୋଇଯିବାରୁ ଏହାର ପୁନଃ ମିଶ୍ରଣପାଇଁ ଓଡ଼ିଶାବାସୀଙ୍କ ଭିତରେ ଆଶା ଉଜ୍ଜୀବିତ ହେଲା ଏବଂ ସେଥିପାଇଁ ଏକ ତୀବ୍ର ଆନ୍ଦୋଳନ ମଧ୍ୟ ହୋଇଥିଲା । ଯାହାହେଉ ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ ଆନ୍ଦୋଳନ ଆରମ୍ଭ ହେବା ଦିନଠାରୁ ସ୍ୱତନ୍ତ୍ର ଓଡ଼ିଶାସହିତ ସିଂହଭୂମି ମିଶ୍ରଣପାଇଁ ଅଧିକ ଗୁରୁତ୍ୱ ଦିଆହେଉଥିଲା । ତେଣୁ ଏ ସମ୍ପର୍କରେ ଅଧିକ ବିବରଣୀ ଜାଣିବା ଆବଶ୍ୟକ ବୋଲି ମନେ ହୁଏ ।



Digitized by srujanika@gmail.com

ସିଂହଭୂମି ଜିଲ୍ଲା ତିନୋଟି ଅଂଶକୁ ନେଇ ଗଠିତ—କୋହ୍ଲାଣ, ପୋଡ଼ାହାଟ ଓ ଧଳଭୂମି । ଏଥି ଭିତରୁ ଧଳଭୂମି ଧଳମୁଖ୍ୟଙ୍କ ନାମ ଅନୁସାରେ ନାମିତ ହୋଇଥିଲା । ଭୂମିଜମାନେ ଏହି ବଂଶ ପ୍ରତିଷ୍ଠା କରିଥିଲେ ବୋଲି ଐତିହାସିକମାନେ ଅନୁମାନ କରନ୍ତି । ଏହି ରାଜବଂଶର ପଞ୍ଜିକା ଅନୁଯାୟୀ ସେମାନେ ଓଡ଼ିଶାର ରାଜା ରୁଦ୍ରାଦିତ୍ୟ ଦେବଙ୍କଠାରୁ ଅନୁମତି ନେଇ ଏହି ବଂଶ ପ୍ରତିଷ୍ଠା କରିଥିଲେ ଏବଂ ଓଡ଼ିଶାର ଗଜପତି ରାଜାଙ୍କର ସେମାନେ ଆନୁଗତ୍ୟ ସ୍ୱୀକାର କରନ୍ତି । ୧୭୭୭ ମସିହାରେ ଧଳଭୂମି ଅଞ୍ଚଳ ପ୍ରଥମେ ବ୍ରିଟିଶ ଶାସନାଧୀନ ହେଲା । ୧୮୪୭ ମସିହାରେ ଏହା ସିଂହଭୂମି ଜିଲ୍ଲାକୁ ହସ୍ତାନ୍ତର ହୋଇଥିଲା । ମୁଖ୍ୟତଃ ହୋ ଜାତିର ଆଦିବାସୀଙ୍କଦ୍ୱାରା ଅଧ୍ୟୁଷିତ କୋହ୍ଲାଣ ଅଞ୍ଚଳ ୧୮୨୧ ମସିହାରେ ବ୍ରିଟିଶ ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ପୋଡ଼ାହାଟ ଅଞ୍ଚଳ ଶେଷରେ ବ୍ରିଟିଶ ଶାସନାଧୀନ ହୋଇଥିଲା । ପୋଡ଼ାହାଟ ହିନ୍ଦୁ ରାଜାମାନଙ୍କ ପରମ୍ପରା ଓ ସଂସ୍କୃତିକୁ ଅନୁସରଣ କରି ଆସିଥିଲା । ପୋଡ଼ାହାଟ ରାଜବଂଶଙ୍କର ସମ୍ବଲପୁର ରାଜବଂଶଙ୍କସହିତ ପାରିବାରିକ ସମ୍ପର୍କ ରହିଥିଲା । ୧୮୫୭ ମସିହାରେ ପୋଡ଼ାହାଟର ରାଜା ଅର୍ଜୁନ ସିଂହ ସିପାହୀ ବିଦ୍ରୋହରେ ଯୋଗଦେଇ ଥିଲେ । ୧୮୫୮ରେ ବ୍ରିଟିଶ ସରକାର ଏହି ବିଦ୍ରୋହକୁ ଦମନକରି ପୋଡ଼ାହାଟ ରାଜ୍ୟକୁ ଅଧିକାର କରି ନେଇଥିଲେ । ୧୮୯୨ ମସିହାରେ ସମଗ୍ର ସିଂହଭୂମି ଜିଲ୍ଲା ଛୋଟନାଗପୁର ସବ୍‌ଡିଭିଜନ୍‌ର ଅନ୍ତର୍ଭୁକ୍ତ କରାଯାଇ ବଙ୍ଗପ୍ରଦେଶ ଅଧୀନରେ ରଖାଯାଇଥିଲା । ସିଂହଭୂମି ଜିଲ୍ଲା ବଙ୍ଗପ୍ରଦେଶ ଅଧୀନରେ ରଖାଯାଇଥିଲେ ମଧ୍ୟ ଓଡ଼ିଶା ଡିଭିଜନ୍‌ର ଅନ୍ତର୍ଭୁକ୍ତ କରାଗଲା ନାହିଁ । ଏହା ଫଳରେ ସିଂହଭୂମି ଜିଲ୍ଲାରେ ଓଡ଼ିଆ ଭାଷାପ୍ରତି ଅବହେଳା ପ୍ରଦର୍ଶନ କରାଗଲା । ପୋଡ଼ାହାଟ ଅଞ୍ଚଳରେ ହିନ୍ଦୀ ଭାଷା ଓ ଧଳଭୂମି ଅଞ୍ଚଳରେ ବଙ୍ଗଳା ଭାଷା ପ୍ରବର୍ତ୍ତନ କରାଯିବାରୁ ଓଡ଼ିଆ ଭାଷାର ଗୁରୁତ୍ୱ ବହୁ ପରିମାଣରେ ହ୍ରାସ ପାଇଥିଲା ।

ଖର୍ସୁଆଁ ଓ ଖରସୁଆଁର ରାଜାମାନେ ପ୍ରଥମରୁ ବ୍ରିଟିଶ୍ ସରକାରଙ୍କ ପ୍ରତି ଆନୁଗତ୍ୟ ସ୍ୱୀକାର କରି ଆସିଥିଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହ ବେଳେ ଏହି ଦୁଇ ରାଜ୍ୟର ଶାସକମାନେ ବ୍ରିଟିଶ୍ ସରକାରଙ୍କୁ ସାହାଯ୍ୟ କରିଥିବାରୁ ସେମାନେ ଏହାର ପୁରସ୍କାରସ୍ୱରୂପ ପୋଡ଼ାହାଟର କେତେକ ଅଞ୍ଚଳ ବ୍ରିଟିଶ୍ ସରକାରଙ୍କଠାରୁ ପାଇଥିଲେ । ଏହି ଦୁଇଟି ରାଜ୍ୟ ୧୯୧୬ ମସିହାରେ ଓଡ଼ିଶା ଦେଶୀୟ ରାଜ୍ୟର ନିୟନ୍ତ୍ରଣାଧୀନ ହେଲା ।



Digitized by srujanika@gmail.com

## ସିଂହଭୂମି ଜିଲାରେ ଓଡ଼ିଆ ଆନ୍ଦୋଳନ :

ଓଡ଼ିଆ ଆନ୍ଦୋଳନର ପୀଠଭୂମିଠାରୁ ବହୁ ଦୂରରେ ଅବସ୍ଥିତ ହୋଇ-ଥିବାରୁ ସିଂହଭୂମି ଜିଲାରେ ବହୁ ବିଳମ୍ବରେ ଓଡ଼ିଆ ଆନ୍ଦୋଳନ ବାର୍ତ୍ତା ପହଞ୍ଚିଥିଲା । ୧୯୦୩ ମସିହାରେ କଟକଠାରେ ଉତ୍କଳ ସମ୍ମିଳନୀ ଆରମ୍ଭ ହେବାବେଳେ ସିଂହଭୂମିରେ ଜାତୀୟ ଜାଗରଣର ବାର୍ତ୍ତା ପହଞ୍ଚିପାରି ନ ଥିଲା । ମାତ୍ର ୧୯୦୫ ମସିହାରେ ସମ୍ବଲପୁର ଓଡ଼ିଶା ଭିତରକୁ ଆସିବାବେଳେ ... ଓଡ଼ିଆଙ୍କ ଭିତରେ ଆଶାର ସଞ୍ଚାର ହେଲା ଏବଂ ୧୯୧୨ ମସିହାରେ ଯେତେବେଳେ ବିହାର ଓଡ଼ିଶା ପ୍ରଦେଶ ଗଠିତ ହେଲା ସେହି ସମୟଠାରୁ ଏଠାରେ ଓଡ଼ିଆମାନେ ଓଡ଼ିଆ ଆନ୍ଦୋଳନର ଗୁରୁତ୍ୱ ଉପଲବ୍ଧି କଲେ । ସେହି ବର୍ଷ ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ସିଂହଭୂମି ଜିଲାରେ ଓଡ଼ିଆ ଭାଷାକୁ କଚେରି ଭାଷା ରୂପେ ପ୍ରଚଳନ କରିବାପାଇଁ ଦାବି କରି ପ୍ରସ୍ତାବ ଗୃହୀତ ହୋଇଥିଲା । ପରବର୍ତ୍ତୀ ଅଧିବେଶନମାନଙ୍କରେ ମଧ୍ୟ ଏହି ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆ ଯାଇଥିଲା । ୧୯୧୪ ମସିହାରେ ପ୍ରଚାରକ ଅନନ୍ତ ମିଶ୍ର ଓଡ଼ିଆ ଆନ୍ଦୋଳନର ପ୍ରଚାରପାଇଁ ନିଯୁକ୍ତ ହେଲେ । ୧୯୧୫ ମସିହାରେ ସମ୍ବଲପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନରେ ସିଂହ-ଭୂମି ଜିଲାର କେଉଁଝର ରାଜ୍ୟର ରାଜା ସଭାପତିତ୍ୱ କରିଥିଲେ । ମାତ୍ର ସେତେବେଳକୁ ଖାସ ସିଂହଭୂମିରେ ଉତ୍କଳ ସମ୍ମିଳନୀର କୌଣସି ଅଧିବେଶନ ଅନୁଷ୍ଠିତ ହୋଇ ନ ଥିଲା । କେଉଁଝର ରାଜା ସଭାପତିତ୍ୱ କରିବା ଫଳରେ ସିଂହଭୂମିର ଓଡ଼ିଆଭାଷୀ ଲୋକଙ୍କ ଭିତରେ ବିଶେଷ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି ହେଲା ଏବଂ ସେମାନେ ଓଡ଼ିଆ ଭାଷା ପ୍ରଚାରପାଇଁ ସଂଗଠିତ ହେଲେ । ସେହି ବର୍ଷ ସିଂହଭୂମି ଜିଲା ଓଡ଼ିଆ ଅଧିବାସୀମାନଙ୍କ ପକ୍ଷରୁ ବିହାର ଓଡ଼ିଶା ଲେଫ୍ଟେନାଣ୍ଟଙ୍କୁ ଗୋଟିଏ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସେଥିରେ କୁହାଯାଇଥିଲା ଯେ ସିଂହଭୂମି ଜିଲା ହଜାରିବାଗ କମିଶନରଙ୍କ ଅଧୀନରେ ରଖାଯିବା ପୂର୍ବରୁ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଓଡ଼ିଆ ପଢ଼ା ହେଉଥିଲା । ମାତ୍ର ତା'ପରେ ସରକାରୀ ବିଭାଗମାନଙ୍କରେ ହିନ୍ଦୀଭାଷୀ କର୍ମଚାରୀମାନେ ରହିବାରୁ ସରକାରୀ କାଗଜ ପତ୍ରରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ବ୍ୟବହାର କରାଗଲା । ଧଳଭୂମିରେ ବଙ୍ଗାଳୀ ଅଫିସରମାନେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ କଲେ । ଏପରିଭାବରେ ହିନ୍ଦୀ ଓ ବଙ୍ଗାଳୀ ଅଫିସରମାନଙ୍କ ପ୍ରଭାବରେ ଓଡ଼ିଆ ଭାଷାର ଗୁରୁତ୍ୱ କ୍ରମଶଃ ହ୍ରାସ ପାଇବାରେ ଲାଗିଲା । ଫଳରେ ଗାଁ ଗାଁ କେତେକ ବେସରକାରୀ ସ୍କୁଲରେ ଓଡ଼ିଆ ପଢ଼ା ହେଉଥିଲେ ମଧ୍ୟ ବ୍ୟକ୍ତିବିଶେଷ



Digitized by srujanika@gmail.com

ଓଡ଼ିଆରେ ଦଲିଲମାନ ଲେଖାଉଥିଲେ । ମାତ୍ର ସରକାରୀ ସ୍କୁଲ ଓ କଚେରୀରେ ହିନ୍ଦୀ ଓ ବଙ୍ଗଳା ଭାଷା ପ୍ରାଧାନ୍ୟ ଲାଭ କରିଥିଲା ।

୧୯୧୫ ମସିହାରେ ପ୍ରଚାରକ ଅନନ୍ତ ମିଶ୍ର ଖରସୁଆଁର କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହଯୋଗରେ ସିଂହଭୂମି ଜିଲାର ବିଭିନ୍ନ ସ୍ଥାନରେ ଓଡ଼ିଆ ଶିକ୍ଷା ପ୍ରସାର କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ସମୟରେ ଓଡ଼ିଆମାନଙ୍କ-ଦ୍ୱାରା ଗଠିତ "ମିଳିତ ଉଦ୍ଧିତ କ୍ଲବ୍" ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନକୁ ସଫଳତାର ସହିତ ପ୍ରତିରୋଧ କରିପାରି ଥିଲେ । ୧୯୧୭ ମସିହାରେ ଉତ୍କଳମଣି ଗୋପବନ୍ଧୁ ସିଂହଭୂମି ପରିଦର୍ଶନ କରି କେତେକ ସ୍ଥାନକୁ ନିଜେ ଗସ୍ତକରି ଅବସ୍ଥା ବୁଝି ଏବଂ ହୋ ନେତା ଦୋଳମାଙ୍କି ତଥା ଅନ୍ୟାନ୍ୟ ଓଡ଼ିଆ ନେତାମାନଙ୍କସହିତ ଆଲୋଚନା କରିଥିଲେ । ଗୋପବନ୍ଧୁଙ୍କ ପରିଦର୍ଶନ ସିଂହଭୂମିବାସୀଙ୍କ ଭିତରେ ଉତ୍ସାହ ସୃଷ୍ଟି କରିଥିଲା ଓ ସେମାନେ ସମସ୍ତ ଆପତ୍ତି ଅଭିଯୋଗ ଦୃଢ଼ଭାବରେ ସରକାରଙ୍କ ନିକଟରେ ନିର୍ଭୟରେ ଉପସ୍ଥାପିତ କରିଥିଲେ । ଗୋପବନ୍ଧୁ ସେତେବେଳେ ଉପଲବ୍ଧି କରିଥିଲେ ଯେ ସିଂହଭୂମି ଜିଲାରେ ଓଡ଼ିଆ ଆନ୍ଦୋଳନ ପ୍ରସାର କରିବାପାଇଁ ନିଷ୍ଠାପର କର୍ମୀ ଆବଶ୍ୟକ । ସେ ସେଠାରେ ଶିକ୍ଷା ପ୍ରସାର ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ଏହା ପରେ ଗୋପବନ୍ଧୁ ସିଂହଭୂମି ଡେପୁଟି କମିଶନରଙ୍କୁ ଏକ ପତ୍ର ଲେଖି ସିଂହଭୂମି ଜିଲାରେ ଓଡ଼ିଆ ସମସ୍ୟାସମ୍ପର୍କରେ ଜଣାଇଥିଲେ । ଏହି ସମୟରେ ୧୯୧୭ ମସିହାରେ "ସିଂହଭୂମି ଉତ୍କଳ ସଭା" ଗଠିତ ହେଲା ଏବଂ ସରାଇକେଲା, ଖରସୁଆଁ, ଧଳଭୂମି ଓ ପୋଡ଼ାହାଟର ରାଜାମାନେ ଶିକ୍ଷାନୁଷ୍ଠାନ ଓ କଚେରୀରେ ଓଡ଼ିଆ ଭାଷା ପ୍ରଚଳନପାଇଁ ଚାଲିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ୧୯୧୯ ମସିହାରେ ସିଂହଭୂମି ଜିଲାରେ ଶିକ୍ଷା ପ୍ରସାର ଉପରେ ଅଧିକ ଗୁରୁତ୍ୱ ଦେବାପାଇଁ ମନସ୍ଥ କରି ଗୋପବନ୍ଧୁ ୧୯୧୯ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ସଙ୍ଗରେ ନେଇ ସିଂହଭୂମି ଯାଇଥିଲେ ଏବଂ ନିଜେ ଚାରି ମାସ ପର୍ଯ୍ୟନ୍ତ ସେଠାରେ ରହି ଓଡ଼ିଆ ଶିକ୍ଷା ପ୍ରସାରସମ୍ପର୍କରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି-ମାନଙ୍କ ସହିତ ଆଲୋଚନା କରିଥିଲେ । ପଣ୍ଡିତ ଗୋଦାବରୀଶ ଚକ୍ରଧରପୁର ଠାରେ ହାଇସ୍କୁଲ ସ୍ଥାପନ କରି ସ୍କୁଲ ଦାୟିତ୍ୱ ଗ୍ରହଣ କଲେ । ଗୋପବନ୍ଧୁଙ୍କ ପରାମର୍ଶ କ୍ରମେ ପଣ୍ଡିତ କୃପାସିନ୍ଧୁ ମିଶ୍ର ବାହାଡ଼ାଗୋଡ଼ା ସ୍କୁଲର ହେଡ୍‌ମାଷ୍ଟର-ଭାବରେ କାର୍ଯ୍ୟ କରିଥିଲେ ।



Digitized by srujanika@gmail.com

ସିଂହଭୂମି ଜିଲ୍ଲାରେ ଶିକ୍ଷାର ପ୍ରସାରପାଇଁ ଗୋପବନ୍ଧୁଙ୍କ ଉଦ୍ୟମରେ ଯେଉଁ ଉଦ୍ୟମ ହେଲା ତାହା ଫଳପ୍ରଦ ହୋଇଥିବା ଜନଗଣନା ରିପୋର୍ଟରୁ ଜଣା ପଡ଼ିଥିଲା । ୧୯୧୧ ମସିହା ଜନଗଣନା ଅନୁଯାୟୀ ସିଂହଭୂମି ଜିଲାର ମୋଟ ଲୋକ ସଂଖ୍ୟା ଥିଲା ୬,୯୪,୩୯୪ ଏବଂ ସେଥିଭିତରୁ ଓଡ଼ିଆଙ୍କ ସଂଖ୍ୟା ଥିଲା ୧,୨୪,୫୯୩; ୧୯୨୧ ମସିହା ଜନଗଣନାରେ ଏହି ଜିଲାର ମୋଟ ଲୋକ ସଂଖ୍ୟା ୬,୫୯,୪୭୮ ଭିତରୁ ଓଡ଼ିଆଙ୍କ ସଂଖ୍ୟା ହେଲା ୧,୪୦,୮୨୧ । ୧୯୩୧ ମସିହା ଜନଗଣନା ଅନୁଯାୟୀ ସିଂହଭୂମି ଜିଲାର ମୋଟ ଲୋକସଂଖ୍ୟା ୯,୨୯,୮୩୨ ଭିତରୁ ଓଡ଼ିଆଙ୍କ ସଂଖ୍ୟା ଥିଲା ୧,୬୧,୮୮୭ । ଏହି ହିସାବରୁ ଜଣାଯିବ ଯେ ତୁଳନାତ୍ମକଭାବରେ ଓଡ଼ିଆଙ୍କ ସଂଖ୍ୟା ବୃଦ୍ଧି ପାଇ ନ ଥିଲେ ମଧ୍ୟ ହ୍ରାସ ପାଇ ନ ଥିଲା । ୧୯୩୧ ମସିହାର ଜନଗଣନାରେ ସିଂହଭୂମି ଜିଲାରେ ଓଡ଼ିଆଙ୍କ ସଂଖ୍ୟା ମୋଟ ଲୋକ ସଂଖ୍ୟାର ଶତକଡ଼ା ୧୯ ଭାଗ ହୋଇଥିବା ସ୍ଥଳେ ବଙ୍ଗାଳୀଙ୍କ ସଂଖ୍ୟା ଥିଲା ଶତକଡ଼ା ୧୬ ଭାଗ ଓ ହିନ୍ଦୀଭାଷୀଙ୍କ ସଂଖ୍ୟା ଥିଲା ଶତକଡ଼ା ୯ ଭାଗ । ଏହି ଜିଲାର ବିଭିନ୍ନ ଅଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷାନୁଷ୍ଠାନ ଓ କଚେରିରୁ ଉଠାଇ ଦେଇ ବଙ୍ଗଳା ଓ ହିନ୍ଦୀ ଭାଷା ପ୍ରଚଳନ କରାଯିବା ଯୋଗୁଁ ବଙ୍ଗାଳୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା ଏବଂ ସବୁଠୁ ଅଧିକ ବୃଦ୍ଧି ପାଇଥିଲା ହିନ୍ଦୀ ଭାଷୀଙ୍କ ସଂଖ୍ୟା । ମାତ୍ର ଓଡ଼ିଆଙ୍କ ସଂଖ୍ୟା ନ କମି ସ୍ଥିର ରହିଥିବା ସେଠାରେ ଓଡ଼ିଆ ଶିକ୍ଷା ପ୍ରସାରର ଫଳ ବୋଲି କୁହାଯାଇପାରେ ।

## ସିଂହଭୂମି ଓଡ଼ିଆ ଆନ୍ଦୋଳନ; ଗୋପବନ୍ଧୁ ଓ ଗୋଦାବରୀଶ :

ପଣ୍ଡିତ ଗୋଦାବରୀଶ ମିଶ୍ର ସିଂହଭୂମିରେ ବହୁ ଅସୁବିଧା ଭିତରେ କାର୍ଯ୍ୟକରି ବିଭିନ୍ନ ସ୍ଥାନରେ ଶିକ୍ଷା ପ୍ରସାର କରିଥିଲେ । ତାଙ୍କ ଉଦ୍ୟମରେ ସେଠାରେ "ସିଂହଭୂମି ଓଡ଼ିଆ ଶିକ୍ଷା ପାଣ୍ଠି" ଗଠିତ ହୋଇଥିଲା । 'ଉତ୍କଳ ଦୀପିକା' ଜରିଆରେ ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ସିଂହଭୂମିର କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, କାହ୍ନୁ କିଶୋର ପାଣି, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ମଦନମୋହନ ଷଡ଼ଙ୍ଗୀ ପ୍ରମୁଖ ନିବେଦନ କରିଥିଲେ ଯେ ଅଧିକ ଓଡ଼ିଆ ସ୍କୁଲମାନ ସ୍ଥାପନ କରାଗଲେ ଯେଉଁ ଓଡ଼ିଆ ପିଲାମାନେ ବାଧ୍ୟ ହୋଇ ହିନ୍ଦୀ ବା ବଙ୍ଗଳା ପଢ଼ୁଛନ୍ତି ସେମାନେ ଓଡ଼ିଆ ପଢ଼ିବେ ଏବଂ ଅଧିକ ଭାଗ ପିଲା ଓଡ଼ିଆ ହୋଇଥିବାରୁ ବଙ୍ଗଳା ଓ ହିନ୍ଦୀଭାଷୀ ଶିକ୍ଷାନୁଷ୍ଠାନମାନଙ୍କରେ ଗୁରୁତ୍ୱ ହ୍ରାସ ପାଇବ । ପ୍ରଚାରକ ଅନନ୍ତ ମିଶ୍ର ସିଂହଭୂମି ଜିଲାରେ ଗାଁକୁ ଗାଁ ବୁଲି ଶିକ୍ଷା ପାଣ୍ଠି ପାଇଁ ପ୍ରଚାର କରିଥିଲେ ।



Digitized by srujanika@gmail.com

୧୯୨୦ ମସିହାରେ ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବା ଫଳରେ ସିଂହଭୂମି ଓଡ଼ିଆଙ୍କ ଭିତରେ ସାହସ ଓ ଉତ୍ସାହ ବୃଦ୍ଧି ପାଇଥିଲା । ୧୯୨୦ ମସିହା ଶେଷ ଭାଗରେ ନାଗପୁର ଜାତୀୟ କଂଗ୍ରେସ ଅଧିବେଶନରେ ଭାଷାଭିତ୍ତିରେ ପ୍ରାଦେଶିକ କଂଗ୍ରେସ ଅନୁଷ୍ଠାନ ଗଠନ ନୀତି ଗୃହୀତ ହୋଇଥିବା ଦୃଷ୍ଟିରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠିତ ହେଲା ଏବଂ ସିଂହଭୂମି ଜିଲା ତା'ର ଅନ୍ତର୍ଭୁକ୍ତ ହେଲା । ସିଂହଭୂମି ଜିଲାରେ ଓଡ଼ିଆ ଆନ୍ଦୋଳନ ପ୍ରସାର ଲାଭ କରିବାରେ ଏହା ସହାୟକ ହୋଇଥିଲା । ଅନ୍ୟ ପକ୍ଷରେ ସିଂହଭୂମି ଜିଲାକୁ ବିହାର ପ୍ରଦେଶ କଂଗ୍ରେସ କମିଟି ଅଧୀନରେ ରଖିବାପାଇଁ ବିହାରୀମାନେ ଚାହୁଁବାରୁ ଓଡ଼ିଆ ଓ ବିହାରୀଙ୍କ ଭିତରେ ବିବାଦ ଲାଗିରହିଲା । ଏମିତିକି ଚକ୍ରଧରପୁର ଉତ୍କଳ ସମ୍ମିଳନୀ ଅଧିବେଶନ ବେଳେ ଗୁଇଁବସା ସ୍କୁଲର ଛାତ୍ରମାନଙ୍କୁ ସ୍ୱେଚ୍ଛାସେବକରୂପେ କାର୍ଯ୍ୟ କରିବାକୁ ମଧ୍ୟ ଏହି ସ୍କୁଲର ଶିକ୍ଷକମାନେ ଅନୁମତି ଦେଇ ନ ଥିଲେ । ଉପରୋକ୍ତ ବିବାଦ ସମାଧାନପାଇଁ ଶେଷରେ ସିଂହଭୂମି ଜିଲାର କଂଗ୍ରେସ ସଭ୍ୟମାନଙ୍କ ମତ ନିଆଗଲା ଏବଂ ଅଧିକାଂଶ କଂଗ୍ରେସ ସଭ୍ୟଙ୍କ ମତ ଅନୁସାରେ ସିଂହଭୂମି ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସହିତ ରହିବ ବୋଲି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ଉତ୍କଳମଣି ଗୋପବନ୍ଧୁ ମିଳିତଭାବରେ ସିଂହଭୂମିଠାରେ ଘୋଷଣା କରିଥିଲେ । ପଣ୍ଡିତ ଗୋଦାବରୀଶ ମିଶ୍ର ସିଂହଭୂମିରେ ଅବସ୍ଥାନ କରି ଏହି କାର୍ଯ୍ୟରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସେତେବେଳକୁ ଗୋପବନ୍ଧୁଙ୍କ ପରାମର୍ଶକ୍ରମେ ଚକ୍ରଧରପୁର ହାଇସ୍କୁଲ ଜାତୀୟ ବିଦ୍ୟାଳୟରେ ପରିଣତ ହୋଇ ସାରିଥାଏ ।

## ବିହାର ଓ ଓଡ଼ିଶା ସରକାରଙ୍କ ସିଂହଭୂମିରେ ଓଡ଼ିଆ ଶିକ୍ଷାପ୍ରତି ଅବହେଳା :

ସିଂହଭୂମି ଜିଲାରେ ଓଡ଼ିଆ ଶିକ୍ଷା ପ୍ରସାରପାଇଁ ପଣ୍ଡିତ ଗୋଦାବରୀଶ ମିଶ୍ର, ପ୍ରଚାରକ ଅନନ୍ତ ମିଶ୍ର ତଥା ସ୍ଥାନୀୟ ନେତାମାନେ ଆନ୍ଦୋଳନ ଚଳାଇଥିଲେ ମଧ୍ୟ ସିଂହଭୂମିରେ ଓଡ଼ିଆ ଭାଷା ପ୍ରଚଳନ ଦିଗରେ ବିହାର ଓଡ଼ିଶା ସରକାରଙ୍କ ମତିଗତିରେ କୌଣସି ପରିବର୍ତ୍ତନ ଘଟି ନ ଥିଲା । ୧୯୩୧ ମସିହାରେ ବିହାର ଓଡ଼ିଶା ବିଧାନ ପରିଷଦରେ ଓଡ଼ିଶାର ସଭ୍ୟ ଲକ୍ଷ୍ମୀଧର ମହାନ୍ତି ସିଂହଭୂମି ଶିକ୍ଷାନୁଷ୍ଠାନ ଓ କଚେରିରେ ଓଡ଼ିଆ ଶିକ୍ଷା ପ୍ରଚଳନ କରିବା ପ୍ରଶ୍ନ ଉଠାଇଥିଲେ । ତାଙ୍କର ଏହି ପ୍ରସ୍ତାବକୁ ତତ୍କାଳୀନ



Digitized by srujanika@gmail.com

ଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ବିଭାଗ ନିର୍ଦ୍ଦେଶକ ବିରୋଧ କଲେ । ବିରୋଧର କାରଣ ସ୍ୱରୂପ ସେମାନେ ଦର୍ଶାଇଥିଲେ ଯେ ସିଂହଭୂମି ଜିଲ୍ଲାର ଓଡ଼ିଶା ସହିତ ମିଶ୍ରଣର କୌଣସି ନିଶ୍ଚିତତା ନାହିଁ । ସେହି ସମୟରେ 'ଉତ୍କଳ ଦୀପିକା' ପତ୍ରିକା ଜନଗଣନା ହିସାବରୁ ଉଦ୍ଧାର କରି ଦର୍ଶାଇଥିଲେ ଯେ ସିଂହଭୂମିରେ ଓଡ଼ିଆଙ୍କ ସଂଖ୍ୟା ୧ ଲକ୍ଷ ୪ ହଜାର, ବଙ୍ଗାଳୀଙ୍କ ସଂଖ୍ୟା ଏକ ଲକ୍ଷ ଦୁଇ ହଜାର ଏବଂ ବିହାରୀଙ୍କ ସଂଖ୍ୟା ମୋଟେ ୫୩ ହଜାର ହୋଇଥିଲେ ମଧ୍ୟ ଏବଂ ହୋମାନେ ଓଡ଼ିଆ ଭାଷା ପ୍ରଚଳନ ସପକ୍ଷରେ ମତ ପ୍ରକାଶ କରିଥିଲେ ମଧ୍ୟ ଓଡ଼ିଆ ଭାଷାକୁ ବାଦ ଦିଆଯାଇ ବଙ୍ଗଳା ଓ ହିନ୍ଦୀ ଭାଷା ପ୍ରଚଳନ କରାଯିବା ବିସ୍ମୟକର । ଏହି ପତ୍ରିକା ମଧ୍ୟ ମତ ପ୍ରକାଶ କରିଥିଲେ ଯେ ମେଦିନୀପୁର ଓ ସିଂହଭୂମିରେ ଓଡ଼ିଆ ଭାଷାର ଏପରି ଅବନତି ଘଟିଲାଣି ଯେ ସେଠାରେ ଓଡ଼ିଆମାନେ ନିଜ ମାତୃଭାଷାରେ କଥାବାର୍ତ୍ତା କରିପାରୁ ନାହାନ୍ତି । ସେତେବେଳେ ଧଳଭୂମିର ଜମିଦାର ତଥା ଆଦିବାସୀ ନେତାମାନେ ଓଡ଼ିଆ ଭାଷା ପ୍ରବର୍ତ୍ତନ ସପକ୍ଷରେ ମତ ପ୍ରକାଶ କରିଥିଲେ । ଓଡ଼ିଆ ନେତାମାନଙ୍କ ଭିତରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପ୍ରଚାରକ ଅନନ୍ତ ମିଶ୍ରଙ୍କ ବ୍ୟତୀତ କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ ଯାଇ ସିଂହଭୂମି ଜିଲ୍ଲାରେ ଓଡ଼ିଆ ଆନ୍ଦୋଳନପାଇଁ ପ୍ରଚାର ଚଳେଇଥିଲେ ।

## ଓଡ଼ନେଲ୍ କମିଟିର ସିଂହଭୂମି ମିଶ୍ରଣ ପ୍ରତ୍ୟାଖ୍ୟାନ :

୧୯୩୧ ମସିହାରେ ଓଡ଼ିଶା ସୀମା କମିଶନ୍ ବା ଓଡ଼ନେଲ୍ କମିଟି ପ୍ରସ୍ତାବିତ ନୂତନ ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ କରିବାପାଇଁ ଉତ୍କଳ ସମ୍ମିଳନୀ ତଥା ଅନ୍ୟାନ୍ୟ ଓଡ଼ିଆଭାଷୀ ଅନୁଷ୍ଠାନମାନଙ୍କ ପକ୍ଷରୁ ଯେଉଁ ସବୁ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ନୂତନ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ କରିବାପାଇଁ ଦାବି କରାଯାଇଥିଲା ସେ ସମ୍ପର୍କରେ ବିଭିନ୍ନ ଅଞ୍ଚଳ ଗସ୍ତ କରି ସାକ୍ଷ୍ୟ ଗ୍ରହଣ କରିଥିଲେ । ଏହି କମିଟି ସିଂହଭୂମି ମଧ୍ୟ ଯାଇଥିଲେ । ସେତେବେଳେ ଉତ୍କଳ ସମ୍ମିଳନୀ, ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ତଥା ଅନ୍ୟାନ୍ୟ ଓଡ଼ିଆ ଅନୁଷ୍ଠାନ ମାନଙ୍କ ପକ୍ଷରୁ ନୂତନ ଓଡ଼ିଶା ପ୍ରଦେଶସହିତ ଷଢ଼େଇକଳା ଓ ଖରସୁଆଁ ସହିତ ସିଂହଭୂମି ଜିଲ୍ଲାର ମିଶ୍ରଣପାଇଁ ଦାବିକରି ସ୍ମାରକପତ୍ରମାନ ଦିଆ-ଯାଇଥିଲା । ଏହିସବୁ ସ୍ମାରକପତ୍ରରେ ମୋଟାମୋଟି କୁହାଯାଇଥିଲା ଯେ ସିଂହଭୂମି ଜିଲ୍ଲା ଅତି ପୁରାତନ କାଳରୁ ଓଡ଼ିଶାର ଏକ ଅଂଶ ହୋଇ ରହି ଆସିଛି । ଛୋଟନାଗପୁର ସବ୍‌ଡିଭିଜନ୍‌ର ଅଂଶରୂପେ ଏହି ଜିଲ୍ଲାକୁ ବଙ୍ଗପ୍ରଦେଶ ସହିତ ମିଶାଇ ଦିଆଯିବା ପରେ ଏଠାରୁ ଓଡ଼ିଆ ଭାଷା ଉଠାଇ



Digitized by srujanika@gmail.com

ଦିଆଯାଇ ବଙ୍ଗଳା ଓ ହିନ୍ଦୀ ଭାଷା ପ୍ରବର୍ତ୍ତନ କରାଗଲା । ଏହା ସତ୍ତ୍ୱେ ଗତ ୩୦ ବର୍ଷର ଜନଗଣନା ହିସାବରେ ଓଡ଼ିଆଭାଷୀଙ୍କ ସଂଖ୍ୟା ଅନ୍ୟ ଭାଷାଭାଷୀ ଲୋକଙ୍କ ତୁଳନାରେ ବୃଦ୍ଧି ନ ପାଇଥିଲେ ମଧ୍ୟ ହ୍ରାସ ପାଇ ନାହିଁ । ୧୯୩୧ ମସିହା ଜନଗଣନାରେ ଓଡ଼ିଆଙ୍କ ସଂଖ୍ୟା ମଧ୍ୟ ବଙ୍ଗାଳୀ ଓ ହିନ୍ଦୀଭାଷୀ ଲୋକଙ୍କଠାରୁ ଅଧିକ । ଏହି ଜନଗଣନାରେ ସିଂହଭୂମି ଜିଲ୍ଲାର ମୋଟ ଲୋକସଂଖ୍ୟା ୯,୨୯,୮୦୨ ଭିତରୁ ଓଡ଼ିଆଙ୍କ ସଂଖ୍ୟା ୧,୭୧,୮୮୭; ତା' ବ୍ୟତୀତ ୧,୦୨,-୮୫୪ ଜଣ ଓଡ଼ିଆ ଜାତିର ଲୋକ ଅଛନ୍ତି; ମାତ୍ର ସେମାନେ ଓଡ଼ିଆଭାଷୀ ନୁହନ୍ତି । ଜିଲାର ୨,୨୮,୫୭୪ ଜଣ ହିନ୍ଦୁସ୍ଥାନୀ ଓ ବଙ୍ଗାଳୀ ଅଛନ୍ତି; ୧,୬୦,୦୩୮ ଜଣ ଜାତିରେ ବିହାରୀ ଓ ବଙ୍ଗାଳୀ ଏବଂ ୫,୨୯,୩୫୧ ଜଣ ଆଦିବାସୀ ଓ ଅନ୍ୟ ଭାଷାଭାଷୀ ଲୋକ ।

ସିଂହଭୂମି ଜିଲାରେ ୧୯୩୧ ମସିହା ଜନଗଣନାରେ ଆଦିବାସୀମାନଙ୍କ ଭିତରୁ ହୋମାନଙ୍କ ସଂଖ୍ୟା ଥିଲା ୩,୩୯,୬୭୪ ଜଣ । ଓଡ଼ିଆମାନଙ୍କ ପକ୍ଷରୁ ଦିଆ ଯାଇଥିବା ସ୍ମାରକପତ୍ରମାନଙ୍କରେ ଦର୍ଶାଇ ଦିଆଯାଇଥିଲା ଯେ ଏହି ହୋମାନେ ଓଡ଼ିଶାସହିତ ରହିବାକୁ ଚାହାନ୍ତି, କାରଣ ଓଡ଼ିଶାର ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ହିଁ ସର୍ବାଧିକ ସଂଖ୍ୟକ ହୋ ରହିଛନ୍ତି । ୧୯୩୧ ମସିହା ଜନଗଣନାରେ ଓଡ଼ିଶାର ଗଡ଼ଜାତମାନଙ୍କରେ ହୋଙ୍କସଂଖ୍ୟା ୧,୮୨,୯୩୫ଜଣ ବୋଲି ହିସାବ କରାଯାଇଛି ଏବଂ ସେମାନଙ୍କ ଭିତରୁ ମୟୂରଭଞ୍ଜରେ କେବଳ ଏକ ଲକ୍ଷ ନଅ ହଜାର ଅଛନ୍ତି । ତେଣୁ ଓଡ଼ିଶାର ହୋମାନଙ୍କ ସହିତ ସିଂହଭୂମି ଜିଲ୍ଲାର ହୋମାନଙ୍କର ଘନିଷ୍ଠ ପାରିବାରିକ ଓ ସାମାଜିକ ସଂପର୍କ ରହିଛି । ଏହା ବ୍ୟତୀତ ବିଶିଷ୍ଟ ଐତିହାସିକ ଓ ଭାଷା ତତ୍ତ୍ୱବିଦ୍ ଡକ୍ଟର ଗ୍ରିଅରସନ୍ ତଥା ଜନଗଣନା ରିପୋର୍ଟମାନଙ୍କରୁ ବହୁ ତଥ୍ୟ ଉଦ୍ଧାର କରି ସ୍ମାରକପତ୍ରରେ ଦର୍ଶାଇ ଦିଆଯାଇଥିଲା ଯେ ବହୁ ପ୍ରାଚୀନ କାଳରୁ ଓଡ଼ିଶା-ସହିତ ସିଂହଭୂମି ଜିଲ୍ଲାର ଐତିହାସିକ, ଭୌଗୋଳିକ, ଅର୍ଥନୈତିକ ଓ ସାଂସ୍କୃତିକ ସଂପର୍କ ରହିଆସିଛି । ସିଂହଭୂମିର ଆଦିବାସୀମାନେ ଓଡ଼ିଶା ସହିତ ରହିଲେ ଓଡ଼ିଶାରେ ରହିଥିବା ବହୁ ସଂଖ୍ୟକ ଆଦିବାସୀଙ୍କ ଉନ୍ନୟନ-ପାଇଁ ଯେଉଁ କାର୍ଯ୍ୟ ହେବ ତଦ୍ୱାରା ସେମାନେ ଉପକୃତ ହେବେ ।

## ଓଡ଼ନେଲ୍ କମିଟିଙ୍କ ମତ :

ଓଡ଼ନେଲ୍ କମିଟି ତାଙ୍କ ରିପୋର୍ଟରେ ପ୍ରସ୍ତାବିତ ନୂତନ ଓଡ଼ିଶା ପ୍ରଦେଶସହିତ ସିଂହଭୂମି ଜିଲ୍ଲାର ମିଶ୍ରଣ ଦାବିକୁ ଅଗ୍ରାହ୍ୟ କରି ମୋଟାମୋଟି



Digitized by srujanika@gmail.com

ମତ ଦେଇଥିଲେ ଯେ ଭାଷା ଓ ଜାତି ଦୃଷ୍ଟିରୁ ସିଂହଭୂମି ଜିଲାର ଲୋକ ସଂଖ୍ୟା ଭିତରୁ ଓଡ଼ିଶା ଏକ କ୍ଷୁଦ୍ର ସଂଖ୍ୟାଲଘୁ ଗୋଷ୍ଠୀ । ଓଡ଼ିଆଙ୍କ ଦାବିକୁ ଅନ୍ୟ ସମସ୍ତ ଶ୍ରେଣୀ ଓ ଗୋଷ୍ଠୀର ଲୋକ ବିରୋଧ କରୁଛନ୍ତି । ବିଶେଷଭାବରେ ସମଗ୍ର ହୋ ଜାତି ଓଡ଼ିଶାସହିତ ମିଶ୍ରଣର ବିରୋଧୀ । ଜାତି ଓ ଭାଷା ଦୃଷ୍ଟିରୁ ହୋମାନଙ୍କର ଓରାଓଁ, ମୁଣ୍ଡା, ଭୂମିଜ, ସାନ୍ତାଳ ଓ ଭୂୟାଁ ଯେଉଁମାନେ କି ଗ୍ରେଟନାଗପୁର ଉପତ୍ୟାକାରେ ବସବାସ କରନ୍ତି, ସେମାନଙ୍କସହିତ ଘନିଷ୍ଠ ସମ୍ପର୍କ ରହିଛି । କମିଟି ଏହି ରିପୋର୍ଟରେ ମତ ପ୍ରକାଶ କରିଥିଲେ ଯେ ସିଂହଭୂମି ଜିଲାର ଶାସନ କଟକରୁ କରାଯାଇପାରିବ ମାତ୍ର ଭୌଗୋଳିକ ଅବସ୍ଥିତି ଓ ଯୋଗାଯୋଗ ପଥ ଦୃଷ୍ଟିରୁ ଏହା ଗ୍ରେଟ ନାଗପୁରସହିତ ରହିଲେ ଅଧିକ ସୁବିଧାଜନକ ହେବ ।

## ଓଡ଼ିଶାର ଦାବି ବିରୁଦ୍ଧରେ ବଙ୍ଗାଳୀଙ୍କ ତୀବ୍ର ପ୍ରଚାର ଓ ପଣ୍ଡିତ ନୀଳକଣ୍ଠ :

ଏହି ସମୟରେ ବଙ୍ଗାଳୀମାନେ ୧୯୩୧ ମସିହାରେ "ସିଂହଭୂମି ହିତୈଷିଣୀ ସଭା" ନାମରେ ଏକ ଅନୁଷ୍ଠାନ ଗଠନ କରି ଓଡ଼ିଶାସହିତ ସିଂହଭୂମି ଜିଲାକୁ ଅନ୍ତର୍ଭୁକ୍ତ କରିବା ଦାବି ବିରୁଦ୍ଧରେ ତୀବ୍ର ପ୍ରଚାର ଚଳେଇଲେ । ସୀମା କମିଶନ୍ ଅନୁସନ୍ଧାନ ଆରମ୍ଭ କରିବା ପରେ ଓଡ଼ିଆ ବିରୋଧୀମାନେ ପ୍ରଚାର ଚଳେଇଲେ ଯେ ଯଦି ସିଂହଭୂମି ଓଡ଼ିଶାସହିତ ମିଶେ ତା'ହେଲେ ଲୋକଙ୍କୁ ଅଧିକ ଟିକସ ଦେବାକୁ ପଡ଼ିବ । ସେତେବେଳେ ପ୍ରସ୍ତାବିତ ନୂତନ ଓଡ଼ିଶାର ରୂପରେଖ କ'ଣ ହେବ ତାହା ଜଣା ପଡ଼ି ନ ଥିଲା, ତେଣୁ ଆର୍ଥିକ ଅବସ୍ଥା ସଂବନ୍ଧରେ ସନ୍ଦେହ ପ୍ରକାଶ ପାଇଥିଲା । କେତେକ ମତ ପ୍ରକାଶ କରିଥିଲେ ଯେ ନୂତନ ଓଡ଼ିଶା ଏକ ନିଅଣ୍ଟିଆ ପ୍ରଦେଶ ହେବ । ଏହିଭଳି ମତାମତର ସୁବିଧା ନେଇ ଓଡ଼ିଆ ବିରୋଧୀମାନେ ଲୋକଙ୍କୁ ଭ୍ରାନ୍ତ ଧାରଣା ଦେଲେ ଯେ ଓଡ଼ିଶା ସାଙ୍ଗରେ ରହିଲେ ଲୋକଙ୍କୁ ଅଧିକ ଟିକସ ଦେବାକୁ ପଡ଼ିବ । ଏଥିରେ ଲୋକଙ୍କର ବିଶ୍ୱାସ ହୋଇ ଯାଇଥିଲା । ଇତିମଧ୍ୟରେ ପ୍ରଦେଶ କଂଗ୍ରେସ ଉତ୍କଳ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଓଡ଼ନେଲ୍ କମିଟିଙ୍କୁ ଏକ ସ୍ମାରକପତ୍ର ଦେଇ ସାକ୍ଷ୍ୟ ଦେବାପାଇଁ ସିଂହଭୂମିକୁ ପଠାଇଥିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ସେଠାରେ ବଙ୍ଗାଳୀ-ମାନେ ଧାରଣା ଦେଲେ ଯେ ସେମାନେ ସିଂହଭୂମିକୁ ବଙ୍ଗଳାସହିତ ମିଶାଇବା ପାଇଁ ଦାବି କରୁଛନ୍ତି । ପଣ୍ଡିତ ନୀଳକଣ୍ଠ ଦାସ ସେତେବେଳେ ଅନୁମାନ କରିଥିଲେ ଯେ ଏହା ଏକ ଉପର ଠାଉରିଆ ପ୍ରଚାର । ସିଂହଭୂମିପାଇଁ ଓଡ଼ିଶା



Digitized by srujanika@gmail.com

ଦାବି ଅଗ୍ରାହ୍ୟ ହୋଇଗଲା ପରେ ସିଂହଭୂମି ବଙ୍ଗଳାସହିତ ମିଶାଇବାପାଇଁ ବଙ୍ଗାଳୀମାନେ ଦାବି କରିବେ କାରଣ ସିଂହଭୂମି ଜିଲ୍ଲାକୁ ବିହାର ପ୍ରଦେଶସହିତ ରଖିବାପାଇଁ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ପଣ୍ଡିତ ନୀଳକଣ୍ଠ ବଙ୍ଗାଳୀମାନଙ୍କୁ କୌଣସି ମତେ ଏହା ବୁଝାଇ ପାରି ନ ଥିଲେ । ସେ ଏକ ସୁଚିନ୍ତିତ ସ୍ମାରକ ଲିପି ପ୍ରସ୍ତୁତ କରିଥିଲେ ଏବଂ ସୀମା କମିଶନ୍‌ଙ୍କ ନିକଟରେ ସେ ସାକ୍ଷ୍ୟ ଦେବାପାଇଁ ସୁବିଧା ପାଇଥିଲେ ଓଡ଼ିଶାର ଯଥାର୍ଥ ଦାବି ଉପସ୍ଥାପିତ ହୋଇପାରିଥାନ୍ତା । ମାତ୍ର ସେହି ସମୟରେ ହଠାତ୍ କଂଗ୍ରେସ ବ୍ରିଟିଶ୍ ସରକାରଙ୍କଦ୍ୱାରା ବେଆଇନ ଘୋଷିତ ହୋଇଯିବାରୁ ସେ ସୁବିଧାରୁ ସେ ବଞ୍ଚିତ ହେଲେ । ସେତେବେଳର ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ ଡକ୍ଟର ରାଜେନ୍ଦ୍ର ପ୍ରସାଦ ପଣ୍ଡିତ ନୀଳକଣ୍ଠଙ୍କୁ ସୀମା କମିଶନ୍‌ଙ୍କୁ ବର୍ଜନ କରିବାପାଇଁ ନିର୍ଦ୍ଦେଶ ଦେଲେ । ତେଣୁ ସେ ସୀମା କମିଶନ୍‌ଙ୍କୁ ସିଂହଭୂମିଠାରେ ତାଙ୍କ ଲିଖିତ ସ୍ମାରକପତ୍ର ଦେଲେ; ମାତ୍ର କୌଣସି ଆଲୋଚନା କରିପାରି ନ ଥିଲେ ।

ସୀମା କମିଶନ୍‌ଙ୍କ ତଦନ୍ତ ଶେଷ ଭାଗରେ ବଙ୍ଗାଳୀମାନଙ୍କ ପ୍ରଚାର ପ୍ରଭାବରେ ହୋମାନେ ମଧ୍ୟ ଓଡ଼ିଆଙ୍କ ଦାବି ବିରୁଦ୍ଧରେ ଗଲେ । ସେମାନଙ୍କ ନେତା ଦୋଲମାଙ୍କି ପୂର୍ବରୁ ଉତ୍କଳମଣି ଗୋପବନ୍ଧୁଙ୍କୁ ପ୍ରତିଶ୍ରୁତି ଦେଇ-ଥିଲେ ଯେ ହୋମାନେ ଓଡ଼ିଶାରେ ମିଶିବା ସପକ୍ଷରେ ମତ ପ୍ରକାଶ କରିବେ; ମାତ୍ର ବଙ୍ଗାଳୀ ସଂପ୍ରଦାୟର ନେତା ଦେବେନ୍ଦ୍ର ନାଥ ସାମନ୍ତଙ୍କଦ୍ୱାରା ପ୍ରଭାବିତ ହୋଇ ସେ ତାଙ୍କ ମତ ପରିବର୍ତ୍ତନ କଲେ ଏବଂ ଓଡ଼ିଆଙ୍କ ଦାବି ବିରୁଦ୍ଧରେ ପ୍ରଚାର କଲେ । ଓଡ଼ିଆ ଆନ୍ଦୋଳନର ନେତାମାନେ ନିଶ୍ଚିତଭାବରେ ହୋମାନଙ୍କର ସମର୍ଥନ ପାଇବେ ବୋଲି ଧରି ନେଇ ଥିବାରୁ ଶେଷରେ ହତାଶ ହେଲେ । ହୋମାନଙ୍କ ସଂଖ୍ୟା ଅନ୍ୟାନ୍ୟ ଭାଷାଭାଷୀଙ୍କ ଅପେକ୍ଷା ସର୍ବାଧିକ ଥିଲା । ତେଣୁ ସୀମା କମିଶନ୍ ସେମାନଙ୍କ ମତପ୍ରତି ଅଧିକ ଗୁରୁତ୍ୱ ଦେଇଥିଲେ ।

## ମଧ୍ୟପ୍ରଦେଶ ଅନ୍ତର୍ଗତ ଫୁଲଝର ଓ ଖଡ଼ିଆ-ନୂଆଗଡ଼ ଅଞ୍ଚଳ :

୧୮୬୦ ମସିହାରେ ସମ୍ବଲପୁର ଜିଲା ଏବଂ ଗ୍ରେଟନାଗପୁର ଡିଭିଜନ୍‌ର ବଣେଇ ଓ ଗାଙ୍ଗପୁର ରାଜ୍ୟ ଓଡ଼ିଶା ଡିଭିଜନ୍‌କୁ ହସ୍ତାନ୍ତର ହୋଇଥିଲା । କିନ୍ତୁ ୧୮୬୨ ମସିହାରେ ଏହି ଅଞ୍ଚଳ ପୁଣି ମଧ୍ୟପ୍ରଦେଶକୁ ହସ୍ତାନ୍ତର ହେଲା । ମଧ୍ୟପ୍ରଦେଶ ସରକାରଙ୍କ ଅଧୀନରେ ଖଡ଼ିଆ-ନୂଆଗଡ଼, ଖଡ଼ିଆଳ, ଫୁଲଝର, ବୋଡ଼ାସମ୍ବର ଓ ଚନ୍ଦ୍ରପୁର ପ୍ରଭୃତି ରାଜ୍ୟଗୁଡ଼ିକ କରଦ ରାଜ୍ୟରୂପେ ସମ୍ବଲପୁର ଜିଲାର ଅନ୍ତର୍ଭୁକ୍ତ ହୋଇଥିଲା । ୧୯୦୫ ମସିହାରେ ରିଜ୍‌ଲେ ସର୍କୁଲାର



Digitized by srujanika@gmail.com

ଅନୁସାରେ ବୋଡ଼ା ସମ୍ବର ଜମିଦାରୀ ଏବଂ କଳାହାଣ୍ଡି, ପାଟନା, ସୋନପୁର, ରେଢ଼ାଖୋଲ ଓ ବାମଣ୍ଡା ପ୍ରଭୃତି ରାଜ୍ୟ ବଙ୍ଗଳାର ଓଡ଼ିଶା ଡିଭିଜନ୍‌ର ଅନ୍ତର୍ଭୁକ୍ତ ହେଲା; ମାତ୍ର ବିନ୍ଦ୍ରା-ନୂଆଗଡ଼, ଖଡ଼ିଆଳ, ଫୁଲଝର ଓ ଚନ୍ଦ୍ରପୁର ପ୍ରଭୃତି ସମ୍ବଲପୁରର ଜମିଦାରୀଗୁଡ଼ିକ ଶାକତି, ଶାରଙ୍ଗଗଡ଼ ଓ ରାଇଗଡ଼ସହିତ ରହିଲା । ୧୯୩୬ ମସିହାରେ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲାବେଳେ ମଧ୍ୟପ୍ରଦେଶ ଅନ୍ତର୍ଗତ ଓଡ଼ିଆ ଅଞ୍ଚଳ ଭିତରୁ ରାୟପୁର ଜିଲ୍ଲା ଅନ୍ତର୍ଗତ ମହାସମୁନ୍ଦ ତହସିଲର ଫୁଲଝର ଓ ବିନ୍ଦ୍ରା-ନୂଆଗଡ଼ ଜମିଦାରୀ, ଚନ୍ଦ୍ରପୁର, ପଦ୍ମପୁର ରାଜ୍ୟର ଚନ୍ଦ୍ରପୁର ଓ ଦେଓଭୋଗର ଗୋଟିଏ ଅଞ୍ଚଳକୁ ସୀମା କମିଶନ୍ ନୂତନ ଓଡ଼ିଶା ପ୍ରଦେଶରୁ ବାଦ୍ ଦେଇ ଦେଇଥିଲେ । ଓଡ଼ନେଲ୍ କମିଟି ଫୁଲଝରକୁ ନୂତନ ଓଡ଼ିଶା ପ୍ରଦେଶରେ ଅନ୍ତର୍ଭୁକ୍ତ ନ କରିବାର କାରଣ ଦର୍ଶାଇ କହିଥିଲେ ଯେ ଭାଷା ଦୃଷ୍ଟିରୁ ବା ଜାତି ଦୃଷ୍ଟିରୁ ଫୁଲଝର ଏକ ପ୍ରଧାନ ଓଡ଼ିଆ ଅଞ୍ଚଳ ନୁହେଁ, ଏହି ଅଞ୍ଚଳକୁ ଓଡ଼ିଶାରେ ମିଶିବାପାଇଁ ସ୍ଥାନୀୟ ଲୋକେ ଇଚ୍ଛୁକ ନାହାନ୍ତି ଏବଂ ମଧ୍ୟପ୍ରଦେଶରୁ ଏହି ଅଞ୍ଚଳରୁ ବିଚ୍ଛିନ୍ନ କରିବାର କୌଣସି ଅର୍ଥନୈତିକ ବା ପ୍ରଶାସନିକ କାରଣ ନାହିଁ । ବିନ୍ଦ୍ରା-ନୂଆଗଡ଼ ବିଷୟ ଓଡ଼ନେଲ୍ କମିଟି ନିକଟରେ ଠିକ୍‌ଭାବରେ ଓଡ଼ିଆଙ୍କ ଉପସ୍ଥାପିତ କରାଯାଇ ପାରିଲା ନାହିଁ । ସେଟଲ୍‌ମେଣ୍ଟ ଅଫିସରଙ୍କ ମତାମତ ଉପରେ ବିଶ୍ୱାସ କରି ସୀମା କମିଟି ଚନ୍ଦ୍ରପୁରକୁ ପଦ୍ମପୁରରୁ ଅଲଗାକରି ମଧ୍ୟପ୍ରଦେଶରେ ରଖିବାପାଇଁ ସୁପାରିଶ କଲେ ।

ଐତିହାସିକ, ଭୌଗୋଳିକ ବା ସାଂସ୍କୃତିକ ଦୃଷ୍ଟିରୁ ଫୁଲଝରର ଓଡ଼ିଶା-ସହିତ ମିଶ୍ରଣ ଏକାନ୍ତ ଆବଶ୍ୟକ ବୋଲି ଓଡ଼ିଆ ଆନ୍ଦୋଳନର କର୍ମକର୍ତ୍ତା-ମାନଙ୍କ ପକ୍ଷରୁ ଦର୍ଶାଇ ଦିଆଯାଇଥିଲା । ଫୁଲଝରର ଭାଷା ଓଡ଼ିଆ ନୁହେଁ ବୋଲି କମିଟି ମତ ପ୍ରକାଶ କରିଥିଲେ । ମାତ୍ର ୧୯୩୧ ମସିହା ଜନଗଣନା ରିପୋର୍ଟରୁ ଜଣାଯାଏ ଯେ ମଧ୍ୟପ୍ରଦେଶର ମୋଟ ଲୋକ ସଂଖ୍ୟା ଭିତରୁ ଶତକଡ଼ା ୧୬.୭୦ ଭାଗ ଲୋକ ଛତିଶଗଡ଼ ଭାଷା, ଶତକଡ଼ା ୧୮.୮ ଭାଗ ଲୋକ ଓଡ଼ିଆ ଓ ଶତକଡ଼ା ପ୍ରାୟ ଏକଭାଗ ଲୋକ ହାଲ୍‌ବି ଭାଷାରେ କଥାବାର୍ତ୍ତା କରନ୍ତି । ଓଡ଼ିଆଭାଷୀଙ୍କ ସଂଖ୍ୟା ନିର୍ଦ୍ଧାରଣରେ ୧୯୩୧ ଜନଗଣନା ରିପୋର୍ଟରେ ଯେ କାରସାଦି କରାଯାଇଥିଲା ଏଥିରେ ସନ୍ଦେହ ନାହିଁ, କାରଣ ୧୯୨୧ ମସିହା ଜନଗଣନାରେ ଓଡ଼ିଆଭାଷୀଙ୍କ ସଂଖ୍ୟା ୭୨,୨୪୨ ଥିବା ସ୍ଥଳେ ୧୯୩୧ ମସିହା ଜନଗଣନାରେ ୭୨,୬୯୨ ହେଲା ଅର୍ଥାତ୍ ୧୦ବର୍ଷ ଭିତରେ ମୋଟେ ୪୫୦ ବୃଦ୍ଧି



Digitized by srujanika@gmail.com

ମାତ୍ର ଏହି ସମୟ ଭିତରେ ରାଇପୁର ଜିଲାର ଲୋକସଂଖ୍ୟା ଶତକଡ଼ା ୧୦ଭାଗ ବୃଦ୍ଧି ପାଇଥିଲା । ତେଣୁ ଓଡ଼ିଆଙ୍କ ସଂଖ୍ୟା ସେହି ଅନୁପାତରେ କାହିଁକି ବୃଦ୍ଧି ନ ପାଇଲା କିଛି ବୁଝି ହେଉ ନାହିଁ । ଏହି ଜନଗଣନାରେ ଜାତି ହିସାବରେ ଓଡ଼ିଆଙ୍କ ସଂଖ୍ୟା ୪୫,୮୭୮ ବୋଲି ଦର୍ଶାଯାଇଥିଲା । ଏହା ମୋଟ ଲୋକ ସଂଖ୍ୟାର ଶତକଡ଼ା ୨୭ଭାଗ ହୋଇଥିବା ସ୍ଥଳେ ହିନ୍ଦୀ ଲୋକଙ୍କ ସଂଖ୍ୟା ଜାତି ହିସାବରେ ମୋଟ ଲୋକସଂଖ୍ୟାର ଶତକଡ଼ା ୨୨ ଭାଗ । ଓଡ଼ିଆଭାଷୀ ଲୋକଙ୍କ ସଂଖ୍ୟା ଓ ଜାତି ହିସାବରେ ଓଡ଼ିଆଙ୍କ ସଂଖ୍ୟାକୁ ମିଶାଇଲେ ଶତକଡ଼ା ୫୦ଭାଗରୁ ଅଧିକ ହେବେ । ୧୯୦୫ ମସିହା ପର୍ଯ୍ୟନ୍ତ ଫୁଲଝର ଅଞ୍ଚଳରେ ଓଡ଼ିଆ କଚେରି ଭାଷା ଥିଲା;ମାତ୍ର ଏହା ପରେ ମଧ୍ୟପ୍ରଦେଶକୁ ହସ୍ତାନ୍ତର ହୋଇଯିବାରୁ ଏଠାରେ ହିନ୍ଦୀ ଭାଷା ପ୍ରଚଳନ କରାଗଲା ।

ଐତିହାସିକ ତଥ୍ୟ ଦୃଷ୍ଟିରୁ ଫୁଲଝର ଓଡ଼ିଶାର ଏକ ଅଂଶ ଥିଲା । ଫୁଲଝରର ଜମିଦାରମାନେ ଗଣ୍ଡରାଜାଙ୍କ ବଂଶଧର । ୧୯୦୫ ମସିହା ପର୍ଯ୍ୟନ୍ତ ଏହି ଜମିଦାରୀ ସମ୍ବଲପୁର ଅଧୀନରେ ଥିଲା । ୧୮୦୩ ମସିହାରେ ପ୍ରକାଶିତ ରିଚ୍ଚର୍ଡ ଟେମ୍ପଲଙ୍କ ପ୍ରଣୀତ ମଧ୍ୟପ୍ରଦେଶ ଜମିଦାରୀ ସମ୍ବନ୍ଧୀୟ ରିପୋର୍ଟରେ ଉଲ୍ଲେଖ ଅଛି ଯେ ସର୍ବାପେକ୍ଷା ପୁରାତନ ନିର୍ଭରଯୋଗ୍ୟ ବିବରଣୀ ଅନୁସାରେ ପାଟନା ମହାରାଜା ସେତେବେଳେ ସର୍ବାପେକ୍ଷା କ୍ଷମତାଶାଳୀ ଶାସକ ଥିଲେ ଏବଂ ଫୁଲଝର ପ୍ରଭୃତି ତାଙ୍କ ଅଧୀନରେ କରଦ ରାଜ୍ୟ ଭଳି ରହିଥିଲେ । କାଳକ୍ରମେ ପାଟନା ମହାରାଜାଙ୍କ କ୍ଷମତା ହ୍ରାସ ପାଇଲା ଓ ତାଙ୍କ ଅଧୀନସ୍ଥ କରଦ ରାଜାମାନେ ଅଧିକ କ୍ଷମତାର ଅଧିକାରୀ ହେଲେ । ସେତେବେଳେ ୧୮୧୮ ମସିହାରେ ଏହି ରାଜ୍ୟଗୁଡ଼ିକ ବ୍ରିଟିଶ ଶାସନାଧୀନ ହେଲା ଏବଂ ପ୍ରତ୍ୟେକ କରଦ ରାଜ୍ୟର ରାଜାଙ୍କୁ ବ୍ରିଟିଶ ସରକାର ସ୍ୱତନ୍ତ୍ର ସନନ୍ଦମାନ ଦେଲେ । ଫୁଲଝର ଅଞ୍ଚଳରେ ସମ୍ବଲପୁର ଅଞ୍ଚଳପରି ଅଘରିଆ, ବଂଝାଲ, କୁଲତା ଓ ଗଣ୍ଡ ପ୍ରଭୃତି ଜାତିର ଲୋକ ରହିଛନ୍ତି । ଏହି ଅଞ୍ଚଳର ଲୋକେ ଶ୍ରୀଜଗନ୍ନାଥ ତଥା ଓଡ଼ିଶାର ଅନ୍ୟ ଦେବାଦେବୀଙ୍କୁ ପୂଜା କରନ୍ତି ଓ ପ୍ରତି ଘରେ ଭାଗବତ ପଢ଼ା ଯାଇଥାଏ । ଅଧିକାଂଶ ଗ୍ରାମର ମାଲିକ ଗଉନ୍ତିଆମାନେ ଓଡ଼ିଆ । ଓଡ଼ିନେଲ୍ କମିଟି ସ୍ୱୀକାର କରିଛନ୍ତି ଯେ ଫୁଲଝର ଓ ବରଗଡ଼ ଭିତରେ ନିୟମିତ ବାଣିଜ୍ୟ କାରବାର ହୋଇଥାଏ । ଫୁଲଝରକୁ ରାୟପୁର ଓ ସମ୍ବଲପୁରରୁ ଶାସନ କରାଯାଇପାରିବ । ସମ୍ବଲପୁରକୁ ଏହା ହସ୍ତାନ୍ତର ହେଲେ ଏହାର ବ୍ୟବସାୟ ବାଣିଜ୍ୟର କ୍ଷତି ଘଟିବ ନାହିଁ ।

Digitized by srujanika@gmail.com

## ବାନ୍ଧା-ନୂଆଗଡ଼ :

ପ୍ରାଚୀନ କାଳରୁ ବାନ୍ଧା-ନୂଆଗଡ଼ ଓଡ଼ିଶାର ଅଂଶ ବିଶେଷ ହୋଇ ରହିଥିଲା । ଅଠରଗଡ଼ କରଦ ରାଜ୍ୟର ଅନ୍ୟତମ ରାଜ୍ୟରୂପେ ଏହା ପାଟନା ରାଜ୍ୟର ଆନୁଗତ୍ୟ ସ୍ୱୀକାର କରି ରହିଥିଲା । ୧୮୦୩ରୁ ୧୮୧୯ ମସିହା ଭିତରେ ବାନ୍ଧା-ନୂଆଗଡ଼ ସମେତ ପାଟନା ରାଜ୍ୟ ବ୍ରିଟିଶ ଶାସନାଧୀନ ହେଲା । ୧୯୦୫ ମସିହାରେ ରିଜ୍‌ଲେ ସର୍କୁଲାର୍ ଅନୁସାରେ ଅନ୍ୟ ୫ଟି ରାଜ୍ୟସହିତ ସମ୍ବଲପୁର ବଙ୍ଗପ୍ରଦେଶକୁ ହସ୍ତାନ୍ତର କରାଗଲା । ମାତ୍ର ବାନ୍ଧା-ନୂଆଗଡ଼, ଖଡ଼ିଆଳ ପ୍ରଭୃତି ମଧ୍ୟପ୍ରଦେଶ ଭିତରେ ରହିଗଲା । ୧୯୩୧-୩୨ ମସିହାରେ ଓଡ଼ନେଲ୍ କମିଟି ନିକଟରେ ବାନ୍ଧା-ନୂଆଗଡ଼ ହସ୍ତାନ୍ତର ବିଷୟ ଠିକ୍‌ଭାବରେ ଉପସ୍ଥାପିତ କରାଗଲା ନାହିଁ । ସ୍ଥାନୀୟ ଓଡ଼ିଆ ସଙ୍ଘ ସୀମା କମିଶନ୍‌ଙ୍କୁ ତାଙ୍କ ସ୍ମାରକ ପତ୍ର ଦେଲାବେଳେ ବାନ୍ଧା-ନୂଆଗଡ଼ କଥା ସେଥିରେ ଉଲ୍ଲେଖ କରିନଥିଲେ । ମାତ୍ର ଦିନକ ପରେ ଆଉ ଗୋଟିଏ ନୋଟରେ ଏସମ୍ପର୍କରେ ଲିଖିତଭାବରେ ଦେଲେ । ତେଣୁ ବାନ୍ଧା-ନୂଆଗଡ଼ ଭଳି ଖାଣ୍ଟି ଓଡ଼ିଆ ଅଞ୍ଚଳ ଐତିହାସିକ ଘଟଣାକ୍ରମେ ମଧ୍ୟପ୍ରଦେଶରେ ରହିଗଲା । ଭାଷା ଓ ସଂସ୍କୃତି ଦୃଷ୍ଟିରୁ ବାନ୍ଧା-ନୂଆଗଡ଼ର ମଧ୍ୟପ୍ରଦେଶ ଅପେକ୍ଷା କଳାହାଣ୍ଡି ଓ ସମ୍ବଲପୁର ଅଞ୍ଚଳସହିତ ଘନିଷ୍ଠ ସମ୍ପର୍କ ଓ ସାମଞ୍ଜସ୍ୟ ରହିଛି । ଏହି ଅଞ୍ଚଳର ପ୍ରଚଳିତ ନୂଆଖାଇ ଚଇତପର୍ବ, ସପ୍ତପୁରୀ ଅମାବାସ୍ୟା ଓ ମାର୍ଗଶୀର ଗୁରୁବାର ପ୍ରଭୃତି ପର୍ବମାନ ବାନ୍ଧା-ନୂଆଗଡ଼ରେ ପାଳିତ ହୋଇଥାଏ ।

## ଚନ୍ଦ୍ରପୁର :

୧୯୩୬ ମସିହାରେ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେବା ପୂର୍ବରୁ ଚନ୍ଦ୍ରପୁରକୁ ଚନ୍ଦ୍ରପୁର—ପଦ୍ମପୁର ବୋଲି କୁହାଯାଉଥିଲା । ଚନ୍ଦ୍ରପୁର ରାଜ୍ୟର ମୋଟ ଗ୍ରାମ ଭିତରୁ ୭୧ଟି ଗ୍ରାମ ପଦ୍ମପୁର ଅଞ୍ଚଳରେ ଏବଂ ଅବଶିଷ୍ଟ ଗ୍ରାମଗୁଡ଼ିକ ଚନ୍ଦ୍ରପୁରମଧ୍ୟରେ ଅବସ୍ଥିତ । ୯ଟି ଯୋଗିନୀ ଗ୍ରାମଗୋଷ୍ଠୀ ଭିତରୁ ୭ଟି ପଦ୍ମପୁର ଅଞ୍ଚଳରେ ଓ ୨ଟି ଚନ୍ଦ୍ରପୁର ଭିତରେ ଅନ୍ତର୍ଭୁକ୍ତ । ଓଡ଼ନେଲ୍ କମିଟି ପଦ୍ମପୁର—ଚନ୍ଦ୍ରପୁର ଓଡ଼ିଶାସହିତ ମିଶ୍ରଣସମ୍ପର୍କରେ ବିଚାରକରି ପଦ୍ମପୁରକୁ ସମ୍ବଲପୁର ଜିଲ୍ଲାର ସଦର ସବ୍‌ଡ଼ିଭିଜନ୍‌ସହିତ ମିଶାଇ ଦେବାପାଇଁ ସୁପାରିଶ କଲେ । କିନ୍ତୁ ଚନ୍ଦ୍ରପୁରକୁ ମଧ୍ୟପ୍ରଦେଶରେ ରଖିଲେ । ଏହାର କାରଣ ସ୍ୱରୂପ ସୀମା କମିଶନ୍ ଦର୍ଶାଇଥିଲେ ଯେ ବନ୍ଦୋବସ୍ତ ଅଫିସରଙ୍କ ମତ ଯେ ଗଉନ୍ତିଆ ଓ ପ୍ରଜାମାନେ ଏହି ଅଞ୍ଚଳ ହସ୍ତାନ୍ତରର ବିରୋଧୀ । ତେଣୁ ସେମାନେ ଏହି ଅଞ୍ଚଳକୁ ଓଡ଼ିଶାକୁ ହସ୍ତାନ୍ତର କରିବାପାଇଁ ସୁପାରିଶ କଲେ ନାହିଁ ।

• • •

Digitized by srujanika@gmail.com

# ସ୍ୱତନ୍ତ୍ର ଉତ୍କଳର ନିର୍ମାତା

Digitized by srujanika@gmail.com

## ସ୍ୱତନ୍ତ୍ର ଉତ୍କଳର ନିର୍ମାତା

ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ, ଓଡ଼ିଆ ଭାଷା ରକ୍ଷା ଆନ୍ଦୋଳନ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଏକଦା ଓଡ଼ିଶାରେ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା । ଏହି ଆନ୍ଦୋଳନରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ବହୁ ନେତୃସ୍ଥାନୀୟ ବୁଦ୍ଧିଜୀବୀ ଓ ଅଗଣିତ କର୍ମୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶା ଇତିହାସରେ ସେମାନଙ୍କର ମହାନ୍ ଅବଦାନ ଚିର-ସ୍ମରଣୀୟ ହୋଇ ରହିବ । ସେ ସମସ୍ତଙ୍କର ପରିଚୟ ଦେବା ଏଠାରେ ସମ୍ଭବ ନୁହେଁ । ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଭିତରୁ ଅନେକଙ୍କର ବହୁମୁଖୀ ପ୍ରତିଭା ଥିଲା । ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ ସେମାନଙ୍କର ପ୍ରତିଭା ସ୍ୱୀକୃତ ହୋଇଛି । ଯେଉଁ କେତେକ ବ୍ୟକ୍ତିଙ୍କର ସଂକ୍ଷିପ୍ତ ପରିଚୟ ଏଠାରେ ପ୍ରଦାନ କରାଯାଇଛି ସେଥିରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ଓଡ଼ିଆ ଭାଷା ରକ୍ଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେମାନଙ୍କର ମହାନ୍ ଅବଦାନ ହିଁ ଆଲୋଚନା କରାଯାଇଛି । ଏହା ସେମାନଙ୍କ ଜୀବନର ସଂପୂର୍ଣ୍ଣ ପରିଚୟ ନୁହେଁ ।

## ଉତ୍କଳଗୌରବ ମଧୁସୂଦନ ଦାସ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ନିର୍ମାତାଭାବରେ ଉତ୍କଳଗୌରବ ମଧୁସୂଦନ ଦାସ ଆଧୁନିକ ଓଡ଼ିଶା ଇତିହାସରେ କୋଣାର୍କ ପରି ଏକ ଚିରସ୍ମରଣୀୟ କୀର୍ତ୍ତିସ୍ତମ୍ଭ ହୋଇ ରହିଥିବେ । ପ୍ରାଚୀନ ଉତ୍କଳର ଖାରବେଳ, ଅନଙ୍ଗଭୀମଦେବ ଓ କପିଳେନ୍ଦ୍ର ଦେବଙ୍କ ପରି ମଧୁସୂଦନଙ୍କ କୀର୍ତ୍ତି ଅମର ହୋଇ ରହିବ । ଅନଙ୍ଗଭୀମଦେବ ଓ କପିଳେନ୍ଦ୍ରଦେବ ଯେଉଁ ବିରାଟ ଉତ୍କଳ ସାମ୍ରାଜ୍ୟ ଗଠନ କରିଥିଲେ ବ୍ରିଟିଶ ଶାସକମାନେ ସେହି ବିସ୍ତୃତ ଓଡ଼ିଆଭାଷୀ ଭୂଖଣ୍ଡକୁ ଖଣ୍ଡ ଖଣ୍ଡ କରି ଦେଇ ଯେତେବେଳେ ଚାରୋଟି ପଡ଼ୋଶୀ ପ୍ରଦେଶସହିତ ଯୋଡ଼ି ଦେଲେ, ସେତେବେଳେ ପରସ୍ପରଠାରୁ ବିଚ୍ଛିନ୍ନ ଓଡ଼ିଆଭାଷୀମାନେ ୧୫୦ ବର୍ଷ ପର୍ଯ୍ୟନ୍ତ ଘୋର ଗ୍ଲାନି ଓ ନୈରାଶ୍ୟ ଭିତରେ କାଳାତିପାତ କଲେ, ସେମାନଙ୍କର ଶିକ୍ଷା, ସଂସ୍କୃତି ଓ ଅର୍ଥନୈତିକ ଅବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଲା ।


Digitized by srujanika@gmail.com

ଉତ୍କଳଗୌରବ ମଧୁସୂଦନ ଏହି ଗ୍ଲାନି ଓ ନୈରାଶ୍ୟ ଭିତରୁ ଓଡ଼ିଆଙ୍କୁ ମୁକ୍ତିର ମଶାଲ ଦେଖାଇଥିଲେ । ସେମାନଙ୍କ ଭିତରେ ଆଶାର ସଞ୍ଚାର କରିଥିଲେ । ଦୀର୍ଘ ଷାଠିଏ ବର୍ଷରୁ ଅଧିକକାଳ ବିଛିନ୍ନାଞ୍ଚଳ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଶାରେ ଶିଳ୍ପ ପ୍ରସାର କ୍ଷେତ୍ରରେ ତାଙ୍କର ଉପାର୍ଜିତ ଅପର୍ଯ୍ୟାପ୍ତ ଅର୍ଥ ଅକାତରରେ ବ୍ୟୟ କରି ନିଜେ ଅବିଶ୍ରାନ୍ତ ପରିଶ୍ରମ କରିଥିଲେ ।

## ମଧୁସୂଦନଙ୍କ ଶିକ୍ଷା ଓ ଓକିଲାତି :

କଟକ ସହରଠାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ୍ ମାସ ୨୮ ତାରିଖରେ ଉତ୍କଳଗୌରବ ମଧୁସୂଦନ ଜନ୍ମଗ୍ରହଣ କରିଥିଲେ । ଏହି ଐତିହାସିକ ଗ୍ରାମଟି ମଧୁସୂଦନଙ୍କ ସୁଯୋଗ୍ୟ ଭ୍ରାତା ଓଡ଼ିଶାର ପ୍ରଥମ ଉପନ୍ୟାସ ଖ୍ରାମଭୂୟାଁର ଲେଖକ ଓ ସେ କାଳର ଜଣେ ଉଚ୍ଚ ସରକାରୀ ପଦାଧିକାରୀ ଗୋପାଳବଲ୍ଲଭ ଦାସ ଓ ତାଙ୍କର କନ୍ୟା ଓଡ଼ିଶାର ସର୍ବଜନ ପୂଜ୍ୟା ଶ୍ରୀମତୀ ରମାଦେବୀଙ୍କର ଜନ୍ମଭୂମି ମଧୁସୂଦନଙ୍କ ପିତା ରଘୁନାଥ ଦାସ ସେ କାଳର ଜଣେ ଜମିଦାର ଥିଲେ । ମାତ୍ର ବାକିଯା ରାଜସ୍ୱ ନ ଦେଇ ପାରି ବହୁ ଓଡ଼ିଆ ଜମିଦାରଙ୍କ ପରି ସେ ତାଙ୍କର ଜମିଦାରୀ ହରାଇଥିଲେ । ମଧୁସୂଦନ ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଶେଷ କରି ସେତେବେଳର ଏକମାତ୍ର ହାଇସ୍କୁଲ କଟକ ହାଇସ୍କୁଲ (ପରେ ଏହାର ନାମ ରେଭେନ୍ସା କଲିଜିଏଟ୍ ହେଲା) ରେ ଅଧ୍ୟୟନ କଲେ ଏବଂ କଲେଜରେ ଅଧ୍ୟୟନପାଇଁ କଲିକତା ଯାଇଥିଲେ । ମଧୁସୂଦନ ୧୮୭୦ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ବି. ଏ. ପାଶ୍ କରି ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍ ହେଲେ ଏବଂ ପରେ ଓଡ଼ିଶାର ପ୍ରଥମ ଏମ୍. ଏ. ହେଲାପରେ ଓକିଲାତି ପାଶ୍ କରି କଲିକତାରେ ସେ ପ୍ରଥମ ଓଡ଼ିଆ ଆଡ଼ଭୋକେଟ୍ଭାବରେ ଓକିଲାତି କରିଥିଲେ । ମଧୁସୂଦନ କଲିକତା ଛାଡ଼ି ୧୮୮୧ ମସିହାରେ କଟକ ଆସି ଓକିଲାତି ଆରମ୍ଭ କରିଥିଲେ । ସେତେବେଳେ ତାଙ୍କ ବ୍ୟତୀତ କଟକର ପ୍ରାୟ ସମସ୍ତ ଓକିଲ ଥିଲେ ଅଣ ଓଡ଼ିଆ ।

## ଉତ୍କଳ ସଭାର ନେତୃତ୍ୱ :

ମଧୁସୂଦନ ଓଡ଼ିଶାର କେତୋଟି ଐତିହାସିକ ମକଦ୍ଦମା ଲଢ଼ି ସେଥିରେ ବିଜୟୀ ହୋଇ ସମଗ୍ର ଓଡ଼ିଶାରେ ଖ୍ୟାତି ଅର୍ଜନ କଲେ । ଓକିଲାତିରେ ସୁଖ୍ୟାତି



Digitized by srujanika@gmail.com

ଅର୍ଜନ କରିବା ସଙ୍ଗେ ସଙ୍ଗେ ସେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଅର୍ଥନୈତିକ, ଶିକ୍ଷା ଓ ସାଂସ୍କୃତିକ ଅଧୋଗତିରେ ମର୍ମାହତ ହୋଇ ଏହାର ନିରାକରଣ ଦିଗରେ ଚିନ୍ତା କରିଥିଲେ । ସେ ଓକିଲାତି ଆରମ୍ଭ କରିବାର ବର୍ଷକ ପରେ ୧୮୮୨ ମସିହାରେ କର୍ମବୀର ଗୌରୀଶଙ୍କର ରାୟ ପ୍ରମୁଖଙ୍କ ଉଦ୍ୟମରେ କଟକଠାରେ ଉତ୍କଳ ସଭା ନାମରେ ଓଡ଼ିଆ ବୁଦ୍ଧିଜୀବୀମାନଙ୍କର ଏକ ଅନୁଷ୍ଠାନ ସ୍ଥାପିତ ହେଲା । ସେତେବେଳେ ବଡ଼ଲାଟ୍ ଲର୍ଡ ରିପନ୍‌ଙ୍କ ନୂତନ ସ୍ୱାୟତ୍ତଶାସନ ଆଇନରେ ନିର୍ବାଚିତ ପ୍ରତିନିଧି ବ୍ୟବସ୍ଥାର ସୁବିଧା ନେବାପାଇଁ ମୁଖ୍ୟତଃ ଏହି ଅନୁଷ୍ଠାନ ଗଠିତ ହୋଇଥିଲା । ମଧୁସୂଦନ ଏହି ଉତ୍କଳସଭାରେ ସକ୍ରିୟ ଭାଗ ନେଇ କାର୍ଯ୍ୟ କଲେ । ପରେ ସେ ଏହାର ନେତୃତ୍ୱ ନେଇ ଏହାକୁ ପୁନର୍ଗଠିତ କରିଥିଲେ । ୧୮୮୫ ମସିହାରେ ତତ୍କାଳୀନ ବଡ଼ଲାଟ୍‌ଙ୍କ ଓଡ଼ିଶା ପରିଦର୍ଶନ ବେଳେ ଉତ୍କଳସଭା ପକ୍ଷରୁ ମଧୁସୂଦନଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ଦିଆଯାଇଥିଲା । ଏଥିରେ ସମ୍ବଲପୁର ଓ ଗଞ୍ଜାମ ଜିଲାର ଓଡ଼ିଶା ଡିଭିଜନ୍‌ସହିତ ମିଶ୍ରଣ ତଥା ଶିଳ୍ପ, ଶିକ୍ଷା ଓ ରେଳଲାଇନ ପ୍ରସାରପାଇଁ ନିବେଦନ କରା-ଯାଇଥିଲା । ଉତ୍କଳସଭା ଗଠନର ଚାରି ବର୍ଷ ପରେ ୧୮୮୬ ମସିହାରେ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା । ମଧୁସୂଦନ ଓ ଗୌରୀଶଙ୍କର ପ୍ରମୁଖ ଉତ୍କଳସଭାର ପ୍ରତିନିଧିଭାବରେ କଂଗ୍ରେସ ଅଧିବେଶନମାନଙ୍କରେ ନିୟମିତଭାବରେ ଯୋଗଦେଇ ଓଡ଼ିଶାରେ ଜାତୀୟ କଂଗ୍ରେସର ପ୍ରସ୍ତାବଗୁଡ଼ିକ ପ୍ରଚାର କରିବାପାଇଁ ଉଦ୍ୟମ କରିଥିଲେ । ୧୯୦୩ ମସିହା ପର୍ଯ୍ୟନ୍ତ ସେ କଂଗ୍ରେସ ଅନୁଷ୍ଠାନସହିତ ଘନିଷ୍ଠଭାବରେ ସଂପୃକ୍ତ ରହିଥିବା ଜଣାଯାଇଛି ।

୧୮୯୫ ମସିହାରେ ସମ୍ବଲପୁର ଜିଲାର ସ୍କୁଲ ଓ କଚେରିରୁ ଓଡ଼ିଆ ଭାଷା ଉଠାଇଦେବାପାଇଁ ମଧ୍ୟପ୍ରଦେଶ ସରକାର ଯେଉଁ ଆଦେଶ ଦେଲେ ତାହା ବିରୁଦ୍ଧରେ ସମଗ୍ର ସମ୍ବଲପୁର ଜିଲାରେ ଭାଷା ରକ୍ଷା ଆନ୍ଦୋଳନ ଚାଲିଲା । ମଧୁସୂଦନ ସେଥିପ୍ରତି ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ଏହାର ବର୍ଷକ ପରେ ୧୮୯୬ ମସିହାରେ ମଧୁସୂଦନ ବଙ୍ଗଳା ବିଧାନ ପରିଷଦ୍‌କୁ ଓଡ଼ିଶା ଓ ଛୋଟ-ନାଗପୁର ମ୍ୟୁନିସପାଲ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେଲେ । ସେ ଥିଲେ ସର୍ବପ୍ରଥମ ଓଡ଼ିଆ ନିର୍ବାଚିତ ଲୋକ ପ୍ରତିନିଧି । ୧୮୯୭ ମସିହାରେ ମଧୁସୂଦନ ବଙ୍ଗ ବିଧାନସଭାର ସଭ୍ୟଭାବରେ ଲଣ୍ଡନ ପରିଦର୍ଶନ କରି ସେଠାରେ ବ୍ରିଟିଶ ରାଜନୈତିକ ନେତୃବର୍ଗ ଓ ଶାସନ କର୍ତ୍ତୃପକ୍ଷଙ୍କ ନିକଟରେ ଓଡ଼ିଶାବାସୀଙ୍କ ଦୁଃଖ ଦୁର୍ଦ୍ଦଶା ଉପସ୍ଥାପିତ କରି ପ୍ରତିକାର ଲୋଡ଼ିଥିଲେ । ୧୮୯୯ ମସିହାରେ ଭାରତର ତତ୍କାଳୀନ ବଡ଼ଲାଟ ଲର୍ଡ କର୍ଜନ ଓଡ଼ିଶା ପରିଦର୍ଶନ କଲାବେଳେ


Digitized by srujanika@gmail.com

ମଧୁସୂଦନ ତାଙ୍କୁ ଭେଟି ଓଡ଼ିଶାର ଦୁଃଖ ଦୁର୍ଦ୍ଦଶା ବିଷୟରେ ଅବଗତ କରାଇଥିଲେ ଏବଂ ସମ୍ବଲପୁର ଜିଲ୍ଲାରୁ ଓଡ଼ିଆ ଭାଷା ଉଠାଇ ଜବରଦସ୍ତି ଲୋକଙ୍କ ଉପରେ ହିନ୍ଦୀ ଭାଷା ଲଦି ଦିଆଯାଇ ଯେଉଁ ଅନ୍ୟାୟ କରାଯାଇଥିଲା ସେଥିପ୍ରତି ଲର୍ଡ଼ କର୍ଜନଙ୍କ ଦୃଷ୍ଟି ଆକର୍ଷଣ କଲେ । ସେତେବେଳକୁ ମଧୁସୂଦନ ବଙ୍ଗପ୍ରଦେଶ ବିଧାନସଭାକୁ ଓଡ଼ିଶାରୁ ଦ୍ୱିତୀୟ ଥରପାଇଁ ନିର୍ବାଚିତ ହୋଇ ସାରିଥାଆନ୍ତି । ଲର୍ଡ଼ କର୍ଜନ ଯେ ଓଡ଼ିଆଭାଷୀ ଅଞ୍ଚଳର ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବିଚାର କରିଥିଲେ ତାହା ୧୯୦୩ ମସିହାରେ ପ୍ରକାଶିତ ରିଜ୍‌ଲେ ସର୍କୁଲାର୍‌ରୁ ପ୍ରମାଣିତ ହେଲା ।

## ଉତ୍କଳ ସମ୍ମିଳନୀରେ ନେତୃତ୍ୱ :

ସମ୍ବଲପୁର ଭାଷା ଆନ୍ଦୋଳନ ଫଳରେ ସମଗ୍ର ଓଡ଼ିଆଭାଷୀଙ୍କ ଭିତରେ ଯେଉଁ ଜାଗରଣ ଦେଖା ଦେଲା ସେଥିରେ ବିଭିନ୍ନ ପ୍ରଦେଶ ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳକୁ ମିଶାଇ ଏକ ଶାସନାଧୀନ କରିବାନିମନ୍ତେ ଆନ୍ଦୋଳନ ଚଳେଇବାପାଇଁ ଗୋଟିଏ କେନ୍ଦ୍ରୀୟ ପ୍ରତିନିଧିମୂଳକ ସଂଗଠନର ଆବଶ୍ୟକତା ମଧୁସୂଦନ ଅନୁଭବ କରିଥିଲେ । ଗଞ୍ଜାମ ଜିଲ୍ଲାବାସୀ ଏ ଦିଗରେ ପ୍ରଥମେ ଉଦ୍ୟମ ଆରମ୍ଭ କରି ମଧୁସୂଦନଙ୍କ ନେତୃତ୍ୱ ଉପରେ ଆସ୍ଥା ସ୍ଥାପନ କରିଥିଲେ । ଏହା ଫଳରେ ୧୯୦୩ ମସିହା ଡିସେମ୍ବର ମାସ ଶେଷଭାଗରେ ମଧୁସୂଦନଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧିମୂଳକ କେନ୍ଦ୍ରୀୟ ଅନୁଷ୍ଠାନ "ଉତ୍କଳ ସମ୍ମିଳନୀ" ଗଠିତ ହୋଇଥିଲା । ଏଥିରେ ଓଡ଼ିଶାର ସବୁଶ୍ରେଣୀ ଓ ଅଞ୍ଚଳର ପ୍ରତିନିଧି ଯୋଗ ଦେଇଥିଲେ । ମଧୁସୂଦନ ଏହି ସମ୍ମିଳନୀର ସେକ୍ରେଟେରୀ ହୋଇଥିଲେ ମଧ୍ୟ ବସ୍ତୁତଃ ସେ ଥିଲେ ଉତ୍କଳ ସମ୍ମିଳନୀର ପ୍ରାଣକେନ୍ଦ୍ର । ମଧୁସୂଦନଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ସବୁ ଶ୍ରେଣୀର ଲୋକଙ୍କ ଶ୍ରେଷ୍ଠ ପ୍ରତିନିଧିମୂଳକ ଅନୁଷ୍ଠାନରେ ପରିଣତ ହୋଇ କେବଳ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ନୁହେଁ, ଓଡ଼ିଶାର ଶିକ୍ଷା ଶିଳ୍ପ, କୃଷି ଓ ଯୋଗାଯୋଗ ପ୍ରସାରପାଇଁ ଆନ୍ଦୋଳନ ଚଳେଇଥିଲେ । ମଧୁସୂଦନଙ୍କ ବ୍ୟକ୍ତିତ୍ୱ, ସଂଗଠନ ଶକ୍ତି ଓ ନିଷ୍ଠା ଯୋଗୁ ରାଜା, ଜମିଦାର ତଥା ସାଧାରଣ ଲୋକଙ୍କ ସହଯୋଗ ଏଥିପାଇଁ ମିଳିଥିଲା । ୧୯୦୮ ମସିହାରେ ଦ୍ୱିତୀୟଥର ଲଣ୍ଡନ ପରିଦର୍ଶନ ବେଳେ ମଧୁସୂଦନ ତତ୍‌କାଳୀନ ଭାରତ ମନ୍ତ୍ରୀ ମର୍ଲେ ସାହେବଙ୍କ ସମେତ ବିଶିଷ୍ଟ ଇଂରେଜ ରାଜନୀତିଜ୍ଞ ଓ ପାର୍ଲିଆମେଣ୍ଟସଦସ୍ୟମାନଙ୍କ ସହିତ ଆଲୋଚନା ମାଧ୍ୟମରେ ଓଡ଼ିଶାବାସୀଙ୍କ ଦୁଃଖଦୁର୍ଦ୍ଦଶା ଉପସ୍ଥାପିତ



Digitized by srujanika@gmail.com

କଲେ । ମଧୁସୂଦନ ୧୯୦୯ ମସିହାଠାରୁ ୧୯୧୨ ମସିହା ପର୍ଯ୍ୟନ୍ତ ଭୂସ୍ୱାମୀଙ୍କ ପାଇଁ ବଙ୍ଗଳା ବିଧାନ ପରିଷଦ୍‌ର ସଭ୍ୟ ନିର୍ବାଚିତ ହେଲେ । ବଙ୍ଗଳା ବିଧାନ ପରିଷଦରେ ସଭ୍ୟ ରହିଥିବା ସମୟ ଭିତରେ ସେ ଓଡ଼ିଶାରେ ଶିକ୍ଷା ଓ ଶିଳ୍ପ ପ୍ରସାରସମ୍ପର୍କରେ ସରକାରଙ୍କୁ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ । ପ୍ରାଥମିକଶିକ୍ଷା ସ୍ତରରେ କୃଷି ଓ କାରିଗର ଶ୍ରେଣୀର ପିଲାମାନଙ୍କ ପାଇଁ କୃଷି ଓ କାରିଗରୀ ଶିକ୍ଷା ପ୍ରବର୍ତ୍ତନନିମନ୍ତେ ତଥା ଗ୍ରାମାଞ୍ଚଳ ବିଦ୍ୟାଳୟମାନଙ୍କ ସହିତ କ୍ଷୁଦ୍ର କୃଷିଫାର୍ମ ରଖିବାପାଇଁ ସେ ପରାମର୍ଶ ଦେଇଥିଲେ । ଓଡ଼ିଶାରେ ଗୋଟିଏ ଆଇନ କଲେଜ ସ୍ଥାପନପାଇଁ ସେ ଦାବି କରିଥିଲେ ।

## ବଙ୍ଗଳା ଓ ବିହାର-ଓଡ଼ିଶା ବିଧାନସଭାରେ :

୧୯୧୨ ମସିହାରେ ବିହାର-ଓଡ଼ିଶା ପ୍ରଦେଶ ଗଠନ ଘୋଷଣା କରାଯିବାପରେ ମଧୁସୂଦନ ତାର ତୀବ୍ର ପ୍ରତିବାଦ କରି କହିଥିଲେ, "ଐତିହାସିକ, ସାଂସ୍କୃତିକ ଏବଂ ଭୌଗୋଳିକ ଦୃଷ୍ଟିରୁ ବିହାରସହିତ ଓଡ଼ିଶାର କୌଣସି ସାମଞ୍ଜସ୍ୟ ନ ଥିବା ସ୍ଥଳେ ସରକାର କେଉଁ ବିଚାରରେ ଓଡ଼ିଶାକୁ ବିହାରସହିତ ଯୋଡ଼ି ଦେଇଛନ୍ତି ତାହା ସବୁଠାରୁ ବିସ୍ମୟର କଥା ।" ସରକାରଙ୍କ ଏହି ଅନ୍ୟାୟ ବେଶି ଦିନ ତିଷ୍ଠି ପାରିବ ନାହିଁ ବୋଲି ସେ ସତର୍କ ବାଣୀ ଶୁଣାଇ ଥିଲେ । ନୂତନ ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେବା ପରେ ମଧୁସୂଦନ ବିହାର-ଓଡ଼ିଶା ବିଧାନ ପରିଷଦ୍‌କୁ ନିର୍ବାଚିତ ହେଲେ । ଏହି ବିଧାନ ପରିଷଦ୍‌ରୁ ସେ ଭାରତୀୟ ବିଧାନ ପରିଷଦ୍‌ର ସଭ୍ୟଭାବରେ ନିର୍ବାଚିତ ହୋଇ ସେଠାରେ ୧୯୧୬ ମସିହା ପର୍ଯ୍ୟନ୍ତ ରହିଥିଲେ । ଭାରତୀୟ ବିଧାନ ପରିଷଦ୍‌କୁ ସେ ଓଡ଼ିଶାର ପ୍ରଥମ ସଭ୍ୟ-ଭାବରେ ନିର୍ବାଚିତ ହୋଇଥିଲେ । ଇମ୍ପିରିୟଲ୍ କାଉନ୍‌ସିଲ୍ ବା କେନ୍ଦ୍ର ବିଧାନ ସଭାରେ ଆଗତ ଭାରତୀୟ କମ୍ପାନି ବିଲ୍‌ରେ ଓଡ଼ିଶା ସ୍ୱାର୍ଥ ବିରୋଧୀ ବ୍ୟବସ୍ଥା ଖଞ୍ଜା ଯାଇଥିବାରୁ ମଧୁସୂଦନ ତା'ର ତୀବ୍ର ବିରୋଧ କରିଥିଲେ ଏବଂ ଓଡ଼ିଶାବାସୀଙ୍କ ଅବସ୍ଥାସମ୍ପର୍କରେ ସରକାର କିଛି ନ ଜାଣି ଏହା କରୁଛନ୍ତି ବୋଲି ପ୍ରତିପାଦନ କରିଥିଲେ । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟର ଦୃଷ୍ଟାନ୍ତ ଦେଇ ମଧୁସୂଦନ ଚାନ୍ଦବାଲି ଓ ଫଲ୍‌ସପଏଣ୍ଟ ନିକଟରେ ଗୋଟିଏ ନୂତନ ବନ୍ଦର ପ୍ରତିଷ୍ଠାପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ।

ତିନି ଥର ବଙ୍ଗଳା ବିଧାନସଭା, ତାପରେ କେନ୍ଦ୍ର ବିଧାନସଭା ଓ ଶେଷରେ ବିହାର-ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ମଧୁସୂଦନ ବିଭିନ୍ନ ବିଲ୍ ଓ ପ୍ରସ୍ତାବସମ୍ପର୍କରେ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ଓଡ଼ିଶାର କୃଷି



Digitized by srujanika@gmail.com

ଶିଳ୍ପ ଓ ଶିକ୍ଷା ସଂପର୍କରେ ସେ ନୂତନ ପ୍ରସ୍ତାବମାନ ଦେଇଥିଲେ ଏବଂ ଏ କ୍ଷେତ୍ରରେ ଓଡ଼ିଆଭାଷୀ ଅଞ୍ଚଳପ୍ରତି ବ୍ରିଟିଶ ସରକାର ଯେଉଁଭଳି ନିର୍ମମ ଅବହେଳା କରିଛନ୍ତି ସେଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସଙ୍ଗେ ସଙ୍ଗେ ସେ ଉତ୍କଳ ସମ୍ମିଳନୀର ପ୍ରସ୍ତାବଗୁଡ଼ିକ ଯେପରି କାର୍ଯ୍ୟକାରୀ ହେବ ସେ ଦିଗରେ ବ୍ୟକ୍ତିଗତ ଦୃଷ୍ଟି ଦେଉଥିଲେ । ବିହାର-ଓଡ଼ିଶା ବିଧାନସଭା ଓ କେନ୍ଦ୍ର ବିଧାନସଭାର ଜଣେ ଶକ୍ତିଶାଳୀ ସଭ୍ୟଭାବରେ କାର୍ଯ୍ୟକରି ସୁଖ୍ୟାତି ଅର୍ଜନ କରିବା ସଙ୍ଗେ ସଙ୍ଗେ ମଧୁସୂଦନ ୧୯୧୯ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ପ୍ରାଣକେନ୍ଦ୍ର ଭଳି ଥିଲେ । ବିଭିନ୍ନ ପ୍ରସ୍ତାବର ଚିଠା କରିବା ଓ ସେଥିପାଇଁ ପ୍ରସ୍ତାବକ, ଅନୁମୋଦକ ଓ ବକ୍ତା ସ୍ଥିର କରିବାର ଦାୟିତ୍ୱ ମଧ୍ୟ ତାଙ୍କୁ ବହନ କରିବାକୁ ହୋଇଥିଲା । ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହେବାର ଦଶ ବର୍ଷ ପରେ ଯାଇ ମଧୁସୂଦନ ୧୯୧୩ ମସିହା ଅଧିବେଶନରେ ନିଜେ ସଭାପତି ହେଲେ । ଏହା ପୂର୍ବରୁ ତାଙ୍କ ପରାମର୍ଶ କ୍ରମେ ରାଜା, ମହାରାଜା ଓ ଜମିଦାରମାନଙ୍କୁ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନମାନଙ୍କରେ ସଭାପତିତ୍ୱ କରିବାପାଇଁ ନିମନ୍ତ୍ରଣ କରାଯାଉଥିଲା । ୧୯୨୦ ମସିହାରେ ଚକ୍ରଧରପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଯେଉଁ ଅଧିବେଶନରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରସ୍ତାବ କ୍ରମେ ସମ୍ମିଳନୀରେ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟସହିତ ଏକମତ ହେଲେ, ସେହି ସମ୍ମିଳନୀରେ ମଧୁସୂଦନ ଉପସ୍ଥିତ ନ ଥିଲେ । ଏହା ପରେ ମଧୁସୂଦନ ବିହାର-ଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀପଦ ଗ୍ରହଣ କଲେ । ୧୯୨୦ ମସିହା ପରେ ଦୁଇ ବର୍ଷ ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର କୌଣସି ଅଧିବେଶନ ଅନୁଷ୍ଠିତ ହୋଇ ନ ଥିଲା । ତଥାପି ସମ୍ମିଳନୀ ପକ୍ଷରୁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣସଂପର୍କରେ ମତାମତମାନ ମଧୁସୂଦନଙ୍କସହିତ ପରାମର୍ଶ କ୍ରମେ ଉପସ୍ଥାପିତ କରାଯାଉଥିଲା ।

## ଓଡ଼ିଶାର ଶିଳ୍ପ ପିତାମହ ମଧୁସୂଦନ :

ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ମଧୁସୂଦନଙ୍କ ଅବଦାନ-ସଂପର୍କରେ ଆଲୋଚନା କରି ଜଣେ ଲେଖକ ଯଥାର୍ଥରେ ମତ ପ୍ରକାଶ କରିଛନ୍ତି ଯେ ମଧୁସୂଦନ ଥିଲେ ଓଡ଼ିଶାର ଶିଳ୍ପ ପିତାମହ । ମଧୁସୂଦନ ୧୮୮୧ ମସିହାରେ କଟକଠାରେ ରହି ଓକିଲାତି କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ବିଭିନ୍ନ ସମସ୍ୟା-ସଂପର୍କରେ ଅନୁଧ୍ୟାନ କଲାବେଳେ ଉପଲବ୍ଧି କରିଥିଲେ ଯେ ଓଡ଼ିଶାରେ ବ୍ରିଟିଶ ସରକାର ଶିଳ୍ପ ପ୍ରସାରପ୍ରତି ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି । କୌଣସି ଆଧୁନିକ ଶିଳ୍ପ ପ୍ରତିଷ୍ଠା କରିବା ତ ଦୂରକଥା ଓଡ଼ିଶାର



Digitized by srujanika@gmail.com

ପ୍ରସିଦ୍ଧ ହସ୍ତତନ୍ତ ଶିଳ୍ପ, ତାରକସିକାମ, ଜୋତା ଓ ଅନ୍ୟ ବହୁ ପ୍ରାଚୀନ କୁଟୀର ଶିଳ୍ପର ଶୋଚନୀୟ ଅବନତି ଘଟିଥିଲା । ତେଣୁ ସେଗୁଡ଼ିକର ପୁନରୁଦ୍ଧାରପ୍ରତି ସେ ଗୁରୁତ୍ୱ ଦେଇଥିଲେ । ଲଣ୍ଡନରେ ଥିବା ସମୟରେ ସେଠାକାର ଶିଳ୍ପ ଜାଗରଣ ତାଙ୍କୁ ପ୍ରେରଣା ଦେଇଥିଲା ଏବଂ ସେଠାରୁ ଫେରିଆସି ମଧୁସୂଦନ ୧୮୯୭ ମସିହାରେ ନିଜର ଉପାର୍ଜିତ ଅର୍ଥବ୍ୟୟରେ ନିଜ ବାସଭବନରେ 'ଓଡ଼ିଶା ଆର୍ଟିୱେୟାର' ବା ସୂକ୍ଷ୍ମ କୁଟୀର ଶିଳ୍ପ କାରଖାନା ସ୍ଥାପନ କରିଥିଲେ । ୧୫୦ ଜଣ ପର୍ଯ୍ୟନ୍ତ କୁଶଳୀ ଓଡ଼ିଆ କାରିଗରଙ୍କୁ ନିଯୁକ୍ତ କରି ମୁମୂର୍ଷୁ ଅବସ୍ଥାରେ ଥିବା କଟକର ପ୍ରସିଦ୍ଧ ତାରକସି ଶିଳ୍ପର ପୁନରୁଦ୍ଧାରପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଏଠାରେ କାରୁକାର୍ଯ୍ୟପୂର୍ଣ୍ଣ ଅଳଙ୍କାର ବ୍ୟତୀତ ବିଭିନ୍ନ କିସମର ଆଲୁମିନିୟମ, ସୁନା, ରୁପା ଓ କାଠରେ ବିଭିନ୍ନ ପ୍ରକାର ସୌଖୀନ ଜିନିଷ ତିଆରି କରାଇଥିଲେ । ଓଡ଼ିଶା ସୂକ୍ଷ୍ମକଳା କାରଖାନାରେ ପ୍ରଥମ ଭାଗରେ କର୍ମ ନିପୁଣତା ଯୋଗୁ ଲାଭ ହୋଇଥିବାରୁ ସେଥିରେ ଉତ୍ସାହିତ ହୋଇ ମଧୁସୂଦନ ୧୯୦୫ ମସିହାରେ ଜୋତା ଉତ୍ପାଦନପାଇଁ କଟକଠାରେ "ଉତ୍କଳ ଟ୍ୟାନେରି" ସ୍ଥାପନ କରିଥିଲେ । ଏକ ଯୌଥ କମ୍ପାନିରୂପେ ଏହି ଜୋତା କାରଖାନାକୁ ସେ ପରିଚାଳନା କରିଥିଲେ । ଏହି ଜୋତା କାରଖାନାରେ ସାପ ଓ ଗୋଧି ଚମଡ଼ାରେ ନିର୍ମିତ ଜୋତା ବିଦେଶରେ ବିଶେଷ ଆଦୃତ ହୋଇଥିଲା । ତେଣୁ ଏହାର ଷ୍ଟାଣ୍ଡାର୍ଡ ବା ମାନ ଅକ୍ଷୁଣ୍ଣ ରଖିବାକୁ ସେ ଅଜସ୍ର ଅର୍ଥ ବ୍ୟୟ କରିଥିଲେ ।

## ସ୍ୱାଧୀନତା ସଂଗ୍ରାମ ଓ ମଧୁସୂଦନ :

୧୯୨୧ ମସିହାରେ ସ୍ୱାଧୀନତା ସଂଗ୍ରାମ ଚାଲିଥିଲାବେଳେ ଉତ୍କଳ-ଗୌରବ ମଧୁସୂଦନ ବିହାର-ଓଡ଼ିଶା ପ୍ରଦେଶର ସ୍ୱାୟତ୍ତଶାସନ ବିଭାଗ ମନ୍ତ୍ରୀ-ଭାବରେ କାର୍ଯ୍ୟ କରୁଥିଲେ । ଜଣେ ପ୍ରତିଷ୍ଠିତ ଆଇନଜ୍ଞ ଓ ଓଡ଼ିଶାର ସୁଦକ୍ଷ ପ୍ରତିନିଧିଭାବରେ ବିହାର-ଓଡ଼ିଶା ସରକାରରେ ତାଙ୍କୁ ମନ୍ତ୍ରୀଭାବରେ ମନୋନୀତ କରାଯିବାରେ ଓଡ଼ିଶାର ବୁଦ୍ଧିଜୀବୀ ମହଲରେ ଆନନ୍ଦ ପ୍ରକାଶ ପାଇଥିଲା । ମାତ୍ର ସ୍ୱାଧୀନତା ସଂଗ୍ରାମ ଚାଲିଥିଲାବେଳେ ମଧୁସୂଦନ ମନ୍ତ୍ରୀପଦ ଗ୍ରହଣ କରିଥିଲେ ବୋଲି କଂଗ୍ରେସ ମହଲରେ ସେ ସମାଲୋଚିତ ହେଲେ । କିନ୍ତୁ ମଧୁସୂଦନ ଏକ ନିର୍ଦ୍ଦିଷ୍ଟ ନୀତି ଅନୁସରଣରେ ବିଧାନସଭାରେ ପ୍ରବେଶ କରିଥିଲେ ଓ ମନ୍ତ୍ରୀପଦ ଗ୍ରହଣ କରିଥିଲେ । ୧୮୮୬ ମସିହାରେ ଜାତୀୟ କଂଗ୍ରେସ ଗଠିତ ହେଲାବେଳେ ୨୦ ବର୍ଷରୁ ଅଧିକକାଳ ସେ ଉତ୍କଳସଭା ପକ୍ଷରୁ ଓଡ଼ିଶାର ପ୍ରତିନିଧିଭାବରେ ଜାତୀୟ କଂଗ୍ରେସ ଅଧିବେଶନମାନଙ୍କରେ ଯୋଗ ଦେଇଥିଲେ । ୧୯୦୩ ମସିହାରେ



Digitized by srujanika@gmail.com

ମାନ୍ଦ୍ରାଜ କଂଗ୍ରେସ ଅଧିବେଶନରେ ମାନ୍ଦ୍ରାଜ ପ୍ରଦେଶର ପ୍ରତିନିଧିମାନଙ୍କ କାରସାଦ ଯୋଗୁ ରାଜଗୋପାଳାଚାରୀ ସକୁଲାର ଯେଉଁଥିରେ କି ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ର କରି ଓଡ଼ିଆ ଜାତିଗଠନ ସହିତ ମିଶାଇଦେବାପାଇଁ ବ୍ରିଟିଶ ସରକାର ପ୍ରସ୍ତାବ ଦେଇଥିଲେ ତା' ବିରୁଦ୍ଧରେ ପ୍ରସ୍ତାବ ଗୃହୀତ ହେବାରୁ ମଧୁସୂଦନ ବ୍ୟଥିତ ହୋଇ କଂଗ୍ରେସପ୍ରତି ଆଗ୍ରହ ପ୍ରକାଶ କଲେ ନାହିଁ । ମଧୁସୂଦନ ଭାରତର ସ୍ୱାଧୀନତା ଚାହୁଁ ଥିଲେ । ଭାରତର ଯେକୌଣସି ଦେଶପ୍ରେମୀଙ୍କଠାରୁ ତାଙ୍କର ଦେଶପ୍ରେମ ଊଣା ନ ଥିଲା । ମାତ୍ର ସ୍ୱାଧୀନତା ହାସଲପାଇଁ ଅସହଯୋଗ ପନ୍ଥା ଅନୁସରଣ ନ କରି ବିଧାନସଭା ଭିତରେ ଲଢ଼ିବା ଉତ୍କୃଷ୍ଟ ପନ୍ଥା ବୋଲି ତାଙ୍କର ବିଶ୍ୱାସ ଥିଲା । ଏସମ୍ପର୍କରେ ୧୯୨୧ ମସିହା ମାର୍ଚ୍ଚ ୧୯ ତାରିଖରେ ବିହାର-ଓଡ଼ିଶା ବିଧାନସଭାରେ ସେ କହିଥିଲେ "ବିଧାନ ପରିଷଦ୍ ଭିତରେ ସ୍ୱରାଜ ହାସଲପାଇଁ ଆମକୁ କାମ କରିବାକୁ ହେବ । ଭାରତର ଶ୍ରେଷ୍ଠ ରାଜନୀତିଜ୍ଞ ଦାଦାଭାଇ ନରୋଜି କହି ନ ଥିଲେ କି ବିଧାନ ପରିଷଦ୍ ଭାରତପାଇଁ ସଂଗ୍ରାମ-ନିମନ୍ତେ ଉପଯୁକ୍ତ କ୍ଷେତ୍ର ? ଗୋଖଲେଙ୍କ ପରି ପ୍ରଖ୍ୟାତନାମା ବ୍ୟକ୍ତି କହିଥିଲେ ଯେ ବିଧାନସଭା ଭିତରେ ଆମେ ଅଂଶ ଗ୍ରହଣ କରି ଭାରତର ସ୍ୱାଧୀନତାପାଇଁ ସମସ୍ତ ଉଦ୍ୟମ କରିବା ।" ମଧୁସୂଦନ ଜଣେ ଅବୈତନିକ ମନ୍ତ୍ରୀଭାବରେ କାର୍ଯ୍ୟ କରିବାକୁ ଚାହିଁଲେ । ମାତ୍ର ସରକାର ସେଥିରେ ରାଜି ନ ହେବାରୁ ସେ ୧୯୨୩ ମସିହା ସେପ୍ଟେମ୍ବର ମାସରେ ଇସ୍ତଫାଦେଇ ଚାଲି ଆସିଲେ । ସ୍ୱାୟତ୍ତଶାସନ ବିଭାଗ ମନ୍ତ୍ରୀଭାବରେ ବିହାର-ଓଡ଼ିଶା ମ୍ୟୁନିସପାଲ ଆଇନ, ବିହାର-ଓଡ଼ିଶା ସ୍ୱାୟତ୍ତ ଶାସନ (ସଂଶୋଧନ) ଆଇନ ଓ ଗ୍ରାମ ଶାସନ ଆଇନ ଭଳି କେତେକ ଉଲ୍ଲେଖଯୋଗ୍ୟ ଆଇନ ପ୍ରଣୟନ କରାଇ ସେ ବ୍ରିଟିଶ ସରକାରଙ୍କ ସ୍ୱାୟତ୍ତ ଶାସନରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଦିଆଯାଇଥିବା କ୍ଷମତାକୁ କାର୍ଯ୍ୟକାରୀ କରିଥିଲେ । ଏହି ଆଇନଗୁଡ଼ିକର ବିଚାରବେଳେ ସେ ଯେଉଁ ବକ୍ତୃତା ଦେଇଥିଲେ ତାହା ଏବେ ମଧ୍ୟ ପ୍ରଣିଧାନଯୋଗ୍ୟ ।

## ମଧୁସୂଦନ ଓ ମହାତ୍ମାଗାନ୍ଧୀ :

ଉତ୍କଳଗୌରବ ମଧୁସୂଦନ ମନ୍ତ୍ରୀପଦରୁ ଇସ୍ତଫାଦେଇ ପୁଣି ତାଙ୍କ କର୍ମମୟ ଜୀବନକୁ ଫେରି ଆସିଲେ । ସେତେବେଳକୁ ତାଙ୍କୁ ୭୫ ବର୍ଷ ବୟସ । ତଥାପି ଦୃଢ଼ତାରସହିତ ଅପୂର୍ଣ୍ଣ କାର୍ଯ୍ୟକୁ ପୂର୍ଣ୍ଣ କରିବାଭଳି ତାଙ୍କର ଯଥେଷ୍ଟ ମାନସିକ ଶକ୍ତି ଥିଲା । ମଧୁସୂଦନ ଏକେ ସ୍ପଷ୍ଟ ନୀତି ଅନୁସରଣ କରି ସେତେବେଳର ମନ୍ତ୍ରୀଭଳି ଲୋଭନୀୟ ପଦରୁ ଇସ୍ତଫା ଦେଇ ଚାଲି



Digitized by srujanika@gmail.com

ଅସିଥିବାରୁ ଓଡ଼ିଶାର ସବୁ ଶ୍ରେଣୀର ଲୋକଙ୍କଦ୍ୱାରା ସମ୍ମାନିତ ହୋଇଥିଲେ । ୧୯୨୩ ମସିହାରେ ଉତ୍କଳମଣି ଗୋପବନ୍ଧୁ ଜେଲରୁ ଖଲାସ ହୋଇ ଆସିବା ପରେ ତାଙ୍କ ଅନୁରୋଧରେ ମଧୁସୂଦନ ପୁଣି କଂଗ୍ରେସରେ ଯୋଗ ଦେଇଥିଲେ । ଏହି ସମୟରେ ମଧୁସୂଦନ ତାଙ୍କ ପ୍ରତିଷ୍ଠିତ ଜୋତା କାରଖାନା ଉତ୍କଳ ଟ୍ୟାନେରିକୁ ଧ୍ୱଂସ ମୁଖରୁ ଉଦ୍ଧାର କରିବାପାଇଁ ଶେଷ ଚେଷ୍ଟା କରିଥିଲେ । ଏଥିପାଇଁ ସେ ୧୯୨୫ ମସିହାରେ ମହାତ୍ମା ଗାନ୍ଧୀଙ୍କ ସାହାଯ୍ୟ ଲୋଡ଼ିଲେ । ଗାନ୍ଧିଜୀ ମଧୁସୂଦନଙ୍କ ନିମନ୍ତ୍ରଣକ୍ରମେ ୧୯୨୫ ମସିହା ଅଗଷ୍ଟ ୧୯ ତାରିଖରେ କଟକରେ ପହଞ୍ଚି ଉତ୍କଳ ଟ୍ୟାନେରି ପରିଦର୍ଶନ କଲେ । କୌଣସି ବ୍ୟକ୍ତିବିଶେଷଙ୍କ ନିମନ୍ତ୍ରଣକ୍ରମେ ଗାନ୍ଧିଜୀ ଆସିବା ଏହା ଥିଲା ଏକ ବିରଳ ଘଟଣା । ସମଗ୍ରଭାବରେ ଜନସାଧାରଣ ଉପକୃତ ହେବା ଭଳି କୌଣସି ଜାତୀୟ କାର୍ଯ୍ୟ ନ ହେଲେ ଗାନ୍ଧିଜୀ ସେଥିରେ ଯୋଗ ଦେବାପାଇଁ ରାଜି ହୁଅନ୍ତି ନାହିଁ । ମାତ୍ର ଅସହଯୋଗ ସଂଗ୍ରାମସମ୍ବନ୍ଧରେ ମଧୁସୂଦନଙ୍କ ବିରୋଧ ଥିଲେ ମଧ୍ୟ ମଧୁସୂଦନଙ୍କପ୍ରତି ଗାନ୍ଧିଜୀଙ୍କ ଗଭୀର ଶ୍ରଦ୍ଧା ଥିବାରୁ ସେ ତାଙ୍କୁ ସାହାଯ୍ୟ କରିବାପାଇଁ ଚାହିଁଥିଲେ । ବ୍ୟକ୍ତିଗତ ନିମନ୍ତ୍ରଣକ୍ରମେ ଆସୁଥିବାରୁ ଗାନ୍ଧିଜୀ ଏଥରକ ପ୍ରାଦେଶିକ କଂଗ୍ରେସ ଅଫିସକୁ ମଧ୍ୟ ନ ଜଣାଇ ଆସିଥିଲେ । ମଧୁସୂଦନଙ୍କ ଜୋତା କାରଖାନାକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଗାନ୍ଧିଜୀ କଲିକତାରୁ ଗାନ୍ଧିବାଦୀ ବୈଜ୍ଞାନିକ ସତୀଶ ଦାସଗୁପ୍ତ ଓ ଆଉ କେତେକ ବ୍ୟବସାୟୀଙ୍କୁ ଡକାଇ ଆଣି ଏହି ଜୋତା କାରଖାନା ଦେଖାଇଥିଲେ । ଦୁର୍ଭାଗ୍ୟବଶତଃ ଏହି କାରଖାନାକୁ ସାହାଯ୍ୟ କରିବାରେ ସେ ସଫଳ ହେଲେ ନାହିଁ । ୧୯୨୭ ମସିହାରେ କୋର୍ଟ ମଧୁସୂଦନଙ୍କୁ ଦେବାଳିଆ ଘୋଷଣା କଲେ ଏବଂ ନିଜ ବାସଭବନ ତଥା ଉତ୍କଳ ଟ୍ୟାନେରି ତାଙ୍କ ନିୟନ୍ତ୍ରଣରୁ ଚାଲିଗଲା ।

ମଧୁସୂଦନଙ୍କୁ ଗାନ୍ଧିଜୀ କାହିଁକି ଶ୍ରଦ୍ଧା କରନ୍ତି ତାହା ସେ କେତେକ ଲେଖାରେ ବ୍ୟକ୍ତ କରିଥିଲେ । ଗାନ୍ଧିଜୀ ଶରୀର ଶ୍ରମକୁ ଯେଉଁ ମର୍ଯ୍ୟାଦା ଦେଉଥିଲେ ମଧୁସୂଦନ ସେହି ଶରୀର ଶ୍ରମର ମର୍ଯ୍ୟାଦାକୁ ବଢ଼ାଇବାପାଇଁ ତାଙ୍କ ସାରା ଜୀବନ ଉଦ୍ୟମ କରିଥିଲେ । ମଧୁ ବାବୁଙ୍କର ବିଶ୍ୱାସ ଥିଲା ଯେ ଲୋକେ ଆଳସ୍ୟ ଓ ଜଡ଼ତା ଛାଡ଼ି ବୁଦ୍ଧି ଖଟେଇ ହସ୍ତଶ୍ରମ ନ କଲେ ଦେଶର ଉନ୍ନତି ହୋଇପାରିବ ନାହିଁ । ତେଣୁ ତାରକସି କାମ ଓ ଶିଙ୍ଗ ତଥା ଜୋତା ତିଆରି କାମ ଭଳି କୁଟୀରଶିଳ୍ପର ପୁନରୁଦ୍ଧାରପାଇଁ ସେ ନିଜ ଉପାର୍ଜିତ ଅଜସ୍ର ଅର୍ଥ ବ୍ୟୟ କରିଥିଲେ । ଗାନ୍ଧିଜୀ କଂଗ୍ରେସରେ ଅରଟରେ ସୂତା କାଟିବାପାଇଁ କହିବା ପୂର୍ବରୁ ମଧୁ ବାବୁ ଅରଟରେ ସୂତା କାଟିବାପାଇଁ ଉତ୍କଳ ସମ୍ମିଳନୀରେ ପ୍ରସ୍ତାବ କରାଇଥିଲେ ଓ ନିଜେ ସମ୍ମିଳନୀ ମଣ୍ଡପରେ ଅରଟରେ ସୂତାକାଟି



Digitized by srujanika@gmail.com

ଦେଖାଉଥିଲେ । ଗାନ୍ଧିଜୀ ଦରେ ଅନେକ ସ୍ଥାନରେ ମଧ୍ୟ ବାବୁଙ୍କ କଥା ଉଲ୍ଲେଖ କରିଛନ୍ତି । ୧୯୩୪ ମସିହା ସେପ୍ଟେମ୍ବର ୭ ତାରିଖରେ 'ହରିଜନ' ପତ୍ରିକାରେ ଗାନ୍ଧିଜୀ ଲେଖିଥିଲେ, "ଶରୀର ଶ୍ରମରୁ ବୁଦ୍ଧିକୁ ଅଲଗା କରିଦେବା ଫଳରେ ଆମେ ସବୁଠାରୁ ଅଲ୍ପାୟୁଷ, ସଙ୍ଗଠନହୀନ ଓ ସବୁଠୁ ଶୋଷିତ ଜାତି ହୋଇ-ଯାଇଛୁ । ଗାଁ ଗଣ୍ଡାରେ ଚମଡ଼ା ଶିଳ୍ପ ଅବସ୍ଥା ଦେଖିଲେ ଏହାର ସବୁଠୁ ବଡ଼ ପ୍ରମାଣ ମିଳିବ । ସ୍ୱର୍ଗୀୟ ମଧୁସୂଦନ ଦାସ ଏ ସମ୍ବନ୍ଧରେ ମୋ ଆଖି ଫିଟେଇ ଦେଇଥିଲେ । ସେ ମୋତେ ବୁଝାଇ ଦେଇଥିଲେ ଯେ ଆମେ ସମାଜର ଗୋଟିଏ ଭାଗଙ୍କ ପ୍ରତି ଘୋର ଅନ୍ୟାୟ କରୁଛୁ । ସେ ନିଜେ ମଧ୍ୟ ଶିଖାଇବା ଉଦ୍ଦେଶ୍ୟରେ ଏକ ଚମଡ଼ା କାରଖାନା ଖୋଲି ନିଜ ଜୀବନରେ ସେହି ଅନ୍ୟାୟର ପ୍ରାୟଶ୍ଚିତ୍ତ କରିବାକୁ ଚେଷ୍ଟା କରିଥିଲେ । ତାଙ୍କ ଉଦ୍ୟମ ସଫଳ ନ ହେଲେ ମଧ୍ୟ କଟକର ଶହ ଶହ ମୋଚିଙ୍କ ପେଟ ପୋଷିବାର ବାଟ ଖୋଲିଯାଇଥିଲା ।"

## କୁଳବୃଦ୍ଧ ମଧୁସୂଦନ :

୧୯୨୮ ମସିହାରେ ସାଇମନ୍ କମିଶନ୍‌ଙ୍କ ପରିଦର୍ଶନବେଳେ ମଧୁସୂଦନ ବାର୍ଦ୍ଧକ୍ୟ ଦୃଷ୍ଟିରୁ ତଥା ଅନ୍ୟ କାରଣରୁ ଏହି କମିଶନ୍‌ଙ୍କ ନିକଟରେ ସାକ୍ଷ୍ୟ ଦେବାକୁ ଯାଇପାରି ନ ଥିଲେ । ମାତ୍ର ଉତ୍କଳ ସମ୍ମିଳନୀସହିତ ସଂପୃକ୍ତ ତାଙ୍କର ଯେଉଁ ଘନିଷ୍ଠ ବନ୍ଧୁମାନେ କମିଶନ୍‌ଙ୍କ ନିକଟରେ ସାକ୍ଷ୍ୟ ଦେବାକୁ ଗଲେ ସେମାନଙ୍କୁ ସେ ପରାମର୍ଶ ଦେଇଥିଲେ ଯେ ସମସ୍ତ ଓଡ଼ିଆଭାଷୀ ପ୍ରତିନିଧି ଏକ ମନ ଏକ ପ୍ରାଣରେ ସ୍ୱତନ୍ତ୍ର ପ୍ରଦେଶପାଇଁ ଦାବି ନ ଜଣାଇଲେ ଏ ସମସ୍ତ ସାକ୍ଷ୍ୟ ଫଳପ୍ରଦ ହେବ ନାହିଁ । ତା' ବ୍ୟତୀତ ଓଡ଼ିଶାର ଆର୍ଥିକ ବିଗ୍ରହ ଦୃଷ୍ଟିରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ସାଇମନ୍ କମିଶନ୍ ସ୍ୱୀକୃତି ଦେବେ ବୋଲି ତାଙ୍କର ବିଶ୍ୱାସ ନ ଥିଲା । ତା'ସତ୍ତ୍ୱେ ୧୯୨୮ ମସିହା ଅକ୍ଟୋବର ମାସରେ ଏହି ସମୟରେ କଟକରେ ଯେଉଁ ବିରାଟ ଛିନ୍ନମସ୍ତା ଶୋଭାଯାତ୍ରା ବାହାରିଥିଲା ତାକୁ ଉତ୍ସାହିତ କରିବାପାଇଁ ମଧୁସୂଦନ କିଛି ସମୟ ଏହାର ଅଗ୍ରଭାଗରେ ରହି ଚାଲି ଚାଲି ଯାଇଥିଲେ । ସାଇମନ୍ କମିଶନ୍‌ଙ୍କ ପରାମର୍ଶକ୍ରମେ ଅଟଲି କମିଟି ବସିଲା ଏବଂ ଶେଷରେ ସୀମା କମିଶନ୍ (ଓଡ଼ନେଲ୍ କମିଟି) ନିଯୁକ୍ତ ହେଲେ । ସେହି କମିଶନ୍ ୧୯୩୧ ମସିହାରେ ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳରେ ସାକ୍ଷ୍ୟ ଗ୍ରହଣ କରୁଥିବାବେଳେ ୮୧ ବର୍ଷ ବୟସ୍କ କୁଳବୃଦ୍ଧ ମଧୁସୂଦନ ଜାମସେଦ୍‌ପୁର ଓ ସିଂହଭୂମିର କେତେକ ଅଞ୍ଚଳକୁ ଯାଇ ସିଂହଭୂମି ମିଶ୍ରଣ ସପକ୍ଷରେ ଜନମତ ସୃଷ୍ଟି କରିଥିଲେ । ସୀମା କମିଶନ୍‌ଙ୍କ ସୁପାରିଶ



Digitized by srujanika@gmail.com

ପରେ ଓଡ଼ିଶାର ସୀମାସମ୍ପର୍କରେ ଏକ ଶ୍ୱେତପତ୍ର ବ୍ରିଟିଶ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲା ଓ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ଗଠିତ ହେବାର ସୂଚନା ମିଳିଲା । ସେହି ସମୟରେ ବ୍ରିଟିଶ ସରକାରଙ୍କ ପକ୍ଷରୁ ସାର୍ ଜନ୍ ହବାକ୍‌ଙ୍କ ସଭାପତିତ୍ୱରେ ଓଡ଼ିଶା ପ୍ରଶାସନିକ କମିଟି ଗଠିତ ହେଲା ଏବଂ ସେଥିରେ କୁଳବୃଦ୍ଧ ମଧୁସୂଦନ ଥିଲେ ଜଣେ ବିଶିଷ୍ଟ ସଭ୍ୟ । କମିଟିର ଅନ୍ୟାନ୍ୟ ସଭ୍ୟମାନଙ୍କ ସାଙ୍ଗରେ ମଧୁସୂଦନ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ ଓ ଗୁରୁତ୍ୱପୂର୍ଣ୍ଣ ପରାମର୍ଶମାନ ଦେଇଥିଲେ । ସ୍ୱତନ୍ତ୍ର ଓଡ଼ିଶାଗଠନପାଇଁ ଅର୍ଦ୍ଧ ଶତାବ୍ଦୀ କାଳ ମଧୁସୂଦନ ଯେଉଁ ସ୍ୱପ୍ନ ଦେଖିଥିଲେ ସେଥିରେ ଏହା ଥିଲା ତାଙ୍କର ଶେଷ ସରକାରୀ କାର୍ଯ୍ୟ । ସେତେବେଳକୁ ତାଙ୍କୁ ୮୫ ବର୍ଷରୁ ଅଧିକ । ମଧୁସୂଦନ ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ଓଡ଼ିଶାବାସୀଙ୍କୁ ଛାଡ଼ି ଚାଲି ଯାଇଥିଲେ ।

## ଓଡ଼ିଶାବାସୀଙ୍କୁ ତାଙ୍କର ଶେଷ ପରାମର୍ଶ :

ଜୀବନର ଶେଷ ମୁହୂର୍ତ୍ତରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯିବ ସେ ବିଷୟରେ ମଧୁସୂଦନ ବ୍ୟସ୍ତ ହୋଇ-ପଡ଼ିଥିଲେ । ପୂର୍ବରୁ ସେ ଉତ୍କଳମଣି ଗୋପବନ୍ଧୁଙ୍କ ଉପରେ ଏହି ଦାୟିତ୍ୱ ଦେବେ ବୋଲି ମନସ୍ଥ କରିଥିଲେ । ମାତ୍ର ତାଙ୍କ ମୃତ୍ୟୁର ଛ ବର୍ଷ ପୂର୍ବରୁ ଗୋପବନ୍ଧୁଙ୍କର ମୃତ୍ୟୁ ଘଟିଥିଲା । ତେଣୁ ମୃତ୍ୟୁ ଶଯ୍ୟାରେ ଥାଇ ସେ ପଣ୍ଡିତ ନୀଳକଣ୍ଠଙ୍କୁ ଖୋଜିଲେ । ପଣ୍ଡିତ ନୀଳକଣ୍ଠ ତାଙ୍କ ନିକଟକୁ ଆସିଲା ପରେ ମଧୁସୂଦନ ତାଙ୍କୁ କହିଥିଲେ, ଦେଶ ଓ ଦଶର ମୁଖ ଉଜ୍ଜ୍ୱଳ କରିବାପରି ଦେଶପ୍ରାଣ ଓଡ଼ିଆ ଲୋକଙ୍କର ଅଭାବ ଓଡ଼ିଶାରେ ଦେଖାଦେବ ନାହିଁ ତ ? ଓଡ଼ିଶାବାସୀଙ୍କ ପ୍ରତି ଶେଷ ବାର୍ତ୍ତା ଦେଇ ମଧୁସୂଦନ କହିଥିଲେ ଓଡ଼ିଶାର ନିର୍ମଳ ଲୋକଙ୍କୁ କହିବ ଯେ ସେମାନେ ସବୁବେଳେ ନିଜ ଅନ୍ତରକୁ ନିର୍ମଳ ରଖିବେ । ତା’ ହେଲେ ସେମାନଙ୍କ ଅନ୍ତରାତ୍ମା ପବିତ୍ର ରହିବ ।”

## ଉତ୍କଳମଣି ଗୋପବନ୍ଧୁ ଦାସ

ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସର୍ବମାନ୍ୟ ନେତା, ଦୁଃସ୍ଥ ଓ ଅସହାୟଙ୍କ ଏକନିଷ୍ଠ ସେବକ, କବି ଓ ସାମ୍ବାଦିକଭାବରେ ଆଧୁନିକ ଓଡ଼ିଶା ନିର୍ମାଣରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅବଦାନ ଅତୁଳନୀୟ । ଓଡ଼ିଶାରେ ଜାତୀୟ କଂଗ୍ରେସର ନେତୃତ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟବେଳେ



Digitized by srujanika@gmail.com

ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ସେବା ତାଙ୍କ ଜୀବନର ବ୍ରତ ହୋଇଥିଲେ ମଧ୍ଯ ଗୋପବନ୍ଧୁଙ୍କ କାର୍ଯ୍ୟକ୍ରମ ଭିତରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ବିଶେଷତଃ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଶିକ୍ଷା ପ୍ରସାରକୁ ସେ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଉଥିଲେ । ଜାତୀୟ କଂଗ୍ରେସ ଭାଷା ଭିତ୍ତିରେ ପ୍ରଦେଶ ଗଠନ ନୀତି ଗ୍ରହଣ କରି ନେଇଥିବାରୁ ଜାତୀୟ କଂଗ୍ରେସସମ୍ବନ୍ଧିତ ଓଡ଼ିଶାବାସୀ ସାମିଲ ହୋଇ କାର୍ଯ୍ୟ କରନ୍ତୁ ବୋଲି ସେ ଚାହୁଁଥିଲେ । ଜାତୀୟ ସ୍ୱାର୍ଥ ଓ ଓଡ଼ିଶାର ସ୍ୱାର୍ଥ ଭିତରେ ସଙ୍ଘର୍ଷର ଅବକାଶ ନାହିଁ ବୋଲି ତାଙ୍କର ଦୃଢ଼ମତ ଥିଲା । ଏଠାରେ ଓଡ଼ିଆ ଆନ୍ଦୋଳନପ୍ରତି ଉତ୍କଳମଣି ଗୋପବନ୍ଧୁଙ୍କ ଆନ୍ତରିକ ନିରବଚ୍ଛିନ୍ନ ଉଦ୍ୟମର ଆଲୋଚନା କରାଯାଇଛି ।

## ତାଙ୍କ କର୍ମମୟ ଜୀବନର ପ୍ରଥମ ପର୍ଯ୍ୟାୟ:

ଉତ୍କଳମଣି ଗୋପବନ୍ଧୁ ଦାସ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଗୋପବନ୍ଧୁ ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରୁଥିବାବେଳେ ପୁରୀର ସୁପରିଚିତ ମୁକ୍ତାର ରାମଚନ୍ଦ୍ର ଦାସଙ୍କସହିତ ତାଙ୍କର ଘନିଷ୍ଠ ପରିଚୟ ହେଲା । ରାମଚନ୍ଦ୍ର ଦାସ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନର ଜଣେ ପ୍ରଧାନ ଉଦ୍ୟୋକ୍ତା ଥିଲେ । ଗୋପବନ୍ଧୁ ତାଙ୍କଠାରୁ ନିଃସ୍ୱାର୍ଥପର ଦେଶସେବା ଓ ଦେଶପ୍ରେମ ଶିକ୍ଷା କରିବା ସଙ୍ଗେ ସଙ୍ଗେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣସମ୍ପର୍କରେ ପ୍ରେରଣା ପାଇଥିଲେ । ୧୯୦୩ ମସିହାରେ ଉତ୍କଳ ଗୌରବ ମଧୁସୂଦନଙ୍କ ଉଦ୍ୟମରେ କଟକଠାରେ ଯେତେବେଳେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା, ଗୋପବନ୍ଧୁ ସେତେବେଳେ ଜଣେ ଛାତ୍ର । ସେ ଏହି ସମ୍ମିଳନୀରେ ଜଣେ ସ୍ୱେଚ୍ଛାସେବକଭାବରେ କାର୍ଯ୍ୟ କରିଥିଲେ । ସେହି ଦିନଠାରୁ ସେ ମଧୁସୂଦନଙ୍କ ଦୃଷ୍ଟି ଆକର୍ଷଣ କଲେ । କ୍ରମଶଃ ଉଭୟଙ୍କ ଭିତରେ ଘନିଷ୍ଠ ସମ୍ପର୍କ ପ୍ରତିଷ୍ଠିତ ହେଲା । ୧୯୦୮ ମସିହାରେ ପୁରୀଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ କେନ୍ଦ୍ରାପଡ଼ା ଓ ଯାଜପୁର ଅଞ୍ଚଳରେ ବନ୍ୟା ପ୍ରପୀଡ଼ିତ ଉତ୍କଳମଣି ଗୋପବନ୍ଧୁ ଯେଉଁ ସେବା କରିଥିଲେ ତା'ର ପ୍ରଶଂସା କରାଯାଇ ପ୍ରସ୍ତାବ ହୋଇଥିଲା ଏବଂ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସେବାନିମନ୍ତେ ସମ୍ମିଳନୀ ପକ୍ଷରୁ ଏକ କମିଟି ଗଠିତ ହୋଇଥିଲା । ଏହା ପରେ ଗୋପବନ୍ଧୁ ସତ୍ୟବାଦୀଠାରେ ବନ ବିଦ୍ୟାଳୟ ସ୍ଥାପନ କଲେ । ସେ ଅନୁଭବ କରିଥିଲେ ଯେ ଶିକ୍ଷାନୁଷ୍ଠାନମାନଙ୍କରେ ଆଧୁନିକ ଶିକ୍ଷା ସଙ୍ଗେ ସଙ୍ଗେ ଛାତ୍ରମାନଙ୍କୁ ଦେଶପ୍ରେମ, ମାନବସେବା ଓ ଚରିତ୍ରବତ୍ତା ଶିକ୍ଷା ଦେବା ଏକାନ୍ତ ଆବଶ୍ୟକ । ଏହି ବନବିଦ୍ୟାଳୟ ସମଗ୍ର ଦେଶରେ



Digitized by srujanika@gmail.com

ସେତେବେଳେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନଭାବରେ ସୁଖ୍ୟାତି ଲାଭକରିଥିଲା । ଉତ୍କଳ ସମ୍ମିଳନୀର ୧୯୧୩ ମସିହା ପୁରୀ ଅଧିବେଶନରେ ଏକ ପ୍ରସ୍ତାବରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠାତା ଗୋପବନ୍ଧୁ ଓ ତାଙ୍କ ସହକର୍ମୀଙ୍କ କାର୍ଯ୍ୟର ପ୍ରଶଂସା କରାଯାଇ ଏଥିପାଇଁ ସାହାଯ୍ୟନିମନ୍ତେ ନିବେଦନ କରାଯାଇଥିଲା ଏବଂ ଉକ୍ତ ସଭା ସ୍ଥଳରେ ୮ ହଜାରରୁ ଅଧିକ ଟଙ୍କା ମିଳିଥିଲା । ସେତେବେଳକୁ ମଧୁସୂଦନ ଓ ଗୋପବନ୍ଧୁଙ୍କ ଭିତରେ ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇସାରିଥିଲା ଓ ଗୋପବନ୍ଧୁ ଉତ୍କଳ ସମ୍ମିଳନୀ କାର୍ଯ୍ୟରେ ଅଧିକ ସଂପୃକ୍ତ ହୋଇଥିଲେ ।

## ଉତ୍କଳ ସମ୍ମିଳନୀରେ ନେତୃତ୍ୱ:

ବିହାର ଓ ଓଡ଼ିଶା ପ୍ରଦେଶ ଗଠନ ପରେ ପୁନର୍ଗଠିତ ବିଧାନପରିଷଦ୍‌ପାଇଁ ୧୯୧୬ ମସିହାରେ ଯେଉଁ ନିର୍ବାଚନ ହେଲା ସେଥିରେ ମଧୁସୂଦନଙ୍କ ପରାମର୍ଶ କ୍ରମେ ଗୋପବନ୍ଧୁ ବିଧାନପରିଷଦ୍‌କୁ ପ୍ରାର୍ଥୀ ହେଲେ ଏବଂ ମଧୁସୂଦନଙ୍କ ସାହାଯ୍ୟ କ୍ରମେ ନିର୍ବାଚିତ ହେଲେ । ବିଧାନସଭାରେ ଓଡ଼ିଶାର ବିଭିନ୍ନ ସମସ୍ୟା ସଂପର୍କରେ ସେ ଶକ୍ତିଶାଳୀ ଯୁକ୍ତି ବାଢ଼ି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୧୯ ମସିହାରେ ପୁରୀ ଜିଲାର ଡେଲାଭିରି ଅଞ୍ଚଳରେ ଯେଉଁ ଭୟାବହ ଦୁର୍ଭିକ୍ଷ ହୋଇ ଶତାଧିକ ଲୋକ ମୃତ୍ୟୁ ମୁଖରେ ପଡ଼ିଲେ, ଉତ୍କଳମଣି ଗୋପବନ୍ଧୁ ତାଙ୍କ ସହଯୋଗୀ ଶିକ୍ଷକ ଓ ଛାତ୍ରମାନଙ୍କୁ ନେଇ ଏହି ଅଞ୍ଚଳର ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କ ସେବାରେ ଲାଗିପଡ଼ିଥିଲେ । ଏହି ସମୟରେ ଗୋପବନ୍ଧୁଙ୍କର ଅକ୍ଳାନ୍ତ ସେବା ଶୁଶ୍ରୂଷା କାର୍ଯ୍ୟ ବିଶିଷ୍ଟ ସମାଜସେବୀ ଠକ୍କରବାପାଙ୍କ ଜରିଆରେ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେହି ବର୍ଷ ଗୋପବନ୍ଧୁ ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନ (କଟକ)ରେ ସଭାପତିତ୍ୱ କଲେ ଏବଂ ସେଠାରେ ସେ ଯେଉଁ ଐତିହାସିକ ଭାଷଣ ଦେଇଥିଲେ ସେଥିରେ ଓଡ଼ିଆଭାଷୀଙ୍କ ସମସ୍ୟା ଓ ତା'ର ନିରାକରଣର ଉପାୟ ବିଶ୍ଳେଷଣ କରିବା ବ୍ୟତୀତ ସର୍ବ ଭାରତୀୟ ସ୍ତରରେ କାର୍ଯ୍ୟ କରିବାପାଇଁ ସେ ମନସ୍ଥ କରିଥିବା ବିଷୟ ପ୍ରକାଶ କରିଥିଲେ । ତା ସାଙ୍ଗେ ସାଙ୍ଗେ ଗୋପବନ୍ଧୁ ଦୃଢ଼ ସ୍ୱରରେ ଘୋଷଣା କରିଥିଲେ, "ଓଡ଼ିଶାର ନଗର, ଗ୍ରାମ, ପଡ଼ା ପାଟନା, ବିଲ, ହାଟ ଓ ରାଜପଥ ସର୍ବତ୍ର ଜାତୀୟତାର ଭାବ ସ୍ରୋତରେ ଭସାଇବାକୁ ହେବ ଏବଂ ଆମ୍ଭମାନଙ୍କର ଏହି ଜାତୀୟ ଆନ୍ଦୋଳନରେ ରାଜା, ପ୍ରଜା, ଜମିଦାର, ରୟତ, ଧନୀ, ଦରିଦ୍ର, ବଡ଼ ଓ ସାନ ପ୍ରଭୃତି ଭେଦଭାବ ଭାଙ୍ଗିବାକୁ ହେବ ।" ସେହି ବକ୍ତୃତାରେ ଓଡ଼ିଆ ଜାତିର ସଂଜ୍ଞା ନିର୍ଦ୍ଧାରଣ କରି ଗୋପବନ୍ଧୁ କହିଥିଲେ, "ଯେଉଁମାନେ ଉତ୍କଳ ବା ଓଡ଼ିଶାରେ



Digitized by srujanika@gmail.com

ସମାନ ଆଶା ଆକାଙ୍କ୍ଷାଧର ଜନ୍ମମରଣରେ ସମାନ ଶ୍ରେୟଃ ସ୍ୱାର୍ଥରେ ବଜଡ଼ିତ ସେମାନେ ସମସ୍ତେ ଓଡ଼ିଆ ଜାତି । ପୁଣି ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣାର ସମସ୍ତ ସ୍ୱାର୍ଥ ମିଳାଇ ଦେଇଅଛନ୍ତି ଓଡ଼ିଶା ତାଙ୍କର ଓ ସେ ଓଡ଼ିଶାର ।"

୧୯୧୯ ମସିହା ଡିସେମ୍ବର ମାସରେ ପୁରୀଠାରେ ଉତ୍କଳ ସମ୍ମିଳନୀର ଅଧିବେଶନ ସମ୍ବଲପୁରର ବିଶିଷ୍ଟ ଜାତୀୟବାଦୀ ନେତା ଚନ୍ଦ୍ରଶେଖର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଏହି ଅଧିବେଶନରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରସାରପାଇଁ ନିରବଚ୍ଛିନ୍ନ ଉଦ୍ୟମ କରିବା ଉପରେ ଗୋପବନ୍ଧୁ ଜୋର୍ ଦେଇଥିଲେ ଏବଂ ଏଥିପାଇଁ ଓଡ଼ିଆ ସଂରକ୍ଷଣ ପାଣ୍ଠି ନାମରେ ଏକ ସଂସ୍ଥା ସ୍ଥାପନ କରିବାପାଇଁ ନିଷ୍ପତ୍ତି କରାଯାଇଥିଲା । ଗୋପବନ୍ଧୁ ଏହି ପାଣ୍ଠିର ସଂପାଦକ ନିଯୁକ୍ତ ହେଲେ ଏବଂ ଏହାର ମୁଖ୍ୟ-କାର୍ଯ୍ୟାଳୟ ଚକ୍ରଧରପୁରଠାରେ ରହିବ ବୋଲି ସ୍ଥିର ହେଲା ।

## ସିଂହଭୂମିରେ ଓଡ଼ିଆ ଶିକ୍ଷାର ପ୍ରସାରପାଇଁ ଉଦ୍ୟମ :

୧୯୧୭ ମସିହାରେ ଉତ୍କଳମଣି ଗୋପବନ୍ଧୁ ବିହାର - ଓଡ଼ିଶା ପ୍ରଦେଶ ବିଧାନପରିଷଦ୍‌ର ସଭ୍ୟ ନିର୍ବାଚିତ ହେବା ପରେ ଯେତେବେଳେ ବିଧାନପରିଷଦ୍‌ରେ ଯୋଗ ଦେବାପାଇଁ ଯାଆନ୍ତି ଫେରିଲାବେଳେ ସିଂହଭୂମିର ବିଭିନ୍ନ ଅଞ୍ଚଳ ଗସ୍ତକରି ଜିଲାର ବିଶିଷ୍ଟ ବ୍ୟକ୍ତିମାନଙ୍କସହିତ ଆଲୋଚନା କରିଥା'ନ୍ତି । ଏହି ସମୟରେ ସିଂହଭୂମି ଜିଲାରେ ଓଡ଼ିଆ ଶିକ୍ଷାର ପ୍ରସାର ସର୍ବାପେକ୍ଷା ଅଧିକ ଆବଶ୍ୟକତା ରହିଛି ବୋଲି ଗୋପବନ୍ଧୁ ଅନୁଭବ କଲେ ଏବଂ ଜିଲାର ବିଭିନ୍ନ ଅଞ୍ଚଳରେ ଓଡ଼ିଆ ସ୍କୁଲମାନ ସ୍ଥାପନ କରିବାପାଇଁ ସେ ମନସ୍ଥ କରିଥିଲେ । ଏଥିପାଇଁ ଗୋପବନ୍ଧୁ ୧୯୧୯ ମସିହାରେ ତାଙ୍କ ସହକର୍ମୀ ପଣ୍ଡିତ ଗୋଦାବରୀଶଙ୍କୁ ସାଙ୍ଗରେ ନେଇ ଚକ୍ରଧରପୁର ହାଇସ୍କୁଲ ଦାୟିତ୍ୱରେ ରଖିଲେ ଏବଂ ତାଙ୍କସହିତ କଟିଦିନରହି ଏ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରାଥମିକ ସ୍କୁଲମାନ ସ୍ଥାପନ କରାଇଥିଲେ । ତାଙ୍କ ପରାମର୍ଶ କ୍ରମେ ପ୍ରଚାରକ ଅନନ୍ତ ମିଶ୍ର ସିଂହଭୂମି ଜିଲରେ ପ୍ରଚାର ଚଳାଇ ଓଡ଼ିଆ ସଂରକ୍ଷଣ ପାଣ୍ଠି ପାଇଁ ଅର୍ଥ ସଂଗ୍ରହ କରିଥିଲେ । ପରେ ସତ୍ୟବାଦୀରୁ ବାସୁଦେବ ମହାପାତ୍ର ଯାଇ ବାହାଡ଼ାଗୋଡ଼ା ହାଇସ୍କୁଲ ହେଡ୍‌ମାଷ୍ଟର୍‌ଭାବରେ କାର୍ଯ୍ୟ କଲେ ।

## ଚକ୍ରଧରପୁର ଅଧିବେଶନରେ ନେତୃତ୍ୱ :

୧୯୨୦ ମସିହାରେ ଜାତୀୟ କଂଗ୍ରେସର ନାଗପୁର ଅଧିବେଶନରେ ଉତ୍କଳମଣି ଗୋପବନ୍ଧୁ ଓଡ଼ିଶାର ଅନ୍ୟାନ୍ୟ ପ୍ରତିନିଧିମାନଙ୍କସହିତ ଯୋଗ ଦେଲେ



Digitized by srujanika@gmail.com

ଏବଂ ସେଠାରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଚାଲିବ ବୋଲି ଯେଉଁ ନିଷ୍ପତ୍ତି ହେଲା ତାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାପାଇଁ ପ୍ରତିଜ୍ଞାବଦ୍ଧ ହୋଇ ସେ ଓଡ଼ିଶା ଫେରି ଆସିଥିଲେ । ଏହି ଅଧିବେଶନରେ ଭାଷାଭିତ୍ତିରେ କଂଗ୍ରେସ ପ୍ରଦେଶ କମିଟିମାନ ଗଠିତ ହେବ ବୋଲି ନିଷ୍ପତ୍ତି ହେଲା । ତେଣୁ ଓଡ଼ିଆଭାଷୀ ଅଞ୍ଚଳକୁ ନେଇ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠିତ ହେଲା । ଅନ୍ୟାନ୍ୟ ଓଡ଼ିଆଭାଷୀ ଅଞ୍ଚଳସହିତ ସିଂହଭୂମି ଜିଲ୍ଲା ମଧ୍ୟ ସେତେବେଳେ ଉତ୍କଳ ପ୍ରଦେଶ କଂଗ୍ରେସର ଅନ୍ତର୍ଭୁକ୍ତ ହୋଇଥିଲା । ତା'ପୂର୍ବରୁ ଗୋପବନ୍ଧୁ କେବଳ ପୁରୀ ଜିଲ୍ଲା କଂଗ୍ରେସ କମିଟି ଗଠନ କରିଥିଲେ । ଗୋପବନ୍ଧୁ ଓ ତାଙ୍କ ଘନିଷ୍ଠ ବନ୍ଧୁ ଜଗବନ୍ଧୁ ସିଂହ ନାଗପୁର କଂଗ୍ରେସ ଅଧିବେଶନରୁ ଫେରି ଚକ୍ରଧରପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ୧୬ଶ ଅଧିବେଶନରେ ଯୋଗ ଦେଇଥିଲେ । ନାନାଦି କାରଣରୁ ଚକ୍ରଧରପୁର ଅଧିବେଶନ ଉତ୍କଳ ସମ୍ମିଳନୀର ଇତିହାସରେ ଏକ ସ୍ମରଣୀୟ ଅଧିବେଶନ ହୋଇ ରହିବ । ଅଧିବେଶନରେ ଜଗବନ୍ଧୁ ସିଂହ ସଭାପତିତ୍ୱ କରିଥିଲେ ଏବଂ ଦୁଇ ହଜାର ପର୍ଯ୍ୟନ୍ତ ପ୍ରତିନିଧି ବିଚ୍ଛିନ୍ନାଞ୍ଚଳରୁ ଆସି ଯୋଗଦେଇଥିଲେ । ଏହି ଅଧିବେଶନରେ ଅନ୍ୟାନ୍ୟ ପ୍ରସ୍ତାବ ଭିତରେ ଉତ୍କଳ ସମ୍ମିଳନୀ ଜାତୀୟ କଂଗ୍ରେସର ନୀତି ଓ ଲକ୍ଷ୍ୟକୁ ନିଜ ଲକ୍ଷ୍ୟ ଓ ଉଦ୍ଦେଶ୍ୟସହିତ ଗ୍ରହଣ କରିବ ବୋଲି ଗୋପବନ୍ଧୁ ପ୍ରସ୍ତାବ ଆଣିଥିଲେ ଏବଂ ତାହା ଗୃହୀତ ହୋଇଥିଲା । ସେତେବେଳକୁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ସଂଗ୍ରାମର ଆହ୍ୱାନରେ ଦେଶର ସମଗ୍ର ଯୁବସମାଜ ଉଦ୍‌ବୁଦ୍ଧ ହୋଇଥାଆନ୍ତି । ତେଣୁ ଉତ୍କଳ ସମ୍ମିଳନୀର ଏହି ପ୍ରସ୍ତାବପ୍ରତି ସମ୍ମିଳନୀ ଅଧିବେଶନରେ ତଥା ବାହାରେ ବିପୁଳ ସମର୍ଥନ ପ୍ରକାଶ ପାଇଥିଲା ।

## ଗୋପବନ୍ଧୁ ଓ ମଧୁସୂଦନ :

ଏହା ପରେ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ ୧୯୨୧ ମସିହାରେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଚାଲିଲା ଏବଂ ଏଥିପାଇଁ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ଉତ୍ସାହ ଉନ୍ମାଦନା ସୃଷ୍ଟି ହୋଇଥିଲା । ୧୯୨୨ ମସିହାରେ ଗୋପବନ୍ଧୁ ଗିରଫ ହୋଇ ଦୁଇ ବର୍ଷ କାରାବରଣ କଲେ ଏବଂ ୧୯୨୩ ମସିହା ଶେଷଭାଗରେ ଖଲାସ ହେଲେ । ସେହି ସମୟ ଭିତରେ ଉତ୍କଳଗୌରବ ମଧୁସୂଦନ ବିହାର-ଓଡ଼ିଶାର ମନ୍ତ୍ରୀପଦ ଗ୍ରହଣ କରିଥିବାରୁ ଜାତୀୟ କଂଗ୍ରେସର୍ ଆଦର୍ଶରେ ଉଦ୍‌ବୁଦ୍ଧ ଓଡ଼ିଶାର ଯୁବକମାନେ ମଧୁସୂଦନଙ୍କୁ ତୀବ୍ର ସମାଲୋଚନା କରିଥିଲେ ।



Digitized by srujanika@gmail.com

ଗୋପବନ୍ଧୁ ଖଲାସ ହୋଇ ଆସିବା ପରେ ପରେ ମଧୁସୂଦନ ମନ୍ତ୍ରୀପଦରୁ ଇସ୍ତଫା ଦେଇ ଚାଲିଆସିଥିଲେ ଏବଂ ଏଥିଯୋଗୁ ତାଙ୍କ ସମ୍ମାନ ବୃଦ୍ଧି ପାଇଥିଲା । ପୁଣି ଗୋପବନ୍ଧୁ ଓ ମଧୁସୂଦନ ଏକାଠି ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ କାର୍ଯ୍ୟ କରିଥିଲେ । ମଧୁସୂଦନ ମନ୍ତ୍ରୀଥାଇ ମଧ୍ୟ ବିହାର-ଓଡ଼ିଶା ବିଧାନପରିଷଦ୍‌ରେ ଗୋପବନ୍ଧୁ ପ୍ରମୁଖ ରାଜବନ୍ଦୀଙ୍କୁ ଖଲାସ କରି ଦେବାପାଇଁ ଯେଉଁ ବେସରକାରୀ ପ୍ରସ୍ତାବ ଆସିଥିଲା ତାକୁ ସେ ସମର୍ଥନ କରିଥିଲେ । ମଧୁସୂଦନ ତାଙ୍କ ଭାଷଣରେ ଗୋପବନ୍ଧୁଙ୍କ ସମ୍ବନ୍ଧରେ କହିଥିଲେ, "ତାଙ୍କ ଚରିତ, ଅନ୍ତତ ପକ୍ଷେ ତାଙ୍କ ଜୀବନୀ ସମସ୍ତ ଓଡ଼ିଆ ସଦସ୍ୟଙ୍କୁ ଭଲଭାବରେ ଜଣାଅଛି । କିନ୍ତୁ ମୁଁ ଏଠାରେ ଥିବା ସମସ୍ତଙ୍କ ଅପେକ୍ଷା ତାଙ୍କୁ ଭଲଭାବରେ ଜାଣେ । କାରଣ ସେହି ଯୁବକଙ୍କୁ ତାଲିମ ଦେବାରେ ମୁଁ ଆନନ୍ଦ ଓ ସମ୍ମାନ ଲାଭ କରିଛି । ତାଙ୍କୁ ଏହି ବିଧାନ ପରିଷଦ୍‌କୁ ନିର୍ବାଚିତ କରାଇବାରେ ମଧ୍ୟ ମୁଁ ସାହାଯ୍ୟ କରିଛି ।"

ଅସହଯୋଗ ଆନ୍ଦୋଳନବେଳେ ଉତ୍କଳମଣି ଗୋପବନ୍ଧୁଙ୍କ ନିଷ୍ପତ୍ତି କ୍ରମେ ସତ୍ୟବାଦୀ ବନ ବିଦ୍ୟାଳୟ ଜାତୀୟ ବିଦ୍ୟାଳୟରେ ପରିଣତ ହେଲା ଏବଂ ସେହି ସମୟରେ ଚକ୍ରଧରପୁର ହାଇସ୍କୁଲ ମଧ୍ୟ ଜାତୀୟ ବିଦ୍ୟାଳୟରେ ପରିଣତ ହେଲା । ପଣ୍ଡିତ ଗୋଦାବରୀଶ ପୂର୍ବପରି ଏହି ସ୍କୁଲର ଦାୟିତ୍ୱରେ ରହିଥିଲେ । ଗୋପବନ୍ଧୁ ଓ ଗୋଦାବରୀଶ ସେତେବେଳର ସିଂହଭୂମି ଜିଲାର 'ହୋ' ଆଦିବାସୀ ନେତା ଦୋଳମାଙ୍କିଙ୍କ ସହିତ କଥାବାର୍ତ୍ତା କରିଥିଲେ ଏବଂ ଓଡ଼ିଶାସହିତ ସିଂହଭୂମି ଜିଲାର ମିଶ୍ରଣ ସପକ୍ଷରେ ସେ ମତ ପ୍ରକାଶ କରିଥିଲେ । ମାତ୍ର ପରେ ସେ ବଙ୍ଗାଳୀ ଓ ବିହାରୀ ନେତାମାନଙ୍କ ପ୍ରଭାବ ଭୟରେ ତାଙ୍କ ମତ ବଦଳାଇ ସେ ଓଡ଼ିଆଙ୍କ ଦାବି ବିରୁଦ୍ଧରେ ଗଲେ ଏବଂ ସେଥିପାଇଁ ସୀମା କମିଶନ୍ ସ୍ୱତନ୍ତ୍ର ଓଡ଼ିଶାସହିତ ସିଂହଭୂମି ଜିଲା ମିଶ୍ରଣପାଇଁ ସୁପାରିଶ କଲେ ନାହିଁ । ମାତ୍ର ଗୋପବନ୍ଧୁ ଏଥିପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଗୋପବନ୍ଧୁ ୧୯୨୮ ମସିହାରେ ଓଡ଼ିଶାବାସୀଙ୍କୁ ଛାଡ଼ି ଚାଲିଯାଇଥିଲେ ।

## ପାରଳାଖେମୁଣ୍ଡି ମହାରାଜା
## କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ

୧୯୧୩ ମସିହାରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଗାଦିନସୀନ ହେବା ପରେ ସକ୍ରିୟଭାବରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନରେ ଭାଗ ନେଲେ । ସେତେବେଳକୁ ତାଙ୍କୁ ମାତ୍ର ବାଇଶି ବର୍ଷ । ରାଜଗାଦିରେ ବସିବା ପୂର୍ବରୁ ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି



Digitized by srujanika@gmail.com

ପ୍ରଜାମାନଙ୍କ ସୁଖ ସୁବିଧାପାଇଁ ତଥା ଜାତୀୟକଲ୍ୟାଣ କାର୍ଯ୍ୟରେ ଆଜୀବନ ବ୍ରତୀ ହେବାନିମନ୍ତେ ଶପଥ ଗ୍ରହଣ କରିଥିଲେ । ସେତେବେଳେ ସେ ତାଙ୍କ ପିତା ସଞ୍ଚିତ ରଖିଥିବା ୨୫ ଲକ୍ଷ ଟଙ୍କାକୁ ନିଜ ଭୋଗବିଳାସରେ ଖର୍ଚ୍ଚ କରିବେ ନାହିଁ, ତାଙ୍କ ପିତୃ ପୁରୁଷମାନଙ୍କ କୀର୍ତ୍ତିକୁ ବୃଦ୍ଧି କରିବେ ଏବଂ ଲୋକହିତକର ଅନୁଷ୍ଠାନ ଗଠନ କରି ପ୍ରଜାମାନଙ୍କ ମଙ୍ଗଳ ବିଧାନ କରିବେ ବୋଲି ଶପଥ ନେଇଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଏହି ପ୍ରତିଶ୍ରୁତିକୁ ରକ୍ଷା କରିବାପାଇଁ ସଚେଷ୍ଟ ରହିଥିଲେ ।

ପାରଳାଖେମଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନିମନ୍ତ୍ରଣ କ୍ରମେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମଣ୍ଡିଠାରେ ୧୯୧୪ ମସିହା ଡିସେମ୍ବର ମାସରେ ଅନୁଷ୍ଠିତ ହୋଇଥିଲା । ଜୟପୁର ମହାରାଜା ବିକ୍ରମଦେବ ବର୍ମା ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ଏଥିରେ ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳର ୨ ହଜାର ପ୍ରତିନିଧି ଯୋଗଦେଇଥିଲେ । ପାରଳାଖେମଣ୍ଡି ମହାରାଜା ସେତେବେଳେ ଏହି ସମ୍ମିଳନୀକୁ ସଫଳ କରିବାପାଇଁ ୧୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ । ଏହି ସମ୍ମିଳନୀରେ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ସମ୍ମିଳନୀରେ ପ୍ରଥମଥରପାଇଁ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଏକାଠି କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଯାଉ ବୋଲି ପ୍ରସ୍ତାବ ଗୃହୀତ ହେଲା । ଉତ୍କଳଗୌରବ ମଧୁସୂଦନ ଏଭଳି ପ୍ରସ୍ତାବରେ ରାଜି ହୋଇ ନ ଥିଲେ । ତାଙ୍କ ମତରେ ବ୍ରିଟିଶ ସରକାର ଏହି ପ୍ରସ୍ତାବରେ ବର୍ତ୍ତମାନ ଅବସ୍ଥାରେ ରାଜି ହେବେ ନାହିଁ, ତେଣୁ ପ୍ରସ୍ତାବଟି ଅବାସ୍ତବ ହେବ । ମାତ୍ର ପାରଳାଖେମଣ୍ଡି ମହାରାଜା ଯୁକ୍ତି ବାଢ଼ିଥିଲେ ଯେ ବ୍ରିଟିଶ ସରକାର ଯେତିକି ରାଜି ହେବେ ହୁଅନ୍ତୁ, ମାତ୍ର ଆମେ ଏଭଳି ଦାବି ନ କରିବା କାହିଁକି ? ଶେଷରେ ଏହି ପ୍ରସ୍ତାବଟି ଗୃହୀତ ହୋଇଥିଲା । ଏହା ପୂର୍ବରୁ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନମାନଙ୍କରେ କେବଳ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ବିଚ୍ଛିନ୍ନାଞ୍ଚଳର ସ୍କୁଲ ଓ କଚେରିମାନଙ୍କରେ ଓଡ଼ିଆ ଭାଷା ପ୍ରଚଳନପାଇଁ ପ୍ରସ୍ତାବ କରାଯାଉଥିଲା । ଏହା ବ୍ୟତୀତ ଏହି ଅଧିବେଶନରେ ଓଡ଼ିଆମାନଙ୍କପାଇଁ ଏକ ସ୍ୱତନ୍ତ୍ର ବିଶ୍ୱ-ବିଦ୍ୟାଳୟ ପ୍ରତିଷ୍ଠା, ଖୋର୍ଦ୍ଧାଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରେଳ ଲାଇନ ନିର୍ମାଣ କରିବା ଓ ଜୟପୁରକୁ ଏକ ସ୍ୱତନ୍ତ୍ର ଜିଲାରୂପେ ଘୋଷଣା କରିବାପାଇଁ ପ୍ରସ୍ତାବ କରାଗଲା । ଏହାପରେ ୧୯୨୦ ମସିହାରେ ଗଞ୍ଜାମ ଜିଲାର ଓଡ଼ିଆ ଆସୋସିଏସନ୍ ପକ୍ଷରୁ ବ୍ରହ୍ମପୁରଠାରେ ପାରଳା ମହାରାଜାଙ୍କ ନେତୃତ୍ୱରେ ସମସ୍ତ ବିଚ୍ଛିନ୍ନାଞ୍ଚଳକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନନିମନ୍ତେ ଦୃଢ଼ ଦାବି କରାଯାଇଥିଲା ।



Digitized by srujanika@gmail.com

## ଫିଲ୍‌ପଡ଼ଫ୍ କମିଟି ଆଗରେ ଓଡ଼ିଆ ସମସ୍ୟା :

ମଣ୍ଟେଗୁ ଚେମସ୍ ଫୋର୍ଡ଼ଙ୍କ ରିପୋର୍ଟରେ ଭାଷାଭିତ୍ତିରେ ପ୍ରଦେଶ ଗଠନ-ପାଇଁ ସୁପାରିଶ କରାଯାଇ ଥିବାରୁ ବିହାର-ଓଡ଼ିଶା ପ୍ରଦେଶ ବିଧାନ ପରିଷଦ୍‌ରେ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣପାଇଁ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବିକରି ଯେଉଁ ପ୍ରସ୍ତାବ ଗୃହୀତ ହେଲା, ସେହି ପ୍ରସ୍ତାବ କ୍ରମେ ଭାରତ ସରକାର ଫିଲପଡ଼ଫ୍ କମିଶନ୍ ନିଯୁକ୍ତ କରିଥିଲେ । ଏହି କମିଶନ୍ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକର ଓଡ଼ିଶାସହିତ ମିଶ୍ରଣପାଇଁ ଅନୁସନ୍ଧାନ କରିବାନିମନ୍ତେ ୧୯୨୪ ମସିହାରେ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କଲେ । ସେମାନେ ୧୯୨୪ ମସିହା ନଭେମ୍ବର ୨ ତାରିଖରେ ପାରଳା-ଖେମଣ୍ଡିରେ ପହଞ୍ଚି ସାକ୍ଷ୍ୟ ଗ୍ରହଣ କରିଥିଲେ । କମିଟିଙ୍କୁ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ପାରଳାଖେମଣ୍ଡିର ଉତ୍କଳ ହିତୈଷିଣୀ ସଭାପକ୍ଷରୁ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା । ପାରଳା ମହାରାଜାଙ୍କ ପରାମର୍ଶ କ୍ରମେ ସେଠାରେ ଏହି କମିଟିକୁ ଏକ ସ୍ମାରକପତ୍ର ଦିଆଯାଇ ଓଡ଼ିଶାସହିତ ମାନ୍ଦ୍ରାଜର ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକର ମିଶ୍ରଣପାଇଁ ଦାବି ଉପସ୍ଥାପିତ କରାଯାଇଥିଲା ।

## ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ନେତୃତ୍ୱ :

ସାଇମନ୍ କମିଶନ୍ ଓଡ଼ିଆଙ୍କ ଦାବିର ଯଥାର୍ଥତା ସ୍ୱୀକାର କଲି ଏ ସମ୍ପର୍କରେ ବସ୍ତୁତଃଭାବରେ ଅନୁସନ୍ଧାନ କରିବାପାଇଁ ଯେଉଁ ଆଟଲି ସବ୍ କମିଟି ନିଯୁକ୍ତ କରିଥିଲେ ସେମାନେ ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜର ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ବିହାର-ଓଡ଼ିଶା ପ୍ରଦେଶସହିତ ମିଶ୍ରଣ ସପକ୍ଷରେ ସୁପାରିଶ କଲେ । ଆଟଲି ସବ୍-କମିଟିଙ୍କ ସୁପାରିଶ ଫଳରେ ଓଡ଼ିଶାବାସୀଙ୍କ ଦାବିଗୁଡ଼ିକୁ ବ୍ରିଟିଶ ଶାସନର ସର୍ବୋଚ୍ଚ ସ୍ତରରେ ଉପସ୍ଥାପିତ କରିବାପାଇଁ ସୁଯୋଗ ମିଳିଥିଲା ଏବଂ ୧୯୩୦ ମସିହାରେ ବ୍ରିଟିଶ ସରକାର ଭାରତରେ ନୂତନ ଶାସନ ସଂସ୍କାର ଉଦ୍ଦେଶ୍ୟରେ ଭାରତର ବିଭିନ୍ନ ଶ୍ରେଣୀ ଓ ମତବାଦର ଲୋକଙ୍କ ମତାମତ ଜାଣିବାନିମନ୍ତେ ଲଣ୍ଡନଠାରେ ଯେଉଁ ପ୍ରଥମ ଗୋଲ ଟେବୁଲ ବୈଠକ ଡକାଇଲେ ସେଠାରେ ପାରଳାଖେମଣ୍ଡି ମହାରାଜା ଓଡ଼ିଶାର ଦାବିକୁ ଉପସ୍ଥାପିତ କରିବାପାଇଁ ସୁଯୋଗ ପାଇଲେ । ସେ ବିହାର-ଓଡ଼ିଶା ସରକାରଙ୍କ ପକ୍ଷରୁ ମନୋନୀତ ହୋଇ ଯାଇଥିଲେ । ପ୍ରଥମ ଗୋଲ ଟେବୁଲ ବୈଠକରେ କେବଳ ସିନ୍ଧୁ ପ୍ରଦେଶ ଗଠନ ସମ୍ବନ୍ଧରେ ଆଲୋଚନା କରିବାପାଇଁ କାର୍ଯ୍ୟସୂଚୀରେ ଥିଲେ ମଧ୍ୟ ପାରଳା



Digitized by srujanika@gmail.com

ମହାରାଜା ଓଡ଼ିଆ ସମସ୍ୟା ଆଲୋଚନାନିମନ୍ତେ କାର୍ଯ୍ୟସୂଚୀରେ ରଖାଇ ସେଠାରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ବନ୍ଧରେ ଏକ ଯୁକ୍ତିଯୁକ୍ତ ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲେ ତାହା ନିଅଣ୍ଟିଆ ପ୍ରଦେଶ ହେବ ବୋଲି ଯେଉଁ ଯୁକ୍ତି କରାଯାଉଥିଲା ତାକୁ ଖଣ୍ଡନ କରି ସେ କହିଥିଲେ ଯେ, "ଏତେ ବଡ଼ ଜାତିର ପୁନରୁଦ୍ଧାରପାଇଁ ଆର୍ଥିକ ସମସ୍ୟା ପ୍ରତିବନ୍ଧକ ସୃଷ୍ଟି କରିବା ବାଞ୍ଛନୀୟ ନୁହେଁ । ଓଡ଼ିଆ ଜାତିର ଅତୀତ ସମ୍ପଦ, ଶିକ୍ଷା, ସଭ୍ୟତା ରକ୍ଷାପାଇଁ ସାମାନ୍ୟ ଅର୍ଥାଭାବ କିଛି ନୁହେଁ । ଆସାମ ଓ ବିହାର ସରକାର ଗଠନ ବେଳେ ଭାରତ ସରକାର ଯେପରି ଉଦାରତା ଦେଖାଇଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ମଧ୍ୟ ସରକାର ସେହିପରି ଉଦାରତା ଦେଖାଇ ଆର୍ଥିକ ସାହାଯ୍ୟ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେ ଦର୍ଶାଇଥିଲେ ସାଇମନ୍ କମିଶନ୍ ତାଙ୍କ ରିପୋର୍ଟରେ ନୂତନ ଓଡ଼ିଶା ପ୍ରଦେଶର ଆୟ କୋଟିଏ ଟଙ୍କା ହେବ ବୋଲି ମତ ପ୍ରକାଶ କରିଥିଲେ ମଧ୍ୟ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ଫଳରେ ଓଡ଼ିଶା ପ୍ରଦେଶର ଆୟ ଦୁଇ କୋଟି ଟଙ୍କାରୁ କମ୍ ହେବ ନାହିଁ ବୋଲି ତାଙ୍କର ବିଶ୍ୱାସ । ଶେଷରେ ସେ କହିଥିଲେ ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଲାଗି ଅର୍ଥ ନିଅଣ୍ଟ ହେଲେ ଓଡ଼ିଶାବାସୀଙ୍କ ଉପରେ ଏକ ସ୍ୱତନ୍ତ୍ର ରାଜସ୍ୱ ଧାର୍ଯ୍ୟ କରାଯାଇ ତାହା ପୂରଣ କରାଯାଇ ପାରିବ ।" ଏହି ମତାମତପାଇଁ ତାଙ୍କୁ ଓଡ଼ିଶାରୁ କେହି କେହି ସମାଲୋଚନା କରିଥିଲେ । ପରେ ଓଡ଼ନେଲ୍ କମିଟି ବିଚ୍ଛିନ୍ନାଞ୍ଚଳ ଗସ୍ତ କରି ମତାମତ ସଂଗ୍ରହ କଲାବେଳେ ସିଂହଭୂମି ଅଞ୍ଚଳରେ ଏହି ନିଅଣ୍ଟିଆ ଓଡ଼ିଶା ପ୍ରଦେଶ ପ୍ରଶ୍ନ ଗୁରୁତର ଆକାର ଧାରଣ କରିଥିଲା ଏବଂ ସେଠାରେ ଓଡ଼ିଶା-ସହିତ ସିଂହଭୂମି ମିଶ୍ରଣ ବିରୋଧୀମାନେ ଆଦିବାସୀମାନଙ୍କ ଭିତରେ ଏହା ହିଁ ମୁଖ୍ୟଭାବରେ ପ୍ରଚାର କରିଥିଲେ ।

୧୯୩୧ ମସିହା ସେପ୍ଟେମ୍ବର ମାସରେ ବ୍ରିଟିଶ ସରକାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣପାଇଁ ଓଡ଼ନେଲ୍ କମିଟି ନିଯୁକ୍ତ କଲେ । ପାରଳାଖେମଣ୍ଡି ମହାରାଜା ଏହି କମିଟିର ଜଣେ ସହଯୋଗୀ ସଭ୍ୟଭାବରେ ମନୋନୀତ ହୋଇଥିଲେ । ୧୯୩୧ ମସିହା ଜନଗଣନାଭିତ୍ତିରେ ସୀମା ନିର୍ଦ୍ଧାରଣ କରିବାପାଇଁ ନିଷ୍ପତ୍ତି କରାଯାଇଥିବାରୁ ଏହି ଜନଗଣନା ବେଳେ ଗଞ୍ଜାମ ଜିଲ୍ଲାର ଓଡ଼ିଆଙ୍କ ସଂଖ୍ୟା ଯେପରି ନିର୍ଭୁଲଭାବରେ ହୁଏ ଏବଂ ତେଲୁଗୁ-ମାନେ ଏଥିରେ କିଛି କାରସାଦି ନ କରି ପାରନ୍ତି ତାକୁ ଜଗିବାପାଇଁ ପାରଳା ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ଉକ୍ତର ସଙ୍ଘନାରାୟଣ ରାଜଗୁରୁ ପ୍ରମୁଖ ଗଞ୍ଜାମ

Digitized by srujanika@gmail.com

ଓ କୋରାପୁଟ ଜିଲାର ସ୍ୱତନ୍ତ୍ର ଅଞ୍ଚଳରେ ଏକ ପ୍ରକାର ସମାନ୍ତରାଳ ଜନଗଣନା ବ୍ୟବସ୍ଥା କରାଇଥିଲେ । ଓ୍ୱଡ଼ନେଲ୍ କମିଟି ୧୯୩୧ ଡିସେମ୍ବର ମାସରେ ଗଞ୍ଜାମ ଜିଲାରେ ଓଡ଼ିଆ ଓ ତେଲୁଗୁମାନଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଥିଲେ । ଏଥିପାଇଁ ପାରଳା ମହାରାଜାଙ୍କ ପରାମର୍ଶକ୍ରମେ ବ୍ରହ୍ମପୁରଠାରେ ଏକ ସ୍ୱତନ୍ତ୍ର ଅଫିସ ଖୋଲାଯାଇ ତଥ୍ୟ ସଂଗ୍ରହ କରାଯାଇ ସୀମା କମିଶନଙ୍କୁ ଦିଆଯାଉଥିଲା । ୧୯୩୧ ମସିହା ଡିସେମ୍ବର ମାସରେ ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଘୋଷଣା କରାଗଲା, ସେତେବେଳେ ଉତ୍କଳ-ଗୌରବ ମଧୁସୂଦନ ଲଣ୍ଡନରେ ଥିବା ପାରଳାଖେମଣ୍ଡି ମହାରାଜାଙ୍କୁ ଅଭିନନ୍ଦନ ଜଣାଇ ଏକ ତାରବାର୍ତ୍ତା ପଠାଇଥିଲେ । ସେ ତାରବାର୍ତ୍ତାରେ ଲେଖିଥିଲେ, "ପ୍ରାଚୀନ ଉତ୍କଳର ଶାସକ ଗଜପତି ରାଜବଂଶଙ୍କର ବଂଶଧରମାନଙ୍କୁ ପୁଣି ଏକାଠି କରିବାପାଇଁ ଆପଣଙ୍କର ଗୌରବମୟ ଉଦ୍ୟମ ପ୍ରଶଂସନୀୟ । ଜାତୀୟ ଆକାଂକ୍ଷାକୁ ଫଳବତୀ କରିବା ଦିଗରେ ଆପଣଙ୍କୁ ଭଗବାନ ଆଶୀର୍ବାଦ କରନ୍ତୁ ।" ଏହାପରେ ୧୯୩୩ ମସିହା ଫେବୃଆରୀ ୧୩ ତାରିଖରେ ମଧୁସୂଦନଙ୍କ ପରାମର୍ଶକ୍ରମେ କଟକଠାରେ ପାରଳା ମହାରାଜାଙ୍କୁ ଏଥିପାଇଁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ପାରଳା ମହାରାଜାଙ୍କ ତ୍ୟାଗ ଫଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ ସମ୍ଭବ ହେଲା :

ଶେଷରେ ୧୯୩୨ ମସିହା ଡିସେମ୍ବର ମାସରେ ତୃତୀୟ ଗୋଲ ଟେବୁଲ ବୈଠକ ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଘୋଷଣା କରାଗଲା ଓ ୧୯୩୩ ମସିହା ମାର୍ଚ୍ଚ ମାସରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ଘୋଷଣା କରାଗଲା । ନୂତନ ଓଡ଼ିଶାର ସୀମା ଭିତରେ ପାରଳାଖେମଣ୍ଡି ଓ ଜୟପୁରକୁ ବାଦ୍ ଦିଆଯାଇଥିଲା । ଏଥିରେ ସମଗ୍ର ଓଡ଼ିଆବାସୀ ଅତ୍ୟନ୍ତ କ୍ଷୁବ୍ଧ ହୋଇ ପ୍ରତିବାଦ କରିଥିଲେ । ଶ୍ୱେତପତ୍ରର ସୀମା ନିର୍ଦ୍ଧାରଣ ପ୍ରସ୍ତାବରେ ଓଡ଼ିଶାର ସବୁ ଶ୍ରେଣୀ ଓ ମତର ଲୋକେ ତୀବ୍ର ପ୍ରତିବାଦ କରିବାରୁ ବ୍ରିଟିଶ ସରକାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ ପ୍ରଶ୍ନର ପୁନର୍ବାର ବିଚାରପାଇଁ ଲର୍ଡ ଲିନ୍‌ଲିଥଗୋଙ୍କ ସଭାପତିତ୍ୱରେ ଏକ ପାଞ୍ଚଜଣିଆ ପାର୍ଲିଆମେଣ୍ଟାରୀ କମିଟିଙ୍କ ଉପରେ ଦାୟିତ୍ୱ ଦେଲେ । ଏହି କମିଟି ଆଗରେ ଓଡ଼ିଶାର ଦାବି ଉପସ୍ଥାପିତ କରିବାପାଇଁ ପାରଳା-ଖେମଣ୍ଡି ମହାରାଜାଙ୍କ ନେତୃତ୍ୱରେ ଏକ ସାତ ଜଣିଆ କମିଟି ଲଣ୍ଡନ ଯାତ୍ରା କରିଥିଲେ । ତେଲୁଗୁ ପ୍ରତିନିଧିମାନେ ମଧ୍ୟ ସେମାନଙ୍କ ମତାମତ ଉପସ୍ଥାପିତ



Digitized by srujanika@gmail.com

କରିବାପାଇଁ ଲଣ୍ଡନ ଯାଇଥିଲେ । ତେଲୁଗୁମାନଙ୍କ ତୀବ୍ର ବିରୋଧ ଯୋଗୁ ଓ ଭାରତର ବଡ଼ଲାଟ ଓ ମାନ୍ଦ୍ରାଜ ସରକାରଙ୍କ ମତକୁ ବିଚାରକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ପାରଳାଖେମଣ୍ଡିକୁ ଛାଡ଼ିଦେଇ ଜୟପୁରକୁ ଅନ୍ତର୍ଭୁକ୍ତ କରିବାପାଇଁ ଭାରତ ମନ୍ତ୍ରୀ ବିଚାର କରିଥିଲେ । ଏହି ଅବସ୍ଥାରେ ପାରଳାଖେମଣ୍ଡି ମହାରାଜା ପାରଳାଖେମଣ୍ଡିକୁ ଭାଗ ଭାଗ କରିଦେବାପାଇଁ ନିଷ୍ପତ୍ତି ନେଲେ । ତଦନୁସାରେ ପାରଳାଖେମଣ୍ଡିର ତେଲୁଗୁ ବହୁଳ ଅଞ୍ଚଳକୁ ବାଦ୍‌ଦେଇ ଅନ୍ୟ ଅଞ୍ଚଳଗୁଡ଼ିକ ଯାହା କି ପାରଳାଖେମଣ୍ଡି ରାଜ୍ୟର ଏକ ତୃତୀୟାଂଶ ହେବ ତାକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ଅନ୍ତର୍ଭୁକ୍ତ କରିବାପାଇଁ ସେ ପ୍ରସ୍ତାବ ଦେଲେ । ଏହା ତାଙ୍କ ପକ୍ଷରେ କମ୍ ତ୍ୟାଗ ନୁହେଁ, ମାତ୍ର କେବଳ ସ୍ୱତନ୍ତ୍ର ଓଡ଼ିଶା ଭିତରେ ରହିବା ଉଦ୍ଦେଶ୍ୟରେ ହିଁ ତାଙ୍କୁ ଏହି ଯନ୍ତ୍ରଣାଦାୟକ ତ୍ୟାଗ କରିବାକୁ ପଡ଼ିଥିଲା । ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ଏହି ପ୍ରସ୍ତାବକୁ ଗ୍ରହଣ କରିନେଇ ସୀମା ନିର୍ଦ୍ଧାରଣ ସମ୍ବନ୍ଧରେ ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରିଥିଲେ ।

ଓଡ଼ିଆ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ପାରଳା ମହାରାଜା ନିଜ ହାତରୁ ବହୁ ଅର୍ଥ ବ୍ୟୟ କରି ଲଣ୍ଡନ ଯାଇ ଗୋଲ ଟେବୁଲ ବୈଠକରେ ସ୍ୱତନ୍ତ୍ର ପ୍ରଦେଶ ଗଠନପାଇଁ ଯୁକ୍ତିଯୁକ୍ତ ତଥ୍ୟସହ ଦୃଢ଼ ଦାବି ଉପସ୍ଥାପିତ କରି, ବ୍ରିଟିଶ ଶାସନର ସର୍ବୋଚ୍ଚ ସ୍ତରରେ ପ୍ରଭାବିତ କରି ତଥା ନିଜ ରାଜ୍ୟର ଦୁଇ ତୃତୀୟାଂଶ ଭାଗ ତ୍ୟାଗ କରିବା ଫଳରେ ଯେଉଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପ୍ରତିଷ୍ଠିତ ହେଲା ତା'ର ନିର୍ମାତାମାନଙ୍କ ଭିତରୁ କେବଳସେ ୧୯୩୬ ମସିହା ଏପ୍ରିଲ ପହିଲା ସ୍ୱତନ୍ତ୍ର ପ୍ରଦେଶ ଉଦ୍‌ଘାଟନ ଦିବସରେ ଉପସ୍ଥିତ ଥିଲେ । ଏହାର ଦୁଇ ବର୍ଷ ପୂର୍ବରୁ ଉତ୍କଳଗୌରବ ମଧୁସୂଦନଙ୍କ ମୃତ୍ୟୁ ଘଟିଥିଲା ଓ ଆଠ ବର୍ଷ ପୂର୍ବରୁ ଉତ୍କଳମଣି ଗୋପବନ୍ଧୁଙ୍କର ପରଲୋକ ହୋଇଯାଇଥିଲା । ପାରଳାଖେମଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଉଦ୍‌ଘାଟନ ଉତ୍ସବ ଦିନ ବାରବାଟି ଦୁର୍ଗରେ ଏହି ଉପଲକ୍ଷେ ଏକ ବିରାଟ ନୈଶ୍ୟ ଭୋଜର ଆୟୋଜନ କରିଥିଲେ । ୧୯୩୭ ମସିହା ଜାନୁଆରୀ ମାସରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ଯେଉଁ ପ୍ରଥମ ନିର୍ବାଚନ ହେଲା ସେଥିରେ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠ ହୋଇଥିଲେ ମଧ୍ୟ ଜାତୀୟ କଂଗ୍ରେସର ନିର୍ଦ୍ଦେଶମତେ ମନ୍ତ୍ରିମଣ୍ଡଳ ଗଠନ କରିବାକୁ କଂଗ୍ରେସ ଦଳ ରାଜି ନ ହେବାରୁ ପାରଳାଖେମଣ୍ଡି ମହାରାଜାଙ୍କ ନେତୃତ୍ୱରେ ପ୍ରଥମ ଓଡ଼ିଶା ମନ୍ତ୍ରି-ମଣ୍ଡଳ ଗଠିତ ହୋଇ ଦୁଇ ମାସ ପର୍ଯ୍ୟନ୍ତ ଚାଲିଥିଲା ଓ ପୁଣି ତାଙ୍କ ନେତୃତ୍ୱରେ ୧୯୪୧ ମସିହାରେ ଓଡ଼ିଶାରେ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇ



Digitized by srujanika@gmail.com

ଅଢ଼େଇ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହି ମନ୍ତ୍ରିମଣ୍ଡଳ ଓଡ଼ିଶାରେ ପ୍ରଥମ ବିଶ୍ୱବିଦ୍ୟାଳୟ (ଉତ୍କଳ ବିଶ୍ୱବିଦ୍ୟାଳୟ) ପ୍ରତିଷ୍ଠାପାଇଁ ଆଇନ ପ୍ରଣୟନ କରିଥିଲେ ଓ ମେଡ଼ିକାଲ ସ୍କୁଲକୁ ମେଡ଼ିକାଲ କଲେଜରେ ପରିଣତ କରିଥିଲେ । ଯୁଦ୍ଧ ସମୟରେ ଗଠିତ ଏହି ମିଳିତ ମନ୍ତ୍ରିମଣ୍ଡଳ ଜାତୀୟତାବାଦୀ ମହଲରେ ତୀବ୍ର ସମାଲୋଚିତ ହୋଇଥିଲେ ମଧ୍ୟ ସ୍ୱତନ୍ତ୍ର ଓଡ଼ିଶାର ଅନ୍ୟତମ ନିର୍ମାତା ପାରଳା-ଖେମଣ୍ଡି ମହାରାଜାଙ୍କ ନେତୃତ୍ୱରେ ଏହି ମନ୍ତ୍ରିମଣ୍ଡଳ ଗଠିତ ହୋଇଥିବାରୁ ବହୁ ବୁଦ୍ଧିଜୀବୀ ଏହାକୁ ସମର୍ଥନ ଜଣାଇଥିଲେ ।

ପାରଳାଖେମଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଶିକ୍ଷା ଓ କୃଷି ପ୍ରସାରରେ ବିଶେଷ ଆଗ୍ରହୀ ଥିଲେ । ସେ ସତ୍ୟବାଦୀ ବନବିଦ୍ୟାଳୟକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ଏବଂ ପାରଳାଖେମଣ୍ଡିଠାରେ ନିଜେ ଏକ କଲେଜ ସ୍ଥାପନ କରିଥିଲେ । ସେ ସେଠାରେ ବହୁ ଅର୍ଥ ବ୍ୟୟରେ ଗୋଟିଏ ବାଳିକା ବିଦ୍ୟାଳୟ ମଧ୍ୟ ସ୍ଥାପନ କରିଥିଲେ ।

## କର୍ମବୀର ଗୌରୀଶଙ୍କର ରାୟ

ଊନବିଂଶ ଶତାବ୍ଦୀର ଶେଷଭାଗରେ ବଙ୍ଗପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳରେ ଓଡ଼ିଆ ଭାଷାକୁ ଲୋପ କରିବାପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଥିଲା ତାକୁ ପଣ୍ଡ କରିଦେବାପାଇଁ ଯେଉଁମାନେ ଅଭିଯାନ ଚଳେଇଥିଲେ ସେମାନଙ୍କ ଭିତରେ କର୍ମବୀର ଗୌରୀଶଙ୍କର ରାୟ ଥିଲେ ଅନ୍ୟତମ ଅଗ୍ରଗଣ୍ୟ ନେତା । ସେ ଜଣେ ବଙ୍ଗୀୟ ବୁଦ୍ଧିଜୀବୀ ହୋଇଥିଲେ ମଧ୍ୟ ବଙ୍ଗୀୟ ବୁଦ୍ଧିଜୀବୀମାନଙ୍କ ଓଡ଼ିଆ ଭାଷା ଉପରେ ହୀନ ଆକ୍ରମଣ ବିରୁଦ୍ଧରେ ଦଣ୍ଡାୟମାନ ହୋଇଥିଲେ । ଏହି ଆନ୍ଦୋଳନରେ ଗୌରୀଶଙ୍କରଙ୍କସହିତ ଅନ୍ୟାନ୍ୟ କେତେକ ବଙ୍ଗୀୟ ବୁଦ୍ଧିଜୀବୀ ମଧ୍ୟ ଓଡ଼ିଆ ଭାଷା ଓ ସଂସ୍କୃତିକୁ ରକ୍ଷାକରିବା ଦିଗରେ ଓଡ଼ିଆ ବୁଦ୍ଧିଜୀବୀଙ୍କସହିତ ସହଯୋଗୀ ହୋଇଥିଲେ । ଓଡ଼ିଆ ଆନ୍ଦୋଳନର ଇତିହାସରେ ଏହି ବଙ୍ଗୀୟ ବୁଦ୍ଧିଜୀବୀମାନେ ଚିରସ୍ମରଣୀୟ ହୋଇ ରହିବେ । କେତେକ ବଙ୍ଗୀୟ ପରିବାର ଷୋଡ଼ଶ ଶତାବ୍ଦୀରେ ଶ୍ରୀ ଚୈତନ୍ୟଦେବ ଓଡ଼ିଶାରେ ଆସି ସ୍ଥାୟୀଭାବରେ ରହିଥିବାବେଳେ ଓଡ଼ିଶାକୁ ଆସିଥିଲେ ଏବଂ ସେମାନଙ୍କ ଭିତରୁ ଅନେକ ଗ୍ରାମାଞ୍ଚଳରେ ବସବାସ କରିଥିଲେ । ପରେ ମୋଗଲ ରାଜତ୍ୱବେଳେ ଓଡ଼ିଶାରେ ବନ୍ଦୋବସ୍ତ କାର୍ଯ୍ୟ ପରିଚାଳନାରେ ଅନେକ ବଙ୍ଗୀୟ କର୍ମଚାରୀ ଆସି ଏଠାରେ ରହିଯାଇଥିଲେ । ଗୌରୀଶଙ୍କର ରାୟଙ୍କ ପୂର୍ବପୁରୁଷ ଏହି ସମୟରେ ଓଡ଼ିଶାକୁ ଆସି କଟକ ଜିଲ୍ଲା ଅନ୍ତର୍ଗତ



Digitized by srujanika@gmail.com

ଦକ୍ଷିଣପଡ଼ାଠାରେ ବସବାସ କଲେ । ଏହି ପରିବାରରେ ୧୮୩୮ ମସିହାରେ କର୍ମବୀର ଗୌରୀଶଙ୍କର ରାୟ ଜନ୍ମଗ୍ରହଣ କରିଥିଲେ । ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଶେଷକରି ସେ କଟକ ଆସିଥିଲେ । ସେତେବେଳକୁ ତାଙ୍କୁ ଏଗାର ବର୍ଷ । କଟକରେ ଇଂରେଜୀ ସ୍କୁଲରେ ୮ ବର୍ଷ ଅଧ୍ୟୟନ ଶେଷକରି ବୃତ୍ତିଲାଭ କରି ଗୌରୀଶଙ୍କର ବଙ୍ଗପ୍ରଦେଶର ହୁଗୁଳିଠାରେ କଲେଜରେ ଅଧ୍ୟୟନ କରିବାକୁ ଯାଇଥିଲେ । ସେ ବାଲେଶ୍ୱର ପର୍ଯ୍ୟନ୍ତ ବଳଦ ଗାଡ଼ିରେ ବାର ଦିନ ଏବଂ ସେଠାରୁ ଦଶ ଦିନ ଯାଏ ଚାଲି ଚାଲି ଯାଇ ହୁଗୁଳିରେ ପହଞ୍ଚିଲେ । ହୁଗୁଳି କଲେଜରେ ଦ୍ୱିତୀୟବର୍ଷ ଅଧ୍ୟୟନ କରୁଥିବାବେଳେ ପାଠପଢ଼ା ଛାଡ଼ି ଘରକୁ ଫେରିଆସିଥିଲେ ।

## ସରକାରୀ ଚାକିରିରେ ଥାଇ 'ଉତ୍କଳଦୀପିକା' ସଂପାଦନା :

ଗୌରୀଶଙ୍କର କଟକରେ ୧୮୫୯ ମସିହାରେ ଆସି କଲେକ୍ଟରଏଟ୍‌ରେ ପ୍ରଥମେ ଜଣେ କିରାଣୀ ଓ ଶେଷରେ ଟ୍ରାନ୍ସଲେଟରରୂପେ ୧୮୮୨ ମସିହା ପର୍ଯ୍ୟନ୍ତ ସରକାରୀ କର୍ମଚାରୀରୂପେ କାର୍ଯ୍ୟ କଲେ । ତାଙ୍କର ୨୩ ବର୍ଷ କାଳ ଚାକିରି ଜୀବନ ଭିତରେ କର୍ତ୍ତବ୍ୟନିଷ୍ଠା ଓ ନିର୍ଭୀକତାର ବହୁ ଦୃଷ୍ଟାନ୍ତ ତାଙ୍କ ଜୀବନ ବୃତ୍ତାନ୍ତ ଲେଖକମାନେ ବର୍ଣ୍ଣନା କରିଛନ୍ତି । ସେତେବେଳେ ଉପରିସ୍ଥ ଇଂରେଜୀ ଅଫିସରମାନଙ୍କ ନିକଟରେ ନିଜ ଆତ୍ମସମ୍ମାନ ହାନିକରି ସେ କେବେହେଲେ ମୁଣ୍ଡ ନୁଆଁଇ ନ ଥିଲେ । ବର୍ତ୍ତମାନ ବିଶ୍ୱାସ କରି ହେବ ନାହିଁ ଯେ କର୍ମବୀର ଗୌରୀଶଙ୍କର ସରକାରୀ ଚାକିରିରେ ଥାଇ ୧୬ ବର୍ଷ ପର୍ଯ୍ୟନ୍ତ "ଉତ୍କଳଦୀପିକା" ସାପ୍ତାହିକ ପତ୍ରିକାର ସମ୍ପାଦନା କରିଥିଲେ ଏବଂ ସେହି ସମୟରେ ଉପରିସ୍ଥ ସରକାରୀ ଅଫିସରମାନଙ୍କର ଦୋଷତ୍ରୁଟି ଏହି ପତ୍ରିକା ସ୍ତମ୍ଭରେ ନିର୍ଭୀକଭାବରେ ପ୍ରକାଶ କରି ଅନେକ କ୍ଷେତ୍ରରେ କେତେକଙ୍କ ବିରାଗଭାଜନ ହୋଇଥିଲେ । ମାତ୍ର ସେହି ଅଫିସରମାନେ ପରେ ସେମାନଙ୍କର ଭୁଲ ବୁଝିପାରି ତାଙ୍କୁ ସମ୍ମାନ ଦେଖାଇଥିଲେ । 'ଉତ୍କଳଦୀପିକା' ଜରିଆରେ ଗୌରୀଶଙ୍କର ଅର୍ଦ୍ଧ ଶତାବ୍ଦୀ ଧରି ଓଡ଼ିଆବାସୀଙ୍କ ସେବା କରିଥିଲେ ।

## ଓଡ଼ିଆ ଭାଷା ରକ୍ଷା ଓ ପାଠ୍ୟ ପୁସ୍ତକ ରଚନାରେ ନେତୃତ୍ୱ :—

ବସ୍ତୁତ ଓଡ଼ିଆଭାଷୀ ଅଞ୍ଚଳକୁ ଛିନ୍ନ ବିଚ୍ଛିନ୍ନ କରି ଚାରୋଟି ପ୍ରଦେଶ-ସହିତ ଯୋଡ଼ିଦେଇ ଏବଂ ଦୀର୍ଘ ୬୦ ବର୍ଷ କାଳ ନିର୍ମମଭାବରେ ଅବହେଳା କରିବା ଫଳରେ ବଙ୍ଗପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଅଧିବାସୀ ଯେଉଁ ବର୍ଷ ଭୟାବହ ଦୁର୍ଭିକ୍ଷର ସମ୍ମୁଖୀନ ହେଲେ ଓ ତହିଁରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଲେ, ସେହି ବର୍ଷ ଉତ୍କଳଦୀପିକା ଗୌରୀ-



Digitized by srujanika@gmail.com

ଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶ ପାଇଲା । ଏହା ଉପ୍ୟାବଦ୍ଧ ଦୁର୍ଭିକ୍ଷ ଫଳରେ ହିଁ ଓଡ଼ିଆ ବୁଦ୍ଧିଜୀବୀମାନେ ଉପଲବ୍ଧି କରିଥିଲେ ଯେ ସେମାନେ ସଂଗଠିତଭାବରେ ନିଜର ଦୁଃଖ ଓ ଦୈନ୍ୟ ପ୍ରକାଶ କରୁ ନ ଥିବାରୁ ଏପରି ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ । ଅର୍ଥନୈତିକ ଦୁର୍ଗତି ସାଙ୍ଗକୁ ସେତେବେଳେ ସାଂସ୍କୃତିକ ଦୁର୍ଗତି ମାରତ୍ମକ ଆକାର ଧାରଣ କରିଥିଲା । ସମଗ୍ର ଓଡ଼ିଆ ଉଭଜନ୍‌ରେ ସେତେବେଳେ କଟକଠାରେ ଗୋଟିଏ ମାତ୍ର ହାଇସ୍କୁଲ ଥାଏ ଏବଂ ଅନ୍ୟ ତିନୋଟି ଜିଲାରେ ସାମାନ୍ୟ କେତୋଟି ମାଇନର୍ ସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟ ଥାଏ । ଏଥିରେ ଓଡ଼ିଆ ପିଲାଙ୍କ ବ୍ୟତୀତ ବଙ୍ଗାଳୀ କର୍ମଚାରୀଙ୍କ ପିଲା-ମାନେ ମଧ୍ୟ ପଢ଼ୁଥିଲେ । ସେହି ପିଲାଙ୍କ ପଢ଼ିବାପାଇଁ ବଙ୍ଗଳା ଭାଷାରେ ଶିକ୍ଷା-ଦେବାପାଇଁ ବଙ୍ଗୀୟ କର୍ମଚାରୀମାନେ ବଙ୍ଗଳାର ଶିକ୍ଷା ବିଭାଗ ଜରିଆରେ ବ୍ୟବସ୍ଥା କରାଇଥିଲେ । ସେତେବେଳେ ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ ଥିବାରୁ ଏହାକୁ ସେମାନେ ପ୍ରଧାନ କାରଣ ଦର୍ଶାଇ ବଙ୍ଗଳା ଭାଷାର ପାଠ୍ୟ ପୁସ୍ତକ ପଢ଼ାଇବା ପାଇଁ ଯୁକ୍ତି କରିଥିଲେ । କେତେକ ବଙ୍ଗାଳୀ ଶିକ୍ଷକ ଆଉ ଟିକିଏ ଆଗେଇଯାଇ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ ଏବଂ ଏହା ବଙ୍ଗଳା ଭାଷାର ଏକ ଅପଭ୍ରଂଶ ବୋଲି ପ୍ରଚାରକରି ଓଡ଼ିଆ ଭାଷାକୁ ଉଠାଇ ଦେବାପାଇଁ ଅପଚେଷ୍ଟା ଚଳେଇଲେ । ଏହି ସମୟରେ ଉତ୍କଳ ଦୀପିକା ଜରିଆରେ ଗୌରୀ-ଶଙ୍କର ବଙ୍ଗୀୟ ବୁଦ୍ଧିଜୀବୀଙ୍କ ଓଡ଼ିଆ ଭାଷା ଉପରେ ଏହିଭଳି ହୀନ ଆକ୍ରମଣ ବିରୁଦ୍ଧରେ ଆନ୍ଦୋଳନ ଚଳେଇଥିଲେ ।

ଓଡ଼ିଆ ଭାଷାରେ ଉପଯୁକ୍ତ ପାଠ୍ୟ ପୁସ୍ତକର ଅଭାବ ଥିବାରୁ ବଙ୍ଗାଳୀ-ମାନେ ଏଭଳି ପ୍ରଚାରପାଇଁ ସୁବିଧା ପାଉଛନ୍ତି ବୋଲି ଜାଣି ଗୌରୀଶଙ୍କର ପ୍ରମୁଖ ଓଡ଼ିଆରେ ବିଭିନ୍ନ ବିଷୟରେ ପାଠ୍ୟ ପୁସ୍ତକ ପ୍ରକାଶନପାଇଁ ଯୋଜନା କରିଥିଲେ । ଏହି ସମୟରେ ଓଡ଼ିଆରେ ପାଠ୍ୟ ପୁସ୍ତକ ପ୍ରଣୟନରେ ଫକୀରମୋହନ ସେନାପତି, ରାଧାନାଥ ରାୟ, ଗୌରୀଶଙ୍କର ରାୟ, କପିଳେଶ୍ୱର ବିଦ୍ୟାଭୂଷଣ, ଗୋବିନ୍ଦ ଚରଣ ପଟ୍ଟନାୟକ, ବିଚିତ୍ରାନନ୍ଦ ଦାସ ଓ ଜଗମୋହନ ଲାଲ ପ୍ରମୁଖ ମନୋନିବେଶ କରିଥିଲେ । 'ଉତ୍କଳ ଦୀପିକା' ସ୍ତମ୍ଭରେ ଗୌରୀଶଙ୍କର ସେମାନଙ୍କୁ ସବୁମନ୍ତେ ଉତ୍ସାହିତ କରିଥିଲେ । ସେତେବେଳେ କଲିକତାଠାରେ "ସ୍କୁଲ ବୁକ୍ ସୋସାଇଟି" ସ୍କୁଲପାଇଁ ପାଠ୍ୟ ପୁସ୍ତକ ନିର୍ବାଚନ ଦାୟିତ୍ୱରେ ଥିଲେ । ଏହି ସଂସ୍ଥା ଅନେକ ସମୟରେ ବିକୃତ ଓଡ଼ିଆ ଭାଷାରେ ଲିଖିତ ପାଠ୍ୟ ପୁସ୍ତକକୁ ମନୋନୀତ କରିଦେଉଥିଲେ । ତେଣୁ ଗୌରୀଶଙ୍କର ସେମାନଙ୍କ ନିର୍ବାଚନ ପଦ୍ଧତିର ତୀବ୍ର ସମାଲୋଚନା କରି ଏହି



Digitized by srujanika@gmail.com

ସଂସ୍ଥାର କ୍ଷମତା ହ୍ରାସ କରାଇଥିଲେ । ଓଡ଼ିଆ ଭାଷାରକ୍ଷା ଆନ୍ଦୋଳନ ତଥା ଓଡ଼ିଶାବାସୀଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରଚାର କ୍ଷେତ୍ରରେ 'ଉତ୍କଳ ଦୀପିକା' କ୍ରମଶଃ ଓଡ଼ିଆ ବୁଦ୍ଧିଜୀବୀଙ୍କ ମୁଖପତ୍ରରୂପେ କାର୍ଯ୍ୟ କଲା । ଏହି ଭାଷା ଆନ୍ଦୋଳନ ସମୟରେ ବଙ୍ଗୀୟ ବୁଦ୍ଧିଜୀବୀଙ୍କ ପକ୍ଷରୁ ପ୍ରକାଶିତ 'ଷ୍ଟାର ଅଫ୍ ଉତ୍କଳ' ଓ ଉତ୍କଳ ହିତୈଷିଣୀ ପତ୍ରିକାରେ 'ଉତ୍କଳ ଦୀପିକା' ମତାମତର ଯେଉଁ ପ୍ରତିବାଦ-ମାନ ପ୍ରକାଶ ପାଉଥିଲା ଗୌରୀଶଙ୍କର ଦୃଢ଼ତାର ସହିତ ତା'ର ମୁକାବିଲା କରିଥିଲେ ।

କର୍ମବୀର ଗୌରୀଶଙ୍କର କେବଳ ଓଡ଼ିଆ ଭାଷାରକ୍ଷା ଆନ୍ଦୋଳନରେ ଯେ ଅଗ୍ରଣୀ ହୋଇଥିଲେ ସେତିକି ନୁହେଁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ତଥା ଅବହେଳିତ ଓଡ଼ିଆଭାଷୀ ଅଞ୍ଚଳର ଉନ୍ନୟନନିମନ୍ତେ ସେ ଓଡ଼ିଶାବାସୀଙ୍କ ଦାବିକୁ ସରକାରଙ୍କ ନିକଟରେ ଦୃଢ଼ଭାବରେ ଉପସ୍ଥାପିତ କରି ପ୍ରତିକାର ନେଉଥିଲେ । ୧୮୮୨ ମସିହାରେ ତତ୍କାଳୀନ ଭାରତର ବଡ଼ଲାଟ୍ ଲର୍ଡ଼ ରିପନ୍ ଭାରତରେ ସ୍ୱାୟତ୍ତ ଶାସନ ଆଇନ ପ୍ରବର୍ତ୍ତନପାଇଁ ଯେଉଁ ଘୋଷଣା କଲେ ସେଥିରେ ଜିଲା ବୋର୍ଡ଼ ଓ ମ୍ୟୁନିସିପାଲିଟି ସ୍ତରରେ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା । ଓଡ଼ିଆଭାଷୀ ଅଞ୍ଚଳରେ ଏହାର ସୁଯୋଗ ନେବାପାଇଁ ସେହି ବର୍ଷ କଟକ ସହରର ବିଶିଷ୍ଟ ବୁଦ୍ଧିଜୀବୀମାନେ ଗୋଟିଏ ଅନୁଷ୍ଠାନ ଗଠନ କଲେ । ଏହି ଅନୁଷ୍ଠାନର ପ୍ରଥମ ସଭାପତି ଥିଲେ ଭିଙ୍ଗାରପୁରର ବିଶିଷ୍ଟ ଜମିଦାର ଚୌଧୁରୀ କାଶୀନାଥ ଦାସ ଓ ସମ୍ପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ । ଠିକ୍ ତା' ପୂର୍ବବର୍ଷ ଉତ୍କଳଗୌରବ ମଧୁସୂଦନ କଲିକତାରୁ ବିଦାୟ ନେଇ କଟକରେ ଓକିଲାତି ଆରମ୍ଭ କରିଥାଆନ୍ତି । ଗୌରୀଶଙ୍କର ମଧୁସୂଦନଙ୍କର ଗୃହ ଶିକ୍ଷକଥିଲେ । ତେଣୁ ଏହା ପୂର୍ବରୁ ତାଙ୍କ-ସହିତ ଗୌରୀଶଙ୍କରଙ୍କର ଘନିଷ୍ଠ ପରିଚୟ ଥିଲା । ସେ ମଧୁସୂଦନଙ୍କୁ 'ଉତ୍କଳସଭା' ସହିତ ପ୍ରଥମରୁ ସମ୍ପୃକ୍ତ କରାଇଥିଲେ । ପରେ ମଧୁସୂଦନ ଉତ୍କଳସଭାର ନେତୃତ୍ୱ ନେଇ ଏହାକୁ ପୁନର୍ଗଠିତ କରିଥିଲେ । ମାତ୍ର ଗୌରୀଶଙ୍କର ବହୁ ବର୍ଷ ଉତ୍କଳସଭାର ସମ୍ପାଦକଭାବରେ ଏହାର କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଉତ୍କଳସଭା ଉତ୍କଳ ସମ୍ମିଳନୀ ଗଠିତ ହେବା ପର୍ଯ୍ୟନ୍ତ ଓଡ଼ିଆଭାଷୀଙ୍କର ପ୍ରଥମ ସଂଗଠିତ ସଂସ୍ଥାଭାବରେ କେବଳ ମ୍ୟୁନିସିପାଲିଟି ଓ ଜିଲାବୋର୍ଡ଼ ନିର୍ବାଚନ ନୁହେଁ ସେତେବେଳେ ଓଡ଼ିଆଭାଷୀ ଅଞ୍ଚଳରେ ଯେଉଁସବୁ ଅର୍ଥନୈତିକ ଓ ସାଂସ୍କୃତିକ ସମସ୍ୟା ଦେଖାଦେଇଥିଲା ସେ ସମ୍ପର୍କରେ ପ୍ରସ୍ତାବମାନ ଗ୍ରହଣକରି



Digitized by srujanika@gmail.com

ସରକାରଙ୍କ ନିକଟରେ ଉପସ୍ଥାପିତ କରିଥିଲେ । ଏ ବିଷୟରେ ପୁସ୍ତକର ବିଭିନ୍ନ ସ୍ଥାନରେ ଆଲୋଚନା କରାଯାଇଛି ।

## ଜାତୀୟ କଂଗ୍ରେସ ଓ ଗୌରୀଶଙ୍କର :

ଉତ୍କଳସଭା ଗଠିତ ହେବାର ଗୁରି ବର୍ଷ ପରେ ଜାତୀୟ କଂଗ୍ରେସ ୧୮୮୭ ମସିହାରେ ଗଠିତ ହେଲା ଏବଂ ଉତ୍କଳସଭା ପକ୍ଷରୁ ଜାତୀୟ କଂଗ୍ରେସ ଅଧିବେଶନକୁ ପ୍ରତିନିଧିମାନେ ଯାଇଥିଲେ । ଗୌରୀଶଙ୍କର ଅଧିକାଂଶ କଂଗ୍ରେସ ଅଧିବେଶନରେ ଯୋଗଦେଇଥିଲେ ଏବଂ ତାଙ୍କ ପ୍ରସ୍ତାବ ଅନୁସାରେ ଉତ୍କଳସଭା ଜାତୀୟ କଂଗ୍ରେସର ଏକ ଶାଖାରେ ପରିଣତ ହୋଇଥିଲା । ଏହାର ପ୍ରସ୍ତାବ-ଗୁଡ଼ିକ କିପରି ଓଡ଼ିଶାରେ ପ୍ରଚଳିତ ହେବ ସେସମ୍ପର୍କରେ ଆଲୋଚନା କରିବା-ପାଇଁ ତାଙ୍କ ପରିଚାଳିତ କଟକ ପ୍ରିଣ୍ଟିଙ୍ଗ କମ୍ପାନି ପରିସର ଭିତରେ ପ୍ରଥମସଭା ବସିଥିଲା । ସେ ଦୃଷ୍ଟିରୁ ଗୌରୀଶଙ୍କରଙ୍କୁ ଓଡ଼ିଶାରେ ଜାତୀୟ କଂଗ୍ରେସର ଆଦିନେତା ବୋଲି କୁହାଯାଇପାରେ ।

କର୍ମବୀର ଗୌରୀଶଙ୍କର ଜଣେ ଧନୀ ପରିବାରର ସନ୍ତାନ ହୋଇଥିଲେ ମଧ୍ୟ ତାଙ୍କ ପାରିବାରିକ ଜୀବନ ବିଶେଷ ସୁଖମୟ ନ ଥିଲା । ସେ ପିଲାଦିନୁ ପିତାଙ୍କୁ ହରାଇଥିଲେ ଏବଂ ଦୁଇ ଭାଇଙ୍କୁ ମଧ୍ୟ ହରାଇଥିଲେ । ତାଙ୍କର ତୃତୀୟ ଭ୍ରାତା ରାମଶଙ୍କର ରାୟ ଥିଲେ ଓଡ଼ିଶାର ପ୍ରଥମ ନାଟ୍ୟକାର । ସେ ମିତବ୍ୟୟୀ ଥିଲେ ମଧ୍ୟ ତାଙ୍କ ଅର୍ଜିତ ଧନକୁ ସତ୍ କାର୍ଯ୍ୟରେ ଲଗାଇଥିଲେ । ନିଜ ଉପାର୍ଜିତ ଧନରେ ସେ କଟକର 'ଟାଉନ୍‌ହଲ୍' ଗୃହଟି ନିର୍ମାଣ କରିଥିଲେ ଓ କାୟସ୍ଥ ବୋର୍ଡ଼ିଙ୍ଗ ସ୍ଥାପନ କରିଥିଲେ । ନିଜ ଜନ୍ମଭୂମି ଦକ୍ଷିଣପଡ଼ା ଗ୍ରାମରେ ସେ ଗୋଟିଏ ବାଳିକା ବିଦ୍ୟାଳୟ ଓ ଗୋଟିଏ କବିରାଜ ଚିକିତ୍ସାଳୟ ସ୍ଥାପନ କରିଥିଲେ । ୧୯୧୭ ମସିହା ମାର୍ଚ୍ଚ ମାସ ୭ ତାରିଖରେ ଗୌରୀଶଙ୍କର ପରଲୋକ ଗମନ କରିଥିଲେ ।

## ସାମ୍ବାଦିକ ଶଶିଭୂଷଣ ରଥ

ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନ ମୁଖ୍ୟତଃ କଟକଠାରୁ ପରିଚାଳିତ ହେଉଥିଲେ ମଧ୍ୟ ଗଞ୍ଜାମ ଜିଲାବାସୀ ଏହି ଆନ୍ଦୋଳନରେ ବିଭିନ୍ନ ପର୍ଯ୍ୟାୟରେ ଅଗ୍ରଣୀ ହୋଇଥିଲେ । ସେତେବେଳେ ଗଞ୍ଜାମ ଜିଲାର ବିଶିଷ୍ଟ ବ୍ୟକ୍ତିମାନେ ଏହି ଓଡ଼ିଆ ଆନ୍ଦୋଳନରୁ ହିଁ ସେମାନଙ୍କ କର୍ମମୟ ଜୀବନ ଆରମ୍ଭ କରିଥିଲେ । ଓଡ଼ିଆ ଆନ୍ଦୋଳନର ଏ ଜିଲାରେ ଅଗ୍ରଣୀ



Digitized by srujanika@gmail.com

ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଭିତରେ ଥିଲେ ଶଶିଭୂଷଣ ରଥ । ଶଶି-ଭୂଷଣ ରଥ ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ଆଶାର ସମ୍ପାଦକଭାବରେ ସମଗ୍ର ଓଡ଼ିଶାର ବୁଦ୍ଧିଜୀବୀଙ୍କ ନିକଟରେ ପରିଚିତ ହୋଇଥିଲେ ମଧ୍ୟ ଏହି ସାପ୍ତାହିକ ଦୈନିକ ପତ୍ରିକା ତଥା ପରେ ପ୍ରକାଶିତ ଇଂରେଜୀ ଦୈନିକ "ନିଉ ଓଡ଼ିଶା" ଜରିଆରେ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷକାଳ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନପାଇଁ ସଂଗ୍ରାମ ଚଳେଇଥିଲେ । ଓଡ଼ିଆ ଆନ୍ଦୋଳନ ଇତିହାସରେ ଶଶିଭୂଷଣ ନିଶ୍ଚିତଭାବରେ ଉଲ୍ଲେଖନୀୟ ସ୍ଥାନ ଅଧିକାର କରି ରହିବେ । ତାଙ୍କ ଦୀର୍ଘ କର୍ମମୟ ଜୀବନ କାହାଣୀସହିତ ତରୁଣ ସାଂବାଦିକ ତଥା ଦେଶପ୍ରେମୀ ଯୁବକମାନେ ପରିଚିତ ହେବା ବାଞ୍ଛନୀୟ ।

## କର୍ମମୟ ଜୀବନର ପ୍ରଥମ ପରିଚ୍ଛେଦ :

ଶଶିଭୂଷଣ ରଥ ସେତେବେଳେ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଗଞ୍ଜାମ ଜିଲାର ବ୍ରହ୍ମପୁରଠାରୁ ୭୫ କିଲୋମିଟର ଦୂରବର୍ତ୍ତୀ ସୋରଡ଼ା ଗ୍ରାମରେ ୧୮୮୭ ମସିହା ଜାନୁଆରୀ ପହିଲା ଦିନ ଜନ୍ମଗ୍ରହଣ କରିଥିଲେ । ସେ ପାରଳାଖେମୁଣ୍ଡି-ଠାରେ ପ୍ରତିଷ୍ଠିତ ହାଇସ୍କୁଲରେ ମାଟ୍ରିକୁ୍ୟଲେସନ୍ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ ଆନ୍ଦୋଳନ ଚଳାଇବାନିମନ୍ତେ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଏକ ଶକ୍ତିଶାଳୀ କେନ୍ଦ୍ରୀୟ ଅନୁଷ୍ଠାନ ଗଠନ କରିବା ସକାଶେ ବ୍ରହ୍ମପୁରଠାରେ ୧୯୦୩ ମସିହାରେ ଗଞ୍ଜାମ ଜିଲାର ବିଶିଷ୍ଟ ବ୍ୟକ୍ତିମାନଙ୍କ ଉଦ୍ୟମରେ ପ୍ରଥମେ ଯେଉଁ ସମ୍ମିଳନୀର ଆୟୋଜନ କରାଯାଇଥିଲା ସେହି ସମ୍ମିଳନୀରେ ଶଶି ବାବୁ ଜଣେ ସ୍ୱେଚ୍ଛାସେବକଭାବରେ କାର୍ଯ୍ୟ କରିଥିଲେ । ସେତେବେଳକୁ ସେ ଷୋହଳ ବର୍ଷର ଜଣେ ଯୁବକ ଏବଂ ଓଡ଼ିଆ ଆନ୍ଦୋଳନ-ପାଇଁ ତାଙ୍କଠାରେ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଥିଲା ।

## ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନରେ ଅଗ୍ରଣୀ :

ଉକ୍ତ ସମ୍ମିଳନୀରେ ସକ୍ରିୟ ଅଂଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଗଞ୍ଜାମ ଜିଲାର ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ତଥା ଓଡ଼ିଆ ଶିକ୍ଷାର ପ୍ରସାରପାଇଁ ତୀବ୍ର ଆନ୍ଦୋଳନ ଚଳେଇବାନିମନ୍ତେ ଗଞ୍ଜାମ ଜିଲାର ସବୁ ଶ୍ରେଣୀ ଓ ମତବାଦର ପ୍ରତିନିଧିମାନେ 'ଗଞ୍ଜାମ ଓଡ଼ିଆ କ୍ଲବ୍' ସଂଘ ନାମରେ ଏକ ଅନୁଷ୍ଠାନ ଗଠନ କରିଥିଲେ । ଏହି ସଂଘ ମାନ୍ଦ୍ରାଜ ସରକାରଙ୍କସହିତ ସେମାନଙ୍କର ଆପତ୍ତି



Digitized by srujanika@gmail.com

ଅଭିଯୋଗ ସଂବନ୍ଧରେ ଆଲୋଚନା କରି ପ୍ରତିକାର ଲୋଡ଼ୁଥିଲେ । ୧୯୧୯ ମସିହା ଭାରତ ଶାସନ ସଂସ୍କାର ଆଇନ ପ୍ରବର୍ତ୍ତନ ହେବା ପରେ ଏହି ସଂସ୍ଥା ଅଧିକ ତତ୍ପରତା ପ୍ରକାଶ କଲେ । ୧୯୨୨ ମସିହା ମଇମାସ ୮ ତାରିଖରେ ଏହି ସଂଘର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ଟିକାଲି ରାଜକୁମାର ସଭାପତି ଓ ଶଶିଭୂଷଣ ରଥ ସଂପାଦକ ଭାବରେ ନିଯୁକ୍ତ ହୋଇଥିଲେ। ଅନ୍ୟମାନଙ୍କ ଭିତରେ ବ୍ରଜସୁନ୍ଦର ଦାସ ଓ ପୀତବାସ ପଟ୍ଟନାୟକ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ । ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ ଆନ୍ଦୋଳନ ଚଳେଇବାନିମନ୍ତେ ଏହି ବୈଠକରେ ସ୍ଥିର କରାଯାଇଥିଲା ଏବଂ ଏଥିପାଇଁ ଉତ୍କଳ ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନ ଗଞ୍ଜାମ ଜିଲ୍ଲାରେ କରାଯାଉ ବୋଲି ପ୍ରସ୍ତାବ ଗ୍ରହଣ କରାଗଲା । ୧୯୨୦ ମସିହାପରେ ଦୁଇବର୍ଷଧରି ଉତ୍କଳ ସମ୍ମିଳନୀର କୌଣସି ଅଧିବେଶନ ଅନୁଷ୍ଠିତ ହୋଇ ନ ଥିବାରୁ ଶଶିଭୂଷଣ ପ୍ରମୁଖଙ୍କ ଉଦ୍ୟମରେ ସମ୍ମିଳନୀର ପୁନରୁଦ୍ଧାରପାଇଁ ଏହା କରାଯାଇଥିଲା । ସେହି ବର୍ଷ ନଭେମ୍ବର ମାସରେ ଶଶିଭୂଷଣ ରଥ, ମାନଧାତା ଗୋରାଚାନ୍ଦ ପଟ୍ଟନାୟକ, ଜଗନ୍ନାଥ ଦାସ ପ୍ରମୁଖ ମାନ୍ଦ୍ରାଜ ଲାଟ୍‌ଙ୍କସହିତ ସାକ୍ଷାତ୍ କରି ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକ ଏକତ୍ର ମିଶ୍ରଣ କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଯାଉ ବୋଲି ଦାବି କରିଥିଲେ । ଏହି ସମୟରେ ଡକ୍ଟର ସଚ୍ଚିଦାନନ୍ଦ ସିଂହଙ୍କ ଦ୍ୱାରା କେନ୍ଦ୍ର ବିଧାନ ସଭାରେ ପ୍ରସ୍ତାବମତେ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳର ଲୋକଙ୍କ ମତାମତ ଅନୁସନ୍ଧାନ କରିବାପାଇଁ ଗଠିତ ଫିଲିପ୍-ଡଫ୍ କମିଟି ୧୯୨୪ ମସିହାରେ ଗଞ୍ଜାମ ଜିଲ୍ଲାରେ ଅନୁସନ୍ଧାନ ଆରମ୍ଭ କରିଥିଲେ । ସେତେବେଳେ ଉପରୋକ୍ତ 'ଗଞ୍ଜାମ ଓଡ଼ିଆ ଜିଲ୍ଲା ସଂଘ'ଙ୍କ ଉଦ୍ୟମରେ ଓଡ଼ିଆ ସ୍ୱେଚ୍ଛାସେବକ-ମାନେ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ କମିଟି ଆଗରେ ସାକ୍ଷ୍ୟ ଦେବାପାଇଁ ଓଡ଼ିଆମାନଙ୍କୁ ଏକାଠି କରାଇଥିଲେ । ଏହି କାର୍ଯ୍ୟରେ 'ଆଶା' ପତ୍ରିକା ବିଶେଷ ସହାୟକ ହୋଇଥିଲା ।

## ସାପ୍ତାହିକ "ଆଶା" ସଂପାଦନା :

ସାଇମନ୍ କମିଶନ୍‌ଙ୍କ ରିପୋର୍ଟ ପ୍ରକାଶ ପାଇବା ପରେ ନୂତନ ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣପାଇଁ ୧୯୩୧ ମସିହାରେ ଓଡ଼ନେଲ୍ କମିଟି ବ୍ରିଟିଶ ସରକାର ନିଯୁକ୍ତକଲେ । ସେହି କମିଟି ୧୯୩୧ ମସିହା ଜନଗଣନା ରିପୋର୍ଟ ଅନୁସାରେଓଡ଼ିଆଭାଷୀଙ୍କ ଅଞ୍ଚଳ ନିର୍ଦ୍ଧାରଣ ନିଷ୍ପତ୍ତି କଲେ । ସେତେବେଳକୁ ଗଞ୍ଜାମ



Digitized by srujanika@gmail.com

ଜିଲ୍ଲାକୁ ବାଦଦେଇ ବିହାର ଓ ଓଡ଼ିଶା ପ୍ରଦେଶ ଗଠିତ ହୋଇଯାଇଥାଏ । ରିଜ୍‌ଲେ ସର୍କୁଲାର୍‌ରେ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ସମସ୍ତ ପାର୍ବତ୍ୟ ଓ ସମତଳ ଅଞ୍ଚଳକୁ ଓଡ଼ିଶା ଡିଭିଜନ୍‌ସହିତ ମିଶାଇଦେବାପାଇଁ ବ୍ରିଟିଶ ସରକାର ମତ ପ୍ରକାଶ କରିଥିଲେ ମଧ୍ୟ ତେଲୁଗୁମାନଙ୍କ ବିରୋଧଯୋଗୁ ଗଞ୍ଜାମ ଓ କୋରାପୁଟ ଜିଲ୍ଲା ଓଡ଼ିଶାସହିତ ମିଶିପାରି ନ ଥିଲା । ଏଥିପାଇଁ ଗଞ୍ଜାମ ଜିଲ୍ଲା ଅଧିବାସୀଙ୍କ ପକ୍ଷରୁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ ଆନ୍ଦୋଳନ ଚଳେଇବାନିମନ୍ତେ ଶ୍ରୀବତ୍ସ ପଣ୍ଡା, ନୀଳମଣି ବିଦ୍ୟାରତ୍ନ ଓ ହରିହର ପଣ୍ଡା ପରିକଳ୍ପନା କରିଥିଲେ । ସେହି ସମୟରେ ଶଶିଭୂଷଣ କଲିକତା ଛାଡ଼ି ସେମାନଙ୍କସହିତ ଯୋଗଦେଲେ । ବିଚ୍ଛିନ୍ନାଞ୍ଚଳ ଆନ୍ଦୋଳନ ତଥା ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରସାର ନିମନ୍ତେ ଓଡ଼ିଆଙ୍କଭିତରେ ପ୍ରେରଣା ସୃଷ୍ଟି କରିବାପାଇଁ ସେତେବେଳେ ସମସ୍ତେ ଖଣ୍ଡିଏ ସମ୍ବାଦପତ୍ରର ଆବଶ୍ୟକତା ଅନୁଭବ କରିଥିଲେ । ଏହାରି ଫଳରେ ଜନ୍ମଲାଭ କଲା ୧୯୧୩ ମସିହାରେ ସାପ୍ତାହିକ 'ଆଶା' ଶଶିଭୂଷଣ ରଥଙ୍କ ସମ୍ପାଦନାରେ । ଗଞ୍ଜାମ ଜିଲ୍ଲାବାସୀଙ୍କ ପକ୍ଷରେ '୧୯୩୧ ଜନଗଣନା ଓ ତା' ପରବର୍ତ୍ତୀ ଓଡ଼ନେଲ୍ କମିଟି ନିକଟରେ ସାକ୍ଷ୍ୟ ଉଭୟ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ଉଭୟ କାର୍ଯ୍ୟ ଦକ୍ଷତାରସହିତ ପରିଚାଳନା କରିବାନିମନ୍ତେ ପାରଳାଖେମୁଣ୍ଡି ମହାରାଜା ନେତୃତ୍ୱ ନେଇଥିଲେ । ଏହାର ପ୍ରଚାର କାର୍ଯ୍ୟର ମାଧ୍ୟମ ହୋଇଥିଲା ଶଶିଭୂଷଣ ରଥଙ୍କ ସମ୍ପାଦନାରେ ପ୍ରକାଶିତ ଦୈନିକ "ଆଶା" । ସେତେବେଳକୁ ସାପ୍ତାହିକ 'ଆଶା' ତିନି ବର୍ଷ ହେଲା ଦୈନିକ 'ଆଶା'ରେ ପରିଣତ ହୋଇ ଯାଇଥାଏ । ୧୯୩୧ ମସିହା ଜନଗଣନାବେଳେ ତେଲୁଗୁଙ୍କ ସଂଖ୍ୟା ବୃଦ୍ଧି କରିବାପାଇଁ ତେଲୁଗୁ ଜନଗଣନାକାରୀମାନେ କାରସାଦି କରିବା ଓ ଓଡ଼ିଆଙ୍କୁ ଭୟଭୀତ କରିବାପାଇଁ ଉଦ୍ୟମ କରୁଥିବାରୁ ତାକୁ ପଣ୍ଡ କରିବାପାଇଁ 'ଆଶା' ଅଭିଯାନ ଚଳେଇଥିଲେ । ପ୍ରତିଦିନ ଜନଗଣନା ସଂବନ୍ଧୀୟ ବିଭିନ୍ନ ଅଞ୍ଚଳର ରିପୋର୍ଟମାନ ଏହି ପତ୍ରିକାରେ ପ୍ରକାଶ କରାଯାଉଥିଲା ଓ ଓଡ଼ିଆମାନେ ଭୟଭୀତ ନ ହୋଇ ଜନଗଣନାକାରୀଙ୍କୁ ସଠିକ୍ ବିବରଣୀ ଦେବାପାଇଁ ପରାମର୍ଶ ଦିଆଯାଇଥିଲା । ସେତେବେଳେ "ତେଲୁଗୁ ଓ ଓଡ଼ିଆ ଉଭୟ ଭାଷାଭାଷୀ ଲୋକଙ୍କୁ ନେଇ ଜନଗଣନାକାରୀ ଦଳ ଗଠନ କରାଯାଉ ବୋଲି ଶଶିଭୂଷଣ 'ଆଶା'ରେ ପରାମର୍ଶ ଦେଇଥିଲେ । ତେଲିଭଳି କେତେକ ଓଡ଼ିଆ ସଂପ୍ରଦାୟଙ୍କୁ ତେଲୁକୁଳା ନାମରେ ତେଲୁଗୁ ବୋଲି ଲେଖାଇ ଦିଆଯାଇଥିବାରୁ ସେ ତା'ର ତୀବ୍ର ପ୍ରତିବାଦ କରିଥିଲେ । ଦୈନିକ 'ଆଶା'ରେ ଶଶିଭୂଷଣଙ୍କ ଦୃଢ଼ ଦାବି ଫଳରେ ୧୯୩୧ ମସିହା ଜନଗଣନାରେ ତେଲୁଗୁ ଓ ଓଡ଼ିଆଙ୍କ ପ୍ରକୃତ ସଂଖ୍ୟା ପ୍ରକାଶ ପାଇଥିଲା ।



Digitized by srujanika@gmail.com

## ପ୍ରଥମ ଇଂରାଜୀ ଦୈନିକ ପତ୍ରିକା ପ୍ରକାଶନ :

ସୀମା ନିର୍ଦ୍ଧାରଣ କମିଶନ୍‌ଙ୍କ ସୁପାରିଶ ପରେ ଶ୍ୱେତପତ୍ରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଯେଉଁ ସୀମା ନିର୍ଦ୍ଧାରଣ କରାଗଲା ସେଥିରେ ମାନ୍ଦ୍ରାଜ ପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଓ ବଙ୍ଗପ୍ରଦେଶରେ ବହୁ ଖଣ୍ଡିତ ଓଡ଼ିଆଭାଷୀ ଅଞ୍ଚଳ ରହିଗଲା । ସେହି ସମୟରେ ଶଶିଭୂଷଣଙ୍କ ଦୃଢ଼ ଧାରଣା ହୋଇଥିଲା ଯେ ଓଡ଼ିଆଙ୍କ ସମସ୍ୟା ଓଡ଼ିଶା ବାହାରେ ସରକାର ତଥା ଅନ୍ୟମାନଙ୍କୁ ଜଣାଇବାନିମନ୍ତେ ଓଡ଼ିଶାରେ ଏକ ଦୈନିକ ଇଂରାଜୀ ପତ୍ରିକା ପ୍ରକାଶନର ଏକାନ୍ତ ଆବଶ୍ୟକତା ରହିଛି । ସେଥିପାଇଁ କାଳବିଳମ୍ବ ନ କରି ୧୯୩୩ ମସିହାରେ ଦୈନିକ 'ଆଶା'ସହିତ ନିଜ ନାଁରେ ସମ୍ପାଦକ 'ନିଉ ଓଡ଼ିଶା' (New Orissa) ନାମରେ ଏକ ଇଂରାଜୀ ଦୈନିକ ପତ୍ରିକା ପ୍ରକାଶ କଲେ । ତାଙ୍କ ପକ୍ଷରେ ଏହା ନିଶ୍ଚିତଭାବରେ ଥିଲା ଏକ ଦୁଃସାହସିକ କାର୍ଯ୍ୟ । ଆଉ ଏକ ଦୈନିକ ପତ୍ରିକା ପ୍ରକାଶ କରିବାଭଳି କୌଣସି ଆର୍ଥିକ ସମ୍ବଳ ନ ଥାଇ ସେ ଓଡ଼ିଶାବାସୀଙ୍କ ସଦିଚ୍ଛା ଓ ସହାନୁଭୂତିକୁ ସମ୍ବଳ କରି ଏହା କରିଥିଲେ । ଶଶିଭୂଷଣ ତାଙ୍କ ଶେଷ ଜୀବନରେ ଓଡ଼ିଶାର ସାମ୍ବାଦିକତା କ୍ଷେତ୍ରରେ ଯେଉଁ ଦୁଃସାହସିକ କାର୍ଯ୍ୟ କରିଥିଲେ ସେଥିରେ ଓଡ଼ିଶାର ବୁଦ୍ଧିଜୀବୀମାନେ ଉତ୍ସାହିତ ହୋଇଥିଲେ ତଦ୍ୱାରା ଓଡ଼ିଶାବାସୀଙ୍କ ସମସ୍ୟାପ୍ରତି ଓଡ଼ିଶା ବାହାରର ଲୋକେ ଅବହିତ ହେଲେ । ସେତେବେଳେ 'ନିଉ ଓଡ଼ିଶା' ପତ୍ରିକାରେ ଓଡ଼ିଶାର ନିରଞ୍ଜନ ପଟ୍ଟନାୟକ, ଲିଙ୍ଗରାଜ ପାଣିଗ୍ରାହୀ, ଭୁବନାନନ୍ଦ ଦାସ, ଲକ୍ଷ୍ମୀନାରାୟଣ ସାହୁ, ବ୍ରଜବନ୍ଧୁ ଦାସ ଏବଂ ବିହାରରୁ ଡକ୍ଟର ସଚ୍ଚିଦାନନ୍ଦ ସିଂହ, ଆନ୍ଧ୍ରର ସି. ଆର୍. ରେଡ୍ଡି, ବଙ୍ଗଳାରୁ ହରଦୟାଲ ନାଗ ପ୍ରମୁଖ ଲେଖୁଥିଲେ, ଗଞ୍ଜାମରେ କେତେକ ବଦାନ୍ୟ ବ୍ୟକ୍ତି ସ୍ୱେଚ୍ଛାରେ ଏହି ପତ୍ରିକାପାଇଁ ଅନୁଦାନ ଦେଇଥିଲେ । ସାଧାରଣ ସଭା ହୋଇ ଏହି ପତ୍ରିକାପାଇଁ ଅର୍ଥ ସଂଗ୍ରହ ମଧ୍ୟ କରାଯାଇଥିଲା ।

୧୯୩୬ ମସିହା ଏପ୍ରିଲ୍ ମାସ ପହିଲା ଦିନ ନୂତନ ଓଡ଼ିଶା ପ୍ରଦେଶର ଉଦ୍‌ଘାଟନ ଉତ୍ସବ ଉପଲକ୍ଷେ 'ଆଶା'ର ସମ୍ପାଦକୀୟରେ ଶଶିଭୂଷଣ ଲେଖିଥିଲେ, "୧୯୧୩ ସାଲରେ 'ଆଶା'ର ଶୁଭ ଆରମ୍ଭବେଳେ ଆମ୍ଭେମାନେ ଯେଉଁ ଆଶାପୋଷଣ କରିଥିଲୁ ଏତେଦିନେ ତାହା ଚରିତାର୍ଥ ହେଲା । ବିହାରରେ ରହିଯାଇଥିବା ଓଡ଼ିଆଙ୍କ ସଙ୍ଗେ ରହିବାକୁ ଗଞ୍ଜାମ ଓଡ଼ିଆମାନେ ସେ ସମୟରେ ଆନ୍ଦୋଳନ ଆରମ୍ଭ କରିଥିଲେ । ତା'ପରେ ପ୍ରଦେଶ ଗଠନ ଆରମ୍ଭ ହୋଇ ଯେଉଁ ଓଡ଼ିଶା ପ୍ରଦେଶ ଗଠିତ ହେଲା ଏହା ଯେଉଁମାନେ ଦେଖିଲେ ସେମାନେ ନିଶ୍ଚୟ ଭାଗ୍ୟବାନ । ଆଜି ୧୯୩୬ ମସିହାରେ ଯେଉଁ ପ୍ରଦେଶଟି ହେଲା, ସେଥିରେ



Digitized by srujanika@gmail.com

ଦକ୍ଷିଣରେ ପାରଳାରୁ ଖଣ୍ଡେ, ଟିକଲି, ଜଳନ୍ତର ବୁଡ଼ାର ସିଂହ, ଉଦ୍ୟାନ ଓ ଇଚ୍ଛାପୁର ଇତ୍ୟାଦ ଖଣ୍ଡରେ ଓଡ଼ିଆମାନେ ରହିଗଲେ । ସେମାନଙ୍କୁ କେବେ ପୁଣି ଓଡ଼ିଶାରେ ସ୍ଥାନ ମିଳିବ କିଏ କହିପାରେ ? କିନ୍ତୁ ସେହିସବୁ ଅଞ୍ଚଳର ଓଡ଼ିଆମାନଙ୍କୁ କହି ରଖୁଛୁ—ନିରାଶ ହୁଅ ନାହିଁ । ଓଡ଼ିଆ ବୋଲି ନିଜ ଭାଷାକୁ ଜୀବିତ ରଖିପାରୁଥିଲେ, ଓଡ଼ିଶାରେ ନ ମିଶିଲେ ମଧ୍ୟ କ୍ଷତି ନାହିଁ । ଓଡ଼ିଶାର ଓଡ଼ିଆମାନେ ମନେ ରଖନ୍ତୁ ଆଜି ଯେଉଁ ଭାଇମାନେ ଦକ୍ଷିଣରେ ରହିଗଲେ ସେମାନଙ୍କୁ ଓଡ଼ିଶାର କୋଳକୁ ଆଣିବାପାଇଁ ସେମାନେ ମୁଖ୍ୟତଃ ଦାୟୀ । ବର୍ତ୍ତମାନ ସରକାର ଯାହା ଦେଲେ ତାକୁ ଗ୍ରହଣ କରି ଆଉ ଅଧିକ ଅଞ୍ଚଳପାଇଁ ଦାବି କରାଯାଇପାରେ । ସେଥିପାଇଁ ଆମେ କହିଥିଲୁ କାନ୍ଦୁଥିବା, ଯାହା ମିଳିଲେ ବାନ୍ଧୁଥିବା । ସେ ଦିଗପ୍ରତି ଓଡ଼ିଆମାନେ ଦୃଷ୍ଟି ଦେଇଥିବେ ବୋଲି ଆମର ଆଶା ।" ପୁଣି ୧୯୩୮ ମସିହାରେ ଉତ୍କଳ ସମ୍ମିଳନୀର ୪୦ତମ ମଞ୍ଜୁଷା ଅଧିବେଶନର ଅଭ୍ୟର୍ଥନା ସମିତିର ସଭାପତିରୂପେ ତାଙ୍କ ଅଭିଭାଷଣରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କୁ ପରାମର୍ଶ ଦେଇ କହିଥିଲେ, "ସେମାନେ ଓଡ଼ିଶାରେ ମିଶିବାପାଇଁ ଯେଉଁ ଉଦ୍ୟମ କରିଛନ୍ତି ଓ କରିବେ ତାହା କାର୍ଯ୍ୟକାରୀ ନ ହୋଇପାରେ, ସେ ଅବସ୍ଥାରେ ସେମାନେ ନିରାଶ ନ ହୋଇ ନିଜର କର୍ମ ଆଦର ଆନ୍ଧ୍ର ଭାଇମାନଙ୍କସହିତ କାନ୍ଧକୁ କାନ୍ଧ ମିଶାଇ ନିଜର ମାତୃଭାଷାକୁ ଯେ କୌଣସି ପ୍ରକାରେ ରକ୍ଷା କରିବାକୁ ଯତ୍ନବାନ ହେବେ ।" ନୂତନ ଓଡ଼ିଶା ପ୍ରଦେଶର ରାଜଧାନୀ ଗଞ୍ଜାମ ଜିଲାର ରମ୍ଭା ଇଲୁ ଣ୍ଡାଠାରେ ପ୍ରତିଷ୍ଠା କରିବାପାଇଁ ଶଶୀ ବାବୁ ପ୍ରସ୍ତାବ ଦେଇଥିଲେ ଏବଂ ଏହି ପ୍ରସ୍ତାବ ସେତେବେଳେ ସମଗ୍ର ଓଡ଼ିଶାରେ ଶୃଙ୍ଖଳା ସୃଷ୍ଟି କରିଥିଲା । ଏଥିପାଇଁ ନିଯୁକ୍ତ ଜୋନ୍ସ କମିଟି ମଧ୍ୟ ଏହାକୁ ସମର୍ଥନ କରିଥିଲେ ।

ଶଶିଭୂଷଣ ରଥଙ୍କ ପ୍ରତିଷ୍ଠିତ ଦୈନିକ 'ଆଶା' ଓ 'ନବ ଓଡ଼ିଶା' ୧୯୩୯ ମସିହାରେ ବ୍ରହ୍ମପୁରରୁ କଟକ ଉଠି ଆସି ପ୍ରଥମେ ସରକାରୀ ସାହାଯ୍ୟରେ ପ୍ରକାଶିତ ହୋଇଥିଲା ଓ ଶେଷରେ ଜଣେ ବ୍ୟବସାୟୀଙ୍କ ହାତକୁ ଯାଇ ବନ୍ଦ ହୋଇଯାଇଥିଲା । ୧୯୪୩ ମସିହାରେ ତାଙ୍କ ମୃତ୍ୟୁର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଶଶିଭୂଷଣ ଏହି ଦୁଇଟି ପତ୍ରିକାସହିତ ଘନିଷ୍ଠଭାବରେ ସଂପୃକ୍ତ ଥିଲେ ।

## ଦେଶପ୍ରେମୀ ଚନ୍ଦ୍ରଶେଖର ବେହେରା

ଜାତୀୟ ନେତା ଚନ୍ଦ୍ରଶେଖର ବେହେରା ସମ୍ବଲପୁର ସହର ନିକଟସ୍ଥ ଧନକଉଡ଼ା ଗ୍ରାମରେ ୧୮୭୩ ମସିହା ମଇମାସ ୨୦ ତାରିଖ



Digitized by srujanika@gmail.com

ଧାନ ଜନ୍ମ ଗ୍ରହଣ କରିଥିଲେ । ସେତେବେଳେ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶ ଓ ବେରାର ଅନ୍ତର୍ଗତ ଏକ ଜିଲ୍ଲାରୂପେ ବ୍ରିଟିଶ ଶାସନାଧୀନ ଥିଲା । ଚନ୍ଦ୍ରଶେଖର ୧୮୯୧ ମସିହାରେ ସମ୍ବଲପୁର ଜିଲ୍ଲା ସ୍କୁଲରୁ ଏନ୍‌ଟ୍ରାନ୍‌ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି ସ୍କୁଲରେ ଶିକ୍ଷକତା କରିଥିଲେ । ଏହାପରେ ସେ ମଧ୍ୟପ୍ରଦେଶର ସେକ୍ରେଟେରିଏଟ୍‌ରେ ଚାକିରିରେ ନିଯୁକ୍ତ ହେଲେ ଏବଂ ଚାକିରି କରୁଥିବା ସମୟରେ ଏଫ୍. ଏ. ଓ ଆଇନ ଅଧ୍ୟୟନ କରିଥିଲେ । ଏହି ସମୟରେ ନାଗପୁରର ଅଣଓଡ଼ିଆ ଗୋଷ୍ଠୀଙ୍କ ଚକ୍ରାନ୍ତରେ ସମ୍ବଲପୁର ଜିଲ୍ଲାର ସ୍କୁଲ ଓ କଚେରିରୁ ଓଡ଼ିଆ ଭାଷାକୁ ଉଠାଇ ଦେଇ ହିନ୍ଦୀ ଭାଷା ପ୍ରବର୍ତ୍ତନ-ନିମନ୍ତେ ଚକ୍ରାନ୍ତ ଆରମ୍ଭ ହୋଇଥିଲା । ଚନ୍ଦ୍ରଶେଖର ଏହା ଜାଣିପାରି ସମ୍ବଲପୁରର ବୁଦ୍ଧିଜୀବୀ ବନ୍ଧୁମାନଙ୍କୁ ତାହା ଜଣାଇ ଦେଇଥିଲେ । ୧୮୯୭ ମସିହା ଜାନୁଆରୀ ମାସରେ ମଧ୍ୟପ୍ରଦେଶ ସରକାର ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳନପାଇଁ ଆଦେଶ ଦେଲେ; ଅଣଓଡ଼ିଆଙ୍କ ଷଡ଼ଯନ୍ତ୍ରର ଯେଉଁ ସୂଚନା ଚନ୍ଦ୍ରଶେଖର ଆଗରୁ ପାଇଥିଲେ ତାହା ହିଁ ବାସ୍ତବ ରୂପ ଗ୍ରହଣ କଲା । ଚନ୍ଦ୍ରଶେଖର ଆଇନ ଅଧ୍ୟୟନ ଶେଷ କରି ୧୯୦୧ ମସିହାରେ ସରକାରୀ ଚାକିରି ଛାଡ଼ିଦେଇ ସମ୍ବଲପୁରରେ ଓକିଲାତି ଆରମ୍ଭ କଲେ । ସେ ହେଲେ ସମ୍ବଲପୁରର ପ୍ରଥମ ଓଡ଼ିଆ ଓକିଲ ।

## ସମ୍ବଲପୁର ଭାଷାରକ୍ଷା ଆନ୍ଦୋଳନର ନେତୃତ୍ୱ :

ସମ୍ବଲପୁରରେ ଓକିଲାତି ଆରମ୍ଭ କରିବା ସଙ୍ଗେ ସଙ୍ଗେ ସେ ସମ୍ବଲପୁର ଜିଲ୍ଲାରେ ହିନ୍ଦୀ ପରିବର୍ତ୍ତେ ଓଡ଼ିଆ ଭାଷାର ପୁନଃ ପ୍ରଚଳନପାଇଁ ଯେଉଁ ଗଣ ଆନ୍ଦୋଳନ ଚାଲିଥିଲା ସେଥିରେ ସପରିବାର ସକ୍ରିୟ ଅଂଶ ଗ୍ରହଣ କଲେ । ଏହା ଫଳରେ ସମ୍ବଲପୁରରେ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇଥିଲା । ତାଙ୍କର ଲୋକପ୍ରିୟତା ଯୋଗୁଁ ସେ ୧୯୦୨ ମସିହାରେ ସମ୍ବଲପୁର ମ୍ୟୁନିସିପାଲିଟିର ସଭ୍ୟରୂପେ ନିର୍ବାଚିତ ହେଲେ । ଏହାର ପରବର୍ଷ ୧୯୦୩ ମସିହାରେ ମଧ୍ୟପ୍ରଦେଶ ସରକାର ତାଙ୍କ ଆଦେଶକୁ ବଦଳାଇ ସମ୍ବଲପୁରରେ ପୁଣି ଓଡ଼ିଆ ଭାଷା ପ୍ରଚଳନପାଇଁ ଆଦେଶ ଦେଲେ । ମାତ୍ର ସମ୍ବଲପୁର ଓଡ଼ିଶାସହିତ ମିଶି ପାରିଲା ନାହିଁ । ସେହି ବର୍ଷ କଟକଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା ଏବଂ ଚନ୍ଦ୍ରଶେଖର ସମ୍ବଲପୁର ଜିଲ୍ଲାର ପ୍ରତିନିଧି-ଭାବରେ ଏହି ଅଧିବେଶନରେ ଯୋଗଦେଲେ । ଏହି ସମୟରେ ମଧ୍ୟପ୍ରଦେଶର ପୂର୍ବତନ ଚିଫ୍ କମିଶନର୍ ଫ୍ରେଜର୍ ସାହେବ ବଙ୍ଗପ୍ରଦେଶର ଲାଟ୍‌ରୂପେ



Digitized by srujanika@gmail.com

ନିଯୁକ୍ତ ହେଲେ । ସେ ସମ୍ବଲପୁର ମିଶ୍ରଣ ସମସ୍ୟାସହିତ ପୂର୍ବରୁ ଅବହିତ ଥିବାରୁ ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ ସମ୍ବଲପୁର ଜିଲାର ପ୍ରତିନିଧିଦଳ ଯାଇ ତାଙ୍କସହିତ ସାକ୍ଷାତ୍ କରି ସମ୍ବଲପୁର ଜିଲ୍ଲା ଓଡ଼ିଶା ଡିଭିଜନ୍‌ସହିତ ମିଶ୍ରଣ ସମ୍ପର୍କରେ ଆଲୋଚନା କରିଥିଲେ । ୧୯୦୫ ମସିହାରେ ଏହି ମିଶ୍ରଣ ଆନ୍ଦୋଳନ ସଫଳ ହେଲା ଏବଂ ସେହି ବର୍ଷ ଭାରତ ସରକାରଙ୍କ ନିଷ୍ପତ୍ତିକ୍ରମେ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶରୁ ଅଲଗା ହୋଇ ବଙ୍ଗପ୍ରଦେଶରେ ଓଡ଼ିଶା ଡିଭିଜନ୍‌ସହିତ ଅନ୍ତର୍ଭୁକ୍ତ ହୋଇଥିଲା । ଏହିପରି ୧୮୯୫ ମସିହାରୁ ୧୯୦୫ମସିହା ପର୍ଯ୍ୟନ୍ତ ଦଶ ବର୍ଷ ଧରି ସମ୍ବଲପୁର ଜିଲ୍ଲାରେ ଯେଉଁ ଭାଷା ଆନ୍ଦୋଳନ ଓ ମିଶ୍ରଣ ଆନ୍ଦୋଳନ ଚାଲିଥିଲା, ତା'ର ପ୍ରାଣ କେନ୍ଦ୍ର ଥିଲେ ଜାତୀୟ ନେତା ଚନ୍ଦ୍ରଶେଖର । ଏହା ଥିଲା ଚନ୍ଦ୍ରଶେଖରଙ୍କ ଦୀର୍ଘ କର୍ମମୟ ଜୀବନର ପ୍ରଥମ ପରିଚ୍ଛେଦ ।

## ଉତ୍କଳ ସମ୍ମିଳନୀସହିତ ଘନିଷ୍ଠ ସମ୍ପର୍କ :

୧୯୦୩ ମସିହାଠାରୁ ଚନ୍ଦ୍ରଶେଖର ନିୟମିତଭାବରେ ପ୍ରତି ବର୍ଷ ଉତ୍କଳ ସମ୍ମିଳନୀ ଅଧିବେଶନମାନଙ୍କରେ ଯୋଗ ଦେଉଥିଲେ ଏବଂ ସମ୍ମିଳନୀର ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ସମୟରେ ସେ ଅନେକଥର ରାୟଗଡ଼, ଫୁଲଝର, ଶାରଙ୍ଗଗଡ଼, ମାଲଖୋର୍ଦ୍ଧା ଇତ୍ୟାଦି ଅଞ୍ଚଳକୁ ଯାଇ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ବାର୍ତ୍ତା ପ୍ରଚାର କରି ଲୋକମତ ସଂଗଠନ କରିଥିଲେ । ୧୯୧୫ ମସିହାରେ ସମ୍ବଲପୁରଠାରେ ଉତ୍କଳ ସମ୍ମିଳନୀର ଯେଉଁ ଅଧିବେଶନ ଅନୁଷ୍ଠିତ ହେଲା ତା'ର ଉଦ୍ୟୋକ୍ତା ଥିଲେ ଚନ୍ଦ୍ରଶେଖର । ସେତେବେଳକୁ ସେ ଓଡ଼ିଆ ଆନ୍ଦୋଳନରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଭାବରେ ପରିଚିତ ହୋଇ ସାରିଥିଲେ । ସଙ୍ଗେ ସଙ୍ଗେ ସେ ମଧ୍ୟ ଜାତୀୟ କଂଗ୍ରେସସହିତ ଘନିଷ୍ଠ ସମ୍ପର୍କ ରଖିଥାଆନ୍ତି ଏବଂ ଜାତୀୟ ଭାବଧାରାସହିତ ନିଜକୁ ମିଶାଇ ଦେଇଥାଆନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପରି ସେ ମଧ୍ୟ ଅନୁଭବ କରିଥିଲେ ଯେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନ ଓ ଜାତୀୟ କଂଗ୍ରେସର ଆଦର୍ଶ ଭିତରେ ସଂଘର୍ଷ ଘଟିବାର କୌଣସି କାରଣ ନାହିଁ । ୧୯୧୯ ମସିହାରେ ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ସଭାପତିତ୍ୱ କରି ଜାତୀୟ ନେତା ଚନ୍ଦ୍ରଶେଖର ଏହା ସ୍ପଷ୍ଟଭାବରେ ପ୍ରକାଶ କରିଥିଲେ । ତାଙ୍କ ଭାଷଣରେ ଚନ୍ଦ୍ରଶେଖର ଦୃଢ଼ଭାବରେ ଘୋଷଣା କରିଥିଲେ ଯେ "ଓଡ଼ିଶାର ପଡ଼ୋଶୀ ପ୍ରଦେଶ ଲୋକେ ଯଥେଷ୍ଟ ଅଗ୍ରଗତି କରିଥିଲାବେଳେ



Digitized by srujanika@gmail.com

ଓଡ଼ିଆମାନେ ବହୁ ପଛରେ ପଡ଼ିଛନ୍ତି । ଓଡ଼ିଆଙ୍କ ଅବସ୍ଥାର ଉନ୍ନତି ଘଟାଇବା ଉତ୍କଳ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାରୁ ଉତ୍କଳ ସମ୍ମିଳନୀ ନିଖିଳ ଭାରତ କଂଗ୍ରେସରେ ଯୋଗଦେଇ ନିଜ ପ୍ରତିନିଧିମାନଙ୍କ ଜରିଆରେ କଂଗ୍ରେସ ଅଧିବେଶନମାନଙ୍କରେ ଓଡ଼ିଶା ସମସ୍ୟା ଉପସ୍ଥାପିତ କରିବା ଉଚିତ ।” ଚନ୍ଦ୍ରଶେଖରଙ୍କ ଏହି ମତ ଉତ୍କଳ ସମ୍ମିଳନୀର ନରମପନ୍ଥୀ ବ୍ରିଟିଶ ଶାସନପ୍ରତି ଅନୁରକ୍ତମାନଙ୍କ ଭିତରେ ଶୃଙ୍ଖଳା ସୃଷ୍ଟି କରିଥିଲା । ଏହା ପୂର୍ବରୁ ଉତ୍କଳ ସମ୍ମିଳନୀର ନରମପନ୍ଥୀମାନଙ୍କ ଭିତରେ ଆଲୋଚନାରେ ଯେଉଁ ଅଭିମୁଖ୍ୟ ପ୍ରକାଶ ପାଉଥିଲା ସେ ଦୃଷ୍ଟିରୁ ଚନ୍ଦ୍ରଶେଖରଙ୍କ ମତ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଏହା ଆଲୋଡ଼ନ ସୃଷ୍ଟି କରିଥିଲା । ୧୯୨୦ ମସିହାରେ ଚକ୍ରଧରପୁର ଅଧି-ବେଶନରେ ଉତ୍କଳ ସମ୍ମିଳନୀ ଚନ୍ଦ୍ରଶେଖରଙ୍କ ମତକୁ ବାସ୍ତବ ରୂପ ଦେଲେ । ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ଉତ୍କଳମଣି ଗୋପବନ୍ଧୁ ଜାତୀୟ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଉତ୍କଳ ସମ୍ମିଳନୀ ଗ୍ରହଣ କରନେବାପାଇଁ ଯେଉଁ ପ୍ରସ୍ତାବ ଆଗତ କରିଥିଲେ ଚନ୍ଦ୍ରଶେଖର ଥିଲେ ତା’ର ସମର୍ଥକ ଏବଂ ବହୁ ଅଧିକ ଭୋଟରେ ତାହା ଗୃହୀତ ହୋଇଥିଲା ।

୧୯୩୨ ମସିହାରେ ଓଡ଼ନେଲ୍ କମିଟି ବା ସୀମା ନିର୍ଦ୍ଧାରଣ କମିଟି ଆଗରେ ସାକ୍ଷ୍ୟ ଦେବାପାଇଁ ଯେଉଁ କମିଟି ଗଠିତ ହୋଇଥିଲା ଚନ୍ଦ୍ରଶେଖର ଥିଲେ ତା’ର ସଭାପତି । ଯେଉଁ ସ୍ୱାଧୀନତା ସଂଗ୍ରାମପାଇଁ ଚନ୍ଦ୍ରଶେଖର ଚରମତ୍ୟାଗ ସ୍ୱୀକାର କରି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ସେହି ସ୍ୱାଧୀନ ଭାରତର ବହୁ ପୂର୍ବରୁ ଏବଂ ସ୍ୱତନ୍ତ୍ର ଓଡ଼ିଶା ଗଠନର ତିନି ମାସ ପୂର୍ବରୁ ୧୯୩୬ ମସିହା ଜାନୁଆରୀ ମାସରେ ଚନ୍ଦ୍ରଶେଖର ପରଲୋକ ଗମନ କରିଥିଲେ । ଚନ୍ଦ୍ରଶେଖରଙ୍କ ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ନିର୍ଭୀକତା ତାଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତାଭାବରେ ଅମର କରି ରଖିବ ।

## ପଣ୍ଡିତ ଗୋଦାବରୀଶ ମିଶ୍ର

ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ ଦେଶ ମିଶ୍ରଣ ଆନ୍ଦୋଳନର ଅଗ୍ରଦୂତ, ଶିକ୍ଷାବିତ୍, ବିଜ୍ଞ ବ୍ୟବସ୍ଥାପକ ଓ ସର୍ବୋପରି ବଶିଷ୍ଠ କବି ଓ ଲେଖକ ଥିଲେ । ସେ ଦରିଦ୍ର ପରିବାରର ସନ୍ତାନ ଥିଲେ ମଧ୍ୟ ନିଜ ସାଧନାବଳରେ ଯେଉଁ କ୍ଷେତ୍ରରେ ସେ ପ୍ରବେଶ କରିଥିଲେ ସେ କ୍ଷେତ୍ରରେ ସଫଳତା ହାସଲ କରିଥିଲେ ଏବଂ ସୁଖ୍ୟାତି ଅର୍ଜନ କରିଥିଲେ । ଶିକ୍ଷାକ୍ଷେତ୍ରରେ ପଣ୍ଡିତ ମିଶ୍ର ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀ ହାସଲ କରିବା



Digitized by srujanika@gmail.com

ପରେ ତାଙ୍କ ପରିବାରର ଦାରିଦ୍ର୍ୟ ଅବସ୍ଥା ଦୃଷ୍ଟିରୁ ଚାକିରିକରି ଅର୍ଥୋପାର୍ଜନ କରିବା ତାଙ୍କପାଇଁ ଏକାନ୍ତ ଆବଶ୍ୟକତା ଥିଲେ ମଧ୍ୟ ଏବଂ ସରକାରୀ ଚାକିରିଟିଏ ମିଳିବା ତାଙ୍କ ପକ୍ଷରେ ସହଜ ହୋଇଥିଲେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପରାମର୍ଶକ୍ରମେ ସେ ଚାକିରିର ମୋହ ଛାଡ଼ି ଅତି ଅଳ୍ପ ଅର୍ଥଗ୍ରହଣ କରି ୧୯୧୩ ମସିହାରେ ସତ୍ୟବାଦୀ ବନବିଦ୍ୟାଳୟରେ ଜଣେ ଶିକ୍ଷକଭାବରେ ଯୋଗ ଦେଇଥିଲେ । ସେଠାରେ ଶିକ୍ଷକତା କରିବା ସଙ୍ଗେ ସଙ୍ଗେ ସ୍ୱାଧୀନତା ସଂଗ୍ରାମ-ପାଇଁ ସେ ନିଜକୁ ପ୍ରସ୍ତୁତ କରିଥିଲେ । ସତ୍ୟବାଦୀ ବନ-ବିଦ୍ୟାଳୟରେ ୭ବର୍ଷ ଅତିବାହିତ କରିବାପରେ ପୁଣି ଗୋପବନ୍ଧୁଙ୍କ ପରାମର୍ଶକ୍ରମେ ପଣ୍ଡିତ ଗୋଦାବରୀଶ ସିଂହଭୂମି ଜିଲ୍ଲା ଅନ୍ତର୍ଗତ ଚକ୍ରଧରପୁର ହାଇସ୍କୁଲ ପରିଚାଳନା ଦାୟିତ୍ୱରେ ରହିଲେ ଏବଂ ସେଠାରେ ରହି ସମଗ୍ର ସିଂହଭୂମି ଜିଲ୍ଲାର ବିଭିନ୍ନ ସ୍ଥାନରେ ବୁଲି ଓଡ଼ିଆମାନଙ୍କ ଶିକ୍ଷାର ପ୍ରସାରପାଇଁ ସ୍କୁଲ ସ୍ଥାପନ କଲେ । ପରବର୍ତ୍ତୀ ସମୟରେ ପଣ୍ଡିତ ଗୋଦାବରୀଶ ଜଣେ ବିଜ୍ଞ ବ୍ୟବସ୍ଥାପକ ଓ ଓଡ଼ିଶାର ଶିକ୍ଷାମନ୍ତ୍ରୀ ହୋଇଥିଲେ । ଓଡ଼ିଆ ସାହିତ୍ୟରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଓଡ଼ିଆ ଗାଥା କବିଭାବରେ ସେ ଥିଲେ ଅଗ୍ରଣୀ । ସେ ଏକାଧାରରେ କବି, ନାଟ୍ୟକାର, ଗାଳ୍ପିକ ଓ ଆତ୍ମଜୀବନୀ ଲେଖକଭାବରେ ସୁପରିଚିତ । ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ ସାହିତ୍ୟର ବିଭିନ୍ନ ବିଭାବରେ ତାଙ୍କର ଅମର ଅବଦାନ ଯୋଗୁ ପଣ୍ଡିତ ଗୋଦାବରୀଶ ଓଡ଼ିଶାର ଆଧୁନିକ ପଞ୍ଚସଖାଙ୍କ ଭିତରେ ପରିଗଣିତ । ଏଠାରେ ତାଙ୍କର ବହୁମୁଖୀ ପ୍ରତିଭାର ଆଲୋଚନା କରାଯାଉ ନାହିଁ । କେବଳ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ତାଙ୍କର ଉଲ୍ଲେଖଯୋଗ୍ୟ ଅବଦାନ ମାତ୍ର ଆଲୋଚନା କରାଯାଉଛି । ପଣ୍ଡିତ ଗୋଦାବରୀଶ ମିଶ୍ର ୧୮୮୬ ମସିହାରେ ବାଣପୁରଠାରେ ଜନ୍ମ ଗ୍ରହଣକରି ୧୯୫୬ ମସିହାରେ ୭୦ ବର୍ଷ ବୟସରେ ପରଲୋକ ଗମନ କରିଥିଲେ ।

ଉତ୍କଳ ସମ୍ମିଳନୀ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ଅନୁଷ୍ଠାନଭାବରେ ଗଢ଼ିଉଠିଥିଲେ ମଧ୍ୟ ୧୯୧୫ ମସିହା ପର୍ଯ୍ୟନ୍ତ ସମ୍ମିଳନୀର ସମସ୍ତ ଅଧିବେଶନ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଆସିଥିଲା ଏବଂ ଏଥିରେ ସିଂହଭୂମି ଓ ମେଦିନୀପୁର ଭଳି ଦୂରବର୍ତ୍ତୀ ଓଡ଼ିଆଭାଷୀ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ସଭାପତି ନିର୍ବାଚନ କରାଯାଇ ନ ଥିଲା । ୧୯୧୫ ମସିହାରେ ଉତ୍କଳ ସମ୍ମିଳନୀର ଏକାଦଶ ଅଧିବେଶନରେ ସିଂହଭୂମି ଜିଲ୍ଲାର କେଉଁ ରାଜାଙ୍କୁ ସଭାପତି ନିର୍ବାଚନ କରାଗଲା । ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ବିହାର-ଓଡ଼ିଶା



Digitized by srujanika@gmail.com

କାଉନସିଲର୍ ସଭ୍ୟ ଥିଲେ । ବିହାର-ଓଡ଼ିଶା ପରିଷଦ୍‌ରେ ଯୋଗଦେଇ ଫେରିଲାବେଳେ ସେ ସିଂହଭୂମି ବାଟେ ଫେରୁଥିଲେ ଓ ସିଂହଭୂମି ଜିଲାର ଓଡ଼ିଆ ଆନ୍ଦୋଳନ ନେତାମାନଙ୍କ ସହିତ ଆଲୋଚନା କରୁଥିଲେ । ଏହି ଆଲୋଚନା ଫଳରେ ଗୋପବନ୍ଧୁ ଅନୁଭବ କରିଥିଲେ ଯେ ସିଂହଭୂମି ଜିଲାରେ ଓଡ଼ିଆ ଭାଷାକୁ ଉଠାଇ ଦେବାକୁ ଯେଉଁ ଚକ୍ରାନ୍ତ ଚାଲିଛି ତାହାକୁ ପଣ୍ଡ କରିବାପାଇଁ ଏଠାରେ ଶିକ୍ଷା ପ୍ରସାରର ଏକାନ୍ତ ଆବଶ୍ୟକତା ରହିଛି । ୧୯୧୯ ମସିହାରେ ପୁରୀଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ସଭାପତିଭାବରେ ଗୋପବନ୍ଧୁ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ପ୍ରସାର ଉପରେ ଅଧିକ ଜୋର୍ ଦେଲେ । ସେହି ଉଦ୍ଦେଶ୍ୟରେ ଗୋପବନ୍ଧୁ ତାଙ୍କର ଜଣେ ଘନିଷ୍ଠ ସହକର୍ମୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ସାଙ୍ଗରେ ନେଇ ଚକ୍ରଧରପୁର ହାଇସ୍କୁଲ ପରିଚାଳନା ଦାୟିତ୍ୱ ଦେଇଥିଲେ । ଗୋଟିଏ ସାଧାରଣ ସଭାରେ ଉତ୍କଳମଣି 'ଗୋପବନ୍ଧୁ ପଣ୍ଡିତ ଗୋଦାବରୀଶଙ୍କୁ ପରିଚୟ କରାଇଦେଇ ଆସିଲେ । ଏହି ସଭାରେ ଉଭୟଙ୍କୁ ବିହାରୀ ଓ ଓଡ଼ିଆମାନେ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଇଥିଲେ ।

ପଣ୍ଡିତ ଗୋଦାବରୀଶ ମିଶ୍ର ତିନି ବର୍ଷ ପର୍ଯ୍ୟନ୍ତ ସିଂହଭୂମି ଜିଲାର ଚକ୍ରଧରପୁର ହାଇସ୍କୁଲକୁ କେନ୍ଦ୍ରକରି ସମଗ୍ର ଜିଲାରେ ଓଡ଼ିଆ ଶିକ୍ଷାର ପ୍ରସାର-ନିମନ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ତାଙ୍କର ଏହି ଅଭିଯାନରେ ସିଂହଭୂମି ଜିଲାର ବିଶିଷ୍ଟ ଓଡ଼ିଆ ବୁଦ୍ଧିଜୀବୀ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଭଗବାନ ଷଡ଼ଙ୍ଗୀ, କାହ୍ନୁକିଶୋର ପାଣି, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ମଦନ ମୋହନ ଷଡ଼ଙ୍ଗୀ ପ୍ରମୁଖଙ୍କ ବ୍ୟତୀତ ବିହାରୀ ବ୍ୟବସାୟୀମାନେ ମଧ୍ୟ ସାହାଯ୍ୟ କରିଥିଲେ । ଏଠାରେ ଥିବା ମଥୁରାର ଜଣେ ବ୍ୟବସାୟୀ ଦୀନନାଥ ପାଣ୍ଡେ ତାଙ୍କୁ ବିଶେଷଭାବରେ ସାହାଯ୍ୟ କରିଥିଲେ । ରତିକୃଷ୍ଣ ଷଡ଼ଙ୍ଗୀ ନାମକ ଜଣେ ପୋଲିସ୍ ଅଫିସର ତାଙ୍କ ସହିତ ଘନିଷ୍ଠ ବନ୍ଧୁତା ସୂତ୍ରରେ ଆବଦ୍ଧହୋଇ ଶେଷରେ ଚାକିରି ଛାଡ଼ିଦେଇ ତାଙ୍କୁ ସାହାଯ୍ୟ କରିଥିଲେ । ପଣ୍ଡିତ ଗୋଦାବରୀଶ ଏସମ୍ପର୍କରେ ତାଙ୍କ ଆତ୍ମ ଜୀବନୀରେ ବର୍ଣ୍ଣନା କରିଛନ୍ତି । ଏହିଭଳି ଅକାତର ସାହାଯ୍ୟ ଯୋଗୁ ପଣ୍ଡିତ ଗୋଦାବରୀଶ ୧୯୨୦ ମସିହା ପ୍ରଥମଭାଗ ବେଳକୁ ସମଗ୍ର ସିଂହଭୂମି ଜିଲାରେ କେତୋଟି ହାଇସ୍କୁଲ ସମେତ ବହୁସଂଖ୍ୟାରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାପାଇଁ ସମର୍ଥ ହୋଇଥିଲେ । ପଇସିକିଆ ପାଣ୍ଠିରେ ଚାନ୍ଦା ଉଠାଇ ଏଥିପାଇଁ ସେ ଅର୍ଥ ସଂଗ୍ରହର ବ୍ୟବସ୍ଥା କରିଥିଲେ । ଶିକ୍ଷା ପ୍ରସାରପାଇଁ ପଣ୍ଡିତ ଗୋଦାବରୀଶ ସିଂହଭୂମି ଜିଲାରେ ଗସ୍ତ ଓ ପ୍ରଚାର କରିବା ଫଳରେ ସମଗ୍ର ଜିଲାରେ ଓଡ଼ିଶାସହିତ ସିଂହଭୂମିର ମିଶ୍ରଣପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି



Digitized by srujanika@gmail.com

ହୋଇଥିଲା । ଓଡ଼ିଆ ଶିକ୍ଷା ପ୍ରସାରଦ୍ୱାରା ପରବର୍ତ୍ତୀ ବିଭିନ୍ନ ଜନଗଣନାରେ ଓଡ଼ିଆଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା । ୧୯୧୧ ମସିହା ଜନଗଣନାରେ ସମଗ୍ର ସିଂହଭୂମି ଜିଲ୍ଲାରେ ଲୋକ ସଂଖ୍ୟା ଥିଲା ୬,୯୪,୩୯୪ ଏବଂ ସେଥିରୁ ଓଡ଼ିଆଙ୍କ ସଂଖ୍ୟା ଥିଲା ମୋଟ ୧,୬୪,୫୯୩ । ୧୯୨୧ ମସିହା ଜନଗଣନାରେ ଜିଲ୍ଲାର ମୋଟ ଲୋକ ସଂଖ୍ୟା ହେଲା ୭,୫୯,୪୩୫ ଏବଂ ସେଥିରୁ ଓଡ଼ିଆଙ୍କ ସଂଖ୍ୟା ହେଲା ୧,୪୦,୮୨୧ । ବଙ୍ଗାଳୀ ଓ ବିହାରୀ ଥିଲେ ସଂଖ୍ୟାନ୍ୟୂନ ଗୋଷ୍ଠୀ । ଏ ଜିଲ୍ଲାର ସଂଖ୍ୟାଧିକ ଅଧିବାସୀ ହୋଙ୍କ ନେତା ଦୋଳମାନ୍ତି ସେତେବେଳେ ଓଡ଼ିଆଭାଷୀ ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ଓଡ଼ିଶାସହିତ ମିଶ୍ରଣ ସପକ୍ଷରେ ମତପ୍ରକାଶ କରିଥିଲେ ।

ମାତ୍ର ୧୯୨୦ ମସିହାର ଶେଷଭାଗରେ ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଉତ୍କଳ ସମ୍ମିଳନୀ କଂଗ୍ରେସର ନୀତି ଓ କାର୍ଯ୍ୟକ୍ରମକୁ ସମର୍ଥନ କରିବାରୁ ପରିସ୍ଥିତି ବଦଳିଗଲା । କାରଣ ଜାତୀୟ କଂଗ୍ରେସ ଭାଷାଭିତ୍ତିରେ ପ୍ରଦେଶ ଗଠନ କରିବାପାଇଁ ନୀତି ନିର୍ଦ୍ଧାରଣ କରିଥିବାରୁ ବିହାରୀମାନେ ଓଡ଼ିଆମାନଙ୍କ ପ୍ରତି ଅଧିକ ସନ୍ଦିହାନ ହେଲେ । ଯେଉଁମାନେ ପ୍ରଥମେ ପଣ୍ଡିତ ଗୋଦାବରୀଶଙ୍କୁ ଅକୁଣ୍ଠିତ-ଭାବରେ ସାହାଯ୍ୟ କରି ଆସିଥିଲେ, ସେମାନେ କ୍ରମଶଃ ତାଙ୍କୁ ବିରୋଧ କଲେ । ପୂର୍ବଭଳି ଅନୁକୂଳ ବାତାବରଣ ରହିଲା ନାହିଁ । ୧୯୨୦ ମସିହାରେ ଓଡ଼ିଶାରେ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ ଚାଲିବା ସଙ୍ଗେ ସଙ୍ଗେ ଗୋପବନ୍ଧୁ ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କରିଦେଲେ ଏବଂ ସେହିପରି ଚକ୍ରଧରପୁର ହାଇସ୍କୁଲକୁ ପଣ୍ଡିତ ଗୋଦାବରୀଶ ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ଜାତୀୟ ବିଦ୍ୟାଳୟରେ ପରିଣତ କଲେ । ସେହି ବିଦ୍ୟାଳୟର ଛାତ୍ରମାନଙ୍କ ସାହାଯ୍ୟରେ ସିଂହଭୂମି ଜିଲ୍ଲାର ଗ୍ରାମେ ଗ୍ରାମେ ବୁଲି ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରିବାରେ ସେ ସଫଳ ହୋଇଥିଲେ । ସେତେବେଳେ ବିହାରୀ ବ୍ୟବସାୟୀମାନେ ମଧ୍ୟ ତାଙ୍କୁ ସାହାଯ୍ୟ କରିଥିଲେ; ମାତ୍ର ଶେଷରେ ବିହାରୀମାନେ ପଣ୍ଡିତ ଗୋଦାବରୀଶଙ୍କ କାର୍ଯ୍ୟକଳାପକୁ ଯେ ସନ୍ଦେହ ଦୃଷ୍ଟିରେ ଦେଖିଲେ ତାହା କେତେକ ଘଟଣାରୁ ପ୍ରମାଣିତ ହେଲା । ଭାଷାଭିତ୍ତିରେ ଯେତେବେଳେ ପ୍ରାଦେଶିକ କଂଗ୍ରେସ କମିଟିଗୁଡ଼ିକ ଗଠିତ ହେଲା ସେତେବେଳେ ସିଂହଭୂମି ଜିଲ୍ଲା ଓଡ଼ିଶା ପ୍ରଦେଶ କଂଗ୍ରେସସହିତ ମିଶିବା କଥା । ମାତ୍ର ଏଥିରେ ବିହାର ପ୍ରଦେଶ କଂଗ୍ରେସ ଆପତ୍ତି କଲେ, ତେଣୁ ସିଂହଭୂମି ଜିଲ୍ଲାର କଂଗ୍ରେସ ସଭ୍ୟମାନଙ୍କ ମତ ଅନୁସାରେ



Digitized by srujanika@gmail.com

ଏସଂପର୍କରେ ଶେଷ ନିଷ୍ପତ୍ତି ହେବ ବୋଲି ସ୍ଥିର ହେଲା । ପଣ୍ଡିତ ଗୋଦାବରୀଶ ଏଥିପାଇଁ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ଉତ୍କଳମଣି ଗୋପବନ୍ଧୁଙ୍କୁ ଏକାଠି ସିଂହଭୂମି ଆସି ଏ ସମ୍ପର୍କରେ ନିଷ୍ପତ୍ତି କରିଦେବାକୁ ନିମନ୍ତ୍ରଣ କଲେ । ଉଭୟ ନେତା ସିଂହଭୂମି ଯାଇ ଜିଲ୍ଲାର କଂଗ୍ରେସ ସଭ୍ୟମାନଙ୍କ ମତାମତ ଜାଣିକରି ସିଂହଭୂମି ଜିଲ୍ଲା ଓଡ଼ିଶା ପ୍ରଦେଶ କଂଗ୍ରେସସମ୍ବନ୍ଧିତ ରହିବ ବୋଲି ଘୋଷଣା କରିଥିଲେ । ପଣ୍ଡିତ ଗୋଦାବରୀଶ ସିଂହଭୂମି ଜିଲ୍ଲାର ଗ୍ରାମେ ଗ୍ରାମେ ବୁଲି କଂଗ୍ରେସ ବାର୍ତ୍ତା ପ୍ରଚାର କରିଥିବା ଯୋଗୁ ଯେ ଏହା ହେଲା ଏଥିରେ ସନ୍ଦେହ ନାହିଁ । ପଣ୍ଡିତ ଗୋଦାବରୀଶ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ ପରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ତାଙ୍କ ମତ ବଦଳାଇବା ଯୋଗୁ ଏ ନିଷ୍ପତ୍ତି ବଦଳିଗଲା ଏବଂ ସିଂହଭୂମି ଜିଲ୍ଲା ବିହାର ପ୍ରଦେଶ କଂଗ୍ରେସସମ୍ବନ୍ଧିତ ରହିଲା ।

ପଣ୍ଡିତ ଗୋଦାବରୀଶ ୧୯୨୧ ମସିହାରେ ଜଣେ ସ୍ୱାଧୀନତା ସଂଗ୍ରାମୀ-ଭାବରେ ସିଂହଭୂମି ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରିବାରେ ଅଧିକାଂଶ ସମୟ ଦେଇଥିଲେ ମଧ୍ୟ ତା' ସଙ୍ଗେ ସଙ୍ଗେ ଏ ଜିଲ୍ଲାରେ ଓଡ଼ିଆ ଆନ୍ଦୋଳନ ଚଳେଇଥିଲେ । ଚକ୍ରଧରପୁର ହାଇସ୍କୁଲ ଜାତୀୟ ବିଦ୍ୟାଳୟରେ ପରିଣତ ହୋଇ ଜିଲାର ସ୍ୱାଧୀନତା ସଂଗ୍ରାମର କେନ୍ଦ୍ର ହୋଇଥିଲା । ଏହା ଫଳରେ କ୍ରମଶଃ ବିହାରୀ ବ୍ୟବସାୟୀମାନେ ବିଦ୍ୟାଳୟପ୍ରତି ସେମାନଙ୍କର ସମର୍ଥନ ପ୍ରତ୍ୟାହାର କରିନେଲେ । ଏଣେ ଓଡ଼ିଶାରୁ ମଧ୍ୟ ପଣ୍ଡିତ ଗୋଦବାରୀଶ ଆର୍ଥିକ ସାହାଯ୍ୟ ପାଇଲେ ନାହିଁ । ସ୍ୱାଧୀନତା ସଂଗ୍ରାମରେ ବ୍ୟସ୍ତରହି ପଣ୍ଡିତ ଗୋପବନ୍ଧୁ ଯେକୌଣସି ମୁହୂର୍ତ୍ତରେ ଗିରଫ ହୋଇଯିବାର ଆଶଙ୍କା ଥାଏ । ଏପରି ଅବସ୍ଥାରେ ସେ ଏଥିପ୍ରତି ପୂର୍ବପରି ଦୃଷ୍ଟି ଦେଇପାରିଲେ ନାହିଁ, ତେଣୁ ନିତାନ୍ତ ଅର୍ଥାଭାବ ଯୋଗୁ ପଣ୍ଡିତ ଗୋଦାବରୀଶ ସିଂହଭୂମି ଜିଲାରେ ରହିବାର ଅନିଚ୍ଛାସତ୍ତ୍ୱେ ବାଣପୁରକୁ ଫେରିଆସି ତାହାକୁ ତାଙ୍କ କର୍ମକ୍ଷେତ୍ର କଲେ । ଚକ୍ରଧରପୁରଠାରେ ସେ ବହୁଦିନ ଉପାସ ଖାଇ ରହିଥିଲେ ବୋଲି ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ।

ପଣ୍ଡିତ ଗୋଦାବରୀଶ ଚକ୍ରଧରପୁରରୁ ଚାଲିଆସିବା ପରେ ଚକ୍ରଧରପୁର ସ୍କୁଲ ଗୃହଟି ଭାଙ୍ଗିପଡ଼ିଲା ତଥା ଓଡ଼ିଆ ଆନ୍ଦୋଳନ ଶିଥିଳ ହୋଇଗଲା । ଏଥିରେ ବ୍ୟଥିତ ହୋଇ ସିଂହଭୂମିରେ ଓଡ଼ିଆ ଆନ୍ଦୋଳନ ଚଳେଇବାପାଇଁ ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ଓଡ଼ିଶାର ଯୁବକମାନଙ୍କୁ ନିବେଦନ କରିଥିଲେ । ସେହି ସମୟରେ ପ୍ରଚାରକ ଅନନ୍ତ ମିଶ୍ର ଚକ୍ରଧରପୁରରେ ଉପସ୍ଥିତ ହୋଇ ଚକ୍ରଧରପୁର ସ୍କୁଲ ଘରଟିଆରି କରିବାପାଇଁ ଅର୍ଥ ସଂଗ୍ରହନିମନ୍ତେ ଉଦ୍ୟମ



Digitized by srujanika@gmail.com

କରିଥିଲେ । ବିଶେଷଭାବରେ ୧୯୨୮ ମସିହାରେ ସାଇମନ୍ କମିଶନ୍ ଏଠାକୁ ଆସିବାପରେ ଓଡ଼ିଆ ଆନ୍ଦୋଳନର ସମର୍ଥକ ସଂସ୍ଥାଗୁଡ଼ିକ ସକ୍ରିୟ ହୋଇଉଠିଲେ । ଏହି ସମୟରେ ପଣ୍ଡିତ ଗୋଦାବରୀଶ ପୁଣି ଚକ୍ରଧରପୁରରେ ହାଇସ୍କୁଲପାଇଁ ଅର୍ଥ ସଂଗ୍ରହ କାର୍ଯ୍ୟରେ ଲାଗିଥିଲେ । ଅଟଲି କମିଟିଙ୍କ ସୁପାରିଶକ୍ରମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣପାଇଁ ଯେତେବେଳେ ସୀମା କମିଶନ୍ ବସିଲା ସେହି କମିଶନ୍ ସାକ୍ଷ୍ୟ ଗ୍ରହଣ କରିବାନିମନ୍ତେ ସିଂହଭୂମି ଓ ମେଦିନୀପୁର ଅଞ୍ଚଳକୁ ୧୯୩୧ ମସିହାରେ ଯାଇଥିଲେ । ପଣ୍ଡିତ ଗୋଦାବରୀଶ ସେହି ସମୟରେ ପ୍ରାୟ ଦୁଇ ବର୍ଷକାଳ ସିଂହଭୂମି ଜିଲ୍ଲା ଓ ମେଦିନୀପୁର ଜିଲ୍ଲାରେ ରହି ସେଠାରେ ଓଡ଼ିଶାସହିତ ମିଶ୍ରଣ ସପକ୍ଷରେ ଜନମତ ସୃଷ୍ଟି ପାଇଁ ଶେଷ ଉଦ୍ୟମ କରିଥିଲେ । ତା'ପୂର୍ବରୁ ୧୯୨୪ ମସିହାଠାରୁ ୧୯୨୭ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବ୍ୟବସ୍ଥା ପରିଷଦ୍‌ର ସଭ୍ୟ ଥିବାବେଳେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଶିକ୍ଷା ପ୍ରସାର କ୍ଷେତ୍ରରେ ସେ ଥିଲେ ଓଡ଼ିଆଭାଷୀଙ୍କ ମୁଖପାତ୍ର । ବିହାର ଓଡ଼ିଶା ବ୍ୟବସ୍ଥା ପରିଷଦ୍‌ର ସଭ୍ୟଭାବରେ ତାଙ୍କର ସାକ୍ଷ୍ୟ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଅନୁଭବ କରି କଂଗ୍ରେସ ଅନୁଷ୍ଠାନଠାରୁ ସେ ନିଜକୁ ଦୂରେଇ ରଖି ସାକ୍ଷ୍ୟ ଦେଇଥିଲେ ।

ସ୍ୱାଧୀନତାପରେ ଗଡ଼ଜାତ ମିଶ୍ରଣବେଳେ ପ୍ରଥମେ ସରେଇକଳା ଓ ଖରସୁଆଁ ଯଥାର୍ଥଭାବରେ ଓଡ଼ିଶାସହିତ ମିଶ୍ରଣ କରାଯାଇ ପରେ ଏହି ଦୁଇଟି ରାଜ୍ୟକୁ ଓଡ଼ିଶାରୁ ବିଚ୍ଛିନ୍ନ କରି ନିଆଯିବାରୁ ପଣ୍ଡିତ ଗୋଦାବରୀଶ ଅତ୍ୟନ୍ତ ମର୍ମାହତ ହୋଇଥିଲେ । ଏଥିପାଇଁ ଭାରତ ସରକାରଙ୍କଦ୍ୱାରା ନିଯୁକ୍ତ ସୀମା ନିର୍ଦ୍ଧାରଣ କମିଶନ୍‌ଙ୍କ ନିକଟରେ ୧୯୫୬ ମସିହାରେ ଓଡ଼ିଶାବାସୀଙ୍କ ପକ୍ଷରୁ ଯେଉଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ସେଥିରେ ପଣ୍ଡିତ ଗୋଦାବରୀଶ ପରିଣତ ବୟସରେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରି ପୁଣି ସିଂହଭୂମି ଅଞ୍ଚଳକୁ ଭ୍ରମଣର ଉଦ୍ଦେଶ୍ୟରେ ଯାଇଥିଲେ । ସେଠାରେ ସେ କେତେକ ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇ ଫେରିଲେ । ତା'ପରେ ସେ ଶଯ୍ୟାଶାୟୀ ହୋଇ ରହିଲେ ଏବଂ ଇହଧାମରୁ ବିଦାୟ ନେଲେ ।

## ପଣ୍ଡିତ ନୀଳକଣ୍ଠ ଦାସ

ପଣ୍ଡିତ ନୀଳକଣ୍ଠ ଦାସ ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ତାଙ୍କର ଅବଦାନ ଅତୁଳନୀୟ । ସେ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ଭିତରେ ଅଗ୍ରଗଣ୍ୟ । ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ବିଜ୍ଞ ଓ ଦକ୍ଷ



Digitized by srujanika@gmail.com

ବ୍ୟବସ୍ଥାପକ, ବାଗ୍ମୀ ଓ ସଙ୍ଗଠକ । ଯଥାର୍ଥରେ ପଣ୍ଡିତ ନୀଳକଣ୍ଠଙ୍କୁ ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ବୋଲି କୁହାଯାଇଛି । ପଣ୍ଡିତ ନୀଳକଣ୍ଠ ତାଙ୍କ ଦୀର୍ଘ କର୍ମମୟ ଜୀବନରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ଯେଉଁ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ ତାହା ହିଁ ସଂକ୍ଷେପରେ ଏଠାରେ ଆଲୋଚନା କରାଯାଇଅଛି । ପଣ୍ଡିତ ନୀଳକଣ୍ଠ ବିଶ୍ୱବିଦ୍ୟାଳୟର ଉଚ୍ଚତମ ଡିଗ୍ରୀ ହାସଲ କରିଥିଲେ ମଧ୍ୟ ଉତ୍କଳମଣି ଗୋପବନ୍ଧୁଙ୍କ ଆହ୍ୱାନରେ ସରକାରୀ ଚାକିରିର ମୋହ ଛାଡ଼ି ସତ୍ୟବାଦୀ ବନବିଦ୍ୟାଳୟର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ । ଏହାପରେ ସ୍ୱାଧୀନତା ସଂଗ୍ରାମର ସେନାପତି-ଭାବରେ, କେନ୍ଦ୍ର ବ୍ୟବସ୍ଥା ସଭାରେ ବ୍ୟବସ୍ଥାପକ, ଓଡ଼ିଶା କଂଗ୍ରେସ ସଂଗଠନର ନେତୃତ୍ୱ ଏବଂ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ନେତୃତ୍ୱ ନେଇ ପଣ୍ଡିତ ନୀଳକଣ୍ଠ ତାଙ୍କ ଦୀର୍ଘ କର୍ମମୟ ଜୀବନ ଅତିବାହିତ କରିଥିଲେ । ଓଡ଼ିଶା ଇତିହାସ ଓ ଓଡ଼ିଆ ସାହିତ୍ୟରେ ସେ ଚିରସ୍ମରଣୀୟ ହୋଇ ରହିବେ ।

ପଣ୍ଡିତ ନୀଳକଣ୍ଠ ଦାସ ୧୮୮୪ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୬୭ ମସିହାରେ ତାଙ୍କର ପରଲୋକ ହୋଇଥିଲା । ୧୯୦୩ ମସିହାରେ ଉତ୍କଳଗୌରବ ମଧୁସୂଦନଙ୍କ ଉଦ୍ୟମରେ କଟକଠାରେ ଯେତେବେଳେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ଓଡ଼ିଆଭାଷୀ ଅଞ୍ଚଳରେ ସାମାଜିକ ଏବଂ ଅର୍ଥନୈତିକ ବିକାଶପାଇଁ ଆଲୋଚନା ହେଲା ସେତେବେଳେ ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ଛାତ୍ର । ସେହି ଅଧି-ବେଶନରେ ସେ ଜଣେ ଦର୍ଶକଭାବରେ ଉପସ୍ଥିତ ଥିଲେ । ମାତ୍ର ଏହି ସମ୍ମିଳନୀ ପୀଠରେ ସେ ଓଡ଼ିଆ ଜାତିର ଯେଉଁ ନବଜାଗରଣ ଦେଖିଥିଲେ ତାହା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ସମ୍ମିଳନୀ ବିଷୟରେ ସେ ମତବ୍ୟକ୍ତ କରି ଲେଖିଥିଲେ "ତାହା ହିଁ ଯେପରି କି ମୋ ଜୀବନର ପ୍ରଥମ ଦୀକ୍ଷା ।" ଏହା ପର ବର୍ଷ ୧୯୦୪ ମସିହାରେ ପୁରୀ ସହରରେ ସାଧାରଣ ସଭାରେ ଉତ୍କଳଗୌରବ ମଧୁସୂଦନ ଯେତେବେଳେ ଆହ୍ୱାନ ଦେଲେ ଯେ ଯେଉଁମାନେ ସ୍ୱଦେଶୀ ଆନ୍ଦୋଳନରେ ଯୋଗଦେବେ ସେମାନେ ଦସ୍ତଖତ ଦିଅନ୍ତୁ, ସେଠାରେ ଉପସ୍ଥିତ ଥିବା ବହୁସଂଖ୍ୟକ ପୋଲିସ୍‌ଙ୍କ ଭୟରେ କେବଳ ନୀଳକଣ୍ଠଙ୍କ ବ୍ୟତୀତ ଆଉ କେହି ଆସି ଦସ୍ତଖତ୍ ଦେଇ ନ ଥିଲେ । ଏହା ବଙ୍ଗଭଙ୍ଗ ଆନ୍ଦୋଳନବେଳ । ଭାରତରେ ବଡ଼ଲାଟ ଲର୍ଡ୍ କର୍ଜନ୍‌ଙ୍କ ରାଜତ୍ୱ । ସେତେବେଳକୁ ମାତ୍ର ୨୦ ବର୍ଷ ବୟସର ଯୁବକ ନୀଳକଣ୍ଠଙ୍କ ଅସୀମ ସାହସର ପରିଚୟ ମିଳିଥିଲା । ୧୯୧୧ ମସିହାରେ ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକଭାବରେ



Digitized by srujanika@gmail.com

ମଧୁସୂଦନଙ୍କସହିତ ଘନିଷ୍ଠସମ୍ପର୍କରେ ଆସିଲେ ଏବଂ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆଗ୍ରହ ବୃଦ୍ଧି ପାଇଲା । କ୍ରମଶଃ ଉତ୍କଳ ସମ୍ମିଳନୀସହିତ ଗୋପବନ୍ଧୁ ଓ ନୀଳକଣ୍ଠ ଘନିଷ୍ଠଭାବରେ ସମ୍ପୃକ୍ତ ହେଲେ । ୧୯୧୯ ମସିହାରେ ଉତ୍କଳମଣି ଗୋପବନ୍ଧୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ଅଧିବେଶନରେ ସ୍ୱେଚ୍ଛାସେବକ-ମାନେ ମଧୁସୂଦନଙ୍କସହିତ ମନୋମାଳିନ୍ୟ ଯୋଗୁ କାର୍ଯ୍ୟ କରିବାକୁ ରାଜି ନ ହେବାରୁ ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ ସତ୍ୟବାଦୀ ବିଦ୍ୟାଳୟର ୭୦ଜଣ ଛାତ୍ର ସ୍ୱେଚ୍ଛାସେବକଭାବରେ ସମ୍ମିଳନୀର କାର୍ଯ୍ୟ ସଫଳତାସହିତ ସମ୍ପନ୍ନ କରିଥିଲେ । ୧୯୨୦ ମସିହାରେ ଅନୁଷ୍ଠିତ ଚକ୍ରଧରପୁର ଅଧିବେଶନରେ ଉତ୍କଳ ସମ୍ମିଳନୀ ଗୋପବନ୍ଧୁଙ୍କ ନେତୃତ୍ୱରେ ପରିଚାଳିତ ହେଲା । ତେଣୁ ଗୋପବନ୍ଧୁଙ୍କସହିତ ପଣ୍ଡିତ ନୀଳକଣ୍ଠ ପ୍ରମୁଖ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଉତ୍କଳ ସମ୍ମିଳନୀର ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ସମ୍ପୂର୍ଣ୍ଣ ସହଯୋଗ କଲେ ।

ମାନ୍ଦ୍ରାଜ ପ୍ରଦେଶସହିତ ରହିଥିବା ଗଞ୍ଜାମ ଓ କୋରାପୁଟ ଜିଲ୍ଲା (ଭାଇଜାଗ୍‌ପଟ୍ଟମ୍ ଏଜେନ୍‌ସି)ର ବିସ୍ତୃତ ଓଡ଼ିଆଭାଷୀ ଅଞ୍ଚଳକୁ ଛାଡ଼ିବାକୁ ମାନ୍ଦ୍ରାଜ ସରକାର ତଥା ମାନ୍ଦ୍ରାଜର ତେଲୁଗୁଭାଷାଭାଷୀ ଲୋକେ ପ୍ରଥମରୁ ବିରୋଧ କରି ଆସିଥିବାରୁ ଏହି ଅଞ୍ଚଳଗୁଡ଼ିକ ଶେଷରେ ଓଡ଼ିଶାରେ ମିଶିଥିଲା । ୧୯୨୨ ମସିହାରେ ଡକ୍ଟର ସଚ୍ଚିଦାନନ୍ଦ ସିଂହଙ୍କ ପ୍ରସ୍ତାବକ୍ରମେ ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆଭାଷୀ ଅଞ୍ଚଳରେ ଲୋକମତ ସଂଗ୍ରହପାଇଁ ସରକାରୀସ୍ତରରେ ଯେଉଁ ଫିଲିପ୍-ଡଫ୍ କମିଟି ନିଯୁକ୍ତ ହୋଇଥିଲା ତା'ବ୍ୟତୀତ ସେହି ସମୟରେ ଜାତୀୟ କଂଗ୍ରେସ ସ୍ତରରେ ଏ ସମ୍ପର୍କରେ ନିଷ୍ପତ୍ତି କରିବାପାଇଁ ଉଦ୍ୟମ କରାଯାଇଥିଲା । ୧୯୨୪ ମସିହାରେ ଜାତୀୟ କଂଗ୍ରେସର କାକିନାଡ଼ା ଅଧିବେଶନର ପ୍ରସ୍ତାବ ଅନୁଯାୟୀ ରାଜଗୋପାଳାଚାରୀଙ୍କ ସଭାପତିତ୍ୱରେ ଗୋଟିଏ କମିଟି ଗଠନ କରା-ଯାଇଥିଲା ଏବଂ ଏହି କମିଟିରେ ମାନ୍ଦ୍ରାଜର ଦୁଇ ଜଣ ସଭ୍ୟ ଓ ଓଡ଼ିଶାର ଦୁଇ ଜଣ ସଭ୍ୟ ରହିଥିଲେ । ଓଡ଼ିଶାରୁ ଏହି ଦୁଇ ଜଣ ସଭ୍ୟ ହେଲେ ପଣ୍ଡିତ ନୀଳକଣ୍ଠ ଦାସ ଓ ନିରଞ୍ଜନ ପଟ୍ଟନାୟକ । ଏହି କମିଟି ଉପରେ ଆନ୍ଧ୍ର-ଓଡ଼ିଶା ସୀମା ବିବାଦ ନିଷ୍ପତ୍ତି ଦାୟିତ୍ୱ ଦିଆ ଯାଇଥିଲା । ପରେ ଏହି କମିଟିରୁ ରାଜାଜୀ ଇସ୍ତଫା ଦେଲେ ଏବଂ ଡକ୍ଟର ରାଜେନ୍ଦ୍ରପ୍ରସାଦ ସଭାପତି ହେଲେ । ମାତ୍ର ଏହି କମିଟିଙ୍କ ଉଦ୍ୟମ ବିଫଳ ହୋଇଥିଲା । ପଣ୍ଡିତ ନୀଳକଣ୍ଠ ୧୯୨୪ ମସିହାରେ କେନ୍ଦ୍ର ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଯିବା ପରେ କେନ୍ଦ୍ର ବ୍ୟବସ୍ଥା ସଭାରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବିସମ୍ପର୍କରେ



Digitized by srujanika@gmail.com

ବହୁ ଥର ଆଲୋଚନା କରି କେନ୍ଦ୍ର ସରକାର ତଥା ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୨୭ ମସିହାରେ ସେ ଏକ ବେସରକାରୀ ପ୍ରସ୍ତାବ ଆଗତ କରି ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ମିଶାଇ ଗୋଟିଏ ପ୍ରଦେଶ ଅଧୀନରେ ରଖିବାପାଇଁ ଦାବି କରିଥିଲେ । ଏହାର ଉତ୍ତରରେ ସେତେବେଳର ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ସଭ୍ୟ ମୁଡ଼ିମାନ୍ କହିଥିଲେ ଯେ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା-ପାଇଁ ଅନେକ କଥା କରିବାର ଅଛି ଏବଂ କରାଯିବା ଉଚିତ ।

୧୯୨୮ ମସିହାରେ ଭାରତର ସାମ୍ବିଧାନିକ ସଂସ୍କାରନିମନ୍ତେ ଭାରତକୁ ବ୍ରିଟିଶ ସରକାର ଯେଉଁ ସାଇମନ୍ କମିଶନ୍ ପଠାଇଥିଲେ ତାହାକୁ କଂଗ୍ରେସ ଅନୁଷ୍ଠାନ ସେମାନଙ୍କୁ ବର୍ଜନ କଲେ । ତେଣୁ ସେତେବେଳର କଂଗ୍ରେସ ଅନୁଷ୍ଠାନ ଓଡ଼ିଶାର ଦାବିକୁ ସେମାନଙ୍କ ନିକଟରେ ଉପସ୍ଥାପିତ କରି ପାରି ନ ଥିଲେ । ମାତ୍ର ସେତେବେଳେ ଭାରତପାଇଁ ଏକ ସମ୍ବିଧାନର ଖସଡ଼ା ପ୍ରସ୍ତୁତ କରିବା-ପାଇଁ କଂଗ୍ରେସ ନେତା ପଣ୍ଡିତ ମୋତିଲାଲ ନେହେରୁଙ୍କ ନେତୃତ୍ୱରେ ଗୋଟିଏ ସର୍ବଦଳୀୟ କମିଟି ଗଠିତ ହୋଇଥିଲା । ସେହି କମିଟିକୁ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ମିଶାଇ ଦେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଯେଉଁ ପ୍ରସ୍ତାବ ଦିଆହୋଇଥିଲା, ସେଥିରେ ପଣ୍ଡିତ ନୀଳକଣ୍ଠ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ । ଏସମ୍ପର୍କରେ ନିରଞ୍ଜନ ପଟ୍ଟନାୟକ ପଣ୍ଡିତ ନୀଳକଣ୍ଠଙ୍କ ସମର୍ଥନ କ୍ରମେ ଯେଉଁ ପ୍ରସ୍ତାବ ଦେଇଥିଲେ ତାକୁ ପଣ୍ଡିତ ମୋତିଲାଲ ଗ୍ରହଣ ନ କରିବାରୁ ଓଡ଼ିଆ ପ୍ରତିନିଧିମାନେ ସମ୍ମିଳନୀ ଛାଡ଼ି ଚାଲି ଆସିଥିଲେ । ପରେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶ କ୍ରମେ ସେମାନଙ୍କୁ ଡକାଇଆଣି ସେହି ପ୍ରସ୍ତାବକୁ ଗ୍ରହଣ କରି ନିଆଯାଇଥିଲା ।

ସାଇମନ୍ କମିଶନ୍‌ଙ୍କ ସୁପାରିଶକ୍ରମେ ସ୍ୱତନ୍ତ୍ର ଓଡ଼ିଶାର ସୀମା ନିର୍ଦ୍ଧାରଣପାଇଁ ଯେଉଁ ସୀମା ନିର୍ଦ୍ଧାରଣ କମିଶନ୍ (ଯାହାକୁ ଓଡ଼ନେଲ୍ କମିଟି ବୋଲି କୁହାଯାଏ) ନିଯୁକ୍ତ ହେଲା, ସେମାନେ ୧୯୩୧ ମସିହାରେ ସିଂହଭୂମି ଜିଲାର ବିଭିନ୍ନ ଅଞ୍ଚଳକୁ ଯାଇ ଓଡ଼ିଆଙ୍କ ଦାବିସମ୍ପର୍କରେ ମତ ଗ୍ରହଣ କରିଥିଲେ । ଏହି ସମୟରେ ଓଡ଼ିଆ ଆନ୍ଦୋଳନ ସପକ୍ଷରେ ପ୍ରଚାର ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ସିଂହଭୂମି ଜିଲାରେ ଗସ୍ତ କରିଥିଲେ । ସେତେବେଳେ ସେ ଓଡ଼ିଶା ପ୍ରଦେଶ କଂଗ୍ରେସର ଜଣେ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି । ୧୯୨୨ ମସିହାରେ ପଣ୍ଡିତ ଗୋଦାବରୀଶ ଚକ୍ରଧରପୁର ଛାଡ଼ି ଚାଲି ଆସିବାପରେ ଓଡ଼ିଆ ଆନ୍ଦୋଳନ ଶିଥିଳ ହୋଇପଡ଼ିଥିଲା । ୧୯୩୧ ମସିହା ମଇ ମାସରେ କଟକଠାରେ ମିଳିତ ଓଡ଼ିଶା



Digitized by srujanika@gmail.com

ସମ୍ମିଳନୀ ଅନୁଷ୍ଠିତ ହୋଇ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଗୋଟିଏ କମିଟି ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଗଠିତ ହେଲା । ଗୋପବନ୍ଧୁ ଚୌଧୁରୀ ଏହି କମିଟିର ଉପ-ସଭାପତି ଏବଂ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ଶଶିଭୂଷଣ ରଥ ଏହାର ସମ୍ପାଦକ ନିର୍ବାଚିତ ହୋଇଥିଲେ । ଏହି ସମୟରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ସୀମା ସମସ୍ୟା-ସମାଧାନ କରିବାପାଇଁ ସମଗ୍ର ଓଡ଼ିଶାବାସୀଙ୍କୁ ନିବେଦନ କରି ଏକ ବିବୃତ୍ତି ଦେଇ ଥିଲେ । ପରେ ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ ପଣ୍ଡିତ ଗୋଦାବରୀଶ ମିଶ୍ର, ଲକ୍ଷ୍ମୀନାରାୟଣ ସାହୁ ଓ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତିମାନେ ଓଡ଼ିଶାସହିତ ମିଶ୍ରଣ ସପକ୍ଷରେ ମେଦିନୀପୁର ଜିଲ୍ଲାରେ ପ୍ରଚାର ଚଳେଇଥିଲେ । ସେମାନେ ବହୁ ସଭା ସମିତି କରି ଲୋକମତ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ । ୧୯୩୨ ମସିହାରେ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି କରାଯାଇଥିବା ନିଖିଳ ଭାରତ ଜାତୀୟ କଂଗ୍ରେସର ଅଧିବେଶନସମ୍ପର୍କରେ ସେମାନେ ପ୍ରଚାର କରି ସେଥିପାଇଁ ମେଦିନୀପୁର ଜିଲ୍ଲାର କଂଗ୍ରେସ ନେତାମାନଙ୍କ ସହଯୋଗ ଲୋଡ଼ିଥିଲେ । ୧୯୩୧ ମସିହା ଶେଷଭାଗରେ ଓଡ଼ିଶା ସୀମା କମିଶନ୍‌ଙ୍କ ନିକଟରେ ଓଡ଼ିଶାର ଦାବି ସପକ୍ଷରେ ସାକ୍ଷ୍ୟ ଦେବାନିମନ୍ତେ ଓଡ଼ିଶା କଂଗ୍ରେସ ପଣ୍ଡିତ ନୀଳକଣ୍ଠଙ୍କୁ ସିଂହଭୂମି ପଠାଇବାପାଇଁ ସ୍ଥିର କଲେ । ମାତ୍ର ସେତେବେଳକୁ ଜାତୀୟ କଂଗ୍ରେସ ବ୍ରିଟିଶ ସରକାରଙ୍କସହିତ ପୁଣି ଅସହଯୋଗ କରିବାପାଇଁ ନିଷ୍ପତ୍ତି କରିସାରିଥିଲେ । ତେଣୁ ପଣ୍ଡିତ ନୀଳକଣ୍ଠ ସୀମା କମିଶନ୍‌ଙ୍କସହିତ ଆଲୋଚନା କରିବାପାଇଁ ସୁଯୋଗ ପାଇଲେ ନାହିଁ । ସୀମା କମିଶନ୍‌ଙ୍କୁ ବର୍ଜନ କରିବାପାଇଁ ଜାତୀୟ କଂଗ୍ରେସର ଉଚ୍ଚ କର୍ତ୍ତୃପକ୍ଷ ପଣ୍ଡିତ ନୀଳକଣ୍ଠଙ୍କୁ ନିର୍ଦ୍ଦେଶ ଦେଲେ । ତେଣୁ ସେ କେବଳ ଓଡ଼ିଶା ପକ୍ଷରୁ ସ୍ମାରକପତ୍ରଟି ସୀମା କମିଶନ୍‌ଙ୍କୁ ଦେଇ ଚାଲି ଆସିଥିଲେ ।

ପଣ୍ଡିତ ନୀଳକଣ୍ଠ ସୀମା କମିଶନ୍‌ଙ୍କ ନିକଟରେ ସାକ୍ଷ୍ୟଦେଇ ଓଡ଼ିଶାର ଦାବିକୁ ଯୁକ୍ତିଯୁକ୍ତଭାବରେ ଉପସ୍ଥାପିତ କରିପାରିଥାଆନ୍ତେ ବୋଲି ଆଶା କରାଯାଉଥିଲା । ମାତ୍ର ଦୁର୍ଭାଗ୍ୟବଶତଃ ଓଡ଼ିଶାବାସୀ ତଥା ଓଡ଼ିଶା କଂଗ୍ରେସ ନେତୃବର୍ଗ ଏହି ସୁଯୋଗ ହରାଇଲେ । ଏହାପରେ କଂଗ୍ରେସ ଅନୁଷ୍ଠାନ ବେଆଇନ ଘୋଷିତ ହେଲା । ପୁରୀଠାରେ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହୋଇପାରିଲା ନାହିଁ । ତେଣୁ ଓଡ଼ିଆ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିବାପାଇଁ ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ ଓଡ଼ିଶା କଂଗ୍ରେସ ଅନୁଷ୍ଠାନ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ସେଥିରୁ ବାଧ୍ୟ ହୋଇ ବିରତ ହେଲେ ।



Digitized by srujanika@gmail.com

# ପ୍ରଚାରକ ଅନନ୍ତ ମିଶ୍ର

ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଇତିହାସରେ ପ୍ରଚାରକ ଅନନ୍ତ ମିଶ୍ରଙ୍କ ଅବଦାନ ଉଲ୍ଲେଖଯୋଗ୍ୟ । ଉତ୍କଳର ଜାତୀୟ ଆକାଶରେ ସେ ଥିଲେ ଏକ ଉଜ୍ଜ୍ୱଳ ନକ୍ଷତ୍ର । ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ପ୍ରଚାରରେ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ ଏବଂ ସେହି ପ୍ରଚାରରେ ହିଁ ତାଙ୍କ କର୍ମମୟ ଜୀବନ ସାଙ୍ଗ କରିଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରୂପେ ଗଠିତ ହେବାର ବର୍ଷକ ପରେ ସେ ଇହଧାମରୁ ବିଦାୟ ନେଲେ ୧୯୩୭ ମସିହା ମଇ ୭ ତାରିଖରେ । ୧୮୮୪ ଅକ୍ଟୋବର ମାସରେ ତାଙ୍କର ଜନ୍ମ । ମାତ୍ର ୫୨ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା । ୧୯୦୨ ମସିହାରେ ପ୍ରଚାରକ ଅନନ୍ତ ମିଶ୍ରଙ୍କୁ ଯେତେ-ବେଳେ ମାତ୍ର ୧୮ ବର୍ଷ ସେ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହରଙ୍କ ସଙ୍ଗେ ଭାର୍ଗବୀ ନଦୀ କୂଳରେ ଅବସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗ୍ରାମକୁ ଯାଇ ସେଠାରେ ଗୋପବନ୍ଧୁଙ୍କସହିତ ମିଶି ସଂକଳ୍ପ କରିଥିଲେ ଯେ ସରକାରୀ ଚାକିରି କରିବେ ନାହିଁ, ଜନ୍ମବେଳେ ଦେଶକୁ ଯାହା ଦେଖିଥାଇଁ ନିଜ କର୍ମରେ ମରିବା ପୂର୍ବରୁ ତାହାଠାରୁ ଉନ୍ନତ ଦେଖିଯିବେ; ତାକୁ ସେ ନିଷ୍ଠାରସହିତ ନିଜ ଜୀବନରେ ପାଳନ କରିଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟରେ ହେଡ଼ମାଷ୍ଟର୍ ଥିଲାବେଳେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଯେଉଁ ନଶ ଆନ୍ଦୋଳନ ହେଲା ସେଥିରେ ସତ୍ୟବାଦୀ ଅଞ୍ଚଳର ରକ୍ଷଣଶୀଳ ବ୍ରାହ୍ମଣ ଶାସନ ତ୍ରସ୍ତ ଓ ବିବ୍ରତ ହୋଇଉଠିଥିଲେ । ତା' ସାଙ୍ଗକୁ ଜାତି, ବର୍ଣ୍ଣ ଭେଦରେ ସତ୍ୟବାଦୀ ବନବିଦ୍ୟାଳୟରେ ଅନନ୍ତ ମିଶ୍ରଙ୍କ ନେତୃତ୍ୱରେ ଚାଲିଲା ପଂକ୍ତି ଭୋଜନ । ଏଥିରେ ପୁରୀର ମୁକ୍ତିମଣ୍ଡପ ସୁଦ୍ଧା ସଜାଗ ହୋଇଉଠିଥିଲେ । ସେତେବେଳେ ପ୍ରଚାରକ ଅନନ୍ତ ମିଶ୍ର ଥାଆନ୍ତି ଡେଲାଙ୍ଗ ମାଇନର୍ ସ୍କୁଲର ଜଣେ ଶିକ୍ଷକ । ସେ ନିଜେ ଦାଢ଼ି କାଟି ନଶ ରଖି ସାକ୍ଷୀଗୋପାଳ ମନ୍ଦିର ପାଖରେ ଏକ ବିରାଟ ବ୍ରାହ୍ମଣ ସଭାର ଆୟୋଜନ କରି ସେଥିରେ ଶ୍ରୋତାମାନଙ୍କର ହୃଦ୍‌ବୋଧ ହେବାଭଳି ଏକ ଜ୍ୱାଳାମୟୀ ଭାଷଣ ଦେଇଥିଲେ । ପଣ୍ଡିତ ନୀଳକଣ୍ଠଙ୍କ ମତରେ ସେହିଦିନ ହିଁ ତାଙ୍କର ପ୍ରଚାରକତ୍ୱର ପ୍ରଥମ ପ୍ରତିଷ୍ଠା ହୋଇଥିଲା । ତା' ପରେ ସେ ସତ୍ୟବାଦୀ ଅଞ୍ଚଳରେ ଗ୍ରାମେ ଗ୍ରାମେ ବୁଲି ଏହି ସାମାଜିକ ସଂସ୍କାରର ବାର୍ତ୍ତା ପ୍ରଚାର କଲେ ଏବଂ ସଭାସମିତିମାନଙ୍କରେ ତାଙ୍କ ବାଗ୍ମିତା ଓ ସଂଗଠନ ଶକ୍ତି ପ୍ରଦର୍ଶନ କରିଥିଲେ । ଶେଷରେ ପ୍ରଚାରକ ମିଶ୍ର ଡେଲାଙ୍ଗ ସ୍କୁଲର



Digitized by srujanika@gmail.com

ଶିକ୍ଷକତା ଛାଡ଼ିଦେଇ ଓଡ଼ିଆ ଆନ୍ଦୋଳନ ପ୍ରଚାରରେ ହିଁ ତାଙ୍କର ସମଗ୍ର କର୍ମମୟ ଜୀବନକୁ ଅତିବାହିତ କରିଥିଲେ ।

୧୯୧୪ ମସିହାରେ ପାରଳାଖେମଣ୍ଡିଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ କର୍ମକର୍ତ୍ତାମାନେ ଅନୁଭବ କଲେ ଯେ ଦୂରବର୍ତ୍ତୀ ଓଡ଼ିଆ -ଭାଷୀ ଅଞ୍ଚଳରେ ଉତ୍କଳ ସମ୍ମିଳନୀର ବାର୍ତ୍ତା ପହଞ୍ଚାଇବାରେ ଅବହେଳା କରାଯାଇଛି, ସମ୍ମିଳନୀର ପ୍ରଚାର କାର୍ଯ୍ୟ ମୁଖ୍ୟତଃ ଉପକୂଳ ଜିଲ୍ଲାମାନଙ୍କରେ ସୀମାବଦ୍ଧ ରହିଛି ଏବଂ ମେଦିନୀପୁର ଓ ସିଂହଭୂମି ଅଞ୍ଚଳରେ ଓଡ଼ିଆ ଆନ୍ଦୋଳନ ପ୍ରସାରଲାଭ କରିପାରି ନାହିଁ । ସେଥିପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରଚାରକ ଅନନ୍ତ ମିଶ୍ରଙ୍କୁ ଓଡ଼ିଆ ଆନ୍ଦୋଳନର ପ୍ରଚାର ଦାୟିତ୍ୱ ଦିଆଗଲା । ସେତେବେଳକୁ ସେ ଜଣେ ବାଗ୍ମୀ, ଦକ୍ଷ ସଂଗଠକ ଓ ନିଷ୍ଠାପର ଲୋକସେବକଭାବରେ ଓଡ଼ିଶାରେ ପରିଚିତ ହୋଇସାରିଥିଲେ । ପ୍ରଚାରକ ଅନନ୍ତ ମିଶ୍ର ଆନନ୍ଦର ସହିତ ଏହି ଦାୟିତ୍ୱ ଗ୍ରହଣ କରି ସମସ୍ତ ଉପାନ୍ତ ଅଞ୍ଚଳ ଭ୍ରମଣ କରି ଓଡ଼ିଆ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିଥିଲେ । ସ୍ଥାନୀୟ ଆଗ୍ରହୀ ଲୋକଙ୍କୁ ଏଥିପାଇଁ ସେ ସଂଗଠିତ କରିଥିଲେ ଏବଂ ଏହି କାର୍ଯ୍ୟପାଇଁ ପାଣ୍ଠି ସଂଗ୍ରହ କରିଥିଲେ । ଏ କାର୍ଯ୍ୟରେ ତାଙ୍କର ମୁହୂର୍ତ୍ତେ ସୁଦ୍ଧା ବିଶ୍ରାମ ନ ଥିଲା । ଯେଉଁଠୁ ଡାକରା ଆସୁଥିଲା ସାଙ୍ଗେ ସାଙ୍ଗେ ସେ ଯାଇ ପହଞ୍ଚି ଯାଉଥିଲେ ଓ ପ୍ରଚାର ଏବଂ ସଂଗଠନ କାର୍ଯ୍ୟ ଆରମ୍ଭ କରିଦେଉଥିଲେ । ପ୍ରଚାରକ ମିଶ୍ରଙ୍କର ଜୀବନର ଏହି ବ୍ରତକୁ ପଣ୍ଡିତ ନୀଳକଣ୍ଠ ଅତି ମର୍ମସ୍ପର୍ଶୀ ଭାଷାରେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, "ପ୍ରଚାରର ବାର୍ତ୍ତା ଘେନି ତୁମେ ଉତ୍କଳର ପୁରପଲ୍ଲୀ ବନ ପ୍ରାନ୍ତର ଗିରିନଦୀ ସବୁ ଦେଖିଛ । ପଦବ୍ରଜରେ ଏପରି ପ୍ରଚାରକ ଓଡ଼ିଶାରେ ଆଉ କେହି ହୋଇ ନାହିଁ । ହେବ ବୋଲି ଆଶା ନାହିଁ । ଏ ସମସ୍ତ ପ୍ରଚାରମଧ୍ୟରେ ତୁମର ପ୍ରାଣ ଥିଲା ଓଡ଼ିଆର ଜାତୀୟତା । ଉପାନ୍ତ ଓଡ଼ିଆ ହେବ ଏହା ତୁମ ପ୍ରଚାରର ଥିଲା ମୂଳମନ୍ତ୍ର । କଂଗ୍ରେସ ଆସିଲା, ସେଥିରେ ତୁମେ ପ୍ରାଣପଣେ ଯୋଗ ଦେଇଛ । ମାତ୍ର ସମସ୍ତ କଂଗ୍ରେସ କାର୍ଯ୍ୟମଧ୍ୟରେ ତୁମେ ଓଡ଼ିଆର ସେ ଜାତୀୟତାକୁ ଶୟନେ ସ୍ୱପନେ ଜାଗରଣେ ସବଳ କରିଥିଲ । ସେଇଥିପାଇଁ ତୁମର କର୍ମକ୍ଷେତ୍ର ହେଲା ସିଂହଭୂମି ।" ତାଙ୍କ ସମଗ୍ର କର୍ମମୟ ଜୀବନକୁ ଏତେ ସଂକ୍ଷେପରେ ଏତେ ନିପୁଣ-ଭାବରେ ଆଉ କିଏ ବର୍ଣ୍ଣନା କରି ପାରିଥାଆନ୍ତା ?

ସମସ୍ତ ଉପାନ୍ତ ଓଡ଼ିଆଭାଷୀ ଅଞ୍ଚଳ ଥିଲା ପ୍ରଚାରକ ଅନନ୍ତ ମିଶ୍ରଙ୍କ କର୍ମକ୍ଷେତ୍ର । ସେ ସୁଦୂର ମେଦିନୀପୁର, ସିଂହଭୂମି ଜିଲ୍ଲା, ତଥା ମାନ୍ଦ୍ରାଜ ଅନ୍ତର୍ଗତ



Digitized by srujanika@gmail.com

ଗଞ୍ଜାମ ଓ କୋଟପୁଟ ଜିଲ୍ଲାର ଅଟୋଣିତ ଦୁରଦଳ୍ଲୀରେ ଟ୍ରେନରେ, ବଳଦଗାଡ଼ିରେ ଏବଂ ପଦବ୍ରଜରେ ବୁଲି ଓଡ଼ିଆ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିଥିଲେ । ଯେଉଁଠିକି ଯାଉଥିଲେ ସେଠାରେ ସ୍ଥାନୀୟ ଲୋକମାନଙ୍କୁ ଧରି କମିଟିମାନ ଗଠନ କରିଆସୁଥିଲେ ଓ ପ୍ରଚାରପାଇଁ ଚାନ୍ଦା ଆଦାୟ କରୁଥିଲେ । କିନ୍ତୁ ସିଂହଭୂମି ଥିଲା ତାଙ୍କର ପ୍ରଧାନ କର୍ମକେନ୍ଦ୍ର । ଓଡ଼ିଶାରେ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହେବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ପଣ୍ଡିତ ଗୋଦାବରୀଶ ଚକ୍ରଧରପୁର ହାଇସ୍କୁଲକୁ ଜାତୀୟ ବିଦ୍ୟାଳୟରେ ପରିଣତ କରିଦେଲେ ଏବଂ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାରରେ ଲାଗିଲେ । ସେତେବେଳକୁ ପ୍ରଚାରକ ଅନନ୍ତ ମିଶ୍ର ତାଙ୍କର ସମସ୍ତ ପୈତୃକ ସମ୍ପତ୍ତିକୁ ପଣ କରିଦେଇ ସିଂହଭୂମିକୁ ତାଙ୍କ କର୍ମକ୍ଷେତ୍ର କରିସାରିଥା'ନ୍ତି । ସ୍ୱାଧୀନତା ସଂଗ୍ରାମରେ ପୂର୍ଣ୍ଣ ପ୍ରାଣରେ ଯୋଗଦେଇ ସିଂହଭୂମିରେ ଅସହଯୋଗ ବାର୍ତ୍ତା ପ୍ରଚାର କରି ସେ କାରାବରଣ କରିଥିଲେ । ଓଡ଼ିଆ ଆନ୍ଦୋଳନର ବାର୍ତ୍ତା ଗାଁ ଗହଳରେ ପ୍ରଚାର କରିବାପାଇଁ ସେ ଯେଉଁ "ସମ୍ମିଳନୀ ସମ୍ବାଦ ପତ୍ର" ପ୍ରକାଶ କରୁଥିଲେ ସେଥିପାଇଁ ତାଙ୍କର ସମସ୍ତ ସମ୍ପତ୍ତି ବିନିଯୋଗ କରି ଦେଇଥିଲେ । ଏହା ନ କରିବାପାଇଁ ତାଙ୍କ ବନ୍ଧୁମାନେ ଯେତେ ପରାମର୍ଶ ଦେଲେ ମଧ୍ୟ ସେ ତାହା ଶୁଣି ନ ଥିଲେ । ସେ ତାଙ୍କର ସମସ୍ତ ଗସ୍ତକ୍ରମ ଦୈନିକ ଡାଇରୀରେ ଟିପିରଖି ତାହା ପ୍ରଥମେ ସମ୍ବାଦପତ୍ରକୁ ପଠାଉଥିଲେ ।

୧୯୨୨ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର ସିଂହଭୂମି ଛାଡ଼ିଦେଇ ଚାଲି-ଆସିବା ପରେ ଚକ୍ରଧରପୁର ସ୍କୁଲ ଗୃହଟି ଭାଙ୍ଗିଗଲା ଏବଂ ସମଗ୍ର ଜିଲ୍ଲାରେ ଓଡ଼ିଆ ଶିକ୍ଷା ପ୍ରସାର ବାଧାପ୍ରାପ୍ତ ହେଲା । ଏଥିରେ ମର୍ମାହତ ହୋଇ ଅନନ୍ତ ମିଶ୍ର ଚକ୍ରଧରପୁରରେ ରହି ଏହି ସ୍କୁଲ ଗୃହର ପୁନଃନିର୍ମାଣପାଇଁ ଉଦ୍ୟମ ଚଳାଇଲେ ଏବଂ ଏଥିପାଇଁ ସ୍ଥାନୀୟ ଓଡ଼ିଆ ନେତାମାନଙ୍କ ସହଯୋଗରେ ସେ ଚାନ୍ଦା ସଂଗ୍ରହ କଲେ । ସେଠାରେ ଏକ ସ୍ଥାନୀୟ କମିଟି ଗଠିତ ହେଲା ଏବଂ ସେ ହେଲେ ତା'ର ସମ୍ପାଦକ । ସେ ମଧ୍ୟ ଓଡ଼ିଆ ଆନ୍ଦୋଳନର ପ୍ରଚାର ଉଦ୍ଦେଶ୍ୟରେ ସେଠାରେ ଗୋଟିଏ ଛାପାଖାନା ସ୍ଥାପନ କରିଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରଚାରକ ମିଶ୍ର ସିଂହଭୂମି କଥା ଭୁଲି ନ ଥିଲେ । ସିଂହଭୂମି ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶସହିତ ମିଶିପାରିଲା ନାହିଁ ତାହା ଚିରକାଳ ତାଙ୍କୁ ବ୍ୟଥିତ କରିଥିଲା । ତାଙ୍କ ବାସ-ଭବନରେ ମୃତ୍ୟୁଶଯ୍ୟାରେ ସେ ପଣ୍ଡିତ ନୀଳକଣ୍ଠଙ୍କ ସହଧର୍ମିଣୀ ଶ୍ରୀମତୀ ରାଧାମଣି ଦେବୀଙ୍କୁ କହିଥିଲେ, "ନୀଳକଣ୍ଠ ଦାସଙ୍କୁ କହିବ କୌଣସି କଥାରେ ବିଚଳିତ



Digitized by srujanika@gmail.com

ହେବେ ନାହିଁ । ସେ କାର୍ଯ୍ୟଟିଏ ବିଗୃତଲେ କରିପାରନ୍ତି । ମୁଁ ଗୃଳିଯାଉଛି । ତାଙ୍କୁ କହିଦେବ ସିଂହଭୂମ ଓଡ଼ିଶାକୁ ଆସି ନାହିଁ । ଆଉ କେତେ ଓଡ଼ିଆ ଭୂମି ବାହାରେ ରହିଛି । ଏ କଥା ଯେପରି ଦେଶ ନ ଭୁଲେ । ମୁଁ ପୁଣି ସିଂହଭୂମି ଯିବାର ସଂକଳ୍ପ କରିଥିଲି, କିନ୍ତୁ ଆଉ ହେଲା ନାହିଁ । କାର୍ଯ୍ୟ ଆରମ୍ଭ କଲେ ଅର୍ଥର ଅଭାବ ରହିବ ନାହିଁ ।"

ପ୍ରଚାରକ ଅନନ୍ତ ମିଶ୍ର ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ଆନ୍ଦୋଳନର ପ୍ରଚାରକଭାବରେ ନିଯୁକ୍ତ ହେବା ପରେ ସେ ଯେପରି ଅବିଶ୍ରାନ୍ତଭାବରେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ, ବିଶେଷଭାବରେ ଉପାନ୍ତ ଅଞ୍ଚଳ ଗସ୍ତ କରି ପ୍ରଚାର କରିଥିଲେ ତାହା ସେତେବେଳେ ଦୈନିକ ଆଶାରେ ପ୍ରକାଶ ପାଉଥିଲା । ସେଥିଭିତରୁ କେତେକ ବିବରଣୀ ଏଠାରେ ଉଲ୍ଲେଖ କରାଗଲା ।

"୧୯୧୫ ମସିହା ମାର୍ଚ୍ଚ ମାସରେ ତାଙ୍କ କାମ ଆରମ୍ଭ କରିବାର ଅଳ୍ପ କେତେ ମାସ ପରେ ପ୍ରଚାରକ ଅନନ୍ତ ମିଶ୍ର ଟ୍ରେନ୍ ଯୋଗେ ମେଦିନୀପୁର ଯାତ୍ରା କରିଥିଲେ । ୧୮ ତାରିଖ ଦିନ ଝାଡ଼ଗ୍ରାମଠାରେ ସେ ଓହ୍ଲାଇଲେ ଓ ଗୁଣ୍ଡି ଗ୍ରାମକୁ ଗୋଟିଏ ଶଗଡ଼ରେ ଗଲେ । ଶଗଡ଼ିଆ ପ୍ରଥମେ ତାଙ୍କ ସାଙ୍ଗରେ ବଙ୍ଗଳାରେ କଥାବାର୍ତ୍ତା ଆରମ୍ଭ କଲା ଏବଂ ପରେ ଓଡ଼ିଆରେ କହିଲା ଯେ ସେ ଓଡ଼ିଆ ଏବଂ ଜାତିରେ ଖଣ୍ଡାୟତ । ସେ ଦେଖିଲେ ଯେ ସେ ଗ୍ରାମଟିରେ ଅଧିକାଂଶ ଅଧିବାସୀ ଓଡ଼ିଆ ବ୍ରାହ୍ମଣ । ସେ ସେଠାରେ ଗୋଟିଏ ସଭାର ଆୟୋଜନ କରି ସ୍ଥାନୀୟ ଅଧିବାସୀ ଭଗୀରଥି ନିପାଠୀଙ୍କୁ ସଭାର ସଭାପତି କରିଥିଲେ । ସେ ଏହି ସଭାରେ ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମ ବୁଝାଇ ଓଡ଼ିଆ ଆନ୍ଦୋଳନକୁ ଦୃଢ଼ୀଭୂତ କରିବାପାଇଁ ଲୋକଙ୍କର ସହଯୋଗ କାମନା କରିଥିଲେ । ୨୦ ତାରିଖ ଦିନ ସେ ବଲଭେଦ ନାମକ ଗ୍ରାମରେ ଆଉ ଗୋଟିଏ ସଭାର ଆୟୋଜନ କଲେ ସ୍ଥାନୀୟ ଜମିଦାରଙ୍କ ସହଯୋଗରେ । ଜମିଦାର କୃଷ୍ଣଚନ୍ଦ୍ର ପ୍ରହରାଜ ସଭାର ସଭାପତି ହୋଇଥିଲେ । ଉତ୍କଳ ସମ୍ମିଳନୀର ଗତ ଦୁଇ ଥର ଅଧିବେଶନରେ ଯୋଗ ଦେବାପାଇଁ ନିମନ୍ତ୍ରଣ ପାଇ ନ ଥିବାରୁ ଏଠାରେ ଲୋକେ ଅସନ୍ତୋଷ ପ୍ରକାଶ କରିଥିବା ସେ ଲକ୍ଷ୍ୟ କରିଥିଲେ ।" ( ଆଶା ୨-୩-୧୯୧୫ ) ଆଉ ଦିନକର ରିପୋର୍ଟରୁ ଜଣାଯାଏ ଯେ "ସେ କଣ୍ଟାଇ ଯାଇ ସେଠାରେ ଓଡ଼ିଆ ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ । ସେଠାରେ ଶିକ୍ଷକମାନେ ନିଜକୁ ଓଡ଼ିଆ ବୋଲି କହିବାକୁ ସଂକୋଚ ବୋଧ କରୁଥିଲେ । ଏପ୍ରିଲ ୨୦ ତାରିଖରେ ସେ ବାଲେଶ୍ୱର -ଠାରେ ପଦ୍ମହଞ୍ଜ ଏକ ସଭା କରାଇଥିଲେ । ଫକୀରମୋହନ ସେନାପତି ଏହି



Digitized by srujanika@gmail.com

ହିସ୍ତରେ ହସ୍ତକ୍ଷେପ କରିଥିଲେ । ସେଠାରୁ ସେ ସମ୍ବଲପୁର ଯାଇ ପୁଣି ଭଦ୍ରକ ଫେରି ଆସିଥିଲେ" । ପରବର୍ତ୍ତୀ ମାସରେ ଦ୍ରୁମରକ ଅନନ୍ତ ମିଶ୍ର ଗଞ୍ଜାମ ଯାଇ ପ୍ରତ୍ୟେକ ଗ୍ରାମ ଗସ୍ତ କରିଥିଲେ ।

## ଦେଶପ୍ରେମୀ ନିରଞ୍ଜନ ପଟ୍ଟନାୟକ

ଗଞ୍ଜାମ ଓ କୋରାପୁଟ ଜିଲ୍ଲା ସର୍ବପ୍ରଥମେ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ସେତେବେଳର ମାନ୍ଦ୍ରାଜ ପ୍ରଦେଶସହିତ ଯୋଡ଼ି ହୋଇ ରହିଥିଲା । ସେତେବେଳେ ବର୍ତ୍ତମାନର ଆନ୍ଧ୍ର ପ୍ରଦେଶ ମଧ୍ୟ ମାନ୍ଦ୍ରାଜ ପ୍ରଦେଶସହିତ ଏକାଠି ଥିଲା । ମାନ୍ଦ୍ରାଜ ପ୍ରଦେଶର ତେଲୁଗୁମାନଙ୍କ ତୀବ୍ର ବିରୋଧଯୋଗୁ ବ୍ରିଟିଶ ସରକାରଙ୍କ ସମର୍ଥନ ସତ୍ତ୍ୱେ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକ ମାନ୍ଦ୍ରାଜ ପ୍ରଦେଶରୁ ବିଚ୍ଛିନ୍ନ ହୋଇ ଓଡ଼ିଶାସହିତ ଶେଷରେ ଯାଇ ମିଶିଲା । ତେଣୁ ଗଞ୍ଜାମ ଓ କୋରାପୁଟର ଓଡ଼ିଆଭାଷୀ ଲୋକଙ୍କୁ ଦୀର୍ଘକାଳ ସଂଗ୍ରାମ କରିବାକୁ ପଡ଼ିଥିଲା । ଗଞ୍ଜାମ ଜିଲ୍ଲା ଅଧିବାସୀ ଏହି ସଂଗ୍ରାମକୁ ଚଳାଇରଖିବାକୁ ଯେଉଁ "ଗଞ୍ଜାମ ଜାତୀୟ ସମିତି" ଗଠନ କରିଥିଲେ ତାହା ପରେ ପରେ ସମଗ୍ର ବିଚ୍ଛିନ୍ନାଞ୍ଚଳ ଓଡ଼ିଆଭାଷୀ ପ୍ରତିନିଧିଙ୍କୁ ନେଇ ୧୯୦୩ ମସିହାରେ ଉତ୍କଳଗୌରବ ମଧୁସୂଦନ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କଲେ । ଏହି ବିଚ୍ଛିନ୍ନାଞ୍ଚଳ ଆନ୍ଦୋଳନରେ ଗଞ୍ଜାମ ଜିଲ୍ଲାର ସବୁଶ୍ରେଣୀର ବୁଦ୍ଧିଜୀବୀ ଅଂଶ ଗ୍ରହଣ କରିଥିଲେ । ପରେ ଏହି ଜିଲ୍ଲାର ଯେଉଁ ବୁଦ୍ଧିଜୀବୀମାନେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଲେ ସେମାନଙ୍କ ଭିତରୁ ଅନେକ ଓଡ଼ିଆ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବିଶ୍ୱନାଥ ଦାସ, ଶଶିଭୂଷଣ ରଥ ଓ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଓଡ଼ିଆ ଆନ୍ଦୋଳନରୁ ହିଁ ସେମାନଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ ।

ଗଞ୍ଜାମ ଜିଲ୍ଲାର ନିରଞ୍ଜନ ପଟ୍ଟନାୟକ ସମଗ୍ର ଓଡ଼ିଶାରେ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଭାବରେ ପ୍ରତିଷ୍ଠା ଲାଭ କରିଥିଲେ ମଧ୍ୟ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ପ୍ରତି ସ୍ତରରେ ତାଙ୍କର ଉଲ୍ଲେଖଯୋଗ୍ୟ ଅବଦାନ ରହିଛି । ଉତ୍କଳଗୌରବ ମଧୁସୂଦନଙ୍କ ନେତୃତ୍ୱରେ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠିତ ହେଲାବେଳକୁ ନିରଞ୍ଜନ ପଟ୍ଟନାୟକ ମୋଟେ ସାତ ବର୍ଷର ବାଳକ । ୧୮୯୬ ମସିହାରେ ଗଞ୍ଜାମ ଜିଲ୍ଲାରେ ତାଙ୍କର ଜନ୍ମ । ସେ ଯୁବାବସ୍ଥାରୁ ଓଡ଼ିଆ ଆନ୍ଦୋଳନପ୍ରତି



Digitized by srujanika@gmail.com

ଆକୃଷ୍ଟ ହୋଇଥିଲେ । ସେ ସ୍କୁଲ ଥିଲାବେଳେ ତାଙ୍କ ବନ୍ଧୁ ଚକ୍ରପାଣି ପ୍ରଧାନଙ୍କ ସହିତ "ଦି ଓଡ଼ିଆ ମୁଭ୍‌ମେଣ୍ଟ" (ଓଡ଼ିଆ ଆନ୍ଦୋଳନ) ନାମରେ ଯେଉଁ ପୁସ୍ତକଟି ପ୍ରଣୟନ କରିଥିଲେ ତାହା ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରିଥିଲା । ସେତେବେଳେ ଏହି ପୁସ୍ତକଟି ଓଡ଼ିଆ ଆନ୍ଦୋଳନ ସମ୍ବନ୍ଧରେ ପ୍ରାମାଣିକ ପୁସ୍ତକ ବୋଲି ବିବେଚିତ ହେଉଥିଲା । ସେତେବେଳକୁ ତାଙ୍କୁ ମାତ୍ର ୨୨ବର୍ଷ ବୟସ ଏବଂ ସେ ବି.ଏ. ପାଶ୍‌କରି କଲିକତା ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ବି.ଏଲ୍ ଅଧ୍ୟୟନ କରୁଥିଲେ । ୧୯୧୯ ମସିହାରେ ଏହି ପୁସ୍ତକଟି ପ୍ରକାଶିତ ହୋଇଥିଲା । ମାନ୍ଦ୍ରାଜ ପ୍ରଦେଶରୁ ଓଡ଼ିଆଭାଷୀ ଅଞ୍ଚଳକୁ ଅଲଗା କରିଦେବାପାଇଁ ତେଲୁଗୁମାନେ ତୀବ୍ର ବିରୋଧ କରୁଥିବା ବିଷୟ ଯେତେବେଳେ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟିକୁ ଅଣାଗଲା, ଗାନ୍ଧିଜୀ ସ୍ୱର୍ଗୀୟ ପଟ୍ଟନାୟକଙ୍କ ପ୍ରଣୀତ ଓଡ଼ିଆ ଆନ୍ଦୋଳନ ପୁସ୍ତକଟି ଅଧ୍ୟୟନ କରି ଓଡ଼ିଆଭାଷୀଙ୍କ ଦାବିର ଯଥାର୍ଥତା ଉପଲବ୍ଧି କରିଥିଲେ ଏବଂ ତେଲୁଗୁମାନେ ଏହି ଦାବିକୁ ମାନିନେବା ଉଚିତ ବୋଲି ମତ ଦେଇଥିଲେ ।

୧୯୨୧ ମସିହାରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହେବା ପରେ ପରେ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ପ୍ରମୁଖଙ୍କସହ ନିରଞ୍ଜନ ପଟ୍ଟନାୟକ ଅଧ୍ୟୟନ ତ୍ୟାଗକରି ସ୍ୱାଧୀନତା ସଂଗ୍ରାମରେ ଝାସଦେଲେ । ୧୯୨୨ ମସିହାରେ ସ୍ୱାଧୀନତା ସଂଗ୍ରାମ ସ୍ଥଗିତ ରହିବାପରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ଖଦୀପ୍ରସାର କାର୍ଯ୍ୟକୁ ଦେଶରେ ଅଗ୍ରାଧିକାର ଦିଆଗଲା । ସେତେବେଳେ ନିରଞ୍ଜନ ପଟ୍ଟନାୟକ ଖଦୀକାମର ଦାୟିତ୍ୱ ନେଲେ । ପୁଣି ୧୯୦୨ ମସିହାରେ ଓଡ଼ିଶାରେ ଲବଣ ସତ୍ୟାଗ୍ରହ ଚାଲିଲା ଏବଂ ଏହି ସତ୍ୟାଗ୍ରହରେ ଗଞ୍ଜାମ ଜିଲ୍ଲାର ନେତୃତ୍ୱ ନେଇ ସେ କାରାବରଣ କରିଥିଲେ । ସ୍ୱାଧୀନତା ସଂଗ୍ରାମ ଚାଲିଥିଲାବେଳେ ଓଡ଼ିଆ ଆନ୍ଦୋଳନ ମଧ୍ୟ ଚାଲିଥିଲା ଏବଂ କଂଗ୍ରେସ ଅନୁଷ୍ଠାନର କେତେକ ବିଶିଷ୍ଟ ନେତାଙ୍କସହିତ ନିରଞ୍ଜନ ପଟ୍ଟନାୟକ ଓଡ଼ିଆ ଆନ୍ଦୋଳନକୁ ସଫଳ କରିବା ଦିଗରେ ଉଲ୍ଲେଖଯୋଗ୍ୟ ଉଦ୍ୟମ କରିଥିଲେ ।

୧୯୨୨ ମସିହାରେ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳର ଲୋକମତ ସଂଗ୍ରହପାଇଁ ସରକାରଙ୍କ ପକ୍ଷରୁ ଫିଲିପ୍ ଡଫ୍ କମିଟି ନିଯୁକ୍ତ ହୋଇଥିବାବେଳେ ଜାତୀୟ କଂଗ୍ରେସ ଅନୁଷ୍ଠାନ ପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ କାକିନାଡ଼ା କଂଗ୍ରେସ ଅଧିବେଶନରେ ରାଜଗୋପାଳାଚାରୀଙ୍କ ସଭାପତିତ୍ୱରେ ଏକ କମିଟି ଗଠିତ ହେଲା । ଓଡ଼ିଶା ପକ୍ଷରୁ ଏହି କମିଟିର ମନୋନୀତ ପ୍ରତିନିଧିଙ୍କ ଭିତରେ ନିରଞ୍ଜନ ପଟ୍ଟନାୟକ ଥିଲେ ଅନ୍ୟତମ । ଅବଶ୍ୟ ଏହି କମିଟି ଫଳପ୍ରଦ



Digitized by srujanika@gmail.com

ହେଲ ନାହିଁ । ୧୯୨୮ ମସିହାରେ ଭାରତକୁ ଆସିଥିବା ସାଇମନ୍ କମିଶନ୍‌କୁ କଂଗ୍ରେସ ଅନୁଷ୍ଠାନ ବର୍ଜନ କରିବାରୁ ଓଡ଼ିଶା କଂଗ୍ରେସ ନେତୃବର୍ଗ ସେମାନଙ୍କ ଦାବି ଉପସ୍ଥାପିତ କରିପାରିଲେ ନାହିଁ । ମାତ୍ର ସେହି ସମୟରେ ସମଗ୍ର ଭାରତ ପାଇଁ ଏକ ସର୍ବସମ୍ମତ ସମ୍ବିଧାନର ଚିଠା ପ୍ରସ୍ତୁତ କରିଦେବା ଉଦ୍ଦେଶ୍ୟରେ କଂଗ୍ରେସ ନେତା ମୋତିଲାଲ ନେହେରୁଙ୍କ ସଭାପତିତ୍ୱରେ ଯେଉଁ ସର୍ବଦଳୀୟ କମିଟି ଗଠିତ ହୋଇଥିଲା ସେଥିରେ କଂଗ୍ରେସ ପକ୍ଷରୁ ଦାବି ଉପସ୍ଥାପନପାଇଁ କଲିକତାଠାରେ ୧୯୨୮ ମସିହାରେ ଏକ ସ୍ୱତନ୍ତ୍ର ଅଧିବେଶନ ବସିଥିଲା । ଏହି ଅଧିବେଶନରେ ଓଡ଼ିଶା କଂଗ୍ରେସର ନେତୃବୃନ୍ଦଙ୍କ ପକ୍ଷରୁ ନିରଞ୍ଜନ ପଟ୍ଟନାୟକ ସମସ୍ତ ବିଚ୍ଛିନ୍ନାଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ସମ୍ବିଧାନ ଚିଠାରେ ଅନ୍ତର୍ଭୁକ୍ତ କରିବାପାଇଁ ପ୍ରସ୍ତାବ ଆଣିଥିଲେ । ମାତ୍ର ଅଧିବେଶନର ସଭାପତି ମୋତିଲାଲ ନେହେରୁ ସେଥିପାଇଁ ଅନୁମତି ନ ଦେବାରୁ ଓଡ଼ିଆ ପ୍ରତିନିଧିମାନେ ସଭାସ୍ଥଳରୁ ଉଠି ଆସିଲେ ଏବଂ ପରେ ଅନ୍ୟମାନଙ୍କ ସହିତ ମିଶି କଲିକତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମହାତ୍ମା ଗାନ୍ଧୀ ଏହା ଜାଣିପାରି ଓଡ଼ିଆ ପ୍ରତିନିଧିମାନଙ୍କୁ ଡକାଇଆଣି ସେମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଦାବିକୁ ମୋତିଲାଲ ଗ୍ରହଣ କରିନେଇଥିଲେ । ୧୯୩୧ ମସିହାରେ ମେଦିନପୁର ଅଧିବାସୀଙ୍କ ମତ ସଂଗ୍ରହପାଇଁ ସୀମା କମିଶନ୍ ମେଦିନପୁର ଯାଇଥିବାବେଳେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ପକ୍ଷରୁ ମେଦିନପୁରରେ ପ୍ରଚାରମନ୍ତ୍ରୀ ନନ୍ଦକିଶୋର ଦାସଙ୍କ ନେତୃତ୍ୱରେ ଯେଉଁ ପ୍ରତିନିଧିଦଳ ଯାଇଥିଲେ ତନ୍ମଧ୍ୟରେ ଥିଲେ ନିରଞ୍ଜନ ପଟ୍ଟନାୟକ । ଏହିପରି ସେ ତାଙ୍କ କର୍ମମୟ ଜୀବନର ଶେଷ ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନର ସମସ୍ତ ପର୍ଯ୍ୟାୟରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସେ ତାଙ୍କ ଜୀବଦ୍ଦଶା ଭିତରେ 'ସ୍ୱତନ୍ତ୍ର ଓଡ଼ିଶା' ପ୍ରଦେଶ ଦେଖିଥିଲେ ମଧ୍ୟ ସ୍ୱାଧୀନ ଭାରତ ଦେଖିପାରିନଥିଲେ । ୧୯୪୩ ମସିହାରେ ତାଙ୍କର ପରଲୋକ ହୋଇଯାଇଥିଲା ।

## ଜୟପୁର ମହାରାଜା ବିକ୍ରମଦେବ ବର୍ମା

ଭୂତପୂର୍ବ ଜୟପୁର ମହାରାଜା ବିକ୍ରମଦେବ ବର୍ମା ଦକ୍ଷିଣ ଓଡ଼ିଶାର ଭାଇଜାଗ୍ ଏଜେନ୍ସି ଅନ୍ତର୍ଭୁକ୍ତ ଜୟପୁରର ବଡ଼େ ପ୍ରଭାବଶାଳୀ ଜମିଦାର ଥିଲେ । ଓଡ଼ିଆ ଶିକ୍ଷା, ସଂସ୍କୃତ ତଥା ଓଡ଼ିଆ ଆନ୍ଦୋଳନପ୍ରତି ତାଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । ମହାରାଜା ବିକ୍ରମଦେବ ବର୍ମା ୧୯୩୧ ମସିହାରେ ଜୟପୁର ଜମିଦାରଭାବରେ ସ୍ୱୀକୃତ ହେଲେ । ମାତ୍ର ତା'ର ବହୁପୂର୍ବରୁ ସେ



Digitized by srujanika@gmail.com

ଓଡ଼ିଆ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୧୪ ମସିହାରେ ପାରଳା-ଖେମଣ୍ଡିଠାରେ ବ୍ରହ୍ମଦେବ ବର୍ମାଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ସେ ଭାଷାବିତ୍ ଗ୍ରୀଅର୍‌ସନ୍‌ଙ୍କ ରିପୋର୍ଟ ଅନୁସାରେ ଭାଷାଭିତ୍ତିରେ ଓଡ଼ିଆ ଅଞ୍ଚଳ ନିର୍ଦ୍ଧାରଣ କରାଯିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ଏଥିପାଇଁ ଓଡ଼ିଆଭାଷୀ ଅଞ୍ଚଳର ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ସହର ଓ ପ୍ରତି ଘରେ ଓଡ଼ିଆ ଆନ୍ଦୋଳନର ବାର୍ତ୍ତା ପହଞ୍ଚିବାପାଇଁ ସେ ନିବେଦନ କରିଥିଲେ । ବ୍ରହ୍ମଦେବ ବର୍ମା ଜମିଦାର-ଭାବରେ ଅଧିଷ୍ଠିତ ହେବା ପୂର୍ବରୁ ବ୍ରିଟିଶ ସରକାରଙ୍କଦ୍ୱାରା ସ୍ୱୀକୃତ ଜୟପୁରର ପୂର୍ବତନ ଜମିଦାର ଓଡ଼ିଆ ବିରୋଧୀ ଥିଲେ । ତେଣୁ ଭାଇଜାଗ୍‌ପଟ୍ଟମ୍ ଏଜେନ୍‌ସିର କେତେକ ଓଡ଼ିଆ ଜମିଦାରଙ୍କ ସମେତ ଅନେକ ଜମିଦାର ଏ ଅଞ୍ଚଳର ଓଡ଼ିଶା ସହିତ ମିଶ୍ରଣ ଚାହୁଁ ନ ଥିଲେ । ସେତେବେଳେ ତେଲୁଗୁମାନେ ଓଡ଼ିଆ-ଭାଷୀ ଅଞ୍ଚଳକୁ ମାନ୍ଦ୍ରାଜ ପ୍ରଦେଶରୁ ବିଚ୍ଛିନ୍ନ କରିବାର ତୀବ୍ର ବିରୋଧ କରୁଥିଲେ । ଜୟପୁର ଜମିଦାର ତଥା ଅନ୍ୟାନ୍ୟ ଜମିଦାରଙ୍କ କାର୍ଯ୍ୟକଳାପ ସେମାନଙ୍କୁ ସୁହାଉଥିଲା । ବ୍ରହ୍ମଦେବ ବର୍ମା ଜୟପୁର ଜମିଦାରଭାବରେ ଅଧିଷ୍ଠିତ ନ ହୋଇଥିବାବେଳେ ମଧ୍ୟ ଓଡ଼ିଆ ଆନ୍ଦୋଳନକୁ ନାନାଭାବରେ ସାହାଯ୍ୟ କରିଥିଲେ । ସେ ୧୮୮୯ ମସିହାରେ "ଓଡ଼ିଆ ସୋସାଇଟି" ନାମରେ ଏକ ଅନୁଷ୍ଠାନ ଗଠନ କରିଥିଲେ ଓ ୧୯୦୩ ପର୍ଯ୍ୟନ୍ତ ଏହାର ସଭାପତି ଥିଲେ । ବ୍ରହ୍ମଦେବ ବର୍ମା ନିଜେ ବହୁ ଓଡ଼ିଆ ପୁସ୍ତକ ରଚନା କରିଥିଲେ ଏବଂ ସେଗୁଡ଼ିକୁ ଭାଇଜାଗ୍‌ପଟ୍ଟମ୍‌ଠାରେ ମୁଦ୍ରିତ କରିବାପାଇଁ ଉଦ୍ୟମ କରିଥିଲେ । ତାଙ୍କର ରଚନାଗୁଡ଼ିକ ବ୍ରହ୍ମଦେବ ରଚନାବଳୀ ନାମରେ ପ୍ରକାଶିତ ହୋଇଛି । ୧୯୩୧ ମସିହାରେ ବ୍ରହ୍ମଦେବ ବର୍ମା ଜୟପୁର ଜମିଦାରଭାବରେ ଅଧିଷ୍ଠିତ ହେବାପରେ ସମଗ୍ର ଦକ୍ଷିଣ ଭାରତରେ ଓଡ଼ିଆ ଆନ୍ଦୋଳନପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେଲା । ଭାଇଜାଗ୍ ଏଜେନ୍‌ସିର ଜମିଦାରମାନଙ୍କର ମଧ୍ୟ ମତିଗତି ବଦଳିଗଲା ।

## ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା
## ଫକୀରମୋହନ ସେନାପତି

ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଜାତୀୟତାର ବିକାଶ ଦିଗରେ ଫକୀର-ମୋହନ ସେନାପତିଙ୍କ ଅବଦାନ ଅତୁଳନୀୟ । ସେ ଥିଲେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ସ୍ରଷ୍ଟା । ଫକୀରମୋହନ ସର୍ବପ୍ରଥମେ ଓଡ଼ିଆ ସାହିତ୍ୟରେ ଗାଉଁଲି ଶବ୍ଦ ବ୍ୟବହାର କରି ଗଦ୍ୟ-ସାହିତ୍ୟର ବିକାଶ କରିଥିଲେ ଏବଂ ଗାଁ



Digitized by srujanika@gmail.com

ଗହ୍ଳର ଦୈନନ୍ଦିନ ଜୀବନର ଚିତ୍ର ଓ ସମସାମୟିକ ରାଜନୈତିକ ତଥା ସାମାଜିକ ଜୀବନର କାହାଣୀ ସୁନ୍ଦରଭାବରେ ବର୍ଣ୍ଣନା କରିଥିଲେ । ତାଙ୍କ ଆତ୍ମଚରିତରେ ସେ ସମୟର ଖଡ଼ଜାତ ରାଜା ଓ ପ୍ରଜାଙ୍କ ସାମାଜିକ ଓ ରାଜନୈତିକ ଅବସ୍ଥାର ନିଖୁଣ ଚିତ୍ର ମିଳିଥାଏ । ଫକୀରମୋହନ ଓଡ଼ିଆ ଶିକ୍ଷା ଓ ସଂସ୍କୃତିର ଏକ ସଙ୍କଟଜନକ ଅବସ୍ଥାବେଳେ ସାହିତ୍ୟ ସାଧନା କରିଥିଲେ । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷପରେ ଓଡ଼ିଶାପ୍ରତି ବ୍ରିଟିଶ ସରକାରଙ୍କ ଅବହେଳା ଯୋଗୁ ଓଡ଼ିଶାର ଚରମ ଅର୍ଥନୈତିକ ଦୁର୍ଗତି ଘଟିଥିବା ଓଡ଼ିଆ ବୁଦ୍ଧିଜୀବୀମାନେ ହୃଦୟଙ୍ଗମ କରିଥିଲେ । ତା' ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାକୁ ଲୋପ କରିଦେବାପାଇଁ ବଙ୍ଗୀୟ ବୁଦ୍ଧିଜୀବୀଙ୍କ ଅପକୌଶଳ ସେହି ସମୟରେ ଧରାପଡ଼ିଥିଲା । ଓଡ଼ିଆ ଭାଷାରେ ଆଧୁନିକ ଗଦ୍ୟ ଓ ପଦ୍ୟ ସାହିତ୍ୟର ଅଭାବ ଥିବାରୁ ଓଡ଼ିଶା ସ୍କୁଲ-ମାନଙ୍କରେ ବଙ୍ଗଳା ପାଠ୍ୟ ପୁସ୍ତକ ଚଳେଇବାପାଇଁ ଉଦ୍ୟମ ହୋଇଥିଲା । ତେଣୁ ରାଧାନାଥ ଓ ମଧୁସୂଦନଙ୍କସହିତ ଫକୀରମୋହନ ଏହି ଆହ୍ୱାନର ସମ୍ମୁଖୀନ ହୋଇ ପ୍ରଥମେ ଓଡ଼ିଆ ପାଠ୍ୟପୁସ୍ତକ ପ୍ରଣୟନରେ ଆତ୍ମନିବେଶ କରିଥିଲେ । ଏହି ସାହିତ୍ୟରଥୀ ସେତେବେଳେ ପାଠ୍ୟ ପୁସ୍ତକର ଅଭାବ ପୂରଣ କରିବା ସଙ୍ଗେ ସଙ୍ଗେ ଆଧୁନିକ ଓଡ଼ିଆ ପଦ୍ୟ ଓ ଗଦ୍ୟ-ସାହିତ୍ୟର ଭିତ୍ତି ସ୍ଥାପନ କଲେ । ସାହିତ୍ୟ ସାଧନାରେ ମନୋନିବେଶ କଲେ ମଧ୍ୟ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆଙ୍କ ଦୁର୍ଦ୍ଦଶା ଫକୀରମୋହନଙ୍କୁ ବ୍ୟଥିତ କରିଥିଲା ଏବଂ ସେଥିପାଇଁ ଉତ୍କଳଗୌରବ ମଧୁସୂଦନଙ୍କ ନେତୃତ୍ୱରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ଫକୀରମୋହନ ସେଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

୧୯୦୩ ମସିହାରେ ଗଞ୍ଜାମ ଜିଲ୍ଲାର ବିଶିଷ୍ଟ ଜାତୀୟତାବାଦୀ ନେତାମାନଙ୍କ ଉଦ୍ୟମରେ ଗଠିତ ଗଞ୍ଜାମ ଜାତୀୟ ସମିତିର ବ୍ରହ୍ମପୁରଠାରେ ଯେଉଁ ପ୍ରଥମ ବୈଠକ ଅନୁଷ୍ଠିତ ହେଲା ସେଥିରେ ଗଞ୍ଜାମ ଜିଲ୍ଲା ବାହାରୁ ଯୋଗ ଦେଇଥିବା ପ୍ରତିନିଧିମାନଙ୍କ ଭିତରେ ଫକୀରମୋହନ ସେନାପତି ଥିଲେ ଅନ୍ୟତମ । ସେ ଥିଲେ ବାଲେଶ୍ୱର ଜିଲ୍ଲାର ପ୍ରତିନିଧି । ଏହି ସମ୍ମିଳନୀ ପରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣପାଇଁ ମଧୁସୂଦନ ଏକ ଜାତୀୟ ଅନୁଷ୍ଠାନର ଆବଶ୍ୟକତା ଅନୁଭବ କଲେ ଏବଂ ସେହି ବର୍ଷ ତାଙ୍କ ଉଦ୍ୟମରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠିତ ହେଲା । ଏହି ଉତ୍କଳ ସମ୍ମିଳନୀର ନୀତି ଓ କାର୍ଯ୍ୟକ୍ରମ ପ୍ରଚାରରେ ଫକୀରମୋହନ ସାହାଯ୍ୟ କରିଥିଲେ ଓ ସମ୍ମିଳନୀର ଅଧିବେଶନମାନଙ୍କରେ ଯୋଗ ଦେଉଥିଲେ । ୧୯୧୮ ମସିହାରେ କଟକଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ତ୍ରୟୋଦଶ ଅଧିବେଶନରେ ଫକୀରମୋହନ ସଭାପତି ହୋଇଥିଲେ । ଓଡ଼ିଆ ସାହିତ୍ୟ ରଥୀ



Digitized by srujanika@gmail.com

ଫକୀରମୋହନ ସଭାପତିତ୍ୱ କରିଥିବାଯୋଗୁ ସମ୍ମିଳନୀର ଏହି ଅଧିବେଶନ ବିଶେଷ ଆକର୍ଷଣୀୟ ହୋଇଥିଲା । ଫକୀରମୋହନ ତାଙ୍କ ଭାଷଣରେ ମାତୃଭାଷାର ଗୁରୁତ୍ୱପ୍ରତି ଓଡ଼ିଶାବାସୀଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ ଅନ୍ୟ ଗୋଟିଏ ଜାତିର ଭାଷା-ପୋଷାକ ନିଜର ପୋଷାକ ବୋଲି ପିନ୍ଧି ବୁଲିଲେ ତାହା ନିଜର ଜିଭ ଓ ମସ୍ତିଷ୍କକୁ ବିକୃତ କରିଦେବ । ତାଙ୍କର ଏହି ଐତିହାସିକ ବକ୍ତୃତା ଓଡ଼ିଆଭାଷୀଙ୍କୁ ବିଶେଷ ଅନୁପ୍ରାଣିତ କରିଥିଲା । ଏହି ଅଧିବେଶନ ବହୁ ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ ଥିଲା । ଏହି ଅଧିବେଶନରେ କାର୍ଯ୍ୟ କରିବାକୁ ଆସିଥିବା ସ୍ୱେଚ୍ଛାସେବକମାନଙ୍କର ମଧୁସୂଦନଙ୍କ ସହିତ ମତଭେଦ ହେବାରୁ ସେମାନେ କାମ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ତେଣୁ ମଧୁସୂଦନଙ୍କ ଅନୁରୋଧ-କ୍ରମେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ସତ୍ୟବାଦୀ ବନ ବିଦ୍ୟାଳୟର ୭୦ ଜଣ ଛାତ୍ର ଏହି ଅଧିବେଶନରେ ସ୍ୱେଚ୍ଛାସେବକଭାବରେ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ । ଏହି ଅଧିବେଶନରେ ଲବଣଶିଳ୍ପର ପୁନରୁଦ୍ଧାରପାଇଁ ଏବଂ କେନ୍ଦ୍ରୀୟ ବ୍ୟବସ୍ଥା ପରିଷଦ୍ ଓ ପ୍ରାଦେଶିକ ଶାସନ ପରିଷଦ୍‌ରେ ଓଡ଼ିଆ ସଭ୍ୟଙ୍କୁ ସ୍ଥାନ ଦେବାପାଇଁ ଦାବି କରି ପ୍ରସ୍ତାବମାନ ଗୃହୀତ ହୋଇଥିଲା ।

ଫକୀରମୋହନଙ୍କ ପଦ୍ୟ ଓ ଗଦ୍ୟ ସାହିତ୍ୟରେ ଉତ୍କଳୀୟ ଜାତୀୟତାର ବହୁଳ ନିଦର୍ଶନ ପରିଲକ୍ଷିତ ହୁଏ । ଉତ୍କଳର ପ୍ରକୃତି, ଗିରି, ବନ, ପ୍ରାନ୍ତର ଏବଂ ଉତ୍କଳୀୟ ନରନାରୀ ହିଁ ତାଙ୍କ କାବ୍ୟ-କବିତାର ପ୍ରଧାନ ବର୍ଣ୍ଣିତ ବିଷୟ । ଫକୀରମୋହନଙ୍କ ପ୍ରଣୀତ 'କୃଷକ', 'ଉତ୍କଳ ଯୁବକ' ପ୍ରଭୃତି ବହୁ କବିତା ଏହାର ପ୍ରକୃଷ୍ଟ ନିଦର୍ଶନ ।

● ● ●



Digitized by srujanika@gmail.com

# ଦେଶମିଶ୍ରଣ ଗୀତିକା

Digitized by srujanika@gmail.com

କବିବର ରାଧାନାଥଙ୍କ ଲେଖନୀରୁ...........

# ଭାରତ-ଗୀତକା

ସର୍ବେଷାଂ ନୋ ଜନନୀ ଭାରତ-
ଧରଣୀପ୍ରକଲ୍ପଲତେୟମ୍
ଜନନୀବତ୍ସଳତନୟଗଣୈସ୍ତତ୍
ସମ୍ୟକ୍ ଶର୍ମବିଧେୟମ୍ ॥
ହିମଗିରି-ସୀମନ୍ତିତ-ମସ୍ତକମିଦ-
ମମ୍ବୁଧିପରିଗତପାର୍ଶ୍ୱମ୍ ।
ଅସ୍ମଜ୍ଜନ୍ମଦମନ୍ନଦମନଶଂ
ଶ୍ରୌତସ୍ମୃତନମାର୍ଷମ୍ ॥
ବଜନତହର୍ଷଂ ଭାରତବର୍ଷଂ
ବଶ୍ୱୋତ୍କର୍ଷମ୍ନଦାନମ୍ ।
ଭାରତଶର୍ମ୍ମଣି କୃତମସ୍ମାଭି-
ର୍ନବମିଦମୈକ୍ୟବଧାନମ୍ ॥
ଉତ୍କଳ-ଗୌଡ଼ାନ୍ଧ୍ରୀୟାଃ ସଂସଦି
ଯେ ବୟମତ୍ର ସମେତାଃ ।
ଏତେ ଭୂପରଜନପଦଜା ନନୁ
ଭାରତ-ବତ୍ସତ-ନକେତାଃ ॥
ଭାରତ-ହିତସମ୍ପାଦନମେବ ହି
କାର୍ଯ୍ୟମିଷ୍ଟମବିପାକମ୍ ।
ଭାରତବର୍ଜ୍ଜଂ କମପି ନ କାର୍ଯ୍ୟଂ
ନିଶ୍ଚିତମିତ୍ୟସ୍ମାକମ୍ ॥
ଭାରତପଙ୍କଜଦଳମିଦଉତ୍କଳ-
ମଣ୍ଡଳମିତି ବିଦିତଂ ଯତ୍ ।
ତସ୍ୟ କୃତେ ବୟମତ୍ର ସମେତା
ବତ୍ସତାହୋତ୍କଳ-ସଂସତ୍ ॥
ଭାରତମେକା ଗତିରସ୍ମାକଂ
ନାପରାସ୍ତି ଭୁବି ନାମଃ ।
ସର୍ବାଦୌ ପରିଷତ୍-କର୍ମଣି ତତ୍
ଭାରତମେବ ନମାମଃ ॥"

● ● ●



Digitized by srujanika@gmail.com

ଉତ୍କଳ ଗୌରବ ମଧୁସୂଦନଙ୍କ ଲେଖନୀରୁ

## ତୁ ପରା ବୋଲାଉ ଉତ୍କଳ-ସନ୍ତାନ

ତୁ ପରା ବୋଲାଉ ଉତ୍କଳ-ସନ୍ତାନ
ତେବେ କପାଁ ଏତେ ଖୁରୁ,
ତୋହର ଜନନୀ ବେଦନ କରିଲେ
କହିବାକୁ କପାଁ ଡରୁ ? ॥ ୧ ॥

ତୋ' ପୂର୍ବପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ,
ତାଙ୍କର ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ? ॥ ୨ ॥

ତୁ ମନେ ଭାବୁଛୁ ତୋଷାମଦ କରି
ବଢ଼ାଇବୁ ଜାତି-ମାନ,
ତୋଷାମଦଆର କୁକୁର-ପ୍ରକୃତି
ଅଇଁଠା-ପତରେ ଧ୍ୟାନ ॥ ୩ ॥

ତୋଷାମଦକାରୀ କ୍ଷିପ୍ତ ଶ୍ୱାନ ପରି
ସହଜେ ଚହ୍ନା ନ ଯାଏ,
ଭୃତ୍ୟଭାବ ଧରି ଗୋଡ଼ ଗୁଣ୍ଠୁ ଗୁଣ୍ଠୁ
ବିଷ ଲେପି ଦେଇ ଯାଏ ॥ ୪ ॥

ତୋଷାମଦ ଅଟେ ଅନ୍ଧାର ଗୋହିରି
ସ୍ୱାର୍ଥ ତହିଁ ଲୁଚି ବସେ,
ସରଳ ପଥିକ ବାଟରେ ଭେଟିଲେ
ଅକାତରେ ତାକୁ ନାଶେ ॥ ୫ ॥



Digitized by srujanika@gmail.com

ଜାତିର ଉନ୍ନତି ହେବ କି ରେ ଯାଇ
ସ୍ୱାର୍ଥକୁ ଜଗତ ମଣି ?
ଗୋଦର ଗୋଡ଼ରେ ମାଉଁସ ଲାଗିଲେ
ଦେହର କି ଶୁଭ ଗଣି ? ॥ ୬ ॥

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯା'ର ବ୍ୟସ୍ତ ମନ ,
ଶାଗୁଣା ବଳୁଆ ଚକାହକ ହେଲେ
ଶବ କି ପାଇବ ପ୍ରାଣ ? ॥ ୭ ॥

ଜାତି-ନନ୍ଦିଘୋଷ ଚଳିବ କି ଯାଇ
ସ୍ୱାର୍ଥକୁ ସାରଥି କଲେ ,
ଟାଣେ କି ରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ାମୁହେଁ ବନ୍ଧା ଥିଲେ ? ॥ ୮ ॥

ସ୍ୱାର୍ଥର ବନତା ଅଟେ ତୋଷାମଦ
ଭଯ୍ସୁ ମିଥ୍ୟା ତାଙ୍କ ପୁଜ ,
ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ
ଏମାନେ ହେଲେ ଏକଜ ॥ ୯ ॥

ଉଠ ରେ ଉଠ ରେ ଉତ୍କଳ-ସନ୍ତାନ
ଉଠିବୁ ତୁ କେତେ ଦିନେ ,
ପୂରୁବ-ଗୌରବ ପୂରୁବ-ସାହସ
ପଡ଼ିବ କି କେବେ ମନେ ? ॥ ୧୦ ॥

ତୋହର ଜନମି ବୀର - ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ,
ଜନ-ସମାଜରେ ଏ ମହୀମଢରେ
କପର ଦେଖାଉ ମୁଖ ? ॥ ୧୧ ॥

ତୋ' ପୂର୍ବପୁରୁଷ ସ୍ୱର୍ଗଧାମେ ଥାଇ
ଭୋଗୁଛନ୍ତି ମନସ୍ତାପ ,
ତାଙ୍କର ଜୀବନ କର ବିସ୍ମରଣ
କରୁଛୁ ତୁ ମହାପାପ ॥ ୧୨ ॥



Digitized by srujanika@gmail.com

ମାଆ ମାଆ ବୋଲି କେତେ ମୁଁ ଡାକିଲି
  ମାଆକୁ ପାଇଲି ନାହିଁ,
ଭାଇ ଭାଇ ବୋଲି କେତେ ମୁଁ ଡାକିଲି
  ନ ଦେଲେ ଉତ୍ତର କେହି ।

ଖୋଜିଲି ଅରଣ୍ୟେ ଜନ-ସମାଜରେ
  ଖୋଜିଲି ବାରଧି ତଟ,
ସବୁଠି ଦେଖିଲି ମାତା - ପଦଚିହ୍ନ
  ନ ହେଲା ମାତାର ଭେଟ ।

× × × ×

କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ
  ଡାକ 'ହାହା ଜଗନ୍ନାଥ !'
ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ
  ଜାତିର ଉନ୍ନତି - ପଥ ।

ସୁଦର୍ଶନ ଚକ୍ର ଗରଜି ଉଠିବ
  ବଳିଆର ବାହୁକରେ,
ମାତାଙ୍କ ଶ୍ରୀଅଙ୍ଗ ପୂର୍ବବତ ହେବ
  ଶତ୍ରୁ ପଳାଇବେ ଡରେ ।

ତରଙ୍ଗ ଉଠିବ ସିଂହ ଗରଜିବ
  ଶୁଣିବୁ ସିଂହର ରବ,
ବ୍ରିଟିଶ - ରାଜ୍ୟରେ ଓଡ଼ିଆ ଜାତିର
  ବଢ଼ିବ ମାନ - ଗୌରବ ।

ଭୂମିକମ୍ପ ହେବ ଧରଣୀ ଫାଟିବ
  ଉଠିବେ ସହସ୍ରଭୁଜା,
ସେହି ତୋର ମାତା ସେହି ତୋର ପିତା
  କର ସେହି ପାଦ ପୂଜା ।

× × × ×



Digitized by srujanika@gmail.com

ଇତିହାସ - ତୃଷ୍ଣା ଜଗତେ ଘୋଷୁଛି
ମୋର ସୁତଙ୍କର ଯଶ
ତାଙ୍କର ବଂଶଜ ଘୃଣିତ ଓଡ଼ିଆ
ଏହା ମୋ କପାଳ ଦୋଷ ।

× × × ×

ନାହିଁ ମୋର ମାନ ନାହିଁ ମୋର ଧନ
ବଦନେ ଲାଗିଛି ଧୂଳି,
ବୀର - ପ୍ରସବିନୀ- ଶୋଣିତ ଉଦ୍ଧିଛି
ତୋ ଶିରରେ ଦେବ ଢାଳି ।

× × × ×

ଜାତି - ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି-ପ୍ରାଣଧାର,
ସେ ଧାରରୁ ନୀର ପିଉଛି ଯେ ନର
ନିଷ୍ଟୟ ହେବ ସେ ଜାତି-କର୍ମବୀର ।

× × × ×

ଅପମାନହେତୁ ଜନନୀ ମୋହର
ଉତ୍କଳ - ଭୂମଧ୍ୟବାସୀ,
ଉତ୍କଳର ମାଟି ପବିତ୍ର ହୋଇଛି
ସ୍ଵର୍ଗାଦପି ଗରୀୟସୀ ।

× × × ×

ଏହି ସମ୍ମିଳନୀ ଜାତି - ପ୍ରାଣ-ସିନ୍ଧୁ
କୋଟି - ପ୍ରାଣବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ
ଡେଇଁପଡ଼ ସିନ୍ଧୁ - ନୀରେ ।

● ● ●



Digitized by srujanika@gmail.com

## ଉତ୍କଳମଣି ଗୋପବନ୍ଧୁଙ୍କ ଲେଖନୀରୁ.........

ସ୍ମୃତିବଳେ କୃଷ୍ଣ ହୋଇ କେତେ ଜାତି
ଜଗତେ ଟେକନ୍ତି ମଥା,
କାହିଁ ସେ ବିଧାନ ପୁରାଣ-ପ୍ରଧାନ
ଉତ୍କଳପକ୍ଷେ ଅନ୍ୟଥା ?

ଉଠ ହେ ଉତ୍କଳୀ ଜଡ଼ତା-ଶିକୁଳି
ଫିଙ୍ଗିଣ ଦୂରେ ବହନ,
ଅମର-ଭୁବନୁ ଶ୍ରୀ ଅ ନ ଙ୍ଗ ଦେ ବ
କରୁଛନ୍ତି ଆମନ୍ତ୍ରଣ ।
କର୍ଣ୍ଣ ଡେରି ଶୁଣ ସେ ଦିବ୍ୟ ଆହ୍ୱାନ
ସ୍ୱର ପୂର୍ବପଶ ବାଟରେ,
ପୂର୍ବ ବଂଶ - ନାମେ ଶ୍ରୀ ଅନଙ୍ଗ ଭୀମେ
ପୂଜ ଶୌର୍ଯ୍ୟ ଉପହାରେ ।

( ଅବକାଶଚନ୍ତା—ଅନଙ୍ଗ ଭୀମଦେବ )

× × × ×

ଦେଖି ଏ ଦୁର୍ଗତି ହୁଏ କି ପ୍ରତୀତି
ଉଡ଼ାଇ ବିଜୟ - ଧ୍ୱଜା ,
ଉତ୍କଳ - କୁମରେ ଦେଶ - ଦେଶାନ୍ତରେ
କମ୍ପାଇଲେ ଶତ୍ରୁ - ମଜ୍ଜା ।

କୃଷ୍ଣା ଗୋଦାବରୀ ଉତ୍ତୁଙ୍ଗ ଲହରୀ
ଉଚ୍ଛୁଳୁଥିଲା ଯେ ନାଦେ ,
ସେ ଶଙ୍ଖ - ମହୁରୀ ଶିଙ୍ଗା-ଭେରୀ-ତୂରୀ
ନିଃଶବ୍ଦ କି ଅବସାଦେ ?

ନ ରହିବ କେହି ଚିର ଦୁଃଖ ସହି
ବିଧିର ସୃଷ୍ଟି - ବିଧାନ ,
ବାଜୁ ଭେଟେ ଡକା ଭୁଟେ କୁହୁଁ ଦକା
ଜାଗ ଉତ୍କଳ - ପରାଣ ।

( ଅବକାଶ ଚନ୍ତା-ଶ୍ରୀପୁରୁଷୋତ୍ତମଦେବ )

× × × ×



Digitized by srujanika@gmail.com

ହୋଇଅଛୁ ଶାସ୍ତି - କଷଣ ଅପାର୍‌,
ନ କର ଅଧିକ ଆଉ ଗ୍ଲାରଖାର ।
ଏଣିକ କରୁଣା ଅଚଇ ବାଞ୍ଛିତ,
ସାଧ ନବଯୁଗେ ଉତ୍କଳର ହିତ ।
ଉତ୍କଳ - ତନଯ୍ଯେ ଦିଅ ନବ ବଳ,
ଉତ୍କଳ-ପାଦପେ ରସମୟ ଫଳ ।
ଉତ୍କଳ - ସରିତେ ପବିତ୍ର ଜୀବନ,
ଉତ୍କଳ-କାନନେ ସ୍ୱର୍ଗୀୟ ସୁମନ ।
ଉତ୍କଳ-ଆକାଶେ ନବ ଯଶଃରବି,
ଉତ୍କଳ-ପ୍ରକୃତି ଧରୁ ନବ ଛବି ।

( ଅବକାଶ ଚନ୍ତା-ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ )

× × × ×

ଅରଣ୍ୟବାସୀ ଜ୍ଞାନ-ଅଭିଳାଷୀ
ମୁନି - ସମାଜ ସରଳ ,
କେଉଁ ମନ୍ଦ ଗ୍ରହ ଆବୋରିଛୁ କହ
ଉତ୍କଳର କର୍ମସ୍ଥଳ ?
'ସିଦ୍ଧାନ୍ତଦର୍ପଣେ' ସ୍ୱଦେଶର କୋଷ୍ଠୀ
ଦେଖିକରି ଏକ ଲଗ୍ନ,
କହ କହ କେବେ ଦୁର୍ଦ୍ଦଶା ଏହାର
ପାଇବ କି ସତେ କ୍ଷୟ ।

( ଅବକାଶ ଚନ୍ତା—ସାମନ୍ତ ଚନ୍ଦ୍ରଶେଖର )

× × × ×



Digitized by srujanika@gmail.com

ହେଲଣି ତ ଏବେ ସର ହେ ସୋଦର
ପୂର୍ବ ଯଶୋରାଶି କାଳବଳେ ଆସି
ଗଲାଣି ତ ସବୁ ସର ।
ତ୍ରିବେଣୀ-ତଟରୁ ଗୋଦାବରୀଯାଏ
ଧନେ ଧାନ୍ୟ - ଗରବିଣୀ,
ଆମ୍ଭ କର୍ମଦୋଷେ ଆଜି ସେ ଜନନୀ
ଆହା ପଥ - ଭିକାରିଣୀ !
ଅତୀତ କୀରତି ଅତୀତ ବିଭୂତି
କି ହେବ ଗାଇ ସକଳ,
ପୂର୍ବ ଆଦରଶେ ନବୀନ ସାହସେ
ଦେଖାଇବା ନିଜ ବଳ ।
ନ କର ଆଳସ୍ୟ ନ ହୁଅ ହତାଶ
ଶୁଭ ଯୋଗ ଉପଗତ,
ଦେଖି ନବ ଯୁଗେ ମହା କର୍ମଯୋଗେ
ମତ୍ତ ସମସ୍ତ ଜଗତ ।

× × × ×

ଶୁଭୁ ଶୁଭ ଶଙ୍ଖ, ପଡ଼ୁ ହୁଳହୁଳି,
ବାଜୁ ତୂରୀ ଭେରୀ, ମଙ୍ଗଳ ମହୁରୀ ।
ନାଚୁ ପ୍ରତି ପ୍ରାଣ ଉତ୍ସାହେ ଉଚ୍ଛୁଳି,
ଜାତି ଯଶେ ଜନ ଯାଉ ସ୍ୱାର୍ଥ ଭୁଲି ।
ତୁଟୁ ହୃଦୁ ଭବ ଜଡ଼ତା-ଶିକୁଳି,
ଉଠୁ କର୍ମବୀର, ବୋଳି ଦେଶ ଧୂଳି ।
ଅନ୍ତରେ ଅନ୍ତରେ ଝଟକୁ ବିଜୁଳି,
ଏ ଅଭୟ ବର ଦିଅ ଦେବ ଶୂଳୀ ।

( ଶ୍ରୀ ମାଳମଣି ବିଦ୍ୟାରତ୍ନଙ୍କଦ୍ୱାରା ସମ୍ପାଦିତ 'ଜାତୀୟ ସଙ୍ଗୀତ'ରୁ

× × × ×

ଅନ୍ଧାର ଉତ୍କଳ ନଭେ ଶୁଭେ ଏବେ ଦିନେ,
ଉଇଁଛି ଉଜ୍ଜ୍ୱଳ ଆଶା-ତାରକା ଦକ୍ଷିଣେ ।



Digitized by srujanika@gmail.com

ନିବୋଧିତ ଯୋଗୁଁ ପ୍ରଭୁ ଅଳ୍ପ ବିକାଶ,
ତଥାପି ଜଳଇ ପ୍ରତି ପରାଣେ ଆଶ୍ୱାସ ।

× × × ×

ଧନ୍ୟ ହେ ଗଞ୍ଜାମବାସୀ ଓଡ଼ିଆ ସକଳ,
ଧନ୍ୟ ତୁମ୍ଭ କଉଶଳ, ଧନ୍ୟ ତୁମ୍ଭ ବଳ ।

× × × ×

ଦେଖାଇଲ ଯେ ଉତ୍ସାହ, ଉଦ୍ୟମ ଶକତି,
ମାତୃଭାଷା ମାତୃଭୂମି ଅଟଇ ଭକତି ।
ଦେଲ ଯେ ଜାତୀୟ ଭାବ ଦୃଢ଼ ପରିଚୟ,
ଚିରଦିନ ଗାଇବେ ତା' ଉତ୍କଳ-ତନୟ ।

( ଅବକାଶ ଚିନ୍ତା—ଜାତୀୟ ଗଞ୍ଜାମ ସମିତି )



Digitized by srujanika@gmail.com

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଲେଖନୀରୁ

ନିଜ ଘରେ ବସି ନିର୍ବାସନ-ଦୁଃଖ
ଆମ୍ଭ କି ଲଲାଟ - ଲେଖନ,
ମାତୃଭାଷା ମନା ଭାଇ ସଙ୍ଗ ବିନା
ବିକଳ ହେଉଛି ଜୀବନ ।
ଗୁହାରିଲେ ଦୁଃଖ ନୃପତି ଛାମୁରେ
ତଡ଼ିଦେଉଛନ୍ତି ଛାମୁରୁ ବାଟରେ,
ନୁହେଁ ତାଙ୍କ ଦୋଷ ବୁଝନ୍ତି ନାହିଁ ରେ
ଆମ୍ଭର କଥିତ ବଚନ ।୧।

(ସମ୍ବଲପୁର ଭାଷା-ଆନ୍ଦୋଳନବେଳେ ରଚିତ)

× × × ×

ନିର୍ବାସନ ହେବାପାଇଁ କି
ଅଛୁ ଜନମି - ଭାଲେ
ମାତାହୀନ ଦଶା ଘଟିବା
ଅଛି କି ଆମ୍ଭ କପାଳେ ।
ଭବିତବ୍ୟ ଯାହା ତା' ଘଟୁ
ବିଧି - ଆୟତ୍ତ ସିନା,
ବୋଲି କାପୁରୁଷ ନ ହୁଅ
ମୁକ୍ତି ଉଦ୍ୟୋଗ ବିନା ।

(ଉତ୍କଳ-ଭାରତୀଙ୍କ ନିବେଦନ)

× × × ×

ମାତୃଭୂମି ମାତୃଭାଷାରେ ମମତା
ଯା ହୃଦେ ଜନମି ନାହିଁ,
ତାକୁ ଯଦି ଗୁଣୀ - ଗଣରେ ଗଣିବା
ଅଜ୍ଞାନେ ରହିବେ ନାହିଁ ।

× × × ×

ଉଚ୍ଚ ହେବାପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।

● ● ●



Digitized by srujanika@gmail.com

(ଦେଶ ମିଶ୍ରଣବେଳେ ରଚିତ)

କି ହେବ ଏ ମୁଣ୍ଡକଟା ଦେଶକୁ ଘେନି
ମୁଣ୍ଡକଟା, ଗୋଡ଼କଟା ପଙ୍ଗୁକୁ ଘେନି

ମୋ ଜନନୀ କି ସୁନ୍ଦର—ସିଂହଭୂମି ତା'ର ଶିର
ମେଦିନପୁର ମଞ୍ଜୁଷା ପୟର ବେନି । ୧ ।

ଟିକାଲତା ଅଙ୍ଗୁଟିକା
ସମ୍ବର ସ୍ବରୁ ଛୁଟିକା
ଫୁଲଝର ଫୁଲଝରୀ ସୁଷମା ବେଣୀ । ୨ ।

ମୋ ଜାତି କେଡ଼େ ମହତ
ହୋଇଛି ଚେତନାହତ
ତିନି ଦେଶ ବନ୍ଧା ଜଳଧାରୀ ତ୍ରିବେଣୀ । ୩ ।

ମୋ ଜାତି କୃଷକକୁଳ
କରଭାରରେ ଆକୁଳ
ଦୁଃଖ ଯିବ ପୂର୍ଣ୍ଣ ଅଙ୍ଗ ହେଲେ ଜନନୀ । ୪ ।

× × × ×

(ନିଖିଳ ଉତ୍କଳ ନେତୃସମ୍ମିଳନୀ, କଟକ ଉପଲକ୍ଷେ)

କହ କହ କେଉଁ ଜାତି ପାଇଛି ମୁକତି
କରି ହୁରି ହାରି ଗୁହାରି
କହ ପାଇଛି କେ ସୁଖ ଲଭିଛି ଦୁଃଖ
ମାଗି ମାଗି ପଥଭିକାରୀ,
ଯେବେ ବାଘମୁହେଁ ପଡ଼େ ଶିକାର
ମିନତିରେ ପାଏ କି ସେ ଉଦ୍ଧାର
ଛୁଡ଼ି କି ଦିଏ କେବେ ଧୀବର ଜାଲରୁ
ନ ଗଲେ ମୀନ ଆପେ ବାହାରି । ୧ ।



Digitized by srujanika@gmail.com

ଦେଖ ଆଇରିସ୍, ଚାଇନା, ଜାପାନ,
ଆମେରିକା, ଆଫ୍‌ଗାନ ପଠାଣ
ପରାଣ ପାଣ୍ଠି ହେଲେ ମୁକତି ଜୀବନ ମରଣ ନ ବିସ୍ମର । ୨ ।

(ଆଜି) ଅଭିମନ୍ୟୁପରି ଘେରି ଚଉଦିଗୁ ଜନନୀ କୁମାରୀ
ଆତ୍ମଶକ୍ତି ସ୍ୱପ୍ରକାଶ ସୁଦର୍ଶନ
ଚକ୍ରଟି କରିଦେବ ପାରି । ୩ ।

● ● ●

Digitized by srujanika@gmail.com